
'ବ୍ୟାଟଲ୍ ଅଫ୍ ଗଲୱାନ୍'ର ସୁଟିଂ ଆରମ୍ଭ

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-62 ♦TUESDAY ♦26 AUGUST 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୬୨ ♦ମଙ୍ଗଳବାର ♦୨୬ ଅଗଷ୍ଟ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଲଘୁଚାପ ଆଣୁଛି ବଡ଼ ବର୍ଷା

# ବଢୁଛି ବନ୍ୟା ଭୟ

### ସତର୍କ ସଙ୍କେତ ଉପରେ ସୁବର୍ଣ୍ଣରେଖା, ବୈତରଣୀ ■ ଆସନ୍ତା ୨-୩ ବେଳକୁ ପୁଣି ଏକ ଲଘୁଚାପ

■ **ଭୁବନେଶ୍ୱର, ୨୫।୮ (ସମିସ):** ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ସୋମବାରଠାରୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ମେଘୁଆ ପାଗ ସହ ତୁହାକୁ ତୁହା ବର୍ଷା ଆରମ୍ଭ ହୋଇଛି। ଏହି ସମୟରେ ବଙ୍ଗୋପ ସାଗରରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ

### ହୀରାକୁଦର ୧୨ ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ

ବିଭାଗ ପୂର୍ବାନୁମାନ କରିଛି। ଫଳରେ ମଙ୍ଗଳବାରଠାରୁ ରାଜ୍ୟରେ ବର୍ଷାର ପ୍ରଭାବ ବଢ଼ିବା ନେଇ ଆଶଙ୍କା କରାଯାଉଛି। ଲଘୁଚାପ ଯୋଗୁଁ ୩ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଅନ୍ୟପଟେ ରାଜ୍ୟରେ ବର୍ତ୍ତମାନ ମହାନଦୀ ସମେତ ଉତ୍ତର ଓଡ଼ିଶାର ବୈତରଣୀ ଓ ସୁବର୍ଣ୍ଣରେଖାରେ ଜଳସ୍ତର ଅଧିକ ରହିଥିବାରୁ ଲଘୁଚାପ ଜନିତ ବର୍ଷା ବନ୍ୟାସ୍ଥିତିକୁ ଆହୁରି ଗୁରୁତର କରିବାର ଆଶଙ୍କା ରହିଛି। ଲଘୁଚାପ ପ୍ରଥମେ ଓଡ଼ିଶା ଓ ପରେ ପଡ଼ୋଶୀ ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ବର୍ଷା କରାଇବ। ଫଳରେ ରାଜ୍ୟରେ ଥିବା ପ୍ରମୁଖ ନଦୀଗୁଡ଼ିକୁ ଉପମୁଣ୍ଡରୁ ପ୍ରବଳ ପାଣି ଆସିବ; ତେଣୁ ରାଜ୍ୟର ଅଧିକାଂଶ ନଦୀରେ ବଡ଼ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଏହାସହିତ ଲଘୁଚାପର ପ୍ରଭାବ ଶେଷ ହେଉ ହେଉ ଆସନ୍ତା ମାସ ୨-୩ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ସମ୍ଭାବନା ବନ୍ୟା ପରିସ୍ଥିତିକୁ ଗୁରୁତର କରିପାରେ। ବର୍ତ୍ତମାନ ସୁବର୍ଣ୍ଣରେଖା ଉଭୟ ▶ପୃଷ୍ଠା-୭



## କାଣୀ ନଦୀରେ ୧୦୦ ଫୁଟ୍‌ର ଘାଇ

■ **ଯାଜପୁର, ୨୫।୮ (ସମିସ):** ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଯାଜପୁରରେ ପ୍ରବାହିତ ହେଉଥିବା ବୈତରଣୀ ଏବଂ ଏହାର ଶାଖା ନଦୀରେ ବନ୍ୟା ଆସିଛି। ବୈତରଣୀର ଶାଖା କାଣୀ ନଦୀର ଦଶରଥପୁର ବ୍ଲକ ଅହିୟାସ ପଞ୍ଚାୟତ ବଙ୍ଗାଳାବାଡ଼ିଠାରେ ଗତକାଲି ବିଳମ୍ବିତ ରାତିରେ ୧୦୦ ଫୁଟ୍‌ର ଘାଇ ସୃଷ୍ଟି ହୋଇ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଜିଲ୍ଲା ପ୍ରଶାସନର

### ବନ୍ୟାଜଳରେ ଭାସି ବୃଦ୍ଧ ମୃତ

ସୂଚନା ମୁତାବକ, ଏହି ବନ୍ୟା ଯୋଗୁଁ ଦଶରଥପୁର ବ୍ଲକର ୧୪ଟି ପଞ୍ଚାୟତର ୧୮ ହଜାର ୪୩୩ ଲୋକ ଜଳବନ୍ଦୀ ହୋଇଛନ୍ତି। ସେଥିମଧ୍ୟରୁ ୬୧୯୧ଜଣ ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସେହିପରି ବନ୍ୟାଜଳରେ କଟିକଟା ପଞ୍ଚାୟତ ମାଝୀସାହିର ଭାଗବତ ମାଝୀ (୭୦) ନାମକ ବରିଷ୍ଠ ନାଗରିକ ଭାସି ପ୍ରାଣ ହରାଇଛନ୍ତି। ଘାଇ ଯୋଗୁଁ ଅନେକ ଘରେ ▶ପୃଷ୍ଠା-୭

# ନବୀନଙ୍କୁ ଭେଟିଲେ ରାଜ୍ୟପାଳ

■ **ଭୁବନେଶ୍ୱର, ୨୫।୮ (ସମିସ):** ସୋମବାର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ନବୀନ ନିବାସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସୁସ୍ଥ ଜୀବନ

### ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ନିରାମୟ ଜୀବନ କାମନା କଲେ

କାମନା କରିଛନ୍ତି। ସାକ୍ଷାତ ସମୟରେ ଉଭୟେ ପ୍ରାୟ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ତାଙ୍କ ସ୍ୱାସ୍ଥ୍ୟାବସ୍ଥାର ବର୍ତ୍ତମାନର ସ୍ଥିତି ସଂପର୍କରେ ରାଜ୍ୟପାଳଙ୍କୁ ▶ପୃଷ୍ଠା-୭



# ଓଡ଼ିଶା ହେବ ଦେଶର ଇଲେକ୍ଟ୍ରୋନିକ୍ସ ହବ୍



### ରାଜ୍ୟ କ୍ୟାବିନେଟରେ ୪ ପ୍ରସ୍ତାବକୁ ଅନୁମୋଦନ

### ଆଇଟି କ୍ଷେତ୍ରରେ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ

■ **ଭୁବନେଶ୍ୱର, ୨୫।୮ (ସମିସ):** ଆଇଟି ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଗାମୀ ରାଜ୍ୟରେ ପରିଣତ କରିବାକୁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏହିକ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ ବୈଠକରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିଛି। ଓଡ଼ିଶାର ଡିଜିଟାଲ ରୂପାନ୍ତରଣକୁ ଆଗେଇ ନେବା ଏବଂ ବୈଷୟିକ ଉଦ୍‌ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ କ୍ୟାବିନେଟ ଓଡ଼ିଶା ଆଇଟି ନୀତି-୨୦୨୫କୁ ଅନୁମୋଦନ ଦେଇଛି। ସେହିପରି ଓଡ଼ିଶାକୁ ଏକ ଇଲେକ୍ଟ୍ରୋନିକ୍ସ ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ମାନୁଫାକଚରିଂ ନୀତି-୨୦୨୫ର ଆରମ୍ଭ କରିଛନ୍ତି। ବୈଠକରେ ୩ଟି ବିଭାଗର ମୋଟ ୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ▶ପୃଷ୍ଠା-୭




Authorised Dealers for BAJAJ Auto Ltd.: Bhubaneswar: Lewis Road MSB BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Rasulgarh BHARAT BAJAJ 9124717803 • Phulnakhara BHARAT BAJAJ 9124717805 • Charichak MSB BAJAJ 8018881850 , • Banki MSB BAJAJ 9348819293 • Balugaon BHARAT BAJAJ 73810 99441 • Puri MSB BAJAJ 7077735752 • Pipili MSB BAJAJ 7077735755 • Cuttack: Badambadi SURAJ BAJAJ 8093066603 • Shikharpur RASHMI BAJAJ 9237379210 • Satichaura RASHMI BAJAJ 9237379211 • Rahama MAITREE BAJAJ 9668801781 • Chandikhole TARINI BAJAJ 9937310800 • Pattamundai MAITREE BAJAJ 7064987720/9668801781, • Kendrapara TARINI BAJAJ 8338944471 • RAJNAGAR MAITREE BAJAJ 7064987720/9668801781 • Rajnagar MAITREE BAJAJ 7064987720/9668801781 • Nayagarh MSB BAJAJ 7790048130 • Rajsunakhala MSB BAJAJ 9668820967 • Daspalla MSB BAJAJ 7873925390 • Phulbani MSB BAJAJ 8917341979.







## ରାତି ପାହିଲେ ଗଜାନନଙ୍କ ଚକ୍ଷୁଦାନ

# ଶେଷ ସ୍ପର୍ଶ ଦେଉଛନ୍ତି ମୂର୍ତ୍ତି କାରିଗର

କଟକ, ୨୫।୮ (ସମିସ)

ଭାଦ୍ରବର ଶୁକ୍ଳ ଚତୁର୍ଥୀ ତିଥିରେ ସାରା ସହରରେ ପୂଜା ପାଇବେ ଗଜାନନ। କଳା, ବିଜ୍ଞାନ ଓ ବୁଦ୍ଧିମତ୍ତାର ଦେବତା ଭାବେ ବିଦ୍ୟମାନ ଶ୍ରୀ ଗଣେଶଙ୍କୁ ବିଭିନ୍ନ ପୂଜା ମଣ୍ଡପରେ ଆବାହନ କରାଯିବ। ସର୍ବତ୍ର ଶୁଭିବ ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭଃ। ସହରର ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, କ୍ଲବ୍ ଓ ମନ୍ଦିର ଗୁଡ଼ିକରେ ଧୂମ୍‌ଧାମରେ ପାଳନ କରାଯିବ ଗଣେଶ ପୂଜା। ଅନ୍ୟପଟେ ରୌପ୍ୟନଗରୀରେ ଗଣେଶ ପୂଜା ପାଇଁ ପୂର୍ବ ପ୍ରସ୍ତୁତି ଶେଷ ହୋଇ ଆସିଲାଣି। କ୍ଲବ୍‌ଗୁଡ଼ିକ ପୂଜା ପାଇଁ ସମସ୍ତ ସାଜସଜ୍ଜା ଜୋରଦାର୍ କରୁଥିବା ବେଳେ ମୂର୍ତ୍ତି କାରିଗରମାନେ ଗଜାନନଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି। କାଠଗଡ଼ାସାହି ନିକଟସ୍ଥ କୁମ୍ଭାର ସାହିରେ ସରକାରଙ୍କ କଟକଣାକୁ ଦୃଷ୍ଟିରେ ରଖି ବିକୃତ ମୂର୍ତ୍ତିକୁ ଛାଡିଦେଲେ ଅନ୍ୟ ବିଭିନ୍ନ ବେଶ ଓ ରୂପରେ ରୂପ ପାଉଛନ୍ତି ଗଣେଶ। ନିଜର କୌଳିକ ବୃତ୍ତିକୁ ଜୀବିତ ରଖିବା ପାଇଁ ଶିଳ୍ପୀ ତାର ସୂକ୍ଷ୍ମ ହାତର କାରୁକାର୍ଯ୍ୟରେ ମାଟିର ମୂର୍ତ୍ତିରେ ଜୀବନ ଦାନ ଦେଉଛନ୍ତି। ଯାହା ଦେଖିବାକୁ ସାକ୍ଷାତ ଭଗବାନ ସମ୍ମୁଖରେ ଠିଆ ହୋଇଥିବା ଅନୁଭବ ହୁଏ।

ସହରରର ମର୍କତନଗର, ବିଡ଼ାନାସୀ, ଚହଟା, ତୁଳସୀପୁର, କାଫ୍‌ଲାବଜାର, ଅଲିଶାବଜାର, ଚାନ୍ଦିନୀଚୌକ, ଶେଖବଜାର, ପୁରୀଘାଟ, ବକ୍ସିବଜାର, ମଙ୍ଗଳାବାଗ, ରାଣୀହାଟ, କଲେଜଛକ, ଯୋବ୍ରା, ଶିଖରପୁର, ମହାନଦୀବିହାର, ଓଏମ୍‌ପି, ନୂଆବଜାର, ଖାନନଗର, ଶଙ୍କରପୁର, ବଜ୍ରକବାଟୀ, ହରିପୁର, ବାଦାମବାଡି, ପିଠାପୁର, ଚୌଧୁରୀବଜାର, ତିନିକୋଣିଆ ବଗିଚା ଭଳି ସହରର ଏକାଧିକ ଅଞ୍ଚଳରେ ଗଣେଶ ପୂଜା ମହାସମାରୋହରେ ପାଳିତ ହେବ। ୧୫୦୦ରୁ ଅଧିକ ପୂଜା କମିଟି ଓ କ୍ଲବ୍ ପକ୍ଷରୁ ଗଣେଶ ଚତୁର୍ଥୀ ଅବସରରେ ପୂଜାର୍ଚ୍ଚନା କରିବେ। ପୂଜା ବିଧି ଅନୁଯାୟୀ, ଅନୁଜ୍ଞା, ଆଗମନଃ, ପ୍ରାଣାୟମ, ପୁନରାଗମନ, ସଙ୍କଳ୍ପ, ଷଡ଼ଙ୍ଗନ୍ୟାସ, ବନ୍ଧନ, ଦୀପ ସ୍ଥାପନ, ଭୂମି ପ୍ରାର୍ଥନା, ଧ୍ୟାନ ରାଶି, କଳସ ସ୍ଥାପନା, ବରୁଣ ପୂଜନ, କଳସ ପୂଜନ, କଳସ ପ୍ରାର୍ଥନା, ମୁଦ୍ରା, ଶଙ୍ଖ ପୂଜନ, ଘଣ୍ଟାର୍ଚ୍ଚନା, ଆମ୍ରଶୁଦ୍ଧି, ପଞ୍ଚାମୃତ ପୂଜା, ପୀଠ ପୂଜା, ଅଙ୍ଗ ନ୍ୟାସ ଏବଂ ମହାଗଣପତି ନ୍ୟାସ କରାଯାଇ ପୁଷ୍ପାଞ୍ଜଳି ଅର୍ପଣ କରାଯିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ତେବେ ଗଣେଶ ପୂଜାର ଭସାଣିର ତାରିଖକୁ ନେଇ ଯେଉଁ ଦ୍ୱନ୍ଦ୍ୱ ରହିଥିଲା ତାହା ଦୂର ହୋଇଛି। ଗଣେଶ ପୂଜା ୨୭ ତାରିଖରେ ହେବା ପରେ ପରବର୍ତ୍ତୀ ୩୧ ତାରିଖ ରବିବାର ଦିନ ପ୍ରଥମ ପର୍ଯ୍ୟାୟ ଭସାଣି ହେବ। ଏହା ପର ଦୁଇ ରବିବାର ଅର୍ଥାତ ସେପ୍ଟେମ୍ବର ୭ ଓ ୧୪ ତାରିଖରେ ଆଉ ଦୁଇ ପର୍ଯ୍ୟାୟରେ ଭସାଣି ସରିବ।

**୧୫୦୦ରୁ ଅଧିକ କ୍ଲବ୍‌ରେ ହେବ ଗଣେଶ ପୂଜା**

ପୂର୍ବ ବର୍ଷ ଭଳି ଚଳିତ ଥର ସବୁ କମିଟି ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣି ପାଇଁ ସ୍ଥାନୀୟ ଥାନାରୁ ଅନୁମତି ଆଣଉଛନ୍ତି। କୌଣସି ପୂଜା ମଣ୍ଡପ ଗଣେଶଙ୍କ ପ୍ରତିମୂର୍ତ୍ତିକୁ କଦର୍ଯ୍ୟ କରି ଗଢା ଯାଉନାହିଁ। ପୌରାଣିକ ଦୃଶ୍ୟପଟକୁ ନେଇ ମୂର୍ତ୍ତି ଗଢାଯାଉଛି। କୌଣସି ଜାତି, ବର୍ଗ କିମ୍ବା ଧର୍ମକୁ ଆକ୍ଷେପ କଲାଭଳି ପୂଜାରେ କିଛି ବି କରାଯାଉନଥିବା ଜଣାପଡ଼ିଛି। ରାତି ୧୦ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯିବ। ଭସାଣିରେ ଯଥାସମ୍ଭବ ଶୋଭାଯାତ୍ରାକୁ ଛୋଟ ରଖାଯିବ। ସାମିଲ ହେଉଥିବା ବ୍ୟାଣ୍ଡ କିମ୍ବା ସାଉଣ୍ଡ ବକ୍ସରେ ଲିମିଟର ମେସିନ ଲାଗିବା ବାଧ୍ୟତାମୂଳକ କରାଯାଇଛି। ଏହାକୁ କଡାକଡି ଭାବେ ଯାଞ୍ଚ କରାଯିବ। ଯଦି କେହି ବ୍ୟାଣ୍ଡ ପାର୍ଟି କିମ୍ବା ସାଉଣ୍ଡ ଗାଡି ଏହାକୁ ଅମାନ୍ୟ କରନ୍ତି ତାହାଲେ ସମ୍ପୃକ୍ତ ସଂସ୍ଥା ନାଁରେ ମାମଲା ରୁଜୁ ସହ ବ୍ୟାଣ୍ଡ ଏବଂ ସାଉଣ୍ଡକୁ ଜବତ କରାଯିବ। ପୂଜା କମିଟି ଗୁଡିକ ନିକଟସ୍ଥ ଅସ୍ଥାୟୀ ଜଳାଶୟରେ ପ୍ରତିମା ବିସର୍ଜିତ କରିବେ। ପୂଜାକୁ ଆଧୁନିକ ଅପେକ୍ଷା ପାରମ୍ପରିକ ଓ ଆଧ୍ୟାତ୍ମିକ ପରିବେଶ ଭିତରେ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ କମିଶନରେଟ୍ ପୁଲିସ ପକ୍ଷରୁ କ୍ଲବ୍ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।





## ୧୧ ବର୍ଷ ପରେ ଦିବ୍ୟାଙ୍ଗ ପ୍ରାର୍ଥୀଙ୍କୁ ମିଳିଲା ନ୍ୟାୟ

**ନିଯୁକ୍ତି ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

**କଟକ, ୨୫।୮ (ସମିସ):** ଶିକ୍ଷକ ନିଯୁକ୍ତି ଦାବିକୁ ସରକାର ପ୍ରତ୍ୟାଖାନ କରିବାର ଦୀର୍ଘ ୧୧ବର୍ଷ ପରେ ଜଣେ ବୟସ୍କ ଦିବ୍ୟାଙ୍ଗ ପ୍ରାର୍ଥୀଙ୍କୁ ଶେଷରେ ହାଇକୋର୍ଟରୁ ନ୍ୟାୟ ମିଳିଛି। ନିଜର ଦାବିକୁ ନେଇ ଜଣେ ନିଷ୍ଠାପର ଯୋଦ୍ଧା ଭାବେ ଲଢେଇ କରିଥିବା ସମ୍ପୃକ୍ତ ଦିବ୍ୟାଙ୍ଗ ପ୍ରାର୍ଥୀ ତଥା ଆବେଦନକାରୀଙ୍କୁ ଶିକ୍ଷକ ଭାବରେ ନିଯୁକ୍ତି ଦେବାକୁ ରାଜ୍ୟ ସରକାରଙ୍କୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଜ୍ଞା ପାରମିତା ବାରିକଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପାଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ପୂର୍ବରୁ ଦୁଇଥର ଅଦାଲତରେ ଏବଂ ତିନିଥର କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପିତ କରିଥିଲେ। ସଫଳ ମକଦ୍ଦମାର ଫଳ ସାଧାରଣତଃ ବିଜୟୀ ପକ୍ଷଙ୍କ ହାତରେ ପହଞ୍ଚିବା ଉଚିତ। ନଚେତ୍ ଲୋକଙ୍କ ବିଶ୍ୱାସ ଦୋହଲିଯିବ ବୋଲି ହାଇକୋର୍ଟ କହିଛନ୍ତି। ଅବସର, ଇସ୍ତଫା, ବହିଷ୍କାର କିମ୍ବା ମୃତ୍ୟୁ ଯୋଗୁଁ ପଦ ଖାଲି ପଡ଼ିଥିଲେ ଏହି ଖାଲି ପଦ ମଧ୍ୟରୁ ଗୋଟିଏରେ ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଆବେଦନକାରୀ ବି.ଏଡ୍ ସହିତ ଓଟିଇଟି-୧ ଯୋଗ୍ୟତା ହାସଲ କରିଥିଲେ ଏବଂ ସେ ଜଣେ ଶାରୀରିକ ଅକ୍ଷମତା ଥିବା ପ୍ରାର୍ଥୀ ଥିଲେ। ଗତ ୨୦୧୪ ସେପ୍ଟେମ୍ବର୧୧ରେ ଶିକ୍ଷା ସହାୟକ ନିଯୁକ୍ତି ବିଜ୍ଞପ୍ତି ଆଧାରରେ ସେ ପ୍ରଶିକ୍ଷିତ ବର୍ଗରେ ଯୋଗ୍ୟ ବିବେଚିତ ହୋଇଥିଲେ। ତେବେ ଗାଇଡଲାଇନ ଅନୁସାରେ କର୍ତ୍ତୃପକ୍ଷ ତାଙ୍କୁ ସିଟି ଶିକ୍ଷକ ପଦରେ ନିଯୁକ୍ତିରୁ ବଞ୍ଚିତ କରିଥିଲେ କାରଣ ସେ ଓଟିଇଟି-୧ରେ ଉତ୍ତୀର୍ଣ୍ଣ ହୋଇଥିବା 'ପ୍ରଶିକ୍ଷିତ' ପ୍ରାର୍ଥୀ ଥିଲେ। ହେଲେ ଉକ୍ତ ଶିକ୍ଷକ ପଦରେ ଆବେଦନ କରିବା ପାଇଁ ଓଟିଇଟି-୧ ପାସ୍ କରିଥିବା 'ଅଣପ୍ରଶିକ୍ଷିତ' ଏସସି/ଏସଟି କିମ୍ବା ଦିବ୍ୟାଙ୍ଗ ପ୍ରାର୍ଥୀ ହୋଇଥିବା ମାନଦଣ୍ଡ ଥିଲା। ଯଦି ଜଣେ ଅଣପ୍ରଶିକ୍ଷିତ ଓଟିଇଟି-୧ ପ୍ରାର୍ଥୀ ସିଟି ପଦ ପାଇଁ ଆବେଦନ କରିପାରୁଛି ତା'ହେଲେ ଆବେଦନକାରୀ ଜଣେ ପ୍ରଶିକ୍ଷିତ ଓଟିଇଟି-୧ ପ୍ରାର୍ଥୀ ହୋଇଥିବା ଆଧାରରେ ଆବେଦନରୁ ବଞ୍ଚିତ ହେବାର କୌଣସି କାରଣ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

## ସମାଜ କଲ୍ୟାଣ ମହାସଂଘ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ



**କଟକ, ୨୫।୮ (ସମିସ):** ସାମାଜିକ ସଂଗଠନ 'ସମାଜ କଲ୍ୟାଣ ମହାସଂଘ' ପକ୍ଷରୁ ନରାଜ ଘାଟଠାରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାସଂଘର ଆବାହକ ସୁବ୍ରତ କୁମାର ଶତପଥୀଙ୍କ ନେତୃତ୍ୱରେ ୨୫ରୁ ଅଧିକ ସ୍ୱେଚ୍ଛାସେବୀ, କଟକ ନରାଜ ଘାଟଠାରେ ଆଜି ସଫେଇ କରିଥିଲେ। ନଦୀ ହେଉଛି ଆମ ସଭ୍ୟତାର ମୂଳ ଆଧାର। ଏହାର ରକ୍ଷଣାବେକ୍ଷଣ କରିବା ପ୍ରତିଟି ନାଗରିକର କର୍ତ୍ତବ୍ୟ। ଏହି ବାର୍ତ୍ତା ନେଇ ମହାସଂଘର ସଦସ୍ୟମାନେ ସ୍ୱେଚ୍ଛାକୃତ ଭାବେ ଏହି ସଫେଇ କାର୍ଯ୍ୟକ୍ରମ ପାଇଁ ଆଗେଇ ଆସିଥିଲେ। ଏହି ସଫେଇ କାର୍ଯ୍ୟକ୍ରମ ବେଳେ ନଦୀକୂଳକୁ ଆସିଥିବା ଅନେକ ସାଧାରଣ ଲୋକେ ମଧ୍ୟ ସ୍ୱେଚ୍ଛାକୃତ ଭାବେ ଏଥିରେ ଯୋଡ଼ି ହୋଇଥିଲେ। ତେଣୁ ପ୍ରତିଟି ନାଗରିକ, ଯିଏ ଯେଉଁଠି ବି ଅଛନ୍ତି ନିଜ ପରିବେଶକୁ ସଫା ରଖିବା ଦିଗରେ ବିଶେଷ ଧ୍ୟାନ ଦେବାକୁ ମହାସଂଘ ପକ୍ଷରୁ ସଭିଙ୍କୁ ଅନୁରୋଧ କରାଯାଇଛି।

## ଏସ୍‌ସିବିରେ ଚିକିତ୍ସା ଅବହେଳା ଅଭିଯୋଗ

# କାଜୁଆଲ୍‌ଟିରେ ପଡ଼ିରହି ରୋଗୀଙ୍କ ମୃତ୍ୟୁ

**କଟକ, ୨୫।୮ (ସମିସ):** ବଡ ମେଡିକାଲରେ ଚିକିତ୍ସା ଅବହେଳାରୁ ଜଣେ ରୋଗୀର ମୃତ୍ୟୁ ଘଟିଛି। କାଜୁଆଲିଟିରେ ଦୀର୍ଘ ସମୟ ପଡ଼ି ରହିବା ପରେ ଉପଯୁକ୍ତ ଚିକିତ୍ସା ନମିଳିବାରୁ ରୋଗୀର ପ୍ରାଣବାୟୁ ଉଡିଯାଇଛି। ଏନେଇ ମୃତକଙ୍କ ସମ୍ପର୍କୀୟମାନେ ଅଭିଯୋଗ ଆଣିଛନ୍ତି। ତେବେ ଘଟଣା ବାବଦରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଘଟଣାରୁ ପ୍ରକାଶ ଯେ କଟକ ଯୋବ୍ରା ଅଞ୍ଚଳର ଜଣେ ରୋଗୀ ଛାତିରେ ଯନ୍ତ୍ରଣା ହେବା ସହ ଠିକ୍ ଭାବେ ନିଶ୍ୱାସ ନନେଇ ପାରିବାରୁ ସୋମବାର ଏସ୍‌ସିବିର ନନ୍‌ଟ୍ରମା କାଜୁଆଲଟିକୁ ଚିକିତ୍ସା ପାଇଁ ଆସିଥିଲେ। ରୋଗୀ ଜଣକୁ ଡାକ୍ତର ଦେଖିବା ପରେ ପ୍ରଥମେ ଅକ୍ସିଜେନ ଲଗାଯାଇଥିଲା ଏବଂ ପରେ ଇସିଜି କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ଇସିଜି କରିବାକୁ ରୋଗୀ ଜଣକର ପରିବାର ଲୋକ ଯାଇ ଉକ୍ତ କାଜୁଆଲଟି ପରିସରରେ ଥିବା ଇସିଜି ଗୃହରେ ପଚାରିବାରୁ ସେଠାରେ ଥିବା କର୍ମଚାରୀ ଇସିଜି କରିବାକୁ ମନା କରିଥିଲେ। ଏପରିକି ଏବେ ଇସିଜି କରିପାରିବୁ ନାହିଁ ପରେ ଆସିବାକୁ କହି ବିଦା କରି ଦେଇଥିଲେ। ପରିବାର ଲୋକ ଇସିଜି ପାଇଁ ନେହୁରା ହୋଇଥିଲେ ମଧ୍ୟ କେହି ଶୁଣି ନଥିଲେ। ଇସିଜି ନ ହେବାରୁ ରୋଗୀ ଜଣକ ଡାକ୍ତର ଦେଖାଇବାରୁ ମଧ୍ୟ ବଞ୍ଚିତ ରହିଥିଲେ ଏବଂ ଦୀର୍ଘ ସମୟ ଇସିଜି ପାଇଁ ଅପେକ୍ଷା କରିବା ପରେ ରୋଗୀ ଜଣଙ୍କ ମୃତ୍ୟୁ ହୋଇଥିଲା। ଡାକ୍ତର ସମ୍ପୃକ୍ତ ରୋଗୀକୁ ମୃତ ବୋଲି ଘୋଷଣା କରିବା ପରେ ଉକ୍ତ କାଜୁଆଲଟି ପରସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଲୋକ ପ୍ରାୟ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ମୃତଦେହ ରଖିଥିଲେ। ପରେ ସେଠାକାର ଅନ୍ୟ କର୍ମଚାରୀ ବୁଝାସୁଝା କରିବାରୁ ମୃତଦେହକୁ ନିଆଯାଇଥିଲା।

## ସତୀଚଉରା ଶ୍ମଶାନର ହେବ ନବକଳେବର



**ପରିଦର୍ଶନ କଲେ ମେୟର ଓ କମିଶନର**

**କଟକ, ୨୫।୮ (ସମିସ):** ସତୀଚଉରା ଶ୍ମଶାନ ଓଡ଼ିଶାର ଗର୍ବ ଓ ଗୌରବର ପରିଚୟ ଦିଏ, ସ୍ୱାଧୀନତା ସଂଗ୍ରାମୀଙ୍କଠାରୁ ପ୍ରଖ୍ୟାତ ବ୍ୟକ୍ତିଙ୍କ ସତୀଚଉରା ହେଉଛନ୍ତି ସ୍ମାରକୀ ପୀଠ। ଏହି ଶ୍ମଶାନର ରୂପ ବଦଳାଇବାକୁ ୨ ବର୍ଷ ପୂର୍ବେ ୪ କୋଟି ଟଙ୍କାର ଏକ ପରିକଳ୍ପନା ଯୋଜନା କରାଯାଇଥିଲା ତାହା ଆଗକୁ ବଢ଼ି ପାରି ନ ଥିଲା। ହେଲେ ଏଥର ପୁନର୍ବାର ଏହି ଯୋଜନାଟିକୁ କାର୍ଯ୍ୟକାରୀ କରିବାକୁ ମେୟର ଓ କମିଶନର ଅଣ୍ଟା ଭିଡିଛନ୍ତି। ସତୀଚଉରା ଶ୍ମଶାନକୁ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ଏହାର ରୂପରେଖ ବଦଳାଇବାକୁ ପ୍ରୟାସ କରାଯାଇଛି। ଆଜି ମେୟର ସୁବାସ ସିଂହ, କମିଶନର କିରଣଦୀପ କୌର ସହୋତା, କର୍ପୋରେଟର ରିତାଞ୍ଜଳି ବେହେରା, ଅର୍ଦ୍ଧେନ୍ଦୁ ଶେଖର ମାଝୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁବାସ ସାହୁ, ପ୍ରମୁଖ ସତୀଚଉରା ସ୍ମଶାନ ବୁଲି ଦେଖିବା ସଙ୍ଗେ ସଙ୍ଗେ ଗ୍ୟାସ ଚୁଲାକୁ ୨ ମାସ ମଧ୍ୟରେ ଚାଲୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସତୀଚଉରା ସ୍ମଶାନ ମୁଖଶାଳା, ଶବଦାହ ପିଣ୍ଡିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ। ପର୍ଯ୍ୟଟକଙ୍କ ପାଇଁ ମଧ୍ୟ ସତୀଚଉରା ସ୍ମଶାନକୁ ଏକ ସ୍ମାରକୀ ପୀଠ ଭାବରେ ଉନ୍ନତ କରାଯିବ। ପ୍ରଖ୍ୟାତ ବ୍ୟକ୍ତିଙ୍କ ସ୍ମାରକୀକୁ ମଧ୍ୟ ଏହି ପ୍ରକଳ୍ପ ମାଧ୍ୟମରେ ସ୍ୱତନ୍ତ୍ର ସମ୍ମାନ ଦିଆଯିବାକୁ ପ୍ରସ୍ତାବ ରହିଛି।

## ଷ୍ଟିୱାର୍ଟ ସ୍କୁଲର ପୁରାତନ ଛାତ୍ର ପୁଶନ ସମ୍ବର୍ଦ୍ଧିତ

**କଟକ, ୨୫।୮ (ସମିସ):** ଷ୍ଟିୱାର୍ଟ ସ୍କୁଲର ପୁରାତନ ଛାତ୍ର ଡ. ପୁଶନ ମହାପାତ୍ର ନିଟ୍ ପିଜି ୨୦୨୫ରେ ଅଲ୍ ଇଣ୍ଡିଆ ର୍ୟାଙ୍କ ୧ ହାସଲ କରିଥିବାରୁ ସ୍କୁଲ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ୨୦୧୭ ବ୍ୟାଚର ଛାତ୍ର ଡ. ମହାପାତ୍ରଙ୍କୁ ଏକ ବିଶେଷ ସମାରୋହରେ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଡି. ମାର୍ଟିନା ତାଙ୍କ ଆଦର୍ଶରେ ଛାତ୍ରଛାତ୍ରୀମାନେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷୟିତ୍ରୀ ଶିଳ୍ପା ସାହୁ, ପ୍ରୀତି ମିଶ୍ର ଏବଂ ସୁସ୍ମିତା ଦାସ ପ୍ରମୁଖ ଡ. ମହାପାତ୍ରଙ୍କ ସ୍କୁଲ ଜୀବନର ସ୍ମୃତିଚାରଣ କରିଥିଲେ। ସେମାନେ ତାଙ୍କୁ ଜଣେ ପରିଶ୍ରମୀ, ଜିଜ୍ଞାସୁ ଏବଂ ନମ୍ର ଛାତ୍ର ଭାବେ ଅଭିହିତ କରିଥିଲେ। ଏଫ୍. ସି. ନର୍ଥ ପ୍ରାର୍ଥନା କରି ଡ. ମହାପାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧ୍ୟକ୍ଷା ଡି. ମାର୍ଟିନା ଓ ଏଫସି ନର୍ଥଙ୍କ ଦ୍ୱାରା ତାଙ୍କୁ ସମ୍ମାନିତ କରାଯାଇଥିଲା। ଡ଼ଃ ମହାପାତ୍ର ତାଙ୍କ ବକ୍ତବ୍ୟରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ସେ ଏହି ସଫଳତା ପାଇଁ ଷ୍ଟିୱାର୍ଟ ସ୍କୁଲର ଅବଦାନକୁ ଉଚ୍ଚ ପ୍ରଶଂସା କରିଥିଲେ। ଡ. ମହାପାତ୍ରଙ୍କ ସଫଳତା ଷ୍ଟିୱାର୍ଟ ସ୍କୁଲ ଏବଂ ସମଗ୍ର କଟକ ପାଇଁ ଗୌରବ ଆଣିଛି।



## ଟ୍ରେନ୍‌ରୁ ପଡ଼ି ଯାତ୍ରୀ ଗୁରୁତର

**କଟକ, ୨୫।୮ (ସମିସ):** ନିର୍ଗୁଣ୍ଡି ୟାର୍ଡ ନିକଟ ରେଳଧାରଣାରୁ ଜଣେ ଯାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କୁ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତ ଯାତ୍ରୀଙ୍କ ପରିଚୟ ମିଳିପାରିନାହିଁ। ସୋମବାର ଅପରାହ୍ଣରେ ନିର୍ଗୁଣ୍ଡି ୟାର୍ଡ ନିକଟ ରେଳ ଧାରଣାରେ ଜଣେ ବ୍ୟକ୍ତି ମୁହଁମାଡି ଥିବା ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ଖବର ପାଇ ଆରପିଏଫ କର୍ମଚାରୀ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କର ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଛି। ଉକ୍ତ ବ୍ୟକ୍ତିଙ୍କ ବୟସ ପ୍ରାୟ ୩୫ରୁ ୪୦ ବର୍ଷ ହେବ। ସେ ଏକ ଜିନ୍ସ ପ୍ୟାଣ୍ଟ ଏବଂ ନାଲି ରଙ୍ଗର ଟି-ସାର୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ପରିଚୟ ଜାଣିହେଲା ଭଳି ତାଙ୍କ ପାଖରୁ କୌଣସି କାଗଜପତ୍ର ମିଳିନାହିଁ। ଅଚେତ ଅବସ୍ଥାରେ ଥିବାରୁ ଆରପିଏଫ ତାଙ୍କର ଫଟୋକୁ ବିଭିନ୍ନ ଥାନାକୁ ପଠାଇଛି। ବ୍ୟକ୍ତି ଜଣକ ପୁରୀ-ହାୱଡା ଧଉଳୀ ଏକ୍ସପ୍ରେସରୁ ଗଳିପଡ଼ିଥିବା ଜଣାପଡ଼ିଛି। ତେବେ ଉକ୍ତ ବ୍ୟକ୍ତି ଦୁର୍ଘଟଣାର ଶିକାର ହୋଇଛନ୍ତି ନା ଜାଣିଶୁଣି ଚଳନ୍ତା ଟ୍ରେନରୁ ଡେଇଁଛନ୍ତି ତାହା ସ୍ପଷ୍ଟ ହୋଇନଥିବା କଟକ ଆରପିଏଫ ପକ୍ଷରୁ ସୂଚନା ଦିଆଯାଇଛି।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର




**କଟକ, ୨୫।୮ (ସମିସ):** ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀ ଶ୍ରୀ ଆୟୁର୍ବେଦ ବିଜ୍ଞାନ ଓ ଗବେଷଣା ଚିକିତ୍ସାଳୟ ପକ୍ଷରୁ ଆରବିଏଲ ବ୍ୟାଙ୍କ ସହାୟତାରେ ଏକ ୬ଦିନିଆ ସ୍ୱାସ୍ଥ୍ୟ ଶିବିର ସୋମବାର ଆୟୁର୍ବେଦ ଚିକିତ୍ସାଳୟ ପରିସରରେ ଉଦଘାଟିତ ହୋଇଯାଇଛି। ବ୍ୟାଙ୍କର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର୍) କାର୍ଯ୍ୟକଳାପ 'ଧନ୍ୱନ୍ତରୀ' ଆନୁକୂଲ୍ୟରେ ଏହା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେଉଛି। ଏହାକୁ ବ୍ୟାଙ୍କର କ୍ଲଷ୍ଟର ମୁଖ୍ୟ ସନ୍ଦୀପ ପାଲ, ଶାଖା ପ୍ରବନ୍ଧକ ଷ୍ଟାଲିନ୍ ବେହେରା ଓ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟ ଚୈତନ୍ୟ ଉଦଘାଟନ କରିଥିଲେ। ଶିବିରରେ ସମ୍ପୂର୍ଣ୍ଣ ରକ୍ତପରୀକ୍ଷା (ସିବିସି), ରକ୍ତ ଶର୍କରା, କୋଲେଷ୍ଟେରଲ୍, ଥାଇରଏଡ୍, ଭିଟାମିନ୍-ବି୧୨ ଓ ଡି୩ ସାଙ୍ଗକୁ ରକ୍ତଚାପ ପରୀକ୍ଷା କରାଯାଉଛି। ଏଥି ସହ ଚକ୍ଷୁ ପରୀକ୍ଷା କରାଯାଇ ବିନାମୂଲ୍ୟରେ ଚଷମା ମଧ୍ୟ ଉପଲବ୍ଧ କରାଯାଉଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଆୟୁର୍ବେଦ ଚିକିତ୍ସାଳୟର 'ବି' ବ୍ଲକ ପରିସରରେ ଚାଲିବ। ପ୍ରଥମ ଦିନରେ ବିଶ୍ୱବିଦ୍ୟାଳୟର ପ୍ରାୟ ଦୁଇଶହ କର୍ମଚାରୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିବା ବେଳେ ସମୁଦାୟ ୬ ଦିନରେ ଏହି ସଂଖ୍ୟା ପନ୍ଦର ଶହ ଛୁଇଁପାରେ ଆକଳନ କରାଯାଇଛି।

## ଫିଡେଲ କାଷ୍ଟ୍ରୋଙ୍କ ଜୀବନୀ ଲୋକାର୍ପିତ




**କଟକ, ୨୫।୮ (ସମିସ):** ଇସକଫ୍‌ର ସାଧାରଣ ସମ୍ପାଦକ ବିଜୟ କୁମାର ପଢ଼ିହାରୀଙ୍କ ଦ୍ୱାରା ଲିଖିତ କ୍ୟୁବା ବିପ୍ଳବର ନେତା ଫିଡେଲ କାଷ୍ଟ୍ରୋ ଜୀବନୀକୁ କ୍ୟୁବା ରାଷ୍ଟ୍ରଦୁତ ବାରବାଟୀ ଷ୍ଟାଡ଼ିୟମ ଘୋଡା ଗେଟ ହଲରେ ଲୋକାର୍ପଣ କରିଥିଲେ। ଜଷ୍ଟିସ ମନୋରଞ୍ଜନ ମହାନ୍ତି ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ ହୋଇଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



# ନିଶାମୁକ୍ତ ଭସାଣିକୁ ଗୁରୁତ୍ୱ

## ରାଧାମାଧବ ଗଣପତି ଗ୍ରୁପ

କଟକ, ୨୫।୮ (ସମିସ)



ପୂଜା ଆୟୋଜନ ସାମାଜିକ ସେବା କାର୍ଯ୍ୟକ୍ରମ ପାଇଁ ଚାନ୍ଦିନୀଚୌକ ଦରଜି ସାହିର ଯୁବକଙ୍କୁ ନେଇ ଗଠିତ ରାଧାମାଧବ ଗଣପତି ଗ୍ରୁପ ସବୁବେଳେ ଚର୍ଚ୍ଚାରେ ରହି ଆସିଛି। ଆକର୍ଷଣୀୟ ମୂର୍ତ୍ତି ସାଙ୍ଗକୁ ବହୁ ବର୍ଷ ଧରି ଲୋକମାନଙ୍କୁ ସଚେତନତା ବାର୍ତ୍ତା ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଗ୍ରୁପର ସଦସ୍ୟମାନେ ନିଜକୁ ନିୟୋଜିତ କରୁଛନ୍ତି। ଚଳିତଥର ପାଖାପାଖି ୭ ଫୁଟର ଗଣେଶ ମୂର୍ତ୍ତି ସାହିରେ ନିର୍ମାଣ କରାଯାଉଛି। ଅନ୍ୟ ବର୍ଷ ଗୁଡ଼ିକ ମଧ୍ୟରୁ ଏଥର କିଛି ଭିନ୍ନ କରାଯାଇଛି ବୋଲି ଗ୍ରୁପର ସଦସ୍ୟ କହିଛନ୍ତି। ମହାରାଷ୍ଟ୍ରର ମରାଠି ଶୈଳୀରେ ଏହି ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଭସାଣି ଶୋଭାଯାତ୍ରା ମଧ୍ୟ ଜାକଜମକରେ କରାଯିବ। ଦେଶୀ ବାଜା ପାଇଁ ବଇନା ଦିଆସରିଛି। ପ୍ରତି ମାସର ଦ୍ୱିତୀୟ ରବିବାର ଚାନ୍ଦିନୀଚୌକ ବଜାର ବନ୍ଦ ଦିନ ଶିଶୁଭବନର ରୋଗୀ ଓ ତାଙ୍କର ସମ୍ପର୍କୀୟମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି। ସେଥିପାଇଁ ଗ୍ରୁପର ସଦସ୍ୟଙ୍କ ନିଷ୍ପତ୍ତିକ୍ରମେ ପ୍ରତ୍ୟେକ ମାସ ଦ୍ୱିତୀୟ ରବିବାର ଚାନ୍ଦିନୀଚୌକ ବଜାର ବନ୍ଦ ଦିନ ଶିଶୁଭବନ ନିକଟରେ ଖାଦ୍ୟ ବଣ୍ଟନ କରାଯାଉଛି। ଚାରାରୋପଣ ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଗ୍ରୁପ ପକ୍ଷରୁ କୁହାଯାଇଛି। ସାହିର ସମସ୍ତ ବରିଷ୍ଠ ବ୍ୟକ୍ତି ଭସାଣ ଉତ୍ସବରେ ସାମିଲ ହେବେ। ଚଳିତବର୍ଷ ପୂଜା ପାଇଁ ୧ ଲକ୍ଷ ଟଙ୍କା ବଜେଟ ଧାର୍ଯ୍ୟ ହୋଇଛି। ସମସ୍ତ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବ। ସାହି ଓ ବଜାରରେ ପ୍ରତି ଲୋକଙ୍କ ମଧ୍ୟରେ ଲଡୁ ଭୋଗ ବଣ୍ଟାଠାରୁ ମୂର୍ତ୍ତି ଏବଂ ଭସାଣ ପାଇଁ ଖର୍ଚ୍ଚର ବିବରଣୀ ପ୍ରସ୍ତୁତ କରାଯାଇଛି। ପ୍ରତି ବର୍ଷ ପରି ଏ ବର୍ଷ ନିଶାମୁକ୍ତ ଭସାଣୀ ଉତ୍ସବ ପାଳନ ହବ ବୋଲି ମୁଖ୍ୟ ଉପଦେଷ୍ଟା ଲିଟିଲ ମହାରଣା, ସଭାପତି ନିକୁଞ୍ଜ ବିହାରୀ ଦାସ, ସମ୍ପାଦକ ଚନ୍ଦନ ମହାରଣା, କୋଷାଧ୍ୟକ୍ଷ ସୌମ୍ୟ ପ୍ରତାପ ସିଂ, ସହ କୋଷାଧ୍ୟକ୍ଷ ରାହୁଲ ଦାସ କହିଛନ୍ତି।

୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଶୀଲ କୁମାର ଦାସ

ଅମଲାପଡା, ୨ୟଗଳି, ଅନୁଗୁଳ

ଆଜି ତୁମର ୧୯ତମ ଶ୍ରାଦ୍ଧବାର୍ଷିକୀ। ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମେ ଆମ ପରିବାରର ଗର୍ବ ଆଉ ଗୌରବ। ଆଜି ଏହି ପୁଣ୍ୟ ତିଥିରେ ତୁମର ପୁଣ୍ୟ କର୍ମ, ଆଦର୍ଶ, ଚିନ୍ତାଧାରା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ କର୍ତ୍ତବ୍ୟ ପରାୟଣତା ଆମ ଜୀବନର ପଥ ପ୍ରଦର୍ଶକ ହେବା ସହିତ ପ୍ରତିଦିନ ଆମକୁ ନୂଆ ପ୍ରେରଣା ଦେଉ। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ–ଧର୍ମପତ୍ନୀ ଚାରୁବାଳା, ବଡ଼ପୁଅ ସଂଗ୍ରାମ, ବଡ଼ବୋହୁ ଗୁନି, ମଝିଆବୋହୁ ମାନି, ବଡ଼ଝିଅ ମୁନା, ବଡ଼ଜ୍ୱାଇଁ ବିନୟ, ସାନଝିଅ ରୀନା, ସାନଜ୍ୱାଇଁ ରୁଚିର, ସାନପୁଅ ପାପୁ, ନାତୁଣୀ ସୋନି, ନାତୁଣୀ ଜ୍ୱାଇଁ ସୋମୋଜିତ, ନାତି ଗୁଡ୍ଡୁ, ନାତୁଣୀ ନୈନା, ନାତି ସୌନୁ ଏବଂ ବନ୍ଧୁ ଓ ପରିବାର ବର୍ଗ।

## ୧୦ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାରିପଦା, ୨୫।୮(ସମିସ): ବାରିପଦା ଗୋଷ୍ଠୀ ଶିକ୍ଷା ବିଭାଗ ଅନ୍ତର୍ଗତ ତୁଳସୀଚଉରା ଆଞ୍ଚଳିକ ସାଧନକେନ୍ଦ୍ରର ବିଭିନ୍ନ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏମଟିକେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ତୁଳସୀଚଉରା ଆଞ୍ଚଳିକ ସାଧନକର୍ମୀ ଭବାନୀ କୁମାର ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ମୟୂରଭଞ୍ଜ ଶିକ୍ଷକ ସମନ୍ୱୟ ସମିତି ଅଧ୍ୟକ୍ଷ ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ବ୍ଲକ ସମନ୍ୱୟ ସମିତି ସଭାପତି ପ୍ରଦୀପ କୁମାର ନାଥ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବବିତା ବିଶ୍ୱାଳ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦୀର୍ଘଦିନର କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କବିତା ସାହୁ, ବନଲତା ଦଣ୍ଡପାଟ, ଉର୍ମିଳା ମୁଦି, ନିରୁପମା ବେହେରା, ମଧୁମିତା ଦାସ, ପ୍ରେମିକା ଲେଙ୍କା, ରଞ୍ଜିତା ଓତା, ଅଞ୍ଜନା ବାରିକ, ଆବ୍ରାହମ ହୁସେନ ଓ ଗୁଲାମ ଅହମ୍ମଦଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ତନୁଜା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଡାହିସାହି-ବିର୍ସାମୁଣ୍ଡା ଛକ ରାସ୍ତା ମରଣଯନ୍ତା



ବଡ଼ସାହି, ୨୫।୮(ସମିସ): ବଡସାହି ବ୍ଲକ ସଦର ମହକୁମାଠାରୁ ମାତ୍ର ୨ଶହ ମିଟର ଦୂର ଡାହିସାହି ଛକରୁ ବିର୍ସାମୁଣ୍ଡା ଛକ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ବଡସାହି ବଜାର ଓ ଗ୍ରାମର ଏକ ବାଇପାସ ରାସ୍ତା। ଏହି ରାସ୍ତା ଉପରେ ପ୍ରତିଦିନ ଶହଶହ ଲୋକ ଓ ଯାନବାହନ ଯିବ ଆସିବା କରୁଥିଲେ ହେଁ ପ୍ରଶାସନର ନଜର ପଡୁନାହିଁ। ପାଣି କାଦୁଅ ଓ ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଜନସାଧାରଣ ଏବଂ ବଡସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବର୍ଷାଦିନେ ଏହି ରାସ୍ତା ଲୋକଙ୍କ ପାଇଁ ଦ୍ୱିଗୁଣ ସମସ୍ୟା ସୃଷ୍ଟି ହେଉଛି। ବିର୍ସାମୁଣ୍ଡା ଛକ ପଟୁ କିଛି ରାସ୍ତା କଂକ୍ରିଟ ହୋଇଥିଲେ ହେଁ ତାହା ଅତ୍ୟନ୍ତ ନିମ୍ନମାନର। ଫଳରେ ଏବେ ରାସ୍ତାରୁ ଚିପ୍ସ ଉଠି ଗଲାଣି। ଏହା ମାଣତ୍ରୀ-ବଡସାହି ଓ ବଡସାହି-ବେତନଟୀ ପୂର୍ତ୍ତ ରାସ୍ତାକୁ ସଂଯୋଗ କରୁଥିବା ଏକ ମୁଖ୍ୟ ରାସ୍ତା ହେଇଥିବା ବେଳେ ଏହାକୁ ତୁରନ୍ତ ନିର୍ମାଣ କରିବାକୁ ଦାବି ହେଲାଣି। ଏ ନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏହି ରାସ୍ତାର ମାନଚିତ୍ର ବଦଳୁ ନାହିଁ। ଫଳରେ ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ହେଲେ ଏହି ମାଟି ରାସ୍ତା ପାଣି କାଦୁଅରେ ପଚପଚ ହେବା ସହିତ ଅଠାଳିଆ ମାଟି ପାଇଁ ଦୁର୍ଘଟଣା ମଧ୍ୟ ଘଟୁଛି। ଏହି ରାସ୍ତା ପଞ୍ଚାୟତ ଅଧୀନରେ ଥିବା ବେଳେ ଏହା ଠିକାଦାରଙ୍କ ପାଇଁ ଲେଉଟିଆ ଶାଗ କିଆରି ପାଲଟିଛି। ତେଣୁ ପଞ୍ଚାୟତ ସମିତି ବୈଠକରେ ପ୍ରସ୍ତାବ ଦେଇ ଏହି ରାସ୍ତାକୁ ତୁରନ୍ତ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ଦାବି ହେଉଛି। ରାସ୍ତା ଖରାପ ଥିବାରୁ ଲୋକେ ଦେଢ କିମି ଦେଇ ବୁଲିକରି ଯିବାକୁ ପଡୁଛି। ସରକାର ମୟୂରଭଞ୍ଜ ଜିଲାକୁ ସ୍ୱତନ୍ତ୍ର ବିକାଶ ପରିଷଦରେ ସ୍ଥାନିତ କରିଥିବା ବେଳେ ଅଞ୍ଚଳର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ଶିକ୍ଷାର ଉନ୍ନତି ପାଇଁ ଏହି ରାସ୍ତାର ଉନ୍ନତକରଣ ନିଶ୍ଚିତ ଆବଶ୍ୟକ ବୋଲି ଲୋକେ ଆଶାବ୍ୟକ୍ତ କରିଛନ୍ତି।

### ମୟୂରଭଞ୍ଜରେ ବଢୁଛି ରାସାୟନିକ ସାର ବ୍ୟବହାର

# ମାଟିର ଅମ୍ଳତା ଓ ଜୈବ ପଦାର୍ଥ ହ୍ରାସ ଆଶଙ୍କା

ବାରିପଦା, ୨୫।୮(ସମିସ)

ମୟୂରଭଞ୍ଜ ଜିଲ୍ଲାରେ ଜୈବିକ ଖତର ବ୍ୟବହାର ହ୍ରାସ ପାଇବା ଏବେ ଚିନ୍ତା ଜନକ ହୋଇଛି। ସ୍ୱଳ୍ପ ସମୟରେ ଅଧିକ ଅମଳ ପାଇଁ ରସାୟନିକ ସାରର ବ୍ୟବହାର ବହୁ ମାତ୍ରାରେ ହେଉଛି। ଫଳରେ ଆଗାମୀ ଦିନରେ ମାଟିରେ ଉର୍ବରତା କ୍ରମାଗତ ହ୍ରାସ ପାଇବା ସହିତ ମୌଳିକତା ହ୍ରାସ ପାଇବା ଭଳି ସ୍ଥିତି ଆସିବାକୁ ବସିଲାଣି। ଏକ ପରିସଂଖ୍ୟାନ ରିପୋର୍ଟରୁ ଜଣାପଡ଼ିଛି ଯେ, ଜିଲ୍ଲାରେ ଚଳିତ ଖରିଫ ଋତୁରେ ରାସାୟନିକ ସାର ବ୍ୟବହାର ହେକ୍ଟର ପିଛା ୧୧୧ କେଜି ହୋଇଛି। ଯାହା ଓଡ଼ିଶାର ହାରାହାରି (୫୫-୮୦ କେଜି/ହେକ୍ଟର) ତୁଳନାରେ ୧୬୪.୪% ଅଧିକ; କିନ୍ତୁ ଜାତୀୟ ହାରାହାରିକୁ ଅନୁଶୀଳନ କଲେ (୧୩୦୧୫୦ କିଲୋଗ୍ରାମ/ହେକ୍ଟର, ହାରାହାରି ୧୪୦ କିଲୋଗ୍ରାମ) ତୁଳନାରେ ୭୯.୩% କମ ରହିଛି। ଜିଲ୍ଲାରେ ମୋଟ ୪୫, ୧୦୦ ମେଟ୍ରିକ ଟନ୍ ରାସାୟନିକ ସାର ବ୍ୟବହୃତ ହେଉଛି; ଯେଉଁଥିରେ ୟୁରିଆ (୧୭ ହଜାର ମେଟ୍ରିକ ଟନ୍), ଡିଏପି (୧୧ହଜାର ମେଟ୍ରିକ ଟନ୍) ଏବଂ ଏନପିକେଏସ (୧୩ ହଜାର ମେଟ୍ରିକ ଟନ୍) ରହିଛି। ଅପରପକ୍ଷରେ ଜୈବିକ ସାର ଏବଂ ସବୁଜ ଖତର ବ୍ୟବହାର ହ୍ରାସ ପାଇବା ଜିଲ୍ଲା ପାଇଁ ନୂଆଁ ସଙ୍କଟ ଆଣିବ ବୋଲି ଆଶଙ୍କା କରାଯାଉଛି। ରାସାୟନିକ ସାରର ଅତ୍ୟଧିକ ବ୍ୟବହାର ମାଟିର ଅମ୍ଳତା, ପୋଷଣରେ ଅସନ୍ତୁଳନ, ଜୈବ ପଦାର୍ଥ ହ୍ରାସ ଓ ଭୂଗର୍ଭ ଜଳ ପ୍ରଦୂଷଣର ଆଶଙ୍କା ସୃଷ୍ଟି କରୁଛି। ଏଥିସହିତ ୯୪% କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ରାସାୟନିକ ସାରର ବଢୁଥିବା ମୂଲ୍ୟ ଅର୍ଥନୈତିକ ଚାପ ସୃଷ୍ଟି କରୁଛି। ଖରିଫ ଋତୁରେ ମୋଟ ୪ ଲକ୍ଷ ୬ ହଜାର ୬୨୦ ହେକ୍ଟର ଜମିରେ ଚାଷ କରାଯାଇଛି; ଯେଉଁଥିରୁ ୨ ଲକ୍ଷ ୬୦ ହଜାର ୭୬୮ ହେକ୍ଟର (୬୪%) ଜଳସେଚିତ ଜମି ଏବଂ ୧ଲକ୍ଷ ୪୫ ହଜାର ୮୫୨ ହେକ୍ଟର (୩୬%) ବର୍ଷାଜଳ ଉପରେ ଚାଷ ହେଉଛି। ଫସଲ ଅମଳରେ ଧାନ ଚାଷ ପ୍ରାଧାନ୍ୟ ବିସ୍ତାର କରୁଛି। ଯେଉଁଥିରେ ଉଚ୍ଚ ଉତ୍ପାଦନଶୀଳ ଧାନ ୨, ୭୯, ୪୦୯ ହେକ୍ଟର (୬୮.୭%) ଏବଂ

### ଲୋପ ପାଉଛି ଜୈବିକ ସାରର ବ୍ୟବହାର




ସ୍ଥାନୀୟ ଧାନ ୧୩, ୪୭୧ ହେକ୍ଟର (୩.୩%) ଅଞ୍ଚଳରେ ପରିବେଷ୍ଟିତ ହୋଇଛି। ଏହା ବ୍ୟତୀତ, ଡାଲି ୨୪, ୯୮୦ ହେକ୍ଟର (୬.୧ଧ), ରାଗି ଓ ଅନ୍ୟ ମାଣ୍ଡିଆ ୯, ୭୦୦ ହେକ୍ଟର (୨.୩%), ପନିପରିବା ୫୬, ୬୪୦ ହେକ୍ଟର (୧୩.୯%), ଏବଂ ତୈଳବୀଜ, ତନ୍ତୁ ଓ ମସଲା ଫସଲ ୧୮, ୧୮୦ ହେକ୍ଟର (୪.୫%) ଜମିରେ ଚାଷ ହେଉଛି। ଧାନ ଚାଷର ଏହି ପ୍ରାଧାନ୍ୟ (୭୨% ଜମି) ଜିଲ୍ଲାରେ ରାସାୟନିକ ସାରର ଅଧିକ ଚାହିଦା ସୃଷ୍ଟି କରୁଛି; ଯାହା ଜଳସେଚିତ ଅଞ୍ଚଳରେ ଅଧିକ ପରିଲକ୍ଷିତ ହେଉଛି। ଜିଲ୍ଲାର ୬୪% ଜଳସେଚିତ ଜମି (୨, ୬୦, ୭୬୮ ହେକ୍ଟର) ଓ ୬୮.୭% ଉଚ୍ଚ ଉତ୍ପାଦନଶୀଳ ଧାନ ଚାଷ ଅଧିକ ସାର ବ୍ୟବହାରର ମୁଖ୍ୟ କାରଣ ବୋଲି କୁହାଯାଇଛି; ତଥାପି ମାଟିର ଅମ୍ଳତା, ପୋଷଣ ଅସନ୍ତୁଳନ ଓ ୯୪% କ୍ଷୁଦ୍ର/ନାମମାତ୍ର ଚାଷୀଙ୍କ ଅର୍ଥନୈତିକ ଚାପ ଭଳିକୁ ବହୁଗୁଣିତ କରିବ। ଜୈବିକ ସାର ଓ ଖତର ବ୍ୟବହାର ଦିନକୁ ଦିନ ହ୍ରାସ ପାଉଥିବାରୁ ଏହି ପଦ୍ଧତିର ପ୍ରୋତ୍ସାହନ ହେବା ନିହାତି ଆବଶ୍ୟକ। ରାସାୟନିକ ସାର ଅଧିକ ବ୍ୟବହାର ପରିବେଶ ଉପରେ ପ୍ରଭାବ ପକାଇବାକୁ ଯାଉଛି। ଥରେ ମାଟିରେ ଅମ୍ଳତା ବୃଦ୍ଧି ହେଲେ ହ୍ରାସ ହେବା ନିମନ୍ତେ ବହୁ ସମୟ ଲାଗିବ। ବିଶେଷକରି ୟୁରିଆ ଓ ଡିଏପି ଫସଲରେ ତୁରନ୍ତ ପୋଷଣ ଯୋଗାଇ ଉତ୍ପାଦନ ବଢ଼ାଇଥାଏ ଏବଂ ଜୈବିକ ସାର ଧୀରେ ଧୀରେ କାର୍ଯ୍ୟ କରେ। ରାସାୟନିକ ସାର ସହଜରେ ବଜାରରେ ମିଳୁଥିବାବେଳେ ଜୈବିକ ସାର ଓ ଗୋବର ଖତର ଉତ୍ପାଦନ ଓ ବଣ୍ଟନ ସୀମିତ ରହିଛି। ତେଣୁ ରାସାୟନିକ ସାର ଅଧିକ ବ୍ୟବହାର ହେଉଛି। ଜିଲ୍ଲାର ୯୪% ଚାଷୀ କ୍ଷୁଦ୍ର ଓ ନାମମାତ୍ର ଚାଷୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ଜୈବିକ ଚାଷ ଉପରେ ସଚେତନତା କମ୍ ରହିଛନ୍ତି। ମୟୂରଭଞ୍ଜରେ ୭୨% ଜମିରେ ଧାନ ଚାଷ ହେଉଛି। ଜୈବିକ ସାର ତିଆରି ପାଇଁ ପ୍ରାରମ୍ଭିକ ବିନିଯୋଗ ଓ ଶ୍ରମ ଆବଶ୍ୟକ। ଏନେଇ ଜିଲ୍ଲାପାଳ ହେମକାନ୍ତ ସଏ କହିଛନ୍ତି ଯେ, କୃଷି କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରରେ ମାଟି ପରୀକ୍ଷଣ ଓ ଚାଷୀ ପ୍ରଶିକ୍ଷଣ ବଢ଼ାଇବାକୁ ବ୍ୟବସ୍ଥା କରାଯାଉଛି। ଜୈବିକ ସାର ଓ ସବୁଜ ଖତର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା ମଧ୍ୟ ମଜଭୁତ କରାଯାଉଛି। ରାଗି ଓ ଡାଲି ଚାଷକୁ ପ୍ରୋତ୍ସାହନ ଦେଇ ରାସାୟନିକ ସାର ନିର୍ଭରତା କମାଯିବାକୁ ଯୋଜନା ଚାଲିଛି। ମୟୂରଭଞ୍ଜରେ ରାସାୟନିକ ସାରର ବ୍ୟବହାର ବର୍ତ୍ତମାନ ନିୟନ୍ତ୍ରଣାଧୀନ ଥିଲେ ମଧ୍ୟ ଅତ୍ୟଧିକ ବ୍ୟବହାର ମାଟି, ଜଳ ଓ ଚାଷୀଙ୍କ ଅର୍ଥନୀତି ପାଇଁ ବିପଜ୍ଜନକ। ଜୈବିକ ସାର ଓ ଟିକସମୀ ଚାଷ ପଦ୍ଧତିକୁ ଗ୍ରହଣ କରି ମୟୂରଭଞ୍ଜକୁ ଏକ ସ୍ୱାସ୍ଥ୍ୟକର ଓ ସମୃଦ୍ଧ କୃଷି ଜିଲ୍ଲା ଭାବେ ଗଢ଼ି ତୋଳାଯାଇପାରେ ବୋଲି ସେ କହିଛନ୍ତି।

### ଏମ୍‌ସିଏମ୍‌ରେ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ

## ମାନବ ସମ୍ବଳ ବିକାଶ ପାଇଁ ଜୀବସମ୍ପଦର ସୁରକ୍ଷାକୁ ଗୁରୁତ୍ୱ



ବାରିପଦା, ୨୫।୮(ସମିସ): ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସୀ ଆଣ୍ଡ ମ୍ୟାନେଜମେଣ୍ଟର ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଏକ ଦୁଇଦିନିଆ ଜାତୀୟସ୍ତରୀୟ ଆଲୋଚନାଚକ୍ର ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ଡ଼ କମଲ ଲୋଚନ ବାରିକ ମୁଖ୍ୟଅତିଥିରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଅଧିବେଶନରେ ମୁଖ୍ୟଅତିଥି ପ୍ରଫେସର ଡ଼ ବାରିକ ଜୀବ ସମ୍ପଦର ସୁରକ୍ଷା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଫେସର ଡ. ହେମନ୍ତ କୁମର ସାହୁ ମୁଖ୍ୟବକ୍ତା, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଫେସର ଡ଼ ବିଷ୍ଣୁପ୍ରିୟା ହାଁସଦା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମାନବ ସମ୍ବଳର ବିକାଶ ପାଇଁ ଜୀବସମ୍ପଦର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦ୍ଭିଦ ବିଜ୍ଞାନ ମୁଖ୍ୟ ରୂପମାଞ୍ଜରୀ ବେହେରା ସେମିନାର ବିଷୟ ବସ୍ତୁର ଯଥାର୍ଥତା ଉପରେ ଆଲୋକପାତ କରିଥିବା ବେଳେ ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ଅଧାପିକା ଅଭିପ୍ସା ନାୟକ ଅତିଥି ପରିଚୟ ଦେଇଥିଲେ। ଏହି ଉପଲକ୍ଷେ ଉଦ୍ଭିଦ ବିଜ୍ଞାନ ବିଭାଗର ସ୍ମରଣିକା 'ବଟାନିକମ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶେଷରେ ଅଧାପିକା କସ୍ତୁରିବା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ବୈଷୟିକ ଅଧିବେଶନରେ କଲିକତା ସ୍ଥିତ ରାମକୃଷ୍ଣନ ମିସନ ବିବେକାନନ୍ଦ ସେଣ୍ଟିନାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ଼ ହରିଶଙ୍କର ଦେ ସମ୍ମାନିତ ଅତିଥି ତଥା ବିଶେଷଜ୍ଞ ଭାବେ ଯୋଗ ଦେଇ 'ବାୟୋ ସାଇନ୍ସ: ଇଟିସ ୟୁଟିଲାଇଜେସନ ଆଣ୍ଡ କଞ୍ଜରଭେସନ' ଉପରେ ନିଜର ସନ୍ଦର୍ଭ ପାଠ କରିଥିଲେ। ଡ଼ ଦେ ଜୀବବଜ୍ଞାନରେ ନାନୋ ଟେକନୋଲୋଜିର ପ୍ରୟୋଗ ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନର ଗବେଷକ କେଶରୀ ପ୍ରସାଦ ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗଦେଇ ନିଜର ସନ୍ଦର୍ଭ ପାଠ କରିଥିଲେ। ଅଧାପିକା ଦୀପାଞ୍ଜଳି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପୋଷ୍ଟର ପ୍ରଦର୍ଶନୀକୁ ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ପ୍ରଫେସର ଡ଼ ବିଷ୍ଣୁପ୍ରିୟା ହାଁସଦା ଓ ଡ଼ ଦେ ଉଦଘାଟନ କରିବା ସହ କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପାତ୍ର ଓ ପୁରସ୍କାର ବିତରଣ କରିଥିଲେ।

## ୟୁଥ୍ ରେଡ୍‌କ୍ରସ ପକ୍ଷରୁ ପ୍ରବେଶ ଉତ୍ସବ

ଶରତ, ୨୫।୮(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୟୁଥ ରେଡକ୍ରସ ପକ୍ଷରୁ ଏକ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଭଗବାନ ପଣ୍ଡା ସଭାରେ ସଭାପତିତ୍ୱ କରି ଛାତ୍ରଛାତ୍ରୀଙ୍କୁ ଯୁବ ରେଡକ୍ରସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପକ ମନୋରଞ୍ଜନ ବିହାରୀ ରେଡକ୍ରସର ଇତିହାସ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧେ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏନଏସଏସ ପ୍ରୋଗ୍ରାମ ଅଫିସର ଅଧାପକ ଶୀତକଣ୍ଠ ଦାସ, ମୁଖ୍ୟବକ୍ତା ଭାବେ ଅର୍ଥନୀତି ଅଧାପକ ଡମ୍ବରୁଧର ନାଏକ ଓ ସମ୍ମାନିତ ଅତିଥି ଭାବେ ଦର୍ଶନ ଅଧାପିକା ପଙ୍କଜିନୀ ମହାନ୍ତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ରେଡକ୍ରସର ଜନକ ଜିନ ହେନରୀ ଡୁନାଣ୍ଟଙ୍କ ପୃଥିବୀବାସୀଙ୍କ ପାଇଁ ସେବା ଓ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସ୍ୱେଚ୍ଛାସେବୀ ଚୟନ କରାଯାଇଥିଲା।

## ପିସିପୁର ସ୍କୁଲରେ ପୂଜା ପାଇବ ଛାତ୍ରଙ୍କ ହାତତିଆରି ମୂର୍ତ୍ତି



ବାରିପଦା, ୨୫।୮(ସମିସ): ପ୍ରାୟ ସମସ୍ତ ବିଦ୍ୟାଳୟରେ ବଜାରରୁ କିଣାଯାଇଥିବା ମୂର୍ତ୍ତି ପୂଜା ପାଇଥାନ୍ତି; ମାତ୍ର କିଛିବର୍ଷ ହେଲା ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗଣେଶ ଓ ସରସ୍ୱତୀ ପୂଜାରେ ଛାତ୍ରଙ୍କ ହାତତିଆରି ମୂର୍ତ୍ତି ପୂଜା ପାଇଆସୁଛନ୍ତି। ଗତ ୭ବର୍ଷ ତଳେ ପ୍ରଥମେ ଆଦିତ୍ୟ ହାଁସଦାଙ୍କ ଭିତରେ ଚିତ୍ର ଓ ମାଟିରେ ଖେଳନା ତିଆରି କରିବାର ପ୍ରତିଭାକୁ ଲକ୍ଷ୍ୟ କରିଥିଲେ ତତ୍କାଳୀନ ପ୍ରଧାନ ଶିକ୍ଷକ ସୋମନାଥ ସିଂହ। ପରବର୍ତ୍ତୀ ସମୟରେ କଳା ଶିକ୍ଷକ ମହେଶ୍ୱର ମାର୍ଣ୍ଡିଙ୍କ ଦିଗଦର୍ଶନରେ ଆଦିତ୍ୟଙ୍କ ହାତତିଆରି ଗଣେଶ ଓ ସରସ୍ୱତୀ ମୂର୍ତ୍ତି ବିଦ୍ୟାଳୟରେ ପୂଜା ପାଇଥିଲେ। ପରେ ଆଦିତ୍ୟଙ୍କୁ ସାହାଯ୍ୟ କରୁଥିବା ଆଶିଷ ବିଶ୍ୱାଳଙ୍କ ହାତତିଆରି ମୂର୍ତ୍ତି ଏବଂ ଗତବର୍ଷ ଠାରୁ ଦେବାଶିଷ ଗିରିଙ୍କ ତିଆରି ମୂର୍ତ୍ତି ପୂଜା ପାଇଆସୁଛନ୍ତି। ପିଲାମାନଙ୍କ ମଧ୍ୟରେ ଅନେକ ପ୍ରତିଭା ରହିଛି; ହେଲେ ଠିକ ସମୟରେ ପରଖି ବିକାଶ ପାଇଁ ଉପଯୁକ୍ତ ପଦକ୍ଷେପ ନେଲେ ତାହା ଲୋକଲୋଚନକୁ ଆସିପାରିବ ବୋଲି ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ପ୍ରକାଶ କରିଛନ୍ତି।

## ଲଗାଣ ବର୍ଷାରେ ୩୨ ଘରର କାନ୍ଥ ଭୁଶୁଡ଼ିଲା



ଠାକୁରମୁଣ୍ଡା, ୨୫।୮(ସମିସ): ଲଗାଣ ବର୍ଷାର ପ୍ରଭାବରେ ଠାକୁରମୁଣ୍ଡା ଅଞ୍ଚଳରେ ୩୨ଟି କଚାଘରର କାନ୍ଥ ଭୁଶୁଡି ଥିବାବେଳେ ଏକ ଗାଇ ଆହତ ହୋଇଥିବା ଜଣାପଡ଼ିଛି। ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଙ୍କଡବେଡ଼ା ଗ୍ରାମରେ ଶନିବାର ରାତିରେ ପ୍ରବଳ ବର୍ଷା ହେବାରୁ ଶରତ ଚନ୍ଦ୍ର ମହାନ୍ତଙ୍କ ଗୁହାଳ ଘରର କାନ୍ଥ ଭୁଶୁଡି ଯାଇଥିଲା। ଫଳରେ ଗୁହାଳେ ବନ୍ଧା ହୋଇଥିବା ତାଙ୍କର ଏକ ଗାଇ ଆହତ ହୋଇଯାଇଛି। ପରେ ଦମକଳବାହିନୀ ପହଞ୍ଚି ଗାଇକୁ ଉଦ୍ଧାର କରିଥିଲେ। ସେହିପରି ସାନ ବାଲିପୋଷି ଗ୍ରାମର ଶଙ୍କର ହୋ, ଗୋବରା ହୋ ଓ ହରିଶ ଚନ୍ଦ୍ର ମହାନ୍ତଙ୍କ ଘରର କାନ୍ଥ ମଧ୍ୟ ଭୁଶୁଡିଯାଇଛି। ସେହିପରି ତରାମରା ପଞ୍ଚାୟତ ଜୁଡାମ୍ବ ଗ୍ରାମର ବୁଧୁନି ହୋ'ଙ୍କ ଘର ଉପରେ ଗଛ ପଡ଼ିବାରୁ ଘରଟି ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିଯାଇଛି। ତେବେ ଠାକୁରମୁଣ୍ଡା ତହସିଲ ଅଞ୍ଚଳର ସମୁଦାୟ ଦୁଇ ଦିନ ମଧ୍ୟରେ ୩୨ଟି ଘରର କାନ୍ଥ ଭାଙ୍ଗି ଥିବା ସୂଚନା ମିଳିଛି।

### ହିତାଧିକାରୀଙ୍କୁ ୬୦୦ ଗାଈ ବଣ୍ଟିଲେ ବିଧାୟକ

# ଆନ୍ତରିକତା ଅଭାବ; ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟ ବନ୍ଦ





ଉଦଳା, ୨୫।୮ (ସମିସ)

ଦୁଗ୍ଧ ଉତ୍ପାଦନ କରି ଆତ୍ମନିର୍ଭରଶୀଳ ହେବା ପାଇଁ ସରକାରୀସ୍ତରରେ ବହୁ ଯୋଜନା କରାଯାଇଛି। ଏହି କ୍ରମରେ ଗୋ ମାତା ସୁରକ୍ଷା ଓ ଆତ୍ମନିର୍ଭରଶୀଳ ଯୋଜନା ମାଧ୍ୟମରେ ଗାଇ ବଣ୍ଟନ ଚାଲିଛି। ସୋମବାର ରାଷ୍ଟ୍ରୀୟ ଗୋକୁଳ ମିଶନ ଜରିଆରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବଦାନ୍ୟ କାରଣରୁ ଜିଲ୍ଲାକୁ ଗାଇ ଆସିଥିବା ବେଳେ କପ୍ତିପଦା ଉପଖଣ୍ଡ ପାଇଁ ୬୦୦ ଗାଇ ବଣ୍ଟନ କରିଛନ୍ତି ବିଧାୟକ ଭାସ୍କର ମଢେଇ। ଗୋ ପାଳନ ସଫଳ ହେଲେ ଅଧିକ ଗାଇ ଆସିବ ବୋଲି ବିଧାୟକ ଆଶ୍ୱାସନା ଦେବା ସହିତ ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟ ନିର୍ମାଣ କରାଯିବ ବୋଲି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଉଦଳା ପ୍ରାଣୀ ଚିକିତ୍ସାଳୟ ପରିସରରେ ଥିବା ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଦୀର୍ଘଦିନ ହେଲା ପୁନରୁଦ୍ଧାର ନ ହୋଇ ଅଚଳ ଅବସ୍ଥାରେ ରହିଛି। ଗତ ୧୯୯୬ ମସିହାରେ ଏହି କେନ୍ଦ୍ର ଦୈନିକ ୧୦୦୦ ଲିଟର କ୍ଷମତା ବିଶିଷ୍ଟ ଏହି ଶୀତଳିକରଣ ପ୍ଲାଣ୍ଟ କିଛି ଦିନ ଚାଲିବା ପରେ ବନ୍ଦ ହୋଇଯାଇଛି। କେତେବେଳେ ଯନ୍ତ୍ରାଂଶ ଖରାପ ତ ଅନ୍ୟ କେତେବେଳେ ବିଦ୍ୟୁତ ସମସ୍ୟା କାରଣରୁ ଗଚ୍ଛିତ ଦୁଗ୍ଧ ନଷ୍ଟ ହୋଇଯାଉଥିଲା। ଫଳରେ ଚାଷୀମାନେ ଏହି କେନ୍ଦ୍ର ପ୍ରତି ଆସ୍ଥା ହରାଇଥିଲେ। ଶେଷରେ ଗତ ୨୦୦୭ ମସିହାରେ ପ୍ରାଣ୍ଟ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ଇତିମଧ୍ୟରେ ୧୮ ବର୍ଷ ବିତିଗଲାଣି; କିନ୍ତୁ ପୁନରୁଦ୍ଧାର ହୋଇପାରୁନାହିଁ। ଏବେ ଏବେ ଭୂତକୋଠି ପାଲଟିବା ସହିତ ଯନ୍ତ୍ରାଂଶ ସବୁ ନଷ୍ଟ ହୋଇଗଲାଣି। ଗତ ୨୦୨୦ମସିହାରେ ପୁଣି ଓମଫେଡ ପକ୍ଷରୁ ସର୍ଭେ କରାଯାଇଥିଲେ ମଧ୍ୟ ଅବସ୍ଥା ପୂର୍ବପରି ରହିଛି। ବିଧାୟକ ଶ୍ରୀ ମଢେଇ ପ୍ରଥମ ପାଳି ୨୦୦୭ରେ ୭ବର୍ଷ ଓ ଦ୍ୱିତୀୟ ପାଳି ୨୦୧୯ରୁ ୬ବର୍ଷ ସୁଯୋଗ ଥିବା ବେଳେ କାର୍ଯ୍ୟକ୍ଷମ ଦିଗରେ ଆନ୍ତରିକତା ଦେଖାଇନାହାନ୍ତି। ଏବେ ପୁଣି ନୂଆ ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟ ନିର୍ମାଣ ପ୍ରସ୍ତୁତି କେତେ ସଫଳ ହେବ ତାହା ସମୟ କହିବ ବୋଲି ଆଲୋଚନା ଜୋର୍ ଧରିଛି।

୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଶୀଲ କୁମାର ଦାସ
ଅମଲାପଡା,୨ୟଗଳି,ଅନୁଗୁଳ

ଆଜି ତୁମର ୧୯ତମ ଶ୍ରାଦ୍ଧବାର୍ଷିକୀ। ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମେ ଆମ ପରିବାରର ଗର୍ବ ଆଉ ଗୌରବ। ଆଜି ଏହି ପୁଣ୍ୟ ତିଥିରେ ତୁମର ପୁଣ୍ୟ କର୍ମ,ଆଦର୍ଶ,ଚିନ୍ତାଧାରା, ସ୍ନେହ,ଶ୍ରଦ୍ଧା,ତ୍ୟାଗ ଏବଂ କର୍ତ୍ତବ୍ୟ ପରାୟଣତା ଆମ ଜୀବନର ପଥ ପ୍ରଦର୍ଶକ ହେବା ସହିତ ପ୍ରତିଦିନ ଆମକୁ ନୂଆ ପ୍ରେରଣା ଦେଉ।ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ–ଧର୍ମପତ୍ନୀ ଚାରୁବାଳା, ବଡ଼ପୁଅ ସଂଗ୍ରାମ,ବଡ଼ବୋହୁ ଗୁନି, ମଝିଆବୋହୂ ମାନି,ବଡ଼ଝିଅ ମୁନା, ବଡ଼ଜ୍ୱାଇଁ ବିନୟ,ସାନଝିଅ ରୀନା, ସାନଜ୍ୱାଇଁ ରୁଚିର,ସାନପୁଅ ପାପୁ, ନାତୁଣୀ ସୋନି,ନାତୁଣୀ ଜ୍ୱାଇଁ ସୋମୋଜିତ,ନାତି ଗୁଡ଼ୁ,ନାତୁଣୀ ନୈନା, ନାତି ସୌନୁ
ଏବଂବନ୍ଧୁ ଓ ପରିବାର ବର୍ଗ ।



# କିଶୋରନଗର ବ୍ଲକ କାର୍ଯ୍ୟାଳୟରେ ଜନଶୁଣାଣି



କିଶୋରନଗର,୨୫।୮(ସମିସ): କିଶୋରନଗର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ହେବାକୁ ଥିବା ବେଳେ କୌଣସି କାରଣରୁ ଜିଲ୍ଲାପାଳ ଆସି ନ ଥିବାରୁ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ (ପ୍ରଶାସନିକ) ଗୌରବମୟ ପ୍ରଧାନ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ୧୯ଟି ସାମୂହିକ ଓ ୪୫ଟି ବ୍ୟକ୍ତିଗତ ଅଭିଯୋଗର ଶୁଣାଣି କରି ତା'ର ସମାଧାନ କରିଥିଲେ। ଘନପୁର ଉଚ୍ଚ ପ୍ରାଥମିକ ସ୍କୁଲରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ, ଉରୁକୁଳାରେ ମନରେଗା ଯୋଜନାରେ ନିର୍ମାଣ ହୋଇଥିବା ଗ୍ରାମୀଣ ପାର୍କର ବିଲ୍ ପୈଠ, ଜାମୁନାଳୀରେ କୋଠଘର ନିର୍ମାଣ, କଳାବେଡ଼ା ଟୋଲଗେଟରେ ସ୍ଥାନୀୟ ଲୋକଙ୍କ ଗାଡ଼ିରୁ ଟୋଲ ଫି' ଆଦାୟ ବନ୍ଦ, ଘୋଷର ଗ୍ରାମରେ ଅଚଳ ଟ୍ରାନ୍ସଫର୍ମର ଜାଗାରେ ନୂତନ ଟ୍ରାନ୍ସଫର୍ମର ସ୍ଥାପନ, ଧଉରାପାଲ୍ଲୀ ଗ୍ରାମର ଚାଷୀଙ୍କୁ ସାର ଯୋଗାଣ ଆଦି ବିଭିନ୍ନ ଅଭିଯୋଗର ଶୁଣାଣି କରାଯାଇଥିଲା। ଶିବରରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଆଠମଲ୍ଲିକ ଏସଡିପିଓ ସୁଶାନ୍ତ କୁମାର ତାଡଡିଆ, ବିଡିଓ ସୁବ୍ରତ କୁମାର ବେହେରା, ତହସିଲଦାର ବିକ୍ରମ କେଶରୀ ନାୟକ, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ଆରଡବ୍ଲ୍ୟୁଏସଏସ୍ ନିର୍ବାହୀ ଯନ୍ତ୍ରୀ ସୌରଭ ଦୀକ୍ଷିତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ସିଡିଏମଓ ମଦନ ମୋହନ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଡିଆରସିଏସ ସରୋଜ ପାଣିଗ୍ରାହୀ, ପୂର୍ତ୍ତ ବିଭାଗ ଏସଡିଓ ସହରାଇ ସିଂହ, ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଆରଟିଓ ନିଖିଳ ପଟ୍ଟନାୟକ, ସିଏସଓ ଶ୍ରୀନିବାସ ସାହୁ, ଡିଏସଏସଓ ନାରାୟଣ ମହାପାତ୍ର, ଉଠାଜଳସେଚନ ବିଭାଗ ଏସଡିଓ ସୁବ୍ରତ କୁମାର ସାହୁ, ବାମୁର ଏମଆଇ ସହକାରୀ ଯନ୍ତ୍ରୀ ସୌମ୍ୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମା' ବ୍ରାହ୍ମୟଣୀଙ୍କ ବାର୍ଷିକୋତ୍ସବ ପ୍ରସ୍ତୁତି ବୈଠକ



ବଅଁରପାଳ,୨୫।୮(ସମିସ): ଗୋତମରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବ୍ରାହ୍ମୟଣୀଙ୍କ ବାର୍ଷିକ ଯାତ୍ରା ଉପଲକ୍ଷେ ଗ୍ରାମ ଉପସଭାପତି ସତ୍ୟବାନ୍ ବରାହଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମା'ଙ୍କ ବାର୍ଷିକ ଯାତ୍ରା ଆସନ୍ତା ଅକ୍ଟୋବର ୬ରେ ଆରମ୍ଭ ହୋଇ ୪ଦିନ ଅନୁଷ୍ଠିତ ହେବ। ଅକ୍ଟୋବର ୭ରୁ ୯ ପର୍ଯ୍ୟନ୍ତ ଅପେରା ପରିବେଷଣ କରାଯିବାକୁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି।

ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଛବିମୋହନ ପ୍ରଧାନ, ପୂର୍ବତନ ସରପଞ୍ଚ, ବର୍ତ୍ତମାନର ସରପଞ୍ଚ ମଣ୍ଟୁ ବରାହ, ସମିତି ସଭ୍ୟ ରାମଚନ୍ଦ୍ର ଭୋଳ, ଗ୍ରାମ ଯୁଗ୍ମ ସମ୍ପାଦକ ବୁଲୁ ସାହୁ, ପୂର୍ବତନ ସମିତି ସଭ୍ୟଙ୍କ ପ୍ରତିନିଧି ବିଜୟ କୁମାର ସାମଲ, ଉପେନ୍ଦ୍ର ସାମଲ, ୨୮ନଂ ଜୋନର ପର୍ଯ୍ୟବେକ୍ଷକ ସୁବାସ ଚନ୍ଦ୍ର ପଟ୍ଟନାୟକ, ମେଡିକାଲ କଲେଜର ପ୍ରତିନିଧି ପୀତାମ୍ବର ସାହୁ, ବାଲିସାହି ପ୍ରତିନିଧି ନିମାଇଁ ଚରଣ ସାମଲ, ନାରାୟଣ ସାହୁ, ଗଡ଼ସାହିର ପ୍ରତିନିଧି ପ୍ରଭାକର ଜେନା, ନବକିଶୋର ସାହୁ, ଗୋପାଳ ସଂଘର ବେହେରା ଗୁରୁଦେବ ରାଉତ, ଶ୍ରୀମୁଖ ବେହେରା, ଉପରସାହିର ଟୁକୁ ବରାହ, ଭିକାରୀ ମହାପାତ୍ର, ତାଳସାହିର ଶ୍ରୀନିବାସ ସାହୁ, ନିରଞ୍ଜନ ବିଶ୍ୱାଳ, ବିପିନ ବେହେରା, ଚଣ୍ଡାଳ ଦେହୁରୀ, ରାମ ମାଝୀ, ସ୍କୁଲସାହିର ବିଶ୍ୱମ୍ବର ରାଉତ, ସନାତନ ଭୂତିଆ, ପୂଜକ ସତ୍ୟବାନ୍ ଅମାନ୍ତ ଓ ପୂର୍ବତନ ଉପସଭାପତି କୁମୁନ୍ଦ ବିହାରୀ ସିଂହ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜଗବନ୍ଧୁ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ।

# ଘରୋଇ ରନ୍ଧନ ଗ୍ୟାସର ବ୍ୟାପକ କଳାବଜାରୀ

ଅନୁଗୋଳ,୨୫।୮(ସମିସ)





ଅନୁଗୋଳ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରନ୍ଧନ ଗ୍ୟାସର ବ୍ୟାପକ କଳାବଜାରୀ ଚାଲିଛି। ଘରୋଇ ଭାବେ ଯେତିକି ବ୍ୟବହାର ନ ହେଉଛି ବେଶୀ ବ୍ୟବସାୟିକ ଫାଇଦାରେ ବ୍ୟବହୃତ ହେଉଛି। ଯୋଗାଣ ବିଭାଗର ନିଘା ନ ଥିବାରୁ ଏପରି ବେଆଇନ କାରବାର ବୃଦ୍ଧି ପାଇଥିବା ଅଭିଯୋଗ ହେଉଛି।

ଅଭିଯୋଗ ଅନୁସାରେ ବିଭିନ୍ନ ଚା' ଦୋକାନ, ଜଳଖିଆ ଦୋକାନଠାରୁ ଆରମ୍ଭ କରି ହୋଟେଲ ଓ ରେଷ୍ଟୁରାଣ୍ଟରେ ଏପରିକି ନାଲକୋ ପ୍ଲାଣ୍ଟରେ ଠିକାଦାରମାନେ ୱେଲଡିଂ କାର୍ଯ୍ୟରେ ଘରୋଇ ସିଲିଣ୍ଡର ବ୍ୟାପକ ଭାବେ ବ୍ୟବହାର କରୁଛନ୍ତି। ଚା', ଜଳଖିଆ, ଫାଷ୍ଟଫୁଡ଼ ଦୋକାନରେ ଗଣ୍ଡା ଗଣ୍ଡା ଘରୋଇ ସିଲିଣ୍ଡର ବ୍ୟବହାର ହେଉଛି। ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଏହି ସିଲିଣ୍ଡର ଏବେ ବ୍ୟବସାୟୀଙ୍କ ସେବାରେ ଲାଗୁଛି। ବ୍ୟବସାୟୀଙ୍କ ପାଇଁ କମର୍ସିଆଲ ସିଲିଣ୍ଡର ରହିଛି। ତେବେ ୧୯ କେଜି ଓଜନ ବିଶିଷ୍ଟ ଏହି ସିଲିଣ୍ଡର ବିକ୍ରି ନାହିଁ କହିଲେ ଚଳେ। ଏହାର ଦାମ ମଧ୍ୟ ଅଧିକ। ଏଥିରେ ସବ୍‌ସିଡି ମଧ୍ୟ ନାହିଁ। ତେଣୁ ଘରୋଇ ସିଲିଣ୍ଡର ଉପରେ ବ୍ୟବସାୟୀଙ୍କ ଦୃଷ୍ଟି ପଡ଼ିଛି। କିଛି ବ୍ୟବସାୟୀ ସେମାନଙ୍କ କର୍ମଚାରୀମାନଙ୍କୁ ଗରାଖ ଦର୍ଶାଇ ସିଲିଣ୍ଡର କିଣୁଛନ୍ତି। ପୁଣି କେତେକ ଜାଗାରେ ଉଜ୍ଜ୍ୱଳା ଯୋଜନାରେ ଲୋକେ ପାଇଥିବା ସିଲିଣ୍ଡର କିଣିନେଇ ବେଆଇନ ଭାବେ ହୋଟେଲ ଓ ରେଷ୍ଟୁରାଣ୍ଟ ବ୍ୟବସାୟରେ ଲଗାଉଛନ୍ତି। ଯାହାକି ସମ୍ପୂର୍ଣ୍ଣ ବେଆଇନ। ଏଭଳି ବେଆଇନ କାରବାରକୁ ରୋକାଯାଇ ପାରୁନାହିଁ। ବିଭାଗୀୟ ଅଧିକାରୀମାନେ ଜାଣିଶୁଣି ଚୁପ୍ ରହୁଥିବା ଅଭିଯୋଗ ହେଉଛି। ଅଧିକାରୀମାନଙ୍କ ସ୍ଥାଣୁତା ପାଇଁ ସରକାର କ୍ଷତି ସହୁଛନ୍ତି। ବଅଁରପାଳ ବ୍ଲକ ଅଧୀନରେ ପ୍ରାୟ ୭ଟି ଗ୍ୟାସ ବିତରକ ସଂସ୍ଥା ରହିଛି। ନାଲକୋ ଅଞ୍ଚଳରେ ଥିବା ଗୋଟିଏ ଗ୍ୟାସ ଯୋଗାଣ ସଂସ୍ଥାରେ ୮୦୦୦ ଗ୍ରାହକ ଥିବା ବେଳେ ସେଥି ମଧ୍ୟରୁ ୧୫୦ ଗ୍ରାହକ କମର୍ସିଆଲ ସିଲିଣ୍ଡର ପାଇଁ ପଞ୍ଜୀକୃତ କରିଛନ୍ତି। ୧୫୦ଜଣଙ୍କ ମଧ୍ୟରୁ ୫୦ଜଣ ଜମାରୁ ବ୍ୟବହାର କରୁନାହାନ୍ତି ଯାହା ଫଳରେ କମର୍ସିଆଲ ଗ୍ୟାସ ବଦଳରେ ଘରୋଇ ରନ୍ଧନ ଗ୍ୟାସରେ କାମ ଚଳାଇ ଦେଉଥିବା ଦେଖିବାକୁ ମିଳୁଛି। ୧୪କେଜିଆ ଘରୋଇ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୮୯୬.୫୦ ଟଙ୍କା ଥିବାବେଳେ ୧୯କେଜିଆ କମର୍ସିଆଲ ସିଲିଣ୍ଡର ମୂଲ୍ୟ ୧୭୯୬.୫୦ ଟଙ୍କା ରହିଛି। ଘରୋଇ ଗ୍ୟାସ କେଜି ପିଛା ୬୪.୩୫ ଟଙ୍କା ଥିବା ବେଳେ କମର୍ସିଆଲ ଗ୍ୟାସ ୯୪.୫୦ ଟଙ୍କା ରହିଛି। ସିଧାସଳଖ କମର୍ସିଆଲ ଗ୍ୟାସ ସିଲିଣ୍ଡର ନ କିଣି ଘରୋଇ ଗ୍ୟାସରୁ କେଜି ପିଛା ୩୦.୧୫ ଟଙ୍କା ଲାଭରେ ରହୁଛନ୍ତି ବୋଲି ନାମ ଗୋପନ ରଖି ଗ୍ୟାସ ବିତରକ ଡିଲର ଅଭିଯୋଗ କରୁଛନ୍ତି। ନାଲକୋ ସ୍ମେଲ୍ଟର ଓ ସିପିପି ପ୍ଲାଣ୍ଟ ଓ କଲୋନୀ ପରିସର ମଧ୍ୟରେରେ କ୍ୟାଣ୍ଟିନ ଓ ଗେଷ୍ଟ ହାଉସ ରହିଛି। କମର୍ସିଆଲ ଗ୍ୟାସ ସିଲିଣ୍ଡର ବ୍ୟବହାର କରିବା

- କୁମ୍ଭକର୍ଣ୍ଣ ନିଦ୍ରାରେ ଯୋଗାଣ ବିଭାଗ
- ବଢୁଛି ଘରୋଇ ଗ୍ୟାସ ସିଲିଣ୍ଡର୍ ଅପବ୍ୟବହାର
- ପ୍ଲାଣ୍ଟରେ ୱେଲ୍ଡିଂ କାର୍ଯ୍ୟରେ ଲାଗୁଛି ଘରୋଇ ଗ୍ୟାସ

ନିୟମାବଳୀ ରହିଛି ମାତ୍ର ବିଭିନ୍ନ ସମୟରେ ଘରୋଇ ଗ୍ୟାସ, କୋଇଲା ଓ ସିପିପି ପ୍ଲାଣ୍ଟରେ ବ୍ୟହୃତ ବିଷାକ୍ତ ଆନୋଡରେ ଖାଦ୍ୟ ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳୁଛି। ପ୍ଲାଣ୍ଟ ପରିସରରେ ବିଭିନ୍ନ ଠିକାଦାର ଗ୍ୟାସ କଟରରେ କମର୍ସିଆଲ ଗ୍ୟାସ ବଦଳରେ ଘରେଇ ଗ୍ୟାସ ବ୍ୟବହାର କରୁଥିବା ବିତରକ ସଂସ୍ଥା ଅଭିଯୋଗ କରୁଛନ୍ତି। ଯୋଗାଣ ବିଭାଗ ପକ୍ଷରୁ କାହିଁକି ଅନୁକମ୍ପା କରାଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କଳାବଜାରୀ ରୋକିବା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

■ ଗଦାଶିଳାରେ ନାଗରିକ କନଭେନସନ

# ନାରୀ ନିର୍ଯାତନା ରୋକିବାକୁ ଗଠନ ହେଲା କମିଟି

କଣିହାଁ,୨୫।୮(ସମିସ): ନାରୀ ନିର୍ଯାତନା ବିରୋଧୀ ଗଣ କମିଟି, କଣିହାଁ ଆନୁକୂଲ୍ୟରେ ରବିବାର ଗଦାଶିଳାଠାରେ ନାଗରିକ କନଭେନସନ ଅନୁଷ୍ଠିତ ହୋଇଛି। କମିଟି ସଭ୍ୟା ନିର୍ମଳା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କନଭେନସନରେ କଣିହାଁ ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ଧନେଶ୍ୱର ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ରସାୟନ ବିଜ୍ଞାନ ବିଭାଗ ଡେମନଷ୍ଟ୍ରେଟର ଦୁର୍ଗାଚରଣ ମହାନ୍ତି, ଚନ୍ଦ୍ରମାର ସମ୍ପାଦକ ବୁଦ୍ଧଦେବ ସେଠୀ, ଦେବାନନ୍ଦ ସାହୁ, ଶିକ୍ଷକ ପ୍ରତାପ କୁମାର ସାହୁ, ଭିକାରୀ ଚରଣ ସାହୁ, ଗଦାଶିଳା ସିଆରସିସି ରଞ୍ଜିତା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କମିଟି ସଭ୍ୟା ମିନତୀ ସାମଲ ଅତିଥି ପରିଚୟ ପ୍ରଦାନ କରିବା ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କମିଟି ସଭ୍ୟା ପ୍ରଗତିବାଳା ନାୟକ କନଭେନସନର ଚିଠା ପ୍ରସ୍ତାବ ଆଗତ କରିଥିଲେ। ରାଜ୍ୟ ତଥା ଦେଶରେ ବୃଦ୍ଧି ପାଉଥିବା ଗଣଦୁଷ୍କର୍ମ ଓ ହତ୍ୟା, ନାରୀ ନିର୍ଯାତନା ଏବଂ ପୁଲିସର ଅପାରଗତାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ମହିଳା ଓ ଛାତ୍ରୀଙ୍କୁ ନିରାପତ୍ତା ଓ ସୁରକ୍ଷା ଦେବା କ୍ଷେତ୍ରରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହି ଅତିଥିମାନେ ଉଦବେଗ ପ୍ରକାଶ କରିଥିଲେ। ଡ୍ରଗ୍ସ, ମଦ, ମାଦକ ଦ୍ରବ୍ୟର ବ୍ୟାପକ କାରବାର ସହ ମୋବାଇଲ-ଇଣ୍ଟରନେଟ ଓ ଟିଭି ପରଦାରେ ଅନବରତ କୁତ୍ସିତ, ଅଶ୍ଳୀଳ, ଯୌନ ବିକୃତ ଅପରାଧପ୍ରବଣ ସିନେମା, ସଙ୍ଗୀତ, ସିରିଏଲ, ବିଜ୍ଞାପନ ଆଦିର ପ୍ରସାରଣ ଯୋଗୁଁ ଅଧଃପତିତ ଅବକ୍ଷୟ ସମାଜିକ ଓ ସାଂସ୍କୃତିକ ପରିବେଶ ଫଳରେ ସମାଜରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ବୋଲି ବକ୍ତାମାନେ କହିଥିଲେ। ସରକାର ଆନ୍ତରିକତା ପ୍ରକାଶ କଲେ ନିଶ୍ଚିତ ଭାବେ ଏ ସବୁକୁ ରୋକିପାରିବେ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହି କନଭେନସନରେ ନାରୀ ନିର୍ଯାତନା ବନ୍ଦ, ନାରୀ ନିର୍ଯାତନାକାରୀଙ୍କୁ କଠୋର ଶାସ୍ତି, ନାରୀ, ଛାତ୍ରୀ ଓ ଶିଶୁକନ୍ୟାଙ୍କ ନିରାପତ୍ତା ସୁନିଶ୍ଚିତ କରିବା, ନାରୀ ନିର୍ଯାତନା ବୃଦ୍ଧି ଅନ୍ୟତମ ମୁଖ୍ୟକାରଣ ମଦ-ମାଦକଦ୍ରବ୍ୟ ତଥା ମୋବାଇଲ ଇଣ୍ଟରନେଟ୍ ସମେତ ସମସ୍ତ ଗଣମାଧ୍ୟମରେ ଅଶ୍ଳୀଳତା-ନଗ୍ନତା-ଅପସଂସ୍କୃତିର ପ୍ରଚାର ପ୍ରସାର ବନ୍ଦ କରିବା, ଛାତ୍ରୀମାନଙ୍କୁ କରାଟେ, ଜୁଡୋ ଆଦି ଶିକ୍ଷା ପ୍ରଦାନ କରିବାକୁ ଦାବି କରାଯାଇଛି। ଶେଷରେ ଏକ ୧୫ ଜଣିଆ ନାରୀ ନିର୍ଯାତନା ବିରୋଧୀ ଗଣକମିଟି ଗଠନ କରାଯାଇଥିଲା।



# ମା' ଫଟାକାଞ୍ଜିଆ ଦେବୀଙ୍କ ଜୟନ୍ତୀ ଉତ୍ସବ

ଅନୁଗୋଳ,୨୫।୮(ସମିସ): ବଅଁରପାଳ ବ୍ଲକ ତୁଳସୀପାଳ-ଗଡ଼ସନ୍ତ୍ରୀ ଉଭୟ ଗାଁର ଅଧିଷ୍ଠାତ୍ରୀ ଦେବୀ ମା' ମହାପାଟ ଦେବୀଙ୍କ ବାର୍ଷିକ ଜୟନ୍ତୀ ଉତ୍ସବ ରୀତିନୀତିରେ ସୋମବାର ଅନୁଷ୍ଠିତ ହୋଇଛି। ମା' ମହାପାଟ ଦେବୀ ତୁଳସୀପାଳଠାରେ ଫଟାକାଞ୍ଜିଆ ଦେବୀ ଭାବେ କାହିଁ କେଉଁ କାଳରୁ ଗାଁ ପୀଢ଼ରେ ପୂଜିତ ହୋଇଆସୁଛନ୍ତି। ମା'ଙ୍କ ମହିମା ଅପାର ଏବଂ ସ୍ଥାନୀୟ ଅଞ୍ଚଳରେ ଖୁବ ବିଶ୍ୱାସ ରହିଛି। କିଛିବର୍ଷ ପୂର୍ବେ ମା'ଙ୍କ ପୀଢ଼ରେ ଭକ୍ତଙ୍କ ଦ୍ୱାରା ସୁଉଚ୍ଚ ମନ୍ଦିର ପ୍ରତିଷ୍ଠା ହୋଇଛି। ମା'ଙ୍କ ବାର୍ଷିକ ପୂଜା ଜୟନ୍ତୀ ସମାରୋହରେ ଆଖ ପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ମଧ୍ୟାହ୍ନ ୧୨ଟା ବେଳକୁ ମା'ଙ୍କ ଆଲମ ଗଡ଼ସନ୍ତ୍ରୀ ଦିଅଁ ଘରୁ ପାରମ୍ପରିକ ଘଣ୍ଟ ଘଣ୍ଟା ଢୋଲବାଦ୍ୟ ସହ ଛତି ତରାଶ ଆଲଟ ଚାମର ସମଷ୍ଟିରେ ମହାପଟୁଆରରେ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ସ୍ଥାୟୀ ମନ୍ଦିରରେ ପହଞ୍ଚିଥିଲେ। ଶୋଭାଯାତ୍ରା ପଥରେ ଗ୍ରାମବାସୀ ପ୍ରତ୍ୟେକ ଘର ସମ୍ମୁଖରେ ଆମ୍ବ ତୋରଣ, ଝୋଟି ଚିତା ପକାଇ ପୂର୍ଣ୍ଣ କଳସ ସ୍ଥାପନ କରିଥିଲେ ଏବଂ ଠାକୁରାଣୀଙ୍କ ଆଲମ ପ୍ରତିମାକୁ ମହିଳା ଶ୍ରଦ୍ଧାଳୁମାନେ ବନ୍ଦାପନା କରିଥିଲେ। ମନ୍ଦିରରେ ନୀତିକାନ୍ତିରେ ମାଜଣା କର୍ମ ସମ୍ପନ୍ନ ହେବା ପରେ ମା'ଙ୍କ ମୁଖ୍ୟ ପୂଜା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୂଜକ ରଞ୍ଜନ ଗଡ଼ନାୟକ ଓ ସହଯୋଗୀ ଦେବୀଙ୍କ ବିଶେଷ ପୂଜାର୍ଚ୍ଚନା କରିଥିଲେ। ଶ୍ରଦ୍ଧାଳୁମାନେ ଦେବୀ ଦର୍ଶନ ଲାଭ କରି ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ। ଶତାଧିକ ମାନସିକଧାରୀ ମନ୍ଦିର ବେଢ଼ାରେ ଅଧିଆ ପଡ଼ିଥିଲେ। ମାନସିକଧାରୀ ଶିଶୁମାନଙ୍କ ମୁଣ୍ଡନ ହୋଇଥିଲା।



ମନ୍ଦିର ସମ୍ମୁଖ ଯାତ୍ରା ପଡ଼ିଆରେ ଭଳିକି ଭଳି ମନୋହରି ଦୋକାନ, କଂସା ପିତଳ ବାସନ କୁସନ ସାଙ୍ଗକୁ ଘରକରଣା ଜିନିଷପତ୍ର ଦୋକାନ, ଚଟପଟି ଖାଦ୍ୟ ଦୋକାନ, ପିଲାଙ୍କ ଖେଳନା ଦୋକାନ ସହ ନାନା ରକମର ଦୋଳି ଯାତ୍ରା ଉତ୍ସବର ମାହୋଲକୁ ଅଧିକ ଆକର୍ଷଣୀୟ କରିଥିଲା। ଅଞ୍ଚଳର ପ୍ରତିଷ୍ଠିତ ସାମାଜିକ ସେବା ଅନୁଷ୍ଠାନ "ଶେଷ ଜୀବନ ସାଥୀ'ର କର୍ମକର୍ତ୍ତାମାନେ ପରିବେଶ ସୁରକ୍ଷା ସଚେତନତା ପୂର୍ବକ ବିଭିନ୍ନ ବୃକ୍ଷର ଚାରା ବଣ୍ଟନ କରିଥିଲେ। ଗ୍ରାମବାସୀଙ୍କ ସହାୟତାରେ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରଯାଇଥିଲା। ଶୃଙ୍ଖଳାର ସହ ଉତ୍ସବ ପାଳନରେ ତୁଳସୀପାଳ ଓ ସନ୍ତ୍ରୀ ଗ୍ରାମର ଲୋକନାଥ ମାଝୀ, ସୁନୀଲ ମାଝୀ, ଭଜମନ ମହାନ୍ତି, ଦୈତାରୀ ସାହୁ, ନୀଳମଣି ବିଶ୍ୱାଳ, ଅଜୟ କୁମାର ସାହୁଙ୍କ ସମେତ ବୟୋଜ୍ୟେଷ୍ଠ ବ୍ୟକ୍ତି ସହଯୋଗ କରିଥିଲେ।

# କିଶୋରନଗରରେ ଜାତୀୟ ଅନ୍ତରୀକ୍ଷ ଦିବସ



କିଶୋରନଗର,୨୫।୮(ସମିସ): କିଶୋରନଗର ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନରେ ଶନିବାର ଜାତୀୟ ଅନ୍ତରୀକ୍ଷ ଦିବସ ପାଳିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ମଦନ ସୁନ୍ଦର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଗ୍ରନ୍ଥପାଳ ବିଭୂତି ଭୂଷଣ ମହାରଣାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅନୁଷ୍ଠାନର ଗୁରୁଛାତ୍ରଛାତ୍ରୀଙ୍କ ମଧ୍ୟରେ ପୋଷ୍ଟର ତିଆରି ପ୍ରତିଯୋଗିତା କରାଯାଇଥିଲା। ଶିକ୍ଷକ ପ୍ରଶିକ୍ଷିକା ଶିବନୀ ବେହେରା ଓ ପ୍ରଶିକ୍ଷକ ସୁବ୍ରତ ପାଣିଗ୍ରାହୀ ବିଚାରପତି ଭାବେ ଯୋଗଦେଇଥିଲେ। ସୁପ୍ରିୟା ସ୍ୱାଇଁ (ପ୍ରଥମ), ଶୁଭଶ୍ରୀ ସିଂସାମନ୍ତ ଓ ସରିତା ସାସମାଲ (ଦ୍ୱିତୀୟ) ଏବଂ ବର୍ଷା ଦେହୁରୀ (ତୃତୀୟ) ସ୍ଥାନ ଅଧିକାର କରିଥିଲେ। ଏନସିଇଆରଟି ଦ୍ୱାରା ଆୟୋଜିତ ୱେବିନାରରେ ସମସ୍ତ କାର୍ଯ୍ୟକର୍ତ୍ତା ଓ ଗୁରୁଛାତ୍ରଛାତ୍ରୀ ଯୋଗଦେଇଥିଲେ। ଅନ୍ତରୀକ୍ଷ ଦିବସ ସମ୍ବନ୍ଧିତ ଚଳଚ୍ଚିତ୍ର ମିଶନ ମଙ୍ଗଳ ପ୍ରଦର୍ଶନ କରାଯାଇଥିଲା।

# ଦୁଷ୍କର୍ମକାରୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଅନୁଗୋଳ,୨୫।୮(ସମିସ): ଏକ ଦୁଷ୍କର୍ମ ମାମଲାର ବିଚାର କରି ସୋମବାର ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ (ଫାଷ୍ଟଟ୍ରାକ କୋର୍ଟ) ଦୋଷୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଶୁଣାଣି କରିଛନ୍ତି। ପୀଡ଼ିତାଙ୍କୁ ୫ଲକ୍ଷ୍ୟ ଟଙ୍କା ଅନୁକମ୍ପାମୂଳକ ଅର୍ଥରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ପାତ୍ରପଡ଼ା ଗ୍ରାମର ବଂଶୀ ନାଏକ (୫୦)।

ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ନଭେମ୍ବର ୧୬ରେ ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ଯୁବତୀ ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଇ ଫେରୁଥିବାବେଳେ ବଂଶୀ ତାଙ୍କୁ ରାସ୍ତାରେ ଏକୁଟିଆ ଦେଖି ଜୋରଜବରଦସ୍ତ ନିକଟସ୍ଥ ବୁଦା ମୂଳକୁ ଟେକିନେଇ ତାଙ୍କ ସହ ଦୁଷ୍କର୍ମ କରିଥିଲା। ଏ ସମ୍ପର୍କରେ କାହାକୁ କିଛି ଜଣାଇଲେ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲା। ଘଟଣାର ୩ ମାସ ପରେ ଯୁବତୀ ଗର୍ଭବତୀ ହେବାରୁ ଘଟଣା ଲୋକଲୋଚନକୁ ଆସିଥିଲା। ଏ ନେଇ ଯୁବତୀ ୨୦୧୯ ମାର୍ଚ୍ଚ ୨୧ରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ବଂଶୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୋମବାର ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ (ଫାଷ୍ଟଟ୍ରାକ୍ କୋର୍ଟ) ବିରଞ୍ଚିନାରାୟଣ ମିଶ୍ର ଏହି ମାମଲାର ଶୁଣାଣି କରି ୯ ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ ବଂଶୀକୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଡିସନାଲ ପିପି ପ୍ରଦୀପ କୁମାର ଭୁତିଆ ଏହି ମାମଲା ପରିଚାଳନା କରୁଥିଲେ।

# ବେଫିକରରେ ନାଲକୋ ରେଳ ଚଳାଚଳ

## ଲାଇନ ସାରା ମୁକୁଳା ପଡ଼ିଛି ରେଲ ଫାଟକ | ବିପଦକୁ ନିମନ୍ତ୍ରଣ କରୁଛି ନାଲକୋ ରେଳ ଲାଇନ



ଅନୁଗୋଳ,୨୫।୮(ସମିସ): କେନ୍ଦ୍ର ସରକାର ଅଧୀନରେ ଥିବା ନବରତ୍ନ କମ୍ପାନୀ ନାଲକୋ ପ୍ଲାଣ୍ଟକୁ ରେଲୱେ ଦ୍ୱାରା ମାଲ ପରିବହନ ପାଇଁ ନାଲକୋ ନିଜସ୍ୱ ରେଳ ଲାଇନ ବ୍ୟବସ୍ଥା କରିଛି। ନାଲକୋ ଠିକାସଂସ୍ଥା ଦ୍ୱାରା ପରିଚାଳିତ ଏହି ରେଲୱେରେ ମାଲ ପରିବହନ ପାଇଁ ନାଲକୋର କୌଣସି ସମୟ ନିର୍ଘଣ୍ଟ ନାହିଁ। କୌଣସି ବି ସମୟରେ ନାଲକୋ ରେଳ ନିଜସ୍ୱ ରୁଟରେ ମାଲଗାଡ଼ି ଚାଲିଥାଏ। ତେବେ ବିଭିନ୍ନ ସ୍ଥାନରେ ରେଳଲାଇନକୁ ଅତିକ୍ରମ କରୁଥିବା ପ୍ରମୁଖ ରାସ୍ତାରେ ରେଳ ଫାଟକ ନାହିଁ କି ସୁରକ୍ଷା କର୍ମଚାରୀ ନାହାନ୍ତି। ବିପଦସଙ୍କୁଳ ଅବସ୍ଥାରେ କ୍ଷତିଗ୍ରସ୍ତ ପ୍ରଜା ଓ ସାଧାରଣ ପଥଚାରୀ ଯାତାୟାତ କରୁଛନ୍ତି। ଫାଟକବିହୀନ ରେଳ ଚଳାଚଳ ଯୋଗୁଁ ଅତୀତରେ ଅନେକ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ମଧ୍ୟ ଯାଇଛି। ଦୁର୍ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ପ୍ରଶାସନ, ପୁଲିସ ପ୍ରଶାସନ, ଲୋକ ପ୍ରତିନିଧିଙ୍କ ଉପସ୍ଥିତିରେ ନାଲକୋ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦିଅନ୍ତି। ମାତ୍ର କାର୍ଯ୍ୟକାରୀ କରନ୍ତି ନାହିଁ। ଇଷ୍ଟକୋଷ୍ଟ ରେଲୱେ ତାଳଚେର-ମେରାମୁଣ୍ଡଳୀ ଅନ୍ତର୍ଗତ ବୁଢ଼ାପଙ୍କ ଷ୍ଟେସନରୁ ନାଲକୋ ସ୍ମେଲଟର ଓ ସିପିପି ପ୍ଲାଣ୍ଟ ପ୍ରାୟ ୮ କିମି ଏବଂ କେବଳ କୋଇଲା ପରିବହନ ପାଇଁ ସିପିପି ପ୍ଲାଣ୍ଟଠାରୁ ତାଳଚେର ଭରତପୁର ସିଏଚପି ଯାଏ ପ୍ରାୟ ୧୧କିମି ରେଲୱେ ରହିଛି। ବୁଢ଼ାପଙ୍କ ଷ୍ଟେସନରୁ ଯାଇଥିବା ନାଲକୋର ନିଜସ୍ୱ ରେଲୱେ ଲାଇନ୍ ବୁଢ଼ାପଙ୍କ, ଅପର୍ତ୍ତିପୁର, ବୃନ୍ଦାବନପୁର, ବିଶ୍ୱନାଥପୁର, ଗୋତମରା, ବନ୍ଧା, କୁଲାଡ଼ ପ୍ରଭୃତି ଗାଁ ମଧ୍ୟ ଦେଇ ଆଲୁମିନିୟ ପାର୍କ ହୋଇ ସ୍ମେଲଟର ପ୍ଲାଣ୍ଟକୁ ପ୍ରବେଶ କରିଛି ଏବଂ ୮/୧୦ଟି ସ୍ଥାନରେ ଗ୍ରାମମାନଙ୍କର ମୁଖ୍ୟରାସ୍ତା, ପୂର୍ତ୍ତ ବିଭାଗ ରାସ୍ତା, ପ୍ରଧାନମନ୍ତ୍ରୀ ସଡ଼କ, ପଞ୍ଚାୟତ ରାସ୍ତା, ଅତିକ୍ରମ କରୁଛି। ସେହିଭଳି ସିପିପି ପ୍ଲାଣ୍ଟରୁ ଭରତପୁରକୁ ବାହାରିଥିବା ନାଲକୋ ରେଲୱେ ଗୋତମରା ବାଗଧରିଆ ସାହି, କଇଁଫୁଲିଆ ସାହି, ପିଙ୍ଗୁଆ, ଟେଷ୍ଟଲୋଇ, ଏକଘରିଆ, କର୍ଣ୍ଣପୁର ବଉଳପୁର ଗ୍ରାମ ଦେଇ ଯିବା ବାଟରେ ବ୍ୟସ୍ତବହୁଳ ନାଲକୋ-ଥର୍ମାଲ ରୋଡ୍, ନାଲକୋ-ତାଳଚେର ରୋଡ୍, ଅନୁଗୋଳ-ଏଫସିଆଇ ରୋଡ୍, କୁକୁଡ଼ାଙ୍ଗ-ଗୋବରା-ଭରତପୁର ରୋଡ୍, ଅନୁଗୋଳ-ସାକସିଂଘା-ବଲଣ୍ଡା ରୋଡ୍, ବନ୍ଧା ଗ୍ରାମକୁ ଯାଇଥିବା ମୁଖ୍ୟ ରାସ୍ତା ଦେଇ ଯାଇଥିବା ରେଳ ଲାଇନ୍, ଗୋତମରା, ବଳରାମପ୍ରସାଦ, ପିଙ୍ଗୁଆ, କୁଲାଡ଼ ଅଞ୍ଚଳ ଦେଇ ରେଳ ଲାଇନରେ ରେଳ ଚଳାଚଳ ହେଉଛି। କ୍ଷୁଦ୍ରଯାନ, ଭାରୀଯାନ ସମେତ ସମସ୍ତ ପ୍ରକାର ଯାନବାହାନ ଓ ସାଧାରଣ ଯାତାୟାତରେ ନାଲକୋର ରେଲୱେ ଅତିକ୍ରମ କରି ଯିବାକୁ ପଡ଼ିଥାଏ। ତେବେ ଉପରୋକ୍ତ ପ୍ରମୁଖ ସ୍ଥାନମାନଙ୍କରେ ରେଲୱେ ଅତିକ୍ରମ କରିବା ବିପଜ୍ଜନକ ହୋଇପଡ଼େ। ପ୍ରାୟତଃ କୌଣସି ଗୋଟିଏ ସ୍ଥାନରେ ରେଲୱେ ଲେବଲ କ୍ରସିଂ ଫାଟକ ସଚଳ ନାହିଁ। ନାଲକୋ ରେଲୱେ ଚାଲିବାର ପ୍ରାରମ୍ଭରେ ତତ୍କାଳୀନ ଅତି ଗୁରୁତ୍ୱ ବହନ କରୁଥିବା କେତେକ ସ୍ଥାନରେ ରେଳ ଫାଟକ ଲାଗିନାହିଁ ଏବଂ କର୍ମଚାରୀ ନିଯୁକ୍ତ ହୋଇନାହାନ୍ତି। ମାତ୍ର କିଛି ସ୍ଥାନରେ ଫାଟକ ବଦଳରେ ରଶି ସାହାଯ୍ୟରେ ଲୋକଙ୍କୁ ଅଟକା ଯାଉଛି। ପିଙ୍ଗୁଆ ନିକଟରେ ଥିବା ଗାର୍ଡ କେବିନଗୁଡ଼ିକ ଉଜୁଡ଼ି ଗଲାଣି। ଇତିମଧ୍ୟରେ କୁଲାଡ଼ଠାରୁ ଆଲୁମିନିୟମ ପାର୍କକୁ ଯିବାଆସିବା ସମୟରେ ଲୋକେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ହୁଏ। ବଅଁରପାଳ ବ୍ଲକ ଅନ୍ତର୍ଗତ ବନ୍ଧା ପଞ୍ଚାୟତକୁ ଯିବା ବାଟରେ ଥିବା ରେଳ ଲାଇନରେ ୨୦୨୪ରେ ବନ୍ଧା ଗ୍ରାମର ଜଣେ ଯୁବକ କିଶୋରୀ ବେହେରା ରେଳ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ଗୋଡ଼ କଟିଯାଇଥିଲା। ନାଲକୋ ପ୍ରଶାସନ କେବଳ ଡାକ୍ତରୀ ଚିକିତ୍ସା କରିବାକୁ ପଠାଇ କର୍ତ୍ତବ୍ୟ ଶେଷ କରିଦେଲା। ଗୋତମରାରୁ ବଅଁରପାଳ ଡାକ୍ତରଖାନାକୁ ଯାତାୟାତ ରାସ୍ତାରେ ଦୁର୍ଘଟଣା ଘଟି ୨ଜଣଙ୍କ ମୃତ୍ୟୁ ଓ ଗୋତମରା ହାଟ ନିକଟରେ ରେଳ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ନଜିର ରହିଛି। ଦୁର୍ଘଟଣା ଘଟିବା ପରେ ସ୍ଥାନୀୟ ଲୋକେ ଆନ୍ଦୋଳନ କରିଥାନ୍ତି। ଆନ୍ଦୋଳନ ପରେ କିଛି ଲୋକଙ୍କୁ କ୍ଷତିପୂରଣ ଦେଇ ଓ ଫାଟକ ବସାଇବା ପାଇଁ ନାଲକୋ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇ ପରେ ଭୁଲିଯାଆନ୍ତି। ଅଞ୍ଚଳବାସୀଙ୍କ ସୁରକ୍ଷିତ ଯାତାୟାତ ପାଇଁ ନାଲକୋ ରେଳ ଫାଟକ ଲଗାଇବାକୁ ଦାବି ହେଉଛି।



୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଶୀଲ କୁମାର ଦାସ

ଅମଲାପଡା,୨ୟଗଳି,ଅନୁଗୁଳ

ଆଜି ତୁମର ୧୯ତମ ଶ୍ରାଦ୍ଧବାର୍ଷିକୀ। ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମେ ଆମ ପରିବାରର ଗର୍ବ ଆଉ ଗୌରବ। ଆଜି ଏହି ପୁଣ୍ୟ ତିଥିରେ ତୁମର ପୁଣ୍ୟ କର୍ମ,ଆଦର୍ଶ,ଚିନ୍ତାଧାରା, ସ୍ନେହ,ଶ୍ରଦ୍ଧା,ତ୍ୟାଗ ଏବଂ କର୍ତ୍ତବ୍ୟ ପରାୟଣତା ଆମ ଜୀବନର ପଥ ପ୍ରଦର୍ଶକ ହେବା ସହିତ ପ୍ରତିଦିନ ଆମକୁ ନୂଆ ପ୍ରେରଣା ଦେଉ।ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ–ଧର୍ମପତ୍ନୀ ଚାରୁବାଳା, ବଡ଼ପୁଅ ସଂଗ୍ରାମ,ବଡ଼ବୋହୂ ଗୁନି, ମଝିଆବୋହୂ ମାନି,ବଡ଼ଝିଅ ମୁନା, ବଡ଼ଜ୍ୱାଇଁ ବିନୟ,ସାନଝିଅ ରୀନା, ସାନଜ୍ୱାଇଁ ରୁଚିର,ସାନପୁଅ ପାପୁ, ନାତୁଣୀ ସୋନି,ନାତୁଣୀ ଜ୍ୱାଇଁ ସୋମୋଜିତ,ନାତି ଗୁଡ଼ୁ,ନାତୁଣୀ ନୈନା, ନାତି ସୌନୁ
ଏବଂବନ୍ଧୁ ଓ ପରିବାର ବର୍ଗ।

## ସମ୍ବଲପୁରୀ ଡେରାରେ ବସିବ ନୂଆଁଖାଇ ହାଟ

ସମ୍ବଲପୁର,୨୫।୮ (ସମିସ): ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଗୁରୁଶ୍ରୀ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ନୂଆଁଖାଇ ପର୍ବ ପାଇଁ ହାଟର ଆୟୋଜନ କରାଯିବାକୁ ରବିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ନୂଆଁଖାଇ ପାଇଁ ପଶ୍ଚିମ ଓଡ଼ିଶାର ଗାଁ ଗହଳିରେ ସ୍ୱତନ୍ତ୍ର ବଜାର ବସିଥାଏ। ସେହି ବଜାରରେ ନୂଆଁଖାଇର ସମସ୍ତ ସାମଗ୍ରୀ ଲୋକେ କିଣିଥାନ୍ତି। ତେବେ ସମ୍ବଲପୁର ଭଳି ସହରରେ ଦୈନନ୍ଦିନ ବଜାରରେ ହିଁ ନୂଆଁଖାଇର ସମସ୍ତ ସାମଗ୍ରୀ କିଣିଥାନ୍ତି। ସେଥିପାଇଁ ସମ୍ବଲପୁର ସହରର ବିଭିନ୍ନ ଛକରେ ବସୁଥିବା ବଜାରରେ ଅହେତୁକ ଭିଡ଼ ସହ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିଥାଏ। ସେଥିପାଇଁ ସମ୍ବଲପୁରୀ ସଂସ୍କୃତିର ଅଂଶ ବିଶେଷ ନୂଆଁଖାଇକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଜେଲ ଛକ ନିକଟରେ ଥିବା ଗୁରୁଶ୍ରୀ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ସ୍ୱତନ୍ତ୍ର ହାଟ ବସାଇବା ପାଇଁ ଆୟୋଜିତ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାଦ୍ୱାରା ଗୋଟିଏ ସ୍ଥାନରେ ନୂଆଁଖାଇର ସମସ୍ତ ସାମଗ୍ରୀ ସୁବିଧାରେ ଲୋକେ ପାଇ ପାରିବେ। ସମ୍ବଲପୁରୀ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ନିର୍ମାଣ କରାଯାଇଥିବା ବେଳେ ନୂଆଁଖାଇ ହାଟ ପାରମ୍ପାରିକ ସଂସ୍କୃତିର ପ୍ରଦର୍ଶନ ଏବଂ ଭାବନାକୁ ଉଦ୍‌ଜୀବିତ କରିବାରେ ସହାୟକ ହେବ ବୋଲି ପଶ୍ଚିମାଞ୍ଚଳ ଏକତା ମଞ୍ଚର ଉପଦେଷ୍ଟା ଡ. ପ୍ରମୋଦ ରଥ କହିଛନ୍ତି। ଏଥିରେ ସମ୍ବଲପୁର ପ୍ରଶାସନ ସହଯୋଗ କରିବାକୁ ସେ ଆହ୍ୱାନ କରିଛନ୍ତି। ଅନ୍ୟ ପକ୍ଷରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଡେରା ପରିସରରେ ଭବାନୀଶ ଭୋଇଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଏନେଇ ଆଲୋଚନା କରାଯାଇଥିଲା। ନୂଆଁଧାନ ସହ ନୂଆଁଖାଇରେ ବ୍ୟବହୃତ ସମାଗ୍ରୀ ବିକ୍ରୟ ବ୍ୟବସ୍ଥା କରାଯିବା ଉପରେ ଆଲୋଚନା କରାଯାଇଥିଲା। ଏଥିପାଇଁ ଦୋକାନୀଙ୍କୁ ଯୋଗାଯୋଗ ସହ ନୂଆଁଖାଇ ହାଟର ପ୍ରଚାର ପ୍ରସାର ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ନୂଆଁଖାଇ ହାଟର ଆୟୋଜନ ସଫଳ ହେଲେ ଆଗାମୀ ଦିନରେ ସମ୍ବଲପୁରୀ ସଂସ୍କୃତି ସହ ଜଡ଼ିତ ଅନ୍ୟାନ୍ୟ ଆୟୋଜନ ସମ୍ବଲପୁରୀ ଡେରା ପରିସରରେ କରାଯିବ ବୋଲି ମଞ୍ଚର ମୁଖ୍ୟ ସଂଯୋଜକ ମାନସରଞ୍ଜନ ବକ୍ସୀ ସୂଚନା ଦେଇଛନ୍ତି।

## ୧୫ ଦିନରେ ଆନ୍ଦୋଳନ
# କାମ ଦେଲାନି ମନ୍ତ୍ରୀଙ୍କ ଧମକ, ରାଜସ୍ୱ ଅମଲାଙ୍କ ଆନ୍ଦୋଳନ ଜାରି

ସମ୍ବଲପୁର, ୨୫।୮ (ସମିସ)



ଗତ ୧୧ ତାରିଖରୁ ରାଜସ୍ୱ ଅମଲାମାନେ ସମୂହ ଛୁଟି ନେଇ ଆନ୍ଦୋଳନ କରୁଛନ୍ତି। ରାଜସ୍ୱ ଅମଲା ସଂଘ ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ, କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡ କାର୍ଯ୍ୟାଳୟ ତଥା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରହିଛି। ପୂର୍ବରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବିଭାଗୀୟ ଅତିରିକ୍ତ ସଚିବଙ୍କ ଜରିଆରେ ଛୁଟି ବାତିଲ ଓ ଦରମା ବନ୍ଦ ଆଦି ଧମକ ଦେଇଥିବାବେଳେ ଗତ ଶନିବାର ଏହାକୁ ବିରୋଧୀଙ୍କ ଉପରକୁ ଆଡ଼େଇ ଦେଇ ସୋମବାରଠାରୁ କାର୍ଯ୍ୟରେ ଯୋଗ ନଦେଲେ କାର୍ଯ୍ୟାନୁଷ୍ଠାନର ଧମକ ଦେଇଥିଲେ। କିନ୍ତୁ ମନ୍ତ୍ରୀଙ୍କ ଧମକକୁ ଖାତିର ନକରି ଆଜି ପୁଣି ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ରାଜସ୍ୱ ଅମଲାମାନେ ଧାରଣାରେ ବସିଛନ୍ତି। ଗତ ୧୫ ଦିନ ମଧ୍ୟରେ କାର୍ଯ୍ୟାଳୟ ମାନଙ୍କରେ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ସରକାର ସମାଧାନ ସକାଶେ ରାଜସ୍ୱ ଅମଲା ସଂଘକୁ କଥାବାର୍ତ୍ତା ପାଇଁ ଡାକିବା କିମ୍ବା ଅନ୍ୟ ପଦକ୍ଷେପ ନେଉନଥିବାବେଳେ ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫାଇଲ ଗୁଡ଼ିକ ଗୋଟିଏ ଟେବୁଲରୁ ଅନ୍ୟ ଟେବୁଲକୁ ଘୁଞ୍ଚୁନାହିଁ। ଅଧିକାରୀମାନେ କେବଳ କାର୍ଯ୍ୟାଳୟକୁ ଆସି ଉପସ୍ଥାପନ ପକାଉଥିବା ଦେଖାଯାଉଛି। ପ୍ରତିଦିନ ବିଭିନ୍ନ ତହସିଲ କାର୍ଯ୍ୟାଳୟ ଓ ପ୍ରଶାସନିକ କାର୍ଯ୍ୟାଳୟକୁ ଲୋକେ ବିଭିନ୍ନ ସମସ୍ୟା ନେଇ ଆସୁଥିବାବେଳେ ଅଧିକାରୀମାନେ କେବଳ ତାହାକୁ ଗ୍ରହଣ କରିବା ବ୍ୟତୀତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

ଗତ ଶନିବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ସରକାର ପାଖରେ କ'ଣ ଅପସନ୍ ନାହିଁ, ଅସ୍ତ୍ର ବ୍ୟବହାର କରୁନାହୁଁ ଆମେ ଯେହେତୁ ଆମ ପରିବାରର ଲୋକ, ଯେଉଁଦିନ ଭାବିବୁ, ଯେ ଏମାନେ ସୁଧୁରିବେ ନାହିଁ ଏବଂ ଓଡ଼ିଶାର ମଙ୍ଗଳ ଚାହିଁବେ ନାହିଁ, ଓଡ଼ିଶାବାସୀଙ୍କର ମଙ୍ଗଳ ଚାହିଁବେ ନାହିଁ ଏବଂ ସରକାରକୁ ଅପଦସ୍ତ କରିବାକୁ ବାକି କାମ ଛାଡ଼ିକି ଏକମାତ୍ର କାମ ଭାବରେ ଅନ୍ୟ ଦଳ ଦ୍ୱାରା ପ୍ରେରିତ ହୋଇ କରିବେ।

ତାହାପରେ ତ ରାଜସ୍ୱ ବିଭାଗ ପାଖରେ ବହୁତ ଅସ୍ତ୍ର ଅଛି ସେ ଅସ୍ତ୍ର ସମ୍ଭାଳି ପାରିବେ ନାହିଁ ବୋଲି ମନ୍ତ୍ରୀ ଗଣମାଧ୍ୟମରେ ଚେତବନୀ ଦେଇଛନ୍ତି। ରାଜସ୍ୱ ଅମଲା ସଂଘ ପକ୍ଷରୁ ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜସ୍ୱ ଅମଲାଙ୍କ ଆନ୍ଦୋଳନର ଦ୍ୱିତୀୟ ଦିନ ଅର୍ଥାତ ୧୨ ତାରିଖ ଅମଲାମାନଙ୍କୁ କାର୍ଯ୍ୟରେ ଯୋଗ ଦେବାକୁ ପ୍ରଥମ ଧମକ ଦିଆଯାଇଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ପତ୍ର ସଂଖ୍ୟା ୩୦୪୩୧ ତା. ୧୨-୮-୨୦୨୫ ଜରିଆରେ ଜିଲ୍ଲା ପ୍ରଶାସନକୁ ରାଜସ୍ୱ ଅମଲାଙ୍କ ସମୂହ ଛୁଟି ବାତିଲ କରିବାସହ ଅନୁପସ୍ଥିତ ଥିବା କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଏବଂ ଅନଧିକୃତ ଛୁଟି ସକାଶେ ଦରମା ଅଟକାଇବା ଏବଂ କର୍ମଚାରୀମାନଙ୍କ ଅନଧିକୃତ ଅନୁପସ୍ଥିତି ସମୟ ଅବଧିକୁ ସର୍ଭିସ୍ ବୁକ୍‌ରେ ବ୍ରେକ୍ ଇନ୍ ସର୍ଭିସ ଭାବେ ରେକର୍ଡ କରିବାକୁ କୁହାଯାଇଛି।

## ଅପରେସନ ଅନ୍ୱେଷଣକୁ ସଫଳତା
# ୫ ଦିନରେ ୨୬ ନିଖୋଜ ମହିଳା ଓ ୮ ଶିଶୁ ଉଦ୍ଧାର

ସମ୍ବଲପୁର, ୨୫।୮ (ସମିସ) : ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଆରମ୍ଭ ହୋଇଥିବା 'ଅପରେସନ ଅନ୍ୱେଷଣ'ରେ ସମ୍ବଲପୁର ପୁଲିସକୁ ବଡ଼ ସଫଳତା ମିଳିଛି। ଅଗଷ୍ଟ ୧୮ରୁ ଅଗଷ୍ଟ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ସ୍ୱତନ୍ତ୍ର ଅଭିଯାନରେ ମାତ୍ର ୫ ଦିନରେ ୨୬ ଜଣ ନିଖୋଜ ମହିଳା ଓ ୮ ଜଣ ନିଖୋଜ ଶିଶୁକୁ ଉଦ୍ଧାର କରାଯାଇଛି। ୮ ଜଣ ଶିଶୁଙ୍କ ମଧ୍ୟରେ ୬ ଜଣ ବାଳିକା ଓ ୨ ଜଣ ବାଳକ ଅଛନ୍ତି। ସମ୍ବଲପୁର ପୁଲିସର ସୂଚନା ଅନୁଯାୟୀ, ଏହି ୨୬ ଜଣ ନିଖୋଜ ମହିଳାଙ୍କ ମଧ୍ୟରେ ଗୋବିନ୍ଦପୁର ଥାନା ଅଞ୍ଚଳର ସର୍ବାଧିକ ୭ ଜଣ ମହିଳା ଥିବାବେଳେ ହୀରାକୁଦ ଥାନାର ୪ ଜଣ, କୁଚିଣ୍ଡା, ଯୁଯୋମୁରା ଓ ଧମା ଥାନାର ୩ ଜଣ ଲେଖାଏ, ନାକଟିଦେଉଳ ଓ ଜମନକିରା ଥାନାର ୨ ଜଣ ଲେଖାଏ ଏବଂ କ୍ଷେତରାଜପୁର ଓ ଟାଉନ ଥାନା ଅଞ୍ଚଳର ଜଣେ ଲେଖାଏ ରହିଛନ୍ତି। ସେହିପରି ହୀରାକୁଦ ଓ ଜମନକିରା ଥାନା ଅଞ୍ଚଳର ୩ ଜଣ ଲେଖାଏ ଶିଶୁ ନିଖୋଜ ଥିବାବେଳେ ନାକଟିଦେଉଳ ଓ ସଦର ଥାନାର ଜଣେ ଲେଖାଏ ନିଖୋଜ ଶିଶୁ ଉଦ୍ଧାର ହୋଇଛନ୍ତି।

## ମା' ଝାଡ଼େଶ୍ୱରୀ ମହାବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ

ସମ୍ବଲପୁର, ୨୫।୮ (ସମିସ):ଧମାସ୍ଥିତ ମା' ଝାଡ଼େଶ୍ୱରୀ ମହାବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଯୁକ୍ତ-୨ ଅଧ୍ୟକ୍ଷ ଅଶୋକ ପୁରୋହିତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରଗଡ଼ ସତଲମା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଲୋକବନ୍ଧୁ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଦର୍ଶବାଦ, ମାନବବାଦ ସହ ସକାରାତ୍ମକ ଉଚ୍ଚାଙ୍ଗ ଚିନ୍ତାଧାରାର ଭଣ୍ଡାର ଗଙ୍ଗାଧରଙ୍କ ସାହିତ୍ୟରେ ରହିଥିବାରୁ ତାଙ୍କ ସାହତ୍ୟ ଚିର ଅମଳିନ ହୋଇରହିବ। ସମାଜରେ ମାନବ କିପରି ନିଜକୁ ଅମୃତମୟ କରି ଗଢ଼ିତୋଳିବ ତାହା ତାଙ୍କ କାବ୍ୟ କବିତା ଗୁଡ଼ିକରେ କିଭଳି ଅନ୍ତର୍ନିହିତ ହୋଇରହିଛି ଅନେକ ଉଦାହରଣ ଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ପରିଚାଳନା ପରିଷଦର ସଭାପତି ଦିଲୀପ ମହାପାତ୍ର, ଉପସଭାପତି ପରମାନନ୍ଦ ସିଟ, ସମ୍ପାଦକ ରବିନ୍ଦ୍ର ପୃଷ୍ଟି, ହରିବୋଲ ସେଠ, ତ୍ରିବିକ୍ରମ ମିର୍ଦ୍ଧା ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ବଳଦେବ ମହାକୁର ଗଙ୍ଗାଧର ପ୍ରଣୟବଲ୍ଲରୀ କାବ୍ୟକୁ ଭିତ୍ତିକରି କବିଙ୍କ ବଳିଷ୍ଠ କାବ୍ୟ ପ୍ରତିଭାର ଅନେକ ଦୃଷ୍ଟାନ୍ତ ଉଦ୍ଧାର କରି ଆଲୋଚନା କରିଥିଲେ। ଅଧ୍ୟାପିକା ମିନତି ଦାଶଙ୍କ ସଂଯୋଜନାରେ ମେହେର ଜୟନ୍ତୀ ଉପଲକ୍ଷେ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ବ୍ୟାସଦେବ ପଣ୍ଡା ବେଦମନ୍ତ୍ର ପାଠ କରିଥିଲେ। ଅଧ୍ୟାପିକା ସୁଦୀପ୍ତା ଦାଶଙ୍କ ସଂଯୋଜନାରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ରବିନ୍ଦ୍ର ନାରାୟଣ ଠାକୁର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପକ ଡଃ ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଯୁକ୍ତ-୩ ଅଧ୍ୟକ୍ଷ ଅନିଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଆଇଡିଆସ୍ ମ୍ୟାଟର୍ ମୋଷ୍ଟ' ଜାତୀୟ ଆଲୋଚନାଚକ୍ର



ସମ୍ବଲପୁର, ୨୫।୮ (ସମିସ) : ଭାରତର ପ୍ରମୁଖ ପ୍ରବନ୍ଧନ ସଂସ୍ଥାନ, ଆଇଆଇଏମ୍ ସମ୍ବଲପୁର, ଜାତୀୟ ସ୍ତରର ଫ୍ଲାଗସିପ୍ ଟକ୍ ଶୋ 'ଆଇଡିଆସ୍ ମ୍ୟାଟର୍ ମୋଷ୍ଟ' ଆୟୋଜିତ ହୋଇଯାଇଛି। 'ଟେକ୍ନୋଲୋଜି ଏବଂ ଉଦ୍ୟମିତାର ସଙ୍ଗମରେ ବିକଶିତ ଭାରତର ୨୦୪୭ ପ୍ରତି ଯାତ୍ରା' ବିଷୟରେ ଆଧାରିତ ଦୁଇଦିନିଆ କାର୍ଯ୍ୟକ୍ରମରେ ନୀତିନିର୍ଦ୍ଧେଶକ, ଶିକ୍ଷାବିତ୍ ଏବଂ ଉଦ୍ୟମୀ ମାନେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର, ବିଶେଷ ଅତିଥି ଭାବେ ସାହିବା ନିବୃତ୍ତି କୁମାରୀ, ମେୱାର୍, ଉଦୟପୁର, ଡଃ. ସୁବ୍ରୋକମଳ ଦତ୍ତ, ଆନ୍ତର୍ଜାତୀୟ ରାଜନୈତିକ, ଅର୍ଥନୈତିକ ଓ ବିଦେଶ ନୀତି ବିଶେଷଜ୍ଞ, ସରିକା ସିଂ ବରିଷ୍ଠ ସାମ୍ବାଦିକା, ବିବିସି ଏବଂ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ 'ଆଇଡିଆସ୍ ମ୍ୟାଟର୍ ମୋଷ୍ଟ'ର ସଂସ୍ଥାପକ ପ୍ରଣବ କୁମାର ଅଧ୍ୟକ୍ଷତା କରିଥିଲେ। ସ୍ୱାଗତ ଭାଷଣରେ ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ କହିଥିଲେ ଯେ ଆଇଆଇଏମ୍ ଭଳି ପ୍ରବନ୍ଧନ ସଂସ୍ଥାନ ମାନେ ଜାତି ଗଠନରେ ଜ୍ଞାନ ସହଭାଗୀ ଭାବରେ କାର୍ଯ୍ୟ କରିବା ଉଚିତ୍। କାରଣ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ପୂରଣ କରିବା ପାଇଁ ଆଗାମୀ ପିଢ଼ିର ନେତାମାନଙ୍କୁ ପ୍ରସ୍ତୁତ କରିବାରେ ଅତ୍ୟନ୍ତ ଜରୁରୀ।

ସଂସ୍ଥାପକ ପ୍ରଣବ କୁମାର କହିଥିଲେ, ପ୍ରତ୍ୟେକ ଆଇଡିଆ ଗୋଟିଏ ବଡ଼ ପରିବର୍ତ୍ତନ ଆଣିପାରେ। ଏହି ପ୍ଲାଟଫର୍ମ ମାଧ୍ୟମରେ, ଆମେ ବିଭିନ୍ନ ଆଇଡିଆ ଓ ନବାନ୍ୱେଷଣକୁ ପରିଚୟ ଏବଂ ପ୍ରୋତ୍ସାହନ କରିବାକୁ ଲକ୍ଷ୍ୟ କରୁଛୁ, ଯାହା ଏକ ଉଜ୍ୱଳ ଓ ବିକଶିତ ଭାରତର ପଥକୁ ପ୍ରସ୍ତୁତ କରିପାରିବ। କାର୍ଯ୍ୟକ୍ରମରେ ଶିଳ୍ପଦ୍ୟୋଗୀ, ଉଦ୍ୟମୀ, ଶିକ୍ଷାବିଦ୍ ଏବଂ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ।

## ଗୋବିନ୍ଦପୁର ଲ୍ୟାମ୍ପସ୍‌କୁ ୟୁରିଆ ସାର ଯୋଗାଣ ଦାବି



ସମ୍ବଲପୁର, ୨୫।୮ (ସମିସ): ଚଳିତବର୍ଷ ଆଗୁଆ ମୌସୁମୀ ଯୋଗୁଁ ବାମରା ଅଞ୍ଚଳରେ ଅନ୍ୟବର୍ଷ ଅପେକ୍ଷା ଅଧିକ ଜମିରେ ଧାନଚାଷ ରୁଆ ବେଉଷଣ କାର୍ଯ୍ୟ ଅଗଷ୍ଟ ପ୍ରଥମ ସପ୍ତାହ ସୁଦ୍ଧା ଶେଷ ହୋଇଛି। ଚାଷୀ ଦ୍ୱିତୀୟ ପର୍ଯ୍ୟାୟରେ ୟୁରିଆ ସାରର ଆବଶ୍ୟକତା ରହିଥାଏ। ଅଗଷ୍ଟ ମାସ ପରେ କିମ୍ବା ନୂଆଁଖାଇ ପରେ ୟୁରିଆ ଦେଲେ ତାହା ମୂଲ୍ୟହୀନ ଅଟେ। ସମବାୟ ଋଣ କରି ନେଉଥିବା ଅନେକ ଛୋଟ ଓ ବଡ଼ ଚାଷୀ ପ୍ରତିଦିନ ୟୁରିଆ ସାର ପାଇଁ ଆସୁଛନ୍ତି। ୟୁରିଆ ସାର ମିଳୁନଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

ପୂର୍ବବର୍ଷମାନଙ୍କରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡର ଗୋବିନ୍ଦପୁର ଲ୍ୟାମ୍ପସ୍‌କୁ ୨୭୮ ମେଟ୍ରିକ୍ ଟନ୍ ସାର ଯୋଗାଇ ଦିଆଯାଇଥାଏ। ଚଳିତ ଋତୁରେ ଆଜିସୁଦ୍ଧା ୨୦୦ ମେଟ୍ରିକ୍ ଟନ୍ ଦିଆଯାଇଛି। ଏଣୁ ଯୁଦ୍ଧକାଳୀନ ଭିତ୍ତିରେ ଆଉ ୧୦୦ ମେଟ୍ରିକ୍ ଟନ୍ ୟୁରିଆ ନୂଆଁଖାଇ ପୂର୍ବରୁ ଯୋଗାଇ ଦେବାକୁ ଚାଷୀମାନେ ଦାବି ଜଣାଇଛନ୍ତି। ବ୍ଲକ କୃଷକ ଉପଦେଷ୍ଟା କମିଟି, ବାମରା ଅଧ୍ୟକ୍ଷ ଯୋଗ ବିହାରୀ ପରିଡ଼ା, ଗୋବିନ୍ଦପୁର ଲ୍ୟାମ୍ପସ୍ ପରିଚାଳନା ପରିଷଦ ସଭାପତି ଲକ୍ଷ୍ମୀ ନାରାୟଣ ଛତ୍ରିଆ, ମହାବୀର ଖଣ୍ଡେଲୱାଲ, ହରିହର ମିଞ୍ଜ, ପ୍ରଦୀପ ପାତ୍ର ପ୍ରମୁଖ ଜିଲ୍ଲାପାଳ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସମବାୟ ସମିତି ଉପନିବନ୍ଧକଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

## କାଂସ୍ୟ ପଦକ ବିଜେତା କ୍ରିସିକାଙ୍କୁ ଅଭିନନ୍ଦନ

ସମ୍ବଲପୁର,୨୫।୮ (ସମିସ): ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ଏକ ପ୍ରେସ ବିବୃତି ମାଧ୍ୟମରେ ଜଣାଇଛନ୍ତି ଯେ ସମ୍ବଲପୁର ମହାନଗର ଅନ୍ତର୍ଗତ ହୀରାକୁଦ ମାଟିର ଝିଅ କ୍ରିସିକା ବେହେରା ପାରା ଆଥଲେଟିକ୍ସରେ ଦୁଇଟି କାଂସ୍ୟ ପଦକ ହାସଲ କରିବା ସମ୍ବଲପୁର ଜିଲ୍ଲା ପାଇଁ ଗର୍ବର ବିଷୟ। ଇଂ ପୂଜାରୀ ଆଥଲେଟ କ୍ରିସିକାଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇ ଉଲ୍ଲେଖ କରିଛନ୍ତି ଯେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ କନିଷ୍ଠ ଓ ଉପକନିଷ୍ଠ ପାରା ଆଥଲେଟିକ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଟପୁଟ୍ ଥ୍ରୋ ଓ ଜାଭଲିନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉଭୟ ପ୍ରତିଯୋଗିତାରେ କାଂସ୍ୟ ପଦକ ହାସଲ କରିଛନ୍ତି। ଆଗାମୀ ଦିନରେ ସେ ଆହୁରି ଭଲ ଖେଳନ୍ତୁ ଏବଂ ଦେଶ ବିଦେଶରେ ଆମ ଜିଲ୍ଲା ତଥା ଓଡ଼ିଶାର ନାମକୁ ପରିଚିତ କରନ୍ତୁ ବୋଲି ଇଂ ପୂଜାରୀ ଶୁଭେଚ୍ଛା ଜଣାଇଛନ୍ତି।

## ଜିଏମ୍‌ୟୁ ଓଡ଼ିଆ ବିଭାଗରେ ଜାତୀୟ ପାଠଚକ୍ର



ସମ୍ବଲପୁର, ୨୫।୮ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଆଜି ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି। 'ଓଡ଼ିଆ କଥା ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ରକୁ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ତଥା ସାହିତ୍ୟିକ ସୌଭାଗ୍ୟବନ୍ତ ମହାରଣା ଯୋଗଦେଇଥିବାବେଳେ ବିଷୟ ବିଶେଷଜ୍ଞ ଭାବେ ଅବସରପ୍ରାପ୍ତ ପ୍ରଫେସର ବବ୍ରୁବାହନ ମହାପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଆବାହିକା ତଥା ବିଭାଗ ମୁଖ୍ୟ ଡଃ ଲକ୍ଷ୍ମୀପ୍ରିୟା ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଡଃ ଶ୍ରୀବନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ପ୍ରଥମ ବୈଷୟିକ ଅଧିବେଶନରେ ଡଃ ଶ୍ୟାମ ଭୋଇଙ୍କ ଅଧ୍ୟକ୍ଷତାରେ ଡଃ ସଂଘମିତ୍ରା ମିଶ୍ର ଓ ଡଃ ବିଜୟଲକ୍ଷ୍ମୀ ଦାଶ ଯୋଗଦେଇ ତାଙ୍କର ତଥ୍ୟନିଷ୍ଠ ଓ ଉପାଦେୟ ବିଷୟବସ୍ତୁ ଆଧାରିତ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅଧିବେଶନ ଶେଷରେ ଅଧ୍ୟାପକ ଡଃ ନବୀନ କୁମାର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ଣରେ ଦ୍ୱିତୀୟ ଅଧିବେଶନରେ ଅଧ୍ୟାପକ ଓ ଗବେଷକ ମାନଙ୍କ ଦ୍ୱାରା ବିଷୟବସ୍ତୁ ଆଧାରିତ ଗବେଷଣାତ୍ମକ ନିବନ୍ଧ ଉପସ୍ଥାପନା କରାଯାଇଥିଲା। ଅଧ୍ୟାପକ ଡଃ ବିଶ୍ୱନାଥ ସାହୁ ସମୀକ୍ଷକ ଦାୟିତ୍ୱ ନିର୍ବାହ କରିଥିବାବେଳେ ଅଧ୍ୟାପକ ଅଖିଳ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଶେଷରେ ଗବେଷିକା ଅନନ୍ୟା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଟିକଟ ମାଗିବାରୁ ମାରଣାସ୍ତ୍ର ଦେଖାଇଲେ, ୩ ଗିରଫ

ସମ୍ବଲପୁର, ୨୫।୮ (ସମିସ) : ଟ୍ରେନ୍‌ରେ ବିନା ଟିକଟରେ ଯାତ୍ରା କରୁଥିବାବେଳେ ଟିଟିଇ ଟିକଟ୍ ମାଗିବାରୁ କେଇଜଣ ଦୁର୍ବୃତ୍ତ ନକଲି ବନ୍ଧୁକ, ଛୁରୀ ଆଦି ଦେଖାଇ ଧମକଚମକ ଦେବାଭଳି ଅଭାବନୀୟ ଘଟଣା ଘଟିଛି। ସେମାନଙ୍କୁ କାବୁ କରି ରେଳ ସୁରକ୍ଷାକର୍ମୀମାନେ ସମ୍ବଲପୁର ରେଳବାଇ ପୁଲିସକୁ ହସ୍ତାନ୍ତର କରିଥିବାବେଳେ ପୁଲିସ ଏକ ମାମଲା ରୁଜୁ କରି ଆଜି କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ ରବିବାର ରାତିରେ ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସରେ ସେମାନେ ବିନା ଟିକଟରେ ଯାତ୍ରା କରୁଥିଲେ। ସେମାନଙ୍କୁ ଟିଟିଇ ଟିକଟ ଦେଖାଇବାକୁ କହିବାରୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବାକୁ ଉଦ୍ୟମ କରିଥିଲେ। ଟ୍ରେନରେ ନିୟୋଜିତ ଥିବା ସୁରକ୍ଷା କର୍ମୀମାନେ ସେମାନଙ୍କୁ କାବୁ କରିଥିଲେ। ସେମାନେ ହେଲେ ଛତିଶଗଡ଼ ରାଜ୍ୟ ଧନ୍‌ତରୀ ଜିଲ୍ଲା କୁରୁଡ଼ ଥାନା ଅନ୍ତର୍ଗତ ବନଗଡ଼ ଗ୍ରାମର ବିନୟ ସାହୁ (୨୩), ମାରୋଡ଼ ଗ୍ରାମର ବିକ୍ରମ ଯାଦବ (୨୦) ଓ ମନଦୌରୀ ଗ୍ରାମର ଚନ୍ଦ୍ରକାନ୍ତ ବୈଷ୍ଣବ (୨୦)। ସେମାନଙ୍କ ନିକଟରୁ ନକଲି ମାରଣାସ୍ତ୍ର ରେଳବାଇ ପୁଲିସ ଜବତ କରିଛି। ସମ୍ବଲପୁର ରେଳବାଇ ଥାନାରେ ମାମଲା ସଂଖ୍ୟା ୧୧୪/୨୦୨୫ ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଶ୍ରୀ ଗଣେଶ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରଙ୍କ କୃତିତ୍ୱ

ସମ୍ବଲପୁର, ୨୫।୮ (ସମିସ): ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ସମ୍ବଲପୁର ଧନୁପାଲିସ୍ଥିତ ଶ୍ରୀ ଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରୀ ଲକି ମାଝୀ କରାଟେ ପ୍ରତିଯୋଗିତାରେ ରାଜ୍ୟସ୍ତର ପାଇଁ ଉନ୍ନୀତ ହୋଇଛନ୍ତି। ସେହିପରି ନବମ ଶ୍ରେଣୀର ଅନ୍ୟ ଦୁଇଜଣ ଛାତ୍ରୀ ମନିଷା କାଣ୍ଡୁଲାନା ଓ ମିତା ପ୍ରଧାନ ଫେନ୍ସିଂ ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରି ରାଜ୍ୟସ୍ତରରେ ଭାଗ ନେବାପାଇଁ ମନୋନୀତ ହୋଇଛନ୍ତି। ଏହାସହ ଅନ୍ୟ ଜଣେ ନବମ ଶ୍ରେଣୀ ଛାତ୍ରୀ ଶିପାଲି ବିଭାର ଉଷୁ ପ୍ରତିଯୋଗିତାରେ ଉନ୍ନୀତ ହୋଇ ରାଜ୍ୟସ୍ତରରେ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ଶ୍ରୀ ଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ର, ଖେଳ ଶିକ୍ଷୟିତ୍ରୀ ମିନାରାଣୀ ମଲ୍ଲିକ ଏବଂ ଶିକ୍ଷକଶିକ୍ଷୟିତ୍ରୀମାନେ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଶୀଲ କୁମାର ଦାସ
ଅମଲାପଡା,୨ୟଗଳି,ଅନୁଗୁଳ

ଆଜି ତୁମର ୧୯ତମ ଶ୍ରାଦ୍ଧବାର୍ଷିକୀ। ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମେ ଆମ ପରିବାରର ଗର୍ବ ଆଉ ଗୌରବ। ଆଜି ଏହି ପୁଣ୍ୟ ତିଥିରେ ତୁମର ପୁଣ୍ୟ କର୍ମ,ଆଦର୍ଶ,ଚିନ୍ତାଧାରା, ସ୍ନେହ,ଶ୍ରଦ୍ଧା,ତ୍ୟାଗ ଏବଂ କର୍ତ୍ତବ୍ୟ ପରାୟଣତା ଆମ ଜୀବନର ପଥ ପ୍ରଦର୍ଶକ ହେବା ସହିତ ପ୍ରତିଦିନ ଆମକୁ ନୂଆ ପ୍ରେରଣା ଦେଉ।ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ–ଧର୍ମପତ୍ନୀ ଚାରୁବାଳା, ବଡ଼ପୁଅ ସଂଗ୍ରାମ,ବଡ଼ବୋହୁ ଗୁନି, ମଝିଆବୋହୁ ମାନି,ବଡ଼ଝିଅ ମୁନା, ବଡ଼ଜ୍ୱାଇଁ ବିନୟ,ସାନଝିଅ ରୀନା, ସାନଜ୍ୱାଇଁ ରୁଚିର,ସାନପୁଅ ପାପୁ, ନାତୁଣୀ ସୋନି,ନାତୁଣୀ ଜ୍ୱାଇଁ ସୋମୋଜିତ,ନାତି ଗୁଡ୍,ନାତୁଣୀ ନୈନା, ନାତି ସୌନୁ
ଏବଂବନ୍ଧୁ ଓ ପରିବାର ବର୍ଗ ।

# ଅନାଲୋଚିତ ଇତିହାସକୁ ଲୋକଚନାକୁ ଆଣିବାରେ ଅଭିଲେଖର ଭୂମିକା ଅତୁଳନୀୟ

ସମ୍ବଲପୁର, ୨୫।୮ (ସମିସ)



ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗରେ ସୋମବାର ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ପରିସ୍ଥିତିରେ ଇତିହାସର ଅନେକ ଦିଗ ଆଜି ବି ଅନାଲୋଚିତ ହୋଇରହିଛି। ତେଣୁ ସେସମସ୍ତ ଐତିହାସିକ ବିଷୟକୁ ଲୋକଲୋଚନକୁ ଆଣିବାର ସମୟ ଆସିଛି। ଏହି ଅନାଲୋଚିତ ମଧ୍ୟକାଳୀନ ଏବଂ ଆଧୁନିକ ଐତିହାସିକର ଘଟଣାବଳୀକୁ କେବଳ ଅଭିଲେଖାଗାର ଉପାଦାନ ମାଧ୍ୟମରେ ହିଁ ଅଣାଯାଇପାରିବ। ପଶ୍ଚିମ ଓଡ଼ିଶା ତଥା ସମ୍ବଲପୁରର କୁଦୋପାଲି ହେଉ କିମ୍ବା ବୀର ସୁରେନ୍ଦ୍ର ସାଏ, ଛବିଳ ସାଏ, ମାଧୋ ସିଂ, ହଟେ ସିଂ ଆଦି ବୀର ସଂଗ୍ରାମୀ ମାନଙ୍କ ତଥ୍ୟ ଏବେ ଅଭିଲେଖାଗାର ଉପାଦାନରୁ ହିଁ ମିଳିପାରିଥିବାରୁ ଆଜି ଆମ ପାଇଁ ଏକ ଗର୍ବର ବିଷୟ। ତେଣୁ ଏହି ଅଭିଲେଖାଗାର ଉପାଦାନର ମହତ୍ୱ ଏବଂ ପ୍ରାସଙ୍ଗିକତାକୁ ଲକ୍ଷ୍ୟକରି "ଅଭିଲେଖାଗାର ଏବଂ ଐତିହାସିକ ବର୍ଣ୍ଣନା : ବିକାଶ, ସାମ୍ପ୍ରତିକଧାରା ଏବଂ ଭବିଷ୍ୟତ ଦିଗ' ଶୀର୍ଷକ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସମ୍ମାନକୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ତଥା ଇତିହାସ ବିଭାଗର ସହାୟକ ପ୍ରାଧ୍ୟାପିକା ଡଃ ସସ୍ମିତାରାଣୀ ଶାଶନୀ ଏହାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଇତିହାସ ବିଭାଗ ମୁଖ୍ୟ ଡଃ ଅତୁଲ କୁମାର ପ୍ରଧାନ ବିଭାଗର ବିଗତ ବର୍ଷ ଉପଲବ୍‌ଧି ଏବଂ ଏହି ବିଭାଗ କିପରି ନିଜର ପଠନ ଶୈଳୀ ଏବଂ ଗବେଷଣା ପାଇଁ ଭାରତରେ ଏକ ଅନନ୍ୟ ସ୍ଥାନ ଗ୍ରହଣ କରିଛି ତାହା ଉପରେ ପ୍ରକାଶ ପକାଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ତତ୍କାଳୀନ ମୁଖ୍ୟ ଏବଂ ନର୍ଦନ ବିଶ୍ୱବିଦ୍ୟାଳୟ, ମାଲୟେସିଆର ପ୍ରଫେସର ପତିତ ପାବନ ମିଶ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଭାରତ ଇତିହାସରେ ଅଭିଲେଖର ରୂପରେଖ ଅତି ସୁନ୍ଦର ଭାବରେ ଉପସ୍ଥାପନା କରିଥିଲେ। ଭାରତ ସରକାରଙ୍କ ଜାତୀୟ ଅଭିଲେଖାଗାର ଉପନିର୍ଦ୍ଦେଶକ ଏବଂ କଟକ ଉଚ୍ଚ ନ୍ୟାୟାଳୟ ଅଧୀନ ନ୍ୟାୟିକ ଅଭିଲେଖାଗାରର ତତ୍କାଳୀନ ନିର୍ଦ୍ଦେଶକ ଡଃ ଲଲାଟେନ୍ଦୁ ଦାସ ମହାପାତ୍ର ବିଷୟ ବିଶେଷଜ୍ଞ ରୂପେ ଯୋଗଦେଇ ଅଭିଲେଖାଗାର ଉପାଦେୟତା ଏବଂ ଏହାର ଭବିଷ୍ୟତ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ।

ଭାରତ ସରକାରଙ୍କ ଜାତୀୟ ଅଭିଲେଖାଗାର ଭୁବନେଶ୍ୱର ଶାଖା ମୁଖ୍ୟ ଡଃ ସତ୍ୟନାରାୟଣ ମିଶ୍ର ବର୍ତ୍ତମାନ ସମୟରେ ଅଭିଲେଖାଗାରର ପ୍ରାସଙ୍ଗିକତା ଏବଂ ଉପାଦେୟତା ବିଷୟରେ କହିଥିଲେ। ଶେଷରେ ସହାୟକ ପ୍ରାଧ୍ୟାପକ ଡଃ ସନ୍ତୋଷ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଡଃ ପରମତପ ପ୍ରଧାନ, ଅତିଥି ଅଧ୍ୟାପକ ଶଙ୍ଖନାଦ ଦେହୁରୀ, ଅଞ୍ଜଳି ରାଣୀ ତଥା ଗବେଷକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।



# ନୃସିଂହନାଥଙ୍କୁ ଝିଟିକି ଗାଁରୁ ଆସିଲା ନୂଆଁଖାଇ ସାଲିଆନା ଭାର



ପାଇକମାଲ, ୨୫।୮ (ସମିସ): ପାଇକମାଲ ବ୍ଲକ ଝିଟିକି ଗାଁରୁ ପ୍ରତି ବର୍ଷ ପରି ଚଳିତ ବର୍ଷ ନୂଆଁଖାଇ ପାଇଁ ନୃସିଂହନାଥ ମନ୍ଦିରକୁ ସାଲିଆନା ଭାର ଆସିଛି। ଝିଟିକି ଗାଁର ଚାଷୀଙ୍କ ସହ ଗ୍ରାମବାସୀ ପ୍ରାୟ ୩୦୦ ପରିବାର ବୁଲି ନୂଆଁଖାଇ ସାମଗ୍ରୀ ସଂଗ୍ରହ କରିଥିଲେ। ସୋମବାର ପ୍ରାୟ ୩୫ ଜଣ ୨ କ୍ୱିଣ୍ଟାଲ ୪୭ କେଜି ଚାଉଳ, ମୁଗ ସାଢ଼େ ୬ କେଜି, ଘିଅ ଏକ କେଜି, ଗୁଡ ୨ କେଜି, ଲୁଣ ୫ କେଜି, ମାଖନ, ନଡିଆ ଓ ଅନ୍ୟାନ୍ୟ ପନିପରିବା ସହ ଅଙ୍ଗୁର କଦଳୀ ଭାରରେ ଆଣିଛନ୍ତି। ନୃସିଂହନାଥ ମନ୍ଦିରର ଭଣ୍ଡାର ମହୁରୀ ସତ୍ୟ ପୁରୋହିତ ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ପାଖରେ ଜମା ଦେଇଛନ୍ତି। ଗାଁର ମୁଖିଆ ମାନଙ୍କ ସହ ୩୫ ଜଣ ଗ୍ରାମବାସୀ ସାଲିଆନା ଭାର ସହ ଆସିଥିଲେ। ଏନେଇ ସେମାନଙ୍କୁ ପଚାରିବାରୁ ଆମେ ଆଣୁଥିବା ଜିନିଷ ନୂଆଁଖାଇ ଦିନ ଠାକୁରଙ୍କ ଠାରେ ଭୋଗ ଲାଗାଯାଇ ଭକ୍ତମାନଙ୍କୁ ଅନ୍ନ ପ୍ରସାଦ ବଣ୍ଟା ଯାଉଥିବାରୁ ପ୍ରତିବର୍ଷ ଆମେ ସାଲିଆନା ଭାର ମନ୍ଦିରକୁ ଆଣିଥାଉ ବୋଲି କହିଥିଲେ। ଆସନ୍ତା ଗୁରବାର ୨୮ ତାରିଖ ୧୧ଟା ୫୧ ମିନିଟରୁ ୧୨ଟା ୨୧ ମିନିଟ ମଧ୍ୟରେ ନୃସିଂହନାଥ ମହାପ୍ରଭୁଙ୍କ ଠାରେ ନବାନ୍ନ ଭୋଗ ଲଗାଯିବ।

# ଧରାପଡ଼ିଲା ଆନ୍ତଃରାଜ୍ୟ ବାଇକ୍ ଚୋର ଗ୍ୟାଙ୍ଗ

## ୩୧ ବାଇକ୍ ଉଦ୍ଧାର, ୮ କୋର୍ଟ ଚାଲାଣ

ଝାରବନ୍ଧ, ୨୫।୮ (ସମିସ)



ସାରା ରାଜ୍ୟରେ ବାଇକ ଚୋରି ଘଟଣା ଚର୍ଚ୍ଚାରେ ଥିବା ବେଳେ ଝାରବନ୍ଧ ପୁଲିସକୁ ଏକ ବଡ ସଫଳତା ମିଳିଛି। ଝାରବନ୍ଧ ଥାନା କପାଟି ଗାଁରେ ଚଳିତ ଅଗଷ୍ଟ ୧୨ ଏବଂ ୧୩ ତାରିଖରେ ଝୁଲଣ ଯାତ୍ରା ଅନୁଷ୍ଠିତ ହେଉଥିଲା। ଗାଁର ପୂର୍ଣ୍ଣଚନ୍ଦ୍ର ପଟେଲ ନିଜ ମୋଟର ସାଇକେଲରେ ତାଲା ପକାଇ ନିଜ ଘର ସାମ୍ନାରେ ରଖିଥିଲେ। ରାତି ୨ଟା ସମୟରେ ତାହା ଚୋରି ହୋଇଥିବାର ଦେଖିଥିଲେ। ଏ ନେଇ ଗତ ୧୩ ତାରିଖରେ ଝାରବନ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଝାରବନ୍ଧ ଥାନା ଅଧିକାରୀ କ୍ରେସେନସିଆ ସମାରିଆ ତଦନ୍ତ ଆରମ୍ଭ କରିଥିଲେ। ପାଇକମାଳ ଥାନା ଝିଟିକି ଗାଁର ପ୍ରଦୀପ ଭୋଇ ଏବଂ ସାରଙ୍ଗଗଡ଼ ଜିଲ୍ଲା (ଛତିଶଗଡ଼) ବରମକେଲା ଥାନା ଡଭା ଗାଁର ଲୁକେଶ୍ୱର ପଟେଲଙ୍କ ଠାରୁ ବାଇକ ଜବତ ହୋଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରି ଅଧିକ ପଚରା ଉଚୁରା କରି ତଦନ୍ତ ଜାରି ରହିଥିଲା। ତେବେ ତଦନ୍ତରୁ ଏକ ବିରାଟ ଆନ୍ତଃରାଜ୍ୟ ବାଇକ ଚୋରି ରାକେଟର ଚେର ମିଳିଥିଲା। ବରଗଡ଼ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ପୁଲିସ ଟିମ ଗଠନ କରାଯାଇଥିଲା। ଛତିଶଗଡ଼ର ବିଭିନ୍ନ ସ୍ଥାନରେ ଏବଂ ଅମ୍ବାଭନା ଥାନାଞ୍ଚଳରେ ଚଢ଼ଉ କରି ମୋଟ ୩୧ଟି ମୋଟର ସାଇକେଲ ଜବତ କରିବା ସହ ୮ ଜଣ ଅଭିଯୁକ୍ତଙ୍କୁ ଝାରବନ୍ଧ ପୁଲିସ ଗିରଫ କରିଛି। ଅଭିଯୁକ୍ତ ମାନେ ସାରଙ୍ଗଗଡ଼ ଜିଲ୍ଲା ବରମକେଲାର ମନୀଷ ଶ୍ରୀନିବାସ (୪୫), ମହାସମୁନ୍ଦ ଜିଲ୍ଲା ସାରାଇପାଲି ଥାନା ବେହେରାପାଲି ଗାଁର ମହେନ୍ଦ୍ର ବୈଷ୍ଣବ ଓରଫ ମହାରାଜ (୩୦), ସାରଙ୍ଗଗଡ଼ ଜିଲ୍ଲା ବରମକେଲାର ଡଭା ଗାଁର ଲୁକେଶ୍ୱର ପଟେଲ(୩୪), ପାଇକମାଳ ଥାନା ଝିଟିକି ଗାଁର ପ୍ରଦୀପ ଭୋଇ (୩୨) ଓ ମାୟାରାମ ସୋନି(୩୨), ଅମ୍ବାଭନା ଥାନା ଚିରୋଲୀର ଜଗଦୀଶ ଡୁଙ୍ଗୁରି (୨୯) ଓ ରବୀନ୍ଦ୍ର ସୁନା (୨୩) ଏବଂ ସାନଦର୍ଲିପାଲି ଗାଁର ମନୋହର ସୁନା ବୋଲି ଜଣା ପଡ଼ିଛି। ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବରଗଡ଼ ଆରକ୍ଷୀ ଅଧୀକ୍ଷକ ଶ୍ରୀ ମୀନା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଓଡ଼ିଶା ଓ ଛତିଶଗଡ଼ରେ ଡବଲ ଇଞ୍ଜିନ ସରକାର

# ଧାନ ବିକ୍ରି ପଞ୍ଜୀକରଣ ପାଇଁ ଛତିଶଗଡ଼ରେ ୪ ମାସ, ଓଡ଼ିଶାରେ ଗୋଟିଏ ମାସ

ବରଗଡ଼, ୨୫।୮ (ସମିସ): ଜୟ କିସାନ ଆନ୍ଦୋଳନର ଏକ ପ୍ରତିନିଧି ମଣ୍ଡଳୀ ଛତିଶଗଡ଼ର ଧାନ ବିକ୍ରି ପାଇଁ ପଞ୍ଜୀକରଣ ବ୍ୟବସ୍ଥା ବିଷୟରେ ଅନୁଧ୍ୟାନ କରିବା ପାଇଁ ବିଭିନ୍ନ ସୋସାଇଟି ବୁଲି ଚାଷୀ ଏବଂ ସମବାୟ ସମିତିର ଅଧିକାରୀ ମାନଙ୍କୁ ଭେଟିଛି। ଓଡ଼ିଶାରେ ଚାଷୀଙ୍କୁ ପଞ୍ଜୀକରଣ ପାଇଁ ସର୍ବାଧିକ ଗୋଟିଏ ମାସ ଦିଆଯାଇଥିବା ବେଳେ ଛତିଶଗଡ଼ରେ ଦୀର୍ଘ ୪ ମାସ ପାଇଁ ସେଠାକାର ସରକାରଙ୍କ ତରଫରୁ ନିର୍ଦ୍ଦେଶ ରହିଥିବା ଜଣାପଡ଼ିଛି। କିନ୍ତୁ ଓଡ଼ିଶାରେ ଧାନ ବିକ୍ରିର ବିକେନ୍ଦ୍ରୀକରଣ, କଟଣି ଛଟଣି ଓ ଦଲାଲ୍ ରାଜ ଚାଲିଥିବା ବେଳେ ପଞ୍ଜୀକରଣ ବ୍ୟବସ୍ଥା ମଧ୍ୟ ଅତି ଜଟିଳ କରିଛନ୍ତି ରାଜ୍ୟ ସରକାର। ଉଭୟ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ଚାଲିଥିବା ବେଳେ ଓଡ଼ିଶାର ଚାଷୀଙ୍କୁ କାହିଁକି ଏପରି ହନ୍ତସନ୍ତ କରାଯାଉଛି ବୋଲି ଜୟ କିସାନ ଆନ୍ଦୋଳନ ତରଫରୁ ପ୍ରଶ୍ନ କରାଯାଇଛି। ଯଦି ଏ ବିଷୟରେ ସରକାର କିମ୍ବା ବିଧାୟକ ଅବଗତ ନାହାନ୍ତି ତେବେ ସେମାନେ ଛତିଶଗଡ଼ ଯାଇ କିଛି ଶିକ୍ଷାଲାଭ କରନ୍ତୁ ବୋଲି ସଂଗଠନ ତରଫରୁ ଆହ୍ୱାନ ଦିଆଯାଇଛି।



ଜୟ କିସାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ ସାହୁ ଏବଂ ସାଧାରଣ ସମ୍ପାଦକ ହର ବଣିଆଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଛତିଶଗଡ଼ର ଚିବରାକୁଟା ଏବଂ ସାଗରପାଲି (ରୁଡ଼ା) ପ୍ରାଥମିକ କୃଷି ସମବାୟ ସମିତି ଯାଇ ଚାଷୀଙ୍କୁ ଏବଂ ଅଧିକାରୀମାନଙ୍କୁ ସେଠିକାର ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ଧାନ ବିକ୍ରି ପାଇଁ ଓଡ଼ିଶା ସରକାରଙ୍କ ନୂତନ ପଞ୍ଜୀକରଣ ନିର୍ଦ୍ଦେଶାବଳୀ ବ୍ୟବସ୍ଥାରେ ଚାଷୀ ହନ୍ତସନ୍ତ ହୋଇ ଆନ୍ଦୋଳନ ମୁହାଁ ହେଲା ପରେ ସ୍ୱଘୋଷଣାନାମାରେ ପଞ୍ଜୀକରଣ ହେଲା। ଏଥିସହିତ ସରକାର ସମୟସୀମାକୁ ମାତ୍ର ପାଞ୍ଚ ଦିନ ବୃଦ୍ଧି କଲେ। ସରଳ ପଞ୍ଜୀକରଣ ଏବଂ ସମୟ ସମୟସୀମା ବୃଦ୍ଧି ପରେ ସମସ୍ତ ପ୍ରାଥମିକ କୃଷି ସମବାୟ ସମିତିରେ ଚାଷୀଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ସର୍ଭର ସମସ୍ୟା କାରଣ ଚାଷୀଙ୍କୁ ଅନେକ୍ ଦିନ ସୋସାଇଟିକୁ ଦୌଡିବାକୁ ପଡୁଛି। କିନ୍ତୁ ଛତିଶଗଡ଼ରେ ସମ୍ପୂର୍ଣ୍ଣ ଓଲଟା ନିୟମ ରହିଛି। ସେଠି ସରକାର ଜିଲ୍ଲାପାଳମାନଙ୍କୁ ଚିଠି କରି ୪ ମାସ ପଞ୍ଜୀକରଣ କରିବାର ବ୍ୟବସ୍ଥା କରିଛନ୍ତି। ଚାଷୀ ମନଇଚ୍ଛା କାମଧନ୍ଦା କରି ଖାଲି ସମୟରେ ପଞ୍ଜୀକରଣ କରାଉଛନ୍ତି। ସେଠି ଚାଷୀର କେବଳ ଆଧାର କାର୍ଡ ଏବଂ ନୋମିନି ଭାବେ ଆଉ ଜଣକର ଆଧାର କାର୍ଡ ଦେଲେ ପଞ୍ଜୀକରଣ ହୋଇଯାଉଛି। ଯଦି ସମ୍ପୃକ୍ତ ଚାଷୀ କୌଣସି କାରଣରୁ ଧାନ ବିକ୍ରି ପାଇଁ ଆସି ପାରିବେ ନାହିଁ ତେବେ ସେ ଦେଇଥିବା ନୋମିନି ଧାନ ବିକ୍ରି କରିପାରିବେ। ସେଠାରେ ଚାଷୀଙ୍କୁ ଏତେଗୁଡିଏ ସୁବିଧା ଦିଆଯାଉଥିବା ବେଳେ ଓଡ଼ିଶାରେ ଏତେ କଟକଣା କାହିଁକି ବୋଲି ସଂଗଠନ ତରଫରୁ ପ୍ରଶ୍ନ କରାଯାଇଛି। ଆଗାମୀ ଦିନରେ ପଞ୍ଜୀକରଣ ଓ ଧାନ ବିକ୍ରି ବ୍ୟବସ୍ଥା ଛତିଶଗଡ଼ ଭଳି କରିବାକୁ ସଂଗଠନ ପକ୍ଷରୁ ଦାବି ହୋଇଛି। ଏହି ପ୍ରତିନିଧି ମଣ୍ଡଳୀରେ ଉମେଶ ସାହୁ ଏବଂ ସୋଭାକର ସାହୁ ପ୍ରମୁଖ ଛତିଶଗଡ଼ ଯାଇଥିଲେ। ଓଡ଼ିଶା ସରକାର ଚାଷୀଙ୍କ ସମସ୍ତ ସମସ୍ୟାର ତୁରନ୍ତ ସମାଧାନ ନ କରନ୍ତି ତା ହେଲେ ଆଗାମୀ ଦିନରେ ଏକ ଜୋରଦାର ଚାଷୀ ଆନ୍ଦୋଳନ ହେବ ବୋଲି ଜୟ କିସାନ ଆନ୍ଦୋଳନର ସାଧାରଣ ସମ୍ପାଦକ ହର ବଣିଆ କହିଛନ୍ତି।

# ୮୦ ବର୍ଷିୟ ବୃଦ୍ଧା ଭତ୍ତା ପାଇବାରୁ ବଞ୍ଚିତ



ଦହିତା, ୨୫।୮ (ସମିସ): ସରକାର ଗରିବମାନଙ୍କ ସହାୟତା ପାଇଁ ଅନେକ ଯୋଜନା କରୁଛନ୍ତି। କିନ୍ତୁ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଁଚିବା ବେଳକୁ ତାହା ବାଟବଣା ହେଉଛି। ଏପରି ଘଟଣା ବରଗଡ଼ ଜିଲ୍ଲା ରାଜବୋଡାସମ୍ବର ବ୍ଲକ ଦହିଗାଁ ପଞ୍ଚାୟତ ବ୍ରାହ୍ମଣଡିହିର ବିଧବା ବୃଦ୍ଧା ଡୁଗ ତମଲିଆଙ୍କର ଠାରେ ଦେଖିବାକୁ ମିଳିଛି। ଡୁଗ ତମଲିଆଙ୍କୁ ୮୦ ବର୍ଷ ହୋଇଛି। ତଥାପି ସେ ବାର୍ଦ୍ଧକ୍ୟ ଭତ୍ତା କିମ୍ବା ବିଧବା ଭତ୍ତାରୁ ବଞ୍ଚିତ ରହିଛନ୍ତି। ତାଙ୍କ ସ୍ୱାମୀ ଖେପା ତମଲିଆଙ୍କ ପରଲୋକ ହୋଇଯାଇଛି। ୱାର୍ଡ ସଭ୍ୟ ଠାରୁ ସମସ୍ତ ବଡ ବଡ ପଦାଧିକାରୀଙ୍କୁ ଗୁହାରୀ କରି ନୟାନ୍ତ ହୋଇ ସାରିଲେଣି ହେଲେ କିଛି ସୁଫଳ ପାଇ ନାହାନ୍ତି। ପର ଘରେ ଆଶ୍ରୟ ନେଇ ଜୀବନ ବିତାଉଛନ୍ତି। ଦି'ଓଳି ଖାଇବାକୁ ହେଲେ ପର ଉପରେ ନିର୍ଭର କରି ହାତ ପତେଇବାକୁ ପଡୁଛି। ଅସହାୟ ବୃଦ୍ଧାଙ୍କୁ ଭତ୍ତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

# ସାର ସଙ୍କଟର ସମାଧାନ ପାଇଁ ତହସିଲଦାରଙ୍କୁ ଦାବିପତ୍ର

ବରଗଡ଼, ୨୫।୮ (ସମିସ): ରାଜ୍ୟକୁ ଆବଶ୍ୟକ ମୁତାବକ ଠାରୁ ଅଧିକ ୟୁରିଆ ସାର ଆସିଥିବା ରାଜ୍ୟ ସରକାର ଦାବି କରୁଥିବା ବେଳେ ପ୍ରାୟ ସମସ୍ତ ଜିଲ୍ଲାରେ ସାରର ଅଭାବରୁ ଧାରଣା ଜାରି ରହିଛି। ବରଗଡ଼ ଜିଲ୍ଲାରେ ଅଧିକାଂଶ ଅଞ୍ଚଳରେ ୟୁରିୟା ସାର ଚଢ଼ା ଦରରେ ୬୦୦/୭୦୦ ଟଙ୍କା ରହିଥିବା ବେଳେ ସେତକ ମଧ୍ୟ ମିଳୁନାହିଁ। ଏବେ ପୋଟାସ ସାରର ମଧ୍ୟ ଅଭାବ ଦେଖା ଦେଲାଣି। ଏହିପରି ଘଡିସନ୍ଧି ମୁହୂର୍ତ୍ତରେ ଧାନ କାର୍ଡ ପଞ୍ଜୀକରଣ ପାଇଁ ଚାଷୀ ଅଫିସ ଅଫିସ ଧାଉଁ ଥିବା ବେଳେ ସାର ସଙ୍କଟ ଆହୁରୀ ଚିନ୍ତାର କାରଣ ହୋଇଛି। ଆଜି ସଂଯୁକ୍ତ କୃଷକ ସଂଗଠନ ବରପାଲି ଶାଖା ତରଫରୁ ସଭାପତି କାରଣ ସାହୁଙ୍କ ନେତୃତ୍ୱରେ ତହସିଲଦାର ରୁକ୍ମଣ ମେହେରଙ୍କୁ ସାର କଳାବଜାର ବନ୍ଦ କରିବା ଏବଂ ସରକାରୀ ମୂଲ୍ୟରେ ସୋସାଇଟି ଜରିଆରେ ଯୋଗାଇ ଦେବା ପାଇଁ ଲିଖିତ ଅନୁରୋଧ କରିଛନ୍ତି। ବରପାଲି ବ୍ଲକ ହୀରାକୁଦ କମାଣ୍ଡ ଅଞ୍ଚଳ ଭାବେ ପରିଚିତ ଅଟେ। ଏଣୁ ମାତ୍ରାଧିକ ସାର ଦରକାର ଥିବା ବେଳେ ବ୍ଲକର ବିଭିନ୍ନ ଡିଲର ମାନଙ୍କ ଠାରେ ୬୦୦/୭୦୦ ଟଙ୍କାରେ ୟୁରିୟା ସାର ବିକ୍ରି ହେଉଛି। ତହସିଲଦାର ନୂଆଁଖାଇ ପୂର୍ବରୁ ଆବଶ୍ୟକ ମୁତାବକ ସମସ୍ତ ସାର ଯୋଗାଇ ଦେବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ସମ୍ପାଦକ ତପନ ମିଶ୍ର, ଆଇନ ପରାମର୍ଶଦାତା ମନୋଜ ପଟ୍ଟନାୟକ, ଯୋଗେଶ ବିଶି, ରାଧେଶ୍ୟାମ ନାଏକ, ଟେକରାଜ ପଧାନ, ଅଚ୍ୟୁତା ଦେହେରୀ, ଦିବାକର ପଧାନ, ଗୁଣନିଧି ପଧାନ, ନିର୍ମଳ ପଧାନ ଏବଂ ବିମଲ ସାହୁ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ।



# ପଞ୍ଚମ ନକ୍ଆଉଟ୍ ଫୁଟବଲ୍ ପ୍ରତିଯୋଗିତା: ୪ର୍ଥ ଦିନରେ କଦଳୀପାଲି ବିଜୟୀ

ବରପାଲି, ୨୫।୮ (ସମିସ): ବରପାଲି ବ୍ଲକ ଲେଣ୍ଡା କ୍ରୀଡା ସଂସଦ ପକ୍ଷରୁ ଆୟୋଜିତ ପଞ୍ଚମ ନକ୍ଆଉଟ୍ ଫୁଟବଲ୍ ପ୍ରତିଯୋଗିତାର ଚତୁର୍ଥ ଦିନରେ କଦଳୀପାଲି ଦଳ ଏକ ଗୋଲରେ ଅଗ୍ରଣୀ ହୋଇଛି।



ସୋମବାର କଦଳୀପାଲି ଓ କାଇଁସିର ଦଳ ମଧ୍ୟରେ ଖେଳ ହୋଇଥିଲା। ପରିଣାମ ଅମିମାଂସିତ ହେବାରୁ ଟାଇବ୍ରେକର ଜରିଆରେ କଦଳୀପାଲି ଦଳ ୬-୫ ଗୋଲରେ ବିଜୟ ଲାଭ କରିଥିଲା। ଏହି ଅବସରରେ ଜାତୀୟ ସ୍ତରୀୟ ପୂର୍ବତନ ଫୁଟବଲ୍ ଖେଳାଳି ରାଜ ଆଗଲପୁର ଗାଁର ସାଲେଗାଁ ମାଝୀ ଓ ଫୁଲାପାଲି ଗାଁର ପୂର୍ବତନ ଫୁଟବଲ୍ ଖେଳାଳି ଯାଦବ ଭୋଇଙ୍କୁ ଲେଣ୍ଡା ଗାଁବାସୀ ତଥା କ୍ରୀଡା ସଂସଦ ତରଫରୁ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବରଗଡ଼ ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ସାଧୁ ନେପାକ, ସମ୍ମାନିତ ଅତିଥି ଭାବେ କୁସନପୁରୀ ଗାଁ ପଞ୍ଚାୟତ ସରପଞ୍ଚ ସୁରେଶ୍ୱରୀ ପଧାନ ଯୋଗ ଦେଇଥିଲେ। ସୌଭାଗ୍ୟରଞ୍ଜନ ବିଶ୍ୱାଳଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଅଧିକାରୀ ଭାବେ ପ୍ରଶାନ୍ତ ବେହେରା, ଅନିଲ ଭୋଇ, ନରେଶ ପଧାନ, ଜିତେନ୍ଦ୍ରିୟ ବିଦ୍ୟାଧର, ମନୋଜ ସାହୁ, କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ବିପ୍ଳବ ବୁଧିଆ, କିରନ ପଧାନ ଓ ରାଧାକାନ୍ତ ନାଏକ ଖେଳ ପରିଚାଳନା କରିଥିଲେ।

# ପଞ୍ଚଭୂତରେ ଲୀନ ହେଲେ ଯବାନ ମିଳନ



ଝାରବନ୍ଧ, ୨୫।୮ (ସମିସ)

ଦେଶ ମାତୃକାର ସେବାରେ ଯାଇଥିବା ସିଆରପିଏଫ ଯବାନ ମିଳନ ସେଠ (୩୫) ପଞ୍ଚଭୂତରେ ଲୀନ ହୋଇଛନ୍ତି। ଗାର୍ଡ ଅଫ୍ ଅନର ସମ୍ମାନ ପ୍ରଦାନ ପୂର୍ବକ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଚଣ୍ଡୀଭଟା ପଞ୍ଚାୟତର ମହଗାଁ ନିବାସୀ ଯୁଧିଷ୍ଠିର ସେଠ ଏବଂ ଇନ୍ଦ୍ରା ସେଠଙ୍କ ସୁପୁତ୍ର ମିଳନ ସେଠ ୨୦୧୪ ସିଆରପିଏଫରେ ଯୋଗ ଦେଇଥିଲେ। ଚଳିତ ଅଗଷ୍ଟ ୨୩ ତାରିଖ ମଣିପୁର ଏସପି ଅଫିସରେ କାର୍ଯ୍ୟରତ ଥିବା ବେଳେ ତାଙ୍କ ଦେହ ଅସୁସ୍ଥ ହୋଇପଡ଼ିଥିଲା। ପାଖରେ ଥିବା ଡାକ୍ତରଖାନାରେ ଚିକିତ୍ସା କରାଯାଇ ଥିଲେ ହେଁ ଆଇସିୟୁ ବ୍ୟବସ୍ଥା ଉପଲବ୍ଧ ନ ହେବାରୁ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାକୁ ପଡ଼ିଥିଲା। ହେଲେ ଡାକ୍ତରଖାନା ନେବା ବାଟରେ ହିଁ ତାଙ୍କ ଅବସ୍ଥା ଅଧିକ ଗରୁତର ହେବା ସହ ଜୀବନ ଚାଲି ଯାଇଥିଲା। ସୋମବାର ଯବାନ ମିଳନଙ୍କ ମରଶରୀର ନିଜ ଜନ୍ମମାଟି ମହଗାଁରେ ପହଞ୍ଚିଥିଲା। ଏହାକୁ ନେଇ ସାରା ଝାରବନ୍ଧ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ମରଶରୀରକୁ ବିରାଟ ଶୋକ ଶୋଭାଯାତ୍ରାରେ ଗ୍ରାମବାସୀ ନେଇ ତାଙ୍କ ବାସ ଭବନରେ ପହଞ୍ଚିଥିଲେ। ପରିବାର ବର୍ଗଙ୍କ ଦୁଃଖରେ ଗାଁ ମ୍ରିୟମାଣ ହୋଇ ପଡ଼ିଛି। ସେ ତାଙ୍କ ପଛରେ ସ୍ତ୍ରୀ କଳ୍ପନା ସେଠ ତଥା ଚଣ୍ଡୀଭଟା ପଞ୍ଚାୟତ ସରପଞ୍ଚ, ପୁଅ କମଲେସ ସେଠ (୧୧), ଝିଅ ପୂର୍ବୀ ସେଠ(୬), ମାଆ ଇନ୍ଦ୍ରା ସେଠ, ପିତା ଯୁଧିଷ୍ଠିର ସେଠଙ୍କୁ ଛାଡି ଯାଇଛନ୍ତି। ସରକାରୀ ନୀତି ନିୟମ ଅନୁସାରେ ସମସ୍ତ କାର୍ଯ୍ୟକ୍ରମ ସମାପନ ପରେ ପୁଅ କମଲେସ ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟ ସମୟରେ ସିଆରପିଏଫ ସେକେଣ୍ଡ କାମାଣ୍ଡାଣ୍ଟ ଏମକେ ବିଶ୍ୱାସ, ଡିଏସ୍‌ପି ତରୁଣ ଶୁକ୍ଲା, ସିଆରପିଏଫ ସବ ଇନିସ୍‌ପେକ୍ଟର ସଞ୍ଜୟ ତ୍ରିପାଠୀ, ସିଆରପିଏଫ ଅଧିକାରୀ ଏମକେ ଶୁକ୍ଲା, ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା, ଜଗଦଳପୁର ଥାନା ଏଏସଆଇ ଶାନ୍ତନୁ ନାୟକଙ୍କ ସହିତ ନନ୍ଦଲାଲ ମହାପାତ୍ର, ନରେନ୍ଦ୍ର ପ୍ରଧାନ, ଜବାହଲାଲ ସିଂ ବରିହା, ଅରୁଣ ପ୍ରଧାନ, ଜୟନ୍ତ ଦୁଧେକା ପ୍ରମୁଖ ଶେଷ ଦର୍ଶନ କରିଥିଲେ। ସିଆରପିଏଫ କର୍ମଚାରୀ, ପଞ୍ଚାୟତ କର୍ମଚାରୀ, ପୁଲିସ କର୍ମଚାରୀଙ୍କ ସହ ଝାରବନ୍ଧ ବ୍ଲକ ଅଞ୍ଚଳର ହଜାର ହଜାର ଜନସାଧାରଣ ସାମିଲ ଥିଲେ।

## ● ମହଗାଁରେ ଶୋକର ଛାୟା



ଜନ୍ମମାଟିକୁ ମିଳନଙ୍କ ମରଶରୀର ପହଞ୍ଚିବା ପରେ ଗାଁର ସମସ୍ତେ ଶେଷ ଦର୍ଶନ କରି ଫୁଲ ଅର୍ପଣ କରିଥିଲେ। ପୁରା ଗାଁ ଯବାନ ମିଳନ ସେଠ ଅମର ରହେ, ଭାରତ ମାତା କି ଜୟ ନାରାରେ ପ୍ରକମ୍ପିତ ହୋଇଥିଲା। ମିଳନଙ୍କ ଶରୀରକୁ ପରିବାର ବର୍ଗ ସହିତ ସିଆରପିଏଫର ଅଧିକାରୀ ତଥା ଯବାନ ମାନେ କାନ୍ଧରେ ଶ୍ମଶାନକୁ ନେଇଥିଲେ। ଏହି ସମୟରେ ଅଧିକାରୀ ମାନଙ୍କର ଅଶ୍ରୁଳ ଆଖି ପରିବେଶକୁ ଅଧିକ ଶୋକାକୂଳ କରିଥିଲା।

## ● ଭାଙ୍ଗି ପଡ଼ିଛି ପରିବାର

ଯବାନ ମିଳନଙ୍କୁ ହରାଇ ତାଙ୍କ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ୧୧ ବର୍ଷର ପୁଅ ଏବଂ ୬ ବର୍ଷର ଝିଅକୁ ମଣିଷ କରିବା ପୂର୍ବରୁ ଆରପାରିକୁ ଚାଲି ଯାଇଚନ୍ତି ମିଳନ। ସିଆରପିଏଫ ତରଫରୁ ଶେଷକୃତ୍ୟ ସମ୍ପନ୍ନ ପାଇଁ ୭୫ ହଜାର ଟଙ୍କା ପ୍ରଦାନ କରାଯାଇ ଥିବା ବେଳେ ଅଧିକାରୀ ସିଆରପିଏଫ ବିଭାଗର ନୀତି ନିୟମ ଅନୁସାରେ ସମସ୍ତ ସୁବିଧା ଯୋଗେଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ମିଳନଙ୍କ ଦେହାନ୍ତ ଆମ ପାଇଁ ତଥା ପରିବାର ପାଇଁ ଅପୂରଣୀୟ କ୍ଷତି ଅଟେ। ପୁଅ ଝିଅଙ୍କୁ ଭଲ ପାଠ ପଢ଼ନ୍ତୁ, ୧୮ ବର୍ଷ ପରେ ଚାକିରି ଦିଆଯିବ ବୋଲି ବିଭାଗ ତରଫରୁ କୁହାଯାଇଥିଲା।



୧୧ ବର୍ଷର ପୁଅ କମଲେସ ଗ୍ରହଣ କଲେ ଜାତୀୟ ପତାକା



ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା

## ● ଏକ ଟଙ୍କିଆ ସଙ୍ଗୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ସାମାଜିକ ସ୍ୱଚ୍ଛତା ଲାଗି ସାଂସ୍କୃତିକ ଜାଗରଣ ଅନିବାର୍ଯ୍ୟ



ପଦ୍ମପୁର, ୨୫।୮ (ସମିସ): ତାଳ, ସ୍ୱର, ଧ୍ୱନୀ ଆଦି ଜୀବଜଗତର ଅନ୍ତଃ ହୃଦୟରେ ପ୍ରଭାବ ପକାଇଥାଏ। ତେଣୁ ମାନସିକ ସ୍ୱାସ୍ଥ୍ୟ ସଜାଡିବା ପାଇଁ ସାଂସ୍କୃତିକ ଜାଗରଣର ଯଥେଷ୍ଟ ଆବଶ୍ୟକତା ରହିଛି। ଏହା ଫଳରେ ସାମାଜିକ ସ୍ୱଚ୍ଛତା ତିଆରି ହୋଇ ପାରିବ ବୋଲି ବରଗଡ଼ ଜିଲ୍ଲା ପଦ୍ମପୁର ଏକ ଟଙ୍କିଆ ସଙ୍ଗୀତ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକୋତ୍ସବରେ ମତ ପ୍ରକାଶ ପାଇଛି। ରାଜାଜୀ ଟାଉନ ହଲ ଠାରେ ଅନୁଷ୍ଠିତ ଏହି ଉତ୍ସବର ପ୍ରାରମ୍ଭରେ ନାଟ୍ୟକାର କେଶରଞ୍ଜନ ପ୍ରଧାନଙ୍କ ପୌରୋହିତ୍ୟରେ ଉଦ୍‌ଘାଟନୀ ଉତ୍ସବ ଓ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ସଂସ୍କୃତି ଗବେଷକ ସାଲେଗାଁ ହୋତା, ଐତିହାସିକ ଡ.ଭକ୍ତପୁରନ ସାହୁ, ସାହିତ୍ୟ ଗବେଷକ ଉତ୍ପନ୍ନ ଭୋଇ, ନାଟ୍ୟକାର ଅଶୋକ ବହିଦାର ପ୍ରମୁଖ ଆଲୋଚକମାନେ ବିଲୁପ୍ତ ଲୋକକଳା ଶୀର୍ଷକରେ ଆଲୋଚନା କରିଥିଲେ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ଟଙ୍କିକିଆ ସଙ୍ଗୀତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସନ୍ଧ୍ୟାରେ ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସ୍ୱତନ୍ତ୍ର ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଅନ୍ୟତମ ସ୍ୱତନ୍ତ୍ର ଅତିଥି ପଦ୍ମଶ୍ରୀ ହଳଧର ନାଗ, ସମ୍ମାନିତ ଅତିଥି ଯୁବନେତା ପ୍ରିତେଶ ବହିଦାର, ସାହିତ୍ୟିକ ଅଶୋକ ପୁଜାହାରୀ, ବିଦ୍ୟାଳୟ ପରିଚାଳକ ମଞ୍ଜୁଳା ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଥିଲେ। ଏକ ଟଙ୍କିଆ ସଙ୍ଗୀତ ବିଦ୍ୟାଳୟର ନିଆରା ପରିକଳ୍ପନା ପାଇଁ ସଙ୍ଗୀତ ଗୁରୁ ସୁରେନ୍ଦ୍ର ସାହୁଙ୍କ ପରିକଳ୍ପନାକୁ ଅତିଥିବୃନ୍ଦ ପ୍ରଶଂସା କରିଥିଲେ। ଏହି ଅବସରରେ ମୁହୁରିଆ ଭିକାରୀ ସୁନାଙ୍କୁ ବୋଡାସମ୍ବର କଳା ସମ୍ମାନ, କଳାକାର ଜାଗୃତି ରଥଙ୍କୁ ସାଂସ୍କୃତିକ ସମ୍ମାନ, ୧୧ ଜଣ ଫେଲୋସିପ୍ ଓ ଛାତ୍ର ବୃତ୍ତି ପାଇଥିବା କଳାକାର, ବିଭିନ୍ନ ପ୍ରତିଯୋଗିତାର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ.ଭକ୍ତପୁରନ ସାହୁଙ୍କ 'ବୋଡାସମ୍ବର ଇତିହାସ'ର ତୃତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ରମେଶ ଗୁର୍ଲ୍ଲା ଓ ସୋମେଶ ମହାନ୍ତି ମାନପତ୍ର ପାଠ କରିଥିବା ବେଳେ ଗଣେଶ ମେହେର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନାଟ୍ୟକାର ରାଜ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ବିଦ୍ୟାଳୟର ସଂସ୍ଥାପକ ସୁରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମ୍ବାଦିକଙ୍କ ପରଲୋକ

ସେମିଳିଗୁଡ଼ା/ସୁନାବେଡା,୨୫।୮ (ସମିସ): ସୁନାବେଡା ଅଞ୍ଚଳର ଜଣାଶୁଣା ସାମ୍ବାଦିକ କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କର ଗତକାଲି ଭୁବନେଶ୍ୱରରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ସ୍ୱାଇଁ ଓଡ଼ିଶାର ବିଭିନ୍ନ



ଦୈନିକ ଖବରକାଗଜରେ ସାମ୍ବାଦିକ ଭାବେ କାର୍ଯ୍ୟ କରିଛନ୍ତି। ସେ ସେମିଲିଗୁଡା ପ୍ରେସ କ୍ଲବ୍‌ର କୋଷାଧ୍ୟକ୍ଷ ଭାବେ ଅନେକ ଗଠନ ମୂଳକ କାର୍ଯ୍ୟ କରିଛନ୍ତି। ସେ ଜଣେ ସୁସଂଗଠକ ଓ ପରୋପକାରୀ ବ୍ୟକ୍ତି ଥିଲେ। ମଧୁମେହ ରୋଗରେ ପୀଡିତ ହୋଇ ତାଙ୍କର ଦୁଇ କିଡ଼ନୀ ଫେଲ୍ ହେତୁ ମୃତ୍ୟୁ ଘଟିଥିବା ଜଣାଯାଇଛି। ଶ୍ରୀ ସ୍ୱାଇଁଙ୍କର ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ କରାଯାଇଛି।

## ରଥ ଭଙ୍ଗାଯିବା ପରେ ବିଦ୍ୟୁତ୍ ଖୁଣ୍ଟ ମରାମତି!

ନନ୍ଦପୁର, ୨୫।୮ (ସମିସ): ରଥ ଭଙ୍ଗା ଯାଇନଥିବାରୁ ଭଙ୍ଗା ବିଦ୍ୟୁତ୍ ଖୁଣ୍ଟର ମରାମତି କରାଯାଇ ପାରୁନାହିଁ ବୋଲି ନନ୍ଦପୁର ବିଦ୍ୟୁତ୍ କର୍ମଚାରୀ ଚନ୍ଦନ ପଟ୍ଟନାୟକ କହିଛନ୍ତି। ଦେବୋତ୍ତର କମିଟି ସଦସ୍ୟ ଶ୍ରୀ ବେବର୍ତ୍ତା କହିଛନ୍ତି ଗତ ସପ୍ତାହରେ ରଥ ଭଙ୍ଗା ହେବାର ଥିଲା। ହେଲେ ଲଗାଣ ବର୍ଷା ଯୋଗୁଁ ରଥ ଭଙ୍ଗା କାର୍ଯ୍ୟ ହୋଇ ପାରିନାହିଁ। ଗଣେଶ ପୂଜା ରହିଥିବାରୁ ପୂଜା ଶେଷ ପରେ ଏ ନେଇ ପଦକ୍ଷେପ ନିଆଯିବ। ବିଦ୍ୟୁତ୍ ବିଭାଗ ପକ୍ଷରୁ ପ୍ରଥମରୁ ରଥ ପରିଚାଳନା ମାର୍ଗଦର୍ଶକ କମିଟିକୁ ଜଣାଇବା ପରେ ମଧ୍ୟ କିଛି ପଦକ୍ଷେପ ନେଇ ନଥିବାରୁ ଭଙ୍ଗା ବିଦ୍ୟୁତ୍ ଖୁଣ୍ଟରେ ମଧ୍ୟ ଉପଭୋକ୍ତାଙ୍କ ସୁବିଧା ପାଇଁ ବିଦ୍ୟୁତ୍ ସଂଯୋଗ କରାଯାଇଛି ବୋଲି କହିଛନ୍ତି। ହଜାର ଘର ଘର ଅନ୍ଧାରରେ ନ ରଖିବା ପାଇଁ ସେ ଦୃଷ୍ଟିରୁ ବିଦ୍ୟୁତ୍ ସରବରାହ ଚାଲୁ କରାଯାଇଛି ବୋଲି କୁହାଯାଇଛି।

### ସାରର କଳାବଜାରୀ

# ଆଜି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ



ଜୟପୁର,୨୫।୮ (ସମିସ): କୋରାପୁଟ ଜିଲ୍ଲାରେ ଖରିଫ ଧାନଚାଷ କାର୍ଯ୍ୟ ଜୋରଦାର ଚାଲୁରହିଥିବା ବେଳେ ସାରର ଘୋର ଅଭାବ ଯୋଗୁଁ ଚାଷୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ସାରର କଳାବଜାରୀ କରାଯାଇ ଚଢ଼ାଦରରେ ବିକ୍ରି କରାଯାଉଛି। ତେଣୁ ଏହାକୁ ବିରୋଧ କରାଯାଇ ବିଜୁ ଜନତା ଦଳ ଏବଂ ଜୟପୁର ଉପଖଣ୍ଡର ୫ଟି ବ୍ଲକର ଚାଷୀ ମାନେ ମିଳିତ ଭାବେ ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବେ। ଏହି ଘେରାଉରେ କୃଷକ କଲ୍ୟାଣ ମଞ୍ଚ ସାମିଲ ହେବାକୁ ଘୋଷଣା କରିଛି। ଆଜି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ରାଜ୍ୟ ଉପସଭାପତି ରବିନାରାୟଣ ନନ୍ଦଙ୍କ ଆହ୍ୱାନ କ୍ରମେ ଜୟପୁର ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଜିଲ୍ଲାରେ ଧାନ ଚାଷ ଜୋରଦାର ହୋଇଥିବା ବେଳେ ରାଜ୍ୟ ସରକାର ଚାଷୀ ମାନଙ୍କୁ ଆବଶ୍ୟକ ସାର ଯୋଗାଇବାରେ ବିଫଳ ହୋଇଛନ୍ତି। ତେଣୁ ଚାଷୀ ମାନେ ହଇରାଣ ହେଉଛନ୍ତି। ଏହିପରି ଜାଣିଶୁଣି ସାରର କଳାବଜାରୀ କରିବା ନେଇ ସୁଯୋଗ ଦିଆଯାଉଛି ବୋଲି ବିଜେଡି ଉପସଭାପତି ଶ୍ରୀ ନନ୍ଦ ଅଭିଯୋଗ କରିଛନ୍ତି। ଏହିପରି ଜଣକ ପିଛା ଦୁଇ ପ୍ୟାକେଟ (୯୦ କିଲୋଗ୍ରାମ) ୟୁରିଆ ପ୍ରଦାନ କରାଯାଉଛି। ଫଳରେ ଯେଉଁ ଚାଷୀ ମାନଙ୍କ ଅଧିକ ଜମି ରହିଛି। ଉକ୍ତ ଜମି ଚାଷ ପାଇଁ ଆବଶ୍ୟକ ସାର ପ୍ରଦାନ କରାଯାଉନଥିବା ଯୋଗୁଁ ସମସ୍ୟା ସୃଷ୍ଟି ହେଉଛି। ତେଣୁ ତୁରନ୍ତ ଚାଷୀ ମାନଙ୍କୁ ଆବଶ୍ୟକ ସାର ଅନୁଯାୟୀ ୟୁରିଆ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି। ଏହିପରି କୋଟପାଡ ଘୁମର ଅଞ୍ଚଳରେ ପଟାସ କହି ନଦୀ ବାଲିକୁ ରଙ୍ଗ ଦିଆଯାଇ ବିକ୍ରି କରାଯାଇଥିବା ନେଇ ବିଜେଡି ନେତା ଶ୍ରୀ ନନ୍ଦ ଅଭିଯୋଗ କରିଛନ୍ତି।। ତେଣୁ କଳାବଜାରୀ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଛି। ପ୍ରଶାସନ ଏବଂ କୃଷି ବିଭାଗ ସମ୍ପୂର୍ଣ୍ଣ ଭାବେ ନିଷ୍କ୍ରିୟ ହୋଇଯାଇଥିବା ଯୋଗୁଁ କଳାବଜାରୀ ବ୍ୟାପକ ହେଉଛି। କିନ୍ତୁ ପ୍ରଶାସନ ଏବଂ କୃଷି ବିଭାଗ ପକ୍ଷରୁ କୌଣସି ଚଢ଼ଉ କିମ୍ବା ଯାଞ୍ଚ କରାଯାଉନାହିଁ ବୋଲି ଅଭିଯୋଗ କରିଛନ୍ତି। ତେଣୁ ଆସନ୍ତା କାଲି ପୂର୍ବାହ୍ନରେ ୧୦ ଟାରେ ଜୟପୁର, କୋଟପାଡ, କୁନ୍ଦୁରା, ବୋରିଗୁମ୍ମା, ବୈପରୀଗୁଡା ଅଞ୍ଚଳର ଶତାଧିକ ଚାଷୀ ଦଶହରା ପଡିଆ ଠାରେ ଜମା ହେବା ପରେ ସେଠାରୁ ଏକ ଶୋଭାଯାତ୍ରାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ବିଜେଡିର ଆହ୍ୱାନରେ ଏହି ଆନ୍ଦୋଳନରେ ସାମିଲ ହୋଇ ଜିଲ୍ଲା କୃଷି ଅଧିକାରୀ ସାମିଲ ହେବେ ବୋଲି ଘୋଷଣା କରାଯାଇଛି। ସେହିପରି ତୁରନ୍ତ କଳାବଜରୀକୁ ନିୟନ୍ତ୍ରଣ ଏବଂ ଚାଷୀଙ୍କୁ ଆବଶ୍ୟକ ସାର ନ ଯୋଗାଇଲେ ଆଗାମୀ ଦିନରେ ଏକ ବଡ଼ ଆନ୍ଦୋଳନ ଅନୁଷ୍ଠିତ ହେବ ବୋଲି ଚେତାବନୀ ଦିଆଯାଇଛି। ଏହି ଅବସରରେ ଜିଲ୍ଲା କୃଷକ କଲ୍ୟାଣ ମଞ୍ଚର ସମ୍ପାଦକ ନରେନ୍ଦ୍ର ପ୍ରଧାନ ଉପସ୍ଥିତ ରହିବା ସହ ଏହି ଘେରାଉରେ କଲ୍ୟାଣ ମଞ୍ଚ ସମର୍ଥନ ଜଣାଇବା ସହ ଘରାଉରେ ସାମିଲ ହେବ ବୋଲି ଘୋଷଣା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ବାଲା ରାୟ, ଦୁର୍ଗା ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ସୂଚନା ଯୋଗ୍ୟ, ଚଳିତ ବର୍ଷ ଖରିଫ ଧାନ ଚାଷ ପାଇଁ କୃଷି ବିଭାଗ ପକ୍ଷରୁ ୟୁରିଆ ୧୮ ହଜାର ମାଟ୍ରିକ୍ ଟନ୍ , ଏସଏସପି ୩୦୦ ମାଟ୍ରିକ୍ ଟନ୍, ଡିଏସପି ୧୧ ହଜାର ମାଟ୍ରିକ୍ ଟନ୍ , ଏମଓପି ୪ ହଜାର ମାଟ୍ରିକ୍ ଟନ୍ , କମ୍ପେକ୍ସସେସ ୧୦ହଜାର ୫ଶହ ମାଟ୍ରିକ୍ ଟନ୍‌କୁ ମିଶାଇ ସମୁଦାୟ ୪୩ ହଜାର ୮ଶହ ମାଟ୍ରିକ୍ ଟନ୍ ଆବଶ୍ୟକ ନେଇ କୃଷି ବିଭାଗ ପକ୍ଷରୁ ଏକ ଆକଳନ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଛି। ଗତ ବର୍ଷ ଖରୀଫ ଋତୁରେ ୧୮ ହଜାର ମାଟ୍ରିକ୍ ଟନ୍ ନେଇ ଆକଳନ କରାଯାଇଥିବା ବେଳେ ୨୨ ହଜାର ୮୬୯. ୧୯ ମାଟ୍ରିକ୍ ଟନ୍ ଜିଲ୍ଲାରେ ଆବଶ୍ୟକତା ହୋଇଥିଲା।

## ସରସ୍ୱତୀ ଶିଶୁ ମନ୍ଦିରରେ ଠାରେ ସଂସ୍କୃତି ମହୋତ୍ସବ



ନବରଙ୍ଗପୁର,୨୫।୮ (ସମିସ): ନବରଙ୍ଗପୁର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଠାରେ ବିଭାଗ ଓ ସମ୍ଭାଗ ସ୍ତରୀୟ ସଂସ୍କୃତି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବର ମୁଖ୍ୟଅତିଥି ଭାବରେ ନବରଙ୍ଗପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ରାଧାନାଥ ବେହେରା ଯୋଗ ଦେଇଥିଲେ। ଏଠାରେ ଦକ୍ଷିଣ ସମ୍ଭାଗର କଳାହାଣ୍ଡି ଓ କୋରାପୁଟ ବିଭାଗର ୧୩ଟି ସଂକୁଳର ୧୬୫ ଜଣ ଅଂଶ ଗ୍ରହଣ କରିଥିଲେ। ଏହି ମହୋତ୍ସବ ପାଳନ ଅବସରରେ ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ, ଆଶୁଭାଷଣ ଓ ମୂର୍ତ୍ତିକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରିଚାଳନା ସଦସ୍ୟ ଭାବେ ସଭାପତି ଚନ୍ଦ୍ର କୁମାର ଆଚାର୍ଯ୍ୟ ଓ ସମ୍ପାଦକ ବଳରାମ ଛୁଆଳ ସିଂ ପ୍ରମୁଖ ଯୋଗଦେଇଥିବା ବେଳେ ଦକ୍ଷିଣ ସମ୍ଭାଗ ସହ ସଂଯୋଜକ ଶୁଶାନ୍ତି ପାଣିଗ୍ରାହୀ, କୋରାପୁଟ ବିଭାଗ ସହ ନିରୀକ୍ଷକ ବିଷ୍ଣୁ ଚରଣ ଦାସ ଏବଂ ଦକ୍ଷିଣ ସମ୍ଭାଗ ସଂସ୍କୃତି ବୋଧ ପାରିଯୋଜନା ପ୍ରମୁଖ ଆଶିଷ କୁମାର ରଥ ପରିଚାଳନା କରିଥିଲେ। ଏହି ଅବସରରେ ବିଚାରକ ମଣ୍ଡଳୀ ଭାବରେ, ବିଜୟ କୁମାର ମିଶ୍ର, ବିଜୟ କୁମାର ଚୌଧୁରୀ, ଶ୍ରୀଧର ଶତପଥ, ପର୍ଶୁରାମ ଶାହୁ, ବେନିଆ ଓ ରେଣୁକା ଆଚାର୍ଯ୍ୟ ନିରୀକ୍ଷଣ କରିଥିଲେ। ବିଜ୍ଞାନ ମେଳା ଶେଷରେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ବସ୍ତିଆ ଅତିଥି ପରିଚୟ ସହ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ଭାଗ୍ୟବତୀ ପାତ୍ର ସଭା ପରିଚାଳନା କରିଥିଲେ। ରାମଚନ୍ଦ୍ର ମହାନ୍ତି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଘୋଷଣା କରିଥିଲେ। ଚନ୍ଦ୍ର କୁମାର ଆଚାର୍ଯ୍ୟ ସଭାପତି କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସୁନାବେଡ଼ା ପୌର ପରିଷଦର ଶୋଭାଯାତ୍ରା, ଚାରାରୋପଣ

ସୁନାବେଡ଼ା,୨୫।୮ (ସମିସ): ସ୍ୱାୟତ୍ତ ଶାସନ ଦିବସ ପାଳନ ଏବଂ ବିଶ୍ୱ ପରିବେଶ ଦିବସ ଅବସରରେ ସୁନାବେଡ଼ା ପୌର ପରିଷଦ ପକ୍ଷରୁ ଶୋଭାଯାତ୍ରା ସହିତ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଶୋଭାଯାତ୍ରା ପୌରପରିଷଦ କାର୍ଯ୍ୟାଳୟରୁ ବାହାରି ପରିବେଶର ସୁରକ୍ଷା, ଚାରାରୋପଣର ଉପକାରିତା ଓ ମା' ପାଇଁ ଗଛଟିଏ ଆଦି ସ୍ଲୋଗାନ ଦେଇ ଗୋପବନ୍ଧୁ ବଜାର ବୁଲିବା ସହ ଚାରାରୋପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନାବେଡା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର, ଲକ୍ଷ୍ମୀଧର ମହାପାତ୍ର, ସମସ୍ତ ପାରିଷଦ ବୃନ୍ଦ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।




## ଜାତୀୟସ୍ତରରେ ସମ୍ମାନିତ ହେବେ କୋରାପୁଟର ଶିକ୍ଷକ

କୋରାପୁଟ,୨୫।୮ (ସମିସ): ଚଳିତ ବର୍ଷ କୋରାପୁଟ ଜିଲ୍ଲାରୁ ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ଜଣେ ମନୋନୀତ ହୋଇଛନ୍ତି। କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ତରୁଣ କୁମାର ଦାସ ଚଳିତ ବର୍ଷ ପାଇବେ ଜାତୀୟ ଶିକ୍ଷକ ସମ୍ମାନ। ଅନେକ ସମୟରେ ଅବିଭକ୍ତ କୋରାପୁଟ ଅନ୍ତର୍ଗତ ଚାରୋଟି ଜିଲ୍ଲାର ଶିକ୍ଷାକୁ ନେଇ ବିଭିନ୍ନ ସ୍ତରରେ ଆଲୋଚନା ହେଉଥିବା ବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାର ଶିକ୍ଷକମାନେ ଶିକ୍ଷା କ୍ଷେତ୍ରରେ ନୂଆ ପ୍ରୟାସ ପାଇଁ ଶିକ୍ଷା କ୍ଷେତ୍ରରେ ଦେଶର ସର୍ବୋଚ୍ଚ ସମ୍ମାନ ପାଇବା ନୂଆ ପରମ୍ପରା ସୃଷ୍ଟି କରିଛି। ଗତ ବର୍ଷ ରାୟଗଡା



ଜିଲ୍ଲାର ବିଲେଷୁ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁ ଓ କଳାହାଣ୍ଡି ଜିଲ୍ଲାର ସନ୍ତୋଷ କୁମାର କର ଏହି ସମ୍ମାନ ପାଇଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲାରେ ଶିକ୍ଷକ ମାନେ ଶିକ୍ଷାର ବିକାଶ ଲାଗି ନୂଆ ପରୀକ୍ଷା ନିରୀକ୍ଷା କରି ଦେଶର ଶିକ୍ଷାବିତ୍‌ଙ୍କ ମନ କିଣି ନେଉଛନ୍ତି। ଅତୀତରେ ଓମ ପ୍ରକାଶ ମିଶ୍ର, ପବିତ୍ର ମୋହନ ଦାଶ, ପ୍ରଦୀପ କୁମାର ମିଶ୍ର ଏହି ସମ୍ମାନ ହାସଲ କରିଛନ୍ତି। କ୍ରମାଗତ ଭାବେ ଅବିଭକ୍ତ ଜିଲ୍ଲାରୁ ଶିକ୍ଷକମାନେ ଜାତୀୟ ଶିକ୍ଷକ ସମ୍ମାନ ହାସଲ କରିବା ଶିକ୍ଷା ବ୍ୟବସ୍ଥା ପାଇଁ ନୂଆ ପରମ୍ପରା ସୃଷ୍ଟି କରିଛି। ରାଜ୍ୟ ସରକାର ଏସବୁ ଶିକ୍ଷକମାନଙ୍କ ଦକ୍ଷତାର ଭରପୁର ଉପଯୋଗ କରିବାର ସମୟ ଆସିଛି ବୋଲି ବହୁ ଶିକ୍ଷାବିତ୍ ମତ ପ୍ରକାଶ କରିଛନ୍ତି। ସେପ୍ଟେମ୍ବର ୫ ତାରିଖରେ ରାଷ୍ଟ୍ରପତି ଓଡ଼ିଶାର ଦୁଇ ଜଣ ଶିକ୍ଷକଙ୍କ ସମେତ ମୋଟ ୪୮ ଜଣଙ୍କୁ ମାନପତ୍ର, ମେଡେଲ ଓ ଉପଢୌକନ ଦେଇ ସମ୍ମାନିତ କରିବେ। ଏହା ଘୋଷଣା ହେବା ପରେ ଏହି ସମ୍ମାନ ଶିଶୁମାନଙ୍କ ପାଇଁ ଅଭିପ୍ରେତ ବୋଲି ନିଜ ପ୍ରତିକ୍ରିୟାରେ ତରୁଣ ଦାସ ପ୍ରକାଶ କରିଛନ୍ତି।

## ଗୁପ୍ତେଶ୍ୱର ପୀଠର ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲ୍ଲାପାଳ



ବୈପାରୀଗୁଡ଼ା,୨୫।୮ (ସମିସ): ଗୁପ୍ତେଶ୍ୱର ପୀଠ ପରିଦର୍ଶନ କଲେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ। ଦକ୍ଷିଣ ଓଡ଼ିଶା ପ୍ରସିଦ୍ଧ ତଥା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଗୁପ୍ତେଶ୍ୱର ପୀଠରେ କୋରାପୁଟ ଜିଲ୍ଲାପାଳ ପହଞ୍ଚି ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଛନ୍ତି। ଗୁପ୍ତେଶ୍ୱର ମନ୍ଦିରର ପାଦ ଦେଶରେ ପୀଠର ସୌନ୍ଦର୍ଯ୍ୟକରଣ ଚାଲିଛି। ନିର୍ମାଣ କାର୍ଯ୍ୟର ଅବଧି ଶେଷ ହୋଇଥିଲେ ସୁଦ୍ଧା କାମ ଶେଷ ହୋଇପାରୁ ନାହିଁ। ଏଣୁ ଠିକାଦାରଙ୍କୁ ଅତିଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପୀଠରେ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳଙ୍କ ସହ ଜୟପୁର ଉପଜିଲ୍ଲାପାଳ ଏ. ଶାଶ୍ୟ ରେଡ଼ି, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ସରଞ୍ଜିଓା ମାଝୀ, ସ୍ଥାନୀୟ ତହସିଲଦାର, ସିଗ୍ଧାରାଣୀ ଚୌଧୁରୀ, ବିଡ଼ିଓ ଶକ୍ତି ମହାପତ୍ର, ବିଭଗୀୟ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶବ ଯିବାକୁ ମଶାଣିକୁ ନାହିଁ ରାସ୍ତା, ଲୋକେ ହନ୍ତସନ୍ତ

ପୋଡ଼ାଗଡ଼,୨୫।୮ (ସମିସ): ଦଶମନ୍ତପୁର ବ୍ଲକରେ ସମସ୍ୟା ଛାଡୁନାହିଁ ପିଛା। କେବେ ରାସ୍ତା ସମସ୍ୟା ତ କେଉଁ ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଆଜି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ନନ୍ଦି ଗାଁ ପଞ୍ଚାୟତର ବଣୁଆଗୁଡା ଗ୍ରାମରେ। ସୂଚନା ନେବାରୁ ଜଣାପଡ଼ିଛି କି ବଣୁଆଗୁଡା ଗ୍ରାମର ଗୋମତି ଗଉଡ଼ ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କଲେ। ତାଙ୍କ ମୃତଦେହକୁ ସତ୍କାର ପାଇଁ ବନ୍ଧୁ ବାନ୍ଧବ ଗ୍ରାମବାସୀ ମଶାଣି ନେବାକୁ ବାହାର କଲେ। କିନ୍ତୁ ରାସ୍ତା ନଥିବାରୁ ନାହିଁ ନଥିବା ହିନସ୍ତା ହୋଇଥିଲେ। ପୂର୍ବରୁ ମଶାଣି ଯିବା ନିମନ୍ତେ ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନାରେ ରାସ୍ତା ନିର୍ମାଣ କରାଯାଇଥିଲା। କିନ୍ତୁ ମଶାଣି ଯିବା ରାସ୍ତା ପାଖର ଜମି ଜଣେ କିଣି ନିଜ ନାମରେ ପଟ୍ଟା କରିବା ପରେ ତାର ବାଡ଼ ଦେଇ ଆବଦ୍ଧ କରି ଦେଇଥିବାରୁ ସମସ୍ୟା ଦେଖା ଦେଇଛି। ଯେହେତୁ ଉକ୍ତ ରାସ୍ତା ତାଙ୍କ ପଟ୍ଟା ଜମିକୁ ଲାଗିଛି। ସେ ତାର ବାଡ କରିଛନ୍ତି। ସେଥିପାଇଁ ଗ୍ରାମରେ କୌଣସି ବ୍ୟକ୍ତିର ମୃତ୍ୟୁ



ହେଲେ ମଶାଣି ଯିବା ନିମନ୍ତେ ସମସ୍ୟାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ନେଇ ଗ୍ରାମବାସୀ କେତେ ଥର କୋରାପୁଟ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ସହ ପୁଲିସ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୂର୍ବତନ ସରପଞ୍ଚ ହରିଚନ୍ଦ୍ର ନାୟକ, ସେବକ କନ୍ଦପା. ତ୍ରିନାଥ କନ୍ଦପାନ, ରାମ ଗଉଡ ପ୍ରମୁଖ ଏ ନେଇ କୌଣସି ସୁଫଳ ମିଳୁ ନଥିବା କହିଛନ୍ତି। ଉକ୍ତ ଗ୍ରାମରେ ତିନି ସମ୍ପ୍ରଦାୟର ପ୍ରାୟ ୧୫୦ଘର ବସବାସ କରୁଛନ୍ତି। ତିନି ସମ୍ପ୍ରଦାୟ ଲୋକଙ୍କ ମଶାଣି ଏକ ପାଖରେ ପଡୁ ଥିବାରୁ ରାସ୍ତା ପାଇଁ ସମସ୍ୟା ଭୋଗୁଥିବା କହିଛନ୍ତି। ଆଜି କିନ୍ତୁ ଶବ ସତ୍କାର କରିବାକୁ ନେବା ସମୟରେ ଉକ୍ତ ଜମି ଜଗୁଆଳିଙ୍କୁ ନେହୁରା ହେବାରୁ କିଛି ଅଂଶ ତାର ବାଡ଼ ଖୋଲିବାରୁ ଶବ ସତ୍କାର ପାଇଁ ନେଇଥିବା ଜଣାପଡ଼ିଛି। ଏହି ସମସ୍ୟା ଦଶମନ୍ତପୁର ବ୍ଲକ ପାଇଁ ନୂଆ ନୁହେଁ, ବିଗତ ଦିନରେ ଗାଦିଆଗୁଡା ପଞ୍ଚାୟତର ବାଗେଇପଦର ଗ୍ରାମରେ ଭାର ନଈ ପାର ହୋଇ ଶବ ନେଇଥିବା ଦୃଶ୍ୟ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସରକାର ବା ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଇ ତୁରନ୍ତ ସମସ୍ୟା ସମାଧାନ କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## କୃଷକ ବଜାରରେ ନାହିଁ ମୌଳିକ ସୁବିଧା

ଦାମନଯୋଡି,୨୫।୮ (ସମିସ): ଦାମନଯୋଡି ମୁଖ୍ୟ ରାସ୍ତା ପାଶ୍ୱର୍ ଅଞ୍ଚଳରେ ଉଠା ଦୋକାନୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଥାନା ଅପର ପାଶ୍ୱର୍ରେ ଖାଲି ଥିବା ଏକ ବିସ୍ତୃତ ସ୍ଥାନରେ ଗତ ବର୍ଷ ସେପ୍ଟେମ୍ବର-୨ ତାରିଖରେ ନବରତ୍ନ ଉଦ୍ୟୋଗ ନାଲ୍‌କୋ ପକ୍ଷରୁ ରାସ୍ତା କଡ଼ରେ ବସି ବ୍ୟବସାୟ କରୁଥିବା ବ୍ୟବସାୟୀ ମାନଙ୍କ ପାଇଁ ଏକ କୃଷକ ବଜାର ଶୁଭ ଉଦ୍‌ଘାଟନ କରାଯାଇଥିଲା। ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ.ନିରଞ୍ଜନ ସାମଲଙ୍କ ଉପସ୍ଥିତିରେ ତତ୍କାଳୀନ ଅଧ୍ୟକ୍ଷ ତଥା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଉକ୍ତ କୃଷକ ବଜାରକୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରି ଲୋକାର୍ପଣ କରିଥିଲେ। ବଜାର ମଧ୍ୟରେ ପ୍ରାୟ ୪୦ରୁ ଅଧିକ ପିଣ୍ଡି ରହିଥିବା ବେଳେ ବିସ୍ତୃତ ଖାଲି ସ୍ଥାନ ରହିଛି। ରାସ୍ତା କଡ଼ରେ ଅହେତୁକ ଭିଡ଼ ଓ ଭିଡ଼ଜନୀତ ଆଶୁ ଦୁର୍ଘଟଣାକୁ ଏଡ଼ାଇବା ଥିଲା ଏହାର ମୁଖ୍ୟ ଲକ୍ଷ୍ୟ। ବଜାର ଉଦ୍‌ଘାଟନ ପରେ ବ୍ୟବସାୟୀ ମାନେ ନାଲକୋ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଥିଲେ। ତେବେ ଉକ୍ତ ଅଞ୍ଚଳରେ ମୌଳିକ ସୁବିଧା ନଥିବାରୁ ବ୍ୟବସାୟୀ ମାନେ ବଜାର ମଧ୍ୟରେ ବେପାର ନକରି ପୂର୍ବ ଭଳି ରାସ୍ତା କଡ଼ରେ ବସୁଛନ୍ତି। ବଜାର ଅଞ୍ଚଳରେ ପାନୀୟ ଜଳ, ଶୌଚାଳୟ, ପରିଶ୍ରାଗାର, ଖରା ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ପିଣ୍ଡି ଉପରେ ଛପର, ରାତ୍ରୀକାଳୀନ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ଆଦି ମୌଳିକ ସୁବିଧା ନଥିବାରୁ ବ୍ୟବସାୟୀ ଓ ଗ୍ରାହକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପକ୍କା ଚଟାଣ ନ ଥିବାରୁ ବର୍ଷା ଦିନରେ ବଜାର ମଧ୍ୟରେ ପାଣି କାଦୁଅ ଭରି ରହୁଥିବା ଯୋଗୁଁ ବ୍ୟବସାୟୀ ଓ ଗ୍ରାହକ ବଜାର ମଧ୍ୟକୁ ଯାଇ ପାରୁନାହାନ୍ତି। ପ୍ରକାଶ ଥାଉ କି, ସପ୍ତାହର ରବିବାର, ମଙ୍ଗଳବାର, ଗୁରୁବାର, ଶୁକ୍ରବାର ଚାରିଦିନ ବିଭିନ୍ନ ଗ୍ରାମରୁ ସହସ୍ରାଧିକ ବ୍ୟବସାୟୀ ଏଠାକୁ ବେପାର କରିବାକୁ ଆସୁଛନ୍ତି ଓ ସେମାନଙ୍କ ମଧ୍ୟରେ



ଅଧିକାଂଶ ମହିଳା ବେପାରୀ ରହିଥାନ୍ତି। ତେବେ ରାସ୍ତା ପାଶ୍ୱର୍ରେ ବେପାର କରିବା ଦ୍ୱାରା ଗାଡ଼ି ମଟର ଭିଡ଼ ଯୋଗୁଁ ସେମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଥିବା ଅନେକ ବ୍ୟବସାୟୀ କହିଛନ୍ତି। ନାଲ୍‌କୋ କର୍ତ୍ତୃପକ୍ଷ ଏହାକୁ ଗୁରୁତର ସହ ବିଚାର କରି ତୁରନ୍ତ ମୌଳିକ ସୁବିଧା ଗୁଡ଼ିକୁ ଯୋଗାଇ ଦେବା ପାଇଁ ବ୍ୟବସାୟୀ ମାନେ ଅନୁରୋଧ କରିଛନ୍ତି।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର

ବୈପାରୀଗୁଡ଼ା, ୨୫।୮ (ସମିସ): ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ସଭା ଗୃହ ପରିସରରେ କୋରାପୁଟ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଉଛି। ଏଥିରେ ୬୦ଟି ଅଭିଯୋଗ ଦାଖଲ ହୋଇଥିଲା। ଗୋଷ୍ଠୀଗତ ୩୦ଟି ଅଭିଯୋଗ ଥିବାବେଳେ ବ୍ୟକ୍ତିଗତ ୩୦ଟି ସମସ୍ୟା ଥିଲା। ବିଶେଷ କରି ବିଭିନ୍ନ ପଞ୍ଚାୟତର ପାନୀୟ ଜଳ ଯୋଗାଣ, ରାସ୍ତା ଓ ଡ୍ରେନେଜ ସମସ୍ୟା ଥିବା ବେଳେ କିଛି ଭତ୍ତା ସଂକ୍ରାନ୍ତୀୟ ଓ ଆବାସ ଅଭିଯୋଗ ଥିଲା। ବ୍ଲକର ଶତାଧିକ ଚାଷୀ ଚିନାବାଦାମ ଟଙ୍କା ପାଇନଥିବା ଅଭିଯୋଗ ଆଣିଥିଲେ। ବିଭିନ୍ନ ବିଦ୍ୟାଳୟର ଭିତ୍ତଭୂମି ସହ ଶିକ୍ଷକ ସମସ୍ୟା ଥିବା ବେଳେ କାକପୋଡା ହାଇସ୍କୁଲରେ ଅବ୍ୟବସ୍ଥାକୁ ନେଇ ଅଭିଯୋଗ ହୋଇଛି। ପୋଡପଦର




ଗାଁ ଲୋକେ ଜମି ପଟ୍ଟା ପାଇ ଦାବି କରିଥିଲେ। ସ୍ଥାୟୀ ବିଡ଼ିଓ ପାଇଁ ସ୍ଥାନୀୟ ଜନ ପ୍ରତିନିଧି ଅଭିଯୋଗ କରିଥିଲେ। ଏହି ଶିବିରରେ କୋରାପୁଟ ଜିଲ୍ଲାପାଳ ମୋନଜ ସତ୍ୟବନ ମହାଜନ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ଭାରପ୍ରାପ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଜିଲ୍ଲା ଅଧିକାରୀ ଡାକ୍ତର ବିଜୟ ବାବୁ, ଜୟପୁର ଉପଜିଲ୍ଲାପାଳ ଏ ଶାଶ୍ୟ ରେଡ଼ି, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ସରଞ୍ଜିଓା ମାଝୀ, ସ୍ଥାନୀୟ ତହସିଲଦାର, ସିଗ୍ଧାରାଣୀ ଚୌଧୁରୀ, ବିଡ଼ିଓ ଶକ୍ତି ମହାପତ୍ର, ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏହି ଶିବିରରେ ଜିପିଡିଓ ମିଲୁ ପ୍ରଧାନୀ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ୀ, ଆବାସ ଯୋଜନା ସଂଯୋଜକ ପ୍ରଦୀପ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

### ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ପଟ୍ଟାଙ୍ଗି ବିଧାୟକଙ୍କ ଚିଠି

# ସ୍ମେଲ୍ଟର ପ୍ଲାଣ୍ଟ ଓ ନୂତନ ରେଳ ଲାଇନ ପାଇଁ ଦାବି

କୋରାପୁଟ,୨୪।୮ (ସମିସ):

ସ୍ଥାନୀୟ ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ଦାମନଯୋଡିର ବକ୍ସାଇଟ ଖଣି ନିକଟରେ ଏକ ସ୍ମେଲ୍ଟର ପ୍ଲାଣ୍ଟ ସ୍ଥାପନ ପାଇଁ କଂଗ୍ରେସ ବିଧାୟକ ଦଳ ନେତା ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ କେନ୍ଦ୍ର ଖଣିମନ୍ତ୍ରୀ ଜି କିଶନ ରେଡ୍ଡୀଙ୍କୁ ଚିଠି ମାଧ୍ୟମରେ ଦାବି ଜଣାଇଛନ୍ତି। ସ୍ଥାନୀୟ ଲୋକଙ୍କ ଆର୍ଥିକ, ସାମାଜିକ ଏବଂ ଶିଳ୍ପ ବିକାଶ ପାଇଁ ସ୍ମେଲ୍ଟର ପ୍ଲାଣ୍ଟ ସ୍ଥାପନ କରିବା ନିହାତି ଜରୁରୀ ଅଟେ। ଏଠାରେ ସ୍ମେଲ୍ଟର ପ୍ଲାଣ୍ଟ ସ୍ଥାପନ ହେଲେ ସ୍ଥାନୀୟ ଯୁବକ ଯୁବତୀ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ନିଯୁକ୍ତି ପାଇବେ। ଅର୍ଥନୀତି ଗତିଶୀଳ ହୋଇ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ। ସ୍ଥାନୀୟ ଆଦିବାସୀ ଅଞ୍ଚଳରେ ଶିଳ୍ପାୟନ ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବହନ ଇତ୍ୟାଦିରେ ଅନେକ ସୁବିଧା ଯୋଗାଇ ଦେବ। ରାଜ୍ୟ ତଥା ଜିଲ୍ଲା ପାଇଁ ଟିକସ ଓ ରୟାଲିଟି ଆଦାୟରେ ବୃଦ୍ଧି ହୋଇ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ବିଧାୟକ ଶ୍ରୀ କାଡାମ ଆଶା ରଖିଛନ୍ତି। ଦାମନଯୋଡିରେ ବକ୍ସାଇଟ ଖଣି ଏବଂ ରିଫାଇନାରୀ ଥିବା ସତ୍ତ୍ୱେ ସ୍ଥାନୀୟ ଅଞ୍ଚଳରେ ଶିଳ୍ପାୟନର କୌଣସି ସିଧାସଳଖ ଲାଭ ହେଉ ନାହିଁ। ତେଣୁ କୋରାପୁଟ ଜିଲ୍ଲାର ଦାମନଯୋଡି ନିକଟରେ ଥିବା ବକ୍ସାଇଟ ଖଣି ନିକଟରେ ଏକ ସ୍ମେଲ୍ଟର ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ସେ କେନ୍ଦ୍ର ଖଣି ମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ନିବେଦନ କରିଛନ୍ତି। ସେହିପରି କୋରାପୁଟ ରେଳ ଷ୍ଟେସନରୁ ସେମିଲିଗୁଡ଼ା, ଦୁଧାରୀ, କୋଟିଆ, ଦାଣ୍ଡିଗାଁ, ସାଲୁର ଦେଇ ବୋବିଲି ରେଳ ଷ୍ଟେସନ ଏବଂ କୋରାପୁଟ ରେଳ ଷ୍ଟେସନରୁ ସେମିଲିଗୁଡ଼ା, କୁନ୍ଦୁଲି, ସଡ଼ାମ ଏବଂ ଚୌଗାଁ ଦେଇ ଆରକୁ ରେଳ ଷ୍ଟେସନ ପର୍ଯ୍ୟନ୍ତ ନୂତନ ରେଳ ଲାଇନ ନିର୍ମାଣ କରିବା ପାଇଁ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କୁ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ପତ୍ର ଲେଖି ଅନୁରୋଧ କରିଛନ୍ତି। କୋରାପୁଟ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏଠାରେ ରେଳ ନେଟୱାର୍କର ଅଭାବ ରହିଛି। ଯାହା ଫଳରେ କୋରାପୁଟ ଜିଲ୍ଲାର ଆଦିବାସୀ ଲୋକ ମାନେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଆର୍ଥିକ କ୍ଷେତ୍ରରେ ପଛରେ ଅଛନ୍ତି। ସେମାନେ ଦୀର୍ଘ ସମୟ ଧରି ଏହି ନୂତନ ରେଳ ଲାଇନ ପାଇଁ ଦାବି କରିଆସୁଛନ୍ତି। ପ୍ରସ୍ତାବିତ ନୂତନ ରେଳ ଲାଇନ ଗୁଡ଼ିକ କେବଳ ଭାରତୀୟ ରେଳବାଇକୁ ଆର୍ଥିକ ଲାଭ ଦେବ ନାହିଁ ବରଂ ଏହା ପୂର୍ବଘାଟ ଅଞ୍ଚଳରେ ଯୋଗାଯୋଗ, ପରିବହନ ଏବଂ ସେମିଲିଗୁଡ଼ାରେ ପ୍ରସ୍ତାବିତ କ୍ଷୁଦ୍ର ଶିଳ୍ପ କେନ୍ଦ୍ର ବିକଶିତ କରିବାରେ ମଧ୍ୟ ସାହାଯ୍ୟ କରିବ ବୋଲି ଶ୍ରୀ କାଡ଼ାମ ଦର୍ଶାଇଛନ୍ତି। ପ୍ରସ୍ତାବିତ ଲାଇନ ଗୁଡ଼ିକ ସ୍ୱାଧୀନତା ପୂର୍ବରୁ ୧୯୪୩ ମସିହାରୁ ରେଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ସର୍ଭେ ଏବଂ ବିଚାରାଧୀନ ଥିବା ଏବଂ ଆଦିବାସୀ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଆଜି ପର୍ଯ୍ୟନ୍ତ ଏ ସମ୍ପର୍କରେ କୌଣସି ପଦକ୍ଷେପ ନିଆ ଯାଇନାହିଁ ବୋଲି ଜଣାଇବା ସହ କୋରାପୁଟ ଜିଲ୍ଲାରେ ନୂତନ ରେଳ ଲାଇନ ବିକାଶ ପାଇଁ ବ୍ୟକ୍ତିଗତ ଆଗ୍ରହ ପ୍ରକାଶ କରନ୍ତୁ ବୋଲି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କୁ ବିଧାୟକ ରାମଚନ୍ଦ୍ର କାଡ଼ାମ ଅନୁରୋଧ କରିଛନ୍ତି।

## ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ



ବୌଦ୍ଧ,୨୫।୮ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଛତ୍ରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ ପ୍ରାଣୀ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ଗୋପାଳନ, ଘାସଚାଷ ଓ ମାଈ ବାଛୁରୀ ପାଳନ ପାଇଁ ଚୟନ କରାଯାଇଥିବା ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଉପସ୍ଥିତ ରହି ଏହି କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ବୌଦ୍ଧ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ଅଭିମନ୍ୟୁ ରାଉତଙ୍କ ଉପସ୍ଥିତିରେ ଚୟନ କରାଯାଇଥିବା ହରଭଙ୍ଗା, ଛତ୍ରଙ୍ଗ, ସଙ୍କୁଲୋଇ ଏବଂ କୁସଙ୍ଗ ପଞ୍ଚାୟତର ୧୮ ଜଣ ହିତାଧିକାରୀଙ୍କୁ ଏହି କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ମାଧ୍ୟମରେ ସରକାର ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟର ଦୁଗ୍ଧ ଉତ୍ପାଦନ ହାର ଦ୍ୱିଗୁଣିତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଗୋପାଳନ ବାବଦକୁ ହିତାଧିକାରୀଙ୍କୁ ସର୍ବାଧିକ ଏକ ଲକ୍ଷ ଏକଷଠି ହଜାର ଟଙ୍କା, ଘାସଚାଷ କରିବା ପାଇଁ ଏକର ପିଛା ୩୫ ହଜାର ଟଙ୍କା ଓ ମାଈ ବାଛୁରୀ ପାଳନ ଯୋଜନା ମାଧ୍ୟମରେ ୨୮ କ୍ୱିଣ୍ଟାଲ ଖାଦ୍ୟ ୫୦ ପ୍ରତିଶତ ରିହାତି ଦରରେ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ହରଭଙ୍ଗା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ବୀରେନ୍ଦ୍ର କୁମାର ପୃଷ୍ଟି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପରିଶେଷରେ ଡା. ରାଉତ ଚାଷୀମାନଙ୍କୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ବିଭିନ୍ନ ଯୋଜନା ଗୁଡିକ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ବର୍ଣ୍ଣନା କରିଥିଲେ।

## ବୁଣାକାର ଓ ବାନ୍ଧ ଶିଳ୍ପୀଙ୍କୁ ତନ୍ତ ସାମଗ୍ରୀ ବଣ୍ଟନ



ବୀରମହାରାଜପୁର,୨୫।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ବାଗବର ପଞ୍ଚାୟତ କେନ୍ଦୁପାଲି ବିଶ୍ୱଭାରତୀ ତନ୍ତବାୟ ସହଯୋଗ ସମିତି ସହାୟତାରେ ରାଜ୍ୟବୟନ ଶିଳ୍ପ ତରଫରୁ ବୁଣାକାର ଓ ବାନ୍ଧଶିଳ୍ପୀଙ୍କୁ ସୋମବାର ବିଭିନ୍ନ ତନ୍ତ ସାମଗ୍ରୀ ଓ ଉପକରଣ ବଣ୍ଟନ କରାଯାଇଛି। ୫୦ରୁ ଊର୍ଦ୍ଧ୍ୱ ବୁଣାକାର ଓ ବାନ୍ଧ ଶିଳ୍ପୀ କାରିଗରଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଷ୍ଟିଲର ଗଞ୍ଜ, ବାଲଟି, ମଗ, ସୂତା ରଙ୍ଗ ଓ ଓଜନ ମେସିନ, ଗ୍ୟାସ୍ ସିଲିଣ୍ଡର୍, ଚୁଲା ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱଭାରତୀ ତାନ୍ତବାୟ ସହଯୋଗ ସମିତିର ସଭାପତି ବନମାଳି ମେହେର, ସମ୍ପାଦକ କୁଞ୍ଜବିହାରୀ ମେହେର, ସୁବର୍ଣ୍ଣପୁର ବୟନ ଶିଳ୍ପ ବିଭାଗର ତତ୍ତ୍ୱାବଧାରକ ସନାତନ ବାସ କେ, ବୟନ ସହାୟକ ମହେଶ୍ୱର ଭୋଇ, ରଜତ ରକ୍ଷିତ ନାୟକ, ନୀତିଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦୁପାଲି, କମଳପୁର, ବୁରୋଘାଟ, ଚମ୍ପାମାଳ, ରଥପୁର ଗ୍ରାମର ବୁଣାକାରମାନେ ଉପସ୍ଥିତ ଥିଲେ।

### ରି-ଆଡମିଶନ ଫି କମ୍ କରିବାକୁ ଦାବି

## ଏଇଏସ୍ କଲେଜ ଫାଟକ ଆଗରେ ଛାତ୍ରଛାତ୍ରୀଙ୍କ ଧାରଣା

ତରଭା,୨୫।୮ (ସମିସ)



ତରଭା ଏଇଏସ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରି- ଆଡମିଶନ ଫିକୁ କମ୍ କରିବା ଦାବିରେ ସୋମବାର କଲେଜର ମୁଖ୍ୟ ଗେଟରେ ତାଲା ଦେଇ ଛାତ୍ରଛାତ୍ରୀମାନେ ଧାରଣାରେ ବସିଥିଲେ। ତରଭା ସହରରେ ଥିବା ସର୍ବ ପୁରାତନ ଏଇଏସ ମହାବିଦ୍ୟାଳୟର ଯୁକ୍ତ ୩ ଶ୍ରେଣୀର ରି-ଏଡମିସନ୍ ଫିକୁ କମ୍ କରିବା ଓ କଲେଜର ଅନୁସଙ୍ଗିକ ବ୍ୟବସ୍ଥା ଠିକ୍ କରାଯିବାକୁ ଛାତ୍ରଛାତ୍ରୀମାନେ ପୂର୍ବରୁ ବିଭିନ୍ନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ। କିନ୍ତୁ କୌଣସି ଅଧିକାରୀ କର୍ଣ୍ଣପାତ ନ କରିବାରୁ ସୋମବାର ସକାଳ ୮ ଟାରୁ କଲେଜ ଗେଟରେ ତାଲା ଦେଇ ଛାତ୍ରଛାତ୍ରୀମାନେ ଧାରଣାରେ ବସିଥିଲେ। କଲେଜରେ ଶୈକ୍ଷିକ ବାତାବରଣ ସୃଷ୍ଟି, ଶ୍ରେଣୀ ଗୃହର ମରାମତି, ଛାତର ମରାମତି ସହ ଅନ୍ୟାନ୍ୟ ସୁବିଧା ଯୋଗାଇଦେବାକୁ ଛାତ୍ରଛାତ୍ରୀମାନେ ଦାବି କରିଥିଲେ। ଏନେଇ ତିନିଦିନ ପୂର୍ବରୁ ପରିଚାଳନା କମିଟିର ସଭାପତି ତଥା ସୁବର୍ଣ୍ଣପୁର ଉପଜିଲ୍ଲାପାଳ, କଲେଜ ଅଧ୍ୟକ୍ଷ, ତରଭା ପୁଲିସକୁ ଲିଖିତ ଭାବରେ ଜଣାଇଥିଲେ। ଦୀର୍ଘ ସମୟ ଧରି ଧାରଣା ସ୍ଥଳକୁ କଲେଜ କର୍ତ୍ତୃପକ୍ଷ ଓ ଅନ୍ୟ ଅଧିକାରୀ ନଆସିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସୂଚନାଯୋଗ୍ୟ ଯେ, ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳା ଏସ୍‌ସି, ଏସ୍‌ଟି ଛାତ୍ରଛାତ୍ରୀଙ୍କ ପାଇଁ ୫୮୫୦ ଟଙ୍କା, ସାଧାରଣ ବର୍ଗ ପାଇଁ ୫୯୬୦, ବିଜ୍ଞାନ ବିଭାଗର ଦ୍ୱିତୀୟ ବର୍ଷ ଏସ୍‌ସି ଏସ୍‌ଟି ଛାତ୍ରଛାତ୍ରୀଙ୍କ ପାଇଁ ୧୫୬୩୦ ଟଙ୍କା ଏବଂ ସାଧାରଣ ବର୍ଗ ପାଇଁ ୧୫୭୫୦, ଯୁକ୍ତ ୩ କଳାର ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ୫୮୫୦ ଏବଂ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ପାଇଁ ୧୫୬୩୦ ଟଙ୍କା ରହିଥିବାବେଳେ ସାଧାରଣ ବର୍ଗ ପାଇଁ ୧୫୭୫୦ ଟଙ୍କା ଫି ଲାଗୁ କରାଯାଇଥିବା ନେଇ କଲେଜ ପକ୍ଷରୁ ନୋଟିସ କରାଯାଇଥିଲା। ଉକ୍ତ ଫିକୁ କମାଇବାକୁ ଛାତ୍ରଛାତ୍ରୀ ଦାବି କରି ଏହି ଧାରଣା ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର ଧାରଣା ସ୍ଥଳକୁ ଆସି ଛାତ୍ରଛାତ୍ରୀଙ୍କୁ ଗତ ୨୦୨୨ ମସିହାରୁ ଏହି ଫି ଲାଗୁ ହୋଇଆସୁଥିବା ଓ ବର୍ତ୍ତମାନ ବୃଦ୍ଧି କରାଯାଇନଥିବା କହି ଆନ୍ଦୋଳନରୁ ବିରତ ହେବାକୁ ପରାମର୍ଶ ଦେଇଥିଲେ। ତଥାପି ଛାତ୍ରଛାତ୍ରୀମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରିଚାଳନା କମିଟି ସଭାପତି ତଥା ଉପଜିଲ୍ଲାପାଳ ସୌମ୍ୟରୂପା ରଥଙ୍କୁ କଲେଜ ଅଧ୍ୟକ୍ଷ ଏନେଇ ଅବଗତ କରାଇବା ପରେ ତହସିଲଦାର ଶ୍ୱେତୋଲୀନା ମହାରଣା ଓ ଆଇଆଇସି ଅନିତା କିଡୋ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଆନ୍ଦୋଳନରେ ଛାତ୍ର ଅଙ୍କିତ ପଧାନ, ଛାତ୍ରୀ ସୋନାଲି ବିଶି, ସନ୍ତୋଷ ଦୁସର, ପ୍ରବୀଣ ବିଶ୍ୱାଳ, ପୁନମ ମହାରଣା, ଲିନାମେହେରଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ଧାରଣାରେ ସାମିଲ ହୋଇଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ; ୩ ଗୁରୁତର

ଶଗଡା,୨୫।୮ (ସମିସ): ମନମୁଣ୍ଡା ଶଗଡା ରାସ୍ତାର ଭାଲିଆପଦର ବୁଢ଼ୀ ବନ୍ଧ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା ଫଳରେ ଦୁଇ ବାଇକରେ ବସିଥିବା ୩ ଜଣ ଯୁବକ ଗୁରୁତର ଆହତ ହୋଇଥିଲେ। ଘଟଣା ସ୍ଥଳରୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୩ ଗୁରୁତରଙ୍କୁ ଚିକିତ୍ସା ନିମନ୍ତେ ମନମୁଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସେମାନଙ୍କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ଜଗନ୍ନାଥ ମନ୍ଦିରରେ ନବାନ୍ନ ଲଗ୍ନ ସ୍ଥିର



ବୀରମହାରାଜପୁର,୨୫।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ଚଳିତ ବର୍ଷ ପାଇଁ ନବାନ୍ନ ଲଗ୍ନ ଧାର୍ଯ୍ୟ ହୋଇଛି। ଆସନ୍ତା ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଗୁରୁବାର ଦିନ ୧୧ଟା ୧୦ମିନିଟ୍ ରୁ ୧୧ଟା ୨୫ମିନିଟ୍ ମଧ୍ୟରେ ବୀରମହାରାଜପୁର ଶ୍ରୀଜଗନ୍ନାଥ ମନ୍ଦିର ସମେତ ସମସ୍ତ ଦେବାଦେବୀ ମନ୍ଦିର ଓ ନିଜ ନିଜ ଗୃହ ଦେବତା ଓ ଆରାଧ ଦେବାଦେବୀଙ୍କ ଠାରେ ନବାନ୍ନ ଅର୍ପଣ ପାଇଁ ପଣ୍ଡିତ ମାନଙ୍କ ଦ୍ୱାରା ଲଗ୍ନ ଧାର୍ଯ୍ୟ ହୋଇଛି। ଏହି ଲଗ୍ନ ପତ୍ର ପ୍ରଭୁ ଜଗନ୍ନାଥ ଓ ମା' ଦୁର୍ଗାଙ୍କ ଠାରେ ଅର୍ପଣ କରାଯାଇଛି। ଏହି ଲଗ୍ନ ଧାର୍ଯ୍ୟ ସମୟରେ ଜଗନ୍ନାଥ ମନ୍ଦିର ଟ୍ରଷ୍ଟିର ବିଷ୍ଣୁ ଚରଣ ପଣ୍ଡା, ସୁବାଷ ସତପଥି, ଲଳିତ କର, ମନୋରଞ୍ଜନ ଦାସ, ଦିଲ୍ଲୀପ ପଣ୍ଡା, ବୁଲୁ ସତପଥି, ସନତ ପୁରୋହିତ, ବିଶ୍ୱାମିତ୍ର ଚାନ୍ଦ ଉପସ୍ଥିତ ଥିଲେ।

## ମହୁଲ ପୋଚ ସହ ଦେଶୀ ମଦ ନଷ୍ଟ

ଶଗଡା,୨୫।୮ (ସମିସ): ମନମୁଣ୍ଡା ଥାନା ବାଗଡିଆ ଗାଁ ନିକଟ ଜଙ୍ଗଲରେ ବେଆଇନ ଭାବରେ ମଦ ପ୍ରସ୍ତୁତି ଚାଲିଥିବା ନେଇ ମନମୁଣ୍ଡା ଅବକାରୀ ବିଭାଗ ଖବର ପାଇଥିଲା। ଆଜି ଅବକାରୀ ବିଭାଗର ଏକ ଟିମ ଚଢ଼ଉ କରି ଉକ୍ତ ସ୍ଥାନରୁ ୩୫୦ କେଜି ମହୁଲ ପୋଚ ସହ ୨୫ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଥିଲା। ଚଢ଼ଉ ସୂଚନା ପାଇ ମାଫିଆମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି। ସେହିପରି ଅବକାରୀ ଟିମ୍ ଜମଟାଙ୍ଗୀ ଗ୍ରାମ୍ୟ ରାସ୍ତାରେ ଚଢ଼ଉ କରି ଦିଲ୍ଲୀପ ସେଠୀଙ୍କ ନିକଟରୁ ୬.୫ ଲିଟର ବିଅର ଜବତ କରିଛି। ଅଭିଯୁକ୍ତକୁ ନୋଟିସ ଦେଇ ଛାଡିଥିବା ଅବକାରୀ ଅଧିକାରୀ ଜୟନ୍ତୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

## ଟ୍ରାନ୍ସଫର୍ମର ପାଇଁ ଗ୍ରାମବାସୀଙ୍କ ଦାବି

ଶଗଡା,୨୫।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଆମ୍ବଗାଁ ପଞ୍ଚାୟତ କୁରୁକୁପା ଶିବମନ୍ଦିର ପଡ଼ାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସୂଚନାନୁଯାୟୀ, ଗ୍ରାମରେ ୩୫ ରୁ ୪୦ ପରିବାର ବସବାସ କରୁଛନ୍ତି। ସେମାନେ ଗ୍ରାମର ଅନ୍ୟ ଏକ ପଡ଼ାରୁ ବିଦ୍ୟୁତ୍ ବ୍ୟବହାର କରୁଥିଲେ। ହେଲେ କିଛି ମାସ ତଳେ ବିଦ୍ୟୁତ୍ ସମସ୍ୟାକୁ ନେଇ ଉକ୍ତ ପଡ଼ା ଓ ଶିବମନ୍ଦିର ପଡ଼ା ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାକୁ ନେଇ ଉଭୟ ପଡ଼ା ଘଣ୍ଟାପଡ଼ା ଥାନାରେ ଅଭିଯୋଗ କରିବା ସହ ଶିବମନ୍ଦିର ପଡ଼ାକୁ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଯୋଗାଇ ଦେବା ପାଇଁ ଦାବି କରିଥିଲେ। ତିନିଥର ଜିଲ୍ଲାପାଳ ଓ ଥରେ ମନମୁଣ୍ଡା ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ଏନେଇ ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଶିବମନ୍ଦିର ପଡ଼ାବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ମଧ୍ୟ ଶିବମନ୍ଦିର ପଡ଼ାରେ ବିଦ୍ୟୁତ୍ ସମସ୍ୟା ଲାଗିରହିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟିଦେଇ ଶିବମନ୍ଦିର ପଡ଼ାବାସୀଙ୍କୁ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମ ଯୋଗାଇ ଦେବା ପାଇଁ ଦାବି ହୋଇଛି।



## ରେଲୱେ ଷ୍ଟେସନରୁ ଯାତ୍ରୀଙ୍କ ବାଇକ୍ ଚୋରି

ଶଗଡା,୨୫।୮ (ସମିସ): ବୌଦ୍ଧ ଜିଲ୍ଲାରେ ପ୍ରଥମ କରି ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିବା ବେଳେ ଷ୍ଟେସନରେ ଅନେକ ସୁବିଧା ସୁଯୋଗ ନ ଥିବା ଅଭିଯୋଗ ହୋଇଛି। ଦିନ ଦ୍ୱିପ୍ରହରରେ ଜଣେ ଯାତ୍ରୀଙ୍କ ବାଇକ ଷ୍ଟେସନ୍ ନିକଟରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି।

ସୂଚନାନୁଯାୟୀ, ମନମୁଣ୍ଡା ଥାନା ଗୁଡଭେଲି ପଦର ଗ୍ରାମର ରାମଚନ୍ଦ୍ର ଭୋଇ ପୁରୁଣାପାଣି ଷ୍ଟେସନରେ ବାଇକ (ଓଡି ୩୧ ୦୮ ୧୨)କୁ ରଖି ନିଜ ପୁଅ ସହ ଟ୍ରେନ୍ ଯୋଗେ ପୁରୁଣାକଟକ ଯାଇଥିଲେ। ସେଠାରୁ କାମ ସାରି ଅପରାହ୍ନ ୨ଟା ସମୟରେ ଫେରିବା ପରେ ଷ୍ଟେସନରେ ବାଇକ ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଷ୍ଟେସନ ମ୍ୟାନେଜରଙ୍କୁ ଜଣାଇଥିଲେ। ପରେ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଷ୍ଟେସନ ପରିସରରେ ସିସିଟିଭି ନ ଥିବା ଓ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଏଭଳି ଚୋରି ହୋଇଥିବା ରାମ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ପୁରୁଣାପାଣି ଷ୍ଟେସନ ମ୍ୟାନେଜର ଜୟନ୍ତ ସାହୁଙ୍କୁ ପଚାରିବାରୁ ବାଇକ ଚୋରି ହୋଇଥିବା ସ୍ୱୀକାର କରିବା ସହ ଖୁବ୍‌ଶୀଘ୍ର ସିସିଟିଭି ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ଦେଶୀ ମଦ ଜବତ; ୨ ଗିରଫ

ଶଗଡା,୨୫।୮ (ସମିସ): କଣ୍ଟାମାଳ ଅବକାରୀ ବିଭାଗ ପକ୍ଷରୁ ଦୁଇଟି ପୃଥକ ସ୍ଥାନରେ ଚଢ଼ଉ କରି ବିପୁଳ ଦେଶୀ ମଦ ଜବତ କରିବା ସହ ଦୁଇ ଜଣ ମାଫିଆକୁ ଗିରଫ କରିଛି। କଣ୍ଟାମାଳ ଅବକାରୀ ଏଏସ୍‌ଆଇ ପ୍ରିୟଜନ କହଁରଙ୍କ ନେତୃତ୍ୱରେ ଏକ ଟିମ ଲମ୍ବସରୀ ଗ୍ରାମ୍ୟ ରାସ୍ତାରେ ଚଢ଼ଉ କରି ସନ୍ତୋଷ ମହାକୁଡ଼ଙ୍କ ନିକଟରୁ ୧୦ ଲିଟର ଦେଶୀ ମଦ ଜବତ କରିବା ସହ ସନ୍ତୋଷକୁ ଗିରଫ କରିଛି। ସେହିପରି ଲମ୍ବସରି ରାସ୍ତା ନିକଟରେ ଚଢ଼ଉ କରି ଜଳନ୍ଧର କହଁର ନିକଟରୁ ୧୦ ଲିଟର ଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଛି। ଏ ସମ୍ପର୍କରେ କଣ୍ଟାମାଳ ଅବକାରୀ ବିଭାଗ ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ପ୍ରିୟଜନ କହଁର ସୂଚନା ଦେଇଛନ୍ତି।

## ବିଶାଳପାଲିରେ କଂଗ୍ରେସ କର୍ମୀ ସମ୍ମିଳନୀ

ବିନିକା,୨୫।୮ (ସମିସ): ବିନିକା ବ୍ଲକ୍ ବିଶାଳପାଲିରେ ବିନିକା ବ୍ଲକ କଂଗ୍ରେସ ତରଫରୁ କର୍ମୀ ସମ୍ମିଳନୀ ବ୍ଲକ୍ ସଭାପତି ରବୀନ୍ଦ୍ର ହୋତାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ୧୬ଗୋଟି ପଞ୍ଚାୟତର କଂଗ୍ରେସ କର୍ମୀ ଯୋଗଦେଇଥିଲେ। ଏଥିରେ ପୁଣିଥରେ ରବୀନ୍ଦ୍ର ହୋତାଙ୍କୁ ବ୍ଲକ୍ ସଭାପତି ଦାୟିତ୍ୱ ପ୍ରଦାନ ପାଇଁ ଚୟନ କରିବାକୁ ଉପସ୍ଥିତ ସମସ୍ତ କର୍ମୀ ପର୍ଯ୍ୟବେକ୍ଷକ ଦିଲ୍ଲୀପ ଦୁରିଆଙ୍କ ନିକଟରେ ଦାବି କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ବିନୋଦ ପାତ୍ର, କଂଗ୍ରେସ ନେତା ସନ୍ତୋଷ ପଣ୍ଡା, ସଂଗ୍ରାମ କେଶରୀ ନାୟକ, ପ୍ରିୟବ୍ରତ ସାହୁ, ସୁଧୀର ପଣ୍ଡା, ନରେନ୍ଦ୍ର ସାହୁ, ମଞ୍ଜୁଲତା ମହାନନ୍ଦ, ଜୟ ନାରାୟଣ ନାଏକ, ସୁରଥ ପ୍ରଧାନ, କୃଷ୍ଣ ପ୍ରଧାନ, ସୁବ୍ରତ ପାତ୍ର, ଭାଗିରଥି ବରଗଡ଼ି, ପାଣ୍ଡବ ଭୋଇ, ପ୍ରକାଶ ମହାନନ୍ଦ, ରଶ୍ମି ରଞ୍ଜନ, ବିଜୟ ଭୋଇ, ଶ୍ରୀନିବାସ ଖମାରୀ, ରାମଦୁଲ୍ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



## ନୂଆଁଖାଇ ଭେଟଘାଟ୍ ଉପଲକ୍ଷେ ପ୍ରତିଯୋଗିତା

ସୁବଳୟା,୨୫।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର ବ୍ଲକ୍ କ୍ଷେମାଲୋଏ ପଞ୍ଚାୟତର ନାକଡେଇଁ କଲ୍ୟାଣ ମଣ୍ଡପରେ ନଗେଶ୍ୱର ଯୁବକ ସଂଘ ଦ୍ୱାରା ନୂଆଁଖାଇ ଭେଟଘାଟ୍ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଚାରକ ଭାବରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଯୋଗଗୁରୁ ଡ. ହୃଷୀକେଶ ଦେହେରି, ଶିକ୍ଷାବିତ୍ ଜ୍ଞାନ ଭରତ ଦେହେରୀ, ସମାଜସେବୀ ସିକୁନ ଥନାପତି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରବନ୍ଧ, ବକ୍ତୃତା, ସାଧାରଣଜ୍ଞାନ ପ୍ରତିଯୋଗିତା ହୋଇଥିଲା। 'କ' ବିଭାଗରେ ପ୍ରଥମ ସାଇନା ପଧାନ, ଦ୍ୱିତୀୟ ଅସ୍ମିତା ପଧାନ, ତୃତୀୟ ରୋଜି ଦେହେରି ହୋଇଥିବା ବେଳେ 'ଖ' ବିଭାଗରେ ପ୍ରଥମ ଆଦ୍ୟାଶା ଦେହେରି, ଦ୍ୱିତୀୟ ସ୍ୱାଗତିକା ଜାନୀ, ତୃତୀୟ ପ୍ରିୟଦର୍ଶନୀ ଥନାପତି ହୋଇଥିଲେ। 'ଗ' ବିଭାଗରେ ପ୍ରଥମ ଅତ୍ରି ଥନାପତି, ଦ୍ୱିତୀୟ ସୋହମ୍ ପଧାନ, ତୃତୀୟ ଶୁଭ୍ରାଂଶୁ ଦେହେରୀ ହୋଇଥିଲେ। 'ଘ' ବିଭାଗରେ ପ୍ରଥମ ସାଇନା ପଧାନ, ଦ୍ୱିତୀୟ ସ୍ୱାଗତ ଦେହେରୀ, ତୃତୀୟ ଆଦେଶ ଥନାପତି, ରୋଜି ଦେହେରୀ ହୋଇଥିଲେ। ଆସନ୍ତା ଗୁରୁବାର ଦିନ ଅନୁଷ୍ଠିତ ହେବାକୁ ଥିବା ନୂଆଁଖାଇ ଭେଟ୍‌ଘାଟ୍‌ରେ ଉନ୍ନୀତ ହୋଇଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି।



## ଜିଲ୍ଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

### ଦୁର୍ଜନତୈଲାରେ ୧୫୦ ଅଭିଯୋଗ ପଞ୍ଜୀକରଣ



ସୁବଳୟା,୨୫।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ ଦୁର୍ଜନତୈଲା ପଞ୍ଚାୟତ ସଭାଗୃହରେ ସୋମବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ(ଏସ୍‌ପି)ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ଏସ୍‌ପି ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ସମାଧାନ ଉପରେ ପଦକ୍ଷେପ ନେଇଥିଲେ। ଏଥିରେ ୧୫୦ ଗୋଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା। ସେଥିମଧ୍ୟରୁ ୧୨୩ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୨୭ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୧୦ ଗୋଟି ଅଭିଯୋଗ ପତ୍ରର ତୁରନ୍ତ ସମାଧାନ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ଧାରୁଆଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସ୍ଥାନୀୟ ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେରଙ୍କ ସମେତ ତହସିଲଦାର, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଅଧିକାରୀ ଅର୍ଜୁନ ମାଝୀଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ, କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

### ଛତ୍ରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ

ବୌଦ୍ଧ,୨୫।୮ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଛତ୍ରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ(ଏସ୍‌ପି)ଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ଓ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲ ଶିବିରରେ ଉପସ୍ଥିତ ରହି ଆସିଥିବା ବିଭିନ୍ନ ଅଭିଯୋଗ ଗୁଡିକର ସମାଧାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଶିବିରରେ ଉପସ୍ଥିତ ରହି ଅଭିଯୋଗ ସମାଧାନରେ ସହଯୋଗ କରିଥିଲେ। ହରଭଙ୍ଗା ବିଡିଓ ଶିବିରକୁ ପରିଚାଳନା କରିଥିଲେ।



## ନାରୀ ନିର୍ଯାତନା ଉପରେ ନାଗରିକ ସମ୍ମିଳନୀ

ବୀରମହାରାଜପୁର,୨୫।୮ (ସମିସ): ବୀରମହାରାଜପୁର ବ୍ଲକ ସୁବଳୟା ଗ୍ରାମର କଲ୍ୟାଣ ମଣ୍ଡପଠାରେ ନାରୀ, ଛାତ୍ରୀ, ଓ ଶିଶୁ ନିର୍ଯାତନା ବୃଦ୍ଧିର କାରଣ ଓ ପ୍ରତିକାର ସମ୍ପର୍କରେ ଏକ ନାଗରିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁରେନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଭାରତ ମହିଳା ସାଂସ୍କୃତିକ ସଂଗଠନର ରାଜ୍ୟ ସମ୍ପାଦିକା ସରୋଜିନୀ ନାଏକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନାରୀ ନିର୍ଯାତନା ବିରୋଧରେ ସଚେତନ ଓ ସଂଗଠିତ ଭବେ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ହରିହରସାହୁ, ନୀତିଶପାତ୍ର, ପ୍ରମୋଦିନି ମହାକୁର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ନାରୀମାନେ ଦୁର୍ନୀତି ଓ ନାରୀ ନିର୍ଯାତନା ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ ଦେଶରୁ ନାରୀ ନିର୍ଯାତନା ହ୍ରାସ ପାଇବ ବୋଲି ଅତିଥିମାନେ କହିଥିଲେ। ବିନୋଦିନି ମେହେର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ନିରୂପମା ଧନ୍ୟବାଦ ଅର୍ପଣ କରିଥିଲେ।

## ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଚେତନତା

ସୁବଳୟା,୨୫।୮ (ସମିସ): ବୀରମହାରାଜପୁର ମହାବିଦ୍ୟାଳୟଠାରେ ସୋମବାର ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ତରଫରୁ ଅଧ୍ୟାପିକା, ମହିଳା କର୍ମଚାରୀ ଓ ଛାତ୍ରୀଙ୍କୁ ନେଇ ଶକ୍ତିଶ୍ରୀ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ଼. ହିମାଂଶୁଶେଖର ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାଧ୍ୟାପିକା ଗୀତାଞ୍ଜଳି ପୂଜାରୀ ମୁଖ୍ୟଅତିଥି, ଅଧ୍ୟାପିକା ସୁପ୍ରଭା ନନ୍ଦ ସମ୍ମାନିତ ଅତିଥି ଓ ଡ଼. ବନ୍ଦିତା ବିଶ୍ୱାଳ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ଝିଅମାନଙ୍କ ପାଇଁ ନିରାପତ୍ତା ଓ ସୁସ୍ଥ ପରିବେଶ ନିର୍ମାଣ ଶକ୍ତିଶ୍ରୀ ଯୋଜନାର ମୂଳ ଲକ୍ଷ୍ୟ। ମହିଳା ଓ ଛାତ୍ରୀଙ୍କୁ ସଶକ୍ତିକରଣ କରିବା ଦିଗରେ ଏହା କାର୍ଯ୍ୟ କରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ଡ଼. ସୁଶ୍ରୀ ପ୍ରିୟଦର୍ଶିନୀ ପଣ୍ଡା ଉପସ୍ଥିତ ଥିଲେ। ଶକ୍ତିଶ୍ରୀ ସଂଯୋଜିକା ହରପ୍ରିୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଯାମିନୀ ଦାଶ ସଭା ସଂଯୋଜନା କରିଥିଲେ। ଅଧ୍ୟାପିକା ମାଳତୀ ନାଏକ, ସୋନାଲି ମହାକୁର, ବିଦ୍ୟୁତପ୍ରଭା ରଥ ଓ ପୂଜାରାଣୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ବାର୍ହା ମାଂସ ସହ ବାଇକ୍ ଜବତ

ବୌଦ୍ଧ,୨୫।୮ (ସମିସ): ବୌଦ୍ଧ ବନଖଣ୍ଡ ମାଧପୁର ବନାଞ୍ଚଳ ତଳଗାଁ ଫରେଷ୍ଟ ସେକ୍ସନ୍‌ର ଅଧିକାରୀ ରାତ୍ର ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ ବାଇକ ଯୋଗେ ତଳଗାଁ ପଟୁ ଗଣ୍ଡିସରକୁ ଏକ ବାଇକ୍ (ଓଡି-୨୭ ଡି୪୧୦୧) ବାର୍ହା ମାଂସ ଧରି କ୍ଷିପ୍ର ଗତିରେ ଅସୁଥିବା ସୂଚନା ମିଳିଥିଲା। ମାଧପୁର ବନାଞ୍ଚଳ ଅଧିକାରୀ ଆଶିଷ କୁମାର ଦିଗାଲଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ସୁମନ୍ତ ମଲିକ, ବନରକ୍ଷୀ ଶରତ ଚନ୍ଦ୍ର ନାୟକ, ସୀତାରାମ ବେହେରାଙ୍କ ସମେତ ସମସ୍ତ ସ୍କ୍ୱାର୍ଡ ଗୁଣ୍ଡ୍ରିସାହି ଶାଳବଣି ନିକଟରେ ଛକିବସିଥିଲେ। ଏହି ସମୟରେ ବାଇକ୍ ଚାଳକ ଜଣକ ବନ କର୍ମଚାରୀଙ୍କୁ ଦୂରରୁ ଦେଖି ଗାଡି ସହ ବାର୍ହା ମାଂସ ଛାଡି ଫେରାର ହୋଇଯାଇଥିଲା। ବନବିଭାଗ ଏକ ମାମଲା(୨୦୨୫/୨୬) ରୁଜୁ କରି ଗାଡି ଓ ମାଂସକୁ ଜବତ କରି ମାଧପୁର ରେଞ୍ଜ ଅଫିସକୁ ଅଣିଥିଲା। ଭେଟେନାରୀ ଅଫିସରଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ଉକ୍ତ ମାଂସକୁ ହତା ଭିତରେ ଗାତ ଖୋଳି ପୋତା ଯାଇଥିବା ଜଣାପଡ଼ିଛି। ଏହି ଘଟଣାର ତଦନ୍ତ କରାଯିବ ବୋଲି ରେଞ୍ଜ ଅଫିସର ଆସିକ କୁମାର ଦିଗାଲ କହିଛନ୍ତି।







# ମଶାଙ୍କ ଉତ୍ପାତ; ଅତିଷ୍ଠ ସହରବାସୀ

ଭୁବନେଶ୍ୱର, ୨୫।୮ (ସମିସ)

ରାଜଧାନୀ ସହରରେ ଏବେ ମଶାଙ୍କ ଉତ୍ପାତ । ରାଜଧାନୀ ସହରଠାରୁ ଉପକଣ୍ଠ ପର୍ଯ୍ୟନ୍ତ ବେଳକୁ ବେଳ ମଶାଙ୍କ ପାଦୁର୍ଭାବ ବୃଦ୍ଧି ପାଉଥିବା ବେଳେ ଡେଙ୍ଗୁ ଓ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା କ୍ରମେ ବୃଦ୍ଧି ପାଇବାରେ ଲାଗିଛି । ଗତକିଛିଦିନ ହେଲା ରାଜଧାନୀର ପ୍ରମୁଖ ଆବର୍ଜନା ପୁଷ୍କରିଣୀଗୁଡ଼ିକ ନିୟମିତ ସଫା କରାଯାଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ବିଶେଷକରି ରାଜଧାନୀ ସହର ମଧ୍ୟରେ ଥିବା ନୂଆପଲ୍ଲୀ ଅଞ୍ଚଳର ସାଲିଆସାହି ଅଞ୍ଚଳରେ ଆବର୍ଜନା ମାତ୍ରା ବୃଦ୍ଧି ଯୋଗୁଁ ମାଶାଙ୍କ ଏନ୍ତୁଡ଼ିଶାଳ ପାଲଟିଛି । ଏଠାରେ ଗଦା ହୋଇ ରହିଥିବା ପୁରୁଣା ସାମଗ୍ରୀଗୁଡ଼ିକ ଏବେ ମଶାଙ୍କ ଏନ୍ତୁଡ଼ିଶାଳ ପାଲଟିଛି । ଯେଉଁଥିପାଇଁ ପୂରା ଭୁବନେଶ୍ୱରରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟାକୁ ଦେଖିଲେ ନୂଆପଲ୍ଲୀ ଅଞ୍ଚଳରେ ସର୍ବାଧିକ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି । ସେହିଭଳି ୟୁନିଟ୍ ୪ ଅଞ୍ଚଳ ନିକୋପାର୍କ ଅଞ୍ଚଳର ଆବର୍ଜନା ନାଳୀର ଉପରମୁଣ୍ଡ ଏବେ ଚିନ୍ତାର କାରଣ ପାଲଟିଛି । ଆଖପାଖ ଅଞ୍ଚଳରେ ମଶାଙ୍କ ପାର୍ଦୁଭାବରେ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି । ଘରେ ଘରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଅନେକ ଡାକ୍ତରଙ୍କ ପରାମର୍ଶ କ୍ରମେ ଘରେ ଚିକିତ୍ସିତ ହେଉଛନ୍ତି । ତେବେ ଏବେ ସହରର ଘରେ ଘରେ ଲୋକେ ଜ୍ୱରରେ ପୀଡ଼ିତ ହେଉଛନ୍ତି । ଜ୍ୱରରେ ପୀଡ଼ିତ ରୋଗୀଙ୍କ ମଧ୍ୟରୁ ଅନେକ ରକ୍ତ ପରୀକ୍ଷା ନ କରି ଡେଙ୍ଗୁର ଘରୋଇ ଚିକିତ୍ସାରେ ଅଛନ୍ତି ।

ମଶାଙ୍କ ପାଇଁ ସବୁଠାରୁ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି ସହର ଏବଂ ଆଖପାଖ ଅଞ୍ଚଳରେ ଥିବା ପରିତ୍ୟକ୍ତ ଅଞ୍ଚଳ । ସହର ମଧ୍ୟରେ ପ୍ରାୟ ପ୍ରତି ୨୦ଟି ପ୍ଲଟ ମଧ୍ୟରୁ ଗୋଟିଏ ପ୍ଲଟ ବିଭିନ୍ନ କାରଣ ପାଇଁ ବିବାଦୀୟ ହୋଇପଡ଼ିଛି । ଯେଉଁ ଜାଗା ଏବେ ଅରଣା ହୋଇଥିବା ବେଳେ ଗଛଲତା ମାଡ଼ି ଯାଇଛି । ଯେଉଁଠାରେ ସ୍ଥାନୀୟ ଲୋକେ ଆବଜର୍ନ ଆଣି ଫିଙ୍ଗି ଯାଉଛନ୍ତି । ବିଶେଷକରି ଖଣ୍ଡଗିରିଠାରୁ ଆରମ୍ଭ କରି ନୂଆପଲ୍ଲୀ, ଜୟଦେବ ବିହାର, ପୋଖରୀପୁଟ ଅଞ୍ଚଳରେ ଏଭଳି ପରିତ୍ୟକ୍ତ ଅଞ୍ଚଳ ଯାହା ମଶାଙ୍କ ବଂଶ ବିସ୍ତାର ପାଇଁ ସୁଯୋଗ ଆଣି ଦେଇଛି । ଏବେ ବର୍ଷାଦିନ ହୋଇଥିବାରୁ ଏସବୁ ଅଞ୍ଚଳ ଏବେ ମଶାଙ୍କ ବଂଶ ବିସ୍ତାର ସମୟ ଆଣି ଦେଇଛି ।

ଅପରପକ୍ଷେ ବିଏମ୍‌ସି ପକ୍ଷରୁ ମଶା ଦମନ ପାଇଁ ଯେଉଁସବୁ ପଦକ୍ଷେପ ନିଆଯାଉଛି ତାହା ଯଥେଷ୍ଟ ନୁହେଁ । ପୂର୍ବରୁ ସହର ମଧ୍ୟରେ ଥିବା ପାରମ୍ପରିକ ଅଳିଆ ପକାଇବା ସ୍ଥାନଗୁଡ଼ିକରେ ଲୋକେ ଏବେ ବି ଆବର୍ଜନା ପକାଉଛନ୍ତି । ଯେଉଁସବୁ ଅଞ୍ଚଳରେ ନିୟମିତ ମାଶା ମରା ତେଲ କିମ୍ବା ଡିଡିଟି ପକାଯାଉ ନ ଥିବା ଅଭିଯୋଗ ହେଉଛି । ଅପରପକ୍ଷେ ରାଜଧାନୀରେ ପୂର୍ବରୁ ନିୟମିତ ମଶା ଧୂଆଁ ଦିଆଯାଉ ଥିବା ବେଳେ ଏବେ ନିୟମିତ ମଶା ଧୂଆଁ ଦିଆଯାଉ ନାହିଁ । ସହର ସାମାଞ୍ଚଳ ଛାଡ଼ନ୍ତୁ ଖୋଦ ରାଜଧାନୀ ସହର ମଧ୍ୟରେ ଅନେକ ଅଞ୍ଚଳରେ କାଳେ କାଳେ ମଶା ଧୂଆଁ ଦିଆଯାଉ ନାହିଁ । ଯେଉଁଥିପାଇଁ ମଶାଙ୍କ ବଂଶବିସ୍ତାର ହେବାରେ ଲାଗିଛି ।

**ଗଳିଗଳିରେ ପୁରୁଣା ଆବର୍ଜନାସ୍ଥଳ ପାଲଟିଛି ମଶାଙ୍କ ଏନ୍ତୁଡ଼ିଶାଳ**

**ଫେଲ ହୋଇଛି ବିଏମ୍‌ସିର ମଶାମରା ଅଭିଯାନ 'ଦମନ'**

**ରାଜଧାନୀର ଘରେ ଘରେ ଜ୍ୱରରେ ପୀଡ଼ିତ ସହରବାସୀ**



## ଭୁବନେଶ୍ୱରରେ ୨୫୦ ଡେଇଁଲା ଡେଙ୍ଗୁ

ଭୁବନେଶ୍ୱରରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୨୫୦ ପାର କରିଛି । ଏନେଇ ବିଏମସି ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି । ସମଗ୍ର ଖୋର୍ଦ୍ଧା ଜିଲ୍ଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସୋମବାର ସୁଦ୍ଧା ଜିଲ୍ଲାରୁ ୪୫୦ରୁ ରୋଗୀ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରେ ଭୁବନେଶ୍ୱରରେ ୨୫୦, ଅନ୍ୟ ଜିଲ୍ଲାରୁ ଆସି ଚିହ୍ନଟ ହୋଇଥିବା ୨୭ ରୋଗୀ ରହିଥିବାବେଳେ ଖୋର୍ଦ୍ଧା ସହର ଓ ଏହାର ସଂଲଗ୍ନ ବିଭିନ୍ନ ବ୍ଲକ ଓ ଅଞ୍ଚଳରେ ରୋଗୀ ସଂଖ୍ୟା ୧୦୧ରେ ପହଞ୍ଚିଛି । ସେହିପରି ଅଜଣା ମାମଲା ୬୨ ରହିଛି । ପଟିଆ ଓ ସାଲିଆସାହିରେ ୧୪ଜଣ ଲେଖାଏଁ ଓ ନୂଆପଲ୍ଲୀରେ ୧୩ଜଣ ରୋଗୀ ଚିହ୍ନଟ ହୋଇଛନ୍ତି । ଏହାଛଡା ସହିଦନଗରରେ ୧୦, ଶୈଳଶ୍ରୀବିହାରରେ ୮ ରୋଗୀ ରହିଛନ୍ତି । ସହରର ୮୬ଟି ସ୍ଥାନରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବିଏମସି ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି ।

## ବାଣୀବିହାର ନିକଟରେ ସିରିଜ୍ ଦୁର୍ଘଟଣା



ଭୁବନେଶ୍ୱର, ୨୫।୮ (ସମିସ): ବାଣୀବିହାର ଓଭରବ୍ରିଜରେ ସିରିଜ୍ ଦୁର୍ଘଟଣା ଘଟିଛି । କାର ବ୍ରେକ ମାରିଦେବାରୁ ୪ଟି ଗାଡ଼ି ପଛକୁ ପଛ ଧକ୍କା ଦେଇଥିଲା ।

ମିଳିଥିବା ସୂଚନା ଅନୁସାରେ, କାରର କାଚ ବୋଝେଇ ଏକ ଟାଟା ଏସ୍ ଗାଡ଼ି ରସୁଲଗଡ଼ରୁ ବରମୁଣ୍ଡାଆଡ଼କୁ ଯାଉଥିଲା । ବାଣୀବିହାର ଓଭରବ୍ରିଜ ଉପରେ କାଚ ଭର୍ତ୍ତି ପେଟି ତଳକୁ ପଡ଼ି ଯାଇଥିଲା । ଫଳରେ ପଛରେ ଆସୁଥିବା କାରଟି ହଠାତ୍ ବ୍ରେକ୍ ମାରି ଦେଇଥିଲା । ତା ପଛକୁ ଆସୁଥିବା ୩ଟି କାର ପଛକୁ ପଛ ଧକ୍କା ହୋଇଥିଲେ । ଶେଷ କାରଟିକୁ ଏକ ଟ୍ରକ ଧକ୍କା ଦେଇଥିଲା । ଫଳରେ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଥିଲା ।

## ଦୁଷ୍କର୍ମ ଅଭିଯୋଗରେ ଇଞ୍ଜିନିୟର ଗିରଫ



ଭୁବନେଶ୍ୱର, ୨୫।୮ (ସମିସ): ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗରେ ନାଲକୋର ଇଞ୍ଜିନିୟରଙ୍କୁ ଗିରଫ କରିଛି ମହିଳା ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଆନ୍ଧ୍ରପ୍ରଦେଶ କାକିନାଡ଼ାର ସୂର୍ଯ୍ୟସତ୍ୟ ତାଲହାରୀ (୩୦) । ପୁଲିସ ସୂଚନା ଅନୁସାରେ, ସୂର୍ଯ୍ୟ କିଛିମାସ ପୂର୍ବରୁ ଏକ ଡେଟିଂ ଆପ ମାଧ୍ୟମରେ ଜଣେ ଯୁବତୀଙ୍କୁ ପ୍ରେମ ନିବେଦନ କରିଥିଲେ । ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ସୂର୍ଯ୍ୟ ବିବାହ କରିବାର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ଇଚ୍ଛା ବିରୋଧରେ ତାଙ୍କ ଅନୈତିକ ସମ୍ପର୍କ ରଖି ଆସିଥିଲା । ଅନେକ ସମୟରେ ଉଭୟ ବିଭିନ୍ନ ହୋଟେଲକୁ ଯାଇଥିଲେ ଓ ସେଠାରେ ସୂର୍ଯ୍ୟ ଯୁବତୀଙ୍କୁ ଦୁଷ୍କର୍ମ କରିଥଲା । ସେହି ସମୟରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ସଂଗ୍ରହ କରି ନେଇଥିଲା । କିନ୍ତୁ ଯୁବତୀ ତାଙ୍କୁ ବିବାହ ଲାଗି କହିବାରୁ ସୂର୍ଯ୍ୟ ନିଜ ପ୍ରତିଶ୍ରୁତିରୁ ଓହରି ଯାଇଥିଲା । ବିବାହ କରିବ ନାହିଁ ବୋଲି ମନା କରିବା ସହ ଅଭିଯୋଗ କରିଲେ ଫଟୋ ଓ ଭିଡିଓ ଭାଇରାଲ କରିଦେବ ବୋଲି ଧମକ ଦେଇଥିଲା । ଏନେଇ ପୀଡ଼ିତା ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା । ଆଜି ସୂର୍ଯ୍ୟକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

**ଜନ୍ମଦିନ ପାଳନକୁ କେନ୍ଦ୍ରକରି ପୂର୍ବବିବାଦ**

## ମରଣାନ୍ତକ ଆକ୍ରମଣ କରି ୨ ଗିରଫ

ହଂସପାଳ, ୨୫।୮ (ସମିସ): ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପାହାଳ ଥାନା ପୁଲିସ ଲକ୍ଷ୍ମୀସାଗର ଥାନା ବମିଖାଲ ର ବଳରାମ ବେହେରା(୨୩) ଓରଫ ବଲିଆ ଏବଂ ମୈତ୍ରିବିହାର ଥାନା ସାଲିଆ ସାହିର ବିଶାଳ ବିଶ୍ୱାଳ (୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ ଗତ ମାର୍ଚ୍ଚ ମାସରେ ସନ୍ଧ୍ୟା ପ୍ରାୟ ୫.୨୦ ସମୟରେ, ଅଭିଯୋଗକାରୀ ଶିବ ଶଙ୍କର ତାଙ୍କ ବନ୍ଧୁମାନଙ୍କ ସହିତ ଏକ ସ୍କର୍ପିଓ ଗାଡ଼ିରେ କାମରୁ ଫେରୁଥିବା ବେଳେ ପାହାଳସ୍ଥିତ ଆସୋଟେକ୍ ପ୍ରାଇଡ୍ ନିକଟରେ କୌଣସି ଜରୁରୀ କାର୍ଯ୍ୟ ପାଇଁ ଅଟକିଥିଲେ । ଶିବ କିଛି ଦୂର ଏକ ସ୍ଥାନକୁ ଯାଇଥିବା ସମୟରେ ହଠାତ୍, ୬ ଜଣ ଦୁର୍ବୃତ୍ତ ମୋଟରସାଇକେଲରେ ସେମାନଙ୍କ ପିଛାକରି ଆକ୍ରମଣ କରିଥିଲେ । ସେମାନଙ୍କ ମଧ୍ୟରୁ ରବିନ ଶତପଥୀ ଓରଫ ଜଗନ, ବଲିଆ ବେହେରା ଏବଂ ଟାଇଗର ଓରଫ ଅଭିଷେକ ନନ୍ଦ ଶିବଙ୍କୁ ପିଛା କରି ନିକଟସ୍ଥ ଏକ ଦୋକାନ ଭିତରେ ଖଣ୍ଡାରେ ଆକ୍ରମଣ କରିଥିଲେ । ଫଳରେ ତାଙ୍କ ମୁଣ୍ଡ ଏବଂ ହାତରେ ଆଘାତ ଲାଗିଥିଲା । ଆକ୍ରମଣ ପଛରେ କାରଣ ଥିଲା ଇଗଲ୍ କ୍ଲବ୍‌ରେ ଏକ ଜନ୍ମଦିନ ପାର୍ଟି ଘଟଣା ସହିତ ଜଡିତ ପୂର୍ବ ବିବାଦ ଥିଲା । ଯୋଜନାବଦ୍ଧ ଭାବେ ଅଭିଯୁକ୍ତମାନେ ଶିବଙ୍କୁ ଅନୁସରଣ କରି ହତ୍ୟା କରିବାକୁ ଚେଷ୍ଟା କରିଥିଲେ । ପୁଲିସ ଏହି ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୂର୍ବରୁ ୩ ଜଣ ଅଭିଯୁକ୍ତ ଏବଂ ଜଣେ ନାବାଳକଙ୍କୁ କାବୁ କରିଥିଲେ । ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ବିଭିନ୍ନ ସ୍ଥାନରେ ଚଢଉ କରି ବଲିଆ ଆଉ ବିଶାଳ କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ । ବଲିଆ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୪ଟି ମାମଲା ରହିଥିବା ବେଳେ, ବିଶାଳ ନାମରେ ୩ ଟି ମାମଲା ରହିଥିବା ତଦନ୍ତ ସମୟରେ ଜଣାପଡ଼ିଛି ।



## ଡିପ୍ଲୋମା ନାମଲେଖା ଆଳରେ ୨୫ ଲକ୍ଷ ଠକେଇ

ଭୁବନେଶ୍ୱର, ୨୫।୮ (ସମିସ): ଡିପ୍ଲୋମା ନାମଲେଖା ଆଳରେ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଦୁଇ ଠକଙ୍କୁ ବାନ୍ଧିଛି ତମାଣ୍ଡୋ ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛନ୍ତି ତମାଣ୍ଡୋ ଦେବିକା ବିହାରରେ ରହୁଥିବା କେନ୍ଦୁଝରର ଆଶିଷ ରଞ୍ଜନ ନାୟକ (୩୨) ଓ ନାରଗୋଦା ଶ୍ରୀବିଦ୍ୟା ଏନକ୍ଲେଭ ଆପାର୍ଟମେଣ୍ଟରେ ରହୁଥିବା ଜୟପୁର ଟାଉନର ଶୁଭମ ଭଟ୍ଟ (୨୫) ।

ପୁଲିସ ସୂଚନା ଅନୁସାରେ, ଆଶିଷ ରଞ୍ଜନ ନାୟକ ନିଜ ଆତ୍ମ ମାର୍କଣ୍ଡ ମହାକୁଡ଼ଙ୍କୁ ଯୋଗାଯୋଗ କରି ତାଙ୍କ ପୁଅ ପାଇଁ ତମାଣ୍ଡୋ ଥାନା ଅଞ୍ଚଳରେ ଥିବା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାର ପ୍ରତିଶ୍ରୁତି ଦେଇଥିଲା । ମାର୍କଣ୍ଡ ଆଶିଷ କଥାରେ ବିଶ୍ୱାସ କରି ତାକୁ ମୋଟ ୨ ଲକ୍ଷ ୬୦ ହଜାର ଟଙ୍କା ଦେଇଥିଲେ । ଆଶିଷ ସିଟ୍ ପକ୍କା କରିବା ପାଇଁ ଶୁଭମକୁ ଯୋଗାଯୋଗ କରି ଏକଲକ୍ଷ ୮୦ ହଜାର ଟଙ୍କା ଦେଇଥିଲା । ପ୍ରବେଶ ପ୍ରକ୍ରିୟା ଶେଷ ହୋଇଥିବା ଉଭୟ ମାର୍କଣ୍ଡକୁ ଆଶ୍ୱାସନା ଦେଇଥିଲେ । ଗୋଟିଏ ବର୍ଷର ହଷ୍ଟେଲ ଆବଣ୍ଟନ ଓ ଖାଦ୍ୟ ଖର୍ଚ୍ଚ ପାଇଁ ଆଶିଷ ଆହୁରି ଏକଲକ୍ଷ ୩୫ ହଜାର ଟଙ୍କା ଦାବି କରିଥିଲା । ମାର୍କଣ୍ଡ ତାଙ୍କୁ ଫୋନ-ପେ ମାଧ୍ୟମରେ ସେହି ଟଙ୍କା ଦେଇଥିଲେ । ଗତ ଏପ୍ରିଲ ମାସରେ ମାର୍କଣ୍ଡ ଓ ତାଙ୍କ ପୁଅ ହଷ୍ଟେଲରେ ରହିବା ଲାଗି ଶିକ୍ଷାନୁଷ୍ଠାନ ପରିଦର୍ଶନରେ ଯାଇଥିଲେ । ତାଙ୍କ ପୁଅ ନାମରେ କୌଣସି ପ୍ରବେଶ କିମ୍ବା ଦେୟ ରେକର୍ଡ ନାହିଁ ବୋଲି ପ୍ରଶାସନିକ ମୁଖ୍ୟ ମନୋଜ ନାୟକଙ୍କ ଠାରୁ ଜାଣିବାକୁ ପାଇଥିଲେ । ଏହାପରେ ଆଶିଷ ଓ ଶୁଭମକୁ ଦେଖା କରି ଘଟଣା ସମ୍ପର୍କରେ ପଚାରିଥିଲେ ମଧ୍ୟ ସେମାନଙ୍କ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା । ମାର୍କଣ୍ଡଙ୍କ ଅଭିଯୋଗ କ୍ରମେ ତମାଣ୍ଡୋ ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା । ଆଜି ଦୁହିଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତେବେ ଆଶିଷ କଟକ ଜିଲ୍ଲା ଓଲଟପୁର ଅଞ୍ଚଳରେ ଥିବା ଏକ ଶିକ୍ଷାନୁଷ୍ଠାନରେ ପ୍ରବେଶ ନାମ ଲେଖାଇବାର ପ୍ରତିଶ୍ରୁତି ଦେଇ ଅନେକ ଛାତ୍ରଛାତ୍ରୀଙ୍କୁ ଠକିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା । ୩୦ ଜଣ ପ୍ରାର୍ଥୀଙ୍କ ଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କା ଠକି ନେଇଥିବା ବେଳେ ଶିକ୍ଷାନୁଷ୍ଠାନ ନାମରେ ନକଲି ରସିଦ ଦେଇଥିବା ପୁଲିସ ଜାଣିବାକୁ ପାଇଛି ।

ଏହା କେବଳ କୋଟିଏ ନୁହେଁ ରାଜଧାନୀ ଉପକଣ୍ଠରେ ଛତୁ ଫୁଟିବା ଭଳି ଗଢ଼ି ଉଠିଥିବା ଶିକ୍ଷାନୁଷ୍ଠାନରେ ଏବେ ନାମଲେଖା ଆଳରେ ଦଲାଲମାନେ ସକ୍ରିୟ ହୋଇଛନ୍ତି । ବିଭିନ୍ନ କଲେଜ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନରେ ନାମଲେଖା ବାହାନା ଦେଖାଇ କୋଟି କୋଟି ଠକେଇ ହେଉଛି । ଅନେକ ଘଟଣାରେ ଏଭଳି ଠକେଇର ଶିକାର ହୋଇଥିବା ପ୍ରାର୍ଥୀ ପୁଲିସ ନିକଟରେ ଅଭିଯୋଗ କରୁ ନ ଥିବା ବେଳେ କେତେକ ଅଭିଯୋଗ କଲେ ମଧ୍ୟ ପରବର୍ତ୍ତୀ ସମୟରେ ଟଙ୍କା ପାଇବା ଆଶାରେ ମାମଲାକୁ ଗୁରୁତ୍ୱ ଦେଉ ନାହାନ୍ତି ।

**■ ଦୁଇଜଣଙ୍କୁ ଗିରଫ କଲା ତମାଣ୍ଡୋ ଥାନା ପୁଲିସ**

**■ ଫସିଛନ୍ତି ୩୦ ଛାତ୍ରଛାତ୍ରୀ**



## ହେଲ୍‌ପରଙ୍କୁ ହତ୍ୟା ଉଦ୍ୟମ; କଣ୍ଡକ୍ଟର ଗିରଫ

ଭୁବନେଶ୍ୱର, ୨୫।୮ (ସମିସ): ହେଲ୍‌ପରଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିବା କଣ୍ଡକ୍ଟରକୁ ଗିରଫ କରିଛି ଭରତପୁର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଖଟେଇ ବସର କଣ୍ଡକ୍ଟର ତଥା ନିମାପଡ଼ା ଅଣ୍ଡିଆ ସାହିର କାହ୍ନା ଓରଫ୍ ତ୍ରିନାଥ ଭୋଇ (୨୫) ।

ପୁଲିସ ସୂଚନା ଅନୁସାରେ, ବୁବୁନା ଜେନା ଖଟେଇ ବସରେ ହେଲପର ଭାବେ କାମ କରୁଥିବା ବେଳେ କାହ୍ନା ସେହି ବସରେ କଣ୍ଡକ୍ଟର ଭାବେ କାମ କରେ । ଗତକାଲି ରାତି ୯ ଟା ସମୟରେ ନିଜନିଜ କାମ ସାରି ବୁବୁନା, କାହ୍ନା ଓ ଅନ୍ୟଜଣେ ଏକାଠି ମିଶି ନୂଆ ବସ ଷ୍ଟାଣ୍ଡ ନିକଟକୁ ଆସିଥିଲେ । କୌଣସି ଏକ କଥାକୁ ନେଇ ସେଠାରେ ବୁବୁନା ଓ କାହ୍ନା ମଧ୍ୟରେ ଉତ୍‌ତବାଚ୍‌ଚ ହୋଇଥିଲା । କାହ୍ନା ହଠାତ ଉତ୍ତ୍ୟକ୍ତ ହୋଇ ଏକ ଜଗରଡରେ ବୁବୁନାକୁ ମରଣାନ୍ତକ ଆକ୍ରମଣ କରିଥିଲା । ପାଟି ଶୁଣି ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଆସିବା ଦେଖି କାହ୍ନା ସେଠାରୁ ଖସି ପଳାଇଥିଲେ । ଏହି ଘଟଣାରେ ଅଭିଯୋଗକାରୀ ଆକ୍ରମଣ ଫଳରେ ବୁବୁନା ଗୁରୁତର ଆହତ ହୋଇଥିଲେ । ବୁବୁନାଙ୍କ ଅଭିଯୋଗ ଆଧାରରେ ଭରତପୁର ଥାନା ପୁଲିସ ମାମଲା ରୁଜୁ କରିଥିଲା । ଆଜି ବରମୁଣ୍ଡା ବସଷ୍ଟାଣ୍ଡ ଅଞ୍ଚଳରୁ କାହ୍ନାକୁ ଗିରଫ କରି କୋର୍ଟ ଚାଲାଣ କରିଛି । ତା' ଠାରୁ ଆକ୍ରମଣରେ ବ୍ୟବହୃତ ଜବତ କରିଛି ।

# ଟଙ୍କା ପାଇଁ ମରଣକୁ ବରଣ କରୁଛନ୍ତି ୟୁ-ଟ୍ୟୁବର୍

ଭୁବନେଶ୍ୱର, ୨୫।୮ (ସମିସ)

ରାତିଆ ରାତି ଭିଡ଼ିଓ ଭାଇରାଲ ନିଶାରେ ଯୁବପିଢି ଏବେ ନିଜ ଜୀବନକୁ ବାଜିରେ ଲଗାଉଛନ୍ତି । ବିଶେଷ କରି ୟୁ-ଟୁବର୍‌ମାନେ ଲାଇକ୍ ଏବଂ ସବ୍‌କ୍ରାଇବ୍ ନିଶାରେ ବିପଦ ସଂକୁଳ ଅବସ୍ଥାରେ ଭିଡ଼ିଓ କରୁଛନ୍ତି । ଫଳରେ ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ଜୀବନ ଯାଉଛି । ଏହିଭଳି ଗତ ଶନିବାର ଦିନ ସାଗର ଟୁଡୁ ନାମକ ଜଣେ ୟୁଟ୍ୟୁବର ନିଜ ସାଙ୍ଗଙ୍କ ସହ କୋରାପୁଟର ଡୁଡୁମା ଜଳ ପ୍ରପାତକୁ ବୁଲିବା ପାଇଁ ଆସିଥିଲେ । ବିପଦ ଶଙ୍କୁଳ ଅବସ୍ଥାରେ ଭିଡ଼ିଓ କରିବା ସମୟରେ ହଠାତ୍ ମାଛକୁଣ୍ଡ ନଦୀରେ ବନ୍ୟା ଜଳ ପ୍ରବାହିତ ହେବାରୁ ପ୍ରଖର ଜଳ ସ୍ରୋତ ଭାସି ଯାଇ ନିଖୋଜ ହୋଇଛନ୍ତି ସାଗର । ଏହିଭଳି ଗତ ଜୁନ ମାସ ୧୪ ତାରିଖରେ ଭୁବନେଶ୍ୱର ଅଞ୍ଚଳର ଯୁବ ଇଞ୍ଜିନିଅର ନିଜ ପରିବାର ଲୋକଙ୍କ ସହିତ ଡୁଡୁମା ବୁଲିବାକୁ ଆସି ନିଖୋଜ ହୋଇଯାଇଥିଲେ । ଆଜି ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିନାହିଁ । ମାଛକୁଣ୍ଡ ଡୁଡୁମା ଜଳ ପ୍ରପାତ ଦେଖିବାକୁ ଯେତିକି ରୋମାଞ୍ଚକ, ସେତିକି ବିପଦପୂର୍ଣ୍ଣ । ଟିକିଏ ଅସାବଧାନତା ଯୋଗୁଁ ପ୍ରତି ବର୍ଷ ପର୍ଯ୍ୟଟକଙ୍କ ଅକାଳେ ଯାଉଛି ଜୀବନ । କେବଳ ଏହି ଗୋଟିଏ ସ୍ଥାନ ନୁହେଁ ଓଡ଼ିଶାର ଅନେକ ଦର୍ଶନୀୟ ସ୍ଥାନ ପାହାଡ଼, ଝରଣା, ନଦୀ, ଡ୍ୟାମ୍, ରେଲୱେ ଲାଇନ୍ ଆଦି ସ୍ଥାନରେ ୟୁଟ୍ୟୁବରମାନେ ବିପଦ ସଂକୁ ଅବସ୍ଥାରେ ଭିଡ଼ିଓ କରୁଥିବାରୁ ଜୀବନ ଯାଉଛି । ଏସବୁ ବିଷୟରେ ପୁଲିସ ଏବଂ ଜିଲ୍ଲା ପ୍ରଶାସନ ଜାଣୁଥିଲେ ମଧ କୌଣସି ପଦେକ୍ଷପ ନେଉ ନ ଥିବା ଅଭିଯୋଗ ହେଉଛି ।

ବିଶେଷ କରି କଟକ ଏବଂ ଭୁବନେଶ୍ୱରରେ ଟ୍ରେନ୍ ଲାଇନ୍‌ରେ ଭିଡ଼ିଓ କରିବାର ମାତ୍ରା ବଢ଼ିଛି । ରାଜଧାନୀର ପଡ଼ିଆ ନୂଆ ଷ୍ଟେସନରେ ଅଧିକ ଯୁବପିଢି ଭିଡ଼ିଓ କରୁଥିବା ବେଳେ କୁଆଖାଇ ବ୍ରିଜ୍ ଉପରେ ଯାଇଥିବା ଟ୍ରେନ୍ ଲାଇନ୍‌ରେ ବିପଦ ସଂକୁଳ ଅବସ୍ଥାରେ ରିଲ୍ସ କରାଯାଉଛି । ଆହୁରି ମଧ ଲିଙ୍ଗରାଜ ଷ୍ଟେସନ ଏବଂ ଭୁବନେଶ୍ୱର ଷ୍ଟେସନରେ ରିଲ୍ସ କରାଯାଉଥିବା ଦେଖିବାକୁ ମିଳୁଛି । ଅଧିକ ମାତ୍ରାରେ ପଟିଆ ଏବଂ କୁଆଖାଇ ବ୍ରିଜ ଉପରେ ଥିବା ଟ୍ରେନ୍ ଲାଇନ୍‌ରେ କରାଯାଉଛି । କାରଣ ଏହି ଦୁଇଟି ଜାଗା ନିରଳା ହେଉଥିବାରୁ ଯୁବପିଢୀ ସେଠାରେ ଏକାନ୍ତରେ ରିଲ୍ସ କରୁଛନ୍ତି । ନା ସେମାନଙ୍କୁ କେହି ଧରୁଛନ୍ତି ନା ବାରଣ କରୁଛନ୍ତି । ଅନେକ ସେଠାରେ ରିଲ୍ସ କରି ନିଜର ଜୀବନ ହରାଉଛନ୍ତି । ଆରପିଏଫ ଏବଂ ଜିଆରପିଙ୍କ ପାଟ୍ରୋଲିଂ ନଥିବାରୁ ଏଭଳି ରିଲ୍ସ ନିଶା ବଢ଼ିବାରେ ଲାଗିଛି । ଯଦି ଆରପିଏଫ ଏବଂ ଜିଆରପି ସେମାନଙ୍କୁ ଗିରଫ କରି ମୋଟା ରକମର ଜରିମାନା ଆଦାୟ କଲେ ଏଭଳି ରିଲ୍ସ ନିଶା ଉତୁରି ଯିବ ବୋଲି କୁହାଯାଉଛି । ବଡ଼ କଥା ହେଲା ୟୁ-ଟ୍ୟୁବ୍ ଭିଡ଼ିଓ କରୁଥିବା ଏବଂ ଆଲବମ କରୁଥିବା ଯୁବକମାନେ ମନଇଛା ଟ୍ରେନ୍ ଲାଇନ୍‌ରେ ଘଣ୍ଟା ଘଣ୍ଟା ଭିଡ଼ିଓ ସୁଟିଂ କରୁଛନ୍ତି । କେଉଁ ସମୟରେ ଟ୍ରେନ୍ ଆସି ଦୁର୍ଘଟଣା ଘଟିବ ତାହା କହି ହେବ ନାହିଁ । ଘଣ୍ଟା ଘଣ୍ଟା ସମୟ ଭିଡିଓ କରାଯାଉଥିବା ବେଳେ କିଭଳି ଆରପିଏଫ ଜାଣିପାରୁ ନାହିଁ ତାହା ସନ୍ଦେହ ସୃଷ୍ଟି କରୁଛି ।

ଅନେକ ବ୍ୟକ୍ତି ଷ୍ଟେସନ ପ୍ଲାଟ୍‌ଫର୍ମରେ ଭିଡିଓ କରୁଛନ୍ତି । ସେମାନେ ନିଜ ଜୀବନକୁ ବାଜିରେ ଲଗାଇବା ସହ ଅନ୍ୟ ଜୀବନକୁ ବାଜିରେ ଲଗାଉଛନ୍ତି । ଭିଡ଼ିଓ କରିବା ସମୟରେ ଟ୍ରେନ୍ ଆସିଲେ ଯାତ୍ରୀମାନେ ଧସ୍ତାଧସ୍ତି ହୋଇ ଟ୍ରେନ୍‌କୁ ଚଢୁଛନ୍ତି । କେତବେଳେ ଧସ୍ତାଧସ୍ତିରେ ପ୍ଲାଟ୍‌ଫର୍ମ ତଳକୁ ଖସିପଡ଼ିବେ ତାହା କହି ହେବ ନାହିଁ । ଅନେକ ସମୟରେ ରିଲ୍ସ ବନାଇବା ପାଇଁ ଅନେକ ଯୁବକ ବ୍ଲୁଟୁଥ୍ ବାଲା ୟୁୟରବଡ୍ କାନରେ ଲଗାଉଛନ୍ତି । ଯାହାଫଳରେ ଭିଡ଼ିଓ ବନାଇବା ସମୟରେ ବାହାରେ କଣ ଘଟୁଛି ଶୁଣାଯିବ ନାହିଁ । ଯେଉଁଥି ପାଇଁ ଦୁର୍ଘଟଣା ଘଟିବାର ଅଧିକାଂଶ ସମ୍ଭାବନା ରହିଛି । ପୂର୍ବରୁ ମଧ ଏଭଳି କାନରେ ଇୟରବଡ୍ ଦେଇଥିବାରୁ ଏକାଧିକ ଦୁର୍ଘଟଣା ଘଟିଛି ।

**ବିପଦସଂକୁଳ ଅବସ୍ଥାରେ କରୁଛନ୍ତି ରିଲ୍ସ**

**ଝରଣା, ପାହାଡ଼, ରେଳ ଧାରଣରେ ବଢୁଛି ବିପଜ୍ଜନକ ଭିଡିଓ**

**ସବୁ ଜାଣି ଅଣଦେଖା କରୁଛି ପୁଲିସ**

**୮ ବର୍ଷରେ ଗଲାଣି ୧୨୦ ଜଣଙ୍କ ଜୀବନ**



## ରିଲ୍ସ ମାୟାରେ ନାବାଳକ

ଯୁବପିଢିଙ୍କୁ ଦେଖି ନାବାଳକମାନେ ଭାଇରାଲ ନିଶାରେ ଟ୍ରେନ୍ ଲାଇନରେ ରିଲ୍ସ କରୁଛନ୍ତି । ଜୀବନକୁ ବାଜିରେ ଲଗାଇ ସେମାନେ ମାଲ ବୋଝେଇ ଟ୍ରେନ୍ ଉପରକୁ ଚଢି କରୁଥିବା ବେଳେ ଆଉ କେତବେଳେ ଚଳନ୍ତା ଟ୍ରେନ ତଳେ ଶୋଇ ଭିଡ଼ିଓ କରୁଛନ୍ତି । ଏହିଭଳି ତଳେ ସାଙ୍ଗ ଶୋଇଛି ନାବାଳକ ଓ ଉପରେ ଟ୍ରେନ୍ ଚାଲୁଛି । ଜଣେ ସାଙ୍ଗ ଏଭଳି ରିଲ୍ସ ପାଇଁ ଡାଇରେକସନ ଦେଉଥିବାବେଳେ ଜଣେ ମୋବାଇଲରେ ସୁଟ କରୁଛି । ଆଉ ଜଣେ ସାଙ୍ଗ ରେଳ ଧାରଣାରେ ଶୋଇଛି । ଟ୍ରେନ ଆସିବା ଦେଖି କରୁଛନ୍ତି ରିଲ୍ସ । ବୌଦ୍ଧ ଜିଲ୍ଲା ମନମୁଣ୍ଡା ନିକଟ ପୁରୁଣାପାଣି ଷ୍ଟେସନ ନିକଟ ଡାଲୁପାଲିଠାରେ ଏଭଳି ବିପଦଜନକ ରିଲ୍ସ ସୁଟ ହୋଇ ସୋସିଆଲ ମିଡିଆରେ ଅପଲୋଡ କରିଥିଲେ ନାବାଳକ । ଭିଡ଼ିଓ ଭାଇରାଲ ପରେ ଜିଆରପି ୩ଜଣଙ୍କୁ ଧରିଥିଲା ।

୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଶୀଲ କୁମାର ଦାସ

ଅମଲାପଡା,୨ୟଗଳି,ଅନୁଗୁଳ

ଆଜି ତୁମର ୧୯ତମ ଶ୍ରାଦ୍ଧବାର୍ଷିକୀ । ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ । ତୁମେ ଆମ ପରିବାରର ଗର୍ବ ଆଉ ଗୌରବ । ଆଜି ଏହି ପୁଣ୍ୟ ତିଥିରେ ତୁମର ପୁଣ୍ୟ କର୍ମ,ଆଦର୍ଶ,ଚିନ୍ତାଧାରା, ସ୍ନେହ,ଶ୍ରଦ୍ଧା,ତ୍ୟାଗ ଏବଂ କର୍ତ୍ତବ୍ୟ ପରାୟଣତା ଆମ ଜୀବନର ପଥ ପ୍ରଦର୍ଶକ ହେବା ସହିତ ପ୍ରତିଦିନ ଆମକୁ ନୂଆ ପ୍ରେରଣା ଦେଉ ।ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ–ଧର୍ମପତ୍ନୀ ଚାରୁବାଳା, ବଡ଼ପୁଅ ସଂଗ୍ରାମ,ବଡ଼ବୋହୂ ଗୁନି, ମଝିଆବୋହୂ ମାନି,ବଡ଼ଝିଅ ମୁନା, ବଡ଼ଜ୍ୱାଇଁ ବିନୟ,ସାନଝିଅ ରୀନା, ସାନଜ୍ୱାଇଁ ରୁଚିର,ସାନପୁଅ ପାପୁ, ନାତୁଣୀ ସୋନି,ନାତୁଣୀ ଜ୍ୱାଇଁ ସୋମୋଜିତ,ନାତି ଗୁଡ଼ୁ,ନାତୁଣୀ ନୈନା, ନାତି ସୌନୁ ଏବଂବନ୍ଧୁ ଓ ପରିବାର ବର୍ଗ ।

## ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ, ଯୁବକ ଗିରଫ

ବ୍ରହ୍ମପୁର,୨୫।୮(ସମିସ): ଜଣେ ନାବାଳିକାଙ୍କୁ ଅପହରଣ କରି ଦୁଷ୍କର୍ମ ଅଭିଯୋଗରେ ସଦର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗଜପତି ଜିଲ୍ଲା ଅଡ଼ବା ଗ୍ରାମର ପ୍ରଦ୍ୟୁମ୍ନ କୁମାର ପାତ୍ର ଓରଫ ରାଜୁ(୨୮)। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରି ପୁଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି। ସୂଚନାଯୋଗ୍ୟ ଯେ, ଗତ ୧୨ତାରିଖରେ ସଦର ଥାନା ଅଞ୍ଚଳର ଜଣେ ନାବାଳିକା(୧୭)ଙ୍କୁ କେହି ଅପହରଣ କରିଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ



ବେଳେ ଗଜପତି ଜିଲ୍ଲା ଅଡ଼ବା ଗ୍ରାମର ପ୍ରଦ୍ୟୁମ୍ନ କୁମାର ପାତ୍ର ଓରଫ ରାଜୁ ନାମକ ଜଣେ ଯୁବକଙ୍କ ସହ ଅପହୃତା ନାବାଳିକା ରହିଥିବା ଜଣାପଡ଼ିଥିଲା। ସେହିକ୍ରମରେ ପୁଲିସ ଅଭିଯୁକ୍ତ ରାଜୁର ମୋବାଇଲ ଟ୍ରାକିଂ କରିଥିଲା। ଟ୍ରାକିଂ ବେଳେ ସେ ଗଜପତି ଜିଲ୍ଲାରେ ଥିବା ସୂଚନା ମିଳିଥିଲା। ସଦର ଥାନା ପୁଲିସ ଏସ୍‌ଆଇ ପ୍ରଫୁଲ୍ଲ କୁମାର ସାହୁ ଓ ତାଙ୍କ ଟିମ୍ ଗଜପତି ଜିଲ୍ଲାରୁ ଅଭିଯୁକ୍ତକୁ କାବୁ କରି ଅପହୃତାଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲା। ପୀଡ଼ିତାଙ୍କ ବୟାନ ଅନୁଯାୟୀ ଇଞ୍ଜିନିୟରିଂ ପାଠ ପଢ଼ିବା ସମୟରେ ଅଭିଯୁକ୍ତ ପ୍ରଦ୍ୟୁମ୍ନର ପୀଡ଼ିତାଙ୍କ ସହ ପରିଚୟ ହୋଇଥିଲା। କିଛିଦିନର ବନ୍ଧୁତା ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଅଭିଯୁକ୍ତ ପ୍ରଦ୍ୟୁମ୍ନ ଗତ ୧୨ତାରିଖରେ ନାବାଳିକାଙ୍କୁ ଅପହରଣ କରି ଅଡ଼ବା ଗ୍ରାମକୁ ନେଇଥିଲା। ସେଠାରେ ଅଭିଯୁକ୍ତ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା। ପୀଡ଼ିତାଙ୍କ ବୟାନ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ପ୍ରଦ୍ୟୁମ୍ନ କୁମାର ପାତ୍ରକୁ ଗିରଫ କରିଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି।

## ଦୋକାନରୁ ଚୋରି ଓ ଆକ୍ରମଣ; ୨ ଗିରଫ

ବ୍ରହ୍ମପୁର,୨୫।୮(ସମିସ): ଦୋକାନ ତାଲା ଭାଙ୍ଗି ଓ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ଘଟଣା ଓ ଆକ୍ରମଣ ମାମଲାରେ ନିମଖଣ୍ଡି ଥାନା ପୁଲିସ ଦୁଇ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବ୍ୟାଙ୍କ କଲୋନୀ ସିଦ୍ଧାର୍ଥ ନଗରର ଦୀପକ ବେହେରା (୨୬) ଓ ଗୌତମ ନଗରର ରମାକାନ୍ତ ସାହୁ (୩୨)। ସୂଚନାଯୋଗ୍ୟ ଯେ, ତୁଳସୀ ନଗର ନିବାସୀ ଡ଼ମ୍ବରୁଧର ମହାରଣାଙ୍କ ବାପୁଜୀ ନଗରଠାରେ ଏକ ଦୋକାନ ରହିଛି। ଗତ ୧୯ତାରିଖ ବିଳମ୍ବିତ ରାତିରେ ଉକ୍ତ ଦୋକାନରୁ ସମୁଦାୟ ୧୨ହଜାର ୫ଶହ



ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତକୁ ଗିରଫ କରିଛି। ସେହିଭଳି ଲୋଚାପଡ଼ା ମେରା ସାହି ନିବାସୀ ଲକ୍ଷ୍ମୀ ସାହୁ (୩୨) ୨୦୧୩ମସିହାରେ ରମାକାନ୍ତ ସାହୁଙ୍କୁ ବିବାହ କରିଥିଲେ। ଗତ ୧୯ତାରିଖ ମଧ୍ୟାହ୍ନରେ ଅଙ୍ଗନବାଡ଼ି ପିଲାମାନଙ୍କୁ ଲକ୍ଷ୍ମୀ ଛାଡ଼ିବାକୁ ଯିବା ସମୟରେ ସ୍ୱାମୀ ରମାକାନ୍ତ ଆକ୍ରମଣ କରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଏହି ଆଧାରରେ ପୁଲିସ ଏକ ମାମଲା ରୁଜୁ କରିବା ସହ ତାଙ୍କୁ ଗିରଫ କରିଛି।

## ପୁଲିସ କବ୍‌ଜାରେ ୫ ମହିଳା ଜୁଆଡ଼ି

ବ୍ରହ୍ମପୁର,୨୫।୮(ସମିସ): ରବିବାର ସନ୍ଧ୍ୟାରେ ବଡ଼ ବଜାର ଥାନା ଅନ୍ତର୍ଗତ ଆନନ୍ଦ ନଗର ରାଧାକୃଷ୍ଣ ମନ୍ଦିର ନିକଟରେ ଏକ ଘରେ କିଛି ମହିଳା ଜୁଆ ଖେଳୁଥିବା ସୂଚନା ଥାନା ଅଧିକାରୀ ବାବା ଶଙ୍କର ସରଫ ପାଇଥିଲେ। ଏହିକ୍ରମରେ ତାଙ୍କ ଟିମ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୫ଜଣ ମହିଳା ଜୁଆଡିଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ସେମାନଙ୍କ ନିକଟରୁ ଜୁଆରେ ବ୍ୟବହୃତ ଖେଳ ସାମଗ୍ରୀ ସହ ନଗଦ ୨୧୦୦ ଟଙ୍କା ଓ ଏକାଧିକ ମୋବାଇଲ ଜବତ କରିଥିବା



ଜଣାପଡ଼ିଛି। ପୁଲିସ ଚଢ଼ାଉକୁ ଦେଖି ମହିଳାମାନେ ଖେଳୁଥିବା ଟଙ୍କା କେଉଁଠାରେ ଲୁଚାଇ ରଖିଦେଲେ। ଫଳରେ ପୁଲିସ ଅଧିକ ଟଙ୍କା ଜବତ କରିପାରିନଥିଲା।

## ବ୍ଲକ୍ ଶିକ୍ଷାଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ

ବ୍ରହ୍ମପୁର,୨୫।୮(ସମିସ): ବ୍ରହ୍ମପୁର ମଣ୍ଡଳ କାରାଗାର ପରିସରରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ଅଚାନକ ପରିଦର୍ଶନ କରିଛନ୍ତି। ଏହି ସମୟରେ ବିଦ୍ୟାଳୟର ସପ୍ତମ ଶ୍ରେଣୀ ପିଲା ଶୁଦ୍ଧ ବର୍ଣ୍ଣନାରେ ଲେଖି ପାରୁନଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟରେ ବିଭିନ୍ନ ଶ୍ରେଣୀରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅନେକ ବିଦ୍ୟାର୍ଥୀ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ସେହିପରି ଶ୍ରେଣୀରେ ପାଠପଢ଼ା ବେଳେ ଛାତ୍ରଛାତ୍ରୀ ତଳେ ବସି ପାଠ ପଢୁଥିଲେ। ବିଦ୍ୟାଳୟର ନିର୍ଦ୍ଧାରିତ ସମୟରେ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଆସୁନଥିବା ଘଟଣା ଦେଖି ଶ୍ରୀ ବେହେରା ବିରକ୍ତି ପ୍ରକାଶ କରିଥିଲେ। ଶୌଚାଳୟ ଗୁଡ଼ିକ ଅସ୍ୱାସ୍ଥ୍ୟକର ପରିବେଶରେ ରହିଥିବା ବେଳେ ପରିଷ୍କାରକୁ ପ୍ରାଥମିକତା ଦେବାକୁ ସେ ତାଗିଦ କରିବା ସହ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଇ ନୋଟିସ ଜାରି କରିଛନ୍ତି। ପରିଦର୍ଶନରେ ସ୍ଥାନୀୟ ସିଆରସିସି ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

### ଏମ୍‌କେସିଜିର ବର୍ଜ୍ୟ ପରିଚାଳନାରେ ଅବହେଳା ଘଟଣା

# ୩ମାସ ମଧ୍ୟରେ ମେଡିକାଲ ପ୍ଲାଣ୍ଟ କାର୍ଯ୍ୟକ୍ଷମ ନିର୍ଦ୍ଦେଶ

### ଅଧୀକ୍ଷକଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀଙ୍କୁ ନେଇ ଆରଡିସିଙ୍କ ବୈଠକ

### କ୍ୟାମ୍ପସ ପରିଦର୍ଶନ କଲେ ପଦୂଷଣ ନିୟନ୍ତ୍ରଣ ବୋର୍ଡର ଦୁଇ ଅଧିକାରୀ

ବ୍ରହ୍ମପୁର,୨୫।୮(ସମିସ)

ଏମ୍‌କେସିଜି ମେଡିକାଲର ବର୍ଜ୍ୟବସ୍ତୁ ପରିଚାଳନାରେ ଅବହେଳା ଘଟଣାକୁ ଗୁରୁତ୍ୱର ସହିତ ନେଇଛନ୍ତି ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର। ଆର୍‌ଡିସି ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମେଡିକାଲର ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। କାହିଁକି ଏବଂ କେଉଁ ପରିସ୍ଥିତିରେ ମେଡିକାଲ ପରିସରରେ ଥିବା ବହୁ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହୋଇଥିବା ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଅଚଳ ପଡ଼ିଛି ତାହାକୁ ନେଇ ନେଇ ଆରଡିସି ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ଅଚଳ ପ୍ଲାଣ୍ଟକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ୩ ମାସ ମଧ୍ୟରେ ମେଡିକାଲରେ ପ୍ଲାଣ୍ଟ କାର୍ଯ୍ୟକ୍ଷମ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ଲାଣ୍ଟକୁ ସଂଯୋଗ କରୁଥିବା ରାସ୍ତାକୁ କଂକ୍ରିଟ କରିବା, ଡିଜିଟାଲ ବୋର୍ଡ ସ୍ଥାପନ ସହିତ ପ୍ଲାଣ୍ଟ ଠାରୁ ଇଟିପି ଏବଂ ଏସଟିପି ପ୍ଲାଣ୍ଟ ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ ହୋଇନଥିବାରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କଟକଣା ରହିଥିବା ବିଭାଗୀୟ ଅଧିକାରୀମାନେ ଆରଡିସିଙ୍କୁ ସୂଚନା ଦେଇଥିଲେ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମ ପ୍ରକାରେ ପ୍ଲାଣ୍ଟ କାର୍ଯ୍ୟ ତୁରନ୍ତ ଶେଷ କରିବା ସହ ପ୍ଲାଣ୍ଟ କାର୍ଯ୍ୟକ୍ଷମ ପାଇଁ ଆବଶ୍ୟକୀୟ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ଆରଡିସି ନିର୍ଦ୍ଦେଶ ଦେଇଛନ୍ତି।



ସେହିପରି ଡାକ୍ତରଖାନାର ବିଭିନ୍ନ ବିଭାଗରୁ ବାହାରୁଥିବା ବର୍ଜ୍ୟବସ୍ତୁ ନିୟମିତ ସଂଗ୍ରହ କରିବା, ବର୍ଜ୍ୟବସ୍ତୁ ପରିଚାଳନା ଦାୟିତ୍ୱ ନେଇଥିବା ଘରୋଇ ସଂସ୍ଥା ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ହୋଇଥିବା ଚୁକ୍ତିରେ ଖିଲାପ ହେଉଥିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ବିଭିନ୍ନ ୱାର୍ଡରୁ ନିତିଦିନ ବର୍ଜ୍ୟବସ୍ତୁ ସଂଗ୍ରହ କରିବାକୁ ଘରୋଇ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଡାକ୍ତରଖାନା ଓ କ୍ୟାମ୍ପସର ବିଭିନ୍ନ ସମସ୍ୟାକୁ ନେଇ ଆରଡିସି ବିଭିନ୍ନ ବିଭାଗୀୟ ମୁଖ୍ୟ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀ, ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ପୂର୍ତ୍ତବିଭାଗ-୧ ଅଧିକ୍ଷଣ ଯନ୍ତ୍ରୀ ଇଂ. ସୋମନାଥ ତ୍ରିପାଠୀ, ସରକାରୀ ବିଦ୍ୟୁତ ବିଭାଗର ଅଧିକାରୀ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଓ ବର୍ଜ୍ୟବସ୍ତୁ ପରିଚାଳନା କରିଥିବା ସଂସ୍ଥାର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଏମକେସିଜି ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନାରେ ଅବହେଳା ଘଟଣା ନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଦୁଇ ଜଣିଆ ଟିମ ଡାକ୍ତରଖାନା କ୍ୟାମ୍ପସ ପରିଦର୍ଶନ କରିଛନ୍ତି। ମେଡିକାଲ ପରିସରରେ ଥିବା ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ ଆବର୍ଜନାର ପୃଥକୀକରଣ ପ୍ରକ୍ରିୟାକୁ ନେଇ ଟିମ ବିରକ୍ତି ପ୍ରକାଶ କରିଥିଲେ।

ସେହିଭଳି ସେଠାରେ କାର୍ଯ୍ୟରତ କର୍ମଚାରୀ ବର୍ଯ୍ୟବସ୍ତୁକୁ ନେବା ଆଣିବା ସମୟରେ ଆବଶ୍ୟକୀୟ ସୁରକ୍ଷା ଉପକରଣ ସହ ନିଜ ସ୍ୱାସ୍ଥ୍ୟ ପ୍ରତି ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସହକାରୀ ପରିବେଶ ବିଜ୍ଞାନୀ ପୂନମ ବେହେରା ଓ କ୍ଷେତ୍ର ସହକାରୀ ସ୍ମୃତିରଞ୍ଜନ ବିଶ୍ୱାଳ ଏମକେସିଜି ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ସମସ୍ୟା ସମ୍ପର୍କରେ ନିଜେ ଡିଏମଇଟି ମଧ୍ୟ ଘଟଣାର ପୁଙ୍ଖାନପୁଙ୍ଖ ରିପୋର୍ଟ ନେଇଥିବା ସୂଚନା ମିଳିଛି।

### ୫୧ଟି ଚୋରି ମୋବାଇଲ୍ ଫେରାଇଲା ପୁଲିସ

## ଫୋନ୍ ଚୋରି ସମ୍ପର୍କରେ ଘରେ ରହି ଅଭିଯୋଗ କରିହେବ, ନମ୍ବର ଜାରି

ବ୍ରହ୍ମପୁର,୨୫।୮(ସମିସ)

ବ୍ରହ୍ମପୁର ପୁଲିସ ଅଧିକ୍ଷକଙ୍କ ନିର୍ଦ୍ଦେଶ ଅନୁଯାୟୀ ବ୍ରହ୍ମପୁର ସାଇବର ଥାନା ପୁଲିସ ପକ୍ଷରୁ ଜୁନ୍-୨୫ରୁ ଜୁଲାଇ-୨୫ ମାସ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ ୫୧ଟି ଚୋରି ମୋବାଇଲ୍ ଫୋନକୁ ସାଇବର ଥାନା ପୁଲିସ ଉଦ୍ଧାର କରି ମୋବାଇଲର ପ୍ରକୃତ ମାଲିକୁ ଫେରସ୍ତ କରିଛି। ୩ମାସ ମଧ୍ୟରେ ସାଇବର ଥାନାରେ ଛାତ୍ର, କ୍ଷୁଦ୍ର ବ୍ୟବସାୟୀ, ଶିକ୍ଷକ, ଡ୍ରାଇଭର ଏବଂ ଘରୋଇ ଏବଂ ସରକାରୀ କର୍ମଚାରୀମାନେ ସେମାନଙ୍କ ମୋବାଇଲ ଚୋରି ଓ ହଜିଯାଇଥିବା ନେଇ ଅଭିଯୋଗ ନେଇ ପୁଲିସ ପୁଲିସ ତଦନ୍ତ କରିଥିଲା। ତଦନ୍ତରେ ସାଇବର ଥାନା ଅଧିକାରୀ ଶଙ୍କର ପଣ୍ଡା, ଏସଆଇ ଏ. ସ୍ୱର୍ଣ୍ଣଲତା ପାତ୍ର, କନେଷ୍ଟବଳ ଅଜିତ କୁମାର ଗୌଡ଼, କୈଳାସ ଚନ୍ଦ୍ର ମହାରଣା, ରାଜେନ୍ଦ୍ର କୁମାର ବେହେରା ଓ ସନ୍ତୋଷ କୁମାର ଜେନା ସାମିଲ ଥିଲେ। ସାଇବର୍ ଥାନା ପୁଲିସ ଚୋରି ହୋଇଥିବା ମୋବାଇଲ୍ ଫୋନକୁ ଉଦ୍ଧାର କରାଯାଇ ପ୍ରକୃତ ମାଲିକଙ୍କୁ ଚିହ୍ନଟ କରିଥିଲା। ସୋମବାର ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟରେ ମୋବାଇଲର ପ୍ରକୃତ ମାଲିକଙ୍କୁ ଏସପି ଡ଼ା ସର୍ବଣା ବିବେକ ଏମ୍ ହସ୍ତାନ୍ତର କରିଛନ୍ତି। ଲୋକମାନେ ନିଜ ନିଜର ଉପଯୁକ୍ତ ପ୍ରମାଣପତ୍ର ଦେଖାଇ ଚୋରି ହୋଇଥିବା ମୋବାଇଲକୁ ଫେରି ପାଇବା ପରେ ବେଶ୍ ଖୁସି ହୋଇଛନ୍ତି। ବିଶେଷ କରି ବ୍ରହ୍ମପୁର ପୁଲିସ ଜନସାଧାରଣଙ୍କ ପ୍ରତି



ଏହି ସେବା ମନୋଭାବକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି। ବ୍ରହ୍ମପୁର ସହରରେ ପ୍ରତିଦିନ ମୋବାଇଲ ଚୋରି ହେଉଥିବା ବିଭିନ୍ନ ଥାନାରେ ଅଭିଯୋଗ ହେଉଛି। ଚୋରଙ୍କୁ ଧରିବା ପାଇଁ ପୁଲିସ ଟିମ ଟ୍ରାକିଂ କରନ୍ତି। ଚୋରମାନେ ନାମିଦାମୀ ମୋବାଇଲ ଚୋରି କରି ଅଳ୍ପ ଟଙ୍କାରେ ବିକ୍ରି କରନ୍ତି । ପୁଲିସ ଅଧିକାଂଶ ଚୋରି ମୋବାଇଲ କିଣିଥିବା ଲୋକଙ୍କ ଠାରୁ ଚୋରି ମୋବାଇଲ ଉଦ୍ଧାର କରିଥିବା ଜଣାପଡ଼ିଛି। ତେଣୁ ପୁଲିସ ସତର୍କ କରାଇଛି। ଯେଉଁମାନେ କୌଣସି ବ୍ୟକ୍ତିଙ୍କଠାରୁ ମୋବାଇଲ କିଣୁଛନ୍ତି ତେବେ ମୋବାଇଲର ଆବଶ୍ୟକ କାଗଜପତ୍ର ଯାଞ୍ଚ କରି କିଣନ୍ତୁ ବୋଲି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍ । ଅନ୍ୟପକ୍ଷରେ ଥାନାକୁ ନ ଯାଇ ଲୋକେ ସେମାନଙ୍କ ମୋବାଇଲ ହଜିଯାଇଥିବା ବିଷୟରେ ରିପୋର୍ଟ କରିପାରିବେ। ବ୍ରହ୍ମପୁର ପୁଲିସ ପକ୍ଷରୁ ହେଲ୍ପ ଲାଇନ ହ୍ୱାଟ୍ସଆପ୍ ନମ୍ବର ୮୮୯୫୦୮୩୮୭୩ ଓ ଇମେଲ ଜାରି କରାଯାଇଛି।

## ସୁରକ୍ଷିତ ପୂଜା ଉତ୍ସବ ପାଳନ ନେଇ ଟିପିଏସ୍‌ଓଡିଏଲ୍‌ର ପରାମର୍ଶ

ବ୍ରହ୍ମପୁର,୨୫।୮(ସମିସ): ପାର୍ବଣ ଋତୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ଦକ୍ଷିଣ ଓଡ଼ିଶାର ଉପଭୋକ୍ତା ଓ ଜନସାଧାରଣଙ୍କୁ ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ହିସାବରେ ପୂଜା, ପର୍ବପର୍ବାଣୀ ତଥା ଉତ୍ସବ ପାଳନ କରିବାକୁ ଅନୁରୋଧ କରିଛି। ଏ ଅବସରରେ ଟିପିଏସ୍‌ଓଡିଏଲ୍ ନିରବଚ୍ଛିନ୍ନ ଓ ଭରସାଯୋଗ୍ୟ ବିଜୁଳି ଯୋଗାଣ କରିବା ପାଇଁ ବ୍ୟବସ୍ଥା କରିଛି। ଏହାଦ୍ୱାରା ବିନା କୌଣସି ବାଧାରେ ସୁରକ୍ଷିତ ଭାବରେ ପୂଜା ଓ ଉତ୍ସବ ପାଳନ ହୋଇପାରିବ। ଏଥିସହିତ ବିଦ୍ୟୁତ ସୁରକ୍ଷା ନିୟମ ପାଳନ କରିବାରେ କୌଣସି ଅବହେଳା ନ କରିବା ପାଇଁ କମ୍ପାନୀ ସମସ୍ତଙ୍କୁ ଆହ୍ୱାନ ଦେଇଛି। ଏହି ସମୟରେ ପୂଜା ଓ ଉତ୍ସବକୁ ସୁରକ୍ଷିତ ଭାବରେ ପାଳନ କରିବା ପାଇଁ ଟିପିଏସ୍‌ଓଡିଏଲ୍ ତରଫରୁ ପୂଜା ମଣ୍ଡପ, ସାମୁଦାୟିକ କାର୍ଯ୍ୟକ୍ରମ, ସାଂସ୍କୃତିକ ସମାରୋହ ପାଇଁ ଅସ୍ଥାୟୀ ବିଦ୍ୟୁତ ସେବା ସଂଯୋଗ ଯୋଗାଇ ଦେଉଛି। ଉତ୍ସବ ଆୟୋଜକଙ୍କୁ କେବଳ ସ୍ୱୀକୃତିପ୍ରାପ୍ତ ଲାଇନମ୍ୟାନଙ୍କ ଦ୍ୱାରା ସାଜସଜ୍ଜା ତଥା ୱାୟରିଂ ଆଦି କରାଇବାକୁ ଅନୁରୋଧ କରାଯାଇଛି। ଯାହାଦ୍ୱାରା ସମସ୍ତ ବିଦ୍ୟୁତ ସଂଯୋଗ ଓ ବିଦ୍ୟୁତ ଉପକରଣ ସୁରକ୍ଷା ନିୟମର ମାନକକୁ ପ୍ରତିପାଳନ କରୁଥିବା ନିଶ୍ଚିତ କରେ। ବିଦ୍ୟୁତ ତାରକୁ ଭଲଭାବେ ଯାଞ୍ଚ କରାଯିବା, ଛିଣ୍ଡା ବିଦ୍ୟୁତ ତାର ତଥା ଭଙ୍ଗା ପ୍ଲଗଗୁଡ଼ିକୁ ତୁରନ୍ତ ବଦଳାଇବା ଏବଂ ଉପଯୁକ୍ତ ଆର୍ଥିଂ ଅତ୍ୟନ୍ତ ଜରୁରୀ ବୋଲି କମ୍ପାନୀ ପକ୍ଷରୁ ଜାରି ହୋଇଥିବା ସୁରକ୍ଷା ନିୟମାବଳୀରେ କୁହାଯାଇଛି। ଗୋଟିଏ ସକେଟରେ ଏକାଧିକ ପ୍ଲଗ୍ ବ୍ୟବହାର କରିବା ତଥା ଅଧିକ ଲୋଡ୍ ଦେବା, ନିମ୍ନମାନର ବିଦ୍ୟୁତ ଉପକରଣ ବ୍ୟବହାର କରିବା ବିପଦପୂର୍ଣ୍ଣ ହୋଇପାରେ। ସେହିପରି ମୁଣ୍ଡ ଉପର ଦେଇ ଯାଇଥିବା ବିଦ୍ୟୁତ ତାରରେ କୌଣସି ସାଜସଜ୍ଜା ନ କରିବା ତଥା ଏସବୁରୁ ନିବୃତ୍ତ ରହିବା ପାଇଁ କମ୍ପାନୀ ତରଫରୁ କୁହାଯାଇଛି। ବିସର୍ଜନ ସମୟରେ ସତର୍କ ରହିବା ପାଇଁ ମଧ୍ୟ ଟିପିଏସ୍‌ଓଡିଏଲ୍ ତରଫରୁ ଜୋର ଦିଆଯାଇଛି। ବିଜୁଳି ତାର, ବିଦ୍ୟୁତ ଖୁଣ୍ଟ, ଟ୍ରାନ୍ସଫର୍ମରଠାରୁ ସୁରକ୍ଷିତ ଦୂରତା ଅବଲମ୍ବନ କରିବା ବିଶେଷକରି ବାଣ ଫୁଟାଇବା ସମୟରେ ବୈଦ୍ୟୁତିକ ଉପକରଣ, ମୁଣ୍ଡ ଉପର ଦେଇ ଯାଇଥିବା ବିଦ୍ୟୁତ ତାରଠାରୁ ଦୂରେଇ ରହିବା ପାଇଁ କୁହାଯାଇଛି। ଯେ କୌଣସି ବିଦ୍ୟୁତ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହେଲେ ୨୪ଘଣ୍ଟିଆ ଗ୍ରାହକ ସେବା ଟୋଲ-ଫ୍ରି ନମ୍ବର ୧୯୧୨ କିମ୍ବା ୧୮୦୦୩୪୫୬୭୯୭ ରେ ତୁରନ୍ତ ଜଣାଇବାକୁ ଅନୁରୋଧ କରାଯାଇଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ପ୍ରତ୍ୟେକ ଉତ୍ସବ ହେଉଛି ଆନନ୍ଦ ଓ ଏକତାର ସମୟ। ଆମେ ସମସ୍ତଙ୍କୁ ସୁରକ୍ଷା ନିୟମ ପାଳନ କରିବାକୁ ଅନୁରୋଧ କରୁଛୁ।

### ● ନାବାଳିକା ଅପହରଣ, ଦୁଷ୍କର୍ମ ଓ ହତ୍ୟା ମାମଲା

## ସମ୍ପର୍କୀୟ ମାମୁକୁ ଆଜୀବନ ଜେଲ୍

■ ୧୨୦ ଦିନରେ ପୋକ୍‌ସ କୋର୍ଟ ଦ୍ୱାରା ଚୂଡ଼ାନ୍ତ ରାୟ ପ୍ରକାଶ

■ ତଦନ୍ତ ଅଧିକାରୀ, ଅତିରିକ୍ତ ଏସ୍‌ପି ଓ ଆସିକା ଏସ୍‌ଡିପିଓଙ୍କୁ ଶ୍ରେୟ ଦେଲେ ଏସ୍‌ପି

ବ୍ରହ୍ମପୁର,୨୫।୮(ସମିସ): ପାଟପୁର ଥାନା ଅଞ୍ଚଳରେ ୫ବର୍ଷର ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ପ୍ରଣତି ପଟ୍ଟନାୟକ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲଦଣ୍ଡରେ



ଦଣ୍ଡିତ କରିଛନ୍ତି। ଏଥି ସହିତ ୨୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ସେହିଭଳି ପୀଡ଼ିତାଙ୍କ ପରିବାରକୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ ଅର୍ଥରାଶି ପ୍ରଦାନ ପାଇଁ କୋର୍ଟ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ମୃତ ନାବାଳିକାଙ୍କ ସମ୍ପର୍କୀୟ ମାମୁ କାଳିଆ ନାହାକ ଓରଫ ଷଣ୍ଢ କାଳିଆ (୨୭)।

ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ କାଳିଆ ନାହାକ ଗତ ଏପ୍ରିଲ ୨୫ତାରିଖରେ ଗାଁ ଦାଣ୍ଡରେ ୫ବର୍ଷର ଶିଶୁକନ୍ୟା ଜଣଙ୍କ ଖେଳୁଥିବାବେଳ ତାକୁ କୁରକୁରେ ଦେବା ବାହାନାରେ ଅପହରଣ କରିନେଇ ନିକଟସ୍ଥ ପୁରୁଣା ଅଙ୍ଗନବାଡ଼ି କେନ୍ଦ୍ରର ବାରଣ୍ଡାରେ ଦୁଷ୍କର୍ମ କରିବା ପରେ ହତ୍ୟା କରିଥିଲା। ପରେ ମର ଶରୀରକୁ ନିର୍ମାଣାଧୀନ କୋଠାରେ ଫୋପାଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଘଟଣାକୁ ନେଇ ଥାନାରେ ଅଭିଯୋଗ ପରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ନିଜେ ମାମଲାର ତଦାରଖ କରିଥିଲେ। ତଦନ୍ତକାରୀ ଅଧିକାରୀ ଶୁଭଲକ୍ଷ୍ମୀ କହଁର ଓ ଚାର୍ଜସିଟ ଦାଖଲ କରିଥିବା ଥାନା ଅଧିକାରୀ ଦୀପ୍ତିରଞ୍ଜନ ବେହେରା ଘଟଣାର ତନାଘନା କରି ଅଭିଯୁକ୍ତ କାଳିଆକୁ ଗିରଫ କରିବା ସହ ମୃତ ନାବାଳିକାଙ୍କ ପରିବାରଙ୍କୁ ନ୍ୟାୟପ୍ରଦାନ ପାଇଁ ଆବଶ୍ୟକ ପ୍ରମାଣ ସଂଗ୍ରହ କରି କୋର୍ଟରେ ଦାଖଲ କରିଥିଲେ। ଗିରଫ ପରଠାରୁ ଅଭିଯୁକ୍ତ କାଳିଆ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହି ଆସୁଥିଲେ। ମାମଲାର ବିଚାରଣା ବେଳେ ମୋଟ ୨୦ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗୁରୁତ୍ୱ ଦୃଷ୍ଟିରୁ ମାମଲାର ତ୍ୱରିତ ଶୁଣାଣି ହୋଇଥିଲା। ମାତ୍ର ୧୨୦ଦିନ ଅର୍ଥାତ୍ ୪ମାସରେ ଘଟଣାର ଶୁଣାଣି ଶେଷ କରି ଚୂଡ଼ାନ୍ତ ରାୟ ପ୍ରଦାନ କରିଛନ୍ତି କୋର୍ଟ। ସାକ୍ଷୀ ଓ ପୁଲିସ ଦେଇଥିବା ଚାର୍ଜସିଟକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ। ଏକ ଚର୍ଚ୍ଚିତ ତଥା ସମ୍ବେଦନଶୀଳ ମାମଲାର ତ୍ୱରିତ ଫଇସଲା ସହିତ ପୀଡ଼ିତାଙ୍କ ପରିବାରକୁ ଉଚିତ ନ୍ୟାୟ ମିଳିଥିବାରୁ ଗଞ୍ଜାମ ପୁଲିସର ଏହା ଏକ ବଡ଼ ସଫଳତା ବୋଲି କହିଛନ୍ତି ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର। ଏହି ସଫଳତା ପାଇଁ ସେ ତଦନ୍ତକାରୀ ଅଧିକାରୀ, ଆସିକା ଏସ୍‌ଡିପିଓ ସୁନ୍ତୋଷ ଜେନା ଓ ଅତିରିକ୍ତ ଏସ୍‌ପିଙ୍କ କାର୍ଯ୍ୟକୁ ପ୍ରଶଂଶା କରିଛନ୍ତି।

## ବିପିନ୍ ବିହାରୀ ଶତପଥୀଙ୍କ ଶ୍ରଦ୍ଧାଞ୍ଜଳି ସଭା




ବ୍ରହ୍ମପୁର,୨୫।୮(ସମିସ): ଓଡିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଗଞ୍ଜାମ ଶାଖା ପକ୍ଷରୁ କବିସୂର୍ଯ୍ୟନଗର ବ୍ଲକ ସଭାପତି ସ୍ୱର୍ଗତ ବିପିନୀ ବିହାରୀ ଶତପଥୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଜିଲ୍ଲା ସଭାପତି ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସ୍ୱର୍ଗତ ଶତପଥୀ ଜଣେ ଦକ୍ଷ ସଂଗଠକ, ସୁବକ୍ତା, ଆଦର୍ଶ ଶିକ୍ଷକ ଥିଲେ ବୋଲି କୁହାଯାଇଛି। ଶୋକ ସଭାରେ ଜିଲ୍ଲା ସମ୍ପାଦକ ଅଶୋକ କୁମାର ଦଳାଇ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ରାଜେନ୍ଦ୍ର କୁମାର ପଣ୍ଡା ଓ ବିଭୂତି ଭୂଷଣ ଜେନା, ସହ ସମ୍ପାଦକ ମିହିର କାନ୍ତ ମହାପାତ୍ର, ଜିଲ୍ଲା ଉପସଭାପତି ସୁବାସ ଚନ୍ଦ୍ର ମିଶ୍ର, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଇ. କନ୍ୟା କୁମାରୀ ଓ କବିରାଜ ସାହୁ, ଉପଦେଷ୍ଟା କୃଷ୍ଣମୂର୍ତ୍ତି, ପୀତବାସ ମହାପାତ୍ର, ଉପେନ୍ଦ୍ର ନାୟକ, ଉପଦେଷ୍ଟା କାମରାଜୁ ମହାରଣା ଓ ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା ଉପସ୍ଥିତ ରହି ନୀରବ ପ୍ରାର୍ଥନା କରିଥିଲେ।

## ନାରୀଙ୍କୁ ସୁରକ୍ଷା ପ୍ରଦାନ ଦାବିରେ ନାଗରିକ କନଭେନସନ୍

ବ୍ରହ୍ମପୁର,୨୫।୮(ସମିସ): ମୁଭମେଣ୍ଟ ଫର୍ ସେକ୍ୟୁଲାର୍ ଡେମୋକ୍ରାସୀ ତରଫରୁ ଏକ ନାଗରିକ କନଭେନସନ୍ ଉତ୍କଳ ଆଶ୍ରମ, ଭାଷା ଭବନରେ ଅନୁଷ୍ଠିତ ହୋଇଛି। ସାହିତ୍ୟିକା ଡ. ବିଧୁପ୍ରଭା ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କନ୍‌ଭେନସନରେ ବକ୍ତାମାନେ ସମଗ୍ର ଦେଶ ଏକ ଜଟିଳ ଏବଂ ଉଦ୍‌ବେଗଜନକ ପରିସ୍ଥିତି ଦେଇ ଗତିକରୁଛି ବୋଲି କହିଥିଲେ। କୋମଳମତି ଶିଶୁଠାରୁ ଆରମ୍ଭ କରି ଛାତ୍ରୀ ଓ ମହିଳାଙ୍କ ଉପରେ ନିର୍ଯାତନା ବୃଦ୍ଧି ପାଉଛି। ବିଶେଷ କରି ଶିକ୍ଷାନୁଷ୍ଠାନ ଭିତରେ ବାହାରେ ଛାତ୍ରୀଙ୍କ ଉପରେ ବୃଦ୍ଧି ପାଉଛି ଅସଦାଚରଣ, ଦୁଷ୍କର୍ମ ଓ ଥ୍ରେଟ କଲଚର୍। ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ବହୁ ବୈଜ୍ଞାନିକ, ଗଣତାନ୍ତ୍ରିକ, ମାନବତାବାଦୀ ପାଠ୍ୟକ୍ରମକୁ ହଟାଇ ଅବୈଜ୍ଞାନିକ, ଅଯୌକ୍ତିକ, ସାଂପ୍ରଦାୟିକ ପାଠ୍ୟକ୍ରମ ପ୍ରଚଳନ କରାଯାଉଥିବା ଏଠାରେ କୁହାଯାଇଛି। ଏପରି ଏକ ପରିସ୍ଥିତିରେ ଛାତ୍ରୀ ତଥା ମହିଳାଙ୍କ ଉପରେ ହୋଇଥିବା ଅସଦାଚରଣ, ଦୁଷ୍କର୍ମ ଘଟଣା ସହିତ ସଂପୃକ୍ତ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ କରିବାକୁ ଦାବି ହୋଇଛି। ଏହି କନଭେନସନରେ ଆଇନଜୀବୀ ଭଗବାନ ସାହୁ, ବିଷ୍ଣୁ ଦାଶ, ସୋମନାଥ ବେହେରା, ନିମାଇଁ ଚରଣ ସାହୁ, ପ୍ରତାପ ଚୌଧୁରୀ, ଅବନୀ ଗୟା, ଶ୍ୟାମ ସୁନ୍ଦର ଖାଡେଙ୍ଗା, ପଦ୍ମିନୀ ମିଶ୍ର, ସସ୍ମିତା ମହାପାତ୍ର, ସିରିନ ତମନ୍ନା, ମନିଷା, ପପୁନ ସାହୁ, ଜଗନ୍ନାଥ ବେହେରା, ଶୁଭସ୍ମିତା ପାଣିଗ୍ରାହୀ, କିସାନ ସାହୁ, ନାରାୟଣ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଏହି ପ୍ରସଙ୍ଗ ଉପରେ ସ୍ୱରଚିତ କବିତାମାନ ପାଠ କରିବା ସହିତ ଏକକ ଅଭିନୟ ମଧ୍ୟ କରାଯାଇଥିଲା।

# କୃଷିରେ ଡ୍ରୋନ୍ : ପଥ ପ୍ରଦର୍ଶକ ସାଜିଲେ ସୁଭେନ୍

ବ୍ରହ୍ମପୁର,୨୫।୮(ସମିସ)

ଆଜିର ଯୁଗରେ କୃଷି କେବଳ ପାରମ୍ପରିକ ପ୍ରଣାଳୀରେ ସୀମିତ ରହିନାହିଁ। ଆଧୁନିକ ପ୍ରଯୁକ୍ତି ବିଦ୍ୟାର ସହାୟତାରେ ନୂଆ ଆକାର ନେଉଛି। ଏହି ପଥରେ ନେତୃତ୍ୱ ନେଇଛନ୍ତି ଗଞ୍ଜାମ ଜିଲ୍ଲାର ଚିକିଟି ବ୍ଲକ୍ ଅନ୍ତର୍ଗତ ବଡବରଙ୍ଗ ଗ୍ରାମର ଯୁବ ଚାଷୀ ସୁଭେନ୍ କୁମାର ପାଣିଗ୍ରାହୀ। ଡ୍ରୋନ୍ ଚାଳନାରେ କୃଷିକୁ ସଫଳ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ସେ। ଡ୍ରୋନ୍ ଦ୍ୱାରା କୃଷିର ପରିବର୍ତ୍ତନ ଆଣି ସଫଳତା ପାଇଁ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୬୪ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ମାର୍ଟ କୃଷି ଓ ବିକଶିତ ଓଡ଼ିଶା ଶୀର୍ଷକ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ସମ୍ମାନିତ କରିଛନ୍ତି। ସୁଭେନଙ୍କ ପରିବାର କୃଷି ସହିତ ଜଡ଼ିତ। ପିତା



ପାରମ୍ପରିକ ପ୍ରଣାଳୀରେ କୃଷି କରୁଥିଲେ। ଶିଶୁବେଳାରୁ ଚାଷବାଡ଼ି ଦେଖିବା ସହିତ ବଡ଼ ହୋଇଥିବାରୁ ସୁଭେନଙ୍କ ମନରେ କୃଷି ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। କୃଷିରେ ସ୍ନାତକ ଶିକ୍ଷା ସମ୍ପନ୍ନ କଲାପରେ, ସରକାରୀ ବେସରକାରୀ ଚାକିରିକୁ ଛାଡ଼ି, ଗାଁକୁ ଫେରି ଆଧୁନିକ ପ୍ରଯୁକ୍ତିରେ କୃଷି କରିବାକୁ ସଙ୍କଳ୍ପ ନେଲେ। ସେଥିପାଇଁ ସେ ଡ୍ରୋନ ଚାଳନାରେ ପ୍ରଶିକ୍ଷଣ ନେଇ, ନିଜ କ୍ଷେତ୍ରରେ ପ୍ରୟୋଗ କରି ଓ ପରେ ଗାଁର ଅନ୍ୟ କୃଷକଙ୍କୁ ମଧ୍ୟ ଏହାର ଉପକାରିତା ବିଷୟରେ ଜଣାଇଥିଲେ। ନିଜେ ମଧ୍ୟ ଏକ କଷ୍ଟମ୍ ହାଇରିଂ କେନ୍ଦ୍ର କରି, ଚାଷୀ ମାନଙ୍କୁ ସୁଲଭ ଦରରେ ଡ୍ରୋନ୍ ସହିତ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ଯୋଗାଇ ଦେଉଛନ୍ତି। ପୂର୍ବରୁ ଯେଉଁଠି କୀଟନାଶକ, ସାର, କିମ୍ବା ପୋଷକ ଦେବା ପାଇଁ କୃଷକମାନେ ଘଣ୍ଟା ଘଣ୍ଟା ଧରି କଷ୍ଟ କରୁଥିଲେ। ସେଠାରେ ଡ୍ରୋନ୍ ଯୋଗେ ୧୦-୧୫ ମିନିଟ୍‌ରେ ସେଇ କାମକୁ ସହଜରେ ସମ୍ପାଦନ କରୁଛି। ଡ୍ରୋନ୍ ବ୍ୟବହାର କରିବାରୁ ସମୟ, ପାଣି, ଔଷଧ, ସାର ଓ ଶ୍ରମରେ ସଞ୍ଚୟ ହେଉଛି। ସାର ଓ କୀଟନାଶକ ସମ୍ବନ୍ଧିତ ବ୍ୟବହାର ସୀମିତ ହେବାରୁ ଫସଲର ଉତ୍ପାଦନ ସହ ବିଷ ମୁକ୍ତ ବୃଦ୍ଧି ହେଉଛି ବୋଲି ସୁଭେନ କହିଛନ୍ତି। ତାଙ୍କ ସଫଳତାକୁ ଦେଖି ପଡ଼ୋଶୀ କୃଷକମାନେ ମଧ୍ୟ ଡ୍ରୋନ୍ ପ୍ରଯୁକ୍ତିରେ ରୁଚି ଦେଖାଉଛନ୍ତି।

ଅନେକ କୃଷକ ବର୍ତ୍ତମାନ ସୁଭେନଙ୍କୁ ସମ୍ପର୍କ କରି ତାଙ୍କ କ୍ଷେତରେ ଡ୍ରୋନ୍ ମାଧ୍ୟମରେ ସାର ଓ କୀଟନାଶକ ପ୍ରୟୋଗ କରିବାରେ ସହାୟତା ନେଉଛନ୍ତି। ନିକଟରେ କୃଷି ବିଜ୍ଞାନ କେନ୍ଦ୍ର ଓ ଚିକିଟି ବ୍ଲକ୍ କୃଷି ଅଧିକାରୀଙ୍କ ଦ୍ୱାରା ଆୟୋଜିତ କୃଷି ସଂକଳ୍ପ ଅଭିଯାନବେଳେ ଡ୍ରୋନ ଉଡାଣ କରି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପାରିଥିଲେ।

କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ମନୋନୀତ ହୋଇ ତାଙ୍କୁ ଯୁବ ସ୍ମାର୍ଟ ଚାଷୀ ହିସାବରେ ଜିଲ୍ଲାରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ଦିଆଯାଇଥିଲା। ଏହି କାର୍ଯକ୍ରମରେ ଉପସ୍ଥିତ ଥିବା ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମଧ୍ୟ ସୁଭେନ୍‌ଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସୁଭେନ୍ କେବଳ ଗଞ୍ଜାମ ଜିଲ୍ଲା ନୁହଁ, ବରଂ ସାରା ଗଞ୍ଜାମ ତଥା ରାଜ୍ୟର ଯୁବଶକ୍ତିଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କୃଷି ବିଜ୍ଞାନ କେନ୍ଦ୍ର ବ୍ରହ୍ମପୁରର ମୁଖ୍ୟ ବୈଜ୍ଞାନିକ ଡ ସୁଜିତ୍ କୁମାର ନାଥ ପ୍ରକାଶ କରିଛନ୍ତି।

୨୫/୮/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୨୨,୧୦୦/- ସୁନା: ୦୧.୫୦୦ ଗ୍ରାମ୍ ରୁପା: ୧୧୩.୮୦୦ ଗ୍ରାମ୍





# ତାଳଧ୍ୱଜ ରଥ ଭଙ୍ଗା ଆରମ୍ଭ



ପୁରୀ,୨୫।୮ (ସମିସ): ସିଂହଦ୍ୱାର ସମ୍ମୁଖରେ ଥିବା ତିନିରଥ ଗତ ଶୁକ୍ରବାରଠାରୁ ଭଙ୍ଗା ଆରମ୍ଭ ହୋଇଛି। ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଭଙ୍ଗାଯାଉଥିଲା। ରବିବାର ଦେବଦଳନ ରଥ ଭଙ୍ଗା ସମ୍ପୂର୍ଣ୍ଣ ହେବା ପରେ ସୋମବାରଠାରୁ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଭଙ୍ଗା ଆରମ୍ଭ ହୋଇଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ୯ ଜଣ ଭୋଇ ସେବକ ଏଥିରେ ନିୟୋଜିତ ହୋଇଛନ୍ତି। ଉପରଆଡୁ ରଥ ଭଙ୍ଗା ଯାଉଛି। ସୋମବାର ସୁଦ୍ଧା ରଥର ଖପୁରୀ, ପାରାଭାଡ଼ି, ପୋଟଳ, ପୋଟଳ ପାରେଣି, ଖମ୍ବି ଓ ଓରା, ତୃତୀୟ ଭୂଇଁ, ଦ୍ୱିତୀୟ ଭୂଇଁ, ଅନ୍ଧାରୀ ତାଗ, କଇଁଚି, ପ୍ରଭା, ଦୁଆରବେଢ଼ା ପର୍ଯ୍ୟନ୍ତ ଭଙ୍ଗାଯାଇଛି। ରଥ ଭଙ୍ଗାଯାଇ ବାହାରୁଥିବା କାଠକୁ ମଶାଣୀଚଣ୍ଡୀ ଛକସ୍ଥିତ ଗୋଦାମ ଘରେ ରଖାଯାଉଛି। ତାଳଧ୍ୱଜ ରଥ ସମ୍ପୂର୍ଣ୍ଣ ଭାଙ୍ଗିବାକୁ ଆହୁରି ତିନିଦିନ ଲାଗିବ ବୋଲି ଭୋଇ ସର୍ଦ୍ଦାର କହିଛନ୍ତି। ତାଳଧ୍ୱଜ ରଥ ଭଙ୍ଗାଯିବା ପରେ ଶେଷରେ ନନ୍ଦିଘୋଷ ରଥ ଭଙ୍ଗାଯିବ। ଶ୍ରୀମନ୍ଦିର ରେକର୍ଡ ଅଫ୍ ରାଇଟ୍ ଅନୁଯାୟୀ, ଖେଇ ବାବଦରେ ରଥର କିଛି ଅଂଶ ମହାରଣା, ରୂପକାର, କମାର ଓ ଭୋଇ ସେବକଙ୍କୁ ପ୍ରଦାନ କରାଯିବ। ସିଂହାସନ, ପ୍ରଭା, ନାଟଗୋଡ଼, ଗୁଜ ଓ ଚକକୁ ଷ୍ଟୋର୍ ରୁମ୍‌ରେ ରଖାଯିବ। ଏହାକୁ ବିକ୍ରି କରାଯିବ। ବଳକା କାଠକୁ ଚିରଟ କରାଯାଇ ଶ୍ରୀମନ୍ଦିର ରୋଷ ଶାଳାରେ ମହାପ୍ରଭୁଙ୍କ କୋଠଭୋଗ ପ୍ରସ୍ତୁତିରେ ବ୍ୟବହାର କରାଯିବ।

## ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ନୀତି ସମ୍ପନ୍ନ

ପୁରୀ,୨୫।୮ (ସମିସ): ଭାଦ୍ରବ ଶୁକ୍ଳ ଦ୍ୱିତୀୟା ତିଥିରେ ସୋମବାର ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ନୀତି ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ଧୂପ ବଢ଼ିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ ଆଜ୍ଞାମାଳ ପାଇ ଜଗମୋହନରେ ବିଜେ ହୋଇଥିଲେ। ସେଠାରେ ନିକୁଞ୍ଜ ଲୀଳା ନୀତି ସମ୍ପନ୍ନ କରାଯାଇଥିଲା। ହରଚଣ୍ଡୀ ସାହିବାସୀ ଏହି ଲୀଳା ପ୍ରସ୍ତାବ ଆଗତ କରିଥିଲେ। ଏହାପରେ ଶୀତଳ ଭୋଗ ଓ ବନ୍ଦାପନା ହୋଇ ଠାକୁର ଦକ୍ଷିଣୀ ଘରକୁ ବିଜେ କରିଥିଲେ। ପୌରାଣିକ କଥାବସ୍ତୁ ଅନୁଯାୟୀ, ମହାପ୍ରଭୁ କୃଷ୍ଣ ଅବତାରରେ ଗୋପୀମାନଙ୍କ ସହିତ ଲୀଳା କରୁଥିଲେ। ସେତେବେଳେ ଗୋପୀମାନେ ନିକୁଞ୍ଜ ବା ଲତା କୁଞ୍ଜରେ ରାଧାକୃଷ୍ଣଙ୍କୁ ବସାଇ ବିଭିନ୍ନ ପ୍ରକାର ଫୁଲରେ ସଜାଇ ତାଙ୍କ ସହିତ ଲୀଳା କରୁଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ଅନୁଷ୍ଠିତ ହେଉଛି।

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ବେଦ ସଂଗୋଷ୍ଠୀ

ପୁରୀ,୨୫।୮ (ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବେଦ ବିଭାଗ ଦ୍ୱାରା ଦ୍ୱିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବେଦଶାସ୍ତ୍ରର ବ୍ୟାଖ୍ୟା ପରମ୍ପରାରେ ଆରଣ୍ୟକ ସାହିତ୍ୟର ଯୋଗଦାନ ବିଷୟରେ ଆୟୋଜିତ ଏହି ଜାତୀୟ ଆଲୋଚନାଚକ୍ରରେ ଭାରତର ବିଭିନ୍ନ ସ୍ଥାନରୁ ଓ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପ୍ରଫେସର ଯୋଗଦେଇଥିଲେ। ଏହି ସଂଗୋଷ୍ଠୀକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଉଦ୍‌ଘାଟନ କରି ବେଦ ବିଦ୍ୟାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜି.ଏସ୍.ଭି. ଦତ୍ତାତ୍ରେୟ ମୂର୍ତ୍ତି, ମୁଖ୍ୟଅତିଥି ଅବସରପ୍ରାପ୍ତ ଆଚାର୍ଯ୍ୟ ପ୍ରଫେସର ଦିବାକର ମହାପାତ୍ର, ସମ୍ମାନିତ ଅତିଥି ବରିଷ୍ଠ ବିଦ୍ୱାନ ପ୍ରଫେସର ଗୋପାଳକୃଷ୍ଣ ଦାଶ, ମୁଖ୍ୟବକ୍ତା କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରୟାଗରାଜଠାରେ ଥିବା ଗଙ୍ଗାନାଥ ଝା, ପରିସରର ବେଦ ବିଭାଗର ଅଧ୍ୟକ୍ଷ ପ୍ରଫେସର ମନୋଜ କୁମାର ମିଶ୍ର, ସାରସ୍ୱତ ଅତିଥି ଭାବେ କୋଲକାତା ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗର ପୂର୍ବ ବିଭାଗ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ଭଟ୍ଟାଚାର୍ଯ୍ୟ ବାନପ୍ରସ୍ଥ ଜୀବନରେ ଅନ୍ତିମ ଲକ୍ଷ୍ୟ ସିଦ୍ଧି ପାଇଁ ଆରଣ୍ୟକ ସାହିତ୍ୟ କିଭଳି ଉପଯୋଗୀ ତାହା ଚର୍ଚ୍ଚା କରିଥିଲେ। ବିଶିଷ୍ଟ ଅତିଥି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅବସରପ୍ରାପ୍ତ ଓଡ଼ିଆ ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗଦେଇଥିଲେ। ଏହି ସାରସ୍ୱତ ସଭାରେ ସ୍ନାତକୋତ୍ତର ବେଦ ବିଭାଗର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବ ବିଭାଗ ଅଧ୍ୟକ୍ଷା ଓ ଆସୋସିଏଟ୍ ପ୍ରଫେସର ଡ. ପରାମ୍ବା ଶ୍ରୀଯୋଗମାୟା ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଓ ଜାତୀୟ ଆଲୋଚନାଚକ୍ରର ସଂଯୋଜକ ଡ. ଚନ୍ଦନ କୁମାର ମିଶ୍ର ସଭା ସଞ୍ଚାଳନ କରିଥିଲେ। ବିଭାଗର ଅତିଥି ଅଧ୍ୟାପକ ଡ. ରାମଚନ୍ଦ୍ର ହୋତା ବେଦପାଠ କରିଥିଲେ।

ଉଦ୍‌ଘାଟନ ପରେ ଦୁଇଟି ଶୈକ୍ଷଣିକ ଅଧିବେଶନ ହୋଇଥିଲା। ପ୍ରଥମ ଅଧିବେଶନରେ ଅବସରପ୍ରାପ୍ତ ପ୍ରଫେସର ବ୍ରଜକିଶୋର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ବିଷୟ ବିଶେଷଜ୍ଞ ଭବେ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ବେଦଭାଷ୍ୟ ବିଭାଗର ଅଧ୍ୟକ୍ଷ ଡ. ନିରଞ୍ଜନ ମିଶ୍ର ଓ ଆଧାର ପୁରୁଷ ଭାବରେ ସ୍ନାତକୋତ୍ତର ବ୍ୟାକରଣ ବିଭାଗର ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଯୋଗଦେଇଥିଲେ। ଏହାକୁ ସ୍ନାତକୋତ୍ତର ଅଦ୍ୱୈତ ବେଦାନ୍ତ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଶ୍ରଦ୍ଧାଞ୍ଜଳି ମହାପାତ୍ର ସଞ୍ଚାଳନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଶ୍ୱବିଦ୍ୟାଳୟର ପୂର୍ବ କୁଳସଚିବ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ଯୋଗଦେଇଥିଲେ। ବିଷୟ ବିଶେଷଜ୍ଞ ଭାବରେ ବିଶ୍ୱଭାରତୀ ଶାନ୍ତିନିକେତନର ସଂସ୍କୃତ ପାଲି ପ୍ରାକୃତ ବିଭାଗର ପ୍ରଫେସର ଓ ପୂର୍ବ ବିଭାଗ ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ଜେନା, ଆଧାର ପୁରୁଷ ଭାବରେ ପ୍ରଫେସର ହରେକୃଷ୍ଣ ମିଶ୍ର ଯୋଗଦେଇଥିଲେ। ଏହାକୁ ସାହିତ୍ୟ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ନୀଳାମ୍ବର ବାଘ ସଞ୍ଚାଳନ କରିଥିଲେ। ସନ୍ଧ୍ୟାରେ ସ୍ନାତକୋତ୍ତର ବେଦ ବିଭାଗର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସ୍ନାତକୋତ୍ତର ସାହିତ୍ୟ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଦେବାଶିଷ ତ୍ରିପାଠୀ ପରିଚାଳନା କରିଥିଲେ।

### ନ୍ୟାୟ ପାଇଁ ଦୌଡ଼ି ଦୌଡ଼ି ନିରାଶ

# ଏସ୍‌ପିଙ୍କ କାର୍ଯ୍ୟାଳୟରେ କିରାସିନି ଢାଳି ଆତ୍ମାହୁତି ଉଦ୍ୟମ

ପୁରୀ,୨୫।୮ (ସମିସ): ନ୍ୟାୟ ପାଇବା ପାଇଁ ସମସ୍ତଙ୍କୁ ଗୁହାରି କରିଛନ୍ତି। ହେଲେ ତାଙ୍କୁ ନ୍ୟାୟ ମିଳିଲାନି। ଏପରିକି ପୁଲିସ ମଧ୍ୟ ତାଙ୍କ କଥା ଶୁଣିଲାଣି। ସବୁଠୁ ନିରାଶ ହେବା ପରେ ଜୀବନ ହାରିବାକୁ ନିଷ୍ପତ୍ତି ନେଲେ ସତ୍ୟବାଦୀ ବ୍ଲକ୍ ଅଲୁଗୁମ୍‌ର ଲଲାଟ କିଶୋର ଜେନା। ସୋମବାର ସେ ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟରେ କିରାସିନି ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ଅଭିଯୋଗ କରିଛନ୍ତି ଯେ ୭ ବର୍ଷ ହେବ ସେ ନ୍ୟାୟ ପାଇବା ପାଇଁ ସମସ୍ତଙ୍କ ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ ସବୁଠି ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଯେଉଁଥିପାଇଁ ସେ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଥିଲେ ବୋଲି କହିଛନ୍ତି ଲଲାଟ।

ତାଙ୍କ ଅଭିଯୋଗ ଅନୁଯାୟୀ, ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ପ୍ରଭାତ ଲେନ୍‌ରେ ତାଙ୍କର ଏକ ଘର ରହିଛି। ଏହି ଘରର ସମସ୍ତ କାଗଜପତ୍ର ସହ ବିଲ୍ଡିଂ ପ୍ଲାନ୍, ଶ୍ରୀମନ୍ଦିର ପ୍ରଶାସନର ଏନ୍‌ଓସି ରହିଛି। ଏହା ସତ୍ତ୍ୱେ ସୁଧାକର ଭୋଳ ନାମକ ଜଣେ ବ୍ୟକ୍ତି ବିନା କୌଣସି କାଗଜପତ୍ରରେ ତାଙ୍କ ଘର ମାଡ଼ି ବସିଛନ୍ତି।



ସେତେବେଳେ ସେ ଏ ନେଇ ଏତଲା ଦେଇଥିଲେ। ହେଲେ ପୁଲିସ ତାଙ୍କ ଅଭିଯୋଗ ଗ୍ରହଣ କରି ନ ଥିଲା। ଦୀର୍ଘ ୭ ବର୍ଷ ହେବ ସେ ବିଭିନ୍ନ ଲୋକଙ୍କ ପାଖକୁ ଯାଇ ତାଙ୍କ ଗୁହାରି ଜଣାଇଛନ୍ତି। ଜଣେ ବ୍ୟକ୍ତି କିପରି ତାଙ୍କ ଘରକୁ ଜୋର୍‌ବରଦସ୍ତ ମାଡ଼ିବସିଛନ୍ତି ସେ ବିଷୟରେ ଜଣାଇଛନ୍ତି। ଏପରି କି, ମୁଖ୍ୟମନ୍ତ୍ରୀଙ୍କ ଅଫିସରୁ ତାଙ୍କ ଅଭିଯୋଗ ଶୁଣି ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଆସିଥିବା ସତ୍ତ୍ୱେ ପୁରୀ ପୁଲିସ ଏହାକୁ ଅବହେଳା କରିଛି। ଗତ ମେ' ମାସରେ ମଧ୍ୟ ସେ କୁମ୍ଭାରପଡ଼ା ଥାନାରେ ସମସ୍ତ ପ୍ରମାଣପତ୍ର ଦେଇ ଅଭିଯୋଗ କରିଥିଲେ। କିନ୍ତୁ ଗତ ଶନିବାର ରାତି ଅଧରେ ପୁଲିସ ଉପସ୍ଥିତିରେ ତାଙ୍କ ଘରେ ଛାତ ପକାଯାଇଛି। ସେହିଦିନ ରାତିରେ ସେ ପୁଲିସଠାରୁ ଆରମ୍ଭ କରି ସମସ୍ତଙ୍କ ସହ ଯୋଗାଯୋଗ କରିଥିଲେ ହେଁ କୌଣସି ସୁଫଳ ନ ମିଳିବାରୁ ସେ ରହୁଥିବା ଭୁବନେଶ୍ୱର ବଡ଼ଗଡ଼ ଥାନାରେ ଜିରୋ ଏତଲା ଦେଇଥିଲେ। ଏହି ଜମିବାଡ଼ି ବିବାଦକୁ ନେଇ ସୋମବାର ସେ ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ଆତ୍ମାହୁତି ଉଦ୍ୟମ କରିଥିଲେ। ନିଜେ ଆଣିଥିବା କିରାସିନି ଢାଳି ହୋଇ ନିଆଁ ଲଗାଇବାକୁ ଉଦ୍ୟମ କରୁଥିବାବେଳେ ପୁଲିସ କର୍ମଚାରୀମାନେ ତାଙ୍କୁ କାବୁ କରିନେଇଥିଲେ। ଏହାପରେ ଲଲାଟଙ୍କୁ ପୁଲିସ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା।

ଏ ସମ୍ପର୍କରେ କୁମ୍ଭାରପଡ଼ା ଥାନାଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି, ପୁଲିସ ଉପସ୍ଥିତିରେ ରାତିରେ କାମ ହେବା ଯେଉଁ ଅଭିଯୋଗ ଆସୁଛି ତାହାର ସତ୍ୟତା ନାହିଁ। ସେହି ଜାଗାରେ କାମ ବନ୍ଦ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତହସିଲ୍‌ଦାରଙ୍କୁ କୁହାଯାଇଥିଲା। ଶନିବାର କାମ ଚାଲିଥିବା ଖବର ପାଇବା ପରେ ପୁଲିସ କାମ ବନ୍ଦ ପାଇଁ ଯାଇଥିଲା। ପୁଲିସ ଉପସ୍ଥିତିରେ କାମ ହେଉଥିବା ମିଛ କଥା ବୋଲି ଶ୍ରୀ ସାହୁ କହିଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନକଲେ ନୂଆ ଏସ୍‌ପି ପ୍ରତୀକ ସିଂ



### ସିଂହଦ୍ୱାରରେ ମାରିଲେ ସାଷ୍ଟାଙ୍ଗ ମୁଣ୍ଡିଆ

ପୁରୀ,୨୫।୮ (ସମିସ): ପୁରୀର ନୂତନ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ ପୂର୍ବରୁ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ପ୍ରତୀକ ସିଂ। ବିଧିବଦ୍ଧ ଭାବେ ସେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିବେ। ହେଲେ ଏହା ପୂର୍ବରୁ ସୋମବାର ସକାଳେ ଶ୍ରୀ ସିଂ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ତାଙ୍କୁ ପୁରୀ ପୁଲିସ ଏବଂ ସେବାୟତଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହାପରେ ଶ୍ରୀ ସିଂଙ୍କୁ ମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ତେବେ ମନ୍ଦିରକୁ ପ୍ରବେଶ ପୂର୍ବରୁ ସିଂହଦ୍ୱାରରେ ଥାଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସାଷ୍ଟାଙ୍ଗ ମୁଣ୍ଡିଆ ମାରିଥିଲେ ପ୍ରତୀକ ସିଂ, ଯାହାକି ଏବେ ବେଶ୍ ଚର୍ଚ୍ଚାରେ। ତେବେ ଶ୍ରୀମନ୍ଦିରରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିବା ସହ ବେଢ଼ା ପରିସର ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ଫେରିବା ବେଳେ ସିଂହଦ୍ୱାରଠାରେ ଗଣମାଧ୍ୟମ ସମ୍ମୁଖରେ ତାଙ୍କ ପ୍ରତିକ୍ରିୟା ଦେଇଥିଲେ। ଶ୍ରୀ ସିଂ କହିଥିଲେ, ପୁରୀ ଜିଲ୍ଲାର ଏସ୍‌ପି ଭାବେ ଦାୟିତ୍ୱ ପାଇଥିବାରୁ ନିଜକୁ ଧନ୍ୟ ମନେ କରୁଛି। ପ୍ରଥମେ ମହାପ୍ରଭୁଙ୍କ ଦର୍ଶନ କରି ତାଙ୍କ ଆଶୀର୍ବାଦ ନେଇ କାମ ଆରମ୍ଭ କରିବାକୁ ଯାଉଛି। ଜିଲ୍ଲାର ଯାହାସବୁ ଗୁରୁତ୍ୱପୂର୍ଣ୍ଣ କାମ ରହିଛି ତାହା କିପରି ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ ସେ ନେଇ ସରକାର ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟତଃ ଶ୍ରୀମନ୍ଦିରର ସୁରକ୍ଷା, ମହାପ୍ରଭୁଙ୍କ ନୀତିକାନ୍ତି, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପୁଲିସର ପ୍ରାଥମିକତା ରହିବ। ଏ ନେଇ ସେବାୟତଙ୍କ ସହିତ ଆଲୋଚନା କରାଯିବ। ଜିଲ୍ଲାରେ ପୁଲିସ ବିଭାଗ ସମ୍ପର୍କିତ ଯାହାସବୁ କାମ ରହିଛି, ବିଶେଷକରି ଜନସାଧାରଣଙ୍କୁ କିପରି ଉତ୍ତମ ସେବା ଏବଂ ନ୍ୟାୟ ପ୍ରଦାନ କରାଯିବ ତାହା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ପୁରୀକୁ ବର୍ଷତମାମ ପର୍ଯ୍ୟଟକ ଆସିଥା'ନ୍ତି। ତେଣୁ ସେମାନଙ୍କୁ ସୁରକ୍ଷା ଏବଂ ସେବା ପ୍ରଦାନ ଉପରେ ପୁଲିସ ଧ୍ୟାନ ଦେବ। ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରାଯାଇ କାମ କରାଯିବ ବୋଲି କହିଛନ୍ତି ନୂଆ ଏସ୍‌ପି ଶ୍ରୀ ସିଂ। ମଙ୍ଗଳବାର ସେ ବିଧିବଦ୍ଧ ଭାବେ ପୁରୀର ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିବେ। ଶୃଙ୍ଖଳିତ ରଥଯାତ୍ରା, ସେବାୟତଙ୍କ ସହ ଉତ୍ତମ ସମନ୍ୱୟ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତ ନିଶ୍ଚିତ ନୂଆ ଏସ୍‌ପିଙ୍କ ପାଇଁ ଚ୍ୟାଲେଞ୍ଜ ରହିବ ବୋଲି କୁହାଯାଉଛି।

### ନେପାଳରେ ଚମକିଲେ ଓଡ଼ିଆ ପୁଅ

## ପାୱାର ଲିଫ୍ଟିଂରେ ଜିତିଲେ ୨ ସ୍ୱର୍ଣ୍ଣ

ପୁରୀ,୨୫।୮ (ସମିସ): ନେପାଳରେ ଚମକିଛନ୍ତି ଓଡ଼ିଆ ପୁଅ ତଥା ପୁରୀର ଦେବୀ ପ୍ରସାଦ ଦାସ। କାଠମାଣ୍ଡୁରେ ଜିତିଛନ୍ତ ୨ ସ୍ୱର୍ଣ୍ଣ ପଦକ। ଏସିଆନ୍ ପାୱାର ଲିଫ୍ଟିଂ ପ୍ରତିଯୋଗତାରେ ବାଜିମାତ୍ କରିଛନ୍ତି ଦେବୀପ୍ରସାଦ। ଏସିଆନ୍ ପ୍ରତିଯୋଗିତା ପାଇଁ ମନୋନୀତ ହୋଇ ଗତ ୧୫ରୁ ୧୭ ତାରିଖ କାଠମାଣ୍ଡୁରେ ଆୟୋଜିତ ଏସିଆନ ପାୱାର ଲିଫ୍ଟ ପ୍ରତିଯୋଗିତାରେ ସେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଜୁନିଅର ବିଭାଗର ୧୨୦ କେଜି ବର୍ଗ ଡେଡ୍ ଲିଫ୍ଟିଂରେ ସ୍ୱର୍ଣ୍ଣ ହାତେଇବା ସହ ସାମଗ୍ରିକ ଶକ୍ତି ଉତ୍ତୋଳନରେ ସ୍କ୍ୱାଟ୍, ବେଞ୍ଚ ପ୍ରେସ୍‌ରେ ସେ ହାତେଇଛନ୍ତି ଅନ୍ୟ ଏକ ସ୍ୱର୍ଣ୍ଣ, ଯାହାକି ଆମ ଦେଶ ଓ ରାଜ୍ୟ ପାଇଁ ଗର୍ବ ଓ ଗୌରବ। ଉକ୍ତ ପ୍ରତିଯୋଗିତାରେ ଭାରତକୁ ମିଶାଇ ୭ଟି ଦେଶ ଅଂଶଗ୍ରହଣ କରିଥିଲେ। କଠିନ ପରିଶ୍ରମ ସହ ପିତାମାତାଙ୍କ ଆଶୀର୍ବାଦ ଯୋଗୁଁ ଦେବୀପ୍ରସାଦଙ୍କୁ ଏହି ସଫଳତା ମିଳିଛି। ସେଥିପାଇଁ ସେ ବହୁତ ଖୁସି ଅନୁଭବ କରୁଛନ୍ତି। ସରକାରଙ୍କ ପକ୍ଷରୁ ଯଦି ପ୍ରୋତ୍ସାହନ ମିଳେ ତେବେ ଆଗକୁ ଆହୁରି ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ହେବା ସହ ପଦକ ହାତେଇବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି ଦେବୀ।



## ଭାଇକୁ ମାଡ଼ମାରି ନାବାଳିକା ଭଉଣୀକୁ ଉଠାଇନେଲେ

ପୁରୀ,୨୫।୮ (ସମିସ): ପୁରୀ ସଦର ଥାନା ଗିରଳ ଅଞ୍ଚଳରୁ ଜଣେ ନାବାଳିକାକୁ ୩ ଦୁର୍ବୃତ୍ତ ଉଠାଇ ନେଇଛନ୍ତି। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଇତିମଧ୍ୟରେ ଚାରିଦିନ ବିତିଯାଇଥିଲେ ମଧ୍ୟ ପୁଲିସ ନାବାଳିକାଙ୍କ ସମ୍ପର୍କରେ କୌଣସି ସୁରାକ୍ ପାଇନାହିଁ। ଅଭିଯୋଗ ଅନୁଯାୟୀ, ଘରେ ଭାଇ, ଭଉଣୀ ଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ଗୋଟିଏ ବାଇକ୍‌ରେ ଆସି ଘରେ ପଶି ଭାଇକୁ ମାଡ଼ ମାରିଥିଲେ। ଏହାପେର ୧୬ ବର୍ଷୀୟା ନାବାଳିକାକୁ ଉଠାଇ ନେଇ ପଳାଇଥିଲେ। ତାଙ୍କ ବାପା ଘରେ ପହଞ୍ଚିବା ପରେ ଘଟଣା ବିଷୟରେ ବୁଝିଥିଲେ। ଏ ନେଇ ରବିବାର ନାବାଳିକାର ବାପା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଖୋଜାଖୋଜି ଚଳାଇଛି ବୋଲି ଥାନାଧିକାରୀ ସୁନୀଲ କୁମାର ପ୍ରଧାନ କହିଛନ୍ତି।

## କୁମାର ଉତ୍ସବ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ପୁରୀ,୨୫।୮ (ସମିସ): ପ୍ରମୁଖ ସାଂସ୍କୃତିକ ସଂଗଠନ 'କୁମାର ଉତ୍ସବ ସମିତି' ପକ୍ଷରୁ ଆଗାମୀ ଅକ୍ଟୋବର ୮, ୯ ଓ ୧୦ ତାରିଖ ତିନିଦିନ ବ୍ୟାପୀ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବାକୁ ଯାଉଛି ୫୮ ତମ କୁମାର ଉତ୍ସବ। ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ପାଇଁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଗତ ୨୩ ଓ ୨୪ ତାରିଖ ଦୁଇଦିନ ଧରି ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏବର୍ଷ ପ୍ରତିଯୋଗିତାକୁ ଦିବଂଗତ ପାର୍ବତୀ ପାଟଯୋଷୀ ମହାପାତ୍ରଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଥିଲା। ଗୀତା ପାଠ, ଓଡ଼ିଆ ଭାଗବତ ପଠନ, ଶ୍ରୀକ୍ଷେତ୍ର କୁମାର, କୁମାରୀ, ଶ୍ରୀକ୍ଷେତ୍ର ଗୃହିଣୀ, ଯୋଗ, ସଙ୍ଗୀତ, କୌତୁକ ପୋଷାକ, ସଙ୍ଗୀତ, ବକ୍ତୃତା, ଓଡ଼ିଶୀ ନୃତ୍ୟ, ଭଜନ ନୃତ୍ୟ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କୁ ସୁନ୍ଦର ପରିବେଶ ଯୋଗାଇଦେବା ପାଇଁ ଦୀର୍ଘ ବର୍ଷ ଧରି ଏହି ଅନୁଷ୍ଠାନ ପ୍ରୟାସ ଜାରି ରଖିଛି। ଏଥିରେ ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ପ୍ରତିଯୋଗିତା କମିଟି ଅଧ୍ୟକ୍ଷ ସୁକାନ୍ତ ପଣ୍ଡା, କାର୍ଯ୍ୟକାରୀ ସଭାପତି ରାଜେଶ କୁମାର ମିଶ୍ର ଓ ଚକ୍ରଧର ମହାପାତ୍ର, ସ୍ମରଣିକା ସମ୍ପାଦକ ଶ୍ରୀକାନ୍ତ ମହାନ୍ତି, ଭରତ ନାୟକ, ବିଦ୍ୟୁଲତା ଆଚାର୍ଯ୍ୟ, ଅମରେନ୍ଦ୍ର ପାଇକରାୟ, ରତନ କୁମାର ଦାସ, କଳ୍ପନା ମୁଦୁଲି, ସରସ୍ୱତୀ ପାତ୍ର, ଶ୍ୟାମ ପ୍ରକାଶ ସେନାପତି, ବିକାଶ ଦତ୍ତ, ଲକ୍ଷ୍ମୀଧର ପୂଜାପଣ୍ଡା, ରମାବଲ୍ଲଭ ମହାପାତ୍ରଙ୍କ ସମେତ ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରିଥିଲେ। ପ୍ରକାଶଥାଉ କି, ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୭୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା କୁମାର ଉତ୍ସବ ମଞ୍ଚରେ ପୁରସ୍କୃତ କରାଯିବ ବୋଲି ସମିତିର ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ଜଣାଇଛନ୍ତି।

## ଗଣେଶ ପୂଜାରେ ମୁକ୍ତିଲାଭ କରିବ ଡେଲିଭରୀ ବୟ-୨

ପୁରୀ,୨୫।୮ (ସମିସ): ଆମେ ଓଡ଼ିଆ ଭାବରେ ଆମ ପରମ୍ପରା ପାଇଁ ଆମେ ଗର୍ବ କରୁ। ତେଣୁ ପ୍ରତିଟି ଶୁଭ କାର୍ଯ୍ୟ ଆରମ୍ଭରେ ଆମ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଥମେ ସ୍ମରଣ କରିଥାଉ। ଗଣେଶ ପୂଜା ଉପଲକ୍ଷେ ମୁକ୍ତିଲାଭ କରିବ ଡେଲିଭରୀ ବୟ-୨। ଏହି ପରିପ୍ରେକ୍ଷୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ ଜଣାଇବା ତଥା ଆଶୀର୍ବାଦ ପାଇଁ ସିନେମାର ପ୍ରଯୋଜକ ଜ୍ୟୋତିରଞ୍ଜନ ମହାନ୍ତି, କାର୍ଯ୍ୟକାରୀ ପ୍ରଯୋଜିକା ରୋଜାଲିନ ମହାନ୍ତି, ରେଭାନ୍ସ ମହାନ୍ତି, ପ୍ରଡକ୍ସନ ମ୍ୟାନେଜର ଶଙ୍କର ସେଠୀଙ୍କ ସମେତ ନାୟକ ଶୈଳେନ୍ଦ୍ର ସାମନ୍ତରାୟ, ଅଭିନେତା ସୁଶାନ୍ତ ଦାସ ମହାପାତ୍ର ଏବଂ ହାସ୍ୟ ଅଭିନେତା ସନ୍ତୁ ନିଜେ ଶ୍ରୀମନ୍ଦିରରେ ପହଞ୍ଚି ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ କରିଥିଲେ। ଡେଲିଭରୀ ବୟର ଅପୂର୍ବ ସଫଳତା ପରେ ମଲ୍ଟି ଷ୍ଟାର୍‌ଙ୍କୁ ନେଇ ନିର୍ମିତ ଡେଲିଭରୀ ବୟ ୨ ଗଣେଶ ପୂଜା ବଜାରକୁ ହୁଲ୍‌ସ୍ଥୁଲ୍ କରିବାକୁ ପୂରା ପ୍ରସ୍ତୁତ ହୋଇ ଆସୁଛି। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଯୁବ ନିର୍ଦ୍ଦେଶକ ଅଶ୍ୱିନ ତ୍ରିପାଠୀ, ଚିତ୍ର ଉତ୍ତୋଳନ ଈଶ୍ୱର ବାରିକ, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ, ପ୍ରଚାରପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ପ୍ରଣୟ ଜେଠୀ। ଅର୍ଚ୍ଚିତା, ଶୈଳେନ୍ଦ୍ର, ବୁଦ୍ଧାଦିତ୍ୟ, ପ୍ରିୟମ୍ବଦା, ସୁଶାନ୍ତ ଦାସ ମହାପାତ୍ର, ସନ୍ତୁ ନିଜେ, ପୁପିନ୍ଦର ସିଂହ ଚଳଚ୍ଚିତ୍ରରେ ଅଭିନୟ କରିଥିବାବେଳେ ଚୁଲ୍‌ବୁଲି ନାୟିକା ଭୂମିକା ଦାଶ ଲୋକାଲ ମାଧୁରୀ ପ୍ରମୋସନାଲ ଗୀତରେ ଜବରଦସ୍ତ ନୃତ୍ୟ ପରିବେଷଣ କରିଛନ୍ତି। ଏବେ ଓଡ଼ିଆ ସିନେମା ପ୍ରତି ଓଡ଼ିଆ ଦର୍ଶକଙ୍କ ଭଲ ପାଇବା ଯଥେଷ୍ଟ ବଢ଼ିଛି। ଇତି ମଧ୍ୟରେ ଏକାଧିକ ଓଡ଼ିଆ ଚଳଚ୍ଚିତ୍ରକୁ ଦର୍ଶକ ବ୍ୟାବସାୟିକ ସଫଳତା ଦେଇଛନ୍ତି। ତେଣୁ ଡେଲିଭରୀ ବୟ-୨କୁ ମଧ୍ୟ ଯଥେଷ୍ଟ ଭଲ ପାଇବା ଦେବେ ବୋଲି ଆଶା ରହିଛି।



### ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ ଜଣାଇଲା ଟିମ୍

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅଙ୍ଗନବାଡ଼ି କର୍ମୀଙ୍କ ବିକ୍ଷୋଭ



ପୁରୀ,୨୫।୮ (ସମିସ): ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍ ରାଜ୍ୟ ସଂଘ ତରଫରୁ ବିଭିନ୍ନ ଦାବି ନେଇ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଇସିଡିଏସ୍ ଯୋଜନାର ନାମ ଉଚ୍ଛେଦ କରାଯିବା ସହ ଅଙ୍ଗନବାଡ଼ି କର୍ମୀ ଏବଂ ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ଘୋଷଣା, ସରକାରୀକରଣ ନ ହେବା ପର୍ଯ୍ୟନ୍ତ ଅଙ୍ଗନବାଡ଼ି କର୍ମଚାରୀଙ୍କୁ ସର୍ବନିମ୍ନ ଯଥାକ୍ରମେ ୧୮ ହଜାର ଟଙ୍କା ଏବଂ ସହାୟିକାଙ୍କ ପାଇଁ ୯ ହଜାର ଟଙ୍କା ପ୍ରଦାନ, ଅବସର ପରେ ଅଙ୍ଗନବାଡ଼ି କର୍ମୀ ଏବଂ ସହାୟିକାଙ୍କୁ ଯଥାକ୍ରମେ ୧୦ ଲକ୍ଷ ଏବଂ ୫ ଲକ୍ଷ ଟଙ୍କାର ଅବସରକାଳୀନ ସହାୟତା ରାଶି ପ୍ରଦାନ ସହିତ ମାସିକ ପେନ୍‌ସନ ୫୦୦୦ ଓ ୩୦୦୦ ଟଙ୍କା ପ୍ରଦାନ, ବର୍ତ୍ତମାନ ମୋବାଇଲ ଦ୍ୱାରା ଅନ୍‌ଲାଇନ୍ କରାଯାଉଥିବା କାର୍ଯ୍ୟକୁ ପୁନର୍ବାର ଅଫ୍‌ଲାଇନ୍‌ରେ କରିବା ବନ୍ଦ କରାଯାଉ, ଅଙ୍ଗନବାଡ଼ି କର୍ମଚାରୀଙ୍କୁ ୫୦% ସିଧାସଳଖ ପଦୋନ୍ନତି, ପିଏଫ୍, ଗ୍ରାଚ୍ୟୁଇଟି, ବରିଷ୍ଠତା ଭିତ୍ତିରେ ବେତନ ବୃଦ୍ଧି ସହିତ ଚିକିତ୍ସା ସୁବିଧା ପ୍ରଦାନ ଆଦି ଦାବି କରାଯାଇଛି। ପ୍ରତି ଶନିବାର କିଶୋରୀ ବାଳିକାମାନଙ୍କ ନିମନ୍ତେ ଦୁଇଟି ସିଝା ଅଣ୍ଡା ଓ ଦୁଇଟି କଞ୍ଚା ଅଣ୍ଡା ବଣ୍ଟନ କରିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ କିନ୍ତୁ ଏହି ଯୋଜନାରେ ଆସୁଥିବା ଅର୍ଥରାଶି ଆକାଉଣ୍ଟରେ ପୂର୍ବରୁ କମା କରାଯାଉ, ସିଝା ଅଣ୍ଡା ନିମନ୍ତେ ଜାଳେଣି କେଉଁ ଅର୍ଥରୁ ଖର୍ଚ୍ଚ ହେବ ତାହା ସ୍ପଷ୍ଟ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

## ବିଶ୍ୱମ୍ଭର ବିଦ୍ୟାପୀଠରେ ବିଜ୍ଞାନ ପ୍ରଦର୍ଶନୀ

ପୁରୀ,୨୫।୮ (ସମିସ): ବିଶ୍ୱମ୍ଭର ବିଦ୍ୟାପୀଠରେ ଦିନିକିଆ ବିଜ୍ଞାନ ପ୍ରଦର୍ଶନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ବିଦ୍ୟାଳୟର ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ବିଭିନ୍ନ ବିଷୟ ଉପରେ ସେମାନେ ତିଆରି କରିଥିବା ମଡେଲ, ପୋଷ୍ଟର ଓ ପ୍ରାୟୋଗିକ ପରୀକ୍ଷା ଦ୍ୱାରା ସେମାନେ ତାଙ୍କର ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ଓ ସୃଜନଶୀଳତା ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଥିଲା ପରିବେଶ ସୁରକ୍ଷା, ନବ ଉଦ୍ଭାବନ, ଗୃହ ବୈଦ୍ୟୁତିକ ଉପକରଣ, ଜଳ ସଞ୍ଚୟ, ଏବଂ ରୋବୋଟିକ୍ସ ଉପରେ ଆଧାରିତ ମଡେଲ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକମାନେ ଏଥିରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।





# ଭୁବନେଶ୍ୱର ସିଟି

# ଉତ୍ସବମୁଖର ପୂଜା ବଜାର

ଭୁବନେଶ୍ୱର, ୨୫।୮ (ସମିସ): ଗଣେଶ ପୂଜା ପାଇଁ ଚଳଚଞ୍ଚଳ ହୋଇଛି ରାଜଧାନୀ ପୂଜା ବଜାର। ଦିନକ ପରେ ହେବ ଗଜାନନଙ୍କ ଆବାହନ। ଏଥିପାଇଁ ଚାରିଆଡ଼େ ସାଜସଜ୍ଜା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ମୂର୍ତ୍ତିରେ ମଧ୍ୟ କାରିଗର ଶେଷ ସ୍ପର୍ଶ ଦେଉଛନ୍ତି।

■ କମିନି ଏଥ୍‌ନିକ୍ ପୋଷାକର ଚାହିଦା
■ ଅନ୍ତିମ ସ୍ପର୍ଶ ଅପେକ୍ଷାରେ ମୃଣ୍ମୟ ପ୍ରତିମା



ସେହିପରି ପୂଜା ପାଇଁ ରାଜଧାନୀ ହାଟ ବଜାରରେ ଲାଗି ରହିଛି ଅସମ୍ଭାଳ ଭିଡ଼। ପୂଜାରେ ନୂଆ ଡ୍ରେସ୍ ପିନ୍ଧିବାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍କଣ୍ଠା ଭରି ରହିଥିବା ବେଳେ ବ୍ୟବସାୟୀମାନେ ମଧ୍ୟ ଗ୍ରାହକଙ୍କ ଡିମାଣ୍ଡକୁ ଗୁରୁତ୍ୱ ଦେଇ ଭଳିକିଭଳି ପୋଷାକ ବିକ୍ରି କରୁଛନ୍ତି। ପ୍ରତିବର୍ଷ ବିଭିନ୍ନ ଡିଜାଇନ୍‌ର ପୋଷାକ ମାର୍କେଟକୁ ଆସୁଥିବା ବେଳେ ଏବେବି କମିନି ଏଥ୍‌ନିକ୍ ଡ୍ରେସ୍ ର ଚାହିଦା। ପୂର୍ବରୁ ଏହି ଡ୍ରେସ୍ ବିଭିନ୍ନ ସପିଂ ମଲ୍‌ରେ ବିକ୍ରି ହେଉଥିବା ବେଳେ ଏଥର ଛୋଟ ବଡ଼ ବ୍ୟବସାୟୀଙ୍କ ପାଖରେ ଉପଲବ୍ଧ ରହିଛି। ଗ୍ରାହକଙ୍କୁ ସୁହାଇଲା ଭଳି ଦର ରହିଥିବାରୁ ବିଭିନ୍ନ ବର୍ଗର ଲୋକମାନେ ଏହାକୁ କିଣୁଥିବା ଦେଖିବାକୁ ମିଳିଛି। ତେବେ ଏହି ଡ୍ରେସ୍ ମହିଳାଙ୍କୁ ଏକ ଟ୍ରେଣ୍ଡି ଲୁକ୍ ଦେଉଥିବା ବେଳେ ପାର୍ଟି ଓୟାର ଭାବେ ବ୍ୟବହାର କରାଯାଉଛି। ଏହି ପ୍ରକାର ଡ୍ରେସ୍ ଛୋଟ ପିଲାମାନଙ୍କ ପାଇଁ ମଧ୍ୟ ରହିଛି। ସେହିପରି ମଲମଲ୍ କପଡ଼ାରେ ତିଆରି ପୋଷାକ, ଜର୍ଜଟ ଏବଂ ସିଲ୍କ କପଡ଼ାର ଚାହିଦା ପୂର୍ବଳି ରହିଥିବା ବେଳେ କଟନ୍ ଡ୍ରେସ୍ କୁ ବହୁ ପସନ୍ଦ କରୁଥିବା ଦେଖିବାକୁ ମିଳିଛି। ମାର୍କେଟ ବିଲଡିଙ୍ଗ୍, ଏକନମ୍ବର ମାର୍କେଟ ବିଭିନ୍ନ ସପିଂ ମଲ୍, ବୁଟିକ ଗୁଡ଼ିକରେ ମଧ୍ୟ ପ୍ରବଳ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ନିଜକୁ ଏକ ଭିନ୍ନ ଭାବେ ସଜାଇବାକୁ ମହିଳାମାନେ ଟ୍ରାଇବାଲ ଆର୍ଟ ବା ପ୍ରିଣ୍ଟ ରହିଥିବା ଶାଢ଼ୀ ଓ ଡ୍ରେସ୍ କୁ ଅଧିକ ପସନ୍ଦ କରୁଥିବା



ଦେଖିବାକୁ ମିଳିଛି। ଯଦିଓ କେତେକ ଯୁବିପଢ଼ୀ ଇୱେଷ୍ଟର୍ଣ୍ଣ ଲୁକ୍ସକୁ ପସନ୍ଦ କରୁଛନ୍ତି, କିନ୍ତୁ ହ୍ୟାଣ୍ଡଲୁମ୍, ଟ୍ରାଇବାଲ ପ୍ରିଣ୍ଟ ଡ୍ରେସ୍ ଓ ଶାଢ଼ି, ପିଓର ସିଲ୍କ, ପିଓର କଟନ୍, ନେଟ୍, ଜର୍ଜଟ୍, ସିଫନ୍, ସିନ୍ଥେଟିକ, ଆଦି ଫ୍ୟାବ୍ରିକ୍‌ରେ ପ୍ରସ୍ତୁତ ଶାଢ଼ୀ ଉପରେ ଜରି ଓ ଏମ୍ବ୍ରୋଡୋରୀର ମଧ୍ୟ ଚାହିଦା ରହିଛି।

## ପୂଜା ସାମଗ୍ରୀ ଓ ଫଳ ଦୋକାନରେ ଭିଡ଼

ଆଉ ଦିନକ ପରେ ପୂଜା ପାଇବେ ଗଜାନନ। ଏଥିପାଇଁ ଭୂର୍ତ୍ତିଗଢ଼ା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଶେଷ ସ୍ପର୍ଶ ଦେଉଛନ୍ତି କାରୀଗର। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ପୂର୍ଜ ପ୍ରସ୍ତୁତି ସପ୍ତାହ ପୂର୍ବରୁ ଆରମ୍ଭ ହୋଇଥିବା ବେଳେ ଶେଷ ହୋଇଛି। କେତେକ ସ୍ଥାନରେ ରଙ୍ଗୀନ ଆଲୋକମାଳାରେ ଝଲସିଲାଣି ପୂଜା ମଣ୍ଡପ। ସେହିପରି ବଜାରରେ ଫଳ ଦର ଆକାଶ ଛୁଆ ହୋଇଛି। ପୂର୍ବପେକ୍ଷା ପ୍ରତି ଫଳ କିଲୋ ପିଛା ଦର ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ପୂଜାରେ ନଡ଼ିଆ, କଦଳୀ, ସେଓ, ଅଙ୍ଗୁର, ଡାଳିମ୍ବ ଆଦି ଭୋଗ ଲଗାଯାଉଥିବା ବେଳେ ଲଡ୍ଡୁ ଭୋଗ ମଧ୍ୟ କରାଯାଇଥାଏ। ଏଥିପାଇଁ ବ୍ୟବସାୟୀମାନେ ବୁନ୍ଦି ଲଡ୍ଡୁ, ନଡ଼ିଆ ଲଡ୍ଡୁ, ଖସା ଲଡ୍ଡୁ ଆଦି କିଣିବାକୁ ଗ୍ରାହକଙ୍କ ଭିଡ଼ ଜମୁଛି। ସେହିପରି ପୂଜା ସାମଗ୍ରୀ କିଣିବାକୁ ପୂଜା ଦୋକାନରେ ମଧ୍ୟ ପ୍ରବଳ ଗହଳି ଦେଖିବାକୁ ମିଳିଛି। ସକାଳୁ ରାତି ଯାଏଁ ମାର୍କେଟ ଏତେ ଭିଡ଼ ହେଉଛି ଯେ, ଟ୍ରାଫିକ୍ ସମସ୍ୟା ଯୋଗୁଁ ରାସ୍ତାରେ ଫସୁଛନ୍ତି ଲୋକେ। ୧ନମ୍ବର ମାର୍କେଟକୁ ଅଧିକ ଲୋକେ ଆସୁଥିବାରୁ ଏଜି ଛକରୁ କଳ୍ପନା ଛକ ପର୍ଯ୍ୟନ୍ତ ଖଚାଖଚ ଭିଡ଼ ଦେଖିବାକୁ ମିଳିଛି।

# ଉଜ୍ଜ୍ୱଳ ଆଲୋକର ଅପବ୍ୟବହାର ଦୁର୍ଘଟଣାର କାରଣ

## ପଥଚାରୀଙ୍କୁ ସଚେତନ କଲେ ଯୁବଗୋଷ୍ଠୀ




ଭୁବନେଶ୍ୱର, ୨୫।୮ (ସମିସ): ରାତିରେ ଅଧିକାଂଶ ଦୁର୍ଘଟଣାର କାରଣ ହେଉଛି ହାଇ ବିମ୍ ବା ଉଜ୍ଜ୍ୱଳ ଆଲୋକର ବ୍ୟବହାର। କେଉଁ ସମୟରେ ଉଜ୍ଜ୍ୱଳ ଆଲୋକ ଓ କେଉଁ ସମୟରେ କମ୍ ଆଲୋକ ବ୍ୟବହାର କରାଯିବ ତାହା ସମ୍ପର୍କରେ ଏପର୍ଯ୍ୟନ୍ତ ଅନେକ ଗାଡ଼ି ଚାଳକ ଜାଣିନାହାନ୍ତି। ଏହି ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ଏବିସିଡି ଡ୍ରାଇଭିଂ ଟ୍ରେନିଂ ସ୍କୁଲ ପକ୍ଷରୁ ହାଇ ବିମ୍‌ର ସଠିକ୍ ବ୍ୟବହାର ଉପରେ ଭୁବନେଶ୍ୱରର ସିଆରପି ଏବଂ ଗୋଠାପାଟଣା ରାସ୍ତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ରାତିରେ ହାଇ ବିମ୍‌ର ଅସାବଧାନ ବ୍ୟବହାର ଯୋଗୁଁ ହେଉଥିବା ଦୁର୍ଘଟଣାର ବୃଦ୍ଧିକୁ ରୋକିବା, ଯାହା ଏକ ଗୁରୁତର ସମସ୍ୟା ହୋଇଥିବା ସତ୍ତ୍ୱେ ପ୍ରାୟତଃ ଅଣଦେଖା କରାଯାଏ। ଚାଳକ ଏବଂ ପଥଚାରୀଙ୍କୁ ସଚେତନ କରିବା ପାଇଁ ଏବିସିଡି ଡ୍ରାଇଭିଂ ଟ୍ରେନିଂ ସ୍କୁଲର ଅଧ୍ୟକ୍ଷ ବିଭୂତି ଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଫ୍ଲାଗକାର୍ଡ ମାଧ୍ୟମରେ ହାଇ ବିମ୍‌ର ଅପବ୍ୟବହାର ଯୋଗୁଁ ସୃଷ୍ଟି ହେଉଥିବା ବିପଦ ଏବଂ ଏହାର ସଠିକ୍ ବ୍ୟବହାର ଦ୍ୱାରା ଦୁର୍ଘଟଣା ରୋକିବା ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା। ଅନେକ ସଚେତନ ନାଗରିକ ନିଜ ଆଡ୍ରୁ ଇଚ୍ଛା ପ୍ରକାଶ କରି ରାସ୍ତାରେ ଯିବା ସମୟରେ ମଧ୍ୟ କିଛି ସମୟ ଅଟକି ଏଥିରେ ସାମିଲ ହୋଇଥିଲେ। ଏଥିରେ ରମାନନ୍ଦ ଦାସ, ଆଲୋକ ବେହେରା, ଦିଲ୍ଲୀପ ବରାଡ଼, ମହେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରିଥିଲେ।

# ମାଟିରେ ତିଆରି ମୂର୍ତ୍ତି ବଣ୍ଟନ



ଭୁବନେଶ୍ୱର, ୨୫।୮ (ସମିସ): ଈଶ୍ୱର ଆର୍ଟ ଏଣ୍ଡ କ୍ରାଫ୍ଟ ସୋସିଆଲ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ମାଟିରେ ତିଆରି ଗଣେଶଙ୍କ ମୂର୍ତ୍ତି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ବଣ୍ଟନ କାର୍ଯ୍ୟକ୍ରମ ଜଟଣୀସ୍ଥିତ ତାଙ୍କ ଘର ପାଖରେ ଆୟୋଜିତ ହୋଇଥିଲା। ଦୀର୍ଘ ୯ବର୍ଷ ଧରି ଏଭଳି ମାଟିରେ ତିଆରି ଗଣେଶ ମୂର୍ତ୍ତି ବଣ୍ଟା ହୋଇ ଆସୁଛି ଏବଂ ଚଳିତ ବର୍ଷ ମଧ୍ୟ ହୋଇଛି ବୋଲି ଈଶ୍ୱର ଆର୍ଟ ଏଣ୍ଡ କ୍ରାଫ୍ଟ ସୋସିଆଲ ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠାତା ଏଲ ଈଶ୍ୱର୍ ରାଓ କହିଛନ୍ତି। ପ୍ଲାଷ୍ଟରଅଫ ପ୍ୟାରିସ୍ ଆମ ପର୍ଯ୍ୟାବରଣ ପାଇଁ ହାନିକାରକ, ତେଣୁ ସେଥିରୁ ଦୂରେଇ ରହି ସମସ୍ତେ ମାଟିର ମୂର୍ତ୍ତି ପୂଜା କରନ୍ତି। ତେଣୁ ଗତ କିଛି ବର୍ଷ ହେବ ସେ ଏପରି ମାଟିରେ ମୂର୍ତ୍ତି ତିଆରି କରି ପରିବେଶ ସଚେତନତାର ବାର୍ତ୍ତା ଦେବାକୁ ପ୍ରୟାସ କରୁଛନ୍ତି ବୋଲି କହିଥିଲେ।



ଖୋର୍ଦ୍ଧାର ଟାଙ୍ଗୀସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଲିଙ୍ଗରାଜ ସାହୁଙ୍କ ଦ୍ୱାରା ଲିଖିତ 'ମୁଗ୍ଧ ଅନୁଭବ' ପୁସ୍ତକ କବି ଓ ସ୍ତମ୍ଭକାର ନିରାକାର ଦାସଙ୍କ ଦ୍ୱାରା ଉନ୍ମୋଚିତ

# କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ରେ ଛାୟା ଜାତିସଂଘ



ଭୁବନେଶ୍ୱର, ୨୫।୮ (ସମିସ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘର ଦ୍ୱାଦଶ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଯୋଗ ଦେଇଥିବା ବେଳେ କହିଛନ୍ତି ଯେ, ଗୋଟିଏ ରାଷ୍ଟ୍ରର ପ୍ରକୃତ ଶକ୍ତି ଆଧିପତ୍ୟରେ ନୁହେଁ ସହଯୋଗରେ ନିହିତ ରହିଛି। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଚେୟାରପର୍ସନ ଡ. ମୋନାଲିସା ବଳ, ସ୍କୁଲ୍‌ର ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ଏବଂ ଅନ୍ତର୍ଜାତୀୟ ପାଠ୍ୟକ୍ରମର ମୁଖ୍ୟ ମାର୍କ ଏଲ୍. କୋଲମ୍ୟାନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଛାତ୍ରଛାତ୍ରୀମାନେ ସାଇବର ଯୁଦ୍ଧ, ପରମାଣୁ ଅସ୍ତ୍ରର ବିରୋଧ, ପରିବେଶ-ଉନ୍ନତି, ଶରଣାର୍ଥୀ ସଙ୍କଟ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

● ସୈନିକ ସ୍କୁଲ ବଞ୍ଚାଅ ଓ ଅଳିଆ ଗଦା ହଟାଅ ଅଭିଯାନର ଦାବିପତ୍ର

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ଘେରାଉ ଚେତାବନୀ

ଭୁବନେଶ୍ୱର, ୨୫।୮ (ସମିସ): ସୈନିକ ସ୍କୁଲ ବଞ୍ଚାଅ ଓ ଅଳିଆ ଗଦା ହଟାଅ ଅଭିଯାନ ପକ୍ଷରୁ ଏକ ପ୍ରତିନିଧି ଦଳ ରାଜ୍ୟ ପ୍ରଦୂଷଣ ବୋର୍ଡ ଅଫିସର ଅଧିକାରୀଙ୍କୁ ଭେଟି ଗାଡକଣ ଅଳିଆ ଗଦାକୁ ତୁରନ୍ତ ବନ୍ଦ ସହ ଦଣ୍ଡବିଧାନ ପାଇଁ ଦାବି କରିଛନ୍ତି। ଯଦି ସେପ୍ଟେମ୍ବର ପହିଲା ସୁଦ୍ଧା କାର୍ଯ୍ୟାନୁଷ୍ଠାନ ନ ନେଲେ ବୋର୍ଡ ଅଫିସ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ପ୍ରତିନିଧି ଦଳ। ସୂଚନାଯୋଗ୍ୟ, ୨୦୦୨ ମସିହାରୁ ସୈନିକ ସ୍କୁଲ କ୍ୟାମ୍ପସ ଭିତରେ ବେଆଇନ୍ ଭାବେ ଡମ୍ପିୟାର୍ଡ କରାଯାଇଥିଲା। ଯାହାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପରୋକ୍ଷ ଭବେ ପ୍ରୋତ୍ସାହନ ଦେଇ ଚାଲିଛି। ଯାହାଫଳରେ ଭୁବନେଶ୍ୱରର ଲକ୍ଷାଧିକ ଲୋକଙ୍କୁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମରଣ ଯନ୍ତାକୁ ଠେଲି ଦେଇଛି। ଅଭିଯାନର ଆବାହକ ଭିକ୍ଷାକରି ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀରେ ବାସୁଦେବ ଭଟ୍ଟ, ପ୍ରସନ୍ନ ବିଷୋୟୀ, ଅଶୋକ ପାଇକରାୟ, ଦିଲୀପଦାସଶର୍ମା, ଚିନ୍ତାମଣିବାରିକ, ଶଙ୍କର୍ଷଣବାରିକ, ଆଶୁତୋଷମିଶ୍ର, ସାନ୍ଦୀପ୍ତ ଦାସ, ସଚିତ୍ର ପାତ୍ର, ଜୟସୂର୍ଯ୍ୟ କାନୁନଗୋ, ଅମୀୟ ଶର୍ମା ଓ ଅନ୍ୟମାନେ ସାମିଲ ହୋଇଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ମିଶ୍ରଶାଳ

ଭୁବନେଶ୍ୱର, ୨୫।୮ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଦ୍ୱାରା ଆୟୋଜିତ 'ବସ୍ତୁକୈନ୍ଦ୍ରିକ ଲୋକସଂସ୍କୃତି' କର୍ମଶାଳାରେ



ମିଶ୍ରଶାଳ ନିଜର ହାତଗଢ଼ା ପାରମ୍ପରିକ ଲୋକ ଉପକରଣମାନ ପ୍ରଦର୍ଶନ କରିଛି। ବିଭାଗ ମୁଖ୍ୟ ଡ. ରୁଦ୍ର ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ଆଗ୍ରହର ସହ ଅଂଶଗ୍ରହଣ କରିଥିଲେ। ମିଶ୍ରଶାଳର ପ୍ରତିଷ୍ଠାତା, ଗବେଷକ ଓ ଶିକ୍ଷାବିତ୍ ଡ. ଅଜୟକୁମାର ମିଶ୍ରଙ୍କ ବସ୍ତୁକୈନ୍ଦ୍ରିକ ଲୋକସଂସ୍କୃତି ବ୍ୟାଖ୍ୟା ଓ ଓଡ଼ିଆ ଅସ୍ମିତା ସହିତ ଲୋକ ଉପକରଣ ଗୁଡ଼ିକର ସମ୍ପୃକ୍ତି ପ୍ରସଙ୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିଥିଲା। ଶେଷରେ ଅଧ୍ୟାପକ ଆମ୍ପା ମାରାଣ୍ଡି ଧନ୍ୟବାଦ ଦେଇଥିଲେ। ଆଜିର ଆଲୋଚନାରେ ଅଧିକାଂଶ ଛାତ୍ରଛାତ୍ରୀ ମିଶ୍ରଶାଳ ପରିଦର୍ଶନରେ ଆଗ୍ରହୀ ହୋଇ ନୂତନ ଶିକ୍ଷାନୀତି ଅନୁମୋଦିତ ଏଇ ଅନୁଷ୍ଠାନରେ ଇଣ୍ଟର୍ଣ୍ଣସିପ୍ କରିବାକୁ ଇଚ୍ଛା ପ୍ରକଟ କରିଛନ୍ତି।

# 'ବନ୍ଦେ ଓଡ଼ିଶା'ରେ 'ଜଙ୍ଗଲ ଜଳୁଛେ' ସ୍କ୍ରିନିଂ

ଭୁବନେଶ୍ୱର, ୨୫।୮ (ସମିସ): ସ୍ଥାପନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସୋମବାର 'ବନ୍ଦେ ଓଡ଼ିଶା' କାର୍ଯ୍ୟକ୍ରମ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ କବିତା କର ଓ ଇଂ ସୁଧୀର ସାହୁଙ୍କୁ ବନ୍ଦେ ଓଡ଼ିଶା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସ୍ଥାପନାର ଅଧକ୍ଷା ନିବେଦିତା ବଳୀଆରସିଂ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅପରେସନ୍ ସିନ୍ଦୂରକୁ ସମ୍ମାନ ଜଣାଇ ବନ୍ଦେ ଓଡ଼ିଶା ମଶାଲ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବିଧାୟକ ବାବୁ ସିଂ, ବନ୍ଦେ ଓଡ଼ିଶାର ଉପଦେଷ୍ଟା ତଥା ପୂର୍ବତନ ସାଂସଦ ଡ. ପ୍ରଭାସ ସିଂ, ବିଜେପିର ରାଜ୍ୟ ଉପାଧ୍ୟକ୍ଷ ଗୋଲକ ମହାପାତ୍ର, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ସାହିତ୍ୟିକ ଓ ସାମ୍ବାଦିକ ଗୋରେଖନାଥ ସାହୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଲେଫ୍ଟନାଣ୍ଟ ଜେନେରାଲ ଡ. ନାରାୟଣ ମହାନ୍ତି, ବ୍ରିଗେଡ଼ିୟର ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ବ୍ରିଗେଡ଼ିୟର ଗିରୀଜା ପ୍ରସାଦ ପାଣିଗ୍ରାହୀ, ଲେଫ୍ଟନାଣ୍ଟ କର୍ଣ୍ଣେଲ ଦେବରାଜ ମଲ୍ଲିକ ପ୍ରମୁଖ ବହୁ ସେନାଅଧିକାରୀଙ୍କ ଉପସ୍ଥିତିରେ ଦେଶ ମାତୃକାକୁ ସମ୍ମାନ ଜଣାଇବା ସହ ସେନା ଅଧିକାରୀମାନଙ୍କୁ ସମ୍ମାନିତ



କରାଯାଇଥିଲା। ଏହି ଅବସରରେ ଅପରେସନ୍ ସିନ୍ଦୂର ଉପରେ ଆଧାରିତ ଏକ ଅଡିଓ ଭିଜୁଆଲ ପ୍ରଦର୍ଶିତ କରାଯାଇଥିଲା। ପରେ ପରେ ଅତିଥିମାନଙ୍କ ଦ୍ୱାରା ଇଂ. ସୁଧୀର କୁମାର ସହୁ, ମୀନା ମହାରଣା ଓ ଗୋରେଖନାଥ ସାହୁଙ୍କ ଲିଖିତ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶେଷରେ ସରୋଜ ଭୂୟାଁଙ୍କ ଦ୍ୱାରା ପ୍ରସ୍ତୁତ ଚଳଚ୍ଚିତ୍ର 'ଜଙ୍ଗଲ ଜଳୁଛେ' ପ୍ରଦର୍ଶିତ କରାଯାଇଥିଲା।

# କିଟ୍ ଓ କିସ୍ ପରିଦର୍ଶନରେ ଶ୍ରୀଲଙ୍କାର ୩୫ ପ୍ରତିନିଧି



ଭୁବନେଶ୍ୱର, ୨୫।୮ (ସମିସ): ଶ୍ରୀଲଙ୍କା ସରକାରଙ୍କ ଲୋକସମ୍ପର୍କ ଅଧିକାରୀ, ଶ୍ରୀଲଙ୍କାର ବୁଦ୍ଧିଜୀବୀ ଓ ନୀତି ନିର୍ଦ୍ଧାରକଙ୍କୁ ନେଇ ଏକ ୩୫ ଜଣିଆ ପ୍ରତିନିଧିମଣ୍ଡଳ ଆଜି କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଆନୁକୂଲ୍ୟରେ ଏହି ପ୍ରତିନିଧିମଣ୍ଡଳ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ସଂଯୋଜନାରେ ଓଡ଼ିଶା ଆସିଛନ୍ତି। ସେମାନେ କିଟ୍‌ର ବିଭିନ୍ନ କ୍ୟାମ୍ପସ ପରିଦର୍ଶନ କରିବା ସହ କିସ୍ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। ଏନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି ଯେ, ବହୁ ପୂର୍ବରୁ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସାଂସ୍କୃତିକ, ପାରମ୍ପରିକ, ବାଣିଜ୍ୟିକ ଓ କୁଟନୀତିକ ସମ୍ପର୍କ ରହିଆସିଥିବା ବେଳେ ୨୦୧୯ରୁ ଶ୍ରୀଲଙ୍କା ସହ କିଟ୍ ଓ କିସ୍‌ର ସମ୍ପର୍କ ରହିଆସିଛନ୍ତି। ଏହି କାର୍ଯ୍ୟକ୍ରମରେ କଲମ୍ବୋସ୍ଥିତ ଭାରତ ସରକାରଙ୍କ ଉଚ୍ଚାୟୁକ୍ତ ସୌରଭ ସବଲୋକ, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟର ବରିଷ୍ଠ ଅଧିକାରୀ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିଟ୍ ଇଣ୍ଟରନ୍ୟାସନ୍‌ଲ ବ୍ୟାପାର ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସମିତି କାର୍ଯ୍ୟାଳୟରେ ଓମ୍‌ଫେଡ ପାର୍ଲର ଉଦ୍‌ଘାଟିତ



ବାଲିପାଟଣା, ୨୫।୮ (ସମିସ): ବାଲିପାଟଣା ବ୍ଲକ ଅନ୍ତର୍ଗତ ଗାରେଡ଼ିପଞ୍ଚାଣ ଓ ସରାଟ ସେବା ସମବାୟ ସମିତି କାର୍ଯ୍ୟାଳୟରେ ଓମଫେଡ ସାମଗ୍ରୀ ବିକ୍ରୟ କେନ୍ଦ୍ର ସହିତ ଜନସେବା କେନ୍ଦ୍ର ଓ ନାଫେଡ ବଜାର ସୁବିଧା ଉପଲବ୍ଧ ହୋଇଛି। ସୋମବାର କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ଆନନ୍ଦ କୁମାର ଝା ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଏହି ସେବା ଯୋଗାଇବା ଦ୍ୱାରା ସମିତି ମାନଙ୍କର କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇବା ସହିତ ସମିତିର ସଭ୍ୟ ଓ ସ୍ଥାନୀୟ ଜନସାଧାରଣ ଏହାଦ୍ୱାରା ଉପକୃତ ହେବେ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମବାୟ ନିବନ୍ଧକ ସିଦ୍ଧାର୍ଥ ଦାସ, ରାଜ୍ୟ ଯୁଗ୍ମ ସଚିବ ବିଶ୍ୱରଞ୍ଜନ ଦାସ, ସହ-ନିବନ୍ଧକ ଅଳକାନନ୍ଦା ଜେନା, ବାଲିପାଟଣା ଶାଖା ଅଧିକାରୀ ସାରଥୀ ଶତପଥୀ, ଭୁବନେଶ୍ୱର ମଣ୍ଡଳ ସହ ନିବନ୍ଧକ ପ୍ରକାଶ କୁମାର ସେଠୀ, ବାଲିପାଟଣା ମଣ୍ଡଳର ଦିବ୍ୟ ରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ। ଗାରେଡ଼ିପାଞ୍ଚଣ ସେବା ସମବାୟ ସମିତି ଠାରେ ସଭାପତି ଅଭିମନ୍ୟୁ ନାୟକ, ସମ୍ପାଦକ ସୁନିଲ କୁମାର ପଣ୍ଡା ଓ ପରିଚାଳନା ସମିତି ସଭ୍ୟ ସଭ୍ୟାମାନେ ସେମାନଙ୍କୁ ସ୍ୱାଗତ କରିଥିଲେ। ସରକାରଙ୍କ ତରଫରୁ ପ୍ରାଥମିକ ସମିତି ମାଧ୍ୟମରେ ଚାଷୀଙ୍କୁ ଉନ୍ନତ ଚାଷ ପଦ୍ଧତି ପାଇଁ ତାଲିମ ପ୍ରଦାନ ସହିତ ଅର୍ଗାନିକ ଫାର୍ମି ପାଇଁ ଜ୍ଞାନ କୌଶଳ ପ୍ରଦାନ କରାଯାଇପାରିବ। ଗୁଜୁରାଟ ପରେ ଏହି ସମିତି ଏକ ମଡେଲ ଭଳି କାମ କରୁଥିବାରୁ କେନ୍ଦ୍ର ସଚିବ ଏହାର ପ୍ରଶଂସା କରିଥିଲେ।

ଆମ ରାଜଧାନୀ ଆମ ଐତିହ୍ୟ

# କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ ସୁରେଶ୍ୱର ମନ୍ଦିର



ଭୁବନେଶ୍ୱର, ୨୫।୮ (ସମିସ): ରାଜଧାନୀରେ ଅନେକଗୁଡିଏ ଐତିହ୍ୟସମ୍ପନ୍ନ ପୁରାତନ ମନ୍ଦିରର ସମାହାର ଦେକିବାକୁ ମିଳେ। ସେଥିମଧ୍ୟରୁ ସୁରେଶ୍ୱର ବା ବ୍ୟମୋକେଶ୍ୱର ମନ୍ଦିର ଅନ୍ୟତମ। ମନ୍ଦିରଟି ଲିଙ୍ଗରାଜ ମନ୍ଦିରକୁ ଗଲାବେଳେ ବାମପାର୍ଶ୍ୱରେ ଅବସ୍ଥିତ। କାରୁକାର୍ଯ୍ୟ ଏବଂ ଅବସ୍ଥିତିରୁ ଜଣାଯାଏ ଏହା କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ ହୋଇଛି।

ଲିଙ୍ଗରାଜ ମନ୍ଦିର ଚାରିପାଖରେ ଘେରି ରହିଛି ଏପରି ଅନେକ ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ଏହା କେବଳ ଐତିହ୍ୟ କୀର୍ତ୍ତିରାଜିର ମୂକ ସାକ୍ଷୀ ନୁହେଁ ବରଂ ଲୋକଙ୍କ ଆଧ୍ୟାତ୍ମିକ ଭାବନା ସହ ମଧ୍ୟ ଜଡ଼ିତ। ଓଡ଼ିଶା ଇତିହାସର ଏପରି ଅନେକ ଗୌରବମୟ ଅତୀତକୁ ଛାତିରେ ଧରି ବୋଲି ତ ପୁରାଣରେ ଏହାକୁ ମନ୍ଦିରମାଳିନୀ ସହର ବୋଲି ଆଖ୍ୟା ଦିଆଯାଇଛି।

ନିକଟସ୍ଥ ଏକାମ୍ରେଶ୍ୱର ମନ୍ଦିର ପରି ବ୍ୟମୋକେଶ୍ୱର ମନ୍ଦିରର କିଛିଟା ସାମଞ୍ଜସ୍ୟ ରହିଛି। ଏହି ପଶ୍ଚିମ-ମୁଖୀ ମନ୍ଦିରଟି ଦଶମ ଶତାବ୍ଦୀରେ ନିର୍ମିତ ହୋଇଥିବା ଇତିହାସ ପୃଷ୍ଠାରୁ ଜଣାଯାଏ। ଏହି ସୁରେଶ୍ୱର ମନ୍ଦିରର ଅନ୍ୟନାମ ବ୍ୟମୋକେଶ୍ୱର ମନ୍ଦିର କୁହାଯାଉଥିବାବେଳେ, ଏଠାରେ ଇଷ୍ଟ ଦେବ ହେଉଛନ୍ତି ପ୍ରଭୁ ଶିବ। ଧୂସର ବାଲିପଥରରେ ମନ୍ଦିରଟି ନିର୍ମାଣ ହୋଇଛି। ମନ୍ଦିରଟି ଏକ ବିମାନ ବିଶିଷ୍ଟ ଅଟେ। ଗର୍ଭଗୃହର କେନ୍ଦ୍ରରେ ସଂଲଗ୍ନ ଶିବ ଲିଙ୍ଗ ପୂଜା ପାଉଛନ୍ତି। ମନ୍ଦିରର ଦ୍ୱାରବନ୍ଧର ଡାହାଣ ପାର୍ଶ୍ୱରେ ଗଙ୍ଗା ଏବଂ ବାମ ପାର୍ଶ୍ୱରେ ଯମୁନାଙ୍କ ପ୍ରତିଛବି ରହିଛି। ଏହି ନଦୀ ଦେବୀମାନେ ପ୍ରାୟତଃ ମନ୍ଦିର ଦ୍ୱାରବନ୍ଧର ଉପର ଭାଗରେ ଦେଖାଯାଆନ୍ତି। ସେହିପରି ଶିବଲିଙ୍ଗଙ୍କ ଉପରି ପାର୍ଶ୍ୱରେ ହନୁମାନଙ୍କ ପ୍ରତିମୂର୍ତ୍ତି ମଧ୍ୟ ପୂଜା ପାଉଛି। ଶିବରାତ୍ରି ଏବଂ ଅଶୋକାଷ୍ଟମୀ ଏଠାରେ ପାଳନ କରାଯାଇଥାଏ। ଲୋକ ଏଠାରେ ପୂଜାକଲେ ମାନସିକ ପୂରଣ ହୋଇଥାଏ ବୋଲି ସ୍ଥାନୀୟ ଲୋକ ବିଶ୍ୱାସ କରନ୍ତି।

## ଏବେ କେମିତି ରହିଛି



ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ପୂର୍ବରୁ ଏହି ମନ୍ଦିରଟି ସେତେ ଦୃଶ୍ୟମାନ ହେଉ ନ ଥିବା ବେଳେ ପରେ ଏକାମ୍ର ପ୍ରକଳ୍ପ ଅଧୀନରେ ଉନ୍ନତୀକରଣ କାମ ସମୟରେ ସାମ୍ନାକୁ ଆସିଥିଲା। ହେଲେ ଉନ୍ନତୀକରଣ କାମ ପରେ ମଧ୍ୟ ମନ୍ଦିରର କୌଣସି ପୁନଃରୁଦ୍ଧାର କାର୍ଯ୍ୟ ହେଲା ପରି ଲାଗୁନାହିଁ। ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ମନ୍ଦିରର କିଛି ଅଂଶ ଆଂଶିକ ଭାବରେ ଅପସାରିତ ହୋଇଛି। ଏହାସହ ମନ୍ଦିର ଚାରିପାଖକୁ ଅନାବନା ଲତା ମାଡି ଗଲାଣି। ଏପରିକି ମନ୍ଦିରର ନାମ ଲେଖାଥିବା କୌଣସି ବୋର୍ଡ ମଧ୍ୟ ସେଠାରେ ନାହିଁ। ଲିଙ୍ଗରାଜ ମନ୍ଦିର ନିକଟରେ ଥିବାରୁ ଏଠାକୁ ମଧ୍ୟ ଲୋକ ଦର୍ଶନ ପାଇଁ ଯାଇଥାନ୍ତି। ହେଲେ ମନ୍ଦିରର ବର୍ତ୍ତମାନ ଅବସ୍ଥା ଦେଖିଲେ ତାର ରକ୍ଷଣାବେକ୍ଷଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।



# ଘରେ ପଶି ଦୁର୍ବୃତ୍ତଙ୍କ ଆତଙ୍କ

## ଥାନାରେ ଅଭିଯୋଗ କରିବାରୁ ମହିଳାଙ୍କୁ ଆକ୍ରମଣ

## ଆକ୍ରମଣକାରୀଙ୍କ ମଧ୍ୟରେ ଯୁବକ ଓ କିନ୍ନର



ଭୁବନେଶ୍ୱର, ୨୫।୮ (ସମିସ): ଖୋଦ ଭୁବନେଶ୍ୱରରେ ମହିଳା ଅସୁରକ୍ଷିତ। ଲକ୍ଷ୍ମୀସାଗର ଥାନା ପୁରୁଣା ଷ୍ଟେସନ ବଜାରରେ ରହୁଥିବା ସ୍ମୃତି ପରିଡ଼ା ନାମ୍ନୀ ଜଣେ ମହିଳାଙ୍କ ଘରେ ପଶି ୨୦ ରୁ ୩୦ ଯୁବକ ଧମକ ଦେବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏପରିକି ଘର ଖାଲି ନ କଲେ ଟେକି ନେଇ ଦୁଷ୍କର୍ମ କରିବାର ଧମକ ଦେଇଛନ୍ତି। ଖବର ନେବାରୁ ଜଣାପଡ଼ିଛି ଯେ, ପୁରୁଣ ଷ୍ଟେସନ ବଜାରରେ ଅଞ୍ଚଳରେ ଲକ୍ଷ୍ମୀଙ୍କ ସମ୍ପର୍କୀୟ ରହୁଥିବା ବାପା ସମ୍ପତ୍ତିକୁ ଜାଲିଆତି କରି ବିଲଡରଙ୍କୁ ବିକ୍ରି କରିଛନ୍ତି। ଏନେଇ କୋର୍ଟରେ ମାମଲା ଚାଲିଛି। ହେଲେ ଆଜି ଦିନରେ ହଠାତ ୨୦ ରୁ ୩୦ ଯୁବକ ଏବଂ କିଛି କିନ୍ନର ତାଙ୍କ ଘର ଭିତରକୁ ପଶିଥିଲେ। ସ୍ମୃତି ଏବଂ ପରିବାର ଲୋକେ ସେମାନଙ୍କୁ ଦେଖି ଡରି ଯାଇଥିଲେ। ପରିବାର ଲୋକ କବାଟ ବନ୍ଦ କରିବା ସମୟରେ ସେମାନେ ଧକ୍କା ମାରି ଘର ଭିତରକୁ ପଶିଥିଲେ। ପରେ ମହିଳାଙ୍କୁ ଘର ଛାଡି ଚାଲିଯିବାକୁ କହିଥିଲେ। ତାଙ୍କ ନିଜ ଘର କଣ ପାଇଁ ଯିବେ ବୋଲି କହିବାରୁ ସେମାନେ ତାଙ୍କୁ ଅସଦଚରଣ କରିଥିଲେ। ଏପରିକି ତାଙ୍କୁ ଦୁଷ୍କର୍ମ କରିବାକୁ ଧମକ ଦେବା ସହ ମାଡ଼ ମାରିଥିଲେ। ଏନେଇ ଲକ୍ଷ୍ମୀସାଗର ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ଅଭିଯୋଗ କରି ସ୍ମୃତି ଫେରିବା ସମୟରେ ସେମାନଙ୍କୁ ତାଙ୍କୁ କଦଳୀ ଗୋଦାନ ନିକଟରେ କିଛି ଯୁବକ ଘେରି ଯାଇ ଲୁହା ଛଡ଼ରେ ଆକ୍ରମଣ କରିଥିଲେ। ମୁଣ୍ଡକୁ ମାଡ଼ ମାରିବା ଯୋଗୁଁ ସ୍ମୃତିଙ୍କ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତି କରିଛନ୍ତି। ଏନେଇ ମହିଳା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ତାଙ୍କ ଅଭିଯୋଗ ରଖୁନଥିବା କହିଛନ୍ତି ସ୍ମୃତି।

### ଝାରପଡ଼ାରେ ଦୁର୍ଗାପୂଜାକୁ ନେଇ କମିଟି ବିବାଦ

# ପୂଜା ମଣ୍ଡପରେ ପୁଲିସର ଅସ୍ଥାୟୀ କ୍ୟାମ୍ପ

## ମା'ଙ୍କ ପୂଜା କିଏ କରିବ ସେନେଇ ଛକାପଞ୍ଝା

ଭୁବନେଶ୍ୱର, ୨୫।୮ (ସମିସ): ଖୁଦୁରୁକୁଣି ପୂଜାଠାରୁ ରାଜ୍ୟରେ ପାର୍ବଣର ବିଗୁଲ ବାଜିଛି। ସବୁଠି ପାର୍ବଣ ଲାଗି ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଝାରପଡ଼ା ମଣ୍ଡପରେ ଏଥର ଦୁର୍ଗାଙ୍କ ଆବାହନ ହେବ କି ନାହିଁ ସେନେଇ ଅନିଶ୍ଚିତତା ପ୍ରକାଶ ପାଇଛି। ପୂଜାକୁ ଆଉ ମାସେ ଥିବାବେଳେ ମଣ୍ଡପ ଏବେ ମଧ୍ୟ ଖାଁ ଖାଁ ହୋଇ ରହିଛି। ମଣ୍ଡପ ଅଞ୍ଚଳରେ କମିସନରେଟ୍ ପୁଲିସ ଅସ୍ଥାୟୀ କ୍ୟାମ୍ପ ଲଗାଇଥିବା ଏହାକୁ ନିଶିଦ୍ଧାଞ୍ଚଳ ଘୋଷଣା କରିବା ସହ ୪ରୁ ଊର୍ଦ୍ଧ୍ୱ ଲୋକ ଏଠାରେ ଜମା ହେଲେ ବନ୍ଧାହେବେ ବୋଲି ପୂଜା କମିଟି କାନ୍ଥରେ ପୋଷ୍ଟର ଲଗାଇଛନ୍ତି।

ଏଥର ଝାରପଡ଼ା ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ହେବ କି ନାହିଁ ସେନେଇ ଅନିଶ୍ଚିତତା ପ୍ରକାଶ ପାଇଛି। ଛୋଟରୁ ବଡ଼ ମଣ୍ଡପ ସବୁଠି ମା'ଙ୍କ ଆଗମନ ନେଇ ପ୍ରସ୍ତୁତି ଚାଲିଥିବାବେଳେ ଏବେଠାରୁ ତୋରଣ କାମ ଆରମ୍ଭ ହୋଇଛି। କିନ୍ତୁ ଝାରପଡ଼ା ପୂଜା ମଣ୍ଡପରେ ପୁଲିସ କ୍ୟାମ୍ପ କରି ବସିଛି। ସେହି ଭୟରେ କେହି ବି ମଣ୍ଡପ ମୁହାଁ ହେଉ ନାହାଁନ୍ତି। କାମ ତ ଦୂରର କଥା, ଏଠି ବାଉଁଶ ବି ପୋତା ହୋଇନଥିବା ନଜରକୁ ଆସିଥିବାବେଳେ ଏବର୍ଷ ପୂଜା ବନ୍ଦ ହୋଇଯିବ ବୋଲି ଚର୍ଚ୍ଚା ହେଉଛି। ସେପଟେ ରାଜନୀତି ଯୋଗୁଁ ପୂଜାରେ କେଁ ପଶିଥିବାରୁ ସ୍ଥାନୀୟ ଲୋକେଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୂଜା କମିଟିର ଦୁଇ ଗୋଷ୍ଠି ମଧ୍ୟରେ ବିବାଦ ଯୋଗୁଁ ଏଭଳି ହେଉଛି। ଭୁବନେଶ୍ୱର ଏଡିଏମ୍ ରୁଦ୍ର ନାରାୟଣ ମହାନ୍ତି ସମାଧାନର ବାଟ ତିଆରି କରିଛନ୍ତି। ଆପୋସ ବୁଝାମଣା ସହ ଶାନ୍ତି ଶୃଙ୍ଖଳା ସହ ପୂଜା ପାଇଁ ଏଡିଏମ୍ ଚିଠି ଲେଖିଛନ୍ତି।

କେବଳ ଝାରପଡ଼ା ନୁହେଁ, ଆଗକୁ ଏକାଧିକ ମଣ୍ଡପରେ ଏଭଳି ଝଡ଼ ଦେଖିବାକୁ ମିଳିପାରେ ବୋଲି ଆଶଙ୍କା ରହିଛି। ସେପଟେ ଝାରପଡ଼ା ପୂଜା ବିବାଦର ମୂଳ କାରଣ କମିଟିର ନେତୃତ୍ୱ ଓ ସଦସ୍ୟତା ବୋଲି ଜଣାପଡ଼ିଛି। ପୁରୁଣା କମିଟି କହୁଛି ସେମାନେ ବର୍ଷ ବର୍ଷ ଧରି ପରମ୍ପରା ପାଳନ କରିଛନ୍ତି। ନୂଆ କମିଟି କହୁଛି ସେମାନେ ନୂଆ ଆଇଡିଆ ଆଣିବେ ଓ ଭଲ ବ୍ୟବସ୍ଥା କରିବେ। ପୁଲିସ୍ ଅଞ୍ଚଳରେ ଅଧିକ ସୁରକ୍ଷା ଦେଇଛି ଓ କମିଟି ଅଫିସ୍ ପାଖରେ ଏକ ଅସ୍ଥାୟୀ ଟେଣ୍ଟ୍ ଲଗାଇଛି। ତେବେ ଶୀଘ୍ର ବିବାଦ ଶେଷ ହୋଇ ପ୍ରସ୍ତୁତି ଆରମ୍ଭ ହେବ ବୋଲି ସ୍ଥାନୀୟ ଲୋକମାନେ ଆଶା କରିଛନ୍ତି।

## ଅଙ୍ଗନବାଡ଼ି କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ



ଧଉଳି, ୨୫।୮ (ସମିସ): ବାଲିଅନ୍ତା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଅଧୀନ ପ୍ରତାପଶାସନ ପଞ୍ଚାୟତ ରଙ୍ଗଣୀସାହି ଅଙ୍ଗନବାଡି କେନ୍ଦ୍ରର ନୂତନ ଗୃହ ଉଦଘାଟିତ ହୋଇଯାଇଛି। ନାଏବ ସରପଞ୍ଚ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଯଥା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ଗୃହ ପ୍ରବେଶ କରାଯାଇଥିଲା। ଏହି ଉଦଘାଟନ ଉତ୍ସବରେ ସ୍ଥାନୀୟ ସରପଞ୍ଚ ରୀନା ବେହେରା, ସମିତିସଭ୍ୟ ଗଙ୍ଗାଧର ମାହାରୀ, ସିଡିପିଓ, ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପର୍ଯ୍ୟବେକ୍ଷକ ସୌମ୍ୟା ସୁଚରିତା, ପୂର୍ବତନ ସରପଞ୍ଚ ବସନ୍ତ କୁମାର ସାହୁ, ଶିକ୍ଷାବିତ କାହ୍ନୁଚରଣ ପୃଷ୍ଟି, ରଘୁନାଥ ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତିସ ରାଉତରାୟ ସମେତ ବିଭିନ ୱାର୍ଡର ୱାର୍ଡ ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସମ୍ପୃକ୍ତ କେନ୍ଦ୍ରର ଅଙ୍ଗନବାଡି କର୍ମୀ ନିଳିମା ପୃଷ୍ଟି ପରିଚାଳନା କରିଥିଲେ। ପ୍ରକାଶଥାଉକି ୭ ଲକ୍ଷ ଟଙ୍କାରେ ଏହି କେନ୍ଦ୍ର ନିର୍ମାଣ କରାଯାଇଛି। ଏଥିରେ ଏକ ଶ୍ରେଣୀ ଗୃହ ସହ ରୋଷ ଘର, ଶୌଚାଳୟ ଏବଂ ଷ୍ଟୋରରୁମ ନିର୍ମାଣ କରାଯାଇଛି।

## ଅବକାରୀ ଜାଲରେ ନିଶା ବେପାରୀ

ଭୁବନେଶ୍ୱର, ୨୫।୮ (ସମିସ): ଗଞ୍ଜେଇ ଓ ମଦ କାରବାର କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଭୁବନେଶ୍ୱର ଅବକାରୀ ବିଭାଗ। ଗିରଫ ଅଭିଯୁକ୍ତମାନେ ହେଲେ ସନ୍ତୋଷ ଭୋଳ ଓ ନିରଞ୍ଜନ ବେହେରା।




ପୁଲିସ ସୂଚନା ଅନୁସାରେ, ଗତକାଲି ରାତିରେ ବାପୁଜୀ ନଗର ଅଞ୍ଚଳରେ ଦେଶୀ ମଦ ବିକ୍ରି ହେଉଥିବା ଖବରପାଇ ଅବକାରୀ ରେଞ୍ଜ ୧ର ଟିମ୍ ଚଢ଼ଉ କରିଥିଲା। ପାଣି ଟାଙ୍କି ବସ୍ତିରୁ ମଦ ଭର୍ତ୍ତି କାର ଜବତ କରିବା ସହ ସନ୍ତୋଷକୁ ଅଟକ ରଖିଥିଲା। କାର୍ ଭିତରୁ ମୋଟ ୩୫ ପେଟି ତଥା ୧୭.୫ ଲିଟର ଆସ୍କା ଫଟି ଜବତ କରିଥିଲା।

ସେପଟେ ଭୁବନେଶ୍ୱର ରେଳଷ୍ଟେସନ ଦେଇ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ଆରପିଏଫ, ଏସଟିଏଫ୍ ଓ ଅବକାରୀ ଜିଲ୍ଲା ମୋବାଇଲ ୟୁନିଟ୍ ଚଢ଼ଉ କରିଥିଲା। ରେଳଷ୍ଟେସନ ପ୍ଲାଟଫର୍ମରୁ ନିରଞ୍ଜନକୁ ଗିରଫ କରିବା ସହ ୧୫ କିଲୋ ଗଞ୍ଜେଇ ଜବତ କରିଥିଲା। ସେ ପଶ୍ଚିମବଙ୍ଗକୁ ଗଞ୍ଜେଇ ଚାଲାଣ କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ଅବକାରୀ ବିଭାଗ ଦୁଇଟି ମାମଲା ରୁଜୁ କରି ଦୁଇ ନିଶା ବେପାରୀଙ୍କୁ କୋର୍ଟ ଚାଲାଣ କରିଛି।

## 'ଚିତ୍ର ବର୍ଣ୍ଣାଳୀ' ଫଟୋ ପ୍ରଦର୍ଶନୀ ଉଦ୍‌ଯାପିତ

ଭୁବନେଶ୍ୱର, ୨୫।୮ (ସମିସ): ଲଳିତ କଳା ଏକାଡେମୀ, ୟୁନିଟ ୩ଠାରେ ଉତ୍କଳ ଫଟୋଗ୍ରାଫିକ କ୍ଲବ ପକ୍ଷରୁ ଗତ ସାତ ଦିନ ଧରି ଚାଲିଥିବା ଫଟୋ ପ୍ରଦର୍ଶନୀ 'ଚିତ୍ର ବର୍ଣ୍ଣାଳୀ' ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଚିତ୍ରଶିଳ୍ପୀ ରଘୁନାଥ ସାହୁ ଯୋଗ ଦେଇଥିଲେ। ଓଡ଼ିଶୀ ନୃତ୍ୟରେ ସନ୍ଧ୍ୟା କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା। ଫଟୋଗ୍ରାଫରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ୨୦ ଜଣ ଫଟୋଗ୍ରାଫରଙ୍କର ୨୦୦ରୁ ଅଧିକ ଚିତ୍ର ପ୍ରଦର୍ଶିତ ହୋଇଥିଲା ବୋଲି କ୍ଲବର ସଭ୍ୟ ପ୍ରକାଶ ମହାରଣା କହିଛନ୍ତି।

## ମହାରାଷ୍ଟ୍ରର ପାଲଘର ଜିଲ୍ଲାରେ ବାଳା ସାହେବଙ୍କ ଜୟନ୍ତୀ



ଭୁବନେଶ୍ୱର, ୨୫।୮ (ସମିସ): ହିନ୍ଦୁହୃଦୟ ସମ୍ରାଟ୍ ଶିବସେନା ପ୍ରମୁଖ ବାଳାସାହେବ ଠାକରେଙ୍କ ଜନ୍ମ ଦିବସ ଅବସରରେ ମହାରାଷ୍ଟ୍ରର ପାଲଘର ଜିଲ୍ଲାରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଦିଆଯାଇଛି। ଆପୁଲକି ଫାଉଣ୍ଡେଶନ୍‌ର ଅଧ୍ୟକ୍ଷ ସକଳ ମରାଠା ସମାଜ ବସେ-ନାଲାସୋପାରା-ବିରାରର ଉପାଧ୍ୟକ୍ଷ ସମାଜସେବୀ ଉଦୟ ଯାଧବ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବାବା ସହେବଙ୍କ ମନେ ପକାଯାଇଥିଲା। ବାବା ସାହେବଙ୍କ ଚିନ୍ତାଧାରାକୁ କିପରି ଆଗକୁ ନେଇ ହେବ ସେନେଇ ଆଲୋଚନା ହୋଇଥିଲା।

## ଓସାକ୍ସ ପକ୍ଷରୁ ଏଚ୍‌ଆଇଭି/ ଏଡ୍‌ସ ସଚେତନତା କୁଇଜ୍

ଭୁବନେଶ୍ୱର, ୨୫।୮ (ସମିସ): ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମାଜ (ଓସାକ୍ସ) ପକ୍ଷରୁ ରାଜ୍ୟସ୍ତରୀୟ ଏଚ୍‌ଆଇଭି/ଏଡ୍‌ସ ସଚେତନତା କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୩୦ ଜିଲ୍ଲାରୁ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।



ସ୍କୁଲ, ବ୍ଲକ ଏବଂ ଜିଲ୍ଲା ସ୍ତରରେ ଚୟନ ପ୍ରକ୍ରିୟା ପରେ ଶ୍ରେଷ୍ଠ ଦଳଗୁଡ଼ିକ ରାଜ୍ୟସ୍ତରୀୟ ଇଭେଣ୍ଟରେ ପ୍ରତିଯୋଗିତାରେ ଭାଗ ନେଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାର ଦିବ୍ୟାଶ୍ରୀ ଦାସ ଏବଂ ରୋହିତ କୁମାର ରାଉତ ପ୍ରଥମ ସ୍ଥାନ ଅଧିକାର କରିଥିଲା ବେଳେ ବଲାଙ୍ଗୀର ଜିଲ୍ଲା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ଏବଂ ମୟୂରଭଞ୍ଜ ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଥିଲା। କାର୍ଯ୍ୟକ୍ରମକୁ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡକ୍ଟର ସନ୍ତୋଷ କୁମାର ସ୍ୱାଇଁ ଉଦଘାଟନ କରି ଅଭିଯାନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏଡ୍ସ ନିରାକରଣରେ ଯୁବପିଢ଼ିଙ୍କ ସମ୍ପୃକ୍ତିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମେଜର ଡକ୍ଟର କଳ୍ପନା ଦାସ; ଯୁବ ରେଡକ୍ରସ୍ ଅଧିକାରୀ, ଡକ୍ଟର ରମେଶ ଚନ୍ଦ୍ର ବେହେରା; ଏବଂ ଚନ୍ଦକା କଲେଜର ଅଧ୍ୟାପକ ସୁରେଶ ଚନ୍ଦ୍ର ମହାନ୍ତିଙ୍କ ସମେତ ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ। କୁଇଜ୍ ପାଇଁ ଜୁରୀ ମେଜର ଡକ୍ଟର କଳ୍ପନା ଦାସ ଏବଂ ସୁରେଶ ଚନ୍ଦ୍ର ମହାନ୍ତି ଥିଲେ। ସମାବେଶକୁ ସମ୍ବୋଧିତ କରି, ଓସାକ୍ସର ଯୁଗ୍ମ ନିର୍ଦ୍ଦେଶକ (ଆଇଇସି) ଡକ୍ଟର ଡି.ଏସ୍. ଅରବିନ୍ଦ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ସଚେତନତାର ବାର୍ତ୍ତା ସେମାନଙ୍କ ସାଥୀମାନଙ୍କ ପାଖରେ ପହଞ୍ଚାଇବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ମୃତି ସାଗରିକା କାନୁନଗୋ, ସହକାରୀ ନିର୍ଦ୍ଦେଶକ, ଓସାକ୍ସ ଦ୍ୱାରା ସଂଯୋଜିତ କରାଯାଇଥିଲା। ବରିଷ୍ଠ ଅଧିକାରୀ ଡକ୍ଟର ସୁବ୍ରତ କୁମାର ତ୍ରିପାଠୀ, ବିଧାନ ଚନ୍ଦ୍ର ନାୟକଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଶିର ବାହିନୀପତି କୁଇଜ୍ ମାଷ୍ଟର ଭାବେ ଯୋଗ ଦେଇଥିଲେ।

## ଇଂ ଅଶୋକ ବାସା ସିଇଡି-୪୬ ସଦସ୍ୟ ଭାବେ ମନୋନୀତ

ଭୁବନେଶ୍ୱର, ୨୫।୮ (ସମିସ): ଇଂ ଅଶୋକ ବାସା ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍ (ବିଆଇଏସ୍)ର ଜାତୀୟ ନିର୍ମାଣ କୋଡ୍ କମିଟି (ସିଇଡି-୪୬)ର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହା ଭାରତର ନିର୍ମାଣ କୋଡ୍ ସଂଶୋଧନ ପାଇଁ ଶୀର୍ଷ ସଂସ୍ଥା ଅଟେ। ଇଂ ବାସା ପୂର୍ବରୁ ଇଣ୍ଡିଆନ୍ ରୋଡସ୍ କଂଗ୍ରେସର ବ୍ରିଜ୍ ଷ୍ଟାଣ୍ଡାର୍ଡସ୍ ଏବଂ ସ୍ପେସିଫିକେସନ୍ କମିଟିର ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଏହା ଦେଶରେ ବ୍ରିଜ୍ ମାନକ ନିର୍ଦ୍ଧାରଣ କରୁଥିବା ସର୍ବୋଚ୍ଚ କର୍ତ୍ତୃପକ୍ଷ ଅଟେ। ଏହି ଭୂମିକାଗୁଡ଼ିକ ସହିତ, ସେ ଭାରତରେ ନିର୍ମାଣ ଏବଂ ବ୍ରିଜ୍ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି କ୍ଷେତ୍ରର ଶୀର୍ଷ କମିଟିଗୁଡ଼ିକରେ ପଦ ଅଧିକାର କରୁଥିବା ବିରଳ ଇଞ୍ଜିନିୟରମାନଙ୍କ ମଧ୍ୟରେ ଜଣେ ହୋଇଛନ୍ତି। ମନକ ଭବନ ନୂଆଦିଲ୍ଲୀରେ ୨୫ ଅଗଷ୍ଟ ୨୦୨୫ରେ ଇଂ ବାସା ଜାତୀୟ ନିର୍ମାଣ କୋଡ୍ ସଂଶୋଧନ ବୈଠକରେ ଇଂ ଭି. ସୁରେଶ, ଇଂ ସଞ୍ଜୟ ପନ୍ତ ଅନ୍ୟାନ୍ୟ ଅଧିକାରୀମାନଙ୍କ ସହିତ ଯୋଗ ଦେଇଛନ୍ତି।

# ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଏମ୍‌ସ ହସ୍ପିଟାଲ୍‌ରେ ପ୍ରସ୍ତୁତି



## ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀଙ୍କ ନିମନ୍ତେ ୬ ଦିନିଆ ତାଲିମ

## ସଙ୍କଟ ସମୟରେ ଚିକିତ୍ସାସେବାରେ ନିରନ୍ତରତା ସୁନିଶ୍ଚିତ କରିବା ବ୍ୟବସ୍ଥାକୁ ସୁଦୃଢ଼ କରିବ

ଭୁବନେଶ୍ୱର, ୨୫।୮ (ସମିସ): ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ବିପର୍ଯ୍ୟୟ ପରିଚାଳନା ପ୍ରକୋଷ୍ଠ ସହିତ ମିଳିତ ଭାବରେ ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟ ଜରୁରିକାଳୀନ ପରିସ୍ଥିତି ପାଇଁ ହସ୍ପିଟାଲ ପ୍ରସ୍ତୁତି ଉପରେ ଏକ ୬ ଦିନିଆ କ୍ଷମତା-ନିର୍ମାଣ ତାଲିମ ଶିବିର ସଫଳତାର ସହିତ ଆୟୋଜିତ କରିଛି। ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ସହିତ ହସ୍ପିଟାଲଗୁଡ଼ିକୁ ବିପର୍ଯ୍ୟୟ ସମୟରେ ପ୍ରଭାବଶାଳୀ ଢଙ୍ଗରେ ମୁକାବିଲା କରିବାରେ ସାହାଯ୍ୟ କରିବା ପାଇଁ ଏହି କାର୍ଯ୍ୟକ୍ରମକୁ ସଂରଚନା କରାଯାଇଥିଲା। ଓଡ଼ିଶା, ମେଘାଳୟ, ପଶ୍ଚିମବଙ୍ଗ ଏବଂ ଆସାମର ବରିଷ୍ଠ ସ୍ୱାସ୍ଥ୍ୟସେବା ଅଧିକାରୀମାନେ ଏହି ତାଲିମରେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବରିଷ୍ଠ ପରାମର୍ଶଦାତା, ଜିଲ୍ଲା ଚିକିତ୍ସା ଅଧିକାରୀ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ, ବରିଷ୍ଠ ଚିକିତ୍ସା ଅଧିକାରୀ, ହସ୍ପିଟାଲ ପ୍ରଶାସକ ଏବଂ ପରିଚାଳକମାନେ ସାମିଲ ଥିଲେ।

ଏଭଳି ଅଭିନବ ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରି, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ, 'ବିପର୍ଯ୍ୟୟ ସମୟରେ ହସ୍ପିଟାଲଗୁଡ଼ିକ ହେଉଛନ୍ତି ଜୀବନରେଖା। ସେମାନଙ୍କର ପ୍ରସ୍ତୁତି ଏବଂ ନିରନ୍ତରତା ଯୋଜନାକୁ ସୁଦୃଢ଼ କରିବା ନିଶ୍ଚିତ କରେ ଯେ ଯେତେବେଳେ ଏହାର ସବୁଠାରୁ ଅଧିକ ଆବଶ୍ୟକତା ଥାଏ ସେତେବେଳେ ଲୋକଙ୍କ ପାଖରେ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ପହଞ୍ଚିଥାଏ। ଏହି କାର୍ଯ୍ୟକ୍ରମ ଦେଶରେ ବିପର୍ଯ୍ୟୟ-ପ୍ରତିରୋଧୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ନିର୍ମାଣ କରିବା ଦିଗରେ ଏକ ପଦକ୍ଷେପ ଥିଲା। ଉଦଘାଟନୀ ସମାରୋହରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ମେଡିକାଲ ଅଧୀକ୍ଷକ ଡ. ଦିଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣଲ ଅଭିଜିତ ସରକାର, ନୋଡାଲ ଅଧିକାରୀ ଡ. ଜୟନ୍ତ କୁମାର ମିତ୍ରଙ୍କ ସମେତ ବହୁ ବରିଷ୍ଠ ତାଲିମଦାତାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତାଲିମରେ ଏକ ବ୍ୟାପକ ମଡ୍ୟୁଲ ଅନ୍ତର୍ଭୁକ୍ତ ଥିଲା, ଯେଉଁଥିରେ ହସ୍ପିଟାଲ ବିପର୍ଯ୍ୟୟ ପରିଚାଳନା ନୀତି, ହସ୍ପିଟାଲ ଜରୁରୀକାଳୀନ ଘଟଣା ପ୍ରତିକ୍ରିୟା ପ୍ରଣାଳୀ, ବିପର୍ଯ୍ୟୟ ପରିଚାଳନା ଆଇନ, ଟ୍ରାଇଜିଂ, ଲଜିଷ୍ଟିକ୍ସ, ଯୋଗାଯୋଗ, ଅଗ୍ନି ନିରାପତ୍ତା, ମକ୍ ଡ୍ରିଲ୍, ମନସ୍ତାତ୍ତ୍ୱିକ ସାମାଜିକ ଯତ୍ନ, ହସ୍ପିଟାଲ ଖାଲି କରିବା, ସେବାର ନିରନ୍ତରତା ଏବଂ ସ୍ୱାଭାବିକତାକୁ ଫେରିବା। ଅଂଶଗ୍ରହଣକାରୀମାନେ ବ୍ୟବହାରିକ ଅଭିଜ୍ଞତା ହାସଲ କରିବା ପାଇଁ ଭୁବନେଶ୍ୱରରେ ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ୍ ଫୋର୍ସ (ଓଡ୍ରାଫ) ବେସ୍ ର କ୍ଷେତ୍ର ପରିଦର୍ଶନରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ପାଇଁ ଜାତୀୟ କ୍ଷମତା-ନିର୍ମାଣ କାର୍ଯ୍ୟକ୍ରମରେ ତାଲିମପ୍ରାପ୍ତ, ଏମ୍ସ ଭୁବନେଶ୍ୱରର ଅଧ୍ୟାପକ, ଏହି କାର୍ଯ୍ୟକ୍ରମର ତାଲିମ ପ୍ରଦାନ କରିଥିଲେ। ପ୍ରଥମ ଥର ପାଇଁ ଏମ୍ସ ଭୁବନେଶ୍ୱର ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛି, ଏବଂ ଏହା ସମଗ୍ର ଭାରତରେ ହସ୍ପିଟାଲ ବିପର୍ଯ୍ୟୟ ପ୍ରସ୍ତୁତିକୁ ବୃଦ୍ଧି କରିବା ପାଇଁ ଜାତୀୟ ପଦକ୍ଷେପ ଅଧୀନରେ ଚତୁର୍ଥ ତାଲିମ କାର୍ଯ୍ୟକ୍ରମ ଥିଲା।

## ମେଗା ସ୍ୱାସ୍ଥ୍ୟ ଶିବିର ଓ ଚାରାରୋପଣ



ବାଲିଅନ୍ତା, ୨୫।୮ (ସମିସ): ବାଲିଅନ୍ତା ବ୍ଲକ ଅଧୀନ ପରିଆପାଟପୁର ଗ୍ରାମରେ ଶାଳିନୀ ଫାଉଣ୍ଡେସନ୍ ଓ ମା ବାସେଳୀ ଗ୍ରାମ୍ୟ କମିଟି ମିଳିତ ଉଦ୍ୟମରେ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦଘାଟନ କରିଥିଲେ ଏମ୍. ଡି. ଗାଷ୍ଟ୍ରୋଏଣ୍ଟୋଲୋଜିଷ୍ଟ ଓ ସ୍ଥାପକ ଡା. ସଞ୍ଜୀବ କର ଓ ଆଇଆଇଜିଏଚ ହସ୍ପିଟାଲ୍, କଟକର ମ୍ୟାନେଜିଂ ଡାଇରେକ୍ଟର ସ୍ୱାତୀ ଦାସ। ସିଲଭର ସିଟି ହସ୍ପିଟାଲ୍, କଟକର ଡା. ପ୍ରମୋଦ କୁମାର ସାହୁ, ଡା. ସରଦା ପ୍ରସାଦ ବେହେରା ଓ ଡା. ମନ୍ଦାକିନୀ ସେଠୀ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡା. ସର୍ବଦାମନ ସିଂହ, ଶାଳିନୀ ଫାଉଣ୍ଡେସନ୍‌ର ସଂସ୍ଥାପିକା ତିଲୋତ୍ତମା ସ୍ୱାଇଁ ଓ ଶାଳିନୀ ସ୍ୱାଇଁ, ସିଲଭର ସିଟି ହସ୍ପିଟାଲ୍‌ର ମ୍ୟାନେଜିଂ ଡାଇରେକ୍ଟର ବିଚିତ୍ରାନନ୍ଦ ଓ କଲ୍ୟାଣୀ ଦାସ ପ୍ରମୁଖ ଶିବିର ତଦାରଖ କରିଥିଲେ।

ମୋଟ ୧୫ ଜଣ ଡାକ୍ତର ଓ ୨୦ ଜଣ ସହାୟକ କର୍ମଚାରୀଙ୍କ ସହଯୋଗରେ ୨୦୦ରୁ ଅଧିକ ଗ୍ରାମବାସୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା। ମା ବାସେଳୀ ଗ୍ରାମ୍ୟ କମିଟିର ସଭାପତି ବୃନ୍ଦାବନ ବେହେରା, ସମ୍ପାଦକ ସ୍ମୃତି ରଞ୍ଜନ ନାୟକ, ସଞ୍ଜୟ କୁମାର ମହାନ୍ତି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୀପସ କୁମାର ସ୍ୱାଇଁ, ଅବକାଶ ବେହେରା, ରଘୁନାଥ ସ୍ୱାଇଁ, ସତୀଶ କୁମାର ନାୟକ, ବିଷ୍ଣୁ ପ୍ରସାଦ ସ୍ୱାଇଁ, ପ୍ରତାପ ସ୍ୱାଇଁ। କାର୍ଯ୍ୟକ୍ରମଟିକୁ ଦିଏଭି ଏସସିବି ମେଡିକାଲ ପବ୍ଲିକ ସ୍କୁଲର ପ୍ରାଧାନ ଆଚାର୍ଯ୍ୟ ନିରଞ୍ଜନ ସ୍ୱାଇଁ ସଂଯୋଜନା କରିଥିଲେ।

### ପକ୍କାରାସ୍ତା ନାହିଁ

# ପାଣିକାଦୁଅରେ ଘାଣ୍ଟି ହେଉଛନ୍ତି ବାଳକାଟି ଅଞ୍ଚଳବାସୀ

ଧଉଳି ୨୫।୮ (ସମିସ): ଭୁବନେଶ୍ୱର ଉପକଣ୍ଠସ୍ଥ ବାଲିଅନ୍ତା ବ୍ଲକର ପ୍ରତାପଶାସନ ପଞ୍ଚାୟତ ବାଳକାଟି ହେଉଛି ଏକ ବ୍ୟସ୍ତବହୁଳ ଏବଂ ବ୍ୟବସାୟିକ କେନ୍ଦ୍ରସ୍ଥଳୀ। ଏଠାରେ ଶିକ୍ଷା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ଗମନାଗମନ ଠାରୁ ଆରମ୍ଭ କରି ବ୍ୟବସାୟ ପର୍ଯ୍ୟନ୍ତ ସମସ୍ତ ପ୍ରକାର ସୁବ୍ୟବସ୍ଥା ରହିଛି। ଏଠାରେ ଏକ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ସହ ଡିଗ୍ରୀ(+୩) କଲେଜ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(+୨), ୨ ଟି (ବାଳକ ଓ ବାଳିକା) ଉଚ୍ଚବିଦ୍ୟାଳୟ, ୬ରୁ ଅଧିକ ରାଷ୍ଟ୍ରାୟତ ବ୍ୟାଙ୍କ ଏବଂ ଏକ ସୁଲଭ ବଜାର। ନିକଟରେ ପୁଣ୍ୟତୋୟା ଭାର୍ଗବୀ ଏହାର କିଛି ଦୂରରେ ଭୁବନେଶ୍ୱର-ପୁରୀ ୩୧୬ ଜାତୀୟ ରାଜପଥ ଅବସ୍ଥିତ। ଏଠାରୁ ପୁରୀ, କଟକ ଭୁବନେଶ୍ୱର, କୋଣାର୍କ କାକଟପୁର ଆଦି ପ୍ରମୁଖ ସ୍ଥାନକୁ ଯାତାୟତ କରିବା ସୁବିଧା ହୋଇଥାଏ। ଏହାର ଶାନ୍ତ ଓ ସବୁଜିମା ପରିବେଶ ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ଏଠାରେ ସବୁପ୍ରକାର ସୁବିଧା ଥିବାରୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଲୋକେ ଏଠାରେ ଜାଗା କିଣି ଘର କରି ସ୍ଥାୟିବାସିନ୍ଦା ହୋଇଛନ୍ତି। ଦିନକୁ ଦିନ ଏହାର ନବକଳେବର ବୃଦ୍ଧି ପାଇବାରେ ଲାଗିଛି। ଏହି ଅଞ୍ଚଳରେ ଗଢ଼ି ଉଠିଲାଣି ମାଳମାଳ କୋଠା। ଛୋଟମୋଟ ଜନବସତି ଗଢି ଉଠିବା ସହ ଶତାଧିକ ଲୋକେ ବସବାସ କଲେଣି।



ଏହି ଜନବସତିରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଉଚ୍ଚପଦସ୍ଥ ଅଧିକାରୀ, କର୍ମଚାରୀ ଏବଂ ବେସରକାରୀ ସଂସ୍ଥାର ବହୁ ଅଧିକାରୀ ରହୁଛନ୍ତି। ମାତ୍ର ଏହି ଜନବସତିକୁ ଯାତାୟତ ନିମନ୍ତେ ପକ୍କା ରାସ୍ତାଟିଏ ନାହିଁ। ଫଳରେ ଲୋକେ ଅନାବନା ଘାସ ପରିପୂର୍ଣ୍ଣ ଓ ପାଣିକାଦୁଅ ରାସ୍ତାରେ ଯାତାୟାତ କରୁଛନ୍ତି। ଭୁବନପୁର ଜଳସମ୍ପଦ ବିଭାଗ ଅଧିନ ବାଳକାଟି ସ୍ଥିତ ପୁରୀ ମୁଖ୍ୟ କେନାଲର ଉଭୟ ପାର୍ଶ୍ୱରେ ଏବେ ଜନବସତୀ ଗଢି ଉଠିଛି। ପ୍ରାୟ ୫୦ ରୁ ୬୦ ପରିବାର କୋଠା ଘର ନିର୍ମାଣ କରି ବସବାସ କରିଛନ୍ତି। ଏହି କେନାଲ ବନ୍ଧ ରାସ୍ତା ବାଲିଅନ୍ତା ବ୍ଲକ ଓ ଝିଣ୍ଟିଶାସନ ବନ୍ଧ ପିଚୁ ହୋଇଥିବା ବେଳେ ସାଇଫୋନ ଠାରୁ ପ୍ରତାପଶାସନ ପର୍ଯ୍ୟନ୍ତ କେନାଲ ବନ୍ଧ ରାସ୍ତା ଅତି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏହି ରାସ୍ତାରେ ଅନାବନା ଘାସ ମାଡି ଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ଖାଲଢିପ ଯିବାଆସିବା କରିବାରେ ଅଧିକ ସମସ୍ୟା ସୃଷ୍ଟି କରୁଛି। ଦିନ ଅପେକ୍ଷା ରାତିରେ ଏହି ରାସ୍ତାରେ ଯିବାଆସିବା କରିବା ଅସମ୍ଭବ ହୋଇପଡ଼ିଛି। ବେଳେ ବେଳେ ଯିବାଆସିବା କରିବା ସମୟରେ ଖାଲଢିପ ନ ଜାଣିପାରି ପଡ଼ିଯାଇ ଖଣ୍ଡିଆଖାବରା ହେଉଛନ୍ତି ସ୍ଥାନୀୟ ବାସିନ୍ଦା। ଏପରିକି ଜରୁରିକାଳୀନ ସେବା ଯୋଗାଉଥିବା ରୋଗୀବୁହା ଜାନ ଏବଂ ଜନନୀ ସୁରକ୍ଷା ଗାଡି ଯିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ଗଢି ଉଠିଥିବା ଜନବସତୀଗୁଡିକର ସଂଯୋଗ ରାସ୍ତାକୁ ବିଭିନ୍ନ ଯୋଜନା ମାଧ୍ୟମରେ ପିଚୁ କିମ୍ବା କଂକ୍ରିଟ କରୁଥିବା ବେଳେ ବାଳକାଟି ଭଳି ବ୍ୟବସାୟିକ ଅଞ୍ଚଳରେ ବ୍ୟତିକ୍ରମ ଦେଖାଦେଇଛି। ଜନବସତୀରେ ବସବାସ କରୁଥିବା ଲୋକେ ଯାତାୟାତ କରୁଥିବା ଏହି କେନାଲବନ୍ଧ ରାସ୍ତାକୁ ପକ୍କା ରାସ୍ତା କରିବାପାଇଁ ଜଳସମ୍ପଦ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ, ଅଧିକ୍ଷଣ ଯନ୍ତ୍ରୀ ଏବଂ ମୁଖ୍ୟଯନ୍ତ୍ରୀଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଶ୍ୱପ୍ରସିଦ୍ଧ ମହିମା ଗାଦିରେ ନବାନ୍ନ ଉତ୍ସବ

# ୧୦ ହଜାରରୁ ଊର୍ଦ୍ଧ୍ୱ ସାଧୁସନ୍ଥଙ୍କ ସମାଗମ

ଗଁଦିଆ,୨୫ ।୮ (ସମିସ):

ଢେଙ୍କାନାଳ ଜିଲ୍ଲା ଯୋରନ୍ଦାସ୍ଥିତ ବିଶ୍ୱପ୍ରସିଦ୍ଧ ମହିମାଗାଦିର ଦ୍ୱିତୀୟ ବଡ଼ପର୍ବ ନବାନ୍ନ ଉତ୍ସବ ସୋମବାର ପାଳିତ ହୋଇଛି । ଏହି ଉତ୍ସବରେ ୧୦ ହଜାରରୁ ଊର୍ଦ୍ଧ୍ୱ ସାଧୁଭକ୍ତ ଯୋଗଦେଇଥିଲେ । ପ୍ରତିବର୍ଷ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱିତୀୟାରେ ଏହି ପର୍ବ ପାଳନ ହେଉଛି । ଚଳିତ ବର୍ଷ ମହିମାଗାଦିରେ ନବାନ୍ନ ଉତ୍ସବ ପାଳନ କରିବା ଓ ନବାନ୍ନ ପ୍ରସାଦ ଖାଇବା ପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ସାଧୁଭକ୍ତ ମହିମା ଗାଦିରେ ପହଞ୍ଚିଥିଲେ । ଆଠଗଡ଼ ତରସିଂହ ଅଞ୍ଚଳର ମହିମା ଭକ୍ତ ଭୋଇ ପରିବାର ନୂଆଧାନରେ ତିଆରି ଚୁଡ଼ା ପ୍ରଭୁଙ୍କ ପ୍ରସାଦ ପାଇଁ ପ୍ରଦାନ କରିଥିଲେ । ପ୍ରାତଃ ବ୍ରାହ୍ମମୁହୂର୍ତ୍ତରେ ସାଧୁମାନେ ଅହ୍ନଣିଆ ମଣ୍ଡପରେ ନୂଆଚୁଡ଼ା, କଦଳୀ, ନଡ଼ିଆ,



ଦହି, ଗୁଡ଼, କାଜୁ, କିସମିସ, ଅଦା, ଗୁଜୁରାତି, ଅଳେଇଚ, ଲବଙ୍ଗ ଓ ବିଭିନ୍ନ ପ୍ରକାର ଫଳମୂଳ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ନବାନ୍ନକୁ ୭ଟି ନୂଆ ମାଟି ହାଣ୍ଡିରେ ସାତ ଜଣ ତ୍ୟାଗୀ ବରିଷ୍ଠ ବଲ୍କଲଧାରୀ ସନ୍ନ୍ୟାସୀଙ୍କ ଉପସ୍ଥିତିରେ ଅଲେଖ ମହିମା ଡାକଦେଇ ମହିମା ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥିଲେ । ହଜାର ହଜାର ସାଧୁଭକ୍ତଙ୍କ ଗହଳି ମଧ୍ୟରେ ସାଧୁସନ୍ଥମାନେ ମହିମା ସ୍ୱାମୀଙ୍କୁ ପ୍ରାର୍ଥନା କରି ଜଗତବାସୀଙ୍କ ମଙ୍ଗଳ କାମନା କରି ପୃଥିବୀ ସଶସ୍ୟଶ୍ୟାମଳା ହେବା ପାଇଁ ଅଲେଖ ଡାକ ଦେଇଥିଲେ । ପ୍ରାତଃ ୭ଟାରେ ବାଲ୍ୟଲୀଳା ଭୋଗ ବଣ୍ଟନ କରାଯାଇଥିଲା । ପୂର୍ବାହ୍ନ ୯ଟାରେ ଭୀକ୍ଷାଭଣ୍ଡାରଠାରେ ପ୍ରସ୍ତୁତ ନବାନ୍ନ ସତସଙ୍ଗ ବିଧିରେ ସନ୍ନ୍ୟାସୀମାନେ ପରସ୍ପର ଆଦାନ ପ୍ରଦାନ କରି ପ୍ରସାଦ ସେବନ କରିଥିଲେ । ଶେଷରେ ହଜାର ସଂଖ୍ୟାରେ ଉପସ୍ଥିତ ସାଧୁଭକ୍ତ, ସ୍ଥାନୀୟ ଅଞ୍ଚଳବାସୀ ପ୍ରସାଦ ସେବନ କରିଥିଲେ । ବଲ୍କଲଧାରୀ ମହିମା ସମାଜ ସଭାପତି ଶୁକଦେବ ବାବା ଓ ସମ୍ପାଦକ ନିତ୍ୟାନନ୍ଦ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନବାନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା । କମିଟି ସଭ୍ୟ ପ୍ରସନ୍ନ ବାବା, ଅନାମ ବାବା, ପ୍ରଭାସ ବାବା, ବରିଷ୍ଠ ସନ୍ନ୍ୟାସୀ ନଟବର ବାବା, ଗଦାଧର ବାବା, ଜୟରାମ ବାବା, ଦୀନବନ୍ଧୁ ବାବା, ସୁବ୍ରତ ବାବା, ସାଧୁ ଅନାମ ଦାସ, ଚୈତନ୍ୟ ଦାସ, ବିଶ୍ୱାନନ୍ଦ ଦାସ ପ୍ରମୁଖଙ୍କ ସହାୟତାରେ ନବାନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା ।

## ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ; ୨ ଗିରଫ

କାମାକ୍ଷାନଗର,୨୫ ।୮ (ସମିସ): କାମାକ୍ଷାନଗର ଓ ଭୁବନ ଅବକାରୀ ବିଭାଗ ମିଳିତ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ କରିଛନ୍ତି । ଏଥିସହ ଦୁଇ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଛନ୍ତି । ଭୁବନ ସହରର କିଛି ସ୍ଥାନରେ ଚୋରା ଗଞ୍ଜେଇ ବେପାର ହେଉଥିବା ଅବକାରୀ ବିଭାଗକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ଖବର ଆଧାରରେ ବିଭାଗର ଏକ ସ୍ୱତନ୍ତ୍ର ଟିମ ସହରର ୧୪ ନମ୍ବର ୱାର୍ଡରେ ଥିବା ବାଞ୍ଛାନିଧି ପୃଷ୍ଟି ଓ ୧୫ ନମ୍ବର ୱାର୍ଡରେ ଥିବା ହିମାଂଶୁ ବେହେରାଙ୍କ ଘରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ବାଞ୍ଛାନିଧିଙ୍କ ନିକଟରୁ ୮ କେଜି ଗଞ୍ଜେଇ ଓ ଏକ ବାଇକ ଜବତ ହୋଇଥିବା ବେଳେ ହିମାଂଶୁଙ୍କ ନିକଟରୁ ୭.୫ କେଜି ଗଞ୍ଜେଇ ଜବତ କରାଯାଇଛି । ଉଭୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ ।

## ରାଜ୍ୟସ୍ତରୀୟ ସଂସ୍କୃତ ଦିବସ ସମାରୋହ



ଢେଙ୍କାନାଳ,୨୫ ।୮ (ସମିସ): ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ତରଫରୁ ରାଜ୍ୟସ୍ତରୀୟ ସଂସ୍କୃତ ଦିବସ ସମାରୋହ ବଳଦିଆବନ୍ଧ ଗୌରାଙ୍ଗ ଚରଣ ବିଦ୍ୟାପୀଠରେ ସଭାପତି ପଣ୍ଡିତ ପ୍ରଫୁଲ୍ଲ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି । ଉଦଘୋଷକ ପଣ୍ଡିତ ସତୀଶ ପ୍ରସାଦ ଆଚାର୍ଯ୍ୟଙ୍କ ବେଦଧ୍ୱନି ତଥା ଛାତ୍ରୀ ପୂର୍ଣ୍ଣିମା ବେହେରା ଓ ଟିକିନା ପଧାନଙ୍କ ଗୀତାପାଠ ସହ ମୁଖ୍ୟଅତିଥି ପଣ୍ଡିତ ଘନଶ୍ୟାମ ମିଶ୍ର ଶ୍ରୀଜଗନ୍ନାଥଙ୍କୁ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ପଣ୍ଡିତ ସତ୍ୟନାରାୟଣ ଦାଶ, ସମ୍ମାନିତ ଅତିଥି ଭାବେ ପଣ୍ଡିତ କଳ୍ପତରୁ ଦାଶ, ପଣ୍ଡିତ ବୈକୁଣ୍ଠନାଥ ସାହୁ, ଅନ୍ୟତମ ବକ୍ତା ଭାବେ ପଣ୍ଡିତ ଲକ୍ଷ୍ମୀଧର ରାଉତ, ପଣ୍ଡିତ ସତ୍ୟବାଦୀ ପଣ୍ଡା, ସାବିତ୍ରୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ସଂସ୍କୃତ ଶିକ୍ଷକମାନଙ୍କ କ୍ୟାଡର ଓ ସଂସ୍କୃତ ବିଷୟ ସହ ଧନ୍ଦାମୂଳକ ବିଷୟ ସମ୍ପର୍କରେ ଗଭୀର ଉଦବେଗ ପ୍ରକାଶ କରିବା ସହିତ ଏହାର ସମାଧାନ ପାଇଁ ସରକାରଙ୍କଠାରେ ଦାବି ଉପସ୍ଥାପନ କରାଯାଇଛି । ଡ. ନିରଞ୍ଜନ ଦାଶଙ୍କ ରଚିତ ଦୁଇ ପୁସ୍ତକ କଶ୍ଚିଦ ଭ୍ରାତା କାଚିଦ ଭଗ୍ନୀ ଓ ମାଣ ସ୍ଥାପନ ଲକ୍ଷ୍ମୀ ପୁରାଣମ ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକାରୀ ସଭାପତି ଡ. ନିରଞ୍ଜନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ୪ ଜଣ ସଂସ୍କୃତ ଶିକ୍ଷକଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରୀ ଲିପ୍ସିତା, ଆଞ୍ଚଲ, ପ୍ରାଚୀ, ଶ୍ରାବଣୀ ଅଚ୍ୟୁତଂ କେଶବଂ ଗୀତ ସହ ନୃତ୍ୟ ପରିବେଷଣ କରିଥିଲେ । ମାମୁନି, ପୂର୍ଣ୍ଣିମା, ସ୍ୱାତି, ମାଧୁରୀ, ମନ୍ଦାକିନୀ ଓ ମିନତି ଅଧରଂ ମଧୁରମ୍, ଭାରତେ ମା ବଙ୍ଗ ଗୀତର ତାଳେ ତାଳେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ । ପଣ୍ଡିତ ଉପେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅମଲା ସଂଘର ଆନ୍ଦୋଳନ ଜାରି

ଖଜୁରିଆକଟା,୨୫ ।୮ (ସମିସ): ଓଡ଼ିଶାରେ ପ୍ରଶାସନିକ ସେବାରେ ବଡ଼ ଯୋଗଦାନ ଥିବା ଏବଂ ପ୍ରଶାସନିକ ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିଆସୁଥିବା ରାଜସ୍ୱ ଅମଲା କର୍ମଚାରୀମାନେ କିଛିଦିନ ହେବ ବିଭିନ୍ନ ଦାବିନେଇ ଆନ୍ଦୋଳନ ଜାରି ରଖିଛନ୍ତି । ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମଲାମାନେ ସାମୂହିକ ଛୁଟିରେ ରହି ଆନ୍ଦୋଳନରେ ବସିଛନ୍ତି । ଗତ ଜୁନ ୨୨ରେ ରାଜ୍ୟ ରେଡ୍‌କ୍ରସ ଭବନରେ ଆୟୋଜିତ ରାଜ୍ୟ ଅମଲା ସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁଯାୟୀ ସଂଘ ପକ୍ଷରୁ ରାଜସ୍ୱ ବିପର୍ଯ୍ୟୟ ପ୍ରଶମନ ବିଭାଗକୁ ଚିଠି ନଂ



୫୪/୨୩-୬-୨୫ରେ ବିଭିନ୍ନ ଦାବି ନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା । ତେବେ ରାଜ୍ୟ ସରକାର ଦାବିଗୁଡ଼ିକ ୨୦୨୫ ଅଗଷ୍ଟ ୮ ସୁଦ୍ଧା ପୂରଣ କରିବାରେ ବିଫଳ ହୋଇଥିବାରୁ ରାଜସ୍ୱ ଅମଲାମାନେ ଆନ୍ଦୋଳନ କରୁଛନ୍ତି । ରାଜ୍ୟ ସରକାର ଦାବି ପୂରଣ ନିମନ୍ତେ ଆନ୍ତରିକତା ନ ଦେଖାଇ ଓଲଟି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଅମଲାମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଦେବାସହ ନିଜ କର୍ମଚାରୀମାନଙ୍କୁ ବିରୋଧୀଦଳ ଇଙ୍ଗିତରେ ଆନ୍ଦୋଳନ କରୁଥିବା ମନ୍ତବ୍ୟ ଦେବା ଘଟଣାକୁ କଡ଼ା ନିନ୍ଦା କରିବାସହ ଆନ୍ଦୋଳନରୁ ନ ଓହରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ସମେତ ହିନ୍ଦୋଳ ଉପଖଣ୍ଡର ସମସ୍ତ ଅମଲା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି । ଅନ୍ୟପଟେ ଅମଲାମାନଙ୍କ ଆନ୍ଦୋଳନ ଯୋଗୁଁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୁରନ୍ତ ଏହାର ସମାଧାନ କରିବାକୁ ଦାବି ହୋଇଛି ।

## ପାଟେରାଘାଟି ମହିମା ଆଶ୍ରମରେ ନବାନ୍ନ ଉତ୍ସବ

ଗଁଦିଆ,୨୫ ।୮ (ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ ବ୍ଲକ ପାଟେରାଘାଟି ମହିମା ଆଶ୍ରମରେ ନବାନ୍ନ ଉତ୍ସବ ଅନୁଷ୍ଠିତ ହୋଇଛି । ନେରଡ଼ାଖମରର ୬୧ତମ ନବାନ୍ନ ଉତ୍ସବ ମହାସମାରୋହରେ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ପାଳିତ ହୋଇଛି । ଅଲେଖ ମହିମା ଧର୍ମର ପରମ୍ପରା ଅନୁସାରେ ଚଳିତ ବର୍ଷର ନୂତନ ଧାନଶସ୍ୟରେ ପ୍ରସ୍ତୁତ ଚୁଡ଼ା, ଦୁଗ୍ଧ, ଦଧି, ମଧୁ, ରମ୍ଭାଫଳ, ନାରିକେଳ, ଶ୍ୱେତ ତଦନ୍ତ, ଶ୍ରୀଳର୍ପର କମଳା, ଅଙ୍ଗୁର, ସେଓ, ସୁମିଷ୍ଟ ଫଳ ଇତ୍ୟାଦି ଏକତ୍ର କରି ପ୍ରାତଃ ବ୍ରାହ୍ମ



ମୁହୂର୍ତ୍ତରେ ଆଶ୍ରମସ୍ଥ ଅମୁଣିଆଁ ମଣ୍ଡପରେ ଅଲେଖ ମହିମାମୟ ପରଂବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥିଲା । ଏଥିସହ ଚଳିତ ବର୍ଷ ମାନବ ସମାଜ ସମେତ ସମଗ୍ର ପ୍ରାଣୀ ଯଥେଷ୍ଟ ଖାଦ୍ୟ ଶସ୍ୟ ପ୍ରାପ୍ତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା । କୋମଳମତି ଶିଶୁମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ସକାଳ ୭ଟାରେ ନବାନ୍ନ ପ୍ରସାଦ ପ୍ରସ୍ତୁତ କରି ଶତାଧିକ ସାଧୁଭକ୍ତମାନେ ଏକତ୍ରିତ ହୋଇ ସେବନ କରିବା ପରେ ଧ୍ୱନି ମନ୍ଦିରରେ ଜୀବଜଗତର ମଙ୍ଗଳ ପାଇଁ ସମୂହ ଅଲେଖ ଡାକ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ଆଶ୍ରମ ପରିଚାଳନା ପରିଷଦର ଅବିନାଶୀ ବାବା, ଯଶୋବନ୍ତ ବାବା, ଖଗେଶ୍ୱର ବାବା, ତ୍ୟାଗି ଆନନ୍ଦ ଦାଶ, ଭକ୍ତ ବିଦ୍ୟାଧର, ନୃସିଂହ ଚରଣ, ଗୋଲେଖ, ଭୋଳେଶ୍ୱର ପ୍ରମୁଖ ପରିଚାଳନା କରିଥିଲେ ।

■ ଦିନକ ପରେ ଅଗ୍ରପୂଜ୍ୟଙ୍କ ଆବାହନ

## ମୂର୍ତ୍ତିରେ ଦିଆଯାଉଛି ଶେଷସ୍ପର୍ଶ



ଗଁଦିଆ,୨୫ ।୮ (ସମିସ): ପାଖେଇ ଆସିଲାଣି ପାର୍ବଣ ଋତୁର ଆଦ୍ୟପର୍ବ ଗଜାନନଙ୍କ ପୂଜା । ଆଉ ଦିନକ ପରେ ଧରାବତରଣ କରିବେ ଗଣନାଥ । ଏଥିପାଇଁ ଗାଁରୁ ସହର ଚଳଚଞ୍ଚଳ ହୋଇଉଠିଲାଣି । ଅଗଷ୍ଟ ୨୭ରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା । ପୂଜା ପାଇଁ ସମସ୍ତ ପ୍ରସ୍ତୁତି ଜୋରଦାର ହେଲାଣି । ମାସେ ଆଗରୁ କାରିଗରମାନେ ମୂର୍ତ୍ତି ନିର୍ମାଣ ଆରମ୍ଭ କରିଦେଇଛନ୍ତି । ବରାଦ ଅନୁସାରେ ମୂର୍ତ୍ତି ତିଆରି ଚାଲିଛି । ଏବେ ଶେଷ ପର୍ଯ୍ୟାୟରେ ମୂର୍ତ୍ତି ନିର୍ମାଣ । ଶିଳ୍ପୀମାନେ ମୂର୍ତ୍ତିରେ ଶେଷସ୍ପର୍ଶ ଦେବାରେ ଲାଗିଛନ୍ତି । ଶ୍ରୀ ବିଘ୍ନରାଜଙ୍କ ପୂଜା ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକ ବେଶ୍ ତତ୍ପର ହୋଇଉଠିଲେଣି । ଢେଙ୍କାନାଳ ଜିଲ୍ଲାର ମାଟି କାରିଗରମାନେ ଲୋକଙ୍କୁ ଆକର୍ଷିତ କଲାଭଳି ମୂର୍ତ୍ତି ନିର୍ମାଣରେ ଲାଗିଛନ୍ତି । ଚାହିଦା ଅନୁସାରେ ବିଭିନ୍ନ ଆକର୍ଷଣୀୟ ମାଟି ମୂର୍ତ୍ତି ଗଢୁଛନ୍ତି କାରିଗର । ୧ ଫୁଟଠାରୁ ଆରମ୍ଭ କରି ୧୦ଫୁଟ ଉଚ୍ଚତାର ମାଟି ମୂର୍ତ୍ତି ନିର୍ମାଣ କରୁଛନ୍ତି । ମୂର୍ତ୍ତିଗୁଡ଼ିକର ମୂଲ୍ୟ ୯୦ ଟଙ୍କାରୁ ଆରମ୍ଭ କରି ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି ବୋଲି କିଛି କାରିଗର ସୂଚନା ଦେଇଛନ୍ତି । ଛୋଟରୁ ଆରମ୍ଭ କରି ବଡ଼ ବଡ଼ ମାଟି ମୂର୍ତ୍ତି ତିଆରି ଚାଲିଛି । ଏବେ ଅଧିକାଂଶ ମାଟି ମୂର୍ତ୍ତି କାରିଗର ଗଣେଶ ମୂର୍ତ୍ତି କରି ସାରିଲେଣି । ବିଭିନ୍ନ ଶୈଳୀରେ ମୂର୍ତ୍ତି ନିର୍ମାଣ ପାଇଁ ପ୍ରତିଦିନ କାରିଗରଙ୍କ ପାଖକୁ ଅର୍ଡର ଆସୁଛି । ତେବେ ସ୍ଥାନୀୟ କାରିଗରଙ୍କୁ ମୂର୍ତ୍ତି ନିର୍ମାଣ ପାଇଁ ଆବଶ୍ୟକ କଞ୍ଚାମାଲ ମିଳିବା କଷ୍ଟକର ହେଉଛି ।

## ସହରୀ ଗତିଶୀଳତାରେ ଗଣମାଧ୍ୟମର ଭୂମିକା ଉପରେ ଆଲୋଚନା

ଢେଙ୍କାନାଳ,୨୫ ।୮ (ସମିସ): ସହରୀ ଗତିଶୀଳତା ଏବଂ ସଡ଼କ ସୁରକ୍ଷା ପରସ୍ପର ସହ ଜଡ଼ିତ । ବର୍ତ୍ତମାନ ସମୟରେ ସହରୀ ଗତିଶୀଳତା ଏକ ବଡ଼ ଚ୍ୟାଲେଞ୍ଜ ହୋଇ ଉଭା ହୋଇଛି । ଏ ଦିଗରେ ସଚେତନତାକୁ ପ୍ରାଥମିକତା ଦିଆଯିବ ବୋଲି ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବ ତଥା କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (ସିଆରୟୁଟି)ର ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ବିଶ୍ୱାଳ ସହରୀ ଗତିଶୀଳତାରେ ଗଣମାଧ୍ୟମର ଭୂମିକା ଏବଂ ସଡ଼କ ସୁରକ୍ଷା ଆଲୋଚନାଚକ୍ରରେ ମତ ଉପସ୍ଥାପନ କରିଥିଲେ । ସଡ଼କ ସୁରକ୍ଷାର ନିୟମ ଓ ଆଦେଶ ବିଷୟରେ ଉଚ୍ଚତମ ନ୍ୟାୟାଳୟର ଆଇନ ଉପରେ ମଧ୍ୟ କହିଥିଲେ । ସେହିପରି ସଡ଼କ ସୁରକ୍ଷା ଉପରେ ଲୋକଙ୍କ ଜ୍ଞାନ ରହିବା ଓ ସଚେତନ ରହିବା ଦରକାର ବୋଲି କହିଥିଲେ ଏବଂ ସଡ଼କ ସୁରକ୍ଷାରେ ଜ୍ଞାନକୌଶଳର ବ୍ୟବହାର ଉପରେ ମତ ରଖିଥିଲେ । ସଡ଼କ ସୁରକ୍ଷା, ସହରୀ ଯାତ୍ରୀମାନଙ୍କ ପାଇଁ ପରିବହନ ସୁବିଧା ଏବଂ ମହିଳା ଯାତ୍ରୀ ସୁରକ୍ଷା ଦିଗରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ଆମ ବସ, ସଡ଼କ ସୁରକ୍ଷା, ସରକାରୀ ଯୋଜନା ଏବଂ ଟ୍ରାଫିକ ସଙ୍କେତ ଉପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସେ ଛାତ୍ରଛାତ୍ରୀଙ୍କୁ ପାୱାର ପଏଣ୍ଟ ମାଧ୍ୟମରେ ବହୁ ତଥ୍ୟ ପ୍ରଦାନ କରିଥିଲେ । ରାଜ୍ୟ ସରକାରଙ୍କର ସହରୀ ପରିବହନ ବିଭାଗର ବିଭିନ୍ନ ପଦକ୍ଷେପ ଯଥା ଗାଡ଼ି ଟ୍ରାକିଂ ସିଷ୍ଟମ, ଡିଜିଟାଲ ବ୍ୟବସ୍ଥା ମାଧ୍ୟମରେ ଯାତ୍ରୀ ସୁବିଧା, ଯାତ୍ରୀ ମତାମତ ବ୍ୟବସ୍ଥା, ଅଭିଯୋଗ ଶୁଣାଣି ଏବଂ ଦୁର୍ଘଟଣା ସମୀକ୍ଷା କମିଟିର କାର୍ଯ୍ୟକାରିତା ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ପ୍ରାରମ୍ଭିକ ବକ୍ତବ୍ୟ ରଖିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କ ସହ ସମସ୍ତ ଶିକ୍ଷକ ଏବଂ ସିଆର୍‌ୟୁଟିର ବରିଷ୍ଠ ଙ୍କର କର୍ମଚାରୀ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଡ଼କ ସୁରକ୍ଷା, ସଡ଼କ ସଙ୍କେତ ଏବଂ ଆମ ବସ ଉପରେ ଏକ ପଶ୍ନୋତ୍ତର ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ର ଆଫ୍ତାବ ଅହମଦ ରବି ଧନ୍ୟବାଦ ଅର୍ପଣ କରିଥିଲେ ।



## ଡେଙ୍ଗୁ, ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ

ଢେଙ୍କାନାଳ,୨୫ ।୮ (ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ମହୁଲଡଗର ତୁଳସୀପସୀ ଗ୍ରାମରେ ଡେଙ୍ଗୁ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଭାରତ ସରକାରଙ୍କ କଞ୍ଜୁମର ଆଣ୍ଡ ଲିଗାଲ୍ କମ୍ପିୟାଲନ୍ସ କମିନସ ତରଫରୁ ଖାଉଟି କଲ୍ୟାଣ ଭାରତ ସରକାରଙ୍କ ଓଡ଼ିଶା ନିର୍ଦ୍ଦେଶକ ନୀଳିମାରାଣୀ ପାତ୍ରଙ୍କ ତତ୍ତ୍ୱାବଧାନରେ ସୁସ୍ଥ ଗ୍ରାମ ନିରୋଗ ଜନ ହେଲ୍ଥ ଭିଲେଜ ଡିଜିଜ ଫ୍ରି ପ୍ୟୁପୁଲର ଆହ୍ୱାନରେ ଡେଙ୍ଗୁ ଓ ମ୍ୟାଲେରିଆ ସଚେତନ କାର୍ଯ୍ୟକ୍ରମ ହୋଇଥିଲା । ପର୍ଶୁରାମ ମହାଭୋଇଙ୍କ ଦାୟିତ୍ୱରେ ଆଶା, ଅଙ୍ଗନବାଡ଼ି, ମହିଳା ଏସଏଚଜି, ସ୍ୱାସ୍ଥ୍ୟ ସେବିକାଙ୍କ ସହଯୋଗରେ ଗ୍ରାମରେ ସଚେତନତା ସହ ମଶାରି ବଣ୍ଟନ କରାଯାଇଥିଲା । ୫୦ ପରିବାରର ୩୦୦ ଲୋକଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରଭାତ ବେହେରା, ମଦନ ହେମ୍ବ୍ରମ, ସାଇପ୍ରଦ ଶତପଥୀ, ମଙ୍ଗରାଜ ଉପଦେଷ୍ଟା ପ୍ରମୁଖ ଉପସ୍ଥିତ ରହି ଡେଙ୍ଗୁ ଓ ମ୍ୟାଲେରିଆ ନିରାକରଣ ଦିଗରେ ସଚେତନ କରିଥିଲେ ।




## ଖଣ୍ଡଉଣୀ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ



ଢେଙ୍କାନାଳ,୨୫ ।୮ (ସମିସ): ଢେଙ୍କାନାଳ ଜିଲ୍ଲା ଅନ୍ନପୁର ଗ୍ରାମ ଶ୍ରୀ ଶ୍ରୀ ତ୍ରିନାଥଜୀଉ ସଙ୍କୀର୍ତ୍ତନ ମଣ୍ଡଳୀ ସଭ୍ୟ ସଭ୍ୟାମାନଙ୍କୁ ନେଇ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଡାଳସିଂହା ମାର୍ଥାପୁର ଗ୍ରାମସ୍ଥ ମା' ଖଣ୍ଡଉଣୀ ମନ୍ଦିର ପରିସରରେ ସଙ୍କୀର୍ତ୍ତନ ମଣ୍ଡଳୀ ସଭାନେତ୍ରୀ ଜ୍ୟୋତିରେଖା ମହାପାତ୍ର ଓ ସମ୍ପାଦିକା ମେନକା ସାହୁଙ୍କ ନେତୃତ୍ୱରେ ସଫେଇ କରାଯାଇଥିଲା । କାର୍ଯ୍ୟକ୍ରମରେ ଡାଳସିଂହା ମାର୍ଥାପୁର ଗ୍ରାମ ସଭାପତି ଶ୍ରୀବସ୍ତ ପରିଡ଼ା ଓ ଚନ୍ଦ୍ରଶେଖର ବରାଳ ସହଯୋଗ କରିଥିଲେ । କୀର୍ତ୍ତନ ମଣ୍ଡଳୀ ସଭ୍ୟା ପୁଷ୍ପଲତା ସାହୁ, ଶକୁନ୍ତଳା ଧିର, ପାର୍ବତୀ ଦାଶ, ସରୋଜିନୀ ଦାଶ, ସୁପ୍ରଭା ଦାଶ, ସସ୍ମିତା କର, କମଳିନୀ ଧିର, ମୀନ ଧିର, ସତ୍ୟଭାମା ଦାସ, ଜେମା ପରିଡ଼ା, ସୁଷମା ପରିଡ଼ା, ମମତା ଧିର, ଶ୍ୟାମସୁନ୍ଦର ଦାଶ ପ୍ରମୁଖ ମନ୍ଦିର ପରିସର ସଫେଇ କରିଥିଲେ । ସଂକୀର୍ତ୍ତନ ମଣ୍ଡଳୀର ଉପଦେଷ୍ଟା ଉଦୟନାଥ କର ଓ କୀର୍ତ୍ତନ ଗୁରୁ ପ୍ରଶାନ୍ତ ସିଂହଦେଓ ଉପସ୍ଥିତ ଥିଲେ ।

## ଉଫୁନାର କାର୍ଯ୍ୟକାରୀ କମିଟି ବୈଠକ

ଢେଙ୍କାନାଳ,୨୫ ।୮ (ସମିସ): ସ୍ଥାନୀୟ ଉଫୁନା କାର୍ଯ୍ୟାଳୟରେ ଉଫୁନାର ରାଜ୍ୟ ଅଧ୍ୟକ୍ଷ ତଥା ଇଫୁନାର ଜାତୀୟ ଉପସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଛି । ସାମ୍ପ୍ରତିକ ପରିସ୍ଥିତିରେ ସାମ୍ରାଜ୍ୟବାଦୀ ଆମେରିକା ଯେଉଁଭଳି ମନଇଚ୍ଛା ଟାରିଫ ବଢ଼ାଉଛି ସେଥିପାଇଁ ଉଫୁନା ପକ୍ଷରୁ ତୀବ୍ରନିନ୍ଦା କରାଯାଇଛି । ବିଶ୍ୱରେ ଯେଉଁ ସ୍ଥାନରେ ଯୁଦ୍ଧ ହୋଉଛି ତାହା ସାମ୍ରାଜ୍ୟବାଦୀ



ରାଷ୍ଟ୍ରମାନଙ୍କ ଇଙ୍ଗିତରେ ହେଉଛି । ତେଣୁ ଉଫୁନା ପକ୍ଷରୁ ଶୀଘ୍ର ଯୁଦ୍ଧ ବନ୍ଦ କରିବା ପାଇଁ ସମସ୍ତ ରାଷ୍ଟ୍ରମାନଙ୍କୁ ନିବେଦନ କରାଯାଇଛି । ଆସନ୍ତା ସେପ୍ଟେମ୍ବର ୮ ରେ "ଉତ୍କଳ ଫେଡେରେସନ ଅଫ ୟୁନାଇଟେଡ୍ ନେସନ୍ସ ଆସୋସିଏସନ' ପକ୍ଷରୁ ଢେଙ୍କାନାଳରେ ବିଶ୍ୱ ସାକ୍ଷରତା ଦିବସ ପାଳନ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଚାରପତ ଭିକାରୀ ଚରଣ ରାଉତ, ପରିବେଶବିତ୍ ଉପେନ୍ଦ୍ର କୁମାର ରାଉତ, ତରୁଣକାନ୍ତି ବିଶ୍ୱାଳ, ସମାଜବାଦୀ ନେତା ସରୋଜ ଶତପଥୀ, ସର୍ବୋଦୟ ନେତା ଲଳିତ ମୋହନ ବେହେରା, ସାର୍ଥକ ପଟ୍ଟନାୟକ, ନାଲକୋ ଇଞ୍ଜିନିୟର ଯୁଧିଷ୍ଠିର ସାହୁ ପ୍ରମୁଖ ଯୋଗଦେଇଥିଲେ । ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ ।

# ମରଣଯନ୍ତା ସାଜିଛି ହାତୀଲୁଚାଣି ଗାଁ ରାସ୍ତା

ପରଜଙ୍ଗ,୨୫ ।୮ (ସମିସ):

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ଅନେକ ଗାଁ ଅଛି ଯେଉଁଠି ଭଲ ରାସ୍ତା ଖଣ୍ଡିଏ ସାତସପନ ହୋଇଛି । ସ୍ୱାଧୀନତାର ୮୦ ଦଶକ ପରେ ମଧ୍ୟ ଅଧିକାଂଶ ଗାଁ ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ପରଜଙ୍ଗ ବ୍ଲକ ହାତୀଲୁଚାଣି ଗାଁରେ । ହାତୀଲୁଚାଣି, ବ୍ରାହ୍ମଣବେଢ଼ିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ବିଦ୍ୟାଳୟଠାରୁ ଦୁଇଟି ରାସ୍ତା ରହିଛି । ଗୋଟିଏ ରାସ୍ତା ମଣ୍ଡେଇଲୋ ପଞ୍ଚାୟତ ହାତୀଲୁଚାଣି ଗାଁକୁ ପଡ଼ିଥିବା ବେଳେ ଅନ୍ୟଟି କଲଦା ପଞ୍ଚାୟତ ବ୍ରାହ୍ମଣବେଢ଼ିଆ ଗାଁକୁ ସଂଯୋଗ କରୁଛି । ଉଭୟ ଗାଁ ପୃଥକ ପଞ୍ଚାୟତ ଅଧୀନରେ ଥିବା ବେଳେ ଏହି ଦୁଇଟି ଗାଁ ପରସ୍ପର ପଡ଼ୋଶୀ ହୋଇ ରହିଛି । ଫଳରେ ଉଭୟ ଗାଁକୁ ନେଇ ଗୋଟିଏ ବିଦ୍ୟାଳୟ ରହିଛି । ବର୍ତ୍ତମାନ ସ୍କୁଲଠାରୁ ରହିଥିବା ରାସ୍ତା ହାତୀଲୁଚାଣି ଛକରୁ ସିଂହଡ଼ା ଛକ ଦିଗକୁ ଯାଇଥିବା ରାସ୍ତା ସହ ସଂଯୋଗ ହୋଇଥିବା ରାସ୍ତାଟି



ମରାମତି ଅଭାବରୁ ମରଣଯନ୍ତା ପାଲଟିଛି । ସିଂହଡ଼ା ଦିଗକୁ ଯାଇଥିବା ରାସ୍ତାରେ ମିଶିଥିବା ଏହି ରାସ୍ତାର ଦୂରତା ପ୍ରାୟ ଦୁଇ ଶହ ମିଟର ହେବ । ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ହାତୀଲୁଚାଣି ଗାଁର ୨୦ରୁ ଊର୍ଦ୍ଧ୍ୱ ପରିବାର ବାସ କରୁଛନ୍ତି । ତେବେ ଏହି ପରିବାର ଲୋକଙ୍କ ସମେତ ଅନ୍ୟ ଯାତ୍ରୀ ଏହି ରାସ୍ତାରେ ଉପରେ ନିର୍ଭର କରୁଥିବା ବେଳେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତାଟି ମଣ୍ଡେଇଲୋ ପଞ୍ଚାୟତ ଅଧୀନରେ ଥିବା ବେଳେ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ଦୂରଦୃଷ୍ଟି ଅଭାବରୁ ଅବହେଳିତ ହୋଇ ପଡ଼ିରହିଛି । ବର୍ତ୍ତମାନ ଲୋକେ ଏହି ରାସ୍ତାରେ ଯାତାୟତ କରିବା କାଠିକର ପାଠ ହୋଇପଡ଼ିଛି । ବର୍ଷା ହେଲେ କାଦୁଅ ପାଣିରେ ବେହାଲ ହେଉଛି ରାସ୍ତା ଅବସ୍ଥା । କୋମଳମତି ପିଲାମାନେ ସ୍କୁଲ ଯିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତୁରନ୍ତ ଏହି ରାସ୍ତା ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ହଳଦୀପାଣି ନଦୀରୁ ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର



ପାରାଦୀପ, ୨୫।୮ (ସମିସ): ପାରାଦୀପ ଲକ୍‌ଥାନା ଅଧୀନ ରୟତ ସାହି ଝିମାଣି ଗ୍ରାମର ଜଣେ ମହିଳା ଗତକାଲି ଭୋର ସମୟରୁ ନିଖୋଜ ରହିଥିବା ନେଇ ତାଙ୍କ ସ୍ୱାମୀ ଦୀପକ ଦାସ ମଧ୍ୟାହ୍ନରେ ଥାନାରେ ଅଭିଯୋଗ କରିଥିଲେ। ଆଜି ସନ୍ଧ୍ୟାରେ ଉକ୍ତ ମହିଳାଙ୍କ ମୃତଦେହ ଗାଁ ନିକଟ ହଳଦୀ ପାଣି ନଦୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ଝିମାଣି ଗ୍ରାମର ଦୀପକ ଦାସଙ୍କ ପତ୍ନୀ ଗୀତାଞ୍ଜଳି ଦାସ (୩୫) ଗତକାଲି ଭୋର ସମୟରୁ କେଉଁଆଡ଼େ ପଳାଇ ଯାଇଥିଲେ। ବହୁ ଖୋଜା ଖୋଜି ପରେ କୌଣସି ଖବର ନ ମିଳିବାରୁ ତାଙ୍କ ସ୍ୱାମୀ ଲକ୍‌ଥାନାରେ ଅଭିଯୋଗ କରିଥିଲେ। କାଲିଠୁ ପରିବାର ଲୋକେ ଖୋଜାଖୋଜି କରୁଥିବାବେଳେ ଆଜି ଅପରାହ୍ନରେ ମହିଳାଙ୍କ ମୃତଦେହ ଗାଁ ସ୍କୁଲ ପାଖ ହଳଦୀ ପାଣି ନଦୀରେ ଭାସୁଥିବା ଗାଁ ଲୋକେ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ପକ୍ଷରୁ ଏ ସମ୍ପର୍କରେ ଥାନାକୁ ଜଣାଇବା ପରେ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି କୁଜଙ୍ଗ ମେଡିକାଲ ପଠାଇଥିଲା। ମହିଳା ଜଣକ ଦେହ ଖରାପ ନେଇ ମାନସିକ ଚିନ୍ତା ଲାଗି ରହିଥିଲା ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ମହିଳାଙ୍କ ବାପଘର ଭୂତମୁଣ୍ଡାଇ ଗ୍ରାମରେ ହୋଇଥିବାବେଳେ ତାଙ୍କର ୧୧ ବର୍ଷର ପୁଅ ଓ ୩ ବର୍ଷର ଝିଅ ଅଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

## ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୫ଟି ଅଭିଯୋଗର ତ୍ୱରିତ ଫଇସଲା

ଜଗତସିଂହପୁର/ତିର୍ତ୍ତୋଲ,୨୫।୮ (ସମିସ):

ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶିବିରରେ ଉପରିସ୍ଥ ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ୫ଟିର ତ୍ୱରିତ ଫଇସଲା କରିଛନ୍ତି।

ଆଜି ଆୟୋଜିତ ଜନଶୁଣାଣି ଶିବିରରେ ୧୧୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରେ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୧୧୦ଟି ଓ ଗୋଷ୍ଠୀଗତ ସମସ୍ୟା/ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୯ଟି ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କିତ ୨୭ଟି, ଆବାସ ଯୋଜନା ସମ୍ପର୍କିତ ୧୫ଟି, ଜମିଜମା ସମସ୍ୟା ୧୪ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୪ଟି, ଭତ୍ତା ପାଇଁ ୧୪ଟି, ପୁଲିସ ସହାୟତା ପାଇଁ ୨ଟି ଓ ଅନ୍ୟାନ୍ୟ ୨୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାସ, ତିର୍ତ୍ତୋଲ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।




# ବିଦ୍ୟାଳୟରେ ସ୍ୱାଗତ ଉତ୍ସବ




ଏରସମା,୨୫।୮ (ସମିସ): ଏରସମା ବ୍ଲକ୍ ଗୋଡାସ୍ଥ ବୃନ୍ଦାବନ ବିହାରୀ ଉଚ୍ଚମାଧ୍ୟମିକ ସ୍କୁଲରେ +୨ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ରୀକାନ୍ତ ନାୟକ ସଭାପତିତ୍ୱ କରି ଛାତ୍ରଛାତ୍ରୀ ପଢିବା ସହିତ ଉତ୍ତମ ଚରିତ୍ର ଗଠନ ପାଇଁ ଉପଦେଶ ଦେଇଥିଲେ। ଅଧ୍ୟାପକ ତୁଷାର ଶିଖର ସ୍ୱାଇଁ, ସୁକାନ୍ତ କୁମାର ଜେନା, ନୃସିଂହ ଚରଣ ରଥ, ଅଜୟ ଦେବାଶିଷ, ଅଧ୍ୟାପିକା ସୁଜାତା ମୁଦୁଲି, ଅଧ୍ୟାପିକା ଅନସୂୟା ବେହେରା ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମାଜସେବୀ ଉମେଶ ଲେଙ୍କା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାଧ୍ୟମିକ ସ୍କୁଲ୍‌ର କର୍ମଚାରୀ ଚକ୍ରଧର ଦାସ, ନିରଞ୍ଜନ ରାଉତ, ସୁଶାନ୍ତ ହାତି, ଇନ୍ଦ୍ରମଣି ସାହୁଙ୍କ ସହିତ ସ୍ଥାନୀୟ ଗୋଡ଼ା ସରସ୍ୱତୀ ଶିଶୁମନ୍ଦିର ପ୍ରଧାନଆଚାର୍ଯ୍ୟ ସୌଭାଗ୍ୟ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପିପ୍ପଳ ମାଧବରେ ଚାରାରୋପଣ

ମଣିଜଙ୍ଗା,୨୫।୮ (ସମିସ): ତିର୍ତ୍ତୋଲ ବ୍ଲକର ତିର୍ତ୍ତୋଲ ଫୋର୍ ଏସ ଫୋର୍ ଆର୍ ଫାର୍ମର ପ୍ରଡ୍ୟୁସର କମ୍ପାନୀ ପକ୍ଷରୁ ପିପ୍ପଳ ମାଧବରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୋର୍ଡ ମେମ୍ବର ସନ୍ଦୀପ୍ତ ନାୟକ, ରବିନାରାୟଣ ଦାସ, ନରେନ୍ଦ୍ର ସାହୁ, ପରୀକ୍ଷିତ ସେଠୀ, ସନ୍ଦୀପ କୁମାର ସାହୁ ଓ ପବିତ୍ର କୁମାର ହାତୀ, କମ୍ପାନୀର ସିଇଓ ରବୀନ୍ଦ୍ର ନାଥ ଜେନା ଉପସ୍ଥିତ ରହି ୧୨ନଂ କେନାଲ ବନ୍ଧରେ ଚାରାରୋପଣ କରିଥିଲେ।



## ପ୍ରସିଦ୍ଧ ପାରାଦୀପ ବିଶ୍ୱକର୍ମା ପୂଜା

# ପ୍ରସ୍ତୁତିରେ ଲଘୁଚାପଜନିତ ବର୍ଷା ବାଧକ



ପାରାଦୀପ, ୨୫।୮ (ସମିସ): ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ପାଇଁ ଜୋରସୋରରେ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ଲଘୁଚାପଜନିତ ବର୍ଷା ଏଥିରେ ବାଧକ ସାଜିଛି। ପାଖାପାଖି ୮ଟି ପୂଜା ପେଣ୍ଡାଲରେ ତୋରଣ କାର୍ଯ୍ୟ ଅଧାରୁ ଅଧିକ ସରିଆସିଥିବାବେଳେ ପ୍ରତିବର୍ଷ ଭଲ ତୋରଣ ନିର୍ମାଣ କରୁଥିବା ବା ଭଲ ପ୍ରଦର୍ଶନ ପାଇଁ ପୁରସ୍କୃତ ହେଉଥିବା କେତେକ ସଂଗଠନ ଚଳିତ ବର୍ଷ ପୂଜାରୁ ଓହରିଯିବା ଜଣାପଡିଛି। ଏପରିକି ସେମାନେ ନିଜ ନିଜ ସଙ୍ଘ କାର୍ଯ୍ୟାଳୟରେ ପୂଜା କରିବାକୁ ସ୍ଥିର କରିଛନ୍ତି। ପାରାଦୀପର ଏହି ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ସମଗ୍ର ରାଜ୍ୟରେ ବିଶେଷତ୍ୱ ରହିଥିବାବେଳେ ଚଳିତ ବର୍ଷ ପୂଜାକୁ ବେଶ ଜାକଜକମରେ କରିବାକୁ ଚେଷ୍ଟା ଚାଲିଛି। ଏପରିକି ଅନେକ ପୂଜା ପେଣ୍ଡାଲରେ ତୋରଣ ନିର୍ମାଣ କାମ ଆଗେଇ ଚାଲିଛି। ଯାହାକୁ ନେଇ ଏବେଠୁ ଲୋକଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳିଲାଣି। ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେବାକୁ ଥିବାରୁ ପୁଲିସ ମଧ୍ୟ ନିଜର ପ୍ରସ୍ତୁତି ଆରମ୍ଭ କଲାଣି। ପୂଜା ଆୟୋଜକଙ୍କୁ ଉପଯୁକ୍ତ ଜାଗା ଯୋଗାଇ ଦେବାକୁ ଦାବି ହୋଇଆସୁଥିବାବେଳେ ଏନେଇ କିଛିଟା ଅସନ୍ତୋଷ ଲାଗି ରହିଛି। ଯାହାବି ହେଉ ପୂଜାକୁ ଧୁମଧାମରେ ପାଳନ କରିବାକୁ ସଂଗଠନ ନିଜ ଭିତରେ ଏକ ପ୍ରକାର ପ୍ରତିଯୋଗିତା ଏବେଠୁ ଆରମ୍ଭ କରିଦେଲେଣି।

ଧୀରେ ଧୀରେ ବନ୍ଦର ସହର ଚଳଚଞ୍ଚଳ ହେଉଥିବାବେଳେ ବନ୍ଦର ଇଷ୍ଟେଟ ବିଭାଗ ପକ୍ଷରୁ ପ୍ରତ୍ୟେକ ଦିନ ସମସ୍ତ କାର୍ଯ୍ୟର ତର୍ଜମା କରାଯାଉଛି। ତେବେ ସପ୍ତାହେ ଧରି ଲଘୁଚାପଜନିତ ବର୍ଷା ଲାଗି ରହିଥିବାରୁ ତୋରଣ କାମରେ ମନ୍ଥରତା ଦେଖାଦେଇଛି। ହାତରେ ମାସେ ଅଧିକ ସମୟ ଥିବାରୁ ଆପାତତଃ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି। ଆଜି ସାଇକଲ ଷ୍ଟାଣ୍ଡକୁ ମିଶାଇ ତିନୋଟି ସ୍ଥାନର ଟେଣ୍ଡର ପ୍ରକ୍ରିୟା ସରିଥିବାବେଳେ ଷ୍ଟଲ୍‌ର ଟେଣ୍ଡର କାର୍ଯ୍ୟ ଆଉ ମାତ୍ର ଅଳ୍ପଦିନ ପରେ ଆରମ୍ଭ ହେବ ବୋଲି ଜଣାପଡିଛି।

# ତରିକୁନ୍ଦ ବିଟ୍ ହାଉସ୍‌କୁ ପାଟ୍ରୋଲିଂ ଗାଡ଼ି ଦାବି

ଜଗତସିଂହପୁର,୨୫।୮ (ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ତରିକୁନ୍ଦ ବିଟ୍ ହାଉସ ନିମନ୍ତେ ଏକ ପାଟ୍ରୋଲିଂ ଗାଡ଼ି ମଞ୍ଜୁର କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ। ଏହି ବିଟ୍ ହାଉସ ଅଧୀନରେ ୧୧ଟି ଗ୍ରାମ ପଞ୍ଚାୟତ ରହିଛି। ଏଥିରୁ ୮ଟି ପଞ୍ଚାୟତ ବିଧାୟକ ଅମରେନ୍ଦ୍ର ଦାସଙ୍କ ଜଗତସିଂହପୁର ସଦର ନିର୍ବାଚନମଣ୍ଡଳୀରେ ରହିଛି। ଏହି ଅଞ୍ଚଳଟି ଚୋରା ନିଶା ବ୍ୟବସାୟୀଙ୍କ ଆଡ୍‌ଡା ସ୍ଥଳୀ ପାଲଟିଛି। ଫଳରେ ନିୟମିତ ଭାବେ ଚୋରି, ଡକାୟତି ଓ ଅନ୍ୟାନ୍ୟ ଅପରାଧମୂଳକ ଘଟଣା ଘଟିଚାଲିଛି। ବିଟ୍ ହାଉସରେ ନିଯୁକ୍ତ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ପାଟ୍ରୋଲିଂ ଗାଡ଼ି ନ ଥିବାରୁ ସ୍ଥାନୀୟ ଜନସାଧାରଣଙ୍କୁ ଜରୁରିକାଳୀନ ସେବା ଯୋଗାଇବାରେ ବିଳମ୍ବ ଘଟୁଛି। ଏହାକୁ ଦୃଷ୍ଟିରେ ରଖି ବିଧାୟକ ଶ୍ରୀ ଦାସ ତରିକୁନ୍ଦ ବିଟ୍ ହାଉସ ପାଇଁ ପାଟ୍ରୋଲିଂ ଗାଡି ମଞ୍ଜୁର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଅନୁରୋଧ କରିଛନ୍ତି।

# ମୃଦଙ୍ଗ ବାଦକ ଜଗବନ୍ଧୁ ଶୀଳଙ୍କ ପରଲୋକ



କୁଜଙ୍ଗ,୨୫।୮ (ସମିସ): କୁଜଙ୍ଗ ବ୍ଲକ ପଙ୍କପାଳ ନିବାସୀ ବିଶିଷ୍ଟ ମୃଦଙ୍ଗ ବାଦକ ତଥା ଗୁରୁ ଜଗବନ୍ଧୁ ଶୀଳଙ୍କ ୯୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ମାତ୍ର ୧୨ ବର୍ଷ ବୟସରେ ଗୁରୁ ଦୀନକୃଷ୍ଣ ମିଶ୍ରଙ୍କଠାରୁ ସଙ୍ଗୀତ ଓ ମୃଦଙ୍ଗ ବାଦନ ଶିକ୍ଷା କରିଥିଲେ। ସେ ପ୍ରଖ୍ୟାତ ପାଲା ଗାୟକ ଦ୍ୱିଜବର ଦାଶ ଓ ଅନ୍ୟ ଗାୟକଙ୍କ ସହ ମୃଦଙ୍ଗ ବାଦନ କରି ସୁନାମ ଅର୍ଜନ କରିଥିଲେ। ଏଥିସହ ଜଗବନ୍ଧୁ ବହୁ ଶିଷ୍ୟ ସୃଷ୍ଟି କରିଥିବାବେଳେ ପଙ୍କପାଳ, ରାହାମା, ତାଳଦଣ୍ଡା ରାମଲୀଳା, ରାହାସ, ଦୋଳ ଯାତ୍ରାରେ ମୃଦଙ୍ଗ ବାଦକ ଭାବେ ଯୋଗ ଦେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ସଖୀ, ପ୍ରଦୀପ ଶୀଳ, ଦିଲ୍ଲୀପ ଶୀଳ, ପ୍ରକାଶ ଶୀଳ ଓ ବିକାଶ ଶୀଳଙ୍କ ସହ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ଜ୍ୟେଷ୍ଠ ପୁଅ ପ୍ରଦୀପ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଶିକ୍ଷାବିତ୍ ହୃଦାନନ୍ଦ ମିଶ୍ର, ଶିଷ୍ୟ ତଥା ଶିକ୍ଷକ ନେତା ପୀତବାସ ଜେନା, ରଜତ ମିଶ୍ର, ଅଧ୍ୟାପକ ଚିତ୍ତରଞ୍ଜନ ସାହୁ, ସମିତି ସଭ୍ୟା ପ୍ରଶାନ୍ତୀ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ସିପିଆଇ ପକ୍ଷରୁ କ୍ୟୁବା ରାଷ୍ଟ୍ରପତିଙ୍କ ଜନ୍ମ ଶତବାର୍ଷିକୀ ପାଳନ



ବାଲିକୁଦା,୨୫।୮ (ସମିସ): ବାଲିକୁଦା ବ୍ଲକ ଆମ୍ବଶାଳ କଲ୍ୟାଣ ମଣ୍ଡପରେ ଜଗତସିଂହପୁର ଜିଲ୍ଲା ସିପିଆଇ ପକ୍ଷରୁ କ୍ୟୁବା ରାଷ୍ଟ୍ରପତି ଫେଡାଲ କ୍ରାଷ୍ଟଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହୋଇଛି। ଅଭ୍ୟର୍ଥନା କମିଟି ସଭାପତି ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ୟୁବା ଅମ୍ବାସଡର ହି ୟୁଆନ କାର୍ଲସ, ସ୍ୱତନ୍ତ୍ର ଅତିଥି ଭାବେ ମିକି ଡିଆଜ ପରେଜ, ସମ୍ମାନିତ ଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଡଃ ସୁଶାନ୍ତ କୁମାର କାନୁନଗୋ, ଶଶୀଭୂଷଣ ସ୍ୱାଇଁ, ଅଜୟ ବେହେରା, ସତ୍ୟ ମହାନ୍ତି, ଉତ୍କଳ ମହିଳା ସମିତି ରାଜ୍ୟ ସଭାପତି ଚିନ୍ମୟୀ ସାହାଣୀ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଏନ. ନାରାୟଣ ରେଡ୍ଡୀ, ପୀତାମ୍ବର ଦାସ, ତୈଲୋକ୍ୟ ଜେନା, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ପ୍ରମୁଖ ଯୋଗଦେଇ ଦଳ ଗଠନରେ ଫେଡ଼ାଲ କ୍ରାଷ୍ଟଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅଭ୍ୟର୍ଥନା କମିଟି ସମ୍ପାଦକ ସୁମନ୍ତ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଜିଲ୍ଲାର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଆସନ୍ତା ୩ ବର୍ଷ ପାଇଁ ଦଳୀୟ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ଯାହାକୁ ସମସ୍ତେ ସ୍ୱାଗତ କରିଥିଲେ। ଅକ୍ଷୟ ଜେନା, ମିହିର ସ୍ୱାଇଁ, ଭୀଷ୍ମଦେବ ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଜଯୋଗିନୀଙ୍କ ୧୮ତମ ସ୍ମୃତି ଦିବସ ପାଳିତ

ପାରାଦୀପ, ୨୫।୮ (ସମିସ): ପାରାଦୀପ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧୁବନସ୍ଥ ସେବାକେନ୍ଦ୍ରରେ ପୂର୍ବତନ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଡ. ପ୍ରକାଶମଣିଙ୍କ ୧୮ତମ ସ୍ମୃତି ଦିବସ ପାଳନ କରାଯାଇଛି। ଏହି ଦିନ ପ୍ରତ୍ୟେକ ସେବା କେନ୍ଦ୍ରରେ ଦାଦିଙ୍କ ଅମୃତ ବଚନ ଶୁଣିବା ସଙ୍ଗେ ସଙ୍ଗେ ଭକ୍ତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥା'ନ୍ତି। ପାରାଦୀପ ସେବା କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବି.କେ ସୁମନ ଭଉଣୀ କହିଛନ୍ତି, ସାରା ବିଶ୍ୱରେ ପ୍ରତିବର୍ଷ ଅଗଷ୍ଟ ୨୫ ତାରିଖରେ ଦାଦିଙ୍କ ସ୍ମୃତି ଦିବସକୁ ବିଶ୍ୱ ବନ୍ଧୁତ୍ୱ ଦିବସ ରୂପେ ପାଳନ କରାଯାଏ। ଦାଦି ପ୍ରକାଶମଣି ୧୯୨୨ରେ ସିନ୍ଧର ହାଇଦ୍ରାବାଦରେ ଜନ୍ମ ଗ୍ରହଣ କରିଥିଲେ। ସେ ବ୍ରହ୍ମାକୁମାରୀଙ୍କ ଆଧ୍ୟାତ୍ମିକ ନେତା ଥିଲେ। ଯାହା ଏକ ବିଶ୍ୱବ୍ୟାପୀ ଆଧ୍ୟାତ୍ମିକ ସଂଗଠନ। ଯାହାର ପ୍ରତିଷ୍ଠାତା ବ୍ରହ୍ମା ବାବାଙ୍କ ପରେ ପ୍ରଥମ ପ୍ରଶାସନିକ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେ ତାଙ୍କର ଜ୍ଞାନ, ଭକ୍ତି ଓ ନେତୃତ୍ୱ ପାଇଁ ଜଣାଶୁଣା ଥିଲେ। ଭାରତରେ ଏହାର ପ୍ରାରମ୍ଭିକ ଦିନରୁ ଏକ ଅନ୍ତର୍ଜାତୀୟ ମଞ୍ଚ ପର୍ଯ୍ୟନ୍ତ ଆନ୍ଦୋଳନର ଅଭିବୃଦ୍ଧି ତଦାରଖ କରୁଥିଲେ। ଦାଦି ପ୍ରକାଶମଣି ରାଜଯୋଗ ଧ୍ୟାନ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ପ୍ରସାରରେ ଏକ କେନ୍ଦ୍ରୀୟ ବ୍ୟକ୍ତିତ୍ୱ ଥିଲେ। ମୃତ୍ୟୁ ପର୍ଯ୍ୟନ୍ତ ସଂଗଠନର ବିଶ୍ୱବ୍ୟାପୀ ଉପସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ। ଆଜି ଆୟୋଜିତ ସ୍ମୃତିସଭାରେ ପାରାଦୀପ ଅଞ୍ଚଳର ବହୁ ଭାଇ ଓ ଭଉଣୀ ଉପସ୍ଥିତ ରହି ଦାଦି ପ୍ରକାଶମଣିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।



# ନୂଆ ଏସ୍‌ପି ଅଙ୍କିତ ବର୍ମାଙ୍କ କାର୍ଯ୍ୟଭାର ଗ୍ରହଣ



ଜଗତସିଂହପୁର,୨୫।୮ (ସମିସ): ଜଗତସିଂହପୁର ଜିଲ୍ଲାର ନୂତନ ଏସ୍‌ପି ଭାବେ ଆଜି ଯୁବ ଆଇପିଏସ୍ ଅଧିକାରୀ ଅଙ୍କିତ କୁମାର ବର୍ମା ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଏଠାରେ ଏସ୍‌ପି ଭାବେ ଦାୟିତ୍ୱ ନିର୍ବାହ କରିଆସୁଥିବା ଭବାନୀ ଶଙ୍କର ଉଦ୍‌ଗାତା ନୂତନ ଏସ୍‌ପି ଶ୍ରୀ ବର୍ମାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ପୂର୍ବରୁ ଶ୍ରୀ ବର୍ମା ଭୁବନେଶ୍ୱର ଆଡିସନାଲ ଡିସିପି ଭାବେ କାର୍ଯ୍ୟନିର୍ବାହ କରୁଥିଲେ। ଜଣେ ଯୁବ ଓ ଡାଇନାମିକ୍ ଆଇପିଏସ୍ ଅଧିକାରୀ ଶ୍ରୀ ବର୍ମାଙ୍କ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଭାବେ ଯୋଗଦାନକୁ ସବୁ ମହଲରେ ସ୍ୱାଗତ କରାଯିବା ସହିତ ଜିଲ୍ଲାର ଆଇନଶୃଙ୍ଖଳା ଓ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଅପରାଧମୂଳକ କାର୍ଯ୍ୟକଳାପରେ ବ୍ରେକ୍ ଲାଗିବ ବୋଲି ଆଶା କରାଯାଉଛି।

# ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ




ଗରଦପୁର,୨୫।୮ (ସମିସ): ଲୋକନାଥ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ନାୟକ ମୁଖ୍ୟଅତିଥି ଓ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଦିଲ୍ଲୀପ କୁମାର ସାହୁ ଅନ୍ୟତମ ଅତିଥି ରୂପେ ଯୋଗଦେଇ ନୂତନ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡଃ ସୁଶାନ୍ତ କୁମାର ପରିଡ଼ା ସଭାପତିତ୍ୱ କରିଥିଲେ। ବିଭାଗର ଅଧ୍ୟାପକ ସତ୍ୟବ୍ରତ ବେହେରା, ସୁମନ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷ ବର୍ଷ ଛାତ୍ରୀ ଗାୟତ୍ରୀ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ



ମଣିଜଙ୍ଗା,୨୫।୮ (ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପିପ୍ପଳ ମାଧବ ପଞ୍ଚାୟତ ପିପ୍ପଳ ମାଧବ ଗ୍ରାମର ଦେବେନ୍ଦ୍ର ସେନାପତିଙ୍କ (୭୨) ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ସୁନାମଣି, ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ବଡ଼ପୁଅ ବିଶ୍ୱରଞ୍ଜନ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଜଗତସିଂହପୁର ସହରରେ ଚାଲିଛି ଦେହ ବ୍ୟବସାୟ

# ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ

ଜଗତସିଂହପୁର,୨୫।୮ (ସମିସ):

ଜଗତସିଂହପୁର ଜିଲ୍ଲା ଏକ ଶିକ୍ଷିତ ଓ ସଚେତନ ଜିଲ୍ଲା ଭାବେ ସମଗ୍ର ଓଡ଼ିଶାରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ତେବେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ପ୍ରଶାସନିକ କଳର ଉଦାସୀନତା କାରଣରୁ ଜିଲ୍ଲାର ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସହିତ ଅପରାଧିକ ଓ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ବିଶେଷକରି ଜଗତସିଂହପୁର ଓ ପାରାଦୀପ ପୌରାଞ୍ଚଳରେ ଥିବା କେତେକ ସ୍ପା, ଗେଷ୍ଟ ହାଉସ ଓ ଓଏରେ ନିୟମିତ ଭାବେ ଦେହ ବ୍ୟବସାୟ ଚାଲିଥିବା ଅଭିଯୋଗ ହେଉଛି। ନିକଟରେ ପାରାଦୀପ ପୁଲିସ ତାରେଣୀଗଡ଼ାଠାରେ ଥିବା ଏକ ସ୍ପା ସେଣ୍ଟର ଉପରେ ଚଢ଼ଉ କରାଯାଇ ୪ ଜଣ ଗ୍ରାହକଙ୍କ ସମେତ ୯ ଜଣ ଯୁବତୀଙ୍କୁ ଅସଞ୍ଜତ ଅବସ୍ଥାରେ ଉଦ୍ଧାର କରିଥିଲା। ଜଗତସିଂହପୁର ସହରର ବିଭିନ୍ନ ସ୍ଥାନରେ ଏଭଳି ଦେହ ବ୍ୟବସାୟ ଅତି ଚତୁରତାର ସହିତ କରାଯାଉଥିବାବେଳେ ପୁଲିସ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି।

ଜଗତସିଂହପୁରରେ ଥିବା ସ୍ପା ସେଣ୍ଟରରେ ବଡ଼ି ମସାଜ ଓ ବିଉଟିଫିକେସନ ଆଳରେ ବଙ୍ଗୀୟ ଯୁବତୀଙ୍କୁ ଭଡ଼ାରେ ଆଣି ଏହି କାରବାର ବିଳମ୍ବିତ ରାତିରୁ ଭୋର ପର୍ଯ୍ୟନ୍ତ ଚାଲୁଥିବା ସୂଚନା ମିଳିଛି। ଏପରିକି ସହରର କିଛି ପ୍ରମୁଖ ଅଞ୍ଚଳରେ ଭଡ଼ାଘର ନେଇ ସେକ୍ସ ରାକେଟ୍ ଚାଲୁଥିବା ମଧ୍ୟ ବାରମ୍ବାର ଅଭିଯୋଗ କରାଯାଉଛି। ଦଲାଲଙ୍କ ମାଧ୍ୟମରେ ବାହାରୁ ଯୁବତୀଙ୍କୁ ଆଣି ସ୍ଥାନୀୟ କିଛି ନିଶାଖୋର ଅସାମାଜିକ ଯୁବକଙ୍କ ସହଯୋଗରେ ଏଭଳି କଳା କାରନାମା ଚାଲିଥିଲେ ମଧ୍ୟ ପୁଲିସ କିପରି ଜାଣିପାରୁନାହିଁ, ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ବହୁ ଉଚ୍ଚଶିକ୍ଷିତ ଯୁବକ ଓ ବିଭିନ୍ନ ସମ୍ମାନଜନକ ବୃତ୍ତିରେ ଥିବା ବ୍ୟକ୍ତି ମଧ୍ୟ ଶରୀର ଭୋକ ମେଣ୍ଟାଇବା ପାଇଁ ଲୁଚିଛପି ଏସବୁ ସ୍ଥାନକୁ ଯାଉଛନ୍ତି। ଅନେକ ଦିନ ତଳେ ଜଗତସିଂହପୁର ସହରର ସିପି ଛକ ନିକଟରେ ଥିବା ଏକ ଗେଷ୍ଟ ହାଉସରେ ଚଢ଼ଉ କରି କିଛି ଯୁବତୀ ଓ ଗ୍ରାହକଙ୍କୁ ପୁଲିସ ଗିରଫ କରିଥିଲା। ଏବେ ସେଭଳି ଚଢ଼ଉ ଓ ପୁଲିସ ପାଟ୍ରୋଲିଂ ସଠିକ୍ ଭାବେ ହେଉ ନ ଥିବାରୁ ଏହାର ସୁଯୋଗରେ ସହରର ଅନେକ ଅଞ୍ଚଳରେ ଏଭଳି ଦେହ ବ୍ୟବସାୟ ବଢ଼ିଚାଲିଥିବା ଆଲୋଚନା ହେଉଛି। ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରିବା ସହିତ ଏହି ଘୃଣ୍ୟ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇବା ଜରୁରୀ ହୋଇପଡ଼ିଛି।

# ପଦ୍ମଶ୍ରୀ ବିନୋଦ ପଶାୟତ ଓ ଗାନ୍ଧୀ ସ୍ମୃତି ପାଠାଗାର ସଦସ୍ୟ ରାଜେନ୍ଦ୍ର ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା



ବରଗଡ଼,୨୫।୮ (ସମିସ): ସମ୍ବଲପୁରୀ ସାହିତ୍ୟ ସ୍ରଷ୍ଟା ପଦ୍ମଶ୍ରୀ ବିନୋଦ ପଶାୟତ ଓ ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାରର ପୂର୍ବତନ ସଦସ୍ୟ ତଥା ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ସାହୁଙ୍କ ସ୍ମୃତିରେ ଆଜି ଗାନ୍ଧୀ ଭବନ ଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ପାଠାଗାରର ଉପସଭାପତି ମନୋରଂଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସଂଘର ସଦସ୍ୟମାନେ ପଶ୍ଚିମ ଓଡ଼ିଶାର ବିଶିଷ୍ଟ ସମ୍ବଲପୁରୀ ସାରସ୍ୱତ ସାଧକ ବିନୋଦ ପଶାୟତଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରା ଯାଇଥିଲା। ତାଙ୍କର ଅମର କୃତି ନାଟକ 'ଉଖି', 'ମୁଇଁ ନାଇ ମରେଁ', 'ଲିତା', 'ଚିହ୍ନା' ଏବଂ ସମ୍ବଲପୁରୀ ଗୀତ 'ହାଏ କୃଷ୍ଣ ହାଏ କୃଷ୍ଣ ବୋଲି ଯାଉ ମୋର ଜୀବନ .....', 'ଏ ନୁନି ସୁଲୋଚନା, ତୋର ଚେହେରା ଟା ସୁଲହ ଅନା....' ଆଦି ନାଟକ ଓ ଗୀତ ରଚନା କରି ସେ ନିଜକୁ ବେଶ ପରିଚିତ କରି ପାରିଥିଲେ। ତାଙ୍କର ଏପରି ଅନେକ ସମ୍ବଲପୁରୀ ସାହିତ୍ୟ କୃତୀ ପାଇଁ ତାଙ୍କୁ କେନ୍ଦ୍ର ସରକାର ପଦ୍ମଶ୍ରୀ ଉପାଧିରେ ଭୂଷିତ କରିଥିଲେ। ସେହିପରି ସ୍ୱର୍ଗତ ରାଜେନ୍ଦ୍ର ସାହୁଙ୍କ ସ୍ମୃତିଚାରଣ କରି କରିଥିଲେ। ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ପତିତପାବନ ପ୍ରଧାନ, ଜୟ ପ୍ରକାଶ ଶତପଥୀ, ଗୌରୀ ଶଙ୍କର ପଣ୍ଡା, ଅମିୟ ଭୂଷଣ ସାହୁ, ଡ.ରବି ନାରାୟଣ ସାହୁ, ସମ୍ପାଦକ ରବି ପଣ୍ଡା, ଯୁଗ୍ମ ସମ୍ପାଦକ ଅନୁପ ଦର୍ଜି, କୋଷାଧ୍ୟକ୍ଷ ହୃଷୀକେଶ ଦାଶ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ବୃକ୍ଷରୋପଣ କରି ଜନ୍ମଦିନ ପାଳିଲେ ସପ୍ତମ ଶ୍ରେଣୀ ଛାତ୍ର ଆର୍ଯ୍ୟନ ମହାପାତ୍ର

# ବିଶ୍ୱ ବନ୍ଧୁତା ଦିବସ ଅବସରରେ ରକ୍ତଦାନ ଶିବିର

ପଦ୍ମପୁର,୨୫।୮ (ସମିସ): ବିଶ୍ୱ ବନ୍ଧୁତା ଦିବସ ଅବସରରେ ବ୍ରହ୍ମ କୁମାରୀ ଓ ସମ୍ବାଦ ଆମ ଓଡ଼ିଶା ତରଫରୁ ରକ୍ତଦାନ ଶିବିର ମେହେର ପଡା ସ୍ଥିତ ବ୍ରହ୍ମ କୁମାରୀ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ.ରଜତ ସାହୁ, ସମ୍ମାନିତ ଅତିଥି ଭାବେ ସମାଜସେବୀ ନିରୋଜ ଦୋରା, ସାମ୍ବାଦିକ ପ୍ରଦୀପ୍ତ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ଭଉଣୀ ସୁଜାତା, ଭଉଣୀ ଶ୍ରୀୟାଙ୍କ ତତ୍ତ୍ୱାବଧାନରେ ଶିବିରରେ ୨୬ ଜଣ ରକ୍ତଦାନ କରିଥିଲେ। ଅତିଥି ଓ ରକ୍ତଦାତା ମାନଙ୍କୁ ବ୍ରହ୍ମ କୁମାରୀ ତରଫରୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ରକ୍ତଭଣ୍ଡାରର ସଂଗ୍ରାମ କେଶରୀ ମହନ୍ତ, ଶ୍ୟାମସୁନ୍ଦର ସାହୁ, ମାନସ ବୁଡେକ, ଭାରତୀ ସାହୁ, ଜିତେନ୍ଦ୍ର ଗୁର୍ଲା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମକୁ ସୁନିଲ ସିହ୍ନା, ଇଶ୍ୱର ସାନବର୍ଷା, ବିମଲ ସାହୁ, ପ୍ରଫୁଲ୍ଲ ପାଣିଗ୍ରାହୀ, ପ୍ରସନ୍ନ ସାହୁ, ଭରତ ପଟେଲ, ସୁମିତ ସାହୁ, ଜୟନ୍ତୀ ମେହେର ପ୍ରମୁଖ ତୁଲାଇଥିଲେ। ଶେଷରେ ରତ୍ନମଣି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଡ୍ରାଇଭର୍ ମୃତ

ଝାରସୁଗୁଡ଼ା,୨୫।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅଧୀନ ଗୁଆଲାପଡା ଠାରେ ଏକ ଟାଟା ଏସ ଗାଡିରେ ଯାଉଥିବା ବେଳେ ବିଦ୍ୟୁତ୍ ଲାଗି ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ଜଣକ ସୁନ୍ଦରଗଡ଼ ଜିଲ୍ଲା ବଡଗାଁ ଆଲୁଡେଗାର ଜନ୍ ଖେସ(୩୫) ବୋଲି ଜଣାପଡିଛି। ଜନ୍ ଗାଡିରେ ଯାଉଥିବା ବେଳେ ରାସ୍ତାରେ ପଡିଥିବା ଏକ ଓଦା ବାଉଁଶକୁ ସାଇଡ କରୁଥିଲେ। ଏହି ସମୟରେ ବାଉଁଶଟି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ କରେଣ୍ଟ ଲାଗି ଜନ୍ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ମଣ୍ଡଳିଆ ସ୍ଥିତ କେନ୍ଦ୍ରୀୟ ହସ୍ପିଟାଲକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ରଜରାଜନଗର ଥାନା ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଜନ୍‌ଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ନୂଆଁଖାଇ ଭେଟ୍ ଅବସରରେ ପ୍ରତିଯୋଗିତା

ଝାରବନ୍ଧ,୨୫।୮ (ସମିସ): ଝାରବନ୍ଧ ବ୍ଲକ୍‌ର ଜଗଦଳପୁର ଅଞ୍ଚଳ ନୂଆଁଖାଇ ଭେଟ୍‌ଘାଟ କମିଟି ତରଫରୁ ଆସନ୍ତା ୩୦ ତାରିଖ ହେବାକୁ ଥିବା ଚତୁର୍ଥ ବର୍ଷ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କମିଟିର ସଭାପତି କୃଷ୍ଣଚନ୍ଦ୍ର ପଟେଲ ଏହାର ଉଦ୍‌ଘାଟନ କରିଥିଲେ। ନୂଆଁଖାଇ ପର୍ବ ଉପରେ ଆଧାରିତ ପ୍ରବନ୍ଧ ଲିଖନ, ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ, ବକ୍ତୃତା ପ୍ରତିଯୋଗିତା ଏବଂ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜଗଦଳପୁର ପଞ୍ଚାୟତ ତଥା ପଡୋଶୀ ପଞ୍ଚାୟତ ବିଦ୍ୟାଳୟରୁ ହାରାହାରି ୧୦୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ହରିଶ ଚନ୍ଦ୍ର ପଟେଲ, ଉପେନ୍ଦ୍ର ପଟେଲ ଗୋଲକ ପ୍ରାସାଦ ପ୍ରଧାନ, ସାଧୁ ଚରଣ ବରିହା, ସୁବାଷ ପଟେଲ, ମନୋହର ସାହୁ, ସୁବାଷ ସାହୁ, ରାଜେଶ ବେହେରା, କୃଷ୍ଣ ପଟେଲ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଙ୍ଗଲରେ ବନ୍ଧୁକ ଓ ଟାଙ୍ଗିଆ ଧରି ବୁଲୁଥିବା ୨ ଶିକାରୀଙ୍କୁ କୋର୍ଟଚାଲାଣ

ଝାରସୁଗୁଡ଼ା,୨୫।୮ (ସମିସ):

ବ୍ରଜରାଜନଗର ଥାନା ଗାନ୍ଧୀ ଛକ ଫାଣ୍ଡି ଅଧୀନ ଆମଦରହ ଜଙ୍ଗଲରେ ଶିକାରୀ ବନ୍ଧୁକ ଟାଙ୍ଗିଆ ଧରି ବୁଲୁଥିବା ବେଳେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି। ଶନିବାର ରାତିରେ ୨ ଜଣ ବ୍ୟକ୍ତି ଶିକାର ଉଦ୍ଦେଶ୍ୟରେ ଆମଦରହ ଜଙ୍ଗଲ ରାସ୍ତାରେ ଶିକାରୀ ବନ୍ଧୁକ, ଧାରୁଆ ଟାଙ୍ଗିଆ ଧରିଥିବା ବେଳେ ବନ ବିଭାଗ କର୍ମଚାରୀ ପେଟ୍ରୋଲିଂ ସମୟରେ ଦେଖିବାକୁ ପାଇଥିଲେ। ବନ ବିଭାଗ କର୍ମଚାରୀଙ୍କୁ ଦେଖି ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଉଭୟଙ୍କୁ କାବୁ କରାଯାଇଥିଲା। ସେମାନଙ୍କ ଠାରୁ ଶିକାରୀ ବନ୍ଧୁକ, ବାରୁଦ ଓ ଏକ ଟାଙ୍ଗିଆ ଜବତ ହୋଇଥିଲା। ସକାଳେ ଗାନ୍ଧୀ ଛକ ଫାଣ୍ଡି ପୁଲିସକୁ ବନ ବିଭାଗ ପକ୍ଷରୁ ଅଭିଯୋଗ ଦିଆଯାଇଥିଲା। ଅଭିଯୁକ୍ତ ଦ୍ୱୟ ବ୍ରଜରାଜନଗର ଥାନା ଆମଦରହ ଗାଁର ଶ୍ରୀମିତ ଖଡିଆ(୩୬) ଓ ମହନ ଖଡିଆ (୫୬) ବୋଲି ଜଣାପଡ଼ିଛି। ତେବେ ଅଭିଯୋଗକୁ ଭିତ୍ତିକରି ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ଉଭୟଙ୍କୁ ରବିବାର ଗିରଫ କରାଯାଇଥିଲା। ଆର୍ମସ ଆକ୍ଟରେ ମାମଲା ରୁଜୁ କରିବା ସହିତ ଆଜି କୋର୍ଟ ଚାଲାଣ କରାଯାଇଥିବା ନେଇ ଗାନ୍ଧୀ ଛକ ଫାଣ୍ଡି ଅଧିକାରୀ ମଦନ ମୋହନ ନାୟକ ସୂଚନା ଦେଇଛନ୍ତି।







# ଲାଞ୍ଚ ନେଇ ଧରା ପଡ଼ିଲେ ବିଜେପୁର ଥାନା ଏସ୍‌ଆଇ ଜଗା ବରିହା

ବିଜେପୁର,୨୫।୮ (ସମିସ): ବରଗଡ଼ ଜିଲା ବିଜେପୁର ଥାନାରେ କାର୍ଯ୍ୟରତ ପୁଲିସ ଏସ୍‌ଆଇ ଜଗା ବରିହା ସୋମବାର ଭିଜିଲାନ୍ସ ଜାଲରେ ଧରା ପଡିଛନ୍ତି। ସେ ଜଣେ ବ୍ୟବସାୟୀଙ୍କଠାରୁ ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ମାଡି ବସିଥିଲା। ତାଙ୍କ ପାଖରୁ ଲାଞ୍ଚରେ ବ୍ୟବହୃତ ୭ ହଜାର ଟଙ୍କା ଜବତ ହୋଇଛି। ସୋମବାର ଦିନବ୍ୟାପୀ ଭିଜିଲାନ୍ସ ବରିହାଙ୍କ ବିଭିନ୍ନ ବାସଭବନରେ ଚଢ଼ଉ ଜାରି ରଖିଥିଲା। ଏ ନେଇ ଭିଜିଲାନ୍ସ କାର୍ଯ୍ୟାଳୟ ସମ୍ବଲପୁର ପକ୍ଷରୁ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, ଅଭିଯୁକ୍ତ ବରିହା ଉକ୍ତ ବ୍ୟବସାୟୀଙ୍କ ବ୍ୟବସାୟକୁ ଆଳ କରି ପ୍ରଥମେ ୧୦ହଜାର ଟଙ୍କା ଦାବି କରିଥିଲେ। କିନ୍ତୁ ସେ ୧୦ ହଜାର ଦେବାକୁ ଅସମର୍ଥ ବୋଲି କହିବାରୁ ୭ ହଜାର ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେଲେ ତା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଭୟ ଦେଖାଇଥିଲେ। ଫଳରେ ଅନୋନ୍ୟପାୟ ହୋଇ ବ୍ୟବସାୟୀ ଜଣକ ଭିଜିଲାନ୍ସର ଆଶ୍ରୟ ନେଇଥିଲେ।



# ବେଲପାହାଡ଼ରେ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଉଦ୍‌ଯାପିତ




ଝାରସୁଗୁଡ଼ା,୨୫।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଗୁମାଡେରା ସ୍ଥିତ ଆରୋଗ୍ୟମ୍ କେୟାରିଂ ଲାଇଫ୍ ତତ୍ତ୍ୱାବଧାନରେ ଜିଲ୍ଲା ଜୁନିଅର ରେଡକ୍ରସ୍ ଅଧିକାରୀ ବବନ ସିଂହଙ୍କ ନେତୃତ୍ୱରେ ପ୍ରାଥମିକ ଚିକିତ୍ସାକୁ ନେଇ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ତାଲିମ ଶିବିର ଜୁଲାଇ ୨୭ ରୁ ଅଗଷ୍ଟ ୨୪ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ବେଲପାହାଡ ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟର ମୋଟ ୫୦ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ତାମିଲପ୍ରାପ୍ତ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିବିରରେ ସମାଜରେ ଘଟୁଥିବା ଆକସ୍ମିକ ଦୁର୍ଘଟଣାକୁ ରୋକିବା, ସେଥିରେ ଆହତ ମାନଙ୍କର ମୂଲ୍ୟବାନ ଜୀବନ ରକ୍ଷା କରିବା ଏବଂ ସାମାଜିକ କାର୍ଯ୍ୟକ୍ରମରେ ସେବା ପ୍ରଦାନ କରିବା ପାଇଁ କୌଶଳ ଶିକ୍ଷା ଦିଆଯାଇଥିଲା। ଦୁର୍ଘଟଣା ପରିଚାଳନା, ମୂର୍ଚ୍ଛା ହୋଇଯିବା, ଶ୍ୱାସରୁଦ୍ଧ ହେବା, ସିପିଆର ସେବା, ପାଣିରେ ବୁଡିଯିବା, ସାପ କାମୁଡା, ପୋଡିଯିବା, ଦୁର୍ଘଟଣାରେ ହାଡ ଭାଙ୍ଗିଯିବା ଆଦିରେ ଆହତଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦେଇ କିଭଳି ଜୀବନ ରକ୍ଷା କରାଯାଇପାରିବ ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲ୍ଲା ଜୁନିଅର ରେଡକ୍ରସ୍ ଅଧିକାରୀ ବବନ ସିଂହ ପ୍ରଶିକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଲଖନପୁର ଖଣି କ୍ଷେତ୍ରର ଜିଏମ୍ ଅବଧ ପାଣ୍ଡେ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଅମିର ସାହୁ, ସିନେମା ନିର୍ମାତା ତଥା ସାମ୍ବାଦିକ ଆଲୋକ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବବନ ସିଂ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଅମୀର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚାନନ ପାଣିଗ୍ରାହୀ, ମାଳତୀ ଭଇଁଶାଳ, ବୀଣାପାଣି ଧୁରୁଆ ପ୍ରମୁଖ ସହଯୋଗ କରିଥିଲେ।

# ଡିଏଭି ପବ୍ଲିକ୍ ସ୍କୁଲରେ ରକ୍ତଦାନ ଶିବିର

ବନ୍ଧବାହାଲ/ଝାରସୁଗୁଡ଼ା,୨୫।୮ (ସମିସ): ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏମ୍‌ସିଏଲ୍ ଲଖନପୁର କ୍ଷେତ୍ରର ମହାପ୍ରବନ୍ଧକ ଏକେ ପାଣ୍ଡେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ସ୍ଥାନୀୟ ବ୍ରହ୍ମ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତା, ଅଭିଭାବକ, ଏମ୍‌ସିଏଲ୍ କର୍ମଚାରୀ ପ୍ରମୁଖ ରକ୍ତଦାନ କରିଥିଲେ। ଶିବିରରୁ ମୋଟ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ଜଣାପଡିଛି। ବିଦ୍ୟାଳୟ ତରଫରୁ ଇଂରାଜୀ ବିଭାଗର ଶିକ୍ଷକ ସୁବ୍ରତ ମିଶ୍ର ପରିଚାଳନା କରିଥିବା ବେଳେ ଏନ୍‌ସିସି ଛାତ୍ରଛାତ୍ରୀ ଶାନ୍ତିଶୃଙ୍ଖଳା ରକ୍ଷା ତଥା ଅନ୍ୟାନ୍ୟ କାର୍ଯ୍ୟରେ ସହଯୋଗ କରିଥିଲେ।



# ଲଖନପୁର ଡୁଙ୍ଗରି ରାସ୍ତାରେ ସୁଇଚ୍ ସେତୁର ଭିତ୍ତିପ୍ରସ୍ତର

ଭଟଲ,୨୫।୮ (ସମିସ): ବହୁ ପ୍ରତିକ୍ଷିତ ସମରଧରା ଲଖନପୁର ଡୁଙ୍ଗରି ରାସ୍ତାରେ ୯୨୮ ମିଟର ସମରଧରା ନାଳା ଉପରେ ୬୧୧.୩୪ ଲକ୍ଷ ବ୍ୟୟ ଅଟକଳ ମୂଲ୍ୟର ସୁଇଚ ସେତୁର ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ସୋମବାର ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟଙ୍କ ଦ୍ୱାରା ହୋଇଛି। କାର୍ଯ୍ୟକ୍ରମରେ ଗୁନାରୁ ପଧାନ, ତାରାଚନ୍ଦ ପଟେଲ, ଫିରୋଜ ସାହୁ, ଅକ୍ଷୟ ନାୟକ, ଅଚୁତ ବୁଦ୍ଧିଆ, ଗୋଲଡି ପଧାନ, ମନୋଜ ସେଠ, କାର୍ତ୍ତିକ ଦେହେରି ସହ ଅନ୍ୟାନ ପ୍ରମୁଖ କାର୍ଯ୍ୟକର୍ତ୍ତା ମଞ୍ଚାସୀନ ଥିଲେ। ଶେଷରେ ସଂକ୍ରାଜିତ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଆଇନ୍ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୫।୮ (ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ପକ୍ଷରୁ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସମାଜ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ସଦର ବ୍ଲକ୍ ଅଧୀନ ଲୋଇସିଂ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଆୟୋଜିତ ହୋଇଛି। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଅଲୋକମୟୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମାଗଣା ଆଇନ୍ ପରାମର୍ଶ, ଓକିଲ ଯୋଗାଇଦେବା, ମଧ୍ୟସ୍ଥତା, ଲୋକ ଅଦଲତରେ ମାମଲାର ସମାଧାନ ଇତ୍ୟାଦି ବିଷୟ ଗୁଡିକ ଉପରେ ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସିଡିପିଓ କର୍ପୂର ପଟେଲ, ଆଇଏସ ଝାରସୁଗୁଡ଼ା ବରୁଣୀ ଶା, ଡିସିପିୟୁ ଅଫିସରୁ କେସ ୱାର୍କର ନିଶାମଣି ପୌଲ, ସହକାରୀ ଶ୍ରମ ଅଧିକାରୀ ଦୀପକ ଏକ୍କା, ସ୍ଥାନୀୟ ସରପଞ୍ଚ ସନାତନ ରୋହିଦାସ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ କାର୍ଯ୍ୟାଳୟର କନିଷ୍ଠ ସହାୟକ ସସ୍ମିତା ଭୋଇ ଓ ଆଦିତ୍ୟ ବାଦି ଯୋଗ ଦେଇ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ସମାଜ କଲ୍ୟାଣକାରୀ ଯୋଜନା ଗୁଡିକ ଉପରେ ଉପସ୍ଥିତ ସମସ୍ତଙ୍କୁ ସଚେତନ କରାଇଥିଲେ।

# ଇବ୍ ନଦୀରେ ଭାସି ରେଲୱେ କର୍ମଚାରୀ ନିଖୋଜ



ଝାରସୁଗୁଡ଼ା,୨୫।୮ (ସମିସ): ସାଙ୍ଗ ମାନଙ୍କ ସହ ସହ ବନ୍ୟା ପାଣି ଦେଖିବାକୁ ଯିବା କାଳ ହେଲା। ନଦୀର ପ୍ରଖର ସ୍ରୋତରେ ଭାସିଗଲେ ଜଣେ ରେଳବାଇ କର୍ମଚାରୀ। ଇବ୍ ନଦୀର ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଓପିଏମ ଘାଟରେ ଏପରି ଅଘଟଣ ଘଟିଛି। ଭାସି ଯାଇଥିବା ରେଳବାଇ କର୍ମଚାରୀ ଜଣକ ବିହାରର ମୋଙ୍ଗେରେ ଜିଲ୍ଲାର ମନୀଷ ବୋଲି ଜଣାପଡିଛି। ସେ ବ୍ରଜରାଜନଗରରେ ରେଳବାଇରେ ଜଣେ ଗାର୍ଡ ଭାବେ କାର୍ଯ୍ୟରତ ଥିଲେ। ମନୀଷ ନିଜ ୨ ଜଣ ସାଙ୍ଗଙ୍କ ସହ ନଦୀ କୂଳକୁ ବନ୍ୟା ଜଳ ଦେଖିବା ପାଇଁ ଯାଇଥିଲେ। ତେବେ ଅସବଧାନତା କାରଣରୁ ମନୀଷ ଏବଂ ତାଙ୍କ ଆଉ ଜଣେ ସାଙ୍ଗ ନଦୀ ଭିତରକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ମନୀଷଙ୍କ ସାଙ୍ଗକୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ ହେଁ ନଦୀ ସ୍ରୋତରେ ମନୀଷଙ୍କୁ ରକ୍ଷା କରିବା ସମ୍ଭବ ହୋଇ ନଥିଲା। ବ୍ରଜରାଜନଗର ପୁଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଛି।

# ସୋହେଲା ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ସୋହେଲା,୨୫।୮ (ସମିସ): ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ଦ୍ୱାରା ଆୟୋଜିତ ଶାରଦୀୟ ନବରାତ୍ର ଦୁର୍ଗାପୂଜା ପାଇଁ ଗୌରୀ କଲ୍ୟାଣ ମଣ୍ଡପରେ ପୂଜା କମିଟିର ସାଧାରଣ ପରିଷଦ ବୈଠକ ସହିତ ନୂତନ ପୂଜା କମିଟି ଗଠନ ହୋଇଯାଇଛି। ଦୁର୍ଗାପୂଜା କମିଟି ସଭାପତି ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ କମିଟିର ଦିବଙ୍ଗତ ସଦସ୍ୟ ମହମ୍ମଦ ରଫିକ, ଟଙ୍କଧର ଝାଙ୍କର, କେଶବ ଅଗ୍ରୱାଲ, ବିଜୟ କାଣ୍ଡ, ଦୀପକଲାଲ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହାପରେ ସହସମ୍ପାଦକ ମୁକେଶ ଅଗ୍ରୱାଲ ଗତବର୍ଷ କମିଟିର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଆଗାମୀ ଶାରଦୀୟ ନବରାତ୍ର ଦୁର୍ଗାପୂଜାକୁ ଆଡମ୍ବର ଓ ଶାନ୍ତି ଶୃଙ୍ଖଳା ସହିତ ଆୟୋଜନ ପାଇଁ ବ୍ୟାପକ ଆଲୋଚନା କରାଯାଇ ବିଭିନ୍ନ କମିଟି ମାନ ଗଠନ କରାଯାଇଥିଲା। ନୂତନ କମିଟିରେ ପ୍ରକାଶ ଚନ୍ଦ୍ର ଦେବତା ସଭାପତି, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ କାର୍ଯ୍ୟକାରୀ ସଭାପତି, ବଲବୀର ସିଂ ଠାକୁର ଏବଂ ଗିରଜେଶ ଖାଡେଙ୍ଗା ଉପସଭାପତି, ପ୍ରମୋଦ ଚନ୍ଦ୍ର ଦେବତା ସାଧାରଣ ସମ୍ପାଦକ, ଲଳିତ ଅଗ୍ରୱାଲ କୋଷାଧ୍ୟକ୍ଷ, ଚନ୍ଦ୍ରମଣୀ ଭଞ୍ଜ, ମୁକେଶ ଅଗ୍ରୱାଲ, ସଂଜୀବ ଝାଙ୍କର ସହସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଏହି ଉପଲକ୍ଷେ ୫୦ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସମଗ୍ର ପଶ୍ଚିମ ଓଡ଼ିଶାରେ ଖ୍ୟାତିଲାଭ କରିଥିବା ସୋହେଲା ଶାରଦୀୟ ନବରାତ୍ର ଦୁର୍ଗାପୂଜାକୁ ଆକାର୍ଷଣୀୟ ଏବଂ ଶାନ୍ତି ଶୃଙ୍ଖଳାର ସହିତ ଆୟୋଜନ କରିବା ପାଇଁ ବ୍ୟାପକ ଆଲୋଚନା କରାଯିବା ସହିତ ମନୋରଞ୍ଜନ, ସାଂସ୍କୃତିକ, ରାମଲୀଳା, ରାବଣ ପୋଡି, ପାର୍ବଣ, କ୍ରୀଡା ପ୍ରତିଯୋଗିତା, ଭସାଣି, ଅତିଥି ସ୍ୱାଗତ, ପୂଜା କାର୍ଯ୍ୟ, ପ୍ରଚାର ପ୍ରସାର ପାଇଁ କମିଟି ଗଠନ କରାଯାଇ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ଶେଷରେ ଉପ ସଭାପତି ଗିରଜେଶ ଖାଡେଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ନଥୁରାମ ଅଗ୍ରୱାଲ, ଗୋବିନ୍ଦ ସାହୁ, ମନ ମାଝୀ, ଦିଲୀପ ଖମାରୀ, ବାବୁଲୁ ଦେବତା, ଅନିଲ ପଧାନ, ସୁଶାନ୍ତ ମିଶ୍ର, ରମାକାନ୍ତ ସାହୁ, ରାମ ନିବାସ ଅଗ୍ରୱାଲ, ଗୋପାଳ ନାୟକ, ଦୈତାରୀ ଭୋଇ, ପ୍ରମୋଦ ସାହୁ, ମୋହନ ବେହେରା, ବୁଲୁ ପରୁଆଙ୍କ ସମେତ ପୂଜା କମିଟି, ଗୋରୀ ଦେବୀ ଟ୍ରଷ୍ଟ, ବିଭିନ୍ନ ସଂଗଠନ ତଥା ବହୁ ଗାଁବାସୀ ଉପସ୍ଥିତ ଥିଲେ।

## ଫୁଟବଲ୍ ଖେଳାଳି ମୃତ୍ୟୁ ଘଟଣା

# ମୁଖ୍ୟମନ୍ତ୍ରୀଙ୍କ ଶୋକ, ୪ ଲକ୍ଷ ସହାୟତା ଘୋଷଣା

ଦେବଗଡ଼,୨୫।୮ (ସମିସ):

ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ କାଉନସିଲର କପ ଫୁଟବଲ ପ୍ରତିଯୋଗିତାରେ ଫୁଟବଲ ଖେଳୁଥିବା ବେଳେ ରବିବାର ପୌରାଞ୍ଚଳର ୨ ନମ୍ବର ୱାର୍ଡ ଭୂୟାଁ ସାହିର ଫୁଟବଲ ଖେଳାଳି ପ୍ରକାଶ ନାଏକଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାରେ ଆଜି ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

## ଫୁଟବଲ ଖେଳାଳିଙ୍କ ବିୟୋଗରେ ଶୋକସଭା

ଫୁଟବଲ ଖେଳାଳି ପ୍ରକାଶ ନାଏକଙ୍କ ବିୟୋଗରେ ସୋମବାର ଗୁରୁସାହି ଛକରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ପୌରାଧ୍ୟକ୍ଷ ପ୍ରଜିତ ଭୋଜ, ଜିଲ୍ଲା କ୍ରୀଡା ସଂସଦର ଉପସଭାପତି ସତ୍ୟ ନାରାୟଣ ମିଶ୍ର, ସମ୍ପାଦକ ଧିରେନ୍ଦ୍ର ନାୟକ, କାଉନସିଲର ସଂଯୁକ୍ତା ଆଚାର୍ଯ୍ୟ, ଯତିନ ନାଏକ, ପୂର୍ବ କାଉନସିଲର ପାର୍ବତୀ ମହାପାତ୍ର, ଶଙ୍କର୍ଷଣ ମହାପାତ୍ର, ଚନ୍ଦ୍ର ଶେଖର ମହାପାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗ ଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମୃତ ଖେଳାଳିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।




## ପ୍ରତିଯୋଗିତାକୁ ସ୍ଥଗିତ ଘୋଷଣା କଲେ ଆୟୋଜକ

ଦେବଗଡ଼ ପୌର ପରିଷଦ ଆନୁକୂଲ୍ୟରେ ଜିଲ୍ଲା କ୍ରୀଡା ସଂସଦ ସହଯୋଗରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ କାଉନସିଲର କପ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ତେବେ ଖେଳ ଖେଳୁଥିବା ବେଳେ ଖେଳାଳିଙ୍କ ମୃତ୍ୟୁ ପରେ ପ୍ରତିଯୋଗିତାକୁ ଆୟୋଜକଙ୍କ ପକ୍ଷରୁ ବାତିଲ କରାଯାଇଥିବା ପୌର ଅଧ୍ୟକ୍ଷ ପ୍ରଜିତ ଭୋଜ ପ୍ରକାଶ କରିଛନ୍ତି।

# ଜିଲ୍ଲାପାଳଙ୍କ ଯୁଗ୍ମଅଭିଯୋଗ ଶୁଣାଣି



ଦେବଗଡ଼,୨୫।୮ (ସମିସ): ଦେବଗଡ ଜିଲ୍ଲା ତିଲେଇବଣି ବ୍ଲକ୍ ଟାଇଁସର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ୨୭ଟି ଅଭିଯୋଗ ଗ୍ରହଣ କରିଥିଲେ। ଅଭିଯୋଗ ମଧ୍ୟରେ ୧୪ଟି ବ୍ୟକ୍ତିଗତ ଏବଂ ୧୩ଟି ସାମୂହିକ ଅଭିଯୋଗ ରହିଥିଲା। ବିଶେଷ କରି ବାର୍ଦ୍ଧକ୍ୟ ଭତ୍ତା, ରାସ୍ତା ମରାମତି, ବିଦ୍ୟାଳୟର ରୋଷେଇ ଘର ମରାମତି, ବିଦ୍ୟୁତ୍ ସମସ୍ୟା, ଚିକିତ୍ସାଳୟରେ ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ ଚୋପଦାର, ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଲୀପ ପ୍ରଧାନ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଏସିଏଫ୍ ସ୍ୱାଧୀନତା ସାହାଣୀ, ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ଡେପୁଟି କଲେକ୍ଟର ଏଜଲିନ୍ ବାରା ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ପଦ୍ମପୁରରେ ଡ୍ରେନ୍ ନିର୍ମାଣ ଅଧାପନ୍ତରିଆ / ପାଣି ଘେରରେ ତିନିଶହ ପରିବାର

ଆନନ୍ଦପୁର,୨୫।୮ (ସମିସ)

ଆନନ୍ଦପୁର ପୌରାଞ୍ଚଳର ପଦ୍ମପୁରରେ ଅଧାପନ୍ତରିଆ ଡ୍ରେନ୍ ପାଇଁ ସମସ୍ୟା ଭୋଗୁଛନ୍ତି ୩୦୦ ପରିବାର। ଲଗାଣବର୍ଷା ଯୋଗୁଁ ଜଳ ନିଷ୍କାସନ ହୋଇପାରୁନି। ଦୁଇମାସ ହେଲା ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଥିବା ଅଭିଯୋଗ କରିଛନ୍ତି। ୨ ନମ୍ବର ୱାର୍ଡରେ ଡ୍ରେନ୍ ନିର୍ମାଣ ଆରମ୍ଭ ହୋଇଥିଲା। ୬ ମାସ ତଳୁ ଠିକାଦାର ଅଧାରୁ କାମ ବନ୍ଦ କରି ଚାଲିଯାଇଛନ୍ତି। ଯାହାଫଳରେ ବର୍ଷାଜଳ ନିଷ୍କାସନ ହେଉ ନଥିବାରୁ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି ବୋଲି ଅଭିଯୋଗ ହେଉଛି। ୩୦୦ ପରିବାର ବହୁ କଷ୍ଟରେ ଯାତାୟାତ କରୁଛନ୍ତି। ଏଠାରେ ଥିବା ବାଳିକା ହାଇସ୍କୁଲକୁ ଛାତ୍ରୀମାନେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ଏନେଇ ପୌରପାଳିକାରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପରିସ୍ଥିତି ଅଣାୟତ୍ତ ହେବାରୁ ଆଜି ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ସେଠୀ, ପରିମଳ ଅଧିକାରୀ ଭାଗୀରଥି ଦାଶ ପ୍ରମୁଖ ପଦ୍ମପୁରରେ ପହଞ୍ଚି ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିବା ସହିତ ସ୍ଥିତି ଅନୁଧ୍ୟାନ କରିଛନ୍ତି। ତୁରନ୍ତ ଡ୍ରେନ୍ ନିର୍ମାଣ କାମ ଶେଷ କରିବାକୁ ପୌରାଧ୍ୟକ୍ଷା ନିର୍ଦ୍ଦେଶ ଦେଇଛନ୍ତି। ସପ୍ତାହକ ମଧ୍ୟରେ ସମସ୍ୟାର ସମାଧାନ ନହେଲେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବାକୁ ଗ୍ରାମବାସୀମାନଙ୍କ ପକ୍ଷରୁ ଲକ୍ଷ୍ମୀଧର ଦେହୁରୀ, ଅକ୍ଷୟ ସାମଲ, ନିରଞ୍ଜନ ସାହୁ, ଉତ୍ତମ ସାହୁ, ବିଚିତ୍ର ସାହୁ, କୃଷ୍ଣଚନ୍ଦ୍ର ଭୋଳ, ବୃନ୍ଦାବନ ସାହୁ, ଲକ୍ଷ୍ମୀଧର ସାହୁ ଓ ତରୁଣ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଶିକ୍ଷାବର୍ଷକୁ ୪ମାସ ପୂରିଲା / ଛାତ୍ରଛାତ୍ରୀଙ୍କୁ ମିଳିନି ପୋଷାକ

ଆନନ୍ଦପୁର,୨୫।୮ (ସମିସ): ଚଳିତ ଶିକ୍ଷାବର୍ଷ ଆରମ୍ଭ ହେବାର ୪ମାସ ବିତିଗଲାଣି। ଏଯାଏ ଛାତ୍ରଛାତ୍ରୀଙ୍କୁ ସ୍କୁଲ ପୋଷାକ ଦିଆଯାଇ ନାହିଁ ବୋଲି ଅଭିଯୋଗ ହେଉଛି। ରାଜ୍ୟ ସରକାରଙ୍କ ତରଫରୁ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ ଦୁଇହଳ ପୋଷାକ, ହଳେ ଜୋତା ଓ ହାଉସ୍ ଡ୍ରେସ୍ ପ୍ରତିବର୍ଷ ଯୋଗାଇ ଦିଆଯାଉଛି। ଚଳିତ ଶିକ୍ଷାବର୍ଷର ଜୁଲାଇ ମାସ ସୁଦ୍ଧା ସମସ୍ତ ପିଲାଙ୍କୁ ପୋଷାକ ଦେବାପାଇଁ ସମଗ୍ର ଶିକ୍ଷା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟରେ ସ୍ୱାଧୀନତା ଦିବସରେ ମଧ୍ୟ ଛାତ୍ରଛାତ୍ରୀ ନୂଆ ପୋଷାକ ପିନ୍ଧି ପାରିଲେ ନାହିଁ। ନୂଆ ପୋଷାକ ପାଇଁ ନିର୍ଦ୍ଧାରିତ ଅର୍ଥରାଶି ସ୍କୁଲ ବ୍ୟାଙ୍କଖାତାକୁ ଦିଆଯାଇଛି। ଏଥର ବିଦ୍ୟାଳୟ ପରିଚାଳନା କମିଟିକୁ ପୋଷାକ କ୍ରୟ ଦାୟିତ୍ୱ ଦିଆଯାଇ ନାହିଁ। ଏସ୍ଏଚ୍‌ଜି ମାଧ୍ୟମରେ ପୋଷାକ ଯୋଗାଇବା ପାଇଁ ସରକାର ନିୟମ କରିଛନ୍ତି। ଏସ୍ଏଚ୍‌ଜି ଚୟନ ନିମନ୍ତେ ବିଡିଓଙ୍କ ଅଧ୍ୟକ୍ଷତାରେ ବିଇଓ, ସିଡିପିଓଙ୍କୁ ନେଇ ଏକ କମିଟି ଗଠନ ହୋଇଛି। ଉକ୍ତ କମିଟି ଏପର୍ଯ୍ୟନ୍ତ ପୋଷାକ ଯୋଗାଇବାକୁ ଏସ୍ଏଚ୍‌ଜି ଚୟନ କରିପାରି ନାହାନ୍ତି। ଫଳରେ ସ୍କୁଲଗୁଡ଼ିକୁ ପୋଷାକ ଯୋଗାଣ ହୋଇପାରି ନାହିଁ। ପିଲାମାନେ ବିଦ୍ୟାଳୟକୁ ପୁରୁଣା ପୋଷାକ ପିନ୍ଧି ଆସୁଛନ୍ତି। ଏପରିକି ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀ ନିଜ ଘର ପୋଷାକ ପିନ୍ଧି ଆସୁଛନ୍ତି। ଏଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଏବିଷୟରେ ଆନନ୍ଦପୁର ଏବିଇଓ ହେମେନ୍ଦ୍ରନ ମହାନ୍ତି କହିଛନ୍ତି, ଏଥିପାଇଁ ମୋଟ ୪୬ଟି ଗ୍ରୁପ୍ ଆବେଦନ କରିଛନ୍ତି। ଏଥିରେ ବିଡିଓ କମିଟିର ମୁଖ୍ୟ ଅଛନ୍ତି ଏବଂ ଏସ୍ଏଚ୍‌ଜି ଗ୍ରୁପ୍ ଚୟନ କରି ଖୁବ୍‌ଶୀଘ୍ର ପୋଷାକ ପ୍ରଦାନ କରାଯିବ।

# ଜଙ୍ଗଲରୁ ବୃଦ୍ଧାଙ୍କ ଶବ ଉଦ୍ଧାର

କେନ୍ଦୁଝର,୨୫।୮ (ସମିସ): କେନ୍ଦୁଝର ସଦର ଥାନା ଅଧୀନ ଶୁଆକାଟି ଫାଣ୍ଡି ଅଧୀନ ଅଞ୍ଚର ଜଙ୍ଗଲରୁ ଜଣେ ୮୦ବର୍ଷିୟା ବୃଦ୍ଧାଙ୍କ ଶବ ପୁଲିସ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ସୂଚନାନୁଯାୟୀ, କେହି ବୃଦ୍ଧା ଜଣଙ୍କୁ ଅଳ୍ପଗାତରେ ମାଟି ତଳେ ନ ପୋତି ଜଙ୍ଗଲରେ ଛାଡ଼ି ଚାଲିଯାଇଥିଲେ। ଖବର ପାଇ ଶୁଆକାଟି ଫାଣ୍ଡି ଅଧିକାରୀ ସୂର୍ଯ୍ୟନାରାୟଣ ରାଉତରାୟ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏନେଇ ୭୧/୨୫ରେ ମାମଲା ରୁଜୁ ହୋଇଛି। ତେବେ ବୃଦ୍ଧା ଜଣଙ୍କୁ କେହି ହତ୍ୟା କରି ଏଭଳି ପକାଇ ଚାଲିଯାଇଛନ୍ତି, ନାଁ ମୃତ୍ୟୁ ପରେ ପରିବାର ଜଙ୍ଗଲରେ ପକାଇ ଦେଇଛନ୍ତି ପୁଲିସ ଅଧିକ ତଦନ୍ତ କରୁଛି।

# ଯୁବନେତା ଗୌରୀଶଙ୍କରଙ୍କ ପରଲୋକ



ହାଟଡ଼ିହୀ,୨୫।୮ (ସମିସ): ହାଟଡ଼ିହୀ ବ୍ଲକ୍ ଜଳକଳଙ୍ଗ ଗ୍ରାମର ଗୌରୀଶଙ୍କର ନାୟକ (ଟୁଟୁନ୍)ଙ୍କ ଅକାଳ ବିୟୋଗ ଘଟିଛି। ଆଜକୁ ୧୦ବର୍ଷ ତଳେ ସେ ସ୍ନାୟୁଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇ ଆସୁଥିଲେ। ଚିକିତ୍ସା ପାଇଁ ମେଡିକାଲ ଯାଇଥିଲେ; କିନ୍ତୁ ଆଜି ଭୋରୁ ତାଙ୍କର ଦେହାନ୍ତ ଘଟିଛି। ଜଣେ ମିଷ୍ଟଭାଷୀ, ମେଳାପୀ, ପରୋପକାରୀ ସ୍ୱଭାବର ଯୁବପୁତ୍ରକୁ ହରାଇଛି ଜଳକଳଙ୍ଗ ଗାଁ ମାଟି। ସେ ପୂର୍ବରୁ ହାଟଡ଼ିହୀ ପଞ୍ଚାୟତରେ ସମିତିସଭ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ। ଯୁବନେତା ଚିତ୍ତରଞ୍ଜନ ପାତ୍ରଙ୍କ ନେତୃତ୍ୱରେ ଶତାଧିକ ଯୁବଗୋଷ୍ଠୀ ଏକତ୍ରିତ ହୋଇ ତାଙ୍କ ମରଶରୀରକୁ ଗାଁ ପରିକ୍ରମା କରିଥିଲେ। ପରିବାର, ବନ୍ଧୁବାନ୍ଧବ ଏବଂ ଗ୍ରାମବାସୀଙ୍କ ସହ ଶତାଧିକ ଯୁବଗୋଷ୍ଠୀଙ୍କ ଉପସ୍ଥିତିରେ ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜଣେ ଯୁବକଂଗ୍ରେସ ନେତା ଓ ସୁସଂଗଠକକୁ ହରାଇ କଂଗ୍ରେସ ଦଳର ବିରାଟ କ୍ଷତି ଘଟିଥିବା ବେଳେ ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ଶୋକପ୍ରକାଶ କରିଛନ୍ତି। ଖବର ପାଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରାକ୍ତନ ସାଧାରଣ ସମ୍ପାଦକ ମନୋଜ ଜେନା, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ହାଟଡ଼ିହୀ ସରପଞ୍ଚ ଚିନ୍ମୟ ନାୟକ, ବରିଷ୍ଠ ବିଜେପି ନେତା ଆଲୋକ ସେଠୀଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# ରବୀନ୍ଦ୍ର ଗୁରୁଜୀଙ୍କୁ ପ୍ରଜାପିତା ଈଶ୍ୱରୀୟ ସମ୍ମାନ



ଆନନ୍ଦପୁର, ୨୫।୮ (ସମିସ): ଜଆଁରା ସ୍ଥିତ ଆନନ୍ଦପୁର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଆଶ୍ରମ ତରଫରୁ ସମାଜସେବୀ ଗୁରୁଜୀ ରବୀନ୍ଦ୍ର ପ୍ରସାଦ ଚାନ୍ଦଙ୍କୁ 'ପ୍ରଜାପିତା ଈଶ୍ୱରୀୟ ସମ୍ମାନ' ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠାନର ଭାଇଭଉଣୀ ମାନେ ଶ୍ରୀ ଚାନ୍ଦଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରିଥିଲେ। ସେ ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତିରେ ରାଜବନ୍ଦୀ ହୋଇ କାରାବରଣ କରିଥିଲେ।

# ଶିବନାରାୟଣପୁର ଗ୍ରାମରେ ଶହ ଶହ ଏକର ଚାଷଜମି ଜଳମଗ୍ନ

## ହୋଇପାରୁନି ଜଳ ନିଷ୍କାସନ

ହାଟଡ଼ିହୀ,୨୫।୮ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିବା ଦ୍ୱାରା ହାଟଡ଼ିହୀ ବ୍ଲକ୍ ବଞ୍ଚୋ ପଞ୍ଚାୟତ ଶିବନାରାୟଣପୁର ଗ୍ରାମରେ ଶହଶହ ଏକର ଚାଷଜମି ଜଳମଗ୍ନ ହୋଇରହିଛି। ଗ୍ରାମର ଅନେକ ଚାଷୀଙ୍କ ଧାନଚାଷ କ୍ଷତିଗ୍ରସ୍ତ ହୋଇଛି। ଗତ ୪ଦିନ ହେଲା ଚାଷଜମି ଜଳମଗ୍ନ ରହିଥିବାରୁ ଧାନଗଛ ସବୁ ପଚି ନଷ୍ଟ ହେବାକୁ ବସିଛି। ଚାଷୀମାନଙ୍କ ଅଭିଯୋଗ ଯେ ଲଗାଣ ବର୍ଷା ଯୋଗୁଁ ଉପରମୁଣ୍ଡରୁ ପାଣି ଆସି ଗାଁର ଚାଷଜମିରେ ଜମା ହୋଇ ରହୁଛି। ବିଲ ଗୁଡ଼ିକରେ ଏବେ ୩ଫୁଟ ଉଚ୍ଚର ପାଣି ରହିଛି। ମୁଗୁପୁର ମାଇନର କେନାଲରେ ଆବଶ୍ୟକ କଲଭର୍ଟ ନଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ପୂର୍ବରୁ ଅନେକ କଲଭର୍ଟ ଥିବାବେଳେ କିଛି ଲୋକ ଘରବାଡ଼ି କରିବାରୁ ମାଟି ପକାଇ କଲଭର୍ଟ ମୁହଁକୁ ପୋତି ପକାଇବାରୁ ଜଳ ନିଷ୍କାସନର ବାଟ ବନ୍ଦ ହୋଇଯାଇଛି। ଲଗାଣ ବର୍ଷା ଯୋଗୁଁ ରାମଚନ୍ଦ୍ର ଘଡ଼େଇ, ମାନସ ବେହେରା, ମୁରଲୀ ମହାନ୍ତି, ସୁଦାମ ପରିଡ଼ା, ନରେନ୍ଦ୍ର ଘଡ଼େଇ, ଜୟଦେବ ଖଣ୍ଡା, ସୁଦର୍ଶନ ଖଣ୍ଡା, ଉମାକାନ୍ତ ଜେନା, ବୁଲା ବାରିକ, ଅକ୍ରୁର ବେହେରା, ମୁରଲୀ ବେହେରା, ବସନ୍ତ ସାହୁ, ବାଳକୃଷ୍ଣ ଖଣ୍ଡା, ବିନୋଦ ଘଡ଼େଇ, ସୁରେନ୍ଦ୍ର ଘଡ଼େଇ, ମାୟାଧର ମହାନ୍ତି, ପ୍ରହଲ୍ଲାଦ ଘଡ଼େଇଙ୍କ ଭଳି ଅନେକ ଚାଷୀଙ୍କ ଏକର ଏକର ଚାଷଜମି ପାଣିରେ ବୁଡ଼ିଛି। କେବଳ ଚାଷ ଉପରେ ନିର୍ଭର କରୁଥିବା ଏହି ଚାଷୀମାନେ ଅନେକ କ୍ଷତିର ସମ୍ମୁଖୀନ ହେବାକୁ ଯାଉଥିବାରୁ ଚିନ୍ତାରେ ପଡ଼ି ଯାଇଛନ୍ତି। ଜଳସମ୍ପଦ ବିଭାଗ ତୁରନ୍ତ କଲଭର୍ଟ ଖୋଲି ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଚାଷୀମାନେ ଦାବି କରିଛନ୍ତି।



# ରେକୁଟିଆରେ ଖୁଦୁରୁକୁଣୀ ଓଷା ସମ୍ପନ୍ନ

ବେଲବାହାଲି,୨୫।୮ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ରେକୁଟିଆ ନିମଛକ ସାହିରେ ଖୁଦୁରୁକୁଣୀ ଓଷା ସମାପନ ହୋଇଛି। କମିଟିର ସଦସ୍ୟା ମିଲି ଜେନାଙ୍କ ନେତୃତ୍ୱରେ ସାହିର ଝିଅମାନେ ମାଆ ମଙ୍ଗଳାଙ୍କ ପୂଜା କରିବାସହ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇଥିଲା। ପରେ ଝିଅମାନଙ୍କ ମଧ୍ୟରେ ଗୀତ ଓ ନାଚ କାର୍ଯ୍ୟକ୍ରମ ହୋଇଥିଲା। ସୋମବାର ପୂର୍ବାହ୍ନରେ ଭବ୍ୟ ଶୋଭାଯାତ୍ରାରେ ଭସାଣି ଯାତ୍ରାରେ ଗ୍ରାମବାସୀ ମିଶି ମା'ଙ୍କୁ ମେଲାଣି ଦେଇଥିଲେ। କାର୍ଯ୍ୟକ୍ରମରେ ଟ୍ୱିଙ୍କିଲ, ଆସ୍ଥା, ବେବି, ନିକି, ମୁନିଶୁନୁ, ସ୍ୱିଟି, ବର୍ଷା, ଆଲି, ହବି, ରୁବୀ, ଆନି, ରାଣୀ, ପଲ୍ଲକ, ପ୍ରିୟା, ସୁମି, ବର୍ଷାରାଣୀ ପ୍ରମୁଖ ସହଯୋଗ କରିଥିଲେ।



# ସର୍ବଭାରତୀୟ ଅଣ୍ଡର ୨୩ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ / ଓଡ଼ିଶା ପାଇଁ ଖେଳିବେ ସାଇସୁବ୍ରତ



ରାମଚନ୍ଦ୍ରପୁର,୨୫।୮ (ସମିସ): ଘସିପୁରା ବ୍ଲକ୍ ଖାଲିଆମେଣ୍ଟା ଗ୍ରାମର ନୀଳାଦ୍ରି ବିହାରୀ ଜେନାଙ୍କ ପୁତ୍ର ସାଇ ସୁବ୍ରତ ଜେନା ଓଡିଶା ଅଣ୍ଡର ୨୩ କ୍ରିକେଟ ଟିମ୍‌ରେ ସ୍ଥାନ ପାଇଛନ୍ତି। ସେ ଚଣ୍ଡିଗଡରେ ହେବାକୁ ଥିବା ସର୍ବଭାରତୀୟ ଅଣ୍ଡର ୨୩ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ମନୋନୀତ ହୋଇଛନ୍ତି। କେନ୍ଦୁଝର ଜିଲ୍ଲାରୁ ଏକ ମାତ୍ର ଖେଳାଳି ଭାବେ ସାଇ ସୁବ୍ରତ ମନୋନୀତ ହୋଇଥିବାରୁ ଜିଲ୍ଲା ତଥା ଆନନ୍ଦପୁରବାସୀ ଶୁଭେଚ୍ଛା ଜଣାଇବା ସହ ଭଲ ଖେଳ ପ୍ରଦର୍ଶନ କରି ଜିଲ୍ଲାର ନାଁ ରଖିବ ବୋଲି ସାଙ୍ଗ ସାଥୀ ଆଶା ବାନ୍ଧି ବସିଛନ୍ତି। ସାଇସୁବ୍ରତ ଘସିପୁରା ମା'ମଙ୍ଗଳା କ୍ରିକେଟ କ୍ଲବ ଏବଂ ଅଳତି ସ୍ପୋର୍ଟସ କ୍ଲବର ଜଣେ ନିୟମିତ ସଦସ୍ୟ ରହିଆସିଥିବାବେଳେ ପ୍ରଗତୀ ସ୍ପୋର୍ଟିଂ ଭୁବନେଶ୍ୱରର ମାର୍ଗଦର୍ଶକ ତଥା ରଣଜି ଖେଳାଳି ଟୁକୁନା ସାହୁଙ୍କ ଦ୍ୱାରା ନିୟମିତ ଅଭ୍ୟାସ ଜାରି ରଖିଥିବା ଜଣାପଡିଛି।

# ଡିଏମ୍ଏଫ୍ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ତେଲକୋଇବାସୀ

## ୩୫୦ କିମି ବୁଲି କଟକ ବଡ଼ ଡାକ୍ତରଖାନାରେ ପହଞ୍ଚୁଥିବାରୁ ଜନ ଅସନ୍ତୋଷ

ତେଲକୋଇ,୨୫।୮ (ସମିସ): ଗୁରୁତର ରୋଗୀଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ସିଧାସଳଖ ତୁରନ୍ତ କଟକ ବଡ଼ ଡାକ୍ତରଖାନାକୁ ନିଶୁଳ୍କରେ ସ୍ଥାନାନ୍ତର ପାଇଁ ତତ୍କାଳୀନ ସରକାର ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରେ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକକୁ ଦୁଇଟି ଆମ୍ବୁଲାନ୍ସ ଯୋଗାଇ ଦେଇଥିଲେ। ମାତ୍ର ଆଜକୁ ତିନି ଚାରି ମାସରୁ ଅଧିକ ଦିନ ହେବ ଉକ୍ତ ଦୁଇ ଆମ୍ବୁଲାନ୍ସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଯାଇ ରହୁଥିବାରୁ ତେଲକୋଇ ଅଞ୍ଚଳବାସୀ ଏହି ସେବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ଫଳରେ ଗୁରୁତର ରୋଗୀ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଦେଇ କଟକ ସ୍ଥାନାନ୍ତର ହେଉଥିବା ବେଳେ ଅନେକ ବିଳମ୍ବ ଯୋଗୁଁ ଲୋକଙ୍କ ପ୍ରାଣହାନୀ ହେଉଥିବା ଅଭିଯୋଗ ହୋଇଛି। ତେଲକୋଇରୁ ଢେଙ୍କାନାଳ ଦେଇ ସିଧାସଳଖ କଟକକୁ ୧୬୦ କିମି ହେଉଥିବା ବେଳେ ତେଲକୋଇରୁ କେନ୍ଦୁଝର ଦେଇ କଟକ ବଡ଼ ଡାକ୍ତରଖାନାକୁ ୩୫୦କିମି ରାସ୍ତା ବୁଲିବାକୁ ପଡୁଛି। ଫଳରେ ଅତ୍ୟଧିକ ବିଳମ୍ବ ଯୋଗୁଁ କେତେକ ରୋଗୀଙ୍କ ପ୍ରାଣହାନୀ ଘଟିଥିବା ନଜିର ରହିଛି। ତେବେ ଡିଏମଏଫ୍ ଆମ୍ବୁଲାନ୍ସକୁ ଜିଲ୍ଲା ପ୍ରଶାସନ କାହିଁକି ଏବଂ କାହା ସ୍ୱାର୍ଥରେ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟକୁ ନେଇଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଲକୋଇ ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ସ୍ୱାସ୍ଥ୍ୟ କ୍ଷେତ୍ରରେ ତେଲକୋଇବାସୀଙ୍କୁ ଅଣଦେଖା କରୁଥିବା ନେଇ ବୁଦ୍ଧିଜୀବୀ ମହଲରୁ ଅଭିଯୋଗ ହୋଇଛି। ଏପରି ସ୍ଥଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତେଲକୋଇ ଅଞ୍ଚଳବାସୀଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିବାକୁ ଅଞ୍ଚଳବାସି ଦାବି କରିଛନ୍ତି।




# ଯୁବକଙ୍କ ମୃତଦେହ ଉଦ୍ଧାର

ବାଲିବନ୍ଧ,୨୫।୮ (ସମିସ): ଝୁମ୍ପୁରା ଥାନା, ଅର୍ଶଳାମୁଣ୍ଡାସାହିରେ ରବିବାର ଅପରାହ୍ନରେ ଗ୍ରାମର ଶୁକ୍ରା ମୁଣ୍ଡା(୩୫)ଙ୍କ ମୃତଦେହ ଗାଁ ନିକଟ ଏକ ଖାଲରୁ ଉଦ୍ଧାର ହୋଇଥିବା ବେଳେ ବଜ୍ରାଘାତରେ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ସେ ଗାଁ ନିକଟସ୍ଥ କେନାଲ ଆଡ଼କୁ ଛେଳି ଚରାଇବାକୁ ଯାଇଥିଲେ। କୌଣସି କାରଣରୁ ସେହି ସ୍ଥାନରେ ଏକ ଖାଲୁଆ ଜାଗାରେ ପାଣିରେ ପଡିଥିବା ବେଳେ ଅପରାହ୍ନରେ ସେହି ରାସ୍ତା ଦେଇ ଦୋକାନରୁ ଫେରୁଥିବା ନାରଣ ମୁଣ୍ଡା ଏହା ଦେଖି ପଡିଶା ଲୋକଙ୍କୁ ଡାକି ତାଙ୍କୁ ଆମ୍ବୁଲାନ୍ସରେ ଝୁମ୍ପୁରା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତେବେ ବଜ୍ରାଘାତ ଯୋଗୁଁ ଶୁକ୍ରାଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ପ୍ରକାଶ କରିଥିବା ବେଳେ ଶରୀରରେ ସେଭଳି କୌଣସି ଚିହ୍ନ ନ ଥିବାରୁ ସଠିକ୍ ଜଣାପଡି ନାହିଁ। ବ୍ୟବଚ୍ଛେଦ ପରେ ହିଁ ପ୍ରକୃତ କାରଣ ଜଣା ପଡ଼ିବ ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ଝୁମ୍ପୁରା ପୁଲିସ ଘଟଣାର ତଦନ୍ତ କରିଛି।

● ରାସ୍ତା ଅବସ୍ଥା ବେହାଲ

# କାଦଗଡ଼ ପୋଲ ରାସ୍ତାରେ ଫସିଲା ସ୍କୁଲ ଭ୍ୟାନ୍

କେନ୍ଦୁଝର,୨୫।୮ (ସମିସ): କେନ୍ଦୁଝର ସଦର ବ୍ଲକ୍ ନୂଆଗାଁ ପଞ୍ଚାୟତ କାଦଗଡ ରେଳବାଇ ପୋଲ ନିକଟ କାଦୁଅ ରାସ୍ତାରେ ସକାଳେ ବନାଯୋଡି ସାଇଆନନ୍ଦ ସ୍କୁଲକୁ ଛାତ୍ରଛାତ୍ରୀ ନେବା ଆଣିବା କରୁଥିବା ଏକ ସ୍କୁଲ ଭ୍ୟାନ ଫସି ଯାଇଥିଲା। ଫଳରେ ଘଣ୍ଟା ଘଣ୍ଟା ଧରି ଛାତ୍ରଛାତ୍ରୀ ଶିକ୍ଷାନୁଷ୍ଠାନକୁ ଯାଇପାରି ନଥିଲେ। ଗାଡି ଫସି ରହିବା ଯୋଗୁଁ ଅନ୍ୟ ଗାଡିଗୁଡିକ ଯାଆସ କରି ପାରିନଥିଲା। ଟ୍ରାକ୍ଟରରେ ଟାଣି ସ୍କୁଲ ଭ୍ୟାନକୁ ବାହାର କରାଯାଇଛି। ଏଠାରେ ନୂତନ ଭାବେ ପୋଲ ନିର୍ମାଣ ହୋଇଥିବା ବେଳେ ମୋରମ କିମ୍ବା କଂକ୍ରିଟ କରାଯାଇନି। କେବଳ ମାଟି ପକାଯାଇଥିବାରୁ ଅଳ୍ପ ବର୍ଷାହେଲେ କାଦୁଅ ପଚପଚ ହୋଇଯାଉଛି। ଛୋଟ ବଡ ଗାଡି ମଟର ଯାତାୟାତ କରିବା ଦ୍ୱାରା ଖାଲଖମା ଭର୍ତ୍ତି ହୋଇଛି। ଫଳରେ ଚାଲି ଚାଲି ଯିବା କଷ୍ଟ ହୋଇପଡୁଛି। ସ୍କୁଲ କଲେଜ ଛାତ୍ରଛାତ୍ରୀ ବିଦ୍ୟାଳୟ ଯିବାକୁ ଭାରି ହଇରାଣ ହେଉଛନ୍ତି। ରୋଗୀ ନେବା ଆଣିବା ପାଇଁ ୧୦୮ ଆମ୍ବୁଲାନ୍ସ ନାକେଦମ୍ ହେଉଛି। ତୁରନ୍ତ ରାସ୍ତା ମରାମତି କରାଯିବାକୁ ଦାବି ଦେଉଛି।



# ହାଟଡିହୀକୁ ଆକାଂକ୍ଷୀ ବ୍ଲକ୍ ଘୋଷଣା ଦାବି

ଆନନ୍ଦପୁର/ହାଟଡିହୀ,୨୫।୮ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ସମ୍ପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ତଥା ଅନୁନ୍ନତ ଓ ପଛୁଆ ଅଞ୍ଚଳ ଭାବେ ପରିଚିତ ହାଟଡିହୀକୁ ଆକାଂକ୍ଷୀ ବ୍ଲକ୍ ଯୋଜନା(ଏବିପି)ରେ ସାମିଲ କରାଯାଇ ନ ଥିବା ନେଇ ବ୍ଲକର ୩୧ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଛି। ଏଥିନେଇ ଆଜି ହାଟଡିହୀବ୍ଲକର ଆଦିବାସୀ ନେତୃବୃନ୍ଦଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଉପଖଣ୍ଡ ପ୍ରଶାସନ ଜରିଆରେ ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଗତ ଜୁଲାଇ ୨୨ ତାରିଖରେ ନୀତି ଆୟୋଗ(ପୂର୍ବ ଯୋଜନା କମିଶନ) ଓଡ଼ିଶାର ଅତିରିକ୍ତ ୧୧ ଗୋଟି ବ୍ଲକକୁ ଆକାଂକ୍ଷୀ ବ୍ଲକ ଭାବେ ଘୋଷଣା କରିଥିବାରୁ ଏପର୍ଯ୍ୟନ୍ତ ମୋଟ ୪୦ଟି ବ୍ଲକ 'ଆକାଂକ୍ଷୀ ବ୍ଲକ୍' ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିଛି। ଏବେ ଘୋଷଣା କରାଯାଇଥିବା ୧୧ଟା ବ୍ଲକ ମଧ୍ୟରୁ କେନ୍ଦୁଝର ଜିଲ୍ଲାର ୫ଟା ବ୍ଲକ (ଚମ୍ପୁଆ, ଝୁମ୍ପୁରା, କେଉଁଝର ସଦର, ପାଟଣା ଏବଂ ଓ ତେଲକୋଇ) ଏବଂ ମୟୂରଭଞ୍ଜ ଜିଲ୍ଲାର ୬ଟି ବ୍ଲକ(ବହଳଦା, ବିଜାତଳା, ଜାମଦା, କୁସୁମୀ, ରାଇରଙ୍ଗପୁର ଓ ତିରିଙ୍ଗ) କୁ ସାମିଲ କରା ଯାଇଥିବା ନେଇ ସୂଚନା ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଏକ ଦେଶବ୍ୟାପୀ ପଦକ୍ଷେପ ଯେଉଁଥିରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ଭିତ୍ତିଭୂମି ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଧ୍ୟାନଦେଇ ଭାରତର ସବୁଠାରୁ ଅନୁନ୍ନତ ବ୍ଲକଗୁଡ଼ିକରେ ଜୀବନର ଗୁଣବତ୍ତା ଏବଂ ସୁଶାସନକୁ ଉନ୍ନତ କରିବା ଲକ୍ଷ୍ୟ। କିନ୍ତୁ କେନ୍ଦୁଝର ଜିଲ୍ଲାର ସମ୍ପୂର୍ଣ୍ଣ ଅନୁନ୍ନତ ଏବଂ ଅନ୍ଧାରୀମୂଳକ ବ୍ଲକ ଭାବେ ପରିଚିତ ହାଟଡିହୀକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ନଥିବା ଦୁର୍ଭାଗ୍ୟଜନକ। ଏଣୁ ହାଟଡିହୀ ବ୍ଲକକୁ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପଦକ୍ଷେପ ଗ୍ରହଣ କରାଯିବା ପାଇଁ ବ୍ଲକର ବୁଦ୍ଧିରାମ ପୂର୍ତ୍ତି, ସୁନାରାମ ପୂର୍ତ୍ତି, ପିଣ୍ଟୁ ହେମ୍ବ୍ରମ, ବିଶିଷ୍ଟ ସମାଜସେବୀ ତଥା 'ଶରତ ବିକାଶ ମଞ୍ଚ' ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ, ଜୁରେ ପୂର୍ତ୍ତି, ରାଉତ ହୋ, ଟିପିରିଆ ମୁଣ୍ଡୂରୀ, ସୁରେନ୍ଦ୍ର ହୋ' ଓ ଜାମାଦାର ବାଲମୁଚୁ ପ୍ରମୁଖ ପ୍ରଦାନ କରିଥିଲେ।



# କଲେଜ କ୍ୟାମ୍ପସ୍‌ରେ ଉପଡାକଘର ଉଦ୍‌ଘାଟିତ

ରାମଚନ୍ଦ୍ରପୁର,୨୫।୮ (ସମିସ): ଘସିପୁରା ବ୍ଲକ୍ ସାଇଁକୁଳ ପତିତପାବନ ମହାବିଦ୍ୟାଳୟ ପରିସରରେ ନୂତନ ଉପଡାକଘର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦୁଝର ମୁଖ୍ୟ ଡାକ ନିରୀକ୍ଷକ ଭଗବାନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ଡିଭିଜନ ଇନ୍‌ସୁରାନ୍ସ ମୁଖ୍ୟ ସତ୍ୟବାଦୀ ବିଶ୍ୱାଳ, ପତିତପାବନ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶରତ କୁମାର ଜେନା ଏବଂ ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ ବିଶ୍ୱାଳ, ଇପିପିବିର ମୁଖ୍ୟ ଦିପୁନ ସାହୁ, ଆନନ୍ଦପୁର ପୋଷ୍ଟାଲ ଇନ୍‌ସ୍ପେକଟର ଶାନ୍ତନୁ ଦତ୍ତ ଏବଂ ବରିଷ୍ଠ ଡାକପାଳ ଦୁର୍ଯ୍ୟୋଧନ ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ମହାବିଦ୍ୟାଳୟ ପରିସରରେ ପୋଷ୍ଟ ଅଫିସ ପ୍ରାଙ୍ଗଣରେ ପୋଷ୍ଟାଲ ପଲିସି ଓର୍କସପ୍ ହୋଇଥିଲା। ଡାକ ବିଭାଗର ଅଧିକାରୀମାନେ ନୂତନ ପୋଷ୍ଟାଲ ପଲିସି, ଡିଜିଟାଲ ସେବା, ସୁ କନ୍ୟା ସମୃଦ୍ଧି, ସର୍ଭିସ୍, ପୋଷ୍ଟାଲ ଇନ୍‌ସୁରାନ୍ସ ଓ କ୍ୟାରିୟର ସୁଯୋଗ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନତା କରାଇଥିଲେ। ନୂତନ ପୋଷ୍ଟଅଫିସ ଖୋଲାହେବା ଦ୍ୱାରା ଛାତ୍ରଛାତ୍ରୀ ଓ ସ୍ଥାନୀୟ ଗ୍ରାମବାସୀ ଡାକ ସର୍ଭିସ୍, ସ୍ପିଡ୍ ପୋଷ୍ଟ, ପେନ୍‌ସନ ଏବଂ ଡିଜିଟାଲ ସେବା ହାତ ପାହାନ୍ତାରେ ପାଇପାରିବେ।

# ଝୁମ୍ପୁରା ବ୍ଲକ୍‌ରେ ମିଳିତ ଜନଶୁଣାଣି ଶିବିର

ବାଲିବନ୍ଧ,୨୫।୮ (ସମିସ)

ଝୁମ୍ପୁରା ବ୍ଲକ୍‌ରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍‌ର୨୨ଟି ପଞ୍ଚାୟତରୁ ୧୫୭ଟି ଅଭିଯୋଗ ପଞ୍ଜିକୃତ କରାଯାଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେଥିରୁ ୧୬ସାମୂହିକ ସମସ୍ୟା ରହିଥିବା ବେଳେ ୧୪୧ଟି ବ୍ୟକ୍ତିଗତ। ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ବର୍ଷ ହେବ ଖାଲିପଡିଥିବା ଶିଶୁ, ମେଡିସିନ ଏବଂ ସର୍ଜରୀ ଭଳି ଗୁରୁତ୍ୱ ପୂର୍ଣ୍ଣ ବିଭାଗର ବିଶେଷଜ୍ଞ ପଦବୀଗୁଡ଼ିକ ପୂରଣ କରିବା ସହିତ ଡାକ୍ତର ଏବଂ ନର୍ସଙ୍କ କ୍ୱାର୍ଟର ନିର୍ମାଣ ନେଇ ସରପଞ୍ଚ ରେବତୀ ବିରୁଆ ଅଭିଯୋଗ କରିଛନ୍ତି। ଝୁମ୍ପୁରାରେ ଏକ କାଠ ଡିପୋ କରିବା ନେଇ ମଧ୍ୟ ଅନୁରୋଧ କରାଯାଇଛି। ସେହିଭଳି ଅର୍ଶଳା ପଞ୍ଚାୟତ ଅର୍ଶଳା ଗ୍ରାମର ମୁଣ୍ଡାସାହି ରାସ୍ତା ଉନ୍ନତିକରଣ ଏବଂ ଅର୍ଶଳା-ଚଉଠିଆ ରାସ୍ତାର ଅର୍ଶଳାର ବୈଷ୍ଣବ ସାହି ନିକଟରେ ଡ୍ରେନ ନିର୍ମାଣ, ମଳଦା ପଞ୍ଚାୟତର ମଳଦା ଗ୍ରାମରେ ଲ୍ୟାମ୍ପସ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରିବା ନେଇ ଗ୍ରାମବାସୀ ଏବଂ ସ୍ଥାନୀୟ ସରପଞ୍ଚଙ୍କ ପକ୍ଷରୁ ଦାବି କରାଯାଇଛି। ସେହିପରି ନାରଦପୁର ପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ତାରାଣୀ ମନ୍ଦିରରୁ ଘନଶ୍ୟାମ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ, ଖୁଣ୍ଟାପଡ଼ ପଞ୍ଚାୟତରେ ନୂତନ ଲ୍ୟାମ୍ପସ କାର୍ଯ୍ୟକ୍ଷମନେଇ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଛି। ସେହିପରି ନଗରପାଳ-ବାରୁଣା ପ୍ରଧାନମନ୍ତ୍ରୀ ସଡ଼କଠାରୁ ଚଉଠିଆ ପୂର୍ତ୍ତ ବିଭାଗ ରାସ୍ତାର ସଂଯୋଗୀକରଣ ନେଇ ଅଭିଯୋଗ କରାଯାଇଛି। ଏହାବ୍ୟବତୀତ ବିଭିନ୍ନ ପଞ୍ଚାୟତର ବିଦ୍ୟୁତ, ପାନୀୟଜଳ, ରାସନ କାର୍ଡ, ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ଅନ୍ତ୍ୟୋଦୟ ଗୃହ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଆବାସ ଆଦି ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ପ୍ରାଥମିକତା ଭିତ୍ତିରେ ସମସ୍ତ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ମିଳିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ବିଶାଲ ସିଂ, କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚଡି ଧନରାଜ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରପ୍ରିୟା ନାଏକ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିନୋଦ ବିହାରୀ ମିଶ୍ର, ଚମ୍ପୁଆ ଏସଡିପିଓ ରଶ୍ମିରଞ୍ଜନ ସାହୁ, ସ୍ଥାନୀୟ ବିଡିଓ ହୃଦାନନ୍ଦ ଅଡା, ତହସିଲଦାର ରୋହିତ ବାଗ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ରହିଥିଲେ।



ସକାଳ THE SAKALA
ମଙ୍ଗଳବାର
୨୬ ଅଗଷ୍ଟ ୨୦୨୫



## ଜଳବନ୍ଦୀରେ ହସନାବାଦ ଓ ଅର୍ଜୁନପୁର

# ଭୋକ ଉପାସରେ ବିତୁଛି ବନ୍ୟା ବିପନ୍ନଙ୍କ ଦିନ





ଅସୁରାଳି,୨୫।୮ (ସମିସ): ବୈତରଣୀ ନଦୀରେ ତୃତୀୟ ଥର ପାଇଁ ବନ୍ୟା ଆସିଛି। ଏହାର ପ୍ରକୋପ ଅନ୍ୟ ୨ଥର ଆସିଥିବା ବନ୍ୟାଠାରୁ ବହୁ ତୀବ୍ର। ଯେଉଁ କାରଣରୁ ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସମସ୍ତଙ୍କ ଘରେ ଅଣ୍ଟାଏ ଲେଖାଏଁ ପାଣି ପଶିଛି। ଯେଉଁଠି ଚାହିଁବ ସେଇଠି ପାଣି। ପଧାନୀ ପଞ୍ଚାୟତର ଉପର ସଇଲ, ହସନାବାଦର ପଞ୍ଚାୟତର ଅସ୍ତକ, ଅନଳ ଡିହ, ମଠସାହି, ବନବାଗ, ତଳ ଅସ୍ତକ ଏବଂ ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା ଏବଂ ସଇଲ ଓ ମମଦୁଲା ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଲୋକମାନେ ଦୁଇ ଓଳି ଗଣ୍ଡେ ଖାଇବା ପାଇଁ ଡହକବିକଳ ହେଉଛନ୍ତି। ଏପଟେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ବ୍ଲକ ପ୍ରଶାସନ ପକ୍ଷରୁ ଶୁଖିଲା ଅଞ୍ଚଳରେ ରହୁଥିବା ଲୋକଙ୍କୁ ଖାଲି ରନ୍ଧା ଖାଦ୍ୟ ଯୋଗାଇ ବାହା ବାହା ସାଉଁଟୁଛନ୍ତି ବୋଲି ଅଭିଯୋଗ ହେଉଛି। ମାତ୍ର ସେପଟେ ଜଳମଗ୍ନ ଅଞ୍ଚଳରେ ଥିବା ମୁନ୍ଦେ ଆହାର ଭାଗ୍ୟରେ ଯୁଟୁନି। ବିଶେଷ କରି ହସନାବାଦ ପଞ୍ଚାୟତର ଅଧିବାସୀ ବେଶୀ ପ୍ରଭାବିତ ହୋଇଛନ୍ତି। ଅଧିକ ବନ୍ୟାସ୍ତର ଥିବା ଯୋଗୁଁ ଏଯାଏଁ କୌଣସି ପ୍ରକାର ସରକାରୀ ସହାୟତା ପହଞ୍ଚି ପାରିନି। ପୁଣି କୋଚିଲା ନଦୀର ମାହାରା କୁଳଠାରେ ବିରାଟ ଘଳିଆ। କିଏ ଏଥିପାଇଁ ଦୋଷୀ କିଏ ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହିସବୁ ପାଇଁ ଜନସାଧାରଣ ଜଳ ସମ୍ପଦ ବିଭାଗକୁ ଦାୟୀ କରିଛନ୍ତି। ମଲ୍ଲିମାହାରା ଓ ଗୌରଙ୍ଗପୁର ଏସ୍କେପ ବନ୍ଦ କରିଦେବାରୁ କିଛି ପଞ୍ଚାୟତ ଉପକୃତ ହୋଇଛନ୍ତି ସତ; କିନ୍ତୁ ହସନାବାଦ, ଅର୍ଜୁନପୁର, ପଧାନି ପ୍ରଭୃତି ପଞ୍ଚାୟତର ଦୁର୍ଦ୍ଦଶା ବଢ଼ିଛି। ଯେଉଁ କାରଣରୁ ଏଠାକାର ଅଞ୍ଚଳବାସୀ ଗୋଟିଏ ବର୍ଷରେ ୩ ଥର ବନ୍ୟାର ସାମ୍ନା କରି ସାରିଲେଣି। ତଥାପି ପ୍ରଶାସନର ଚେତା ପଶୁନି ବୋଲି ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଖୁବ୍ ଶୀଘ୍ର ବନ୍ୟା ପ୍ରଭାବିତ ଅଞ୍ଚଳରେ ଆବଶ୍ୟକୀୟ ସାମଗ୍ରୀ ପହଞ୍ଚାଇବା ସହ ବନ୍ୟାର ସ୍ଥାୟୀ ସମାଧାନ ନ କରାଗଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହି ବନ୍ୟା ଦୁର୍ଘଟଣା ମାନବିକ ଅଧିକାର ଓ ପ୍ରଶାସନିକ ଦାୟିତ୍ୱ ଉପରେ ପ୍ରଶ୍ନ ଉଠାଉଛି। ଏହି ଅଞ୍ଚଳର ଜନତା ପାଇଁ ଏବେ ଅତି ଆବଶ୍ୟକ ହେଉଛି ତ୍ୱରିତ ଉଦ୍ଧାର, ଆହାର, ଔଷଧ ଓ ଜଳ ଯୋଗାଣ ବ୍ୟବସ୍ଥା। ଏହାକୁ ଅବହେଳା ନକରିବାସହ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

### ତୁରନ୍ତ ପଦକ୍ଷେପ ନେବାକୁ ଦାବି



## ପାନୀୟ ଜଳ ସମସ୍ୟା; ପାଣି ଘେରରେ ନଳକୂଅ



ବାରିକପୁର,୨୫।୮ (ସମିସ): ବୈତରଣୀ ନଦୀରେ ବନ୍ୟା ଆସିବା ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ ଅଧୀନ ୫ରୁ ୭ଟି ପଞ୍ଚାୟତ ଅଞ୍ଚଳରେ ବିଭିନ୍ନ ସମସ୍ୟା ସହ କେତେକ ସ୍ଥାନରେ ପାନୀୟ ଜଳ ସମସ୍ୟା ଦେଖାଦେଇଥିବା ଜଣାପଡିଛି। ବିଶେଷ କରି ବିରୋଳୀ, ଷଠଗାଁ, ମାଳଦା, ଜଳହରି, ବାହାଣିଆ, ଟିଖିଲିଆ, ଦାଣ୍ଡକୂଳ, ଶାସନ, ସାରଣା ପ୍ରମୁଖ ସ୍ଥାନରେ ଥିବା ନଳକୂପଗୁଡିକୁ ବନ୍ୟା ପାଣି ଘେରି ରହିଛି। କେତେକ ସରକାରୀ ସମେତ ଘରୋଇ ନଳକୂଅଗୁଡ଼ିକରେ ପରିତ୍ୟକ୍ତ ବନ୍ୟା ଜଳ ମଧ୍ୟ ପ୍ରବେଶ କରିଛି। ଏଥିଯୋଗୁଁ ଜଳ ପ୍ରଦୂଷିତ ହେବାର ଆଶଙ୍କା ଦେଖାଦେଇଛି। ଏହି ସବୁ ଗ୍ରାମଗୁଡ଼ିକରେ ଏବେ ପାନୀୟ ଜଳ ସମସ୍ୟା ଦେଖା ଦେଇଥିବା ସୂଚନା ମିଳିଛି। ଏପରିକି କେତେକ ଦେବାଦେବୀ ପୀଠ, ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ରରେଠାରେ ଥିବା ନଳକୂପଗୁଡିକ ବନ୍ୟା ଜଳ ଦ୍ୱାରା ପ୍ରଭାବିତ ହୋଇଛି। ତେଣୁ ସ୍ୱଚ୍ଛ ପାନୀୟ ଜଳ ପାଇଁ ଏହି ସବୁ ସ୍ଥାନଗୁଡିକରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି; ୨ ଅଟକ

ତିହିଡି,୨୫।୮ (ସମିସ): ତିହିଡି ଥାନା ଅନ୍ତର୍ଗତ ଦୋଳସାହି ବଜାରରେ ଥିବା ଜାଗା କାଳିଆ ଜୁଏଲର୍ସରୁ ସୁନା, ରୂପା ସହ ନଗଦ ଟଙ୍କା ଚୋରି ହୋଇଛି। ସୂଚନାନୁଯାୟୀ, ଡ୍ରିଲ ମେସିନ ସାହାଯ୍ୟରେ ଦୋକାନ ର ପଛପଟୁ ଇଟା କାନ୍ଥ କାଟି ବିଳମ୍ବିତ ରାତିରେ ଏହି ଚୋରି ହୋଇଛି। ସିସିଟିଭିରେ ଚୋରମାନଙ୍କ ଭିଡିଓ କଏଦ ହୋଇଛି। ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ ପହଞ୍ଚି ତନାଘନା ଆରମ୍ଭ କରିଛି। ଅନ୍ୟପକ୍ଷରେ ପୁଲିସ ୨ଜଣଙ୍କୁ ଅଟକ ରଖି ପଚାର ଉଚାର କରୁଛି। ସେପଟେ ଦୋକାନୀ ମାଲିକ କହିଛନ୍ତି ପାଖ ଦୋକାନି ଆଜି ସକାଳେ ଏହି ଚୋରି ନେଇ ଖବର ଦେଇଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ ୫ ଲକ୍ଷ ଟଙ୍କାର ସୁନା ୨୯ ଗ୍ରାମ ରୁପା ୧ଶହ ୮୦୦ ଗ୍ରାମ ପାଖାପାଖି ସୁନା ରୁପା ଚୋରି ହୋଇଛି।

## ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଭିନ୍ନକ୍ଷମ ଉପକରଣ ବଣ୍ଟନ

ଭଣ୍ଡାରିପୋଖରୀ/ବାରିକପୁର,୨୫।୮ (ସମିସ): ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୋମବାର ଭିନ୍ନକ୍ଷମ ଉପକରଣ ବିତରଣ କରାଯାଇଛି। କାର୍ଯ୍ୟାଳୟର ଭିନ୍ନକ୍ଷମ ଅର୍ନ୍ତନିବେଶୀ ଶିକ୍ଷା ବିଭାଗ ଆନୁକୂଲ୍ୟରେ ହାରାମଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଡଃ ପ୍ରଫୁଲ ସାହୁ ୪୯ ଜଣ ଛାତ୍ରଛାତ୍ରୀଙ୍କୁ ଟ୍ରାଇ ସାଇକଲ, ହୁଇଲ ଚେୟାର, ଶ୍ରବଣ ଯନ୍ତ୍ର, ଆଶାବାଡି, ଟିଏଲଏମ କିଟ ଆଦି ବିତରଣ କରିଥିଲେ। ଏଥିରେ ଗୋଷ୍ଠୀ ଶିକ୍ଷା ସଂଯୋଜକ ଅକ୍ଷୟ ଜେନା, ମନୋହରପୁର ସରକାରୀ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରସନ୍ନ ରଥ, ସମ୍ବଳ ଶିକ୍ଷକ ରଶ୍ମିରଞ୍ଜନ ଦାସ, ସନାତନ ପଣ୍ଡା, ମନସ୍ୱିନୀ ଦାଶ, ଶିକ୍ଷା ସଂଯୋଜକ ବିଶ୍ୱରଞ୍ଜନ ଶେଣ୍ଠ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଖବର ପ୍ରକାଶ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ: ଆନ୍ଦୋଳନ ପାଇଁ ସଜବାଜ

ଧାମନଗର,୨୫।୮ (ସମିସ): ଧାମନଗର ବଜାରଠାରୁ ଧାମନଗର ଛକ ପର୍ଯ୍ୟନ୍ତ ରାସ୍ତା ଖାଲଖମା ହେବା ସହିତ ମରଣଯନ୍ତା ପାଲଟିଛି। ଫଳରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ଏପରିକି ଧାମନଗରରୁ ଭଦ୍ରକ ଏବଂ କଟକ ବଡ଼ ଡାକ୍ତରଖାନାକୁ ଆମ୍ବୁଲାନ୍ସରେ ରୋଗୀ ଯାଉଥିବା ବେଳେ ଖାଲଖମା ଓ ଅତି ଖରାପ ରାସ୍ତାଟି ପାଇଁ ବିଳମ୍ବ ମଧ୍ୟ ହେଉଛି। ତେଣୁ ରୋଗୀ ଠିକ ସମୟରେ ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ନ ପାରି ମୃତ୍ୟୁମୁଖରେ ପଡୁଛନ୍ତି। ଏହି ରାସ୍ତାରେ ଲୋକମାନେ ବ୍ଲକ, ତହସିଲ ଓ ଏନଏସି, କାର୍ଯ୍ୟାଳୟ ଏବଂ ଥାନା, ଡାକ୍ତରଖାନା, କୋର୍ଟ ଏବଂ ଆଦର୍ଶ ବିଦ୍ୟାଳୟ, ଅବକାରୀ ଥାନା ଓ ଦମକଳ ଯିବା ପାଇଁ ଏବଂ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ବିଧାୟକଙ୍କ ପାଖରେ ଖବର ଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉନାହାନ୍ତି। ତେଣୁ ଯଥାଶୀଘ୍ର ରାସ୍ତାର ନିର୍ମାଣ ନ ହେଲେ ଲୋକେ ରାସ୍ତା ଅବରୋଧ କରିବେ ବୋଲି ସଜବାଜ ହେଲେଣି।

## ଡକାୟତି ଗ୍ୟାଙ୍ଗର ୬ ସଦସ୍ୟ ଗିରଫ, ପିସ୍ତଲ ଜବତ

ଭଦ୍ରକ,୨୫।୮ (ସମିସ): ଭଦ୍ରକ ଟାଉନ ପୁଲିସ ଏକ ଡକାୟତ ଗ୍ୟାଙ୍ଗର ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରୁଛି। ରବିବାର ରାତିରେ ପାଟ୍ରୋଲିଂ ବେଳେ ବନ୍ତଛକ ନିକଟରେ ୬ ଜଣଙ୍କୁ ଦେଖି ପୁଲିସ ସେମାନଙ୍କୁ ଧରିବାକୁ ଗଲାବେଳେ ୩ ଜଣ ଖସି ପଳାଇ ଯାଇଥିଲେ। ୩ ଜଣଙ୍କୁ ପୁଲିସ ଧରିଥିବା ବେଳେ ସେମାନଙ୍କ ବୟାନ କ୍ରମେ ପୁଲିସ ଅନ୍ୟ ତିନିଜଣଙ୍କୁ ରାତିରେ ଡଗରାସାହିରେ ଗିରଫ କରିଥିଲା। ସେମାନଙ୍କ ପାଖରେ ଥିବା ଏକ ଏଟିଏମ ଡଷ୍ଟବିନରେ ଲୁଚାଇଥିବା ପିସ୍ତଲକୁ ମଧ୍ୟ ପୁଲିସ ଜବତ କରିଛି। ଗିରଫ ୬ଜଣ ହେଲେ ସୋରୋ ଅଞ୍ଚଳର ସୁକାନ୍ତ ସେଠୀ, ରାଜୀବ ନାୟକ, ସଞ୍ଜୟ ଦଳେଇ, ବିଶ୍ୱନାଥ ଦାଶ, ଏସକେ ଅନିଫ ଓ ଏସକେ ସମରାଜ।

## ସ୍ୱାମୀ ଗୁଳି ମାଡ଼ରେ ସ୍ତ୍ରୀ ଗୁରୁତର

ବନ୍ତ/ଆଗରପଡ଼ା,୨୫।୮ (ସମିସ): ବନ୍ତଥାନା ଅଧୀନ ବାଙ୍ଗରପଦୀ ଗାଁରେ ସ୍ୱାମୀ ଗୁଳି ମାଡ଼ରେ ସ୍ତ୍ରୀ ଗୁରୁତର ହୋଇ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିବାର ଜଣାପଡ଼ିଛି। କୌଣସି ଘଟଣାକୁ ନେଇ କଥା କଟାକଟି ପରେ ସ୍ୱାମୀ ନିଜର ସ୍ୱୀକୃତି ପ୍ରାପ୍ତ ବନ୍ଧୁକ ସାହାଯ୍ୟରେ ନିଜ ସ୍ତ୍ରୀଙ୍କୁ ଗୁଳି ମାଡ଼ କରିଥିଲେ ବୋଲି କୁହାଯାଉଛି। ଅପରପକ୍ଷରେ ମାଙ୍କଡ଼ ଘଉଡ଼ାଇବାକୁ ଯାଇ ସ୍ୱାମୀ ଗୁଳି ମାଡ଼ କରୁଥିବା ସମୟରେ ଭୁଲ୍ ବଶତଃ ଗୁଳି ବାଜିଥିବା ଗୁରୁତର ସ୍ତ୍ରୀ ପ୍ରକାଶ କରିଛନ୍ତି। ଖବରପାଇ ବନ୍ତ ପୁଲିସ୍ କଟକସ୍ଥିତ ବଡ଼ ଡାକ୍ତରଖାନାରେ ପହଞ୍ଚି ଯାଞ୍ଚ କରିଥିବା ବେଳେ ଜିଲ୍ଲା ପୁଲିସର ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ତେବେ ସ୍ଥାନୀୟ ଅଞ୍ଚଳର ଭିନ୍ନ ଭିନ୍ନ ପ୍ରତିକ୍ରିୟା ଯୋଗୁଁ ଅନେକ ସନ୍ଦେହ ଘନୀଭୂତ ହୋଇଛି। ପ୍ରକୃତ ଘଟଣା ଅସ୍ପଷ୍ଟ ରହିଛି। ପୁଲିସର ତଦନ୍ତ ଶେଷ ହେବାପରେ ସତ୍ୟାସତ୍ୟ ଲୋକଲୋଚନକୁ ଆସିବ।

## ସମସ୍ୟା ଘେରରେ ରାମନାରାୟଣ ଉଚ୍ଚ ବିଦ୍ୟାଳୟ

ଦୋଳସାହି,୨୫।୮ (ସମିସ): ତିହିଡି ବ୍ଲକ୍ ଅଧୀନ ଦୋଳସାହି ସ୍ଥିତ ସରକାରୀ ରାମନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରତିଭା ମଉଳି ଯାଉଥିବା ଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପୁରାତନ ତଥା ପ୍ରତିଷ୍ଠିତ ବିଦ୍ୟାଳୟର ଅନେକ ସମସ୍ୟାର ଦୀର୍ଘ ବର୍ଷ ଧରି ସମାଧାନ ହୋଇ ପାରୁନଥିବା ଅଭିଯୋଗ ହେଉଛି। ସୂଚନାନୁଯାୟୀ, ଦୋଳସାହି ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନଥିବା ସହ ୩ ଜଣ କଳା ଶିକ୍ଷକ ଆବଶ୍ୟକ ଥିଲା ବେଳେ ୨ ଜଣ କଳା ଶିକ୍ଷକ ନଥିବା ସହ ଷଷ୍ଠ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୮ ଜଣ ଷ୍ଟାଫ୍ କମ୍ ଥିବା ଜଣାପଡିଛି। ସେହିପରି ଏହି ବିଦ୍ୟାଳୟରେ ଗୋଟିଏ ଶ୍ରେଣୀରେ ୧୩୦ଜଣ ଛାତ୍ରଛାତ୍ରୀ ଜାକିଜୁକି ହୋଇ ଅଧୟନ କରୁଥିବା ବେଳେ ଚାରୋଟି ନୂତନ ଶ୍ରେଣୀ ଗୃହ ର ଆବଶ୍ୟକତା ଥିବା ଜଣାଯାଇଛି। ଏଥିସହ ବିଦ୍ୟାଳୟ ଖେଳ ପଡ଼ିଆ ପାଚେରୀ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେଉନଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଥିଲା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚାର୍ଜରେ ସୟଦା ସାଦବ୍ ସିରିଙ୍ଗ ଥିବା ଜଣାଯାଇଛି।

### ନାହାନ୍ତି ପ୍ରଧାନଶିକ୍ଷକ ଓ କଳା ଶିକ୍ଷକ

## ବନ୍ତକୁ ଏନ୍‌ଏସି ଘୋଷଣା ଦାବିରେ ବୈଠକ

ବନ୍ତ/ଆଗରପଡ଼ା,୨୫।୮ (ସମିସ): ଭଦ୍ରକ ଜିଲ୍ଲା ବନ୍ତକୁ ଏନଏସି ଘୋଷଣା କରିବା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିବା ବେଳେ ରାଜ୍ୟ ସରକାର ୭ ଜିଲ୍ଲାରେ ୧୨ ନୂଆ ଏନଏସି ଘୋଷଣା କରିଥିବା ବେଳେ ବନ୍ତ ଏଥିରୁ ବାଦ ପଡିଛି। ଏନେଇ ବନ୍ତ ସରସ୍ୱତୀ ଶିଶୁମନ୍ଦିରରେ ଦଳମତ ନିର୍ବିଶେଷରେ ବିଭିନ୍ନ ଦଳର ନେତୃତ୍ୱଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ହୋଇ ବନ୍ତକୁ ଏନଏସି ଘୋଷଣା ପାଇଁ ଦାବି କରିଥିଲେ। ଗୀତା ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ତଥା ସମାଜସେବୀ ଡ. ମନ୍ମଥ ରାଉଳଙ୍କ ଆବାହକତ୍ୱରେ ବୈଠକ ହୋଇଥିଲା। ବନ୍ତ ସଦର ମହକୁମାରେ ବ୍ଲକ୍, ତହସିଲ, ସବ୍ ରେଜେଷ୍ଟି ଅଫିସ, ଜଳ ସେଚନ ଅଫିସ, ଆରଡିଅଫିସ, ପୋଷ୍ଟ ଅଫିସ, ଥାନା, ଡାକ୍ତରଖାନା ସମେତ ହାଇସ୍କୁଲ ଓ କଲେଜ ଆଦି ରହିଛି। ମାତ୍ର ବିଭିନ୍ନ ବ୍ଲକରେ ଫାଷ୍ଟଟ୍ରାକ୍ କୋର୍ଟ ଖୋଲି ସାରିଥିବା ବେଳେ ଏଠାରେ ତାହା ଖୋଲି ପାରିନାହିଁ। ସମସ୍ତ ସରକାରୀ ଗାଇଡ ଲାଇନ ଅନୁସାରେ ବନ୍ତ ସଦର ମହକୁମା ଏନଏସି ଲାଗି ଯୋଗ୍ୟହୋଇଥିବା ବେଳେ ତାହାକୁ ଅଣଦେଖା କରାଯାଇଛି। ବୈଠକରେ ଉପଦେଷ୍ଟା କମିଟି ଏବଂ କାର୍ଯ୍ୟକାରୀ କମିଟି ଗଠନ କରାଯାଇ ଏସମ୍ପର୍କରେ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ସାଂସଦଙ୍କୁ ଭେଟି ସ୍ମାରକ ପତ୍ର ଦେବା ସହ ରାଜ୍ୟ ବିଜେପିସଭାପତିଙ୍କୁ ଭେଟି ଦାବି ଜଣାଇବା ଲାଗି ନିଷ୍ପରି ହୋଇଥିଲା। ବୈଠକରେ ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ବାରିକ, ଗଣେଶ ପ୍ରସାଦ କରଶର୍ମା, ସମାଜସେବୀ ତ୍ରିଲୋଚନ ପଣ୍ଡା, ଡାକ୍ତର ମୂରଲୀଧର ସୂତାର, ଅକ୍ଷୟ ଜେନା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ହରମୋହନ ବେହେରା, ଯୁବନେତା ସୁବାଷ ଦାସ, ସ୍ମୃତି ରଞ୍ଜନ ସ୍ୱାଇଁ, ଇଂ ଲକି ମାଷ୍ଟର ସ୍ୱାଇଁ, ପରମେଶ୍ୱର ବାରିକ, ବିପିନ ନାୟକ, ଟିଲୋ ସରପଂଚ ସଂଗ୍ରାମ କେଶରୀ ଜେନା, ରମାକାନ୍ତ ପାଣିଗ୍ରାହୀ, ରାଧାକାନ୍ତ ସାହୁ, ମାର୍କଣ୍ଡ ବେହେରା, ସଞ୍ଜୟ କୁମାର ମଜୁମଦାର, ନାରାୟଣ ଚନ୍ଦ୍ର ଲେଙ୍କା, ସେକ୍ ଯାକତ୍ ଅଲ୍ଲୀ, ନାରାୟଣ ଚନ୍ଦ୍ର ସାମଲ, ରମାକାନ୍ତ ଜେନା, ଅଜୟ କୁମାର ପୃଷ୍ଟି, ସୁଧାଂଶୁ ଶେଖର ନାୟକ, ଲକ୍ଷ୍ମୀ ବେହେରା, ଶତ୍ରୁଘ୍ନ ମହାରାଜ, ପ୍ରମୋଦ ଗୋଛାୟତ, ସୀତାରାମ ପତି, ସୁଧାଂଶୁ ଶେଖର ମହାନ୍ତି, ଏଲ.ଅମରଜିତ୍ ସ୍ୱାଇଁ, ପ୍ରଭାତ କୁମାର ଜେନା, ପ୍ରଦ୍ୟୁମ୍ନ ସାହୁ ଉପସ୍ଥିତ ଥିଲେ।

## ଫରେଷ୍ଟରଙ୍କୁ ରେଞ୍ଜରଙ୍କ ଆକ୍ରମଣ ଅଭିଯୋଗ

### 'ଏକ୍ସ'ରେ ଜଣାଇବାରୁ ଘଟଣାର ତଦନ୍ତ କଲେ ଏସ୍‌ଡିପିଓ



Odisha Police
@odisha_police
Follow
Tweet is forwarded to @SpBhadrak for taking necessary action as per law. @igerbalasore

Rasmita Dhal
@DGPOdisha @pccfodisha @ForestDeptt

ଭଦ୍ରକ/ବାସୁଦେବପୁର,୨୫।୮ (ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଅତୁଲ କୁମାର ମହାନ୍ତି ବିଦେଇପୁର ସେକ୍ସନର ଫରେଷ୍ଟର ବିନୋଦ କୁମାର ସିଂଙ୍କୁ ମାଡ଼ମାରି ଜାତିଆଣା ଗାଳିଗୁଲଜ କରିଥିବାର ବାସୁଦେବପୁର ଥାନାରେ ଅଭିଯୋଗ ସହିତ ମୁଖ୍ୟମନ୍ତ୍ରୀ ଓ ପିସିସିଏଫଙ୍କୁ ଟୁଇଟର ଯୋଗେ ଜଣାଇଛନ୍ତି। ଫରେଷ୍ଟର ବିନୋଦ କୁମାର ସିଂ୨୦୨୨ ମସିହାରୁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରି ଆସୁଛନ୍ତି। ବାସୁଦେବପୁର ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଭାବେ ଅତୁଲ କୁମାର ମହାନ୍ତି ଯୋଗ ଦେବା ପରେ ଜଣେ ଆଦିବାସୀ ବର୍ଗର ହୋଇଥିବାରୁ ବିଦେଇପୁର ସେକ୍ସନରୁ ବାହାର କରି ବାସୁଦେବପୁରରେ କାମରେ ଲଗାଇ ନିର୍ଯାତନା ଦେଉଥିଲେ ବୋଲି ଅଭିଯୋଗ କରିଛନ୍ତି। ଅଗଷ୍ଟ ୧୫ରେ କାଳିଗଦି ଏୟାର ବ୍ଲକ, ପ୍ଲାଣ୍ଟେସନ, କ୍ୟାମ୍ପ ସ୍କିମରେ ଖର୍ଚ୍ଚ ହୋଇଥିବା ଅର୍ଥ ଫରେଷ୍ଟର ବିନୋଦ କୁମାର ସିଂ ରେଞ୍ଜରଙ୍କୁ ମାଗିଥିଲେ। ରେଞ୍ଜର ଅର୍ଥ ଦେବା ପରିବର୍ତ୍ତେ ମାଡ଼ମାରି ଜାତିଆଣା ଗାଳିଗୁଲଜ କରିଥିଲେ ବୋଲି ସେ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ଫରେଷ୍ଟର ନ୍ୟାୟ ପାଇବା ପାଇଁ ଏସପି, ଜିଲ୍ଲାପାଳ, ଡିଆଇଜି, ଡିଜିପି, ପିସିସିଏଫ, ବନ ବିଭାଗ, ମନ୍ତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟରରେ ନ୍ୟାୟ ଭିକ୍ଷା କରିଛନ୍ତି। ବାସୁଦେବପୁର ଥାନାର କେଶ ନମ୍ବର -୬୨୦/୨୫ ବଳରେ ଭଦ୍ରକ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ ଘଟଣାର ତଦନ୍ତ କରିବାକୁ ବନ୍ୟ ପ୍ରାଣୀ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉଭୟଙ୍କୁ ପଚରାଉଚରା କରିଛନ୍ତି। ଘଟଣାର ସତ୍ୟାସତ୍ୟ ଧରାପଡ଼ିବା ଭୟରେ ବାସୁଦେବପୁର ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟର ଲାଗିଥିବା ସିସିଟିଭିକୁ ଆଜି ତରବରିଆ ଭାବେ ବାହାର କରି ଦିଆଯାଇଥିବା ଜଣାଯାଇଛି। ପ୍ରମାଣ ନଷ୍ଟ କରିବାକୁ ଅପରାହ୍ନରେ ସମସ୍ତ ସିସିଟିଭି ଖୋଲି ଅଚଳ କରି ଦିଆଯାଇଛି ବୋଲି ଅଭିଯୋଗ ହେଉଛି।

## ଏନ୍‌ଏସି ଦାବିରେ ଆଗରପଡ଼ା ବନ୍ଦ ଡାକରା

ବନ୍ତ/ଆଗରପଡ଼ା,୨୫।୮ (ସମିସ): ଜିଲ୍ଲାର ଆଗରପଡାକୁ ଏନଏସି ଘୋଷଣା ଦାବିରେ ଆସନ୍ତା ମଙ୍ଗଳବାର ବନ୍ଦ ଡାକରା ଦିଆଯାଇଛି। ଏନେଇ ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ପଦ୍ମନ ରାୟ, ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ସଭାପତି କୈଳାସ ଚନ୍ଦ୍ର ଧଳ, ଅବସରପ୍ରାପ୍ତ କର୍ମଚାରୀସଂଘ ସଭାପତି ରାମଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକ ସମ୍ମିଳନୀର ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ଏନଏସି ଘୋଷଣା କରିବା ନେଇ ଏଇ ବନ୍ଦ ଡାକରା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଇଞ୍ଜିନିୟର ମଧୁସୂଦନ ସାହୁ, ଉପେନ୍ଦ୍ର ନାଥ ଶତପଥୀ, ରବିନ୍ଦ୍ର ଆଇଚ, ରଞ୍ଜନ କୁମାର ଦାସ, ଆଇନଜୀବୀ ମନୋଜ ରାୟ, ରାମଚନ୍ଦ୍ର ଦାସ, ବରିଷ୍ଠ ନାଗରିକ ସନ୍ତୋଷ ମହାନ୍ତି, ଗୋଲକ ପୃଷ୍ଟି, ଗୋବିନ୍ଦ ସାହୁ, ପିତାମ୍ବର ପତି, ପ୍ରସନ୍ନ ସିଂହ, ସୁବାଷ ପଣ୍ଡା, ପ୍ରଶାନ୍ତ ସିଂହଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।

## ମିଳିତ ଜନ ଅଭିଯୋଗ ଶୁଣାଣି



ତିହିଡି,୨୫।୮ (ସମିସ): ତିହିଡି ବ୍ଲକ୍ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟତ ରାସନ କାର୍ଡ, ଆବାସ ଯୋଜନା, ଚାଷୀଙ୍କୁ ସାର ଯୋଗାଇବ, ଭତା ଆଦି ପ୍ରସଙ୍ଗରେ ଅଭିଯୋଗ ଆଗତ ହୋଇଥିଲା। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ଉମାପ୍ରସାଦ ବିଶ୍ୱାଳ, ତିହିଡି ବିଡ଼ିଓ ନିରଞ୍ଜନ ବାରିକ, ତହସିଲଦାର ନମିତା ଧଳ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ମୋଟ ୯୭ ଅଭିଯୋଗ ଆଗତ ହୋଇଥିଲା।

## ଜଲେଶ୍ୱରପୁର ପଞ୍ଚାୟତରେ କଂଗ୍ରେସର ବୈଠକ

ଭଦ୍ରକ,୨୫।୮ (ସମିସ): ରାଜ୍ୟ ସଭାପତି ଭକ୍ତ ଦାସଙ୍କ ଦିଗଦର୍ଶନରେ ଶକ୍ତିଶାଳୀ ହେଉଛି କଂଗ୍ରେସ। ଦଳ ଛାଡି ଥିବା ନେତା ଓ କର୍ମୀଙ୍କୁ ଦଳକୁ ଫେରାଇ ଆଣିବା ସହ ଅନ୍ୟ ଦଳର ଅସନ୍ତୁଷ୍ଟଙ୍କୁ ଦଳରେ ସାମିଲ କରି ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ଚଳାଇଛି। ଚାନ୍ଦବାଲିରେ କଂଗ୍ରେସର ବରିଷ୍ଠ ନେତା ଅମୀୟ ମହାପାତ୍ର, ଦିଗମ୍ବର ଦାସ ଓ ସତ୍ୟାନନ୍ଦ ରାଉତ,ମନୋଜ ବିଶ୍ୱାଳ ପ୍ରମୁଖ ତୃଣମୂଳ ସ୍ତରରୁ ଦଳକୁ ସୁଦୃଢ କରିବାରେ ଲାଗିପଡିଛନ୍ତି। ଚାନ୍ଦବାଲି ବ୍ଲକରେ ଜଲେଶ୍ୱରପୁର ପଞ୍ଚାୟତରେ ଦଳକୁ ମଜବୁତ କରିବା ପାଇଁ ସଭାପତି ଭାବେ ଯୁବନେତା ହିମାଂଶୁ ନାୟକ ଓ ଯୁବ ସଭାପତି ଭାବେ ରତିକାନ୍ତ ପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ଚତୁର୍ଭୁଜ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏକ ସଭାରେ ଜଲେଶ୍ୱରପୁର ସେବା ସମବାୟ ସମିତିର ସଭାପତି ସୁଦର୍ଶନ ମାହୁନ୍ତ, ଶକ୍ତିପ୍ରତାପବିଶ୍ୱାଳ, ବ୍ଲକସଭାପତି ବୈଲୋଚନପଣ୍ଡା, ବରିଷ୍ଠନେତା ରମେଶନାୟକ, ରାଜେନ୍ଦ୍ର ଭଳ, ଶିବ ମହାନ୍ତି, ବିଜୟବଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ୟ ଦଳ ଛାଡି ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ପରିବାର କଂଗ୍ରେସରେ ପରିବାରରେ ସାମିଲ ହୋଇଥିଲେ ବରିଷ୍ଠ ନେତା ମାନେ ସମସ୍ତ ନବାଗତ ମାନଙ୍କୁ ଦଳୀୟ ଉତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।

## ସହରରେ ଗଣେଶ ପୂଜା ଓ ଭସାଣି ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



- ଡିଜେ ବନ୍ଦ ଓ ପାରମ୍ପରିକ ବାଦ୍ୟ ଉପରେ ଗୁରୁତ୍ୱ
- ସୋସିଆଲ ମିଡିଆରେ ଅପପ୍ରଚାର ବନ୍ଦ ଉପରେ ଅଙ୍କୁଶ
- ପୂଜାସାମଗ୍ରୀ ପ୍ରାକୃତିକ ଜଳାଶୟରେ ନ ପକାଇବାକୁ ବାରଣ

ଭଦ୍ରକ,୨୫।୮ (ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଗଣେଶପୂଜା ଓ ଭସାଣି ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ବୈଠକରେ ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଲ, ତହସିଲଦାର ଭଦ୍ରକ ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ସମେତ ଶାନ୍ତି କମିଟିର ସଦସ୍ୟ, ହିନ୍ଦୁ ସୁରକ୍ଷା ସମିତି ଏବଂ ବୁଢ଼ା ଗଣେଶ, ଟୋକା ଗଣେଶ, ପିଲା ଗଣେଶ, ଛୁଆ ଗଣେଶ, କାଞ୍ଚନ ଗଣେଶ ଏବଂ ଗଜାନନ ପୂଜା କମିଟିର ସଭାପତି/ ସମ୍ପାଦକମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ଗଣେଶ ପୂଜା ଏବଂ ଭସାଣି ଶୋଭାଯାତ୍ରା କିପରି ଶାନ୍ତିଶୃଙ୍ଖଳା, ଭାଇଚାରାର ସହ ସହରରେ ପାଳନ କରାଯିବ ସେଥିପାଇଁ ଜିଲ୍ଲାପାଳ ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ କାମନା କରିଥିଲେ। ଡେପୁଟି କଲେକ୍ଟର କମିଟିର ସମସ୍ତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହିତ ବୈଠକର ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ହିନ୍ଦୁ ସୁରକ୍ଷା ସମିତି, ସଭାପତି/ ସମ୍ପାଦକ, ମୁସଲିମ୍ ଜମାତ୍, ଭଦ୍ରକ ଏବଂ ଶାନ୍ତି କମିଟିର ସଭ୍ୟମାନେ ପୂଜା ପାଇଁ ସେମାନଙ୍କର ଯୋଜନା ବିଷୟରେ ଅବଗତ କରାଇଥିଲେ। ଗଣେଶ ପୂଜାର ସୁପରିଚାଳନା ପାଇଁ ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ ଉପସ୍ଥିତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇବାସହ ପ୍ରଶାସନର ସହଯୋଗ ଲୋଡିଥିଲେ। ମୁସଲିମ ଜମାତ, ଭଦ୍ରକର ଉପସଭାପତି ସେକ ମହମ୍ମଦ ଜକାଉଲ୍ଲା ଆଲୋଚନାରେ ଅଂଶଗ୍ରହଣ କରି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଗଣେଶ ପୂଜା ଶାନ୍ତିପୂର୍ଣ୍ଣ ଭାବରେ ପାଳନ କରିବା ପାଇଁ ସେମାନେ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ବୈଠକରେ ଆଶ୍ୱାସନା ଦେଇଥିଲେ। ଭସାଣି ଶୋଭାଯାତ୍ରାରେ ଉପସ୍ଥିତ ରହି ପ୍ରଶାସନ ତଥା ବିଭିନ୍ନ ଗଣେଶ ପୂଜା କମିଟିକୁ ପୂର୍ଣ୍ଣମାତ୍ରାରେ ସହଯୋଗ କରିବେ। ଚଳିତ ବର୍ଷ ଗଣେଶପୂଜା ଓ ଭସାଣିରେ ଡିଜେର ବ୍ୟବହାର ସଂପୂର୍ଣ୍ଣ ବନ୍ଦ କରାଯିବା ସହିତ ସୋସିଆଲ ମିଡିଆରେ ଯେପରି କୌଣସି ସଂପ୍ରଦାୟକୁ ଆକ୍ଷେପ କିମ୍ବା ଗୁଜବ ପ୍ରଚାର ନକରିବା ଦିଗରେ ଦୃଢ ପଦକ୍ଷେପ ନିଆଯିବ ବୋଲି ଆଲୋଚନା କରାଯାଇଛି। ପୂଜାମଣ୍ଡପଗୁଡିକ ବୈଦ୍ୟୁତିକ ବିଭାଗ ଓ ଅଗ୍ନିଶମ ବିଭାଗରୁ ଅନୁମତି ଆଣି ସଂପୃକ୍ତ ଥାନା ଅଧିକାରୀଙ୍କୁ ପୂଜା ଆଗରୁ ପ୍ରଦାନ କରିବେ। ପାର୍ବଣରେ ବ୍ୟବହୃତ ପୂଜାସାମଗ୍ରୀ ଓ ପ୍ରତିମା ଆଦି ପ୍ରାକୃତିକ ଜଳାଶୟରେ ନପକାଇବା ଉପରେ ଆଲୋଚନା ହୋଇଛି। ନଦୀଘାଟ ନିକଟରେ କୃତ୍ରିମ ଜଳାଶୟ କରି ପ୍ରତିମା ବିସର୍ଜନ କରାଯିବ ଏବଂ ବାସିଫୁଲ, ଫଳ, ପତ୍ର ଓ ପ୍ରସାଦକୁ ଜୈବିକ ସାରରେ ପରିଣତ କରିବାକୁ ବ୍ୟବସ୍ଥା କରାଯିବ। ସହରରେ ରାସ୍ତାଘାଟର ମରାମତି, ଆଲୋକୀକରଣ, ଜଳ, ପରିମଳ ବ୍ୟବସ୍ଥା, ସହରରେ ନିରବଚ୍ଛିନ ବିଦ୍ୟୁତ ଯୋଗାଣ, ବେଆଇନ ମାଦକ ଦ୍ରବ୍ୟ ଉପରେ କଟକଣା, ଅଗ୍ନିଶମ ବିଭାଗ ସେବାର ସୁବିନିଯୋଗ, ଯାନବାହନ ଚଳାଚଳ ନିୟମକୁ କଡାକଡି ପାଳନ କରିବା ଏବଂ ଡାକ୍ତରୀ ସେବା ସହିତ ଆମ୍ବୁଲାନ୍ସ ଏବଂ ମେଡିକାଲ ଟିମର ବ୍ୟବସ୍ଥା ଉପରେ ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ, ରୋଟାରିଆନ ତଥା ଶାନ୍ତି କମିଟିର ସଦସ୍ୟ ଅତିଶ ବେହେରା, ସମାଜସେବୀ ସୁଧାକର ରାଉତ, ଏସଏମ ଫାରୁକ, ଗଣେଶ ପୂଜା ଓ ଭସାଣି ଶୋଭାଯାତ୍ରାକୁ ଶୃଙ୍ଖଳିତ ଭାବେ ପାଳନ କରାଯିବା ନିମନ୍ତେ ଦିଗଦର୍ଶନ ପ୍ରଦାନ କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ମୂର୍ତ୍ତି ବିସର୍ଜନ ବେଳେ ଯେପରି କିଛି ଅଘଟଣ ନଘଟେ ବୋଲି ଶାନ୍ତି କମିଟିର ସଦସ୍ୟ ଅତିଶ ବେହେରା ପ୍ରକାଶ କରିଥିଲେ। ଏଥିରେ କୌଣସି ଛାତ୍ରଛାତ୍ରୀଙ୍କୁ ଜଡ଼ିତ କରାଯିବ ନାହିଁ ବୋଲି ଆରକ୍ଷୀ ଅଧୀକ୍ଷକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାସ୍ତାକୁ ଆରପାର କରି କୌଣସି ତୋରଣ କରାଯିବ ନାହିଁ, ଲାଉଡ ସ୍ପିକର ପାଇଁ ଉପଜିଲ୍ଲାପାଳ, ଭଦ୍ରକ ଓ ମାର୍ଗ ଅନୁମତି ପାଇଁ ସଂପୃକ୍ତ ଥାନା ଅଧିକାରୀଙ୍କ ପାଖରୁ ଅନୁମତି ନେବା ନେଇ ସ୍ଥିର କରାଯାଇଛି। ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ମିଳିତ ଭାବରେ ଭସାଣିର ତାରିଖ ଘୋଷଣା କରିଛନ୍ତି। ସେପ୍ଟେମ୍ବର ୨୧ତାରିଖରେ ଗଜାନନ ପୂଜା କମିଟି, ୨୨ରେ କାଞ୍ଚନ ଗଣେଶ ପୂଜା କମିଟି, ପିଲା ଗଣେଶ ପୂଜା କମିଟି ୨୩ ତାରିଖ, ଛୁଆ ଗଣେଶ ପୂଜା କମିଟି ୨୫ତାରିଖ, ବୁଢ଼ା ଗଣେଶ ପୂଜା କମିଟି ୨୬ତାରିଖ, ଟୋକା ଗଣେଶ ପୂଜା କମିଟି ୨୭ତାରିଖକୁ ଘୋଷଣା ହୋଇଛି। ଏହାବାଦ ଜିଲ୍ଲାରେ ହେଉଥିବା ଅନ୍ୟ ପୂଜା କମିଟିମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ସେପ୍ଟେମ୍ବର ୨ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୭ ରୁ ୧୨ ତାରିଖ ମଧ୍ୟରେ ମୂର୍ତ୍ତି ବିସର୍ଜନ କରିବେ ବୋଲି ସିଦ୍ଧାନ୍ତ ହୋଇଛି। ଶେଷରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ (ରାଜସ୍ୱ) ଧନ୍ୟବାଦ ଅର୍ପଣ କରିଥିଲେ।

## ଗଜାନନଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ

ମାର୍ଶାଘାଇ,୨୫।୮ (ସମିସ): ଦିନକ ପରେ ଗଣେଶ ଚତୁର୍ଥୀ। ବିଘ୍ନ ବିନାଶକ ଗଜାନନଙ୍କ ପୂଜା। ମାର୍ଶାଘାଇ କୁମ୍ଭାର ସାହିର ଶିଳ୍ପୀ ଗଜାନନଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେବାରେ ବ୍ୟସ୍ତ।



ଚଳିତ ବର୍ଷ ଅଧିକ ଦିନ ବର୍ଷା ଲାଗି ରହିଥିବାରୁ ମାଟିରେ ମୂର୍ତ୍ତି ଗଢିବାଠାରୁ ଆରମ୍ଭ କରି ରଙ୍ଗ କାମ କରିବାକୁ ବହୁତ କଷ୍ଟ ହୋଇଛି। ତଥାପି ସଠିକ ସମୟରେ ପୂଜାମଣ୍ଡପକୁ ମୂର୍ତ୍ତି ଦେବାକୁ ଆମେ ଦିନରାତି ଲାଗି ପଡିଛୁ ବୋଲି ଶିଳ୍ପୀ କୈଳାସ ଚନ୍ଦ୍ର ବେହେରା କହିଛନ୍ତି। ଏହି ଗ୍ରାମରେ କୋଡିଏରୁ ଅଧିକ ବଡ଼ ବଡ଼ ମୂର୍ତ୍ତି ଗଢିବା ଶିଳ୍ପୀ ରହିଛନ୍ତି। ୪୦ରୁ ଅଧିକ ଶିଳ୍ପୀ ପରିବାରର ସଦସ୍ୟ ଛୋଟ ଛୋଟ ମୂର୍ତ୍ତି ତିଆରି କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ସମେତ ପାରାଦୀପ, ଜଗତସିଂହପୁର, ତିର୍ତ୍ତୋଲ, କୁଜଙ୍ଗ, ଚଣ୍ଡିଖୋଲ, ଯାଜପୁର ଆଦି ଅଞ୍ଚଳକୁ ଏଠାରୁ ମୂର୍ତ୍ତି ଯାଇଥାଏ। ଲଙ୍ଗୁଳି ଚରଣ ବେହେରା, ରଂଜନ କୁମାର ବେହେରା, ସୁନୀଲ ବେହେରା, ସୁବାସ ଚନ୍ଦ୍ର ସାହୁ, କଣ୍ଠ ବେହେରା, ଗୋପୀନାଥ ବେହେରା, ରାମଚନ୍ଦ୍ର ବେହେରା, ଜିତେନ୍ଦ୍ର ବେହେରା, ସର୍ବେଶ୍ୱର ବେହେରା ପ୍ରମୁଖ ଶିଳ୍ପୀ ଗଜାନନଙ୍କ ମୂର୍ତ୍ତି ତିଆରିରେ ଲାଗିପଡ଼ିଛନ୍ତି।

## କର୍କଟ ପୀଡ଼ିତ ଛାତ୍ରୀଙ୍କୁ ସହାୟତା



ଡେରାବିଶ,୨୫।୮ (ସମିସ): ଡେରାବିଶ ବ୍ଲକ୍ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ନହଙ୍ଗ ଗ୍ରାମର ପ୍ରମୋଦ ସାହୁଙ୍କ ଝିଅ ଚିନ୍ମୟୀ (୧୫) ବର୍ଷେ ଧରି ଦୁରାରୋଗ କର୍କଟରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଛନ୍ତି। ତାଙ୍କ ବାପା ଗରିବ ଶ୍ରେଣୀର ଲୋକ ହୋଇଥିବାବେଳେ ପ୍ରଥମେ ଚିନ୍ମୟୀଙ୍କ ଚିକିତ୍ସା ସ୍ୱାସ୍ଥ୍ୟ ବୀମା କାଡର୍‌ରେ କରାଯାଇଥିଲା। ସରକାରଙ୍କ ସ୍ୱାସ୍ଥ୍ୟବୀମା କାଡର୍‌ରୁ ଟଙ୍କା ସରିଯିବା ପରେ ପ୍ରମୋଦ ବହୁ କଷ୍ଟରେ ଝିଅର ଚିକିତ୍ସା ଖର୍ଚ୍ଚ ବହନ କରୁଥିଲେ। ଏ ସମ୍ପର୍କରେ ଖବର ପାଇ ସମାଜସେବୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ ନହଙ୍ଗ ଗ୍ରାମରେ ପହଞ୍ଚି ଚିନ୍ମୟୀ ଓ ତାଙ୍କ ପରିବାରକୁ ସମବେଦନା ଜଣାଇବା ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଶ୍ରୀ ରାଉତଙ୍କ ସହ ନାରାୟଣ ସାହୁ, ଶଙ୍କର ସେଠୀ, ଅନ୍ନପୂର୍ଣ୍ଣା ସାହୁ, ଅମର ମଲିକ, ଶ୍ରୀଧର ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ପୌର ପରିଷଦର ସଚେତନତା ଶୋଭାଯାତ୍ରା

ପଟ୍ଟାମୁଣ୍ଡାଇ,୨୫।୮ (ସମିସ): ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ବର୍ଜ୍ୟବସ୍ତୁ ସୁପରିଚାଳନା ଓ ପାଇଖାନା ଟାଙ୍କି ସଫା ରଖି ସ୍ୱଚ୍ଛ ଓ ନିର୍ମଳ ପରିବେଶ ସୃଷ୍ଟି ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାକୁ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ଓ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ ଉଦଘାଟନ କରିଥିଲେ। ଏହି ଶୋଭାଯାତ୍ରା ପଟ୍ଟାମୁଣ୍ଡାଇ ସହର ସମେତ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲା। ଏହି କାର୍ଯ୍ୟକ୍ରମକୁ ସ୍ୱଚ୍ଛ ସାଥୀ ସୁପରଭାଇଜର ପୁଷ୍ପାଞ୍ଜଳି ପାତ୍ର, ପୌର ପରିଷଦ ସାନିଟାରୀ ଇନ୍‌ସପେକ୍ଟର ପ୍ରଫୁଲ୍ଲ ଦାଶ, ସରୋଜ ପଣ୍ଡା, ତପସ୍ୱିନୀ ଦାଶ, ଗଙ୍ଗାଧର ନାୟକ, ଗଣେଶ ଦାଶ, ମନୋରଞ୍ଜନ ଦାଶ ଓ ହୃଷିକେଶ ନାଥ ପରିଚାଳନା କରିଥିଲେ।

## ଖରସ୍ରୋତାରେ ବନ୍ୟା; ପେତପଡ଼ା ଗାଁ ଜଳବନ୍ଦୀ



ଗୋବିନ୍ଦପୁର, ୨୫।୮ (ସମିସ): ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଖରସ୍ରୋତା ଓ ଏହାର ଶାଖା କାଣୀ ନଦୀରେ ପୁଣି ବନ୍ୟା ଯୋଗୁଁ ଆଳି ଧୋୟାଞ୍ଚଳର ମୁଖ୍ୟ ଗୋବିନ୍ଦପୁର- ମାନପୁର ରାସ୍ତାର ଡିମିରୀପାଳ ନିକଟରେ ବନ୍ୟା ପାଣି ପ୍ରବାହିତ ହେଉଛି। ଫଳରେ ଧୋୟାଞ୍ଚଳ ବ୍ଲକ୍, ଜିଲ୍ଲା ମହକୁମାରୁ ବିଚ୍ଛିନ୍ନ ହୋଇଯାଇଛି। ପେତପଡ଼ା ଗାଁ ଜଳବନ୍ଦୀ ହୋଇଛନ୍ତି। ଗ୍ରାମର ସମସ୍ତ ରାସ୍ତା ବୁଡ଼ିଯାଇଛି। ନଦୀର ଜଳପତ୍ତନ ବୃଦ୍ଧି ପାଉଥିବାରୁ ସମଗ୍ର ଧୋୟାଞ୍ଚଳ ଲୋକେ ଜଳବନ୍ଦୀ ଆଶଙ୍କାରେ ଭୟଭୀତ ହୋଇପଡିଛନ୍ତି।

**ପଟ୍ଟାମୁଣ୍ଡାଇ କଲେଜ ରାସ୍ତା**

# ରାସ୍ତାରେ ଅସଂଖ୍ୟ ଗାଡ଼; ଜମିରହୁଛି ବର୍ଷାପାଣି

ପଟ୍ଟାମୁଣ୍ଡାଇ, ୨୫।୮ (ସମିସ)

ପଟ୍ଟାମୁଣ୍ଡାଇ ସହରର ସବୁଠୁ ବ୍ୟସ୍ତବହୁଳ ଓ ଗୁରୁତ୍ୱପୂର୍ଣ୍ଣ ପଟ୍ଟାମୁଣ୍ଡାଇ କଲେଜ ରାସ୍ତା ଏବେ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ଅସଂଖ୍ୟ ଗାଡ଼ ସୃଷ୍ଟି ହୋଇଛି। ଗାଡ଼ରେ ବର୍ଷା ପାଣି ଜମି ପୋଖରୀର ଭ୍ରମ ସୃଷ୍ଟି କରିଛି। ଫଳରେ ଲୋକେ ଯାତାୟାତରେ ନାନା ସମସ୍ୟା ଭୋଗ କରୁଛନ୍ତି। ଏହା ଦେଖି ମଧ୍ୟ ପ୍ରଶାସନ ଚୁପ୍ ବସିଛି। ଏ ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

### ପୋଖରୀଆପଡ଼ା କେନାଲ ପୁନରୁଦ୍ଧାର ଆବଶ୍ୟକ

### ସବୁ ଦେଖି ପ୍ରଶାସନ ଚୁପ୍



ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ମେଡିକାଲ ଛକଠାରୁ ବକ୍ତାରପୁର ପର୍ଯ୍ୟନ୍ତ ଯାଇଥିବା ଏହି ରାସ୍ତା ସବୁ ଦୃଷ୍ଟିକୋଣରୁ ଅନେକ ଗୁରୁତ୍ୱ ବହନ କରୁଛି। ଏହି ରାସ୍ତାରେ ପଟ୍ଟାମୁଣ୍ଡାଇ କଲେଜ, ଏମଏନ ହାଇସ୍କୁଲ, ଭେଙ୍କଟେଶ୍ୱର ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଦି ଅନେକ ଶିକ୍ଷାନୁଷ୍ଠାନ, ଜଳସମ୍ପଦ ଉପଖଣ୍ଡ କାର୍ଯ୍ୟାଳୟ, କୃଷି ବିଭାଗ କାର୍ଯ୍ୟାଳୟ ଓ ଅବକାରୀ ବିଭାଗ କାର୍ଯ୍ୟାଳୟ ଆଦି ସରକାରୀ ଅଫିସ, ଡିଭାଇନ ପ୍ୟାଲେସ ବିବାହ ମଣ୍ଡପ, ପ୍ରତିଭା କୋଚିଂ ଓ ହଷ୍ଟେଲ, ବିବେକାନନ୍ଦ କୋଚିଂ, ସ୍ମାର୍ଟ କମ୍ପ୍ୟୁଟର ଆଦି ବିଭିନ୍ନ ବେସରକାରୀ ଅନୁଷ୍ଠାନ ରହିଛି। ରାଜନଗର ନିର୍ବାଚନମଣ୍ଡଳୀର ରାଜନଗର ବ୍ଲକର ୨୯ ପଞ୍ଚାୟତ, ପଟ୍ଟାମୁଣ୍ଡାଇ ବ୍ଲକ୍‌ର ୧୯ ପଞ୍ଚାୟତ ଓ ପୌର ପରିଷଦର ୬ଟି ୱାର୍ଡର ଲକ୍ଷାଧିକ ଲୋକ ଓ ହଜାର ହଜାର ସ୍କୁଲ କଲେଜ ଛାତ୍ରଛାତ୍ରୀ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏହି ରାସ୍ତା ପ୍ରଥମେ ମେଡିକାଲ ଛକଠାରୁ ବକ୍ତାରପୁର ପର୍ଯ୍ୟନ୍ତ ରାସ୍ତା ଢଳେଇ କରାଯାଇଥିଲା। ପରବର୍ତ୍ତୀ ସମୟରେ ମେଡିକାଲ ଛକଠାରୁ ଗାୟତ୍ରୀ ବଜାର ପର୍ଯ୍ୟନ୍ତ ରାସ୍ତା ଢଳେଇ ଉପରେ ପିଚୁ କରାଯାଇଥିଲା।

ତେବେ ମେଡିକାଲ ଛକଠାରୁ ରାସ୍ତା ଡାହାଣ ପାଶ୍ୱର୍ରେ ଥିବା ପୋଖରୀଆପଡ଼ା କେନାଲ ବର୍ଷାଦିନେ ସବୁ ପାଣି ଟାଣି ନେଉଥିଲା। ଏହି କେନାଲ ଜବରଦଖଲ ହୋଇ ପୋତି ହୋଇପଡିବା ଫଳରେ ବର୍ଷାଜଳ ନିଷ୍କାସନ ହୋଇପାରିଲାନାହିଁ। ମେଡିକାଲ ଛକଠାରୁ ବକ୍ତାରପୁର ପର୍ଯ୍ୟନ୍ତ ଢଳେଇ ରାସ୍ତା ନିର୍ମାଣ ବେଳେ ବର୍ଷାଜଳ ନିଷ୍କାସନ ପାଇଁ ରାସ୍ତା କଡ଼େ କଡ଼େ ଡ୍ରେନ ନିର୍ମାଣ ପ୍ରସ୍ତାବ ଥିଲେ ମଧ୍ୟ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଏହି ଡ୍ରେନ ନିର୍ମାଣ ନ କରି ରାସ୍ତା ନିର୍ମାଣ ପରେ ଆଉ କୌଣସି ପଦକ୍ଷେପ ନେଲେନାହିଁ। ସମ୍ପ୍ରତି ଅସରାଏ ବର୍ଷା ହେଲେ କଲେଜ ରୋଡ଼ ସମ୍ପୂର୍ଣ୍ଣ ଜଳାର୍ଣ୍ଣବ ହୋଇପଡୁଛି। ସଦା ସର୍ବଦା ପାଣି ଜମି ରହି ଏହି ବ୍ୟସ୍ତବହୁଳ ରାସ୍ତାରେ ଏକାଧିକ ପୋଖରୀ ସୃଷ୍ଟି ହୋଇଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେବା ସହିତ ଅନେକ ସମୟରେ ଟ୍ରାଫିକ ଜାମ ହୋଇ ଦୁର୍ଘଟଣା ଘଟୁଛି। ଏଭଳି ଅବସ୍ଥାରେ ସ୍ଥିତି ସଂଗୀନ ହୋଇପଡ଼ିଥିବାବେଳେ ବୁଲା ଗୋରୁ ରାସ୍ତାରେ ଶୋଇ ରହି ପରିସ୍ଥିତିକୁ ଅଧିକ ଜଟିଳ କରିବାରେ ଲାଗିଛନ୍ତି। ପଟ୍ଟାମୁଣ୍ଡାଇ କଲେଜ ରାସ୍ତାରୁ ସ୍ଥାୟୀ ଭାବେ ଜଳ ନିଷ୍କାସନ ପାଇଁ ପୋଖରୀଆପଡା କେନାଲ ପୁନରୁଦ୍ଧାର ଏକମାତ୍ର ବିକଳ୍ପ ଓ ଅନ୍ୟଥା ସୁଚିନ୍ତିତ ଉପାୟରେ ରାସ୍ତା କଡେ କଡେ ଡ୍ରେନ ନିର୍ମାଣ କରାଗଲେ ଜଳନିଷ୍କାସନ ସମସ୍ୟା ଦୂର ହୋଇପାରିବ। ପଟ୍ଟାମୁଣ୍ଡାଇ ସହରର ଗୁରୁତ୍ୱପୂର୍ଣ୍ଣ ପଟ୍ଟାମୁଣ୍ଡାଇ କଲେଜ ରୋଡ଼ରେ ଏକାଧିକ ପୋଖରୀ ସୃଷ୍ଟି ହୋଇ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଏ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଜନଅସନ୍ତୋଷ ଉଗ୍ରରୂପ ଧାରଣ କରିବା ପୂର୍ବରୁ ପଟ୍ଟାମୁଣ୍ଡାଇ ପ୍ରଶାସନ ଜଳ ନିଷ୍କାସନ ଦିଗରେ ଫଳପ୍ରଦ ପଦକ୍ଷେପ ସହ ରାସ୍ତା ମରାମତି ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଡାକ୍ତରୀ ଟିମ୍ ଦ୍ୱାରା ଚିନ୍ମୟୀଙ୍କ ହେଲା ସ୍ୱାସ୍ଥ୍ୟ ପରୀକ୍ଷା

ଡେରାବିଶ, ୨୫।୮ (ସମିସ): ଡେରାବିଶ ବ୍ଲକ୍ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ନହଙ୍ଗ ଗ୍ରାମର ପ୍ରମୋଦ ସାହୁଙ୍କ ଝିଅ ଚିନ୍ମୟୀ (୧୫) ନିକଟସ୍ଥ କୁରୁଜଙ୍ଗା ଉଚ୍ଚବିଦ୍ୟାଳୟରେ ଦଶମ ଶ୍ରେଣୀରେ ପାଠ ପଢ଼ନ୍ତି। ସେ ଗତ ଏକବର୍ଷ ଧରି କର୍କଟ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଛନ୍ତି। ସରକାରଙ୍କ ସ୍ୱାସ୍ଥ୍ୟବୀମା କାଡର୍‌ରୁ ସମସ୍ତ ଅର୍ଥ ତାଙ୍କ ଚିକିତ୍ସାରେ ଖର୍ଚ୍ଚ ହୋଇସାରିଥିବାବେଳେ ବାପା ଝିଅର ଏହି ବ୍ୟୟବହୁଳ ଚିକିତ୍ସା କରିବା ପାଇଁ ଅସମର୍ଥ ହୋଇପଡ଼ିଛନ୍ତି। ତେବେ ଚିନ୍ମୟୀ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସହାୟତା ପାଇଁ ନିବେଦନ କରିଥିଲେ। ଏହି ଚିଠି ପାଇବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଛାତ୍ରୀଙ୍କ ଚିକିତ୍ସା ପାଇଁ ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗତକାଲି ଡାକ୍ତର ଶ୍ରୀକାନ୍ତ ସ୍ୱାଇଁ ଓ ଡାକ୍ତର ଶ୍ୟାମସୁନ୍ଦର ଟୁଡୁ ଚିନ୍ମୟୀଙ୍କ ଘରେ ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା କରି ଫେରିଛନ୍ତି। ଏଥିସହିତ ଏହି ତଦନ୍ତ ରିପୋର୍ଟ ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠକୁ ପଠାଯିବ ବୋଲି ଜଣାଯାଇଛି।

## ଖରିନାସୀ ମାଛଧରା ଜେଟିରେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ

ମହାକାଳପଡ଼ା,୨୫।୮ (ସମିସ): ମହାକାଳପଡ଼ା ବ୍ଲକ ଖରିନାସୀ ମାଛଧରା ଜେଠିରୁ ଖସିପଡ଼ି ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ପଶ୍ଚିମବଙ୍ଗରୁ ଆସି ଦିବାକର ମଣ୍ଡଳଙ୍କ ବୋଟ୍‌ରେ ମାଛଧରା କାମରେ ନିୟୋଜିତ ଗଣେଶ ନାମକ ବ୍ୟକ୍ତି ରବିବାର ସନ୍ଧ୍ୟାରେ ଜେଠୀ ନିକଟରେ ପାଣିରେ ପଡ଼ିଯାଇଥିଲେ। ସେଠାରେ ଉପସ୍ଥିତ ଅନ୍ୟ ମତ୍ସ୍ୟଜୀବୀ ଉଦ୍ଧାର କରି ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ ଖବର ଦିଆଯାଇଛି। ପରିବାର ଲୋକ ଆସିଲେ ମୃତଦେହ ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

## ବଳଭଦ୍ରପୁର ଶିଳ୍ପାଞ୍ଚଳର ଉନ୍ନତି ପାଇଁ ଶିଳ୍ପମନ୍ତ୍ରୀଙ୍କୁ ଭେଟିଲେ ଉଦ୍ୟୋଗୀ ସଂଘ

ଡେରାବିଶ, ୨୫।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଏକମାତ୍ର ଶିଳ୍ପାଞ୍ଚଳ ଭାବେ ପରିଚିତ ଜିଲ୍ଲା ଅନ୍ତର୍ଗତ ଡେରାବିଶ ବ୍ଲକ୍ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ବଳଭଦ୍ରପୁରସ୍ଥ ଶିଳ୍ପାଞ୍ଚଳ ଏବେ ଅବହେଳିତ ଅବସ୍ଥାରେ ପଡ଼ିଛି। ଇଡ୍‌କୋ ପକ୍ଷରୁ ଗଢ଼ିଉଠିଥିବା ଏହି ଶିଳ୍ପାଞ୍ଚଳରେ ଏବେ ୩୦ରୁ ଊର୍ଦ୍ଧ୍ୱ କରତ କଳ ପ୍ରତିଷ୍ଠା ହୋଇଥିବାବେଳେ ରାଜ୍ୟର ପ୍ରାୟ ୨୦୦୦ରୁ ଅଧିକ ଜନସାଧାରଣ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏହା ଉପରେ ନିର୍ଭର କରୁଛନ୍ତି। ତେବେ ଆରମ୍ଭ ଦିନରୁ ଏହି ଶିଳ୍ପାଞ୍ଚଳକୁ ଭଲ ରାସ୍ତା ନ ଥିବାବେଳେ ପାନୀୟଜଳର ଘୋର ସଙ୍କଟ ଦେଖାଦେବା ସହ ସଠିକ ଢଙ୍ଗରେ ବିଦ୍ୟୁତ୍ ସରବରାହ ହେଉ ନ ଥିଲା। ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା ଉକ୍ତ ଶିଳ୍ପାଞ୍ଚଳରେ ପହଞ୍ଚି ସମସ୍ୟାକୁ ହୃଦୟଙ୍ଗମ କରିବା ସହିତ ବଳଭଦ୍ରପୁର ଶିଳ୍ପାଞ୍ଚଳ ଉଦ୍ୟୋଗୀ ସଂଘ ସଂହିତ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ଟେଲିଫୋନ୍ ଯୋଗେ ଅବଗତ କରିଥିଲେ।



ଆଜି ଅପରାହ୍ନରେ ଶ୍ରୀ ପରିଡ଼ାଙ୍କ ନେତୃତ୍ୱରେ ବଳଭଦ୍ରପୁର ଶିଳ୍ପାଞ୍ଚଳ ଉଦ୍ୟୋଗୀ ସଂଘର କର୍ମକର୍ତ୍ତା ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ବାସଭବନରେ ପହଞ୍ଚି ବଳଭଦ୍ରପୁର ଶିଳ୍ପାଞ୍ଚଳ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଜାତୀୟ ରାଜପଥରୁ ଶିଳ୍ପାଞ୍ଚଳକୁ ଯାଇଥିବା ରାସ୍ତା କଂକ୍ରିଟ୍ କରିବା, ଶିଳ୍ପାଞ୍ଚଳ ମଧ୍ୟରେ ଥିବା ସମସ୍ତ ରାସ୍ତାକୁ କଂକ୍ରିଟ୍‌ରେ ପରିଣତ କରିବା, ପାନୀୟଜଳ ସମସ୍ୟା ଦୂର କରିବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସହିତ ଷ୍ଟ୍ରିଟଲାଇଟ୍‌ର ବ୍ୟବସ୍ଥା କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ଏହାକୁ ଏମଏସ୍‌ଏମ୍‌ଇ ପାର୍କର ମାନ୍ୟତା ଦେବାକୁ ମଧ୍ୟ ଦାବି କରାଯାଇଥିଲା। ମନ୍ତ୍ରୀ ଶ୍ରୀ ସ୍ୱାଇଁ ଖୁବ୍‌ଶୀଘ୍ର ଏହି ଶିଳ୍ପାଞ୍ଚଳର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି କହିବା ସହିତ ଇଡ୍‌କୋ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନକୁ ବଳଭଦ୍ରପୁର ଶିଳ୍ପାଞ୍ଚଳ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଶ୍ରୀ ପରିଡ଼ାଙ୍କ ନେତୃତ୍ୱରେ ଉଦ୍ୟୋଗୀ ସଂଘ ଇଡ୍‌କୋର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ସୁରେଶ ଦଳାଇ ଓ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ରାଜ୍ୟ ଡାଇରେକ୍ଟର ପି.କେ. ଗୁପ୍ତାଙ୍କ ସହ ଆଲୋଚନ କରିଥିଲେ।

## ସୁଜାନଗର ପ୍ରାଥମିକ ବିଦ୍ୟାଳୟ ▸ ଶ୍ରେଣୀ ଗୃହ ଅଭାବ, କ୍ଲବ୍ ଘରେ ହେଉଛି ପାଠପଢ଼ା



କେନ୍ଦ୍ରାପଡ଼ା,୨୫।୮ (ସମିସ): ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବ। ପିଲା କ୍ଲବ୍ ଘରେ ପାଠ ପଢୁଛନ୍ତି। ଗତ ୩ ବର୍ଷ ଧରି ୬ଟି ଶ୍ରେଣୀର ଛାତ୍ରଛାତ୍ରୀ ବିପଦପୂର୍ଣ୍ଣ ଅବସ୍ଥାରେ ପାଠ ପଢୁଛନ୍ତି। କ୍ଲବ୍ ଘରେ କୌଣସି ମୌଳିକ ସୁବିଧା ସୁଯୋଗ ନାହିଁ। ପିଇବା ପାଇଁ ପାଣି ନାହିଁ କି ଶୌଚାଳୟ ନାହିଁ। ୬ଟି ଶ୍ରେଣୀ ପାଇଁ ନିୟୋଜିତ ହୋଇଛନ୍ତି ଜଣେ ମାତ୍ର ଶିକ୍ଷକ। କେନ୍ଦ୍ରାପଡ଼ା ସୁଜାନଗର ପ୍ରାଥମିକ ବିଦ୍ୟାଳୟରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ତଳେ ଦରିରେ ବସି କୁନି କୁନି ପିଲା ପଢୁଛନ୍ତି। ବର୍ଷାହେଲେ ଚଟାଣ ଓଦା ଜଡସଡ ହେଉଛି। ନା କଳାପଟା ଅଛି ନା ଅଛି କୌଣସି ସୁବିଧା ସୁଯୋଗ। ଉକ୍ତ ବିଦ୍ୟାଳୟରେ ଶ୍ରେଣୀ ଗୃହ ନିର୍ମାଣ କରାଯିବାକୁ ଦାବି ହେଉଛି।

କେନ୍ଦ୍ରାପଡ଼ା ଜିଲ୍ଲା ଗୁଲନଗର ପଞ୍ଚାୟତର ସୁଜାନଗର ପ୍ରାଥମିକ ବିଦ୍ୟାଳୟ ଗତ ୩ ବର୍ଷ ଧରି ଏକ କ୍ଲବ ଘରେ ହିଁ ପାଠପଢା ଚାଲିଛି। ପୁରୁଣା ସ୍କୁଲ ଘରଟି ଭାଙ୍ଗିଯିବା ପରେ ପାଠପଢ଼ା ଏଠାରେ ଚାଲିଛି। ପାନୀୟଜଳର କୌଣସି ବ୍ୟବସ୍ଥା ଏଠାରେ ନାହିଁ। ଏମିତିକି ଶୌଚାଳୟ ନାହିଁ। କ୍ଲବ ଘର ହୋଇଥିବାରୁ ଏଠାରେ ଏବେ ଗଣେଶ ପୂଜା ପାଇଁ ମୂର୍ତ୍ତିଗଢା କାମ ହେଉଛି। ନଡା, ବତା ବାଉଁଶ ଓ କୁଢକୁଢ଼ ଆବର୍ଜନା ଭିତରେ ପିଲାମାନେ ବସି ପାଠ ପଢୁଛନ୍ତି। ପୁଣି ପାଖରେ ଚାଲିଛି ଠାକୁରପୂଜା। ସ୍କୁଲରେ ଶିଶୁ ବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୬ଟି ଶ୍ରେଣୀରେ ୫୩ ଜଣ ପିଲାଙ୍କ ପାଠପଢା ପାଇଁ ନିୟୋଜିତ ଜଣେ ମାତ୍ର ଶିକ୍ଷକ। ଏ ସମସ୍ୟା କେବଳ କେନ୍ଦ୍ରାପଡ଼ାରେ ନୁହେଁ, ଆଳି ଓ ପଟ୍ଟାମୁଣ୍ଡାଇରେ ବି ଏଭଳି ସମାନ ଦଶା ଦେଖିବାକୁ ମିଳିଛି। ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲଟିର ଷଣ୍ଢପଲ୍ଲୀ ପ୍ରକଳ୍ପ ବିଦ୍ୟାଳୟ ଓ ଖଡ଼ିଅଣ୍ଟା ଆଦି ବିଦ୍ୟାଳୟରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଥିଲେ ବି ସେମାନଙ୍କ ପାଇଁ ଜଣେ ମାତ୍ର ଶିକ୍ଷକ ଅଛନ୍ତି। ଆଳିର ସ୍ଥିତି ଆହୁରି ସଂଗୀନ ରହିଛି। ଆଳି ବ୍ଲକ୍ ବଳଭଦ୍ରପୁର ପ୍ରାଥମିକ ବିଦ୍ୟାଳୟରେ ଦୁଇଟି ଶ୍ରେଣୀ ଗୃହରେ ୭ଟି ଶ୍ରେଣୀର ଛାତ୍ରଛାତ୍ରୀ ପଢୁଛନ୍ତି। ଏପରିକି ଶିକ୍ଷକ ସଂଖ୍ୟା ମାତ୍ର ଜଣେ ଅଛନ୍ତି। ନୂତନ ସ୍କୁଲ ଗୃହ ନିର୍ମାଣ, ପିଇବା ପାଣିର ବ୍ୟବସ୍ଥା, ଶୌଚାଳୟ ଘର ଓ ଆବଶ୍ୟକୀୟ ଶିକ୍ଷକ ସମସ୍ୟାକୁ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି।

୧୯ତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଶୀଲ କୁମାର ଦାସ

ଅମଲାପଡା,୨ୟଗଳି,ଅନୁଗୁଳ

ଆଜି ତୁମର ୧୯ତମ ଶ୍ରାଦ୍ଧବାର୍ଷିକୀ। ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମେ ଆମ ପରିବାରର ଗର୍ବ ଆଉ ଗୌରବ। ଆଜି ଏହି ପୁଣ୍ୟ ତିଥିରେ ତୁମର ପୁଣ୍ୟ କର୍ମ,ଆଦର୍ଶ,ଚିନ୍ତାଧାରା, ସ୍ନେହ,ଶ୍ରଦ୍ଧା,ତ୍ୟାଗ ଏବଂ କର୍ତ୍ତବ୍ୟ ପରାୟଣତା ଆମ ଜୀବନର ପଥ ପ୍ରଦର୍ଶକ ହେବା ସହିତ ପ୍ରତିଦିନ ଆମକୁ ନୂଆ ପ୍ରେରଣା ଦେଉ।ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ–ଧର୍ମପତ୍ନୀ ଚାରୁବାଳା, ବଡ଼ପୁଅ ସଂଗ୍ରାମ,ବଡ଼ବୋହୂ ଗୁନି, ମଝିଆବୋହୂ ମାନି,ବଡ଼ଝିଅ ମୁନା, ବଡ଼ଜ୍ୱାଇଁ ବିନୟ,ସାନଝିଅ ରୀନା, ସାନଜ୍ୱାଇଁ ରୁଚିର,ସାନପୁଅ ପାପୁ, ନାତୁଣୀ ସୋନି,ନାତୁଣୀ ଜ୍ୱାଇଁ ସୋମୋଜିତ,ନାତି ଗୁଡ଼ୁ,ନାତୁଣୀ ନୈନା, ନାତି ସୌନୁ
ଏବଂବନ୍ଧୁ ଓ ପରିବାର ବର୍ଗ ।

## ଗଞ୍ଜେଇ ଜବତ, ଜଣେ ଗିରଫ




ପଟ୍ଟାମୁଣ୍ଡାଇ, ୨୫।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତ ବାଲିପାଟଣା ଗ୍ରାମର ନିରଞ୍ଜନ ବାଇଙ୍କଠାରୁ ଆଜି ପଟ୍ଟାମୁଣ୍ଡାଇ ଅବକାରୀ ପୁଲିସ ୧ କିଲୋ ୮୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହିତ ଚୋରା ଗଞ୍ଜେଇ କାରବାର ଅଭିଯୋଗରେ ନିରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

**ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର**

# ୭୮ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

ମାର୍ଶାଘାଇ,୨୫।୮ (ସମିସ)

ମାର୍ଶାଘାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ ମିଳିତ ଜନଶୁଣାଣି କରିଛନ୍ତି। ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ସହକାରୀ ଜିଲ୍ଲାପାଳ ତୃପ୍ତି ମହାନ୍ତି, ସହକାରୀ ଜିଲ୍ଲାପାଳ (ଜରୁରୀ) ଅମୀୟ କେତନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ୭୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା।



ଆଜି ଆୟୋଜିତ ଜନଅଭିଯୋଗ ଶୁଣାଣି ଶିବିରରେ ୭୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏଥିରେ ୧୨ଟି ସାମୂହିକ ଓ ୬୬ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଏସବୁ ଅଭିଯୋଗର ବିଚାର କରି ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଦୁମୁକା ଓ ଦଶିପୁର ପଞ୍ଚାୟତବାସୀ ୫୩ନଂ ରାଜପଥରେ ଅଣ୍ଡର ପାସ୍ ରାସ୍ତା ନିର୍ମାଣ କରିବାକୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶାସନିପଡ଼ା ଗ୍ରାମକୁ ମେଗା ପାନୀୟଜଳ ଯୋଜନାରେ ପାନୀୟଜଳ ଯୋଗାଇଦେବାକୁ ଶୁଭେନ୍ଦୁ ପ୍ରସାଦ ଚୌଧୁରୀ ଦାବି କରିଥିଲେ। ଦୁମୁକା ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଗାଇ ଦେବାକୁ ଦାବି କରାଯାଇଥିଲା। ଦଶିପୁର ପଞ୍ଚାୟତ ପାନୀୟଜଳ ସମସ୍ୟା, ମେହେନ୍ଦିନଗର ପଞ୍ଚାୟତର ରଘୁନାଥପୁର ଓ ଶିଳିପୁର ପଞ୍ଚାୟତକୁ ଜଳସେଚନ ସମସ୍ୟା, ମାର୍ଶାଘାଇ କ୍ରସିଂ-ତୁଳସୀପୁର ଗ୍ରାମକୁ ଷ୍ଟ୍ରିଟ୍‌ଲାଇଟ୍ ସୁବିଧା ଯୋଗାଇଦେବାକୁ ଦାବି କରାଯାଇଥିଲା। ମାର୍ଶାଘାଇ ନୋଡ଼ାଲ ସରକାରୀ ବିଦ୍ୟାଳୟରେ ସିସିଟିଭି ଲଗାଇବାକୁ ଦାବି କରାଯାଇଥିବାବେଳେ ଜମ୍ବୁ କେନାଲ ପୁନରୁଦ୍ଧାର, ଚାଷୀଙ୍କୁ ସାର ଯୋଗାଣ ହେଉ ନ ଥିବା ଅଭିଯୋଗ ହୋଇଛି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଜଣେ ଯୁବତୀଙ୍କୁ କୁଦାନଗରୀ ଥାନା କନଷ୍ଟେବଳ ଅଜୟ ସାହୁ ଟଣାଓଟରା ଓ ଅଶ୍ଳୀଳ ଇଙ୍ଗିତ କରିବା ସମ୍ପର୍କିତ ନିର୍ଯାତନା ଦେବା ସହ ସମ୍ପୃକ୍ତ କନଷ୍ଟେବଳଙ୍କ କଥାରେ ରାଜି ନ ହେବାରୁ ଜୀବନରୁ ମାରିଦେବାକୁ ଧମକ ଅଭିଯୋଗ ମାର୍ଶାଘାଇ ପୁଲିସ ନିକଟରେ ହୋଇଛି। ତୁରନ୍ତ କନଷ୍ଟେବଳଙ୍କୁ ଗିରଫ କରିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯୁବତୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ଆବାସ, ପୁରୁଣା ପ୍ରକଳ୍ପ କାମର ବିଲ, ରାସନ, ଚିକିତ୍ସା ପାଇଁ ସହାୟତା ସମ୍ପର୍କିତ ଅଭିଯୋଗ କରାଯାଇଥିଲା। ଏହି ଶିବିରରେ ଟାଟା ପାୱାର ଡିଭିଜନାଲ ମ୍ୟାନେଜର ବସନ୍ତ ଦାସ, ବିଡିଓ ପଞ୍ଚାନନ ମଲ୍ଲିକ୍, ତହସିଲଦାର ଶ୍ରୀକାନ୍ତ ପରିଜା, ଏବିଓ ସୁଶାନ୍ତ ବେଉରା, ବ୍ଲକ କୃଷି ଅଧିକାରିଣୀ ପ୍ରମୋଦିନୀ ପ୍ରଧାନ, ପୁଦାଳ ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଗଦାଧର ବାରିକ, ଯନ୍ତ୍ରୀ କୃପାସିନ୍ଧୁ ପ୍ରଧାନ, ଗ୍ରାମ ଉନ୍ନୟନ ବିଭାଗ ଯନ୍ତ୍ରୀ ଶାରଦା ଭୂଷଣ ରାୟ, ଦୀପକ ସୂତାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଫଟୋ ଭିଡିଓ ଓ ମଲ୍ଟିମିଡ଼ିଆ ସଂଘର ବାର୍ଷିକ ଉତ୍ସବ



ବାଲେଶ୍ୱର,୨୫।୮ (ସମିସ): ଫଟୋ ଭିଡିଓ ଓ ମଲଟିମିଡ଼ିଆ ସଂଘର ନବମ ବାର୍ଷିକ ଉତ୍ସବ ସେଲିବ୍ରେସନ ମଣ୍ଡପରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସରକାରୀ ଦଳର ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଦେବାଂଶୁ ସିଦ୍ଧାନ୍ତ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମାନସ ଦତ୍ତ, ସିଟି ଡିଏସ୍‌ପି ଶୁଭ୍ରାଂଶୁ ଶେଖର ନାୟକଙ୍କ ସମେତ ଓଡିଶା ଫୋଟୋଗ୍ରାଫିକ ସିଣ୍ଡିକେଟର ଉପ ସଭାପତି ଅଜିତ ପାଢ଼ୀ ମଞ୍ଚାସୀନ ଥିଲେ। ସଭାପତିତ୍ୱ କରିଥିଲେ ସଂଘର ସଭାପତି ଶିବାଜୀ ପ୍ରସାଦ ରାଓ ଓ ସମ୍ପାଦକ ସେକ ସାଦିକ। ମଞ୍ଚ ପରିଚାଳନା କରିଥିଲେ ଉପଦେଷ୍ଟା ବିକାଶ ପାଢ଼ୀ। ତତ୍ ସହିତ ବାଲେଶ୍ୱର ମାଟିର ଦୁଇ ଜଣ ଫଟୋଗ୍ରାଫର ଦେବେନ୍ଦ୍ର ସିଂହ ଓ ରବିନାରାୟଣ ମିଶ୍ରିଙ୍କୁ ଆଜୀବନ କୃତିତ୍ୱ ପୁରସ୍କାର ସହ ସମ୍ମାନିତ କରାଯାଇଥିଲା। ସଂଘର ସାଂସ୍କୃତିକ ସମ୍ପାଦକ ମନୋରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ଉପସଭାପତି ଗିରିଜା ଶଙ୍କର ଦାସ, ସହ ସମ୍ପାଦକ ଦେବାଶିଷ ରୟ, କୋଷାଧ୍ୟକ୍ଷ ତପନ ରାଉଳ, ସଭ୍ୟ ମନୋଜ କୁମାର ପାତ୍ର, ଉତ୍ତମ ପିରି ପ୍ରମୁଖ ମୁଖ୍ୟ କାର୍ଯ୍ୟନିର୍ବାହ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ଜିଲ୍ଲାରୁ ୩୦ରୁ ଅଧିକ ଆଗଧାଡିର ଫଟୋଗ୍ରାଫର ସଂଘ ଯୋଗ ଦେଇଥିଲା।

## ଜାତୀୟ ଶିକ୍ଷା ନୀତି ସମ୍ପର୍କିତ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ



ବାଲେଶ୍ୱର,୨୫।୮ (ସମିସ): ଜାତୀୟ ଶିକ୍ଷା ନୀତି-୨୦୨୦ (ଏନଇପି ୨୦୨୦) ଆଧାରରେ ଉଚ୍ଚଶିକ୍ଷାକୁ ନୂତନ ଆକାର ଦେବା ଲକ୍ଷ୍ୟରେ,ଫକୀର ମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଶିକ୍ଷା ବିଭାଗ ଓ ମାନବ ସମ୍ବଳ ବିକାଶ କେନ୍ଦ୍ରର ମିଳିତ ଉଦ୍ୟମରେ ଅଧ୍ୟାପକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲ। ମୁଖ୍ୟଅତିଥି ପ୍ରଫେସର ହୃଷୀକେଶ ସେନାପତି (ଶିକ୍ଷା ବିଶେଷଜ୍ଞ, ଆର.ଆଇ.ଇ-ଭୁବନେଶ୍ୱର ଓ ପୂର୍ବତନ ନିର୍ଦ୍ଦେଶକ, ଏନ.ସି.ଇ.ଆର.ଟି) ଏନଇପି- ୨୦୨୦ ଉପରେ ନିଜର ଦୃଷ୍ଟିଭଙ୍ଗୀ ପ୍ରଦାନ ସହ ଓ ଏହାର ପ୍ରାୟୋଗିକ ପରିଚାଳନା ବିଷୟରେ ଅଂଶଗ୍ରହଣକାରୀଙ୍କୁ ଅବଗତ କରିଥିଲେ। ସାତ ଦିନିଆ କର୍ମଶାଳାରେ ବିଶିଷ୍ଟ ଶିକ୍ଷାବିତ୍, ବିଶେଷଜ୍ଞ ଓ ଅନୁସନ୍ଧାନୀମାନେ ଜାତୀୟ ଶିକ୍ଷା ନୀତି- ୨୦୨୦ ର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ସୁନୀଲ କୁମାର ପାଢ଼ୀ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଏଥିସହ ଡକ୍ଟର ସୁଶାନ୍ତ କୁମାର ପ୍ରଧାନ (ଜିଏସସିଇଆରଟି-ଗୋଆ)ଙ୍କ ଦ୍ୱାରା ଏକ ଅତିରିକ୍ତ ଅଧ୍ୟାପନା ଅଧିବେଶନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ସଂପାଦକ ଓ ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ସଂଯୋଜକ ଡକ୍ଟର ପ୍ରତିମା ପ୍ରଧାନ ଓ ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ଡ. ରଣୀନ୍ଦ୍ର କୁମାର ନାୟକ କହିଥିଲେ ଏହି ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ସଫଳତାର ସହିତ ସମାପ୍ତ ହୋଇଛି ଓ କାର୍ଯ୍ୟକ୍ରମକୁ ସମୟୋପଯୋଗୀ ଓ ଦୃଷ୍ଟିଭଙ୍ଗୀମୟ ପଦକ୍ଷେପ ଭାବେ ଆୟୋଜିତ କରଯାଇଛି।

### ବାଲେଶ୍ୱରକୁ ମିଳିଲାନି କୃଷି ମହାବିଦ୍ୟାଳୟ

# ସରକାରଙ୍କ ବୈମାତୃକ ମନୋଭାବର ତୀବ୍ର ସମାଲୋଚନା

ବାଲେଶ୍ୱର, ୨୫।୮ (ସମିସ)



ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ଦାବିରେ ଗତ ତିନିବର୍ଷ ଧରି ଦାବି ଓ ଆନ୍ଦୋଳନ କରିଆସୁଥିବା ବହୁ ବିଶିଷ୍ଟ ବ୍ୟକ୍ତି ବାଲେଶ୍ୱର ଷ୍ଟେସନ ଛକ ପାଖରେ ଧାରଣାରେ ବସି ସରକାରଙ୍କ ନିଷ୍ପତ୍ତିର ପ୍ରତିବାଦ କରିଛନ୍ତି। ରାଜ୍ୟ ସରକାର ଓଡ଼ିଶାର ଅନ୍ୟ ଦୁଇଟି ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରବିବାର ଦିନ ଘୋଷଣା କରିବା ପରେ ବାଲେଶ୍ୱର ଜିଲ୍ଲାବାସୀଙ୍କ ମଧ୍ୟରେ ଭୀଷଣ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପ୍ରତୀକ ଗଣଧାରଣାରେ ବାଲେଶ୍ୱରର ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି ଓ ଗଣସଙ୍ଗଠନମାନେ ଯୋଗ ଦେଇଥିଲେ। ଆସନ୍ତା ବିଧାନସଭା ଅଧିବେଶନ ପୂର୍ବରୁ ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଯଦି ରାଜ୍ୟ ସରକାର ଘୋଷଣା ନ କରନ୍ତି ତେବେ ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ବାଲେଶ୍ୱରବାସୀ ଅସହଯୋଗ କରିବାକୁ ଧାରଣାସ୍ଥଳରେ ବହୁ ବକ୍ତା ଆହ୍ୱାନ ଦେଇଛନ୍ତି। ଜିଲ୍ଲା କ୍ରିୟାନୁଷ୍ଠାନ ସମିତିର ଏକ ଜରୁରୀ ବୈଠକ ସୋମବାର ଅପରାହ୍ନରେ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲ୍ଲା କର୍ମକର୍ତ୍ତାମାନଙ୍କ ସମେତ ବିଭିନ୍ନ ବ୍ଲକରୁ ଆସିଥିବା ନେତୃବୃନ୍ଦ ଓ ବିଭିନ୍ନ ଗଣସଙ୍ଗଠନଙ୍କ ପ୍ରତିନିଧି ସରକାରଙ୍କର ଏହି ବୈମାତୃକ ମନୋଭାବକୁ ଦୃଢ଼ ସମାଲୋଚନା କରିଥିଲେ। ବାଲେଶ୍ୱର ଜିଲ୍ଲା ଧାନ, ପାନ ଓ ମୀନର ଜିଲ୍ଲା ଭାବେ କୁହାଯାଉଥିବା ବେଳେ ଏହି ଜିଲ୍ଲାରେ କୃଷି ସମ୍ପର୍କିତ କୌଣସି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ନ ହେବା ରାଜ୍ୟ ସରକାରଙ୍କର ଏକ ଚରମ ଅବହେଳା ଏବଂ ଜିଲ୍ଲାପ୍ରତି ଏହି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ଧାରଣାରେ ନିରଞ୍ଜନ ପରିଡ଼ା, ଅଭୟ ଚନ୍ଦ୍ର ମିଶ୍ର, ଡ କ୍ଷିତୀଶ୍ୱର ଦାଶ, ଶ୍ୟାମସୁନ୍ଦର ଜେନା, କବି ଡ କାଳୀପଦ ପଣ୍ଡା, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ଦିଲ୍ଲୀପ ଗିରି, ବିଜୟମିଶ୍ର, ଅବନୀ କୁମାର ଚାନ୍ଦ, କମଳ ଚକ୍ରବର୍ତ୍ତୀ, ଗୋବିନ୍ଦ ଚନ୍ଦ୍ର ଭୋଇ, ଇଂ ବନମାଳୀ ନାୟକ, ସରସ୍ୱତୀ ପଣ୍ଡା, ଭାଗବତ ପ୍ରତିହାରୀ, ଦୁଷ୍ମନ୍ତ କୁମାର ଦାସ, ଦାମୋଦର ନାୟକ, ସୀତାରାମ ପ୍ରଧାନ, ନିରଞ୍ଜନ ରାଉତ, ପ୍ରଭାକର ସାହୁ, ପ୍ରଫୁଲ୍ଲ ଦାସ, ଭାସ୍କର ପାଢ଼ୀ ଓ ସଂଯୁକ୍ତା ବେହେରା ପ୍ରମୁଖ ଏହି ବୈଠକରେ ସରକାରଙ୍କ ଅବିଚାର ବିରୁଦ୍ଧରେ ଆଗାମୀ ଦିନରେ ଜିଲ୍ଲାବ୍ୟାପୀ ଆନ୍ଦୋଳନ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଦେଇଥତବା ବେଳେ ଅପର୍ଣ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ।

● 'ଅକ୍ଷର'ର କଥା ସାହିତ୍ୟ ପର୍ବ ଓ 'କଥାକାର ସମ୍ମାନ' ପ୍ରଦାନ ଉତ୍ସବ

## ପଦ୍ମଜ ପାଳଙ୍କୁ 'ପ୍ରଜାପତି ଅକ୍ଷର ସମ୍ମାନ'




ବାଲେଶ୍ୱର,୨୫।୮ (ସମିସ): 'ପ୍ରଜାପତି ଅନୁଷ୍ଠାନର ସାହିତ୍ୟ ଶାଖା "ଅକ୍ଷର'ର କଥା ସାହିତ୍ୟ ପର୍ବ ଓ "କଥାକାର ସମ୍ମାନ' ପ୍ରଦାନ ଉତ୍ସବ ଆତିଥ୍ୟ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। "ପ୍ରଜାପତି'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବକୁ ବିଶିଷ୍ଟ ଶିକ୍ଷାବିତ୍ ପ୍ରାଧ୍ୟାପକ ହରିକୃଷ୍ଣ ସାହୁ ଉଦ୍‌ଘାଟନ କରିଥିଲେ। ଲେଖକଟିଏ ଏକାନ୍ତ ଓ ଶାନ୍ତ ମୁହୂର୍ତ୍ତରେ ନିଜ ଭିତର ଓ ନିଜ ବାହାରେ ଥିବା ଅନେକ କଥାକୁ ଉପଲବ୍‌ଧି କରେ। ତାହା ହିଁ ତାର ଲେଖନୀୟ ଜୀବନକୁ ବିକାଶିତ କରିଥାଏ ବୋଲି ସେ କହିଥିଲେ। ପ୍ରାରମ୍ଭରେ "ପ୍ରଜାପତି'ର ସଂଯୋଜକ ବିପ୍ଳବ ଦାସ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ "ଅକ୍ଷର କଥାକାର ସମ୍ମାନ' ପ୍ରଦାନ ଉତ୍ସବ ସମ୍ପର୍କରେ କହିଥିଲେ। ସମ୍ପାଦକ ରାଜେଶ ଗିରି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ ଔପନ୍ୟାସିକ ପଦ୍ମଜ ପାଳଙ୍କ ଲେଖକୀୟ କୃତି ସମ୍ପର୍କରେ ବିଶେଷ କଥନ ରଖିଥିଲେ। ଏହି ଅବସରରେ ଅତିଥି କବି ଶ୍ରୀଦେବ, ଗାଳ୍ପିକ ତପନ ମହାପାତ୍ର, ଗାଳ୍ପିକ ନିବାରଣ ଜେନା, ଗାଳ୍ପିକ ସୃଷ୍ଟିଧର ପରିଡା, କବି ଉତ୍ପଳ ମହାନ୍ତି, ସୁଲଗ୍ନା ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଘନଶ୍ୟାମ ବିଶ୍ୱାଳ, ଆଇନଜୀବୀ ପର୍ଶୁରାମ ପ୍ରଧାନ ବକ୍ତବ୍ୟ ରଖିଥିଲେ। ଔପନ୍ୟାସିକ ପଦ୍ମଜ ପାଳଙ୍କୁ ଚଳିତବର୍ଷ ରାଜ୍ୟସ୍ତରୀୟ ମର୍ଯ୍ୟାଦାଜନକ 'ଅକ୍ଷର କଥାକର ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ତାଙ୍କୁ ପୁରସ୍କାର ଅର୍ଥରାଶି, ମାନପତ୍ର, ଉପଢୌକନ ଓ ଉତ୍ତରୀୟ ଅତିଥିମାନେ ପ୍ରଦାନ କରିଥିଲେ। ସମ୍ମାନ ଗ୍ରହଣ କରି ଔପନ୍ୟାସିକ ଶ୍ରୀ ପାଳ କହିଲେ ଯେ କଥାକାରର ଜୀବନ ଶବ୍ଦ ଓ ଭାବର ଅକ୍ଷ ପ୍ରକାଶ। ଲେଖକର ଜିଜ୍ଞାସାଭାବ ଯେତେ ଗଭୀର ହୁଏ ସୃଷ୍ଟିକାର ସେତେ ଅର୍ଥପୂର୍ଣ୍ଣ ହୋଇପାରେ। ଏହି ସମ୍ମାନ ପ୍ରଦାନ ଉତ୍ସବରେ ଶ୍ରୀ ପାଳଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବାଲେଶ୍ୱରର କଥାକାରଙ୍କ ପକ୍ଷରୁ ଶ୍ରୀ ପାଳ ଓ ତାଙ୍କ ପତ୍ନୀଙ୍କୁ 'ପ୍ରଜାପତି' ଉପହାର ପ୍ରଦାନ କରାଯାଇଥିଲା। 'ପ୍ରଜାପତି'ର ସଦସ୍ୟା ସରସ୍ୱତୀ ଭୋଇ, ପ୍ରତିମା ତ୍ରିପାଠୀ, ପାର୍ଥସାରଥୀ ସାହୁ ଓ ଅମରଜିତ ଦାସ ନିଜ ନିଜର ଉପହାର ପ୍ରଦାନ କରିଥିଲେ। ପ୍ରାରମ୍ଭରେ 'ରାଗିଣୀ' ଅନୁଷ୍ଠାନର ଶିଳ୍ପୀଗଣ ଗୁରୁ ମୋନାଲିସା ମହାନ୍ତିଙ୍କ ପରିଚାଳନାରେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ନନ୍ଦିତା ନାୟକ, ସୁପ୍ରଭା ବେହେରା, ରଞ୍ଜନ ଘୋଷ, ଶୁଚିସ୍ମିତା ବେହେରା, ସଞ୍ଜିବ ନାୟକ, ସୁଜାତା ଦାସ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ମଧୁସୂଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱତନ୍ତ୍ର ଟିକଟ ଯାଞ୍ଚ ଅଭିଯାନ ୨ ଲକ୍ଷ ଜରିମାନା ଆଦାୟ



ବାଲେଶ୍ୱର,୨୫।୮ (ସମିସ): ଖଡ଼ଗପୁର ଡିଭିଜନ ପକ୍ଷରୁ ଆଜି ଏହାର କ୍ଷେତ୍ର ଅଧୀନରେ ଆସୁଥିବା ବିଭିନ୍ନ ମେଲ୍/ ଏକ୍ସପ୍ରେସ୍ ଏବଂ ଉପନଗରୀୟ ଟ୍ରେନଗୁଡ଼ିକରେ ଏକ ସ୍ୱତନ୍ତ୍ର ଟିକଟ ଯାଞ୍ଚ ଅଭିଯାନ କରାଯାଇଛି। ବାଣିଜ୍ୟିକ ନିରୀକ୍ଷକ ଏବଂ ଟିକେଟ ଯାଞ୍ଚ ସ୍କ୍ୱାଡ୍ ସଦସ୍ୟମାନଙ୍କୁ ନେଇ ଗଠିତ ଏକ ଟିମ୍ ଟ୍ରେନ୍ ନମ୍ବର ୧୨୫୦୩, ୧୨୫୦୪, ୧୨୭୦୩, ୧୨୮୬୪, ୧୨୦୭୪, ୧୨୮୬୦, ୧୨୦୭୩, ୧୨୮୫୯, ୧୨୬୬୩, ୧୨୮୪୧ ସହିତ ଉପନଗରୀୟ ଟ୍ରେନଗୁଡ଼ିକରେ ଶର୍ଟଲିଂ ଯାଞ୍ଚ କରିଥିଲେ। ଏହି ଯାଞ୍ଚ ଅଭିଯାନ ସମୟରେ ବିନା ଟିକେଟରେ କିମ୍ବା ଯାତ୍ରା କରୁଥିବା ଯାତ୍ରୀଙ୍କ ୩୬୨ ମାମଲା ଚିହ୍ନଟ ହୋଇଥିଲା। ଏହିମାନଙ୍କଠାରୁ ଘଟଣାସ୍ଥଳରୁ ୧ ଲକ୍ଷ ୯୬ ହଜାର ୨୩୫ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ବିନା ଟିକେଟରେ ଯାତ୍ରା କରିବାର ଅନୈତିକ ଅଭ୍ୟାସକୁ ରୋକିବା ପାଇଁ ନିୟମିତ ଭାବରେ ଏପରି ଅଭିଯାନ ଜାରି ରହିବ। ଯାହା ରେଳବାଇକୁ ରାଜସ୍ୱ କ୍ଷତି ପହଞ୍ଚାଇବା ସହିତ ପ୍ରକୃତ ଯାତ୍ରୀମାନଙ୍କୁ ଅସୁବିଧାରେ ପକାଏ। ଜରିମାନା ଏଡାଇବା ଏବଂ ଏକ ଅସୁବିଧାମୁକ୍ତ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଡିଭିଜନ ସମସ୍ତ ଯାତ୍ରୀଙ୍କୁ ଉପଯୁକ୍ତ ଏବଂ ବୈଧ ଟିକେଟ୍ ସହିତ ଯାତ୍ରା କରିବାକୁ ଖଡ଼ଗପୁର ଡିଭିଜନ ନିବେଦନ କରିଛି।

## ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ବାଲେଶ୍ୱର,୨୫।୮ (ସମିସ): ଅନୁଦାନ ସହାୟତା ଦାବିକୁ ନେଇ ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଡାକରାରେ ସମଗ୍ର ରାଜ୍ୟର ୪୮୮ ଓ ୬୬୨ ବର୍ଗର କଲେଜରେ ଗତ ୧୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ବାଲେଶ୍ୱରର ବିଭିନ୍ନ ବେସରକାରୀ



କଲେଜରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସହରର ବଡଖୁଆସ୍ଥିତ ବଳାଙ୍ଗୀ ମହାବିଦ୍ୟାଳୟରେ ଅନୁଦାନର ବଂଚିତ ହୋଇ ରହିଥିବା ଅଧ୍ୟାପକ ଓ କର୍ମଚାରୀମାନେ କଲେଜର ମୁଖ୍ୟ ଫାଟକ ନିକଟରେ ଧାରଣାରେ ବସି ରହିବା ସହିତ ସେମାନଙ୍କ ନ୍ୟାଯ୍ୟ ତଥା ନ୍ୟାୟସଙ୍ଗତ ଦାବି ପୂରଣରେ ସରକାରଙ୍କ ଉଦାସୀନତାକୁ ତୀବ୍ର ସମାଲୋଚନା କରିଛନ୍ତି। ବେସରକାରୀ କଲେଜଗୁଡିକରେ ୨୦୦୮ ମସିହା ପର ଠାରୁ କାର୍ଯ୍ୟରେ ଯୋଗଦେଇଥିବା ଅଧ୍ୟାପକ ଓ କର୍ମଚାରୀମାନେ ଆଜକୁ ଦୀର୍ଘ ୧୭ ବର୍ଷ ଧରି ସରକାରୀ ଅନୁଦାନରୁ ବଂଚିତ ହୋଇ ରହିଥିବା ସେମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ରାଜ୍ୟ ସଂଘର ନିଷ୍ପତି କ୍ରମରେ ସମଗ୍ର ରାଜ୍ୟର ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ କଲେଜମାନଙ୍କରେ ପ୍ରାୟ ୫ହଜାରୁ ଅଧିକ ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିବା ସୂଚନା ଦେଇଛନ୍ତି। ଏହି ସମୟରେ ଶିକ୍ଷାଦାନ ବ୍ୟାହାତ ହେବାର ଆଶଙ୍କା ଥିବାରୁ ଏଥି ପ୍ରତି ସରକାର ଦାୟୀ ରହିବେ ବୋଲି ଧାରଣାକାରୀ ଅଧ୍ୟାପକମାନେ କହିଛନ୍ତି। ବିଶ୍ୱଜିତ ପ୍ରଧାନ, ଅଜୟ ମହାକୁଡ, ଶ୍ରୀନିତା ଘୋଷେ, ସୁରୁଚି ମହାନ୍ତି, ତନୁଶ୍ରୀ ପୋଥାଳ, ବି ସୁବ୍ରତ କୁମାର ଦାସ, ସଞ୍ଜୟ ଦେ, ରୁପକ ବେହେରା, ମନସ୍ୱିନୀ ଦାସ, ଗୋପାଳୀ ଦାସ, ମୋନାଲିସା ଦାସ, ଇପସିତା ପାତ୍ର, ପ୍ରିୟଙ୍କା ପାତ୍ର, ପ୍ରିତିରେଖା ପାତ୍ର, ପ୍ରହଲ୍ଲାଦ କୁଅଁର, ସତ୍ୟବ୍ରତ ସାମଲ, ସୁଶାନ୍ତ ଦାସ, ହରେକୃଷ୍ଣ ବାରିକ, ରତ୍ନାକର ବେହେରା, ପ୍ରବନ୍ଧ ପତି ପ୍ରମୁଖ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଓ ଧାରଣାରେ ସାମିଲ ହୋଇଛନ୍ତି।

### ଆସୁଛନ୍ତି ଗଜାନନ

# ଦିନକ ପରେ ଗଣେଶ ପୂଜା; ସରିଲା ପ୍ରସ୍ତୁତି


ବାରବାଟୀ ଯୱାନ କ୍ଲବ୍


ଅମର ଜ୍ୟୋତି କ୍ଲବ୍


ବୁଲୁମ୍ ବଏଜ କ୍ଲବ୍


ନାଗେଶ୍ୱର କ୍ଲବ୍

ବାଲେଶ୍ୱର, ୨୫।୮ (ସମିସ)

ଆଉ ଗୋଟିଏ ଦିନ ପରେ ପାଳିତ ହେବାକୁ ଯାଉଛି ଶ୍ରୀଗଣେଶ ଚତୁର୍ଥୀ। ଏଥିପାଇଁ ସହର ସମେତ ଗାଁ ଗହଳିରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି। ଏହି କ୍ରମରେ ବାରବାଟୀ ଯୱାନ କ୍ଲବର ଶ୍ରୀ ଗଣେଶ ପୂଜା ୫୮ ବର୍ଷରେ ପଦାର୍ପଣ କରିଛି। ଏହି ପୂଜା ବାରବାଟୀ ବୁଢ଼ା କାର୍ତ୍ତିକ ମଣ୍ଡପ ପରିସରରେ ଅନୁଷ୍ଠିତ ହେବ। ୧୨ରୁ୧୩ଫୁଟ ଉଚ୍ଚତାର ମୂର୍ତ୍ତି ପେଣ୍ଡାଲରେ ପୂଜା ପାଇବେ। ଆକର୍ଷଣୀୟ ତୋରଣ ସାଙ୍ଗକୁ ଭସାଣୀରେ କେବଳ ଘଣ୍ଟ ବଜାଇ ଶ୍ରୀ ଗଣେଶଙ୍କୁ ବିସର୍ଜନ କରାଯିବ। ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଣ୍ଟନ ସହ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହେବ ବୋଲି କ୍ଲବର ସଭାପତି ଅକ୍ଷୟ କର, ସମ୍ପାଦକ କାର୍ତ୍ତିକ ମହାନ୍ତି କହିଛନ୍ତି।


ଗଣପତି କ୍ଲବ୍



**ଗଣପତି କ୍ଲବ୍ ପାଳିବ ରୌପ୍ୟ ଜୟନ୍ତୀ:** ସହରର ପାତ୍ରପଡା ଛକସ୍ଥିତ ଗଣପତି କ୍ଲବ ପାଳନ କରିବ ରୌପ୍ୟ ଜୟନ୍ତୀ। ୨୫ବର୍ଷର ସ୍ୱତନ୍ତ୍ର ଉତ୍ସବ ପାଳନ ପାଇଁ ଗଣେଶଙ୍କ ମୂର୍ତି ସବୁଠାରୁ ଆକର୍ଷଣୀୟ ଭାବେ ଗଢିବା ପାଇଁ ପଶ୍ଚିମବଙ୍ଗରୁ ଆସିଛନ୍ତି ମୂର୍ତ୍ତି କାରିଗର। ୧୨ଫୁଟ ଉଚ୍ଚତାର ବିଶାଳ ମୂର୍ତ୍ତି। ଏଥର ପ୍ରଭୁ ଗଣେଶ ସ୍ୱୟଂ ଶ୍ରୀମଦ୍ ଭାଗବତ ଗ୍ରନ୍ଥ ଲେଖୁଥିବା ରୂପରେ ଦର୍ଶନ ଦେବେ। ଗଣେଶଙ୍କ ମେଢରେ ବହୁ ଦେବତାଙ୍କୁ ସ୍ଥାନିତ କରାଯାଇଛି। ମେଢ ଉପରେ ମହାଭାରତ ଯୁଦ୍ଧରେ ଭଗବାନ ଶ୍ରୀକୃଷ୍ଣ ସାରଥୀ ଭାବେ ବିରାଜିତ ଅର୍ଜୁନଙ୍କ ରଥ ମଧ୍ୟ ଦୃଶ୍ୟମାନ ହେବ। ଏହା ସହିତ ଏକାଧିକ କୁଞ୍ଜ ପାଇଁ ମଧ୍ୟ ମୂର୍ତ୍ତି ନିର୍ମିତ ହୋଇଛି। ବିଶେଷ ଭାବେ ଗଣେଶଙ୍କ ବାଲ୍ୟ ଲୀଳା ସମ୍ବଳିତ ମୂର୍ତ୍ତି ବିଭିନ୍ନ କୁଞ୍ଜରେ ସ୍ଥାନିତ କରାଯିବା ନେଇ ବ୍ୟବସ୍ଥା ହୋଇଛି। ସେହପରି ତୋରଣକୁ ଆକର୍ଷଣୀୟ କରିବା ପାଇଁ ଧାମରାରୁ ଆସିଛନ୍ତି କାରିଗର। ସେମାନେ ସପ ମଶିଣାରେ ତୋରଣକୁ ଏକ ସୁଦୃଶ୍ୟ ମନ୍ଦିରର ରୂପ ଦେବାର ଲାଗିଛନ୍ତି। ଅନୁରୂପ ଭାବେ ଆଲୋକସଜ୍ଜାକୁ ମଧ ମନ ମୁଗ୍ଧକର କରିବା ଉପରେ ମଧ କ୍ଲବର କର୍ମକର୍ତାମାନେ ଗୁରୁତ୍ୱ ଦେଇଛନ୍ତି। ଆସନ୍ତା ୨୭ ତାରିଖ ଠାରୁ ୩ଦିନ ବ୍ୟାପୀ ଯଜ୍ଞାଦି କର୍ମ ଅନୁଷ୍ଠିତ ହେବ। ସନ୍ଧ୍ୟା ସମୟରେ ଭଜନ ପରିବେଷଣ ସହ ନୃତ୍ୟ ସଙ୍ଗୀତ ଭିତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତଯୋଗିତା ଅନୁଷ୍ଠିତ ହେବ ବୋଲି ସେମାନେ ସୂଚନା ଦେଇଛନ୍ତି। ପ୍ରଶାସନର ନିଷ୍ପତି ଅନୁସାରେ ଭସାଣୀ ଦିନ ଧାର୍ଯ୍ୟ ହେବ। ଡିଜେ ପରିବର୍ତ୍ତେ ପାରମ୍ପରିକ ବାଦ୍ୟଯନ୍ତ୍ରରେ ଭସାଣୀ ସମ୍ପନ୍ନ ହେବ। ସଭାପତି ନାରାୟଣ ଦାସ, ସମ୍ପାଦକ ସୁଶାନ୍ତ କୁମାର ଦାସ, କୋଷାଧ୍ୟକ୍ଷ ଅଶୋକ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଯୋଗେନ୍ଦ୍ର ପାତ୍ର, ମଳୟ ଗିରି, ଜୟନ୍ତ ଦାସ, ରାମଚନ୍ଦ୍ର ପାଢୀ, ତନ୍ମୟ ଗିରି, ଚନ୍ଦନ ଦାସ, ସୁବ୍ରତ ମାଝୀ ପ୍ରମୁଖଙ୍କ ସହ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।

**ଦୁଇ କୁନି କାରିଗର ଗଢ଼ିଛନ୍ତି ଗଣେଶ:** ଗଣେଶ ପୂଜା ପାଇଁ ଦୁଇ ଜଣ କୁନି କାରିଗର ତଥା ଛାତ୍ର ନିଜ ହାତରେ ପ୍ରଭୁ ଗଣେଶଙ୍କ ମୂର୍ତ୍ତି ନିର୍ମାଣ କରିଛନ୍ତି। ସ୍ଥାନୀୟ କସିମିଳା ଗ୍ରାମର ଗୌରାଙ୍ଗ ଚନ୍ଦ୍ର ଦାସ ଓ ମମତା ଦାସଙ୍କ ପୁଅ ବାସୁଦେବ ଦାସ(୭) ଚିକିଟା ମାଟି ଓ ପାଣି ରଙ୍ଗ ସାହାଯ୍ୟରେ ମାତ୍ର ଦୁଇ ଦିନରେ ଗଣେଶଙ୍କ ମୂର୍ତ୍ତି ଗଢ଼ିଛନ୍ତି। ସେହିପରି ଆଉ ଜଣେ ସାନପାଟପୁର ହାଇସ୍କୁଲର ଷଷ୍ଠ ଶ୍ରେଣୀରେ ପଢୁଥିବା ହିତେଶ କୁମାର ବିଶ୍ୱାଳ(୧୩) ମଧ୍ୟ ସୁନ୍ଦର ଗଣେଶ ମୂର୍ତ୍ତି ତିଆରି କରିଛନ୍ତି। ବାପା ମନୋରଞ୍ଜନ ବିଶ୍ୱାଳ ଜଣେ ପେସାଦାର ପଥର କାରିଗର ଓ ମାଆ ପୂର୍ଣ୍ଣିମା ବିଶ୍ୱାଳ ଗୃହିଣୀ। ଉଭୟ ପିତାମାତା ତାଙ୍କୁ ପାଠ ପଢା ସହ ବିଜ୍ଞାନ ଭିତ୍ତିକ ଗବେଷଣା ତଥା ମୂର୍ତ୍ତି ନିର୍ମାଣ ପାଇଁ ଉତ୍ସାହିତ କରିଥାନ୍ତି।

**୪୩ ବର୍ଷରେ ଅମର ଜ୍ୟୋତି କ୍ଲବ ଗଣେଶ ପୂଜା:** ଚଳିତବର୍ଷ ୪୩ ବର୍ଷ ଗଣେଶ ପୂଜା ପାଳନ କରିବ କଂଗ୍ରେସ୍ ଗଳିସ୍ଥିତ ଅମର ଜ୍ୟୋତି କ୍ଲବ। କ୍ଲବ୍ ପକ୍ଷରୁ ୧୯୮୩ ମସିହାରୁ ପୂଜା ଆରମ୍ଭ ହୋଇଥିଲା। ଏଥର ମୂର୍ତ୍ତି ଉଚ୍ଚତା ୨୦ ଫୁଟ୍ ରହିଥିବା ବେଳେ ମୁମ୍ବାଇ ସ୍ଥିତ ଲାଲବାଗ ଗଣେଶ ରୂପେ ପୂଜା ପାଇବେ ବୋଲି ସଭାପତି ବିଶ୍ୱନାଥ ବେହେରା କହିଛନ୍ତି। ଏହି ମୂର୍ତ୍ତି ଶିଳ୍ପକାର (ଅଜୟ ନାୟକ) ନିର୍ଦ୍ଦେଶ କ୍ରମେ ଅନ୍ୟ ୨ ଜଣ ବଙ୍ଗୀୟ ଶିଳ୍ପକାର ସହାୟତାରେ ନିର୍ମିତ ହେଉଛି। ଚଳିତବର୍ଷ ପୂଜାର ବିଶେଷ ଆକର୍ଷଣ ହେଉଛି ସାଜସଜ୍ଜା ଓ ଆଲୋକମାଳ। ଉପସଭାପତି ସୁଜିତ୍ ନାୟକ, ଅକ୍ଷୟ ନାୟକ, ସିଦ୍ଧାର୍ଥ ନାୟକ, ମନୋଜ ବେହେରା, ଦୀପକ ବେହେରା, ରମେଶ ବେହେରା, ଚିତ୍ତ ରଂଜନ ପଟ୍ଟନାୟକ ପ୍ରମୁଖଙ୍କ ସହଯୋଗରେ ପୂଜା ହୋଇଥାଏ।

**ବୁଲୁମ୍ ବଏଜ କ୍ଲବ:** ୧୭ ବର୍ଷ ଗଣେଶ ପୂଜା ପାଳନ କରିବ କନଭେଣ୍ଟ ସ୍କୁଲ ନିକଟ ବୁଲୁମ୍ ବଏଜ କ୍ଲବ। ମୂର୍ତ୍ତି ଉଚ୍ଚତା ୧୨ ଫୁଟ୍ ରହିଛି। ଏଥର ପ୍ରଭୁ ଗଜାନନ ମୁମ୍ବାଇ ଶୈଳୀରେ ପୂଜା ପାଇବେ ବୋଲି କ୍ଲବ ସଭାପତି ଦିନେଶ ପଣ୍ଡା କହିଛନ୍ତି। ମୂର୍ତ୍ତୀ ଶିଳ୍ପକାର (ଗୋପୀନାଥ ଦତ୍ତ) ନିର୍ଦ୍ଦେଶକ୍ରମେ ଅନ୍ୟ ୨ ଜଣଙ୍କ ସହାୟତାରେ ନିର୍ମିତ ହେଉଛି। କ୍ଲବର ୨୦୦ରୁ ଅଧିକ ସଦସ୍ୟ ଥିବାବେଳେ ସେମାନଙ୍କ ସହଯୋଗରେ ପ୍ରତିବର୍ଷ ପୂଜା ଆୟୋଜିତ ହୁଏ। ଉପସଭାପତି ଦେବବ୍ରତ ଭୂୟାଁ, ସମ୍ପାଦକ ମନୋହର ମହାନ୍ତି, ସିଦ୍ଧାର୍ଥ ସା, ଅଭିଷେକ ଧିର, ଶାନ୍ତନୁ ଚକ୍ରବର୍ତ୍ତୀ, ଶୁଭମ୍ ରାଉତ, ସୌମ୍ୟ ରଂଜନ, କିରଣ ଶତପଥୀ, ଶଶି ଶେଖର, ଗୌରବ ମିଶ୍ର , ସିତାଂଶୁ ମହାପାତ୍ର, ରାଜୀବ ପୃଷ୍ଟି, ସୌରଭ ବେହେରା, ସବ୍ୟସାଚୀ ରାଉତ ପ୍ରମୁଖଙ୍କ ସହଯୋଗରେ ପୂଜା ହୋଇଥାଏ।

**୫୦ ବର୍ଷରେ ନାଗେଶ୍ୱର କ୍ଲବ ପୂଜା:** ଚଳିତବର୍ଷ ୫୦ ବର୍ଷ ଗଣେଶ ପୂଜା ପାଳନ କରିବ ଓଟି ରୋଡସ୍ଥିତ ନାଗେଶ୍ୱର କ୍ଲବ୍। ସହର ସ୍ଥିତ ହରି ପ୍ଲାଜା ନିକଟରେ କ୍ଲବ ପକ୍ଷରୁ ପ୍ରତିବର୍ଷ ଗଣେଶ ପୂଜା ପାଳିତ ହୋଇଆସୁଛି। ମୂର୍ତ୍ତି ଉଚ୍ଚତା ୨୨ ଫୁଟ୍ ରହିଛି। ଏଥର ପ୍ରଭୁ ଗଜାନନ ଲାଲ ବାଗ ବୁଢା ଗଣେଶ ଶୈଳୀରେ ପୂଜା ପାଇବେ ବୋଲି ସଭାପତି ସନ୍ତାଷ ଦାସ କହିଛନ୍ତି। ମୂର୍ତ୍ତି ଶିଳ୍ପକାର ବାପି, ଗୋରାଙ୍ଗଙ୍କ ନିର୍ଦ୍ଦେଶ କ୍ରମେ ଅନ୍ୟ ୨ ଜଣଙ୍କ ସହାୟତାରେ ନିର୍ମିତ ହେଉଛି। କ୍ଲବର ୩୦୦ରୁ ଅଧିକ ସଦସ୍ୟ ଥିବାବେଳେ ସେମାନଙ୍କ ସହଯୋଗରେ ପ୍ରତିବର୍ଷ ପୂଜା ଆୟୋଜିତ ହୁଏ। ଉପସଭାପତି ଅରୁଣାଂଶୁ ଦାସ, ସଂପଦ ଦାସ, ଜୀବନ ଦାସ, ଦୀପକ ଦାସ, ଗୌତମ ସେଠୀ, ସୁରେଶ ଦାସ, ଶରତ ସେଠୀ, କମଳ ଲୋଚନ ସେଠୀ ରାଜେଶ ବାରିକୀ, ଜୀବନ ସଂଗ୍ରାମ ମିଶ୍ର, ରମେଶ ସେଠୀ, ମାନସ ଦାସ, ସନ୍ଦିପ ସେଠୀ ପ୍ରମୁଖଙ୍କ ସହଯୋଗରେ ପୂଜା ଅନୁଷ୍ଠିତ ହେଉଛି।



ସକାଳ
THE SAKALA



## କୁଚିଣ୍ଡା ଓରମାସରେ ବ୍ୟାପକ ଅନିୟମିତତା

# ବିନା ରସିଦରେ ଲକ୍ଷାଧିକ ଟଙ୍କା ଆଦାୟ ଅଭିଯୋଗ

କୁଚିଣ୍ଡା,୨୫।୮ (ସମିସ)

କୁଚିଣ୍ଡା ବ୍ଲକ ଓରମାସରେ ବ୍ୟାପକ ଅନିୟମିତତା ହେଉଥିବା ସମ୍ବଲପୁର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ଓରାମାସର ଜିଲ୍ଲା ମୁଖ୍ୟ ଶ୍ରୀମନ୍ତ ହୋତଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗହୋଇଛି ଯେ, କୁଚିଣ୍ଡା ଓରମାସରେ ଅଂଶୀଦାର କରାଇ ଦେବା ପାଇଁ ଲୋଭ ଦେଖାଇ କୁଚିଣ୍ଡା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ମହିଳାଙ୍କ ଠାରୁ ଏକ ହଜାର ଟଙ୍କା ଲେଖାଏଁ ଟଙ୍କା ବେଆଇନ ଭାବେ ବିନା ରସିଦରେ ଆଦାୟ କରାଯାଇଛି। ଏହା ବିଶେଷ ଭାବରେ ବକ୍ସମା ଓ ଚନ୍ଦନୀମାଳ ପଞ୍ଚାୟତରେ ହୋଇଛି। ଏହି ଟଙ୍କାକୁ କେଉଁଠି ଜମା କରାଯାଇଛି , ସେ ବାବଦରେ କେହି ଜାଣିପାରୁ ନାହାଁନ୍ତି। ଏହା ବ୍ୟତୀତ କୁଚିଣ୍ଡା ବ୍ଲକ୍‌ର କୌଣସି ଜାଗାରେ ଏହାର ଅଫିସ ନ ଥିଲେ ମଧ୍ୟ ଅଫିସ ନାମରେ ନିୟମିତ ଭାବେ ଭଡା ଟଙ୍କା ଉଠାଇ ନିଆଯାଉଛି। ସେହିପରି କୁଚିଣ୍ଡାରେ ଓରମାସର କର୍ମଚାରୀମାନେ କିଏ, ସେମାନେ କେଉଁଠି ଓ କଣ କାମ କରନ୍ତି , ସେ ବାବଦରେ କେହି କିଛି ଜାଣି ନାହାଁନ୍ତି ଏପରିକି କୁଚିଣ୍ଡାରେ ସେମାନଙ୍କ ଦେଖା ଦର୍ଶନ ମିଳେନାହିଁ ମାତ୍ର ସେମାନଙ୍କୁ ନିୟମିତ ଭାବେ ଦରମା ଦିଆଯାଉଛି। କୁଚିଣ୍ଡାରେ ଓରମାସ ପକ୍ଷରୁ ଏକ ଦୋକାନ ଖୋଲା ଯାଇଥିଲା, ମାତ୍ର ଗତ ଆଠ ମାସ ହେବ ଏହି ଦୋକାନ ବନ୍ଦ ରହିଥିଲେ ମଧ୍ୟ ନିୟମିତ ଭାବେ ଦୋକାନ ଭଡ଼ା ଉଠା ଯାଉଥିବା ଏବଂ କର୍ମଚାରୀଙ୍କ ଦରମା ଦିଆ ଯାଉଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ କୁଚିଣ୍ଡା ଅଞ୍ଚଳରେ ପ୍ରଚୁର ମାତ୍ରାରେ ଆମ୍ବ ଫଳିଥିଲା ଏହାକୁ ଓରମାସ ପକ୍ଷରୁ କିଣାଯାଇ ବାହାରକୁ ପଠାଇ ପ୍ରଚୁର ଲାଭ କରାଯାଇଥିଲା ମାତ୍ର ଲାଭରୁ ଅଂଶୀଦାରଙ୍କୁ ତାଙ୍କର ଅଂଶ ପ୍ରଦାନ କରିବା ପାଇଁ ନିୟମ ରହିଥିଲେ ମଧ୍ୟ ଅଂଶୀଦାରଙ୍କୁ ପ୍ରଦାନ କରାଯାଇ ନାହିଁ। ଓରମାସରେ ଏତେ ଦୁର୍ନୀତି ଚାଲିଥିବାରୁ ସରକାରୀ ଅର୍ଥ ନଷ୍ଟ ହେବା ସହିତ ଓରମାସ ତାର ମୂଳ ଲକ୍ଷ୍ୟ ପୁରଣ କରି ପାରୁନାହିଁ ବୋଲି ବରିଷ୍ଠ ସମାଜସେବୀ ତଥା ପୂର୍ବତନ ସରପଞ୍ଚ ଜଗଦୀଶ ଖଣ୍ଡେଲୱାଲ ସମ୍ବଲପୁର ଜିଲ୍ଲାପାଳଙ୍କୁ ଅଭିଯୋଗ କରି ଏହାର ତଦନ୍ତ ପାଇଁ ଅନୁରୋଧ କରିଛନ୍ତି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଭିଯୋଗ ପାଇବା ପରେ ତଦନ୍ତ କରି ରିପୋର୍ଟ ଦେବାକୁ ଓରମାସର ଶ୍ରୀମନ୍ତ ହୋତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏ ବାବଦରେ ମତାମତ ପାଇଁ ସମ୍ବଲପୁର ଜିଲ୍ଲା ଓରମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମନ୍ତ ହୋତାଙ୍କୁ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ସେ କଲ ରିସିଭ ନ କରିବାରୁ ତାଙ୍କର ମତାମତ ମିଳିପାରି ନାହିଁ।

## ଖରମୁଣ୍ଡା ଇନ୍ଦ୍ରପାହାଡ଼ରେ ଇନ୍ଦ୍ରପୂଜା

ଜମନକିରା,୨୫।୮ (ସମିସ): ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ଖରମୁଣ୍ଡା ଇନ୍ଦ୍ର ପାହାଡ଼ (ଦୁଙ୍ଗିରୀ) ଉପରେ ଇନ୍ଦ୍ରପୂଜା ଅନୁଷ୍ଠିତ ହୋଇଯାଇଛି।କର୍ତ୍ତା ଭାବରେ ନରହରି ମାକର



ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ପୂଜକ ଅଶୋକ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ପୂଜା କାର୍ଯ୍ୟ ଶେଷ ହୋଇଥିଲା। ପୂଜାରେ ବିମଳକାନ୍ତ ମହାନ୍ତି, ପ୍ରଶାନ୍ତ କାଉ, ପବିତ୍ର କଉଡ଼ି, ସୁରୁ ବାଘ, ଜିତେନ୍ଦ୍ର ସେଲମା, ସଂଗୀତା କଉଡ଼ି, ସୁମିତ୍ରା ମାକର, ସୁରେନ୍ଦ୍ର ସେଲମା, ଶ୍ରୀଧର ସାହୁ, ନିରଞ୍ଜନ ମାକର ପ୍ରମୁଖ ସମସ୍ତ ଗ୍ରାମବାସୀଙ୍କ ସହଯୋଗ କରିଥିଲେ।

## ମହମ୍ମଦ ରଫିଙ୍କୁ ସଙ୍ଗୀତ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର, ୨୫।୮ (ସମିସ) :ଓଡ଼ିଶା ସଂସ୍କୃତିକ ସମାଜ ପ୍ରେକ୍ଷାଳୟରେ ସମ୍ବଲପୁର ଜୱାନ-ଏ-ହିନ୍ଦ କ୍ଲବ, ସିଟି କ୍ଲବ ଓ ମହମ୍ମଦ ରଫି ସ୍ମୃତି କମିଟି ପକ୍ଷରୁ ହିନ୍ଦୀ ସିନେମା ଜଗତର




ସୁନାମଧନ୍ୟ ଗାୟକ ପଦ୍ମଶ୍ରୀ ମହମ୍ମଦ ରଫିଙ୍କ ସ୍ମୃତିରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱର୍ଗତ ରଫି ଗାଇଥିବା ଚିର ସବୁଜ ଗୀତ ବାର୍‌ବାର୍ ଦେଖୋ, ଦର୍‌ଦେ ଦିଲ୍, ପରଦା ହେ ପରଦା, ତୁମକୁ ପାରୁନି ତ ଭୁଲି, ମୟୁରୀ ଗୋ, ମେତେ ମିତ୍‌ୱା, ଶର୍‌ଯୋ ତେରା ଚକ୍‌ରାଏ ଆଦି ଗୀତ ଗୁଡ଼ିକ ସ୍ଥାନୀୟ କଣ୍ଠଶିଳ୍ପୀ ସୁଲେମାନ, ତ୍ରିଲୋଚନ ତ୍ରିପାଠୀ, ବିଭୂତି ଦାଶ, ଶ୍ରୀକାନ୍ତ ବାରିକ, ଟି.ଏସ୍ ମଣି, ଶ୍ରୀସୋମ ପାଢ଼ୀ, ପ୍ରୀତିନନ୍ଦା ମିଶ୍ର, ସୁଶ୍ରିତା ପାଣିଗ୍ରାହୀ, ରେହେବର୍, ଗୁଲ୍ଲୁ, ଇକ୍‌ବାଲ, ଶୁଭଶ୍ରୀ ବିଶ୍ୱାଳ, ବିଜୟ ମିଶ୍ର, ମୃତ୍ୟୁଞ୍ଜୟ ମିଶ୍ର, ଶ୍ରୀନୁ ଦାଶ ପ୍ରମୁଖ ଗାଇଥିଲେ। ବାଦ୍ୟ ଯନ୍ତ୍ରରେ ଦେବାଶିଷ ପାଢ଼ୀ, ସୁବାସ ଭୋଇ, ସିଲୁ ସିଂଦେ, ପ୍ରଫୁଲ୍ଲ ବେହେରା ଏବଂ ଶବ୍ଦରେ ସରୋଜ ମହାନ୍ତି ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହମ୍ମଦ ରଫି ସ୍ମୃତି କମିଟି ସଭାପତି ବୁଲୁ ବିଶ୍ୱାଳ ଯୋଗ ଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ମହମ୍ମଦ ରେହେବର, ଡଃ ରେମଣ୍ଡ ଲୋ ଓ ଟି.ଏସ୍ ମଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଭୂତି ଭୂଷଣ ଦାଶ ଓ ଦିଲ୍ଲୀପ ଦେବ ସଂଯୋଜନା କରିଥିଲେ। ଶେଷରେ ଦୁଇ କ୍ଲବର ସମ୍ପାଦକ ମହମ୍ମଦ ଇସାକ୍ ଓ ମହମ୍ମଦ ୟୁସୁଫ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରହ୍ମାକୁମାରୀ ପକ୍ଷରୁ ରକ୍ତଦାନ ଶିବିର

ସମ୍ବଲପୁର,୨୫।୮ (ସମିସ): ବୁର୍ଲାସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ଦିବଂଗତ ପୂର୍ବତନ




ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଦାଦି ପ୍ରକାଶମଣିଜୀଙ୍କ ଅବ୍ୟକ୍ତ ଆରୋହଣ ଦିବସ ଯାହା ସାରା ବିଶ୍ୱରେ ବିଶ୍ୱ ବନ୍ଧୁତ୍ୱ ଦିବସ ଭାବେ ପାଳିତ ହୋଇଥାଏ। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରକୁ ଦୀପକ କପୁର ଉଦ୍‌ଘାଟନ କରିଥିଲେ। ସେବାକେନ୍ଦ୍ର ସଂଚାଳିକା ବହ୍ମାକୁମାରୀ ବାସନ୍ତୀ ତଥା ଦିବ୍ୟା ଭଉଣୀ ଏଥିରେ ସହଯୋଗ କରିଥିଲେ। ଭିମସାର ରକ୍ତଭଣ୍ଡାରର ଡ. କୁମାର ସାନୁ ଓ ଅନ୍ୟ କର୍ମଚାରୀ ମାନଙ୍କ ସହଯୋଗରେ ୩୩ ୟୁନିଟ୍ ରକ୍ତସଂଗ୍ରହ କରାଯାଇଥିଲା। ବ୍ରହ୍ମାକୁମାର ଓ ବ୍ରହ୍ମାକୁମାରୀ ରଘୁ, ଶରତ, ଡ.ରାମଚରଣ, ଡ. ଅଶୋକ, ମେଦିନୀ, ହରିପ୍ରିୟା, ନଳିନୀ ପ୍ରମୁଖ ସହଯୋଗ କରିଥିଲେ।

## ରେଢ଼ାଖୋଲ ପ୍ରେସ୍‌କ୍ଲବ୍ ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ

ରେଢ଼ାଖୋଲ,୨୫।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ରବିବାର ରେଢ଼ାଖୋଲ ପ୍ରେସକ୍ଲବ୍ ପକ୍ଷରୁ ଏକ କାର୍ଯ୍ୟକାରିଣି ବୈଠକ ଅନୁଷ୍ଠିତ



ହୋଇଛି। ଏଥିରେ କମିଟିର ସଭାପତି ରମାକାନ୍ତ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରେସ୍‌କ୍ଲବ୍‌ର ଉନ୍ନତିମୂଳକ କାର୍ଯ୍ୟ ସହ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ସେଥିମଧ୍ୟରୁ ଆଗାମୀ ଦିନ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି ଅନ୍ୟ ପ୍ରସ୍ତାବ ଗୁଡ଼ିକ ଆଲୋଚନା କରି ଗୃହୀତ ହୋଇଥିଲା। ଏହି ବୈଠକରେ ସମ୍ପାଦକ ତପନ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ଯଶବନ୍ତ ନାରାୟଣ ସାହୁ, ଜୟନ୍ତ ଖଡିରତ୍ନ, ରବୀନ୍ଦ୍ର ପ୍ରଧାନ, ପ୍ରସନ୍ନ ପ୍ରଧାନ, ସୁଶାନ୍ତ ନାଗ, ଶଙ୍କର ପୃଷ୍ଟି, ଶରତ ପ୍ରଧାନ, ରଶ୍ମି ରଞ୍ଜନ ଖଡ଼ିରତ୍ନ, ସରୋଜ ସାହୁ, ଅନିଲ ପୃଷ୍ଟି, ସୁଧିର ସୁନା, ଲିଙ୍ଗରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।

## ରବିଶଙ୍କର ପୁସ୍ତକ ଉନ୍ମୋଚିତ

ସମ୍ବଲପୁର, ୨୫।୮ (ସମିସ):ଆଧ୍ୟାତ୍ମ ଜଗତକୁ ପ୍ରବେଶ କରିଥିବା ଶିଳ୍ପପତି ଡଃ ଦିନେଶ ସାହାରାଙ୍କ ଦ୍ୱାରା ରଚିତ ଗୁରୁଦେବଶ୍ରୀ ରବିଶଙ୍କର-ସନାତନ ଅବତାର ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଡଃ ସାହାରା ଆଇଆଇଏମ୍‌ରେ ବିକଶିତ ଭାରତ-୨୦୪୭ ର ପରିକଳ୍ପନା ବିଷୟ ଉପରେ ଆୟୋଜିତ କର୍ମଶାଳାରେ ଯୋଗ ଦେଇଥିଲେ। କୃଷି ଓ ଉତ୍ପାଦନରେ ଆତ୍ମନିର୍ଭରଶୀଳ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଡଃ ସାହାରା ନିଜର ପରିକଳ୍ପନା ଉପରେ ଆଲୋଚନା କରିଥିଲେ। ଡଃ ସାହାରା ସୋୟାବିନ ଚାଷର ପ୍ରାରମ୍ଭ ପ୍ରଣେତା ରୂପେ ଜଣାଶୁଣା।ନୂଆଁଖାଇର ଅବ୍ୟବହିତ ପୂର୍ବରୁ ମା' ସମଲେଶ୍ୱରୀଙ୍କ ମନ୍ଦିର ଦର୍ଶନ ତଥା ନୂଆଁଖାଇ ପର୍ବ ସମ୍ପର୍କରେ ସୂଚନା ପାଇ ଡଃ ସାହାରା ଅତ୍ୟନ୍ତ ପ୍ରସନ୍ନ ହୋଇଥିଲେ। ମା' ସମଲେଶ୍ୱରୀଙ୍କଠାରେ ଭୋଗ ଅର୍ପଣ ପାଇଁ ମନ୍ଦିରକୁ ନୂଆଁଧାନ ଆସିବା ପରମ୍ପରାକୁ ଦେଖି ସେ ମୁଗ୍ଧ ହୋଇଥିଲେ। ପ୍ରଥମ ଶସ୍ୟକୁ ଅର୍ଘ୍ୟ ସ୍ୱରୂପ ଭଗବାନଙ୍କଠାରେ ଅର୍ପଣ ପରେ ତାକୁ ଗ୍ରହଣ କରିବା ଭାରତୀୟ ସଭ୍ୟତାର ଶାଶ୍ୱତ ମୂଲ୍ୟବୋଧକୁ ଦର୍ଶାଉଥିବା କହିଛନ୍ତି।

## ଜୈବିକ ଚାଷୀଙ୍କ ଦୁଇଦିନିଆ ତାଲିମ ଶିବିର

ପଦ୍ମପୁର,୨୫।୮ (ସମିସ): ଭିତ୍ତିଭୂମି ସେବା ସଂଗଠନ ଓ ଅଜିମ ପ୍ରେମଜୀ ଫାଉଣ୍ଡେସନ ସହଯୋଗରେ ନେଇ ୨ ଦିନିଆ ଜୈବିକ ଚାଷୀଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ୟାସଦେବ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜୈବିକ କୃଷି, ରାସାୟନିକ ସାର ଓ ବିଷର ବିପଦକୁ ନେଇ ଜୈବିକ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଶିବିରରେ ରାଜବୋଡାସମ୍ବର କୃଷକ ସଂଗଠନ ଆବାହକ ତଥା ଦେଶୀ ବିହନ ଉତ୍ପାଦକ ଅଶୋକ ସାହୁ, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମ୍ବନ୍ୱୟ ସମିତି ପ୍ରବକ୍ତା ସରୋଜ ମହାନ୍ତି ଜୈବିକ ଚାଷ ଓ ଉପକାରୀତା ଉପରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ନିଜ ପରିବାର ତଥା ସମାଜର ସୁସ୍ଥତାକୁ ଦୃଷ୍ଟିରେ ରଖି ଆମ ସମସ୍ତଙ୍କୁ ଆମର ଫସଲ ବିବିଧତା, ଖାଦ୍ୟ ନିରାପତ୍ତା ଓ ଜୈବିକ କୃଷି ପରମ୍ପରା ତଥା ଜ୍ଞାନ କୌଶଳ ଉପରେ କାମ କରିବାକୁ ହେବ ବୋଲି ବକ୍ତା ମାନେ କହିଥିଲେ। ଦାଶରଥୀ ବେହେରା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଦୁଇ ଦିନିଆ କର୍ମଶାଳାରେ ୧୦ଟି ଗାଁରୁ ରାଧାରମଣ ପାଣିଗ୍ରାହୀ, ରାଧାକାନ୍ତ ସାହୁ, ତୋଫାନ ସାହୁ, ଦିଲ୍ଲୀପ ପଧାନ, ଗୌରହରି ସାହୁ, ପଦ୍ମିନୀ ସାହୁ, ଗୌରୀ ବଢ଼େଇ, କୌଶଲ୍ୟା ହାତୀ,



ଶାଖା ତାଣ୍ଡି, ଉଦେକର ନାୟକ, ବୀଣାପାଣି ବଗର୍ତ୍ତୀ, ସୁଦାମ ମହାନନ୍ଦ, ସନ୍ତୋସିନୀ ମଲ୍ଲିକ ଜୈବିକ ଚାଷୀ ନିଜର ଅନୁଭବ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଂଗଠନର ବିଶ୍ୱଜ୍ୟୋତି, ଝୁମୀ ମେହେର, ବେଦବ୍ୟାସ, ରୋହିଣୀ, କମଲ, ଉକ୍ରଳ ସାହାଯ୍ୟ କରିଥିଲେ।

## ସ୍ନାତକ ମହାବିଦ୍ୟାଳୟରେ ଷ୍ଟାର୍ଟ ଅପ୍ ଇନୋଭେସନ ଉଦ୍‌ଯାପନୀ ଉତ୍ସବ

ପାଇକମାଲ,୨୫।୮ (ସମିସ): ପାଇକମାଲ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ ବାରିକଙ୍କ ସଭାପତିତ୍ୱରେ ଷ୍ଟାଟ୍‌ର୍ ଅପ୍ ଇନୋଭେସନ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଷ୍ଟାଟ୍‌ର୍ ଅପ୍, ଇନୋଭେସନକୁ ନେଇ ସନ୍ଦର୍ଭ ପ୍ରସ୍ତୁତ କରି ବିଜୟୀ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସଭାରେ ପୁରସ୍କୃତ କରାଯାଇଥିଲା।ଆଜକା ସଂଯୋଜକ ନିତ୍ୟାନନ୍ଦ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଭାଧ୍ୟକ୍ଷ ବାରିକ ଛାତ୍ରମାନଙ୍କ ସୃଜନାତ୍ମକ ଶକ୍ତିର ବିକାଶ ହିଁ ଦେଶର ପ୍ରଗତି ବୋଲି କହିଥିଲେ। ଅଧ୍ୟାପକ ପ୍ରଦୀପ୍ତ ସାହୁ ଷ୍ଟାଟ୍‌ର୍ ଅପ୍ ଇନୋଭେସନର ଉଦ୍ଦେଶ୍ୟ ସହ




ଛାତ୍ରଛାତ୍ରୀ ଅଧିକ ମାତ୍ରାରେ ଏଥିରେ ସଂଶ୍ଳିଷ୍ଟ ହୋଇ ନିଜ ଜୀବନରେ ପ୍ରୟୋଗ କରି ସଫଳ ହେବା ପାଇଁ ପ୍ରେରଣା ଦେଇଥିଲେ। ପ୍ରାଧ୍ୟାପକ ପ୍ରଭାତ ବିଶ୍ୱାଳ, ପ୍ରଦୀପ ଦେୱାନ, ମୀନା ସାହୁ ମଞ୍ଚାସୀନ ଥିଲେ। ବିଜୟୀ ଛାତ୍ରୀ ଶ୍ୱେତାରାଣୀ ପଟେଲ, ଛାତ୍ର ସୁରଜ ପ୍ରଧାନ ଓ ସୌମ୍ୟରଞ୍ଜନ ହୋତାଙ୍କୁ ଟ୍ରଫି ସହ ପ୍ରୋତ୍ସାହନ ରାଶି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ସଭା ଶେଷରେ ଅଧ୍ୟାପିକା ଝରଣା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ନାଏକଡିହିପଡ଼ା ମୁଖ୍ୟରାସ୍ତା କାଦୁଅ ପଚପଚ

ଜମନକିରା,୨୫।୮ (ସମିସ): ଜମନକିରା ନାଏକ ଡିହିପଡ଼ା ମୁଖ୍ୟରାସ୍ତା କାଦୁଅରେ ପଚପଚ ହେଉଥିଲେ ବି ପ୍ରଶାସନର ନିଘା ନାହିଁ।ଯାହା ଫଳରେ ପଡ଼ାବାସୀଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ଜମନକିରା ପଞ୍ଚାୟତ ଦଶଘରିଆ ଜାତୀୟ ରାଜପଥ ୫୩ରୁ ନାଏକଡିହିପଡ଼ା ଦେଇ ଅର୍ଜ୍ଜୁନପାଲି ଗ୍ରାମକୁ ଯାଇଛି। ପ୍ରତିଦିନ ଶହ ଶହ ଜନ ସାଧାରଣ ମୁଖ୍ୟରାସ୍ତା ଦେଇ ସ୍କୁଲ କଲେଜ ସହ ସମସ୍ତ କାମ ପାଇଁ ଉକ୍ତ ରାସ୍ତା ଦେଇ ଯିବାଆସିବା କରୁ ଥିଲେ ବି ପ୍ରଶାସନ ଉକ୍ତ ରାସ୍ତା ପ୍ରତି ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ସରକାର ରାସ୍ତା କାମ ପାଇଁ କୋଟି କୋଟି ଟଙ୍କା ମଞ୍ଜୁର କରୁଥିବା ବେଳେ ନାଏକ ଡିହିପଡ଼ାବାସୀଙ୍କ ପାଇଁ ସାତ ସପନ ହୋଇଯାଇଛି। ନାଏକ ଡିହିପଡ଼ାବାସୀଙ୍କ ସହ ଅର୍ଜ୍ଜୁନପାଲି ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବିଡିଓ ରବିନ୍ଦ୍ର ସେଠୀଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।



## ଅବସରକାଳୀନ ସମ୍ବର୍ଦ୍ଧନା ସଭା

କୁଚିଣ୍ଡା,୨୫।୮ (ସମିସ):ବାମରା ବ୍ଲକ୍ ଅନ୍ତର୍ଗତ ଗଡପୋଷା ପ୍ରାଥମିକ ବିଦ୍ୟାଳୟରେ ରବିବାର ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି।ଘନସରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଥିବା ଶରତ ଚନ୍ଦ୍ର ପଟେଲ୍ ଚାକିରିରୁ ଅବସର ଗ୍ରହଣ କରିଥିବା ବେଳେ ତାଙ୍କ ପାଇଁ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ ସୁଦୀପ୍ତ କୁମାର ପଟେଲ, ଗଡପୋଷ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭେଷଜ କୁମାର ପଟେଲ, ସିଆରସିସି କିଶୋର ଗୋପାଳ, ନିତ୍ୟାନନ୍ଦ ସୁନାନି, ଅଶୋକ ସାହୁ, ଦୟାନିଧି ଡୁଡୁମ, ସଞ୍ଜୟ କିସାନ, ରୋହିତ ନାଏକ, ବିଜୟ ଦାସ ଓ ଚମ୍ପକେଶ୍ୱରି ନାଏକ ଙ୍କ ସହ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି ବିଦାୟୀ ଶିକ୍ଷକ ଶରତ ଚନ୍ଦ୍ର ପଟେଲ୍‌ଙ୍କ ଶିକ୍ଷକତା ଜୀବନ ମନେ ପକାଇବା ସହ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଯୁବ ପର୍ବତାରୋହୀ ଆଶୀର୍ବାଦଙ୍କୁ ସହଯୋଗ କରିବ ସାଇକୃପା ନର୍ସିଂହୋମ

ବରଗଡ଼,୨୫।୮ (ସମିସ):ଆଫ୍ରିକା ମହାଦେଶର ଉଚ୍ଚତମ ଶୃଙ୍ଗ କିଲିମାଞ୍ଜାର ଆରୋହଣ କରି ଜନ୍ମମାଟିକୁ ଫେରି ଆସିଥିବା ଆଶୀର୍ବାଦ ମହାପାତ୍ରଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ସହିତ ସମ୍ବର୍ଦ୍ଧିତ କରାଯାଉଛି। ଏହି ରେକର୍ଡ ଏକମାତ୍ର ଭାରତୀୟ ଭାବେ ଆଶୀର୍ବାଦଙ୍କ ନାମରେ ରହିଛି। ଏହା ବରଗଡ଼ ଜିଲ୍ଲା ସମେତ ସମଗ୍ର ରାଜ୍ୟ ପାଇଁ ଗୌରବର ବିଷୟ। ଆଶୀର୍ବାଦ ହେଉଛନ୍ତି ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ଅଧୀନ କୁଲତାଟୁକୁରା ଗାଁର। ଏହି ଉପଲକ୍ଷେ ବରଗଡ଼ ଜିଲ୍ଲାର ଅଗ୍ରଣୀ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ପରିଚିତ ସାଇକୃପା ପଲି କ୍ଲିନିକ ହସ୍ପିଟାଲ ବରଗଡ଼ ପକ୍ଷରୁ ଆଶୀର୍ବାଦ ମହାପାତ୍ରଙ୍କୁ ଉତ୍ତରୀୟ ସହିତ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଭବିଷ୍ୟତରେ ୟୁରୋପ ମହାଦେଶର ଉଚ୍ଚତମ ଶୃଙ୍ଗ ରୁଷିଆରେ ଅବସ୍ଥିତ ଏଲବୃସ ଆରୋହଣ କରିବେ ଆଶୀର୍ବାଦ। ଏଥିପାଇଁ ଆବଶ୍ୟକତା ଅନୁସାରେ ସାଇକୃପା ନର୍ସିଂହୋମ ପକ୍ଷରୁ ଆଶୀର୍ବାଦଙ୍କୁ ସହଯୋଗ କରିବା ପାଇଁ ହସ୍ପିଟାଲର ମୁଖ୍ୟ ଡ.ରାଜେଶ ତ୍ରିପାଠୀ ଓ ସମାଜସେବୀ ଡ.ସୁସ୍ମିତା ଦାଶ ସୂଚନା ଦେଇଛନ୍ତି।

## 'କବିତା ଓ କୋହ' ଉନ୍ମୋଚିତ

ପଦ୍ମପୁର,୨୫।୮ (ସମିସ): ପଦ୍ମପୁର ଉପଖଣ୍ଡ ଜମଲା ଗାଁ ମାଟିର ପୁଅ, ସାହିତ୍ୟିକ ପ୍ରଶାନ୍ତ ମେହେରଙ୍କ ନୂଆ କବିତା ସଂଗ୍ରହ 'କବିତା ଓ କୋହ' ଲଣ୍ଡନରେ ଓଡ଼ିଶା ସୋସାଇଟି ଅଫ୍ ୟୁକେର ୪୬ ତମ ବାର୍ଷିକ ସମ୍ମିଳନୀରେ ଉନ୍ମୋଚନ କରାଯାଇଛି। ଏହା ପ୍ରଶାନ୍ତ ମେହେରଙ୍କ ତୃତୀୟ କବିତା ସଂକଳନ। ସେ ବର୍ତ୍ତମାନ ଦୁବାଇରେ ବସବାସ କରୁଥିବା ସତ୍ତ୍ୱେ, ମନରେ ଓଡ଼ିଆ ମାଟିର ସ୍ମୃତି, ସମ୍ବଲପୁରୀ ସାହିତ୍ୟର ଗନ୍ଧ ଓ ଜୀବନର ଅନୁଭବକୁ ତାଙ୍କ କବିତାରେ ପ୍ରକାଶ କରିଥାନ୍ତି। ତାଙ୍କର ପ୍ରଥମ ବହି 'ମାଟିର ମହକ' ଦୁବାଇରେ, ଦ୍ୱିତୀୟ ବହି 'ମାଟିର ସୁରତା' ବାଙ୍ଗାଲୋରରେ ପ୍ରକାଶିତ ହୋଇ ପାଠକ ମାନଙ୍କ ହୃଦୟ ଜିଣିଛି। 'କବିତା ଓ କୋହ' ସଂଗ୍ରହରେ ମୋଟ ୩୧ଟି କବିତା ସ୍ଥାନ ପାଇଛି। ସେଥିରେ ଲେଖକ ନିଜ ମନର ବେଦନା, ଅନୁଭୂତି ଓ ସ୍ୱପ୍ନକୁ ଶବ୍ଦରେ ବାନ୍ଧିଛନ୍ତି। ଉନ୍ମୋଚନ ଉତ୍ସବରେ କଳାକାର କୁନା ତ୍ରିପାଠୀ, ପଦ୍ମଶ୍ରୀ ଅଦ୍ୱୈତ ଗଡନାୟକ ଓଏସୟୁକେର ସଭାପତି ବିଶ୍ୱଜିତ ପଧାନ, ସେକ୍ରେଟାରୀ ସୁକାନ୍ତ ସାହୁ ଉପସ୍ଥିତ ଥିଲେ।

## ସରକାରୀ କାର୍ଯ୍ୟକ୍ରମରେ ସାମ୍ବାଦିକଙ୍କୁ ମନା

କୁଚିଣ୍ଡା,୨୫।୮ (ସମିସ):ରବିବାର ଦିନ ବାମରା ବ୍ଲକ୍ କାର୍ଯ୍ୟାଳୟରେ ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସରକାରୀ କାର୍ଯ୍ୟକ୍ରମ ଥିଲା। ଉଦ୍ଦେଶ୍ୟ ଥିଲା ବ୍ଲକ୍‌ର ୧୭ଟି ପଞ୍ଚାୟତର ବିପିଏଲ ତଥା ଗରିବ ଲୋକଙ୍କୁ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ଅନ୍ତ୍ୟୋଦୟ ଗୃହ ଯୋଜନା, ଶ୍ରମିକ କାର୍ଡ, ଖାଉଟି ରାସନ କାର୍ଡ ତଥା ଘର ଭଙ୍ଗା କ୍ଷତିପୂରଣ ଅର୍ଥ ଆଦି ବଣ୍ଟନ କରିବା। ଏଥିପାଇଁ ପୂର୍ବାହ୍ନ ୧୧ଟାରେ ବ୍ଲକ୍ କାର୍ଯ୍ୟାଳୟକୁ ଆସି ପହଞ୍ଚିଥିଲେ ମନ୍ତ୍ରୀ ଶ୍ରୀ ନାଏକ। ମାତ୍ର ଉକ୍ତ କାର୍ଯ୍ୟକ୍ରମକୁ ବିଡିଓ ଅଫିସରୁ ବାମରାର ସାମ୍ବାଦିକମାନଙ୍କୁ କୌଣସି ସୂଚନା କିମ୍ବା ଖବର ଦିଆଯାଇ ନ ଥିବାରୁ କେହି ଜଣେ ବି ସାମ୍ବାଦିକ ଖବର ସଂଗ୍ରହ କରିବାକୁ ଆସି ନ ଥିଲେ। ଏହି ପରିପ୍ରେକ୍ଷୀରେ ବହୁ ସଂଖ୍ୟାରେ ଜନସାଧାରଣ ରୁଣ୍ଡ ହୋଇଥିଲେ ହେଁ, ସାମ୍ବାଦିକଙ୍କୁ ନ ଦେଖି ସାମ୍ବାଦିକମାନେ କାହିଁକି ଆସି ନାହାଁନ୍ତି ବୋଲି ଆଲୋଚନା କରିଥିଲେ। ବାମରା ବିଡିଓ ପୁଷ୍ପକ ପ୍ରଧାନ, ରବିବାର ଦିନର ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସମେତ ଚଳିତ ଅଗଷ୍ଟ ମାସରେ ଅନୁଷ୍ଠିତ ସମସ୍ତ ସରକାରୀ କାର୍ଯ୍ୟକ୍ରମ ବିଷୟରେ ଖବର ଦେଇ ନାହାନ୍ତି। କେବଳ ସେତିକି ନୁହେଁ, ବିଡ଼ିଓ ଗତ ସ୍ୱାଧୀନତା ଦିବସ ପାଳନ ଅବସରରେ ସାମ୍ବାଦିକଙ୍କୁ ଖବର ନ ଦେବା ପରିତାପର ବିଷୟ।ଏ ନେଇ ରବିବାର ଦିନ ବାମରା ବ୍ଲକ ସାମ୍ବାଦିକ ସଂଘ ସଭାପତି (ଓୟୁଜେ) ସନ୍ତୋଷ ଶୁକ୍ଳା, ରାଜା ଖାନ ତଥା ବାମରାର ବରିଷ୍ଠ ସାମ୍ବାଦିକ ଜ୍ୟୋତି ଲାଠ ପ୍ରମୁଖ ମନ୍ତ୍ରୀଙ୍କୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଭେଟି ବିଡିଓଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ମନ୍ତ୍ରୀ ରବି ନାରାୟଣ ନାଏକ, ଅତିଶୀଘ୍ର ଏହାର ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଯୁଗ୍ମ ଅଭିଯୋଗ ଜନଶୁଣାଣି

ରେଢ଼ାଖୋଲ,୨୫।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସଭାଗୃହରେ ସୋମବାର ଦିନ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣିରେ ମୋଟ ୭୨ ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତଗତ ୫୮ ଓ ଗୋଷ୍ଠିଗତ ୧୪ଅଭିଯୋଗ ଦାଖଲ ହୋଇଥିଲା। ଅଭିଯୋଗ ଗୁଡିକ ମଧ୍ୟରେ ପାନୀୟଜଳ, ରାସ୍ତା, ସ୍ୱାସ୍ଥ୍ୟ, ଜମିଜମା, ବାର୍ଦ୍ଧକ୍ୟ ଭତ୍ତା ଇତ୍ୟାଦି ରହିଛି। ଏଥିରେ ସମ୍ବଲପୁର ପ୍ରକଳ୍ପ ଅଧିକାରୀ ପ୍ରସନ୍ନ ପତ୍ର, ଏଡିଏମ ସୁଧାଂଶୁ ଭୋଇ, ସମ୍ବଲପୁର ସହକାରୀ ଆରକ୍ଷୀ ଅଧିକ୍ଷକ ପ୍ରକାଶ ଟୋପ ଅଭିଯୋଗ ଗୁଡିକୁ ଶୁଣି ତାହାର ତୁରନ୍ତ ସମାଧାନ କରିବାରୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ରେଢ଼ାଖୋଲ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତ, ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ରେଢ଼ାଖୋଲ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମେହେର, ରେଢ଼ାଖୋଲ ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି ପ୍ରମୁଖ ସମେତ ଜିଲ୍ଲା, ଉପଖଣ୍ଡ ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଥିଲେ।

## ଅନୁଦାନ ଦାବିରେ ବେସରକାରୀ କର୍ମଚାରୀଙ୍କ ଧାରଣା

ନାକଟିଦେଉଳ,୨୫।୮ (ସମିସ):ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନ ରେ ପୁର୍ଣ୍ଣ ଅନୁଦାନ ଦାବୀ ରେ ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚାରି ଜଣ ବେସରକାରୀ କର୍ମଚାରୀ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣାରେ ବସିଛନ୍ତି।ସେମାନେ ହେଲେ ଜୀବବିଜ୍ଞାନ ବିଭାଗର ଡେମୋନ୍‌ଷ୍ଟ୍ରେଟର ଜିତେନ୍ଦ୍ରିୟ ପଣ୍ଡା, ଡ୍ରିଇଓ ବିବେକାନନ୍ଦ ପ୍ରଧାନ, କାର୍ଯ୍ୟାଳୟ ସହାୟକ ତଥା ଲିପିକ ଅମିତ ବିଶ୍ୱାଳ ଓ ପ୍ରାଣୀବିଜ୍ଞାନ ବିଭାଗର ସହାୟିକା ଶିବାନୀ ଦାଶ। ସେମାନେ ପାଉଥିବା ଦରମାରେ ପରିବାର ପ୍ରତିପୋଷଣ କରି ହେଉ ନାହିଁ ବୋଲି କହିଛନ୍ତି।ସେମାନଙ୍କ ଧର୍ମଘଟ ଫଳରେ ଅନୁଷ୍ଠାନ ର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲେ ମଧ୍ୟ ସେମାନଙ୍କ ପ୍ରତି ଅନ୍ୟ କର୍ମଚାରୀ ମାନଙ୍କର ଅନୁକମ୍ପା ରହିଛି। ବେସରକାରୀ କର୍ମଚାରୀ ମାନେ ସମାନ କାମ କରି ମଧ୍ୟ ଅତି କମ୍ ଦରମାରେ କାମ କରୁଛନ୍ତି। ବାରମ୍ବାର ଦାବି ଉପସ୍ଥାପନ କରାଯାଉଥିଲେ ମଧ୍ୟ ସେମାନଙ୍କର ଦାବିକୁ ସରକାର ଏଡାଇ ଦେଉଛନ୍ତି। ତେଣୁ ୨୦୦୮ ରୁ ୨୦୧୮ ଏଓଇ ଦାବି ପୂରଣ ସହ ଅନ୍ୟାନ୍ୟ ଦାବି ପୂରଣ ନ ହେଲେ ଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ଧାରଣାକାରୀ ଚେତାବନୀ ଦେଇଛନ୍ତି। ସେମାନେ ପୂର୍ଣ୍ଣ ଅନୁଦାନ ରାଶି ଦାବିରେ ଅନୁଷ୍ଠାନର କାର୍ଯ୍ୟାଳୟ ସାମନାରେ ଶାନ୍ତିପୂର୍ଣ୍ଣ ଭାବରେ ଧାରଣା ଦେଉଛନ୍ତି।

# ମହିଳା ମହାବିଦ୍ୟାଳୟରେ ରେଡ୍‌କ୍ରସର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ସମ୍ବଲପୁର,୨୫।୮ (ସମିସ)

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ନୋଡାଲ କଲେଜ ଭାବରେ ସମ୍ବଲପୁର ଜିଲ୍ଲା ଯୁବ ରେଡକ୍ରସର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ଯୁବ ରେଡକ୍ରସର ଆବାହକ ପ୍ରଫେସର ପବିତ୍ର ମୋହନ ବେହେରା, ସଂଯୋଜକ ପ୍ରଫେସର ଅଂଜନ କୁମାର ମିଶ୍ର ତଥା ସମ୍ବଲପୁର ଜିଲ୍ଲାର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଯୁବ ରେଡକ୍ରସ ପରାମର୍ଶଦାତାମାନେ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ଭାବରେ




ସମ୍ବଲପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ତୋଫାନ ବାଗ୍ ଏବଂ ମୁଖ୍ୟବକ୍ତା ବିଶିଷ୍ଟ ସମାଜସେବୀ ତଥା ରେଡକ୍ରସ ରାଜ୍ୟ କାର୍ଯ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମଦାସ ପଣ୍ଡା ଯୋଗଦାନ କରିଥିଲେ। ଏଥିରେ ସମ୍ବଲପୁର ଜିଲ୍ଲାରେ ବିଗତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା ଏବଂ ଚଳିତ ବର୍ଷ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ଚଳିତ ବର୍ଷ ଗୋଡଭଗା ମହାବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବର ଅନୁଷ୍ଠିତ ହେବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା।ଏହା ସହିତ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ରେଡକ୍ରସ ୟୁନିଟ୍‌ଗୁଡିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ଅଧ୍ୟକ୍ଷା ପ୍ରଫେସର ମେହେର ସ୍ୱାଗତ ସମ୍ଭାଷଣ କରିବା ସହିତ ରେଡକ୍ରସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲ୍ଲା ଆବାହକ ପ୍ରଫେସର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ସଂଯୋଜକ ପ୍ରଫେସର ମିଶ୍ର ରେଡକ୍ରସ ୟୁନିଟମାନଙ୍କର ସାଂଗଠନିକ ପ୍ରକ୍ରିୟା ଅବଗତ କରାଇଥିଲେ। ମହିଳା ମହାବିଦ୍ୟାଳୟର ରେଡକ୍ରସ୍ ପରାମର୍ଶଦାତା ଡ. ଦୀପକ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

ସଭାର ଆରମ୍ଭରେ ପ୍ରାକ୍ତନ ସମ୍ବଲପୁର ଜିଲ୍ଲା ରେଡକ୍ରସ୍ ସମ୍ମାନିତ ସମ୍ପାଦକ ଜୟଜର୍ଜ ଏବଂ ଲଇଡା ମହାବିଦ୍ୟାଳୟର ପୂର୍ବତନ ରେଡକ୍ରସ୍ ପରାମର୍ଶଦାତା ତଥା ସକ୍ରିୟ ପ୍ରଶିକ୍ଷକ ଶ୍ରୀକାନ୍ତ ପଟେଲଙ୍କ ଅବର୍ତ୍ତମାନରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ଦୁଇ ସ୍ୱର୍ଗତ ଆତ୍ମାପ୍ରତି ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ମହିଳା ମହାବିଦ୍ୟାଳୟର ରେଡକ୍ରସ୍ ୟୁନିଟର ସଦସ୍ୟ ପଫେସର ଶୈଳଜା ମହାନନ୍ଦ, ଡ. ପିତାମ୍ବର ବେହେରା, ଡ ଶୁଭ ସ୍ୱରାଜ ପଟ୍ଟନାୟକ ତଥା ଯୁବ ରେଡକ୍ରସର ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

### ଯାଜପୁର ରୋଡ୍-ଧାମରା ରେଳପଥ ପ୍ରକଳ୍ପ

# ପରିବହନ ମନ୍ତ୍ରୀଙ୍କ ପାଖକୁ ଚିଠି ପଠାଇଲା ସଂଗ୍ରାମ ସମିତି

ଯାଜପୁର,୨୫।୮ (ସମିସ)

ରାଜ୍ୟ ପରିବହନ ମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଯାଜପୁର ରୋଡ୍-ଧାମରା ରେଳପଥ ସଂକ୍ରାନ୍ତୀୟ ସ୍ମାରକପତ୍ର ପ୍ରେରଣ ପାଇଁ ବାର୍ତ୍ତା ଆସିବା ପରେ ଆଜି ଯାଜପୁରରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ତାଙ୍କ ନିକଟକୁ ସ୍ମାରକପତ୍ର ପ୍ରେରଣ କରାଯାଇଛି। ଏହି ସ୍ମାରକପତ୍ରରେ ନେଟ୍‌ୱାର୍କ ପ୍ଲାନିଂ ଗ୍ରୁପ ସୃଷ୍ଟି କରିଥିବା ପ୍ରତିବନ୍ଧକ ସଂପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ରାଜ୍ୟ ସରକାର ଏହି ପ୍ରକଳ୍ପ ମଞ୍ଜୁରୀ ପାଇଁ ଯେଉଁ ପଦକ୍ଷେପ ଗ୍ରହଣ କରିପାରିବେ ସେହି ଦାବି ଉପସ୍ଥାପନ କରାଯାଇଛି ବୋଲି ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସ ଜଣାଇଛନ୍ତି।

ପ୍ରସ୍ତାବିତ ପ୍ରକଳ୍ପର ଡିପିଆର୍‌ର ରେଳବାଇ ବୋର୍ଡର ମଞ୍ଜୁରୀ ଲାଭ କରିବା ପରେ ପରବର୍ତ୍ତୀ ପଦକ୍ଷେପ ପାଇଁ ରେଳବାଇ ବୋର୍ଡ ନିର୍ଦ୍ଦେଶାଳୟର ପ୍ରକଳ୍ପ ମୂଲ୍ୟାୟନ କମିଟି ଏହାକୁ ଅନ୍ତଃ-ମନ୍ତ୍ରଣାଳୟସ୍ତରୀୟ ନେଟ୍‌ୱାର୍କ ପ୍ଲାନିଂ ଗ୍ରୁପ୍ ପାଖକୁ ପ୍ରେରଣ କରିଥିଲା। ନେଟ୍‌ୱାର୍କ ପ୍ଲାନିଂ ଗ୍ରୁପ୍ ପ୍ରକଳ୍ପ ମଞ୍ଜୁରୀ ପ୍ରକ୍ରିୟାରେ ଯେଉଁ ଅନ୍ତରାୟ ସୃଷ୍ଟି କରିଛି, ସେ ସଂପର୍କରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ବି କୌଣସି ପ୍ରତିକାରମୂଳକ ପଦକ୍ଷେପ ନିଆନଯିବା ଉଦ୍‌ବେଗଜନକ ବୋଲି ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ପ୍ରକଳ୍ପ ମଞ୍ଜୁରୀ ପାଇଁ କେନ୍ଦ୍ର ସରକାରଙ୍କ ଉପରେ ନୈତିକ ଚାପ ସୃଷ୍ଟି ନିମନ୍ତେ ଜମି ଅଧିଗ୍ରହଣର ପୂର୍ଣ୍ଣ ବ୍ୟୟଭାର ସମେତ ରେଳପଥ ନିର୍ମାଣର ଅଂଶିକ ବ୍ୟୟ ବହନ କରିବାକୁ ସଂଗ୍ରାମ ସମିତି ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ଦାବି କରାଯାଇଛି। ଏହା ପୂର୍ବରୁ ବର୍ଷ ବର୍ଷ ଧରି ଖୋର୍ଦ୍ଧା-ବଲାଙ୍ଗିର, ଜୟପୁର-ମାଲକାନଗିରି, ଜୟପୁର - ନବରଙ୍ଗପୁର ଓ ପୁରୀ-କୋଣାର୍କ ରେଳପଥ ପାଇଁ ରାଜ୍ୟ ସରକାର ଅନୁରୂପ ପଦକ୍ଷେପ ନେଇଛନ୍ତି। ୨୦୨୪-୨୫ର ରାଜ୍ୟ ବଜେଟରେ ଓଡ଼ିଶାରେ ରେଳପଥ ସଂଯୋଗୀକରଣ ପାଇଁ ୬୦୦ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଥିଲା ବେଳେ ୨୦୨୫-୨୬ରେ ତାହାକୁ ୩୦୦ କୋଟି ଟଙ୍କାରୁ ହ୍ରାସ କରାଯାଇଛି। ଓଡ଼ିଶାର ସପ୍ଲିମେଣ୍ଟାରୀ ବଜେଟରେ ଅଧିକ ୩୦୦ କୋଟି ଟଙ୍କାର ବ୍ୟୟବରାଦ କରି ତାହା ଯାଜପୁର ରୋଡ୍-ଧାମରା ରେଳପଥ ପାଇଁ ଉତ୍ସର୍ଗ କରିବାକୁ ସଂଗ୍ରାମ ସମିତି ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ଦାବି କରାଯାଇଛି। ଗତ ଅଗଷ୍ଟ ୧୬ ତାରିଖରେ ଶାନ୍ତି ମଣ୍ଡପ ଯାଜପୁରରେ ଅନୁଷ୍ଠିତ ସଂଗ୍ରାମ ସମିତିର ବୈଠକରେ ଯେଉଁ ପ୍ରସ୍ତାବ ନିଆଯାଇଥିଲା, ତାହାର ପ୍ରଥମ ପର୍ଯ୍ୟାୟରେ ପଞ୍ଚାୟତ ସ୍ତରରେ ସାଧାରଣରେ ପ୍ରସ୍ତାବ ଗ୍ରହଣ କରି ରେଳମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯିବ ଏବଂ ସେପ୍ଟେମ୍ବର ମାସର ପ୍ରଥମାର୍ଦ୍ଧରୁ ସର୍ବତ୍ର ଗଣଜାଗରଣ ନିମନ୍ତେ ସାଧାରଣ ସଭାମାନ ଆରମ୍ଭ କରାଯିବ ବୋଲି ସଂଗ୍ରାମ ସମିତି ପକ୍ଷରୁ ଘୋଷଣା କରାଯାଇଛି।

## ଏଆଇୟୁଟିୟୁସି ପକ୍ଷରୁ ଶ୍ରମିକ ବିକ୍ଷୋଭ




ଯାଜପୁର,୨୫।୮ (ସମିସ): କେନ୍ଦ୍ରିୟ ଶ୍ରମିକ ସଂଗଠନ ଏଆଇୟୁଟିୟୁସି ଡାକରାରେ ଆସନ୍ତା ସେପ୍ଟେମ୍ବର ୪ ତାରିଖରେ ଦିଲ୍ଲୀସ୍ଥିତ ଯନ୍ତରମନ୍ତର ଠାରେ ଦେଶର ଶ୍ରମଜୀବୀ ଜନଗଣଙ୍କ ବିଭିନ୍ନ ନ୍ୟାୟ ସଂଗତ ଦାବିରେ ସର୍ବଭାରତୀୟ ଶ୍ରମିକ ବିକ୍ଷୋଭ ଅନୁଷ୍ଠିତ ହେବ। ଏହି ବିକ୍ଷୋଭକୁ ସଫଳ କରିବା ପାଇଁ ଦେଶବ୍ୟାପୀ ଅଭିଯାନରେ ଶ୍ରମିକମାନେ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଏଆଇୟୁଟିୟୁସି ଯାଜପୁର ଜିଲ୍ଲା କମିଟି ପକ୍ଷରୁ ଯାଜପୁର ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୫ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଶ୍ରମିକ ବିରୋଧି ଶ୍ରମକୋର୍ଡ ବାତିଲ କରିବା, ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା ବିଭିନ୍ନ ବର୍ଗର ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ସହାୟତା, ୨୮ ହଜାର ଟଙ୍କା ମଜୁରୀ, ରାଷ୍ଟ୍ରାୟତଃ ଉଦ୍ୟୋଗ ଗୁଡିକର ଘରୋଇକରଣ ବନ୍ଦ କରିବା, ସାରୁଆ ବିଲ ଓ କମର୍ଦ୍ଧା ଖଣିରେ ଖଣି ପ୍ରଭାବିତ ମାନଙ୍କୁ କାମ ଦେବା, ଆଶା, ଅଙ୍ଗନବାଡ଼ି କର୍ମୀ ଓ ପାଚିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା ଆଦି ଦାବି କରାଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ମେଡିକାଲ ଛକରୁ ବାହାରି ଜିଲ୍ଲାପାଳ ଅଫିସକୁ ଆସିଥିଲା। ଶ୍ରମିକ ନେତା ବୀରକିଶୋର ନାୟକଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭାରେ ସଂଗଠନର ଜିଲ୍ଲା ସଂପାଦକ ସୁରେଶ ପ୍ରଧାନ, ରାଜ୍ୟ କମିଟି ସଭ୍ୟ ସୁରେନ୍ଦ୍ର ମଲ୍ଲିକ, ରାଜକିଶୋର ମହାନ୍ତ, ରାଧାବଲ୍ଲଭ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ; ଜଣେ ଗିରଫ

ପାଣିକୋଇଲି, ୨୫।୮ (ସମିସ): ପାଣିକୋଇଲି ଥାନା ଅର୍ନ୍ତଗତ ୧୬ ନମ୍ବର ଜାତୀୟ ରାଜପଥର ଷଠିପୁର ନିକଟରେ ଗତ ୧୬ ତାରିଖ ରାତି ୨ଟାରେ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କର ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିବା ବେଳେ ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲ। ଜାତୀୟ ରାଜପଥ ପାଶ୍ୱର୍ ବରୁଣାଇପଦାଠାରେ ଥିବା ବାବା ଚନ୍ଦ୍ରଶେଖର ରାଇସ୍ ମିଲର ସିକ୍ୟୁରିଟି ଭାବେ କାର୍ଯ୍ୟ କରୁଥିବା ଯାଜପୁର ଥାନା ଅନ୍ତର୍ଗତ ତରତୋଟା ଗ୍ରାମର ଭଜହରି ଦାଶଙ୍କ ପୁଅ ପ୍ରଶାନ୍ତ ଦାଶ (୪୫) ଶୁକ୍ରବାର ରାତି ୨ଟା ବେଳେ କାର୍ଯ୍ୟ ସାରି ଏକ ସ୍କୁଟି (ଓଡି୨୨ବି ୧୩୯୫) ଯୋଗେ ଘରକୁ ଫେରୁଥିବା ବେଳେ ଷଠିପୁର ନିକଟରେ ଏକ ପଲସର ବାଇକ୍ (ଓଡି୦୫ସିଏ୪୬୬୪) ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ପ୍ରଶାନ୍ତ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବଡ଼ଭାଇ ପ୍ରଶ୍ନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୨୬୩/୨୫ ରୁଜୁ କରି ପରିବାରକୁ ଶବ ହସ୍ତାନ୍ତର କରିଥିଲା। ଏହାର ତଦନ୍ତ ଚାଲୁ ରହିଥିବା ବେଳେ ପଲସର ଆରୋହୀ ବଡଚଣା ଥାନା ଅନ୍ତର୍ଗତ ବଡ଼ଘୁମୁରୀ ଗ୍ରାମର ଈଶ୍ୱର ମହାନ୍ତିଙ୍କ ପୁଅ ଦୀପକ କୁମାର ମହାନ୍ତି (୩୫) କୁ ଗିରଫ ପୁଲିସ ଆଜି ଅଦାଲତ ଚାଲାଣ କରିଛି।

## ପୂର୍ବତନ ପ୍ରାଧାପକଙ୍କ ପରଲୋକ



ବ୍ୟାସନଗର,୨୫।୮ (ସମିସ): ବ୍ୟାସନଗର ମହାବିଦ୍ୟାଳୟର ପୂର୍ବତନ ପ୍ରାଧାପକ ରବିନାରାୟଣ ପଣ୍ଡାଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ବିଗତ ୨ ମାସ ହେବ ସେଠାରେ ଚିକିତ୍ସାଧୀନ ରହିଥିଲେ। ସେ ଜଣେ ଛାତ୍ରବତ୍ସଳ ତଥା ଉଚ୍ଚକୋଟିର ପ୍ରାଧାପକ, ଜଣେ ପରୋପକାରୀ, ମେଳାପି, ଆଧ୍ୟାତ୍ମିକବାଦି ବ୍ୟକ୍ତିତ୍ୱ ଥିଲେ। ବ୍ୟାସନଗରର ବିଭିନ୍ନ ସଙ୍ଗଠନ ସହିତ ଓତଃପ୍ରୋତଃ ଭାବେ ଜଡିତ ଥିଲେ। ସେ ବରିଷ୍ଠ ନାଗରିକ ମଞ୍ଚ, ବ୍ୟାସନଗର ମହାବିଦ୍ୟାଳୟ ନିତ୍ୟ ଯୋଗକାକ୍ଷାର ଜଣେ ନିୟମିତ ସଦସ୍ୟ ଥିଲେ। ତାଙ୍କ ବିୟୋଗରେ ନିତ୍ୟ ଯୋଗକାକ୍ଷ ମହାବିଦ୍ୟାଳୟରେ ଶୋକ ସଭାର ଆୟୋଜନ ହୋଇଥିଲା। ତାଙ୍କର ମରଶରୀରକୁ ତାଙ୍କ ବାସଭବନକୁ ଅଣାଯିବା ପରେ ବରିଷ୍ଠ ଓକିଲ ସୁଧନୁ ଦାସ, ବ୍ୟାସନଗର କଲେଜର ପୂର୍ବତନ ଅଧ୍ୟକ୍ଷ ସୌରଭମୟ ଦାସ, ବିବେକାନନ୍ଦ ମହାନ୍ତି, ବିଜୟ କୁମାର ମହାନ୍ତି, ପତାଞ୍ଜଳି ଭାରତ ସ୍ୱାଭିମାନ ଜିଲ୍ଲା ପ୍ରଭାରୀ ବିବେକାନନ୍ଦ ଜେନା, ସହ ପ୍ରଭାରୀ ବିଭୀଷଣ ନାୟକ, ରାଜେଶ୍ କୁମାର ପତି, ସି ଚ ଶ୍ରିନୁ, ପୂର୍ବତନ ପ୍ରାଧାପକ ପୁନପୁନ ଦାସ, ଦିଲୀପ କୁମାର ଦଳେଇ, ପୂର୍ବତନ ଅଧ୍ୟକ୍ଷ ସେଖ ଅବୁତାହର ପ୍ରମୁଖ ମରଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ପରେ ତାଙ୍କର କର୍ମସ୍ଥଳି ବ୍ୟାସନଗର ମହାବିଦ୍ୟାଳୟକୁ ନିଆଯିବା ସହିତ ସେଠାରେ ଶତାଧିକ ଛାତ୍ରଛାତ୍ରୀ ଓ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଶେଷରେ ତାଙ୍କ ମରଶରୀର ଢେଙ୍କାନାଳ ଯୋରନ୍ଦା ସ୍ଥିତ ଜନ୍ମଭୂମିକୁ ସଂସ୍କାର ପାଇଁ ନିଆଯାଇଥିଲା।

## ବାଇକ୍ ଦୁର୍ଘଟଣାରେ ମା', ପୁଅ ଗୁରୁତର

ସୁକିନ୍ଦା,୨୫।୮ (ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଦୁଅବନ୍ଦୀ ଗ୍ରାମ ନିକଟ ରେଙ୍ଗାଲି କେନାଲ ରାସ୍ତାରେ ଏକ ବାଇକ୍ ଦୁର୍ଘଟଣାରେ ମା' ପୁଅ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ସୂଚନା ମୁତାବକ କାଙ୍କଡପାଳ ପଞ୍ଚାୟତ ଅଧୀନସ୍ଥ ଚଟକିପଶି ଗ୍ରାମର ନରେନ୍ଦ୍ର ମହାନ୍ତ ସୋମବାର ଦିନ ସ୍ତ୍ରୀ ପ୍ରଭାତୀ ମହାନ୍ତ ଓ ଶିଶୁ ପୁତ୍ରକୁ ବାଇକରେ ନେଇ ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦମ୍ପତି ଓ ଶିଶୁ ପୁତ୍ରକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମା' ଓ ପୁଅଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ବନ୍ଦ ବିଦ୍ୟାଳୟ ପୁଣି ଖୋଲିଲା



ମଇଁନ୍ଦା,୨୫।୮ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ଗ୍ରାମପଞ୍ଚାୟତ ଅଧୀନ ବଡ଼ପାଳ ପ୍ରାଥମିକ ବିଦ୍ୟାଳୟ ପୁଣିଥରେ ଉଦ୍‌ଘାଟନ କରାଯାଇଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଯେଉଁ ବିଦ୍ୟାଳୟରେ ପିଲା ସଂଖ୍ୟା ୩୦ରୁ କମ୍ ଥିବ ସେ ବିଦ୍ୟାଳୟ ବନ୍ଦ କରାଯାଇଥିଲା। କିନ୍ତୁ ପିଲାମାନେ ଅନ୍ୟ ଏକ ବିଦ୍ୟାଳୟ ଯିବାର ଦୂରତା ଅଧିକ ହେବାରୁ ପାଠ ପଢ଼ିବାରେ ବ୍ୟାଘାତ ସୃଷ୍ଟି ହେଉଥିଲା। ଏ ନେଇ ଗ୍ରାମବାସୀ ଅଭିଯୋଗ କରିବାପରେ ସରକାର ପୁନର୍ବାର ସ୍କୁଲ ଖୋଲିବାରେ ନିଷ୍ପତ୍ତି ନେଇଛନ୍ତି। ଆଜି ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ତରଫରୁ ନିର୍ଦ୍ଦେଶ ଅନୁଯାୟୀ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜିକା ପ୍ରୀୟ ଦର୍ଶନୀ ପରିଡ଼ା। ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ବେହେରା ଓ ସହକାରୀ ଶିକ୍ଷୟିତ୍ରୀ ଆଶାଲତା ଶତପଥୀ। ସମାଜସେବୀ ଅକ୍ଷୟ କୁମାର ଯେନା, ଚକ୍ରଧର ପାତ୍ର ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା ମନୋନୀତ

ବଡ଼ଚଣା,୨୫।୮ (ସମିସ): ପାର୍ବଣ ଋତୁ ଆରମ୍ଭ ହେବା ମାତ୍ରେ ପୂଜା କମିଟି ଗୁଡିକ ଚଳଚଞ୍ଚଳ ହୋଇପଡିଛନ୍ତି। ଆଗମୀ ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳା ଓ ଯାକଜମକରେ ପାଳନ କରିବା ପାଇଁ ବିଭିନ୍ନ ପୂଜା କମିଟି ନିଜ ନିଜର ପ୍ରସ୍ତୁତି ବୈଠକ କରି ଯୋଜନା ପ୍ରସ୍ତୁତ ଆରମ୍ଭ କରିଦେଲେଣି। ଏହି ଅବସରରେ ବଡଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ସାର୍ବଜନୀନ ଦୁର୍ଗାପୂଜା କମିଟିର ଏକ ପ୍ରସ୍ତୁତି ବୈଠକ ତ୍ରିଲୋଚନ ମହାନ୍ତିଙ୍କ ସଭାପତିତ୍ୱରେ ଦୁର୍ଗାମଣ୍ଡପ ଠାରେ ହୋଇଯାଇଛି। ଚଳିତ ବର୍ଷ ଦୁର୍ଗା ପୂଜାକୁ ଶାନ୍ତିଶୃଙ୍ଖଳା ଓ ଯାକଜମକରେ ପାଳନ କରିବା ପାଇଁ ଏକ ନୂତନ ଦୁର୍ଗାପୂଜା କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବରେ ଚିନ୍ମୟ ମହାନ୍ତି, ଉପସଭାପତି ଧନେଶ୍ୱର ଦାସ, ସମ୍ପାଦକ ମହେଶ୍ୱର ମହାନ୍ତି, ସହ ସମ୍ପାଦକ ସନ୍ତୋଷ ଦାସ, କୋଷାଧ୍ୟକ୍ଷ ପ୍ରବୀର ଦାସ ଓ ହିସାବ ରକ୍ଷକ ଭାବେ ସୁଶାନ୍ତ ଦାସଙ୍କୁ ମନୋନୀତ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପଙ୍କଜ ଦାସ, ତପନ ତରାଇ, ସନ୍ଦୀପ କାନୁନଗୋ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ଚଳିତ ବର୍ଷ ଦୁର୍ଗା ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମୀନାବଜାର, ପାରମ୍ପରିକ ପୂଜା ବିଦ୍ଧି ସମେତ ସାମୂହିକ ପ୍ରସାଦ ସେବନ ଉପରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ଦୁର୍ଗା ପୂଜାକୁ ଶାନ୍ତିଶୃଙ୍ଖଳା ସହିତ ପାଳନ କରିବା ପାଇଁ ନୂତନ କମିଟିର କର୍ମକର୍ତ୍ତାମାନେ ସମସ୍ତଙ୍କର ସାହାଯ୍ୟ ସହଯୋଗ କାମନା କରିଥିଲେ।

## ପାଣିକୋଇଲିର ବିଭିନ୍ନ ସମସ୍ୟାର ସମାଧାନ ଦାବି

ପାଣିକୋଇଲି, ୨୫।୮ (ସମିସ): ପାଣିକୋଇଲି ଅଞ୍ଚଳରେ ବିଭିନ୍ନ ସମସ୍ୟା ଥିଲେ ବି ପ୍ରଶାସନିକ ଅବହେଳାରୁ ଏହା ଆଣ୍ଠେଇଛି। ଯାହାକୁ ନେଇ ଆଜି କୋରେଇ ବ୍ଲକରେ ମିଳିତ ଜନଶୁଣାଣିରେ ଯୁବନେତା ରାକେଶ ସାହୁ ଅଭିଯୋଗ କରିଛନ୍ତି। ପଡ଼ିରହିଥିବା କୋରେଇ ଭବନ ନିର୍ମାଣ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। କୋରେଇ ପଞ୍ଚାୟତ ସମିତି ଓ ଗ୍ରାମ ଉନ୍ନୟନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ହୋଇପାରୁନଥିବା ଅଭିଯୋଗପରେ ଉପଜିଲ୍ଲାପାଳ ଏହାର ତଦନ୍ତ ନିଜେ କରିବେ ବୋଲି କହିଛନ୍ତି। ଓଡିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାର ଶହେ ଶଯ୍ୟା ବିଶିଷ୍ଟ ବାବୁ ଜଗତଜୀବନ ରାମ ଛାତ୍ରନିବାସ ନିର୍ମାଣ ପାଇଁ ବିଭାଗୀୟ ଚିଠି ହୋଇଥିଲେ ବି ତାହା କହିଁକି କାର୍ଯ୍ୟକାରୀ ହେଉନାହିଁ। ପାଣିକୋଇଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଷ୍ଟାଫ କ୍ୱାର୍ଟର ପାଇଁ ଚିଠି କରାଯାଇଥିଲେ ବି ଆଜିପର୍ଯ୍ୟନ୍ତ କାହିଁକି କାର୍ଯ୍ୟକାରୀ ହୋଇନାହିଁ ବୋଲି ଶ୍ରୀ ସାହୁ ଅଭିଯୋଗ କରିଥିଲେ।

## ଗଣେଶ ପୂଜାରେ ଅମାନିଆଙ୍କୁ ଲାଗିବ ଛାଟ

ବିଞ୍ଝାରପୁର,୨୫।୮ (ସମିସ): ସାରା ରାଜ୍ୟରେ ମାତ୍ର ଆଉ ଦିନ କେଇଟା ପରେ ଆରମ୍ଭ ହେବ ପାର୍ବଣ ଋତୁ। ସେଥିପାଇଁ ଗ୍ରାମ ଠାରୁ ସହର ଚଳଚଞ୍ଚଳ ହୋଇଉଠିଛି। ବିଞ୍ଝାରପୁର ବ୍ଲକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗଣେଶ ପୂଜା ପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ବିଞ୍ଝାରପୁର ଥାନା ପୁଲିସ ପକ୍ଷରୁ ବ୍ଲକର ବିଭିନ୍ନ ପୂଜା କମିଟି ସଦସ୍ୟ ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଥାନା ଅଧିକାରୀ ରଞ୍ଜନ କୁମାର ଙ୍କ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ ବୈଠକରେ ଗଣେଶ ପୂଜାକୁ ଶୃଙ୍ଖଳିତ ଓ ନିଶାମୁକ୍ତ କରିବା ନେଇ ଗୁରୁତ୍ୱ ଦିଆଯାଇଛି। ଭସାଣି ଉତ୍ସବରେ ଡିଜେକୁ ପୂର୍ବ ପରି କଟକଣା କରା ଯାଇଛି। ୬୦ ଡେସିବିଲ ଉପରେ ଶବ୍ଦ ବ୍ୟବହାର କରାଗଲେ କାର୍ଯ୍ୟାନୁଷ୍ଠାନ ନିଆ ଯିବ ବୋଲି ପୁଲିସ ପ୍ରକାଶ କରିଛି। କୌଣସି ପୂଜା ମଣ୍ଡପରେ ଯେପରି କୌଣସି ଅଘଟଣ ଅଥବା ଇଲେକ୍ଟ୍ରିକ ସର୍ଟସର୍କିଟ ଜନିତ ତ୍ରୁଟି ପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି। ପୂଜା ଆୟୋଜନ ପୂର୍ବରୁ କର୍ମକର୍ତ୍ତା ମାନେ ଅନୁମତି ନେବେ ଏବଂ ଶୃଙ୍ଖଳିତ ଭାବେ ପୂଜା ଓ ଭସାଣ ରାତି ୧୦ଟା ମଧ୍ୟରେ ସାରିବାକୁ କୁହାଯାଇଛି। ଚଳିତ ବର୍ଷ ୧୦୦ରୁ ଉର୍ଦ୍ଧ ସ୍ଥାନରେ ମେଢ ହେଉଥିବା ବେଳେ ଅନେକ କମିଟି ବିନା ଅନୁମତିରେ ମେଲୋଡି, ପ୍ରସେସନ ଆଦି କରିବାକୁ ମସୁଧା ରଖିଛନ୍ତି। ଯଦି ଏଭଳି ଘଟଣା ନଜରକୁ ଆସେ ତେବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଥାନା ଅଧିକାରୀ ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି।

## ଶିକ୍ଷକ ଓ କର୍ମଚାରୀ ଅଭାବ ନେଇ ଗଣଧାରଣା




ବିଞ୍ଝାରପୁର/ପ୍ରୀତିପୁର ୨୫।୮ (ସମିସ): ବିଞ୍ଝାରପୁର ବ୍ଲକ ପ୍ରୀତିପୁରସ୍ଥିତ ଅନ୍ୟତମ ବହୁ ପୁରାତନ ଶିକ୍ଷାନୁଷ୍ଠାନ ବିନୋଦ ବିହାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ସୋମବାର ପୁରାତନ ଛାତ୍ରସମୂହ ଗଣଧାରଣା ଦେଇଛନ୍ତି। ଦୀର୍ଘ ଦିନ ଧରି ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ରହିଥିବା ବେଳେ ବାରମ୍ବାର ଅଭିଯୋଗ ପରେ ବି କର୍ଣ୍ଣପାତ କରୁନାହାନ୍ତି ଜିଲ୍ଲା ଶିକ୍ଷାଅଧିକାରୀ। ଯାହା ଶିକ୍ଷକ ଓ କିରାଣି ରହିଥିଲେ ସେମାନଙ୍କୁ ମଧ୍ୟ ରାତି ଅଧିଆ ବଦଳି କରାଯାଇଛି। ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ପାଠ ପଢୁଥିବା ବେଳେ କେବଳ ଭରସା ୪ ଜଣ ଶିକ୍ଷକ। ଯାହାକୁ ନେଇ ବିଦ୍ୟାଳୟରେ ପାଠ ପଢାରେ ଅନେକ ସମସ୍ୟା ଦେଖଦେଇଥିବା ଅଭିଯୋଗ କରିଛନ୍ତି ଧାରଣାକାରୀ ଛାତ୍ର। ଜିଲ୍ଲାଶିକ୍ଷା ଅଧିକାରୀଙ୍କର ଏହି ବିଦ୍ୟାଳୟ ପ୍ରତି ବୈମାତୃକ ଭାବ ରହିଥିବା ଅନୁଭବ କରି ସୋମବାର ବିଦ୍ୟାଳୟ ଆଗରେ ପୁରାତନ ଛାତ୍ର ସମୂହ ଧାରଣା ଦେଇଛନ୍ତି। ଏହି ଗଣଧାରଣାରେ ବିଦ୍ୟାଳୟର ପୁରାତନ ଛାତ୍ରସମୂହମାନଙ୍କ ସହ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଅଳକୁଣ୍ଡ ଗ୍ରାପର ସରପଞ୍ଚ ସୁଶାନ୍ତ ଦାସ, ପ୍ରୀତିପୁର ସରପଞ୍ଚ ପ୍ରିତିକୃଷ୍ଣା ଜେନାଙ୍କ ସମେତ ଅଳଗୁଣ୍ଡ, ପ୍ରୀତିପୁର, ବିତନା ଓ ଆଖପାଖ ଅଞ୍ଚଳର ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଏହି ଗଣଧାରଣାର ଖବରପାଇ ଧାରଣାସ୍ଥଳକୁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବଳରାମ ପତି ଓ ପରେ ବ୍ଲକ ଶିକ୍ଷାଧିକାରୀ ସୁବାସ ବିଶ୍ୱାଳ ପହଞ୍ଚି ଧାରଣାକାରୀଙ୍କୁ ବୁଝାସୁଝା ପରେ ଭରସା ନପାଇବାରୁ ତାଙ୍କୁ ଅଟକ ରଖିଥିଲେ। ଏହି ଘଟଣାର ଖବରପାଇ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଗାଣଧାରଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ଦାବି ମୁତାବକ ଖୁବଶିଘ୍ର ଆବଶ୍ୟକିୟ ପଦକ୍ଷେପ ନେବାକୁ ନେଇ ଲିଖିତ ପ୍ରତିଶ୍ରୁତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲ।

**● ଋଣ ଅର୍ଥ ଫାଙ୍କିବା ଅଭିଯୋଗ**

## ଜରିମାନା ଓ ଜେଲଦଣ୍ଡ ଶୁଣାଇଲେ ଅଦାଲତ

ବ୍ୟାସନଗର,୨୫।୮ (ସମିସ): ଯାଜପୁରରୋଡ୍ ଜେଏଫ୍ଏମ୍‌ସି ଏକ ଅର୍ଥ ଫାଙ୍କିବା ଅଭିଯୋଗର ଶୁଣାଣି କରି ଅଭିଯୁକ୍ତକୁ ୩ ଲକ୍ଷ ୫୦ହଜାର ଅର୍ଥ ରାଶି ଜରିମାନା ଏବଂ ୩ ମାସ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ସୂଚନାଯୋଗ୍ୟ ଯେ ଚୋଳାମଣ୍ଡଳ ଇନଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସିଆଲ୍ କମ୍ପାନୀ ଲିମିଟେଡ ଯାଜପୁର ରୋଡ, ଓଡ଼ିଶା ଶାଖାରୁ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ମଛାଲୋ ଗ୍ରାମର ପଦ୍ମଲୋଚନ ନାଥ ଏକ ଟ୍ରାକ୍ଟର ଗାଡି ଲୋନ୍ ନେଇ ଦୀର୍ଘ ବର୍ଷ ହେବ ବକେୟା ୨,୮୧,୪୦୦ ଟଙ୍କା ପୈଠ କରୁନଥିଲେ। ଫଳ ସ୍ୱରୂପ ଚୋଳା ଫାଇନାନ୍ସ କମ୍ପାନୀ ତରଫରୁ ଯାଜପୁର ରୋଡ ଜେଏଫ୍ଏମସି ପ୍ରିୟଦର୍ଶନୀ କୁମ୍ଭାରଙ୍କ କୋର୍ଟରେ ଏକ ଚେକ୍ ବାଉନ୍ସ ମାମଲା ଦାୟର କରାଯାଇଥିଲା। ମାମଲାର ଶୁଣାଣି କରି କୋର୍ଟ ପଦ୍ମଲୋଚନଙ୍କୁ ୩ଲକ୍ଷ ୫୦ହଜାର ଟଙ୍କା କ୍ଷତିପୂରଣ ସହ ୩ ମାସ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଆଉ ଅଧିକ ୧୫ ଦିନ ଅଧିକ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲା ଚୋଳାମଣ୍ଡଳ ଇନଭେଷ୍ଟମେଣ୍ଟ ଆଣ୍ଡ ଫାଇନାନ୍ସିଆଲ୍ କମ୍ପାନୀ ଲିମିଟେଡ, ଯାଜପୁର ରୋଡ ତରଫରୁ ସୁବାସ ଚନ୍ଦ୍ର ନନ୍ଦ ଓ ଆସୋସିଏଟର ଆଡଭୋକେଟ୍ ଚନ୍ଦ୍ରକାନ୍ତ ଖଣ୍ଡାଇ, ଦେବାଶିଷ ପଣ୍ଡା, ସନ୍ତୋଷ ଆଚାର୍ଯ୍ୟ ପରିଚାଳନା କରୁଥିଲେ।

## କଲମ ଓ କଇଁଚିର କୁଶଳୀ କାରିଗର ପଦ୍ମଶ୍ରୀ ବିନୋଦ ପଶାୟତ



ବାଲିଚନ୍ଦ୍ରପୁର, ୨୫।୮ (ସମିସ): ନିଖିଳ ଉତ୍କଳ ବାରିକ ସମିତି ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ଆବର୍ତ୍ତନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଜିଲ୍ଲା ସଭାପତି ଉମେଶ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ବାଲିଚନ୍ଦ୍ରପୁର ରବିନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଉପସଭାପତି କୁଳମଣି ବାରିକ ଯୋଗଦେଇ ତାଙ୍କ ଜୀବନଶୈଳୀ ଉପରେ ଆଲୋକପାତ କରି କହିଥିଲେ ଯେ ପେଷାରେ କୌଳିକ ବୃତ୍ତି କାର୍ଯ୍ୟକୁ ପାଥେୟ କରିଥିବା ବିନୋଦ ପଶାୟତ କଲମ ଓ କଇଁଚିର କୁଶଳୀ କାରିଗର ରୂପେ ସୁନାମ ଅର୍ଜନ କରିଥିଲେ। ସମ୍ବଲପୁରୀ ଲୋକଗୀତ ଓ ନାଟକକୁ ସରଳ ଭାଷାରେ ରଚନା ସହ ଜନପ୍ରିୟ କରାଇବାରେ ତାଙ୍କର ବିଶେଷ ଅବଦାନ ରହିଥିଲା। ଜୀବନ ବ୍ୟାପୀ ସାହିତ୍ୟ ସାଧନା ପାଇଁ ତାଙ୍କୁ ୨୦୨୪ରେ ଭାରତ ସରକାର ସମ୍ମାନ ଜନକ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହିତ ସାହିତ୍ୟ ସାଧନା ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ଅନେକ ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ଜିଲ୍ଲା ସମ୍ପାଦକ ହୃଷିକେଶ ବାରିକ, ପ୍ରମୋଦ କୁମାର ବାରିକ, ରମେଶଚନ୍ଦ୍ର ବାରିକ, ସୁଶାନ୍ତକୁମାର ବାରିକ ପ୍ରମୁଖ ଯୋଗଦେଇଥିଲେ। ପରିଶେଷରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ହରେକୃଷ୍ଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ବଭାରତୀୟ କନିଷ୍ଠ କିକ୍ ବକ୍ସିଂ ପ୍ରତିଯୋଗିତା; ଭାଗ ନେବେ ଯାଜପୁରର ୫ ପ୍ରତିଯୋଗୀ



ଯାଜପୁର,୨୫।୮ (ସମିସ): ଚେନ୍ନାଇରେ ସର୍ବଭାରତୀୟ କନିଷ୍ଠ କିକ୍ ବକ୍ସିଂ ପ୍ରତିଯୋଗିତା ଚଳିତ ମାସ ୨୭ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ଯାଜପୁରର ୫ ପ୍ରତିଯୋଗୀ ଓ ୨ ଅଧିକାରୀ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ମଧୁସ୍ମିତା ପୃଷ୍ଟି, ହିତେଶ କୁମାର ପାତ୍ର, ସାଇ ଅଦ୍ୟାଂଶୁ ମିଶ୍ର, କିଶାନ କୁମାର ସାହୁ ଓ ନିଶିକାନ୍ତ ସାହୁ ଭାଗ ନେବେ। ଏମାନେ ଅନୁଗୁଳରେ ଅନୁଷ୍ଠିତ ରାଜ୍ୟ ପ୍ରତିଯୋଗୀତା ଓ ଚୟନ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହୋଇ ଚୟନ ହୋଇଛନ୍ତି। ପ୍ରଶିକ୍ଷକ ଭାବେ ରତେନ୍ଦ୍ର ବିଶ୍ୱାଳ ଓ ଜିତେନ୍ଦ୍ର ମହାନ୍ତି ଓଡ଼ିଶା ଦଳର ପ୍ରବନ୍ଧକ ଭାବେ ଚେନ୍ନାଇ ଯାତ୍ରା କରୁଛନ୍ତି। ଯାଜପୁର ସ୍ପୋର୍ଟ୍ସ କିକ୍ ବକ୍ସିଂ ସଂଘ ଦ୍ୱାରା ଏହି ପ୍ରତିଯୋଗୀଙ୍କ ପାଇଁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଏହି ଦଳର ସଦସ୍ୟମାନଙ୍କୁ ଯାଜପୁର ସ୍ପୋର୍ଟସ କିକ୍‌ବକ୍ସିଂ ସଂଘର ସଭାପତି ବଟକୃଷ୍ଣ ମହାପାତ୍ର, ମିଡିଆ ପରାମର୍ଶଦାତା ତପନ ମହାନ୍ତି, କ୍ରୀଡା ଅଧିକାରୀ ଫକିର ମୋହନ ଡୁଡୁ, ୱାକୋ ଓଡିଶା ସଭାପତି କାର୍ତ୍ତିକ ଡାକୁଆ ଶୁଭେଚ୍ଛା ଜଣାଇଛନ୍ତି। ଏହି ଦଳର ସଫଳତା ପାଇଁ ସମ୍ପାଦକ ଜ୍ୟୋତିର୍ମୟ ନାଥଶର୍ମା, ରଞ୍ଜନ ସୁତାର, ଲୋକନାଥ ମହାପାତ୍ର, ପ୍ରକାଶ ଲାଲା, ଅମୃତାଙ୍କ ଦାସ, ମଦନ ମୋହନ ପତି, ସସ୍ମିତା ରଣା, ପ୍ରଶିକ୍ଷକ ଭାଗ୍ୟଶ୍ରୀ ମହାପାତ୍ର ଶୁଭେଚ୍ଛା ଜଣାଇଛନ୍ତି।

**କୋରେଇରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି**

## ୨୫ଟି ଅଭିଯୋଗର ତ୍ୱରିତ ସମାଧାନ




କୋରେଇ,୨୫।୮ (ସମିସ)

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର କୋରେଇ ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୯୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୦ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୫ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଲକ୍ଷ୍ମୀଧର ସ୍ୱାଇଁ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ କୋରେଇ ଅବନିକାନ୍ତ ସାହୁ, ତହସିଲଦାର କୋରେଇ ଦେବାଶିଷ ରାଉତ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

**୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସୁଶୀଲ କୁମାର ଦାସ**

ଅମଲାପଡା,ବ୍ରଯଗଳି,ଅନୁଗୁଳ

ଆଜି ତୁମର ୧୯ତମ ଶ୍ରାଦ୍ଧବାର୍ଷିକୀ। ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମେ ଆମ ପରିବାରର ଗର୍ବ ଆଉ ଗୌରବ। ଆଜି ଏହି ପୁଣ୍ୟ ତିଥିରେ ତୁମର ପୁଣ୍ୟ କର୍ମ,ଆଦର୍ଶ,ଚିନ୍ତାଧାରା, ସ୍ନେହ,ଶ୍ରଦ୍ଧା,ତ୍ୟାଗ ଏବଂ କର୍ତ୍ତବ୍ୟ ପରାୟଣତା ଆମ ଜୀବନର ପଥ ପ୍ରଦର୍ଶକ ହେବା ସହିତ ପ୍ରତିଦିନ ଆମକୁ ନୂଆ ପ୍ରେରଣା ଦେଉ।ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ–ଧର୍ମପତ୍ନୀ ଚାରୁବାଳା, ବଡ଼ପୁଅ ସଂଗ୍ରାମ,ବଡ଼ବୋହୂ ଗୁନି, ମଝିଆବୋହୂ ମାନି,ବଡ଼ଝିଅ ମୁନା, ବଡ଼ଜ୍ୱାଇଁ ବିନୟ,ସାନଝିଅ ରୀନା, ସାନଜ୍ୱାଇଁ ରୁଚିର,ସାନପୁଅ ପାପୁ, ନାତୁଣୀ ସୋନି,ନାତୁଣୀ ଜ୍ୱାଇଁ ସୋମୋଜିତ,ନାତି ଗୁଡ୍ଡୁ,ନାତୁଣୀ ନୈନା, ନାତି ସୌନୁ ଏବଂବନ୍ଧୁ ଓ ପରିବାର ବର୍ଗ ।